# ଗପସପ



କାନନ ମିଶ୍ର

Digitized by srujanika@gmail.com

# ଗସଷସ

କାନନ ମିଶ୍ର

ଲକି ପବ୍ଲିକେଶନ୍ସ
ପଣ୍ଡାଜମାର୍ଗ, ବ୍ରହ୍ମପୁର - ୮ (ଓଡ଼ିଶା)

Digitized by srujanika@gmail.com

# ଗପସପ

**ଲେଖିକା :**
କାନନ ମିଶ୍ର
୪୧୮୦, ବିବେକାନନ୍ଦ ମାର୍ଗ
ଭୁବନେଶ୍ୱର - ୨

**ପ୍ରଥମ ପ୍ରକାଶ :**
ଶ୍ରୀଗୁଣ୍ଡିଚା ୨୦୦୧

**ପ୍ରକାଶକ :**
ଲକି ପବ୍ଲିକେଶନ୍ସ,
ପଞ୍ଚଶୀଳମାର୍ଗ, ଶିଳ୍ପାଞ୍ଚଳ,
ବ୍ରହ୍ମପୁର - ୭୬୦ ୦୦୮

**ମୁଖ୍ୟ ପରିବେଶକ :**
ବିଦ୍ୟାର୍ଥୀ ଭବନ,
ଟାଉନ୍‌ହଲ୍ ରୋଡ୍,
ବ୍ରହ୍ମପୁର - ୬୭୦ ୦୦୧

**ପ୍ରଚ୍ଛଦ :**
ସ୍ୱରୂପ କୁମାର ପାଣିଗ୍ରାହୀ

**ମୁଦ୍ରଣ :**
ଲକି ଅଫ୍‌ସେଟ୍ ପ୍ରା: ଲି:.
ଡ଼ି.୨/୪, ଶିଳ୍ପାଞ୍ଚଳ, ବ୍ରହ୍ମପୁର - ୭୬୦ ୦୦୮

**ମୂଲ୍ୟ :**
ଟ. ୫୦.୦୦(ପଚାଶ ଟଙ୍କା ମାତ୍ର)

Digitized by srujanika@gmail.com

# ଉତ୍ସର୍ଗ

ମୋ'ର ପ୍ରିୟ

ପାଠକ ପାଠିକା ମାନଙ୍କୁ,

ସେମାନଙ୍କଠାରୁ ପାଇଥିବା

ପ୍ରୀତି ବଦଳରେ ।

Digitized by srujanika@gmail.com

## ଲେଖିକାଙ୍କ କଲମରୁ...........✍

ଏଇ ପୁସ୍ତକରେ ସନ୍ନିବେଶିତ ପ୍ରାୟ ସମସ୍ତ ଲେଖା ଦୈନିକ ଅନୁପମ ଭାରତର 'ଗପସପ'ସ୍ତମ୍ଭରେ ବିଗତବର୍ଷ ପ୍ରକାଶ ପାଇସାରିଛି । ମୋ' ପାଇଁ, ଅପର୍ଯ୍ୟାପ୍ତ ପରିମାଣର ପାଠକୀୟ ଶ୍ରଦ୍ଧା ଓ ସ୍ୱୀକୃତି ଆଣିଦେଇଛି ମଧ । ମୋ' ଜୀବନର ନିହାତି ସାନସାନ କାହାଣୀ ସବୁ ଯେ ଏଭଳି ଆତ୍ମୀୟତା ସୂତ୍ରରେ ମୋତେ ମୋର ଅଗଣିତ ପାଠକପାଠିକାମାନଙ୍କ ସହିତ ବାନ୍ଧିଦେବାରେ ସକ୍ଷମ ହେବ, ତାହା ମୁଁ ଗପସପ ଲେଖିଲାବେଳେ ସ୍ୱପ୍ନରେ ବି ଭାବିନଥିଲି ।

ବହିଛପା ହେବାର ଏଇ ଉଲ୍ଲାସମୟ ମୁହୂର୍ତ୍ତରେ ବହି ପ୍ରକାଶନର ଦାୟିତ୍ୱ ବହନ କରିଥିବା ଲକି ପବ୍ଲିକେସନ୍ସର କର୍ମକର୍ତ୍ତାବୃନ୍ଦଙ୍କୁ ମୋ'ର ଆନ୍ତରିକ ଧନ୍ୟବାଦ୍ । ଧନ୍ୟବାଦ ମଧ ଅନୁପମ ଭାରତକୁ ଏବଂ ଅନୁଜୋପମ ଶ୍ରୀ କାଳୀଚରଣ ପଣ୍ଡା ତଥା ଶ୍ରୀ ରବୀନ୍ଦ୍ରକୁମାର ପଣ୍ଡାଙ୍କୁ ।

- କାନନ ମିଶ୍ର

Digitized by srujanika@gmail.com

# -: ସୂଚୀପତ୍ର :-


| କ୍ର. ନଂ. | ବିଷୟ | ପୃଷ୍ଠା |
|---|---|---|
| ୧. | ପରିଚୟ | ୧ |
| ୨. | ମେଳା | ୫ |
| ୩. | ନଦୀର ନାଁ ମହାନଦୀ | ୯ |
| ୪. | ମୃତ୍ୟୁଦୂତ | ୧୨ |
| ୫. | ମନ୍ଦିର | ୧୬ |
| ୬. | ଶ୍ରଦ୍ଧାଞ୍ଜଳି | ୨୦ |
| ୭. | ବୋଉର ବାପା | ୨୪ |
| ୮. | ବୋଉର ବୋଉ | ୨୮ |
| ୯. | କଣ୍ଠସ୍ୱର | ୩୧ |
| ୧୦. | ସିନ୍ଦୁରୀ ଆମ୍ବର ଋତୁ | ୩୫ |
| ୧୧. | ପଣସ, ତାଳ ଓ ଆଖୁରସ | ୩୮ |
| ୧୨. | ଦରିଆ ସେପାରି | ୪୧ |
| ୧୩. | କୀର୍ତ୍ତନ ଗାୟକ | ୪୫ |
| ୧୪. | ନିର୍ମାଲ୍ୟ | ୪୯ |
| ୧୫. | ଫଟୋସିନ୍ଥେସିସ୍ | ୫୨ |
| ୧୬. | ଗୋଟିଏ ପ୍ରେମ କାହାଣୀ | ୫୬ |
| ୧୭. | ତୃତୀୟ ଶ୍ରେଣୀ | ୬୦ |
| ୧୮. | ଦୁଇ ପଇସାର କଥା | ୬୪ |
| ୧୯. | ଗୋଟିଏ ଚମତ୍କାର ବାର୍ତ୍ତାଳାପ | ୬୮ |
| ୨୦. | ରଚନା | ୭୨ |
| ୨୧. | ଗପ | ୭୬ |
| ୨୨. | ପିତାମହ | ୮୦ |
| ୨୩. | ଚକୋଲେଟ୍ ଓ କୋବିପତ୍ର | ୮୪ |
| ୨୪. | ଭିନ୍ନ ସ୍ୱାଦ | ୮୮ |


Digitized by srujanika@gmail.com

| କ୍ର. ନଂ. | ବିଷୟ | ପୃଷ୍ଠା |
|---|---|---|
| ୨୫. | ମୁହୂର୍ତ୍ତ | ୯୧ |
| ୨୬. | ନୃତ୍ୟ ଶିକ୍ଷକ | ୯୪ |
| ୨୭. | ଦୁଇଟି କାହାଣୀ | ୯୮ |
| ୨୮. | ପଲ୍ଲିଶ୍ରୀ | ୧୦୨ |
| ୩୦. | ମହାନଦୀ କୂଳେ କୂଳେ | ୧୦୬ |
| ୩୧. | ସଙ୍ଗୀତ ଆସର | ୧୧୦ |
| ୩୨. | ରାଜଧାନୀରେ ସକାଳ | ୧୧୩ |
| ୩୩. | ପ୍ରଭା | ୧୧୬ |
| ୩୩. | କେନାଲ୍ କୂଳେ | ୧୨୦ |
| ୩୪. | ପରିବେଶ | ୧୨୪ |
| ୩୫. | ଇନ୍ଦ୍ରଧନୁର ସେପଟେ | ୧୨୮ |
| ୩୬. | ତୋତାପକ୍ଷୀ, କୁନିଭାଇ ଓ ବୋଉ | ୧୩୦ |
| ୩୭. | ଗୋଟିଏ ସବୁଜ ଆମ୍ବ | ୧୩୨ |
| ୩୮. | ଗୁରୁଦେବ | ୧୩୪ |
| ୩୯. | ବନ୍ଧୁ | ୧୩୬ |
| ୪୦. | ରଙ୍ଗିନ ଚକ୍‌ଖଡ଼ି ବନାମ ବାସ୍ନା ପାଉଡ଼ର୍ | ୧୪୦ |
| ୪୧. | ସଂସାର | ୧୪୩ |
| ୪୨. | ଗୋଟିଏ ସତ୍ୟନିଷ୍ଠ ଚରିତ୍ର | ୧୪୫ |
| ୪୩. | ଗୋଟିଏ ରାଣୀର ଜନ୍ମ | ୧୪୯ |
| ୪୪. | ବର, ବଧୂ ଓ ବୈଦେହୀଶ ବିଳାସ | ୧୫୩ |
| ୪୫. | ପ୍ରଥମ କବିତାର କାହାଣୀ | ୧୫୬ |
| ୪୬. | ଋଷି ପ୍ରତିମ | ୧୫୯ |
| ୪୭. | ସ୍ୱପ୍ନ | ୧୬୨ |
| ୪୮. | ଜୀବନ | ୧୬୪ |

Digitized by srujanika@gmail.com

# ପରିଚୟ

ସମ୍ପାଦକ ମହୋଦୟ କବିତାଟି ଛାପିବାରେ ଅସମର୍ଥ ବୋଲି ଦୁଃଖ ପ୍ରକାଶ କରିଥିଲେ - ଟେଲିଫୋନ୍‌ରେ ।

- ଠିକ୍ ଅଛି । ଯଦି କବିତାଟି ଆପଣଙ୍କର ପସନ୍ଦ ହୋଇନି ଛାପିବେନି । ଚୂଡ଼ାନ୍ତ ନିଷ୍ପତ୍ତି ତ ଆପଣଙ୍କର । ମୁଁ ଜବାବ୍ ଦେଇଥିଲି ।

- ଓହୋ ! ଆପଣ ମୋତେ ଭୁଲ୍ ବୁଝିଲେ ବୋଧ ହୁଏ । କବିତାଟି ନିଶ୍ଚିତ ରୂପେ ମୋର ପସନ୍ଦ ହୋଇଛି ।

- ତା' ହେଲେ ଛାପିବାକୁ ନାମଙ୍ଗ ହେଉଛନ୍ତି କାହିଁକି?

- କାରଣ ସେଥିରେ ଆପଣଙ୍କର ପୁତ୍ରବଧୂର ଉଲ୍ଲେଖ ଅଛି ।

- ମୋ ପୁତ୍ରବଧୂ ପ୍ରତି ଆପଣ ଏତେ ବୀତରାଗ କାହିଁକି ? ସ୍ମିତା କିନ୍ତୁ ଚମତ୍କାର ଝିଅଟିଏ । ମୁଁ ପରିହାସ କରି କହିଥିଲି ଏବଂ ତା'ପରେ ସମ୍ପାଦକ ମହୋଦୟଙ୍କଠାରୁ ଶୁଣିଥିଲି ମୋ କବିତା ପ୍ରକାଶକରିବା ପାଇଁ ତାଙ୍କ କୁଣ୍ଠାବୋଧର କାହାଣୀ ।

ତା' ଆଗମାସରେ ଉକ୍ତ ସମ୍ବାଦପତ୍ରରେ ମୋର ଗୋଟିଏ ଲେଖା ପ୍ରକାଶ ପାଇଥିଲା । ଗଦ୍ୟରଚନା । ନୂଆ ନୂଆ କଲମ ଧରୁଥାଏ ସେତେବେଳେ -ପ୍ରାୟ ତିନିବର୍ଷ ତଳର କଥା । ଲେଖାଟି ପ୍ରକାଶିତ ହେଲାପରେ କୁଆଡ଼େ ସମ୍ପାଦକ ମହୋଦୟଙ୍କ ପାଖକୁ ଅନେକଗୁଡ଼ିଏ ଚିଠି ଓ ଟେଲିଫୋନ ଆସିଥିଲା । ମୋ'ର ପରିଚୟ ସମ୍ପର୍କରେ । ମୁଁ ନାଁ' ଆଗରେ ଶ୍ରୀମତୀ ଶବ୍ଦଟି ବ୍ୟବହାର କରେନି । ଅନୁସନ୍ଦିସ୍ଥ ପାଠକବର୍ଗ ତେଣୁ ସନ୍ଦେହରେ ପଡ଼ିଯାଇଥିଲେ । ଜାଣିପାରିନଥିଲେ ମୁଁ ବିବାହିତା ନା କୁମାରୀ କନ୍ୟାଟିଏ । ଅନେକଙ୍କର ଧାରଣା ହୋଇଥିଲା ମୁଁ ଜଣେ ଲେଖକ । କୌଣସି ଏକ ସମ୍ବାଦପତ୍ର ଅଫିସ୍‌ରେ ମୋ ନାମଧାରୀ ଜଣେ ପୁରୁଷ ସାମ୍ବାଦିକ ଅଛନ୍ତି ବୋଲି ଶୁଣିଛି । ପାଠକମାନଙ୍କର ସନ୍ଦେହ ତେଣୁ ଅମୂଳକ ନଥିଲା ବୋଧହୁଏ ।

- ଆପଣ କଅଣ କହିଲେ ସେମାନଙ୍କୁ ? ମୁଁ ସମ୍ପାଦକ ମହୋଦୟଙ୍କୁ ମୃଦୁ ହସି ପଚାରିଲି ।

- ମୁଁ କିଛି ନିର୍ଦ୍ଦିଷ୍ଟ ଜବାବ୍ ଦେଇନି । ଲେଖାଟି ଡାକରେ ପାଇଥିଲି ବୋଲି କହିଛି ।

- କିନ୍ତୁ ଏ ଘଟଣା ସହିତ ମୋର ପୁତ୍ରବଧୂ ସମ୍ପର୍କୀୟ କବିତାଟିର କଅଣ ସମ୍ବନ୍ଧ ଅଛି ଜାଣିପାରିଲିନିତ ।

- ଆହା ! କବିତାଟି ଛାପିଦେଲେ ରହସ୍ୟଟି ଉନ୍ମୋଚିତ ହୋଇଯିବ ଯେ ! ସଭିଏଁ

Digitized by srujanika@gmail.com

ଜାଣିଯିବେ ଆପଣ ଜଣେ ମହିଳା ଏବଂ ପ୍ରାପ୍ତ ବୟସ୍କା- ପୁତ୍ର ଓ ପୁତ୍ରବଧୂଙ୍କୁ ନେଇ ଘର ସଂସାର କରୁଛନ୍ତି । ଆପଣଙ୍କ ପରିଚୟଟି ଆଉ କିଛି ଦିନ ଗୋପନୀୟ ହୋଇ ରହିଥାଉ । ସମ୍ପାଦକ ମହୋଦୟ କୌତୁକ କରି କହିଲେ ଏବଂ ସତକୁ ସତ ସେ କବିତାଟି ଛାପିଲେନି । ତା' ବଦଳରେ ଜିଦ୍ କରି ଅନ୍ୟ ଗୋଟିଏ ଗଦ୍ୟରଚନା ନେଇଗଲେ ମୋ'ଠାରୁ ।

ଉପରୋକ୍ତ ଉପାଖ୍ୟାନଟି ମୋ ପରିଚୟ ସମ୍ପର୍କରେ ପାଠକମାନଙ୍କ ମନରେ ଉଦିତ ହୋଇଥିବା ସଂଶୟର ଏକମାତ୍ର ଉଦାହରଣ ଅବଶ୍ୟ ନୁହେଁ । ସେ ସଂଶୟର ନମୂନା ମୁଁ ବାରମ୍ବାର ପାଇ ଆସିଛି । ଗତ ତିନିବର୍ଷ ଧରି । ଏହାର ହୁଏତ ଦୁଇଟି କାରଣ ହୋଇପାରେ । ପ୍ରଥମତଃ ସାରା ଜୀବନ ଓଡ଼ିଶା ବାହାରେ ରହିଥିବା ହେତୁ ମୁଁ ଏଠାରେ ଅନେକାଂଶରେ ଅପରିଚିତା ଏବଂ ଦ୍ୱିତୀୟରେ ମୁଁ ସ୍ୱଭାବତଃ ଘରକୋଣିଆ ହୋଇଥିବାରୁ ଏବଂ ବାହାରକୁ ବିଶେଷ ବାହାରୁନଥିବାରୁ ମୋ ସହିତ ଚାକ୍ଷୁଷ ପରିଚୟ ବହୁତ କମ୍ ଲୋକଙ୍କର ଅଛି ।

ସଂପ୍ରତି ମୋର ଆତ୍ମଜୀବନୀ ମୂଳକ ଫିଚର ଗୁଡ଼ିକ ପଢ଼ିସାରିଲାପରେ ପାଠକବର୍ଗ ସମ୍ଭବତଃ ମୋ' ଜୀବନଚର୍ଯ୍ୟା ସହିତ କିଛିମାତ୍ରାରେ ପରିଚିତ ହୋଇ ସାରିବେଣି । କିନ୍ତୁ ଦୂର ଦୂରାନ୍ତରର ପାଠକମାନେ, ଯେଉଁମାନଙ୍କ ପାଖରେ ମୋ ଗଦ୍ୟ ରଚନା ପହଞ୍ଚିପାରେନି, ମୁଖ୍ୟତଃ ମୋତେ ଜାଣନ୍ତି ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ହେଉଥିବା ମୋ'ର କବିତା ମାଧ୍ୟମରେ ଏବଂ ମୋର ପରିଚୟ ଏବେ ବି ସେମାନଙ୍କ ସାମ୍ନାରେ ଏତେ ସ୍ପଷ୍ଟ ନୁହେଁ ।

କବିତାଟିଏ ଛପା ହେଲେ ତା' ତଳେ ଠିକଣାଟି ବି ଛପାହୁଏ । ଏବଂ ତା'ପରେ ପରେ ଏକାଧିକ ଚିଠିପାଏ ମୋର ସହୃଦୟ ପାଠକମାନଙ୍କଠାରୁ - ପ୍ରଦେଶର କୋଣ, ଅନୁକୋଣରୁ । ମୋର ସେ ସବୁ ଦରଦୀପାଠକମାନଙ୍କର ଅକୃପଣ ଓ ଅକୃତ୍ରିମ ସ୍ନେହ ପାଖରେ ମୁଁ ଆଗାମୀ ସାତଟି ଜନ୍ମପାଇଁ ଋଣୀ । କିନ୍ତୁ ମଜାର କଥା- ସେ ସବୁ ଚିଠିଗୁଡ଼ିକ ମୁଖ୍ୟତଃ ଦୁଇଟି ପର୍ଯ୍ୟାୟରେ ବିଭକ୍ତ । ପ୍ରଥମଦଳ ପାଠକ ମୋତେ ଜଣେ ପୁରୁଷ ଲେଖକ ରୂପେ ଗ୍ରହଣ କରନ୍ତି ଏବଂ ଦ୍ୱିତୀୟ ଦଳ ମୋତେ ଗ୍ରହଣ କରନ୍ତି ଏକ ସ୍ୱପ୍ନମୟୀ ସୁକୁମାରୀ ସପ୍ତଦଶୀ ରୂପରେ ।

ଗତ ବର୍ଷ ଏକ ପତ୍ରିକାରେ ପ୍ରକାଶିତ ମୋର ଏକ କବିତା ପଢ଼ି ସୁଦୂର ଗଡ଼ଜାତ ଜିଲ୍ଲାର ଏକ ପାଠକ-ପେଶାରେ ଇଞ୍ଜିନିୟର-ମୋତେ ଚିଠିଟିଏ ଲେଖିଥିଲେ । କବିତାଟି କୁଆଡ଼େ ନିବିଡ଼ ଭାବରେ ତାଙ୍କ ମନକୁ ଛୁଇଁଥିଲା । ଚିଠିଟି ଲେଖିଥିଲେ ଇଂରାଜୀରେ ଏବଂ ମୋତେ ସମ୍ବୋଧନ କରିଥିଲେ "ମିଷ୍ଟର ମିଶ୍ର" ବୋଲି । ତାଙ୍କ ପତ୍ରଟି ପାଇ ଆହ୍ଲାଦିତ ହୋଇଥିଲି ନିଶ୍ଚୟ । ଗୃହକର୍ମାଙ୍କ ସମାପନ କରି, ମଧ୍ୟରାତ୍ରିରେ ଟୁକ୍‌ଡ଼ା କାଗଜରେ ଗାରେଇଥିବା କେତୋଟି ଶବ୍ଦ, କେତୋଟି ବାକ୍ୟ, ଏତେ ଦୂରରେ ଥିବା ଜଣେ ପାଠକଙ୍କୁ ଆତ୍ମୀୟତାର ସୂତ୍ରରେ ମୋ ସହିତ ବାନ୍ଧି ପାରିଛି ଦେଖି ଚମତ୍କାର ଏକ ଅନୁଭୂତି ହୋଇଥିଲା ମନରେ । ଉତ୍ତରରେ ପୋଷ୍ଟ କାର୍ଡଟିଏ ପଠାଇଥିଲି ତାଙ୍କୁ । ମୂଲ୍ୟବାନ୍ ସମୟ ନଷ୍ଟ କରି ମୋ ପାଖକୁ ଚିଠିଟିଏ ଲେଖିଥିବା ହେତୁ ଧନ୍ୟବାଦ ଜ୍ଞାପନକରି । ଚିଠିଟି ଲେଖିଥିଲି ଇଂରାଜୀରେ ଏବଂ ଜାଣିଶୁଣି ତାଙ୍କର ସନ୍ଦେହ ବିମୋଚନ ପାଇଁ ତଳେ ବେଶ୍ ବଡ଼ ବଡ଼ ଅକ୍ଷରରେ ମିସେସ୍

Digitized by srujanika@gmail.com

କାନନ ମିଶ୍ର ବୋଲି ଦସ୍ତଖତ କରିଥିଲି । ସତ୍ୱର ଆଉ ଗୋଟିଏ ଚିଠି ପହଞ୍ଚିଗଲା ଇଞ୍ଜିନିୟର ସାହେବଙ୍କ ଠାରୁ । ପୂର୍ବ ଚିଠି ପରି ଏ ଚିଠିଟି ମଧ୍ୟ ଥିଲା ସୁଲିଖିତ ଏବଂ ସୁସଂଯତ । କେବଳ ଫରକ୍‌ଥିଲା ଗୋଟିଏ । ଆଗ ଚିଠିଟିରେ ମୋତେ "ମିଷ୍ଟର ମିଶ୍ର" ସମ୍ବୋଧନ କରିଥିବା ସ୍ଥଳେ ଏଇ ଚିଠିରେ ସମ୍ବୋଧନ କରିଥିଲେ ମିଶ୍ର ସାହେବ ବୋଲି । ମୁଁ ଲେଖିକା ନହୋଇ ଜଣେ ଲେଖକ ବୋଲି ତାଙ୍କ ମନରେ ଧାରଣା ଏଭଳି ଦୃଢ଼ୀଭୂତ ହୋଇଥିଲା ଯେ ମୋ'ର କଲାସ୍ୟାହିରେ ତଳେ ମୋଟାଗାର ପଡ଼ିଥିବା ଦସ୍ତଖତ୍‌ଟି ପ୍ରତି ତାଙ୍କର ନଜର ପଡ଼ିନଥିଲା । ବେଳେ ବେଳେ ଭାବେ, ସମ୍ଭାବ୍ୟ ନହେଲେ ବି, ଯଦି ଦୈବାତ୍ ଭଦ୍ରବ୍ୟକ୍ତିଙ୍କ ସହିତ କେଉଁଠି କେମିତି ଦେଖା ହୋଇଯାଏ, କେତୋଟି ମୁହୂର୍ତ୍ତ ପାଇଁ ତାଙ୍କର ବିସ୍ମୟାଭିଭୂତ ହୃଦୟଟି ତା'ର ସାବଲୀଳ ଛନ୍ଦ ଭୁଲି ବିଛନ୍ଦ ହୋଇପଡ଼ିବାର ଆଶଙ୍କା ଅଛି ନିଶ୍ଚୟ ।

ମୋ' ପାଖକୁ ଆସୁଥିବା ଦ୍ୱିତୀୟ ପର୍ଯ୍ୟାୟର ଚିଠିଗୁଡ଼ିକ ହେଲା ଅପ୍ରମିତ ଆବେଗ ଓ ଉଚ୍ଛ୍ୱାସରେ ଭରା । ଚମତ୍କାର ମିଠାମିଠା କଥାର ପ୍ରୀତିମୟ ଚିଠିସବୁ । କାହିଁକି ଲୋକମାନେ ଭାବନ୍ତି ଯେ ପ୍ରେମକବିତା ଲେଖିବା କେବଳ ଗୋଟିଏ ତରୁଣୀ ଝିଅର ଏକଚାଟିଆ ଅଧିକାର ଏବଂ ଜଣେ ପ୍ରାପ୍ତବୟସ୍କା ମହିଳା ପକ୍ଷରେ ପ୍ରେମକବିତା ଲେଖିବା ଅସମ୍ଭବ ଏବଂ ଅସମୀଚୀନ, ମୁଁ ଏପର୍ଯ୍ୟନ୍ତ ଜାଣେନି । କିନ୍ତୁ ମୁଁ କେବେ କେମିତି ପ୍ରେମ କବିତା ଲେଖେ ଏବଂ ତାକୁ ପଢ଼ି ଅନେକ ପାଠକ ମୋତେ ଏକ ମଞ୍ଜୁଭାଷୀ ତରୁଣୀ ବୋଲି ଧରି ନେଇଥାଆନ୍ତି । ମୋ'ର କେତୋଟି କବିତା ପଢ଼ି, ଜଣେ ଯୁବକ ଥରେ ନବବର୍ଷରେ ମୋତେ ଗୋଟିଏ ଉପହାର ପଠାଇଥିଲେ । ସ୍ୱରଚିତ ପ୍ରେମ କବିତାଟିଏ । ସ୍ୱଭାବତଃ ମନରେ ଧରି ନେଇଥିଲେ ଯେ ମୁଁ ଗୋଟିଏ କୁରଙ୍ଗୀନୟନା, କୋମଳାଙ୍ଗୀ କମ୍ ବୟସର କନ୍ୟାଟିଏ । କବିତାଟିର ଇଙ୍ଗିତ ଥିଲା ସେଇଭଳି । କବିତାଟି କିନ୍ତୁ ଥିଲା ଅନବଦ୍ୟ । ପଢ଼ିସାରି ଭାବିଲି ଆହା ! ଏଭଳି କବିତାଟିଏ ମୁଁ ହେଲେ ଲେଖିପାରିଥାଆନ୍ତି ।

ଅନ୍ୟଜଣେ ଯୁବକ ମୋର ପ୍ରେମ ଶୀର୍ଷକ ଗୋଟିଏ କବିତା ପଢ଼ିସାରିବାପରେ ମୋତେ କବିତାରେ ଉତ୍ତରଟିଏ ଲେଖି ପଠାଇଥିଲେ । ସାଥିରେ ମାଧୁର୍ଯ୍ୟଭରା ଚିଠିଟିଏ ମଧ୍ୟ । ଆଶ୍ଚର୍ଯ୍ୟକଥା, ଯୁବକ ଜଣକଙ୍କ ଠାରୁ ଦୁଇଟି ଚିଠି ଆସିଥିଲା । ପ୍ରଥମଟି ଓଡ଼ିଆରେ ଏବଂ ଦ୍ୱିତୀୟଟି ଇଂରାଜୀରେ । ଯଦିଓ ଦୁଇଟି ଯାକ ଚିଠିର ବିଷୟବସ୍ତୁ ଥିଲା ଏକ । ବୋଧହୁଏ ଭାବିଥିଲେ ତାଙ୍କ ହୃଦୟର ଛଳ ଛଳ ଆବେଗର ଧାରା ହୁଏତ ଓଡ଼ିଆ ଚିଠିଟିରେ ଠିକ୍ ରୂପେ ପ୍ରସ୍ଫୁଟିତ ହୋଇ ପାରିଲାନି । ତେଣୁ ପୁନର୍ବାର ଲେଖିଥିଲେ ଇଂରାଜୀରେ । ଯାହା ହେଉ, ମୋତେ କୁମାରୀ କନ୍ୟାଟିଏ ବୋଲି ଭାବୁଥିଲେ ସୁଦ୍ଧା ଯଦି ମୋ କବିତା ସତରେ କେତୋଟି ତରୁଣହୃଦୟକୁ କିଛି ମାତ୍ରାରେ ଝଙ୍କୃତ କରିବାରେ ସକ୍ଷମ ହୋଇପାରଛି ତାହା ମୋପାଇଁ ଉଲ୍ଲାସର କଥା ଏବଂ ମୋର ଏତାଦୃଶ ପାଠକବର୍ଗଙ୍କ ପାଖରେ ଉଭୟ ମୁଁ ଏବଂ ମୋର କବିତା ଚିର କୃତଜ୍ଞ ।

ମୁଁ ପାଇଥିବା ସବୁ ଚିଠି ଭିତରେ କିନ୍ତୁ ପଶ୍ଚିମ ଓଡ଼ିଶାର ଜଣେ ଯୁବକଙ୍କଠାରୁ ପାଇଥିବା ଚିଠିଟି ଅନବଦ୍ୟ । ମୋର ଗୋଟିଏ କବିତା ପଢ଼ିସାରି ଯୁବକ ଜଣକ ଚିଠିଟି

Digitized by srujanika@gmail.com

ଲେଖିଥିଲେ ଏବଂ କବିତାଟି ପାଠକରି କେଜାଣି କାହିଁକି ତାଙ୍କର ମନେ ହୋଇଥିଲା ଯେ ମୁଁ ବୋଧହୁଏ ପ୍ରେମରେ ପ୍ରତ୍ୟାଖ୍ୟାତା । ମୋତେ ଅନେକ ସାନ୍ତ୍ୱନା ଦେଇଥିଲେ ଏବଂ ଏକଥା ମଧ ଜଣାଇଥିଲେ ଯେ ମୋର ହତାଶା ଏବଂ ହାହାକାରମୟ ଦିନଗୁଡ଼ିକର ଏବେ ଅବସାନ ଘଟିଛି । କାରଣ ସିଏ ବେଶ୍ ଦୁର୍ଦ୍ଧାନ୍ତଭାବରେ ମୋ ପ୍ରେମରେ ପଡ଼ିଯାଇଛନ୍ତି । ତାଙ୍କର ଶିକ୍ଷାଦୀକ୍ଷା ତଥା ପିତାମାତାଙ୍କ ସମ୍ପର୍କରେ ଟିକିନିଖି ଖବର ଜଣାଇଥିଲେ ଏବଂ ମୋ'ର ପରିବାର ସମ୍ପର୍କରେ ଜାଣିବାକୁ ଆଗ୍ରହ ପ୍ରକାଶ କରିଥିଲେ । ମୁଁ କେଉଁ ସ୍କୁଲ ବା କଲେଜରେ ପଢ଼େ ଜାଣିବାକୁ ଚାହିଁଥିଲେ ମଧ । ମୋ ସହିତ ଚିରଦିନ ପାଇଁ ବନ୍ଧନରେ ବାନ୍ଧି ହେବାର ଇଚ୍ଛା ବେଶ୍ ବ୍ୟାକୁଳ ଭାବରେ ଜାହିର କରିଥିଲେ ପତ୍ରରେ । ଚିଠି ଭର୍ତ୍ତି ବୋକାବୋକା ପିଲାଳିଆ ପ୍ରେମକଥା ଏବଂ ସାରା ଚିଠିର ପ୍ରତିଟି କୋଣ ଅନୁକୋଣରେ "ମୁଁ ତୁମକୁ ଭଲପାଏ" ବାକ୍ୟଟି ବାରମ୍ବାର ଲେଖା । ଭାବିଥିଲେ ମାତ୍ର ଥରଟିଏ ଲେଖିଲେ ହୁଏତ ମୁଁ ତାଙ୍କକଥା ବିଶ୍ୱାସ କରିବିନି । ଭାବିଲି, କିଶୋରୀ ବୟସରେ ଏଭଳି ଚିଠିଟିଏ ପାଇଥିଲେ ହୁଏତ ରୋମାଞ୍ଚିତ ହୋଇଥାଆନ୍ତି । ହୁଏତ ବିତାଇ ଥାଆନ୍ତି କେତୋଟି ବିନିଦ୍ରରାତି । ହୁଏତ ଲେଖିଥାଆନ୍ତି ଅନେକଗୁଡ଼ିଏ ବିରହ ଓ ପ୍ରେମର କବିତା । ଏବେ ଚେଷ୍ଟା କଲେ ବି ସେ ଅନୁଭୁତି ଆଉ ଫେରି ଆସିବନି । ସମୟର ଆବର୍ତ୍ତନରେ ଉଭୟ ଶରୀର ଓ ମନ ଏବେ ହୋଇଯାଇଛନ୍ତି ବଧିର । ହରାଇ ବସିଛନ୍ତି ତାଙ୍କର ନମନୀୟତା ଓ କୋମଳତା ।

ଭାବିଲି- ନିଜର ପରିଚୟ ଦେଇ ପିଲାଟିର ଭ୍ରାନ୍ତି ଦୂର କରିବା ପାଇଁ ତାକୁ ଚିଠିଟିଏ ଲେଖିବି । ଲେଖିଲି ମଧ । କିନ୍ତୁ ଚିରି ଦେଲି ଶେଷ ପର୍ଯ୍ୟନ୍ତ । ବୁଝିପାରିଲି । ଏକ ଚମତ୍କାର ଅଲୌକିକ ଅନୁଭୂତିର ଶରବ୍ୟ ହୋଇ ଚିଠିଟି ଲେଖିଛି ସେ ପିଲାଟି । ବୟସରେ ମୋ ପୁତ୍ରଠାରୁ ସାନ । ସ୍ୱାଭାବିକ୍ ଯେ ସିଏ ମୋତେ ଭଲ ପାଉନି । ଭଲ ପାଉଛି ମୋ କବିତା ପଢ଼ି ତା'ର କଳ୍ପନାରେ ଗଢ଼ି ଥିବା ତା'ର ମାନସକନ୍ୟାକୁ । ସେ ମାନସକନ୍ୟା ମୋ' ପରି ସ୍ୱାମୀ ପୁତ୍ର ନେଇ ଘର ସଂସାର କରେନି । ସେ କନ୍ୟାର ଚାଲିରେ ବନହଂସୀର ଛନ୍ଦ, ଆଖିରେ ନୀଳ ହ୍ରଦର ଢେଉ ଆଉ ତା'ର ଓଠ ରଙ୍ଗ ଉଧାର ଆଣିଛି ଗୋଲାପକଢ଼ଠାରୁ । ସଜଫୁଟା ଫୁଲପରି ଭାରି ବାସ୍ନାବତୀ, ଭାରି ମଧୁବନ୍ତୀ ସେ ଝିଅଟି ଏବଂ ବଡ଼ କଥା ସେ ଝିଅଟି କବିତା ଲେଖେ । ସେ କନ୍ୟା ଯେ ଅନ୍ୟାନ୍ୟା ଏ ପୃଥିବୀରେ ।

ଅନୁଭବ କଲି- ପିଲାଟି ସ୍ୱପ୍ନ ଦେଖୁଛି । ଏକ ପବିତ୍ର, ସୁନ୍ଦର ଓ ମୋହମୟ ସ୍ୱପ୍ନ । ସିଏ ମୋତେ ଭଲପାଉନି, ଭଲପାଉଛି ତା'ର କଳ୍ପନାର ଜିନ୍‌ପରୀକୁ । ଝିଲ୍‌ମିଲ୍ ସଫେଦ ଡ଼େଣାର ସେଇ ଅପରୂପା ଜିନ୍‌ପରୀକୁ ଯିଏକି ଏଇ ବିବର୍ଣ୍ଣ କଠୋର ପୃଥିବୀରୁ ଓଟାରି ତାକୁ ହାତଧରି ଉଡ଼ାଇ ନେଇ ଯାଉଛି ନୀଳାଭ ଦ୍ୟୁତିର ଏକ ବର୍ଣ୍ଣମୟ, ସ୍ୱପ୍ନମୟ ଜଗତ୍‌କୁ । ପିଲାଟିର ସେ ନିର୍ଦ୍ଦୋଷ ଦିବାସ୍ୱପ୍ନକୁ ଭାଙ୍ଗିଦେବାର ନିଷ୍ଠୁର ଅଧିକାର, ନିଶ୍ଚିତ ରୂପେ ମୋର ନାହିଁ ।

●●●

Digitized by srujanika@gmail.com

# ମେଳା

ମାଂସ ତରକାରୀର ରଙ୍ଗଟି ମାମୁଁଙ୍କର ମନଲାଖି ହୋଇନଥିଲା ଓ ବେଶ୍ ଉଗ୍ରଭାବରେ ସିଏ ରାଗି ଯାଇଥିଲେ ମାଇଁଙ୍କ ଉପରେ ।

ଜଙ୍ଗଲରେ ମିରିଗ ବା ସମ୍ବର ଶିକାର କଲେ, ଶବରମାନେ ମଝିରେ ମଝିରେ ଗାଁକୁ ଆସୁଥିଲେ ମାଂସ ବିକ୍ରୀ କରି । ମାମୁଁଙ୍କର ସଉକ୍ ଥିଲା ହରିଣ ମାଂସରେ । ସେଦିନ କିଣି ଆଣି ଭଲ କରି ରାନ୍ଧିବାକୁ କହିଯାଇଥିଲେ ମାଇଁଙ୍କୁ । ତରକାରୀଟି ପାଟିକୁ ଚଟକ୍‌ଦାର ଲାଗୁଥିଲେ ସୁଦ୍ଧା, ଝୋଳର ରଙ୍ଗଟି ଲାଲ୍ ଟହ ଟହ ବଦଳରେ ଦିଶୁଥିଲା କାଳିଚିଆ ଏବଂ ମାମୁଁଙ୍କର ମାନସିକ ସନ୍ତୁଳନ ନଷ୍ଟ କରିବାକୁ ତାହାଥିଲା ଯଥେଷ୍ଟ । କାରଣ ମାମୁଁ ଥିଲେ ଅତ୍ୟନ୍ତ କ୍ରୋଧୀ ସ୍ୱଭାବର । ତରଳ ପାରଦ ପରି ସ୍ପର୍ଶକାତର ଥିଲା ତାଙ୍କର ମିଜାଜ୍ । ବଦଳୁଥିଲା କ୍ଷଣକୁ କ୍ଷଣ ।

ମାମୁଁଙ୍କ ଗାଳି ଶୁଣି ଗୌରାଙ୍ଗୀ ମାଇଁ ମୋର ଚୁପ୍‌ଚାପ ଦୁଆର ବନ୍ଧପାଖରେ ବସି ତଳକୁ ମୁହଁ ପୋତି କାନ୍ଦୁଥିଲେ ଓ କ୍ରମାଗତ ପଣତକାନିରେ ଲୁହ ପୋଛୁଥିଲେ ଏବଂ ମୁଁ ଅତିମାତ୍ରାରେ ଡରି ଯାଇଥିଲି । ମାମୁଁଙ୍କ ସାଥିରେ ଭାତ ଖାଇବା ଥିଲା ମୋର ପ୍ରାତ୍ୟହିକ ଅଭ୍ୟାସ । ସେଦିନ କିନ୍ତୁ ସହଜରେ ଭାତଗୁଣ୍ଡା ଗଳିଲାନି ତଣ୍ଟିରେ । ସ୍ୱାଦିଷ୍ଟ ବ୍ୟଞ୍ଜନ ହୋଇଥିବା ସତ୍ତ୍ୱେ । ଏବେ ମୁଁ ସମ୍ପୂର୍ଣ୍ଣ ଶାକାହାରୀ ହୋଇଥିଲେ ସୁଦ୍ଧା ପିଲାଦିନେ ଆମିଷର ଆନନ୍ଦ ନେଉଥିଲି ।

ମାମୁଁ ଭାତ ଖାଇସାରି ଦାଣ୍ଡକୁ ବାହାରିଗଲେ ଏବଂ ସାରାଦିନ ମୁଁ ବିଷନ୍ନ ଚିତ୍ତରେ ଘୁରିବୁଲିଲି ଏଠି ସେଠି- ମାଇଁଙ୍କ କଥା ଭାବି ଭାବି । ମନରେ ଦୃଢ଼ ଧାରଣା ହେଲା ଯେ ମାମୁଁ ଆଜି ନିଶ୍ଚୟ ବାଡ଼ାଇ ପକାଇବେ ମାଇଁଙ୍କୁ । ଆହା ! ମାଇଁ ଯେ କେଡ଼େ ଭଲ ! ମୋତେ କୋରୁଅ ଗୋଳାଇ ମୁଢ଼ି ଖାଇବାକୁ ଦିଅନ୍ତି । ଖାଇବାକୁ ଦିଅନ୍ତି କଣ୍ଟେଇକୋଳି ଆଚାର, ମୁସୁମୁସିଆ ବିରିବରା । କୋଳରେ ବସାଇ ଶିଖାଇ ଦିଅନ୍ତି ହିନ୍ଦୀ ଅକ୍ଷର ଓ ବର୍ଣ୍ଣମାଳା । ଆହା ! ମାଇଁଙ୍କର ଆଜି ରକ୍ଷା ନାହିଁ ।

କିନ୍ତୁ ସଞ୍ଜବେଳେ ଯେତେବେଳେ ଖେଳ ସାରି ମାଇଁଙ୍କ ବଖରାଟିରେ ପଶେ, ଦେଖିଲି ମାମୁଁ ବି ବସିଛନ୍ତି ତାଙ୍କ ପାଖରେ । ଖଟ ଉପରେ ତକିଆକୁ ଆଉଜି । ଘରେ, ଶ୍ରୀକୃଷ୍ଣଙ୍କ ଫଟସାମ୍‌ନାରେ ମାଇଁ ଜାଳିଥିବା ଧୂପର ମୃଦୁ ମୃଦୁ ବାସ୍ନା । ମାଇଁଙ୍କ ଗୋରା ମୁହଁରେ ସିନ୍ଦୂରବିନ୍ଦୁ । ଖୋଷା ଚାରିପଟେ ବାସୀ ବଉଳମାଳର ଘେରା । ସଦ୍ୟସ୍ନାତ ମାମୁଁଙ୍କର ପ୍ରଶସ୍ତ କପାଳରେ ସବୁଦିନ ପରି ଶ୍ୱେତ ଚନ୍ଦନର ଲେପ । ଦିହିଁଙ୍କ ଖଟୁଲୀ ସାମ୍‌ନାରେ ଜଳୁଥିବା ଦିକିଦିକି ସନ୍ଧ୍ୟାଦୀପର ବିକିରଣରେ ଦିହେଁ ମନେହେଲେ ଭାରି ଅପାର୍ଥିବ । ଭାରି ସୁନ୍ଦର । ଏବଂ ମାମୁଁଙ୍କୁ ରାଗିବା ବଦଳରେ ହସୁଥିବାର ଦେଖି, ମୁଣ୍ଡରୁ ଓଜନିଆ ବୋଝଟିଏ ଉତୁରି ଯାଇ, ମନ ହୋଇଗଲା ହାଲୁକା ।

Digitized by srujanika@gmail.com

ମୋତେ ଦେଖି ମାମୁଁ ବାହାରିଗଲେ ଘରୁ । ମୁଁ ଜାଣିଥିଲି ଏବେ ମଠରେ ସଂକୀର୍ତ୍ତନର ବେଳ ଏବଂ ମାମୁଁ ସେଇଠିକି ଯିବେ - କୀର୍ତ୍ତନିୟାଙ୍କ ସାଥିରେ ମୃଦଙ୍ଗ ବଜାଇବା ପାଇଁ ।

ମାମୁଁ ଚାଲିଗଲାପରେ ମାଇଁଙ୍କୁ ପଚାରିଲି - ଆହୁରି ରାଗିଛନ୍ତି କି ତମ ଉପରେ ?

- କା' କଥା କହୁଚୁ ମା ? ମାଇଁ ପଚାରିଲେ ।

- ବାଃ ! ସକାଳେ ମାମୁଁ ରାଗିନଥିଲେ ତମ ଉପରେ ! କେତେ ଗାଳି ଦେଲେ ତମକୁ । ମୁଁ ଭାବିଲି ଆଉ ବୋଧହୁଏ ତମକୁ ଭଲ ପାଇବେନି ।

ମାଇଁ ହସିଲେ । କହିଲେ - ନାଇଁ ମ ! ତୁ ତୁଚ୍ଛାଟାକୁ ଡରିଗଲୁ । ତୋ ମାମୁଁ କ୍ଷଣ କୋପୀ । ଯେତିକି ଶୀଘ୍ର ରାଗନ୍ତି, ଭୁଲି ବି ଯାଆନ୍ତି ସେତିକି ଶୀଘ୍ର । ସକାଳ କଥା ତାଙ୍କର ମନେଇ ନାହିଁ ମୋଟେ । ଦେଖିଲୁନି ? ହସୁଥିଲେ ଏଠି ବସିକି । କାଲି ମକର ସଂକ୍ରାନ୍ତି ମେଳା ଦେଖି ଯିବେ ତ ! ସେଇ କଥା କହୁଥିଲେ ମୋତେ ।

-ମେଳା ?

- ହଁ, ହଁ ଭାରି ବଡ଼ ମେଳା । ପ୍ରତିବର୍ଷ ହୁଏ । ଶିବଙ୍କ ପାଖରେ । ତତେ ସାଥିରେ ନେଇକି ଯିବେ ବୋଲି କହୁଥିଲେ । ଦୂର ବାଟ ତ ! ତୁ ବରଂ ଆଜି ଶୀଘ୍ର ଖାଇଦେଇକି ଶୋଇପଡ଼ । ମାଇଁ କହିଲେ ଓ ମେଳା ଯିବା ଖୁସିରେ ମନ ପ୍ରଫୁଲ୍ଲିତ ହୋଇ ଉଠିଲା ମୋ'ର ।

ମାମୁଁଙ୍କର ଗୋଟିଏ ଚକ୍‌ଚକିଆ ବାଇସାଇକେଲ ଥିଲା ଏବଂ ଆଖପାଖ ଗାଁମାନଙ୍କରେ ହେଉଥିବା ସବୁ ପର୍ବପର୍ବାଣୀ ଓ ମେଳାମଉଛବ- ରାମଲୀଳା, କୃଷ୍ଣଲୀଳା, ପଞ୍ଚୁକରାସ, ତାମ୍‌ସା, ଦାସପାଠିଆ, ପାଲା, ରଥଯାତ୍ରା- ସବୁଠିକି ମୋତେ ମାମୁଁ ନେଇଯାଉଥିଲେ ତାଙ୍କ ସାଙ୍ଗରେ- ସାଇକେଲ୍ କାରିୟରରେ ବସାଇ । ସ୍ୱଭାବତଃ ଏହି ମେଳାଟିର ସଙ୍ଗୀ ମଧ ଥିଲି ମୁଁ ।

ମେଳା ବସିଥିବା ଗାଁଟି ଥିଲା ବେଶ୍ ଦୂର । ପ୍ରତିବର୍ଷ ମକର ସଂକ୍ରାନ୍ତି ଦିନ ମେଳା ବସୁଥିଲା ଏଠି - ଏଠାରେ ଅବସ୍ଥିତ ପ୍ରଖ୍ୟାତ ଶିବ ମନ୍ଦିରର ଚତୁଃପାର୍ଶ୍ୱକୁ ଘେରି । ଦୂର ଦୂରାନ୍ତରରୁ ଲୋକମାନେ ସଂକ୍ରାନ୍ତି ପୂଜା ଦେବା ପାଇଁ ଯାଉଥିଲେ ଭୋଳାନାଥଙ୍କ ପାଖକୁ । ମାନସିକ ପୂର୍ତ୍ତି ଓ ମେଳଣ ଦେଖା ସଂଘଟିତ ହେଉଥିଲା ଏକା ସାଥିରେ ।

ମେଳାଟି ଥିଲା ଚିରାଚରିତ ଗାଁ ଗହଳିର ମେଳଣ ପରି । ଅସମ୍ଭବ ରକମର ଠେଲାପେଲା ଓ ହଟ୍ଟଗୋଳ । ମଣିଷମାନଙ୍କର କୋଳାହଳରେ ଗହ ଗହ । ସ୍ୱେଦ ଓ ଧୂଆଁପତ୍ର ଗନ୍ଧ ମିଶା ଫୁଙ୍ଗୁଳା ଗ୍ରାମୀଣ ଦେହମାନଙ୍କର ଭିଡ଼ । ପେଡ଼ି ସାଇତା ଲୋଚାକୋଚା ରଙ୍ଗ ଶାଢ଼ୀ ପିନ୍ଧା ଅବଗୁଣ୍ଠନବତୀ କିଶୋରୀ ଓ ଗ୍ରାମବଧୂମାନଙ୍କର ପରସ୍ପରର ହାତଧରି ଅଗ୍ରସର

Digitized by srujanika@gmail.com

ହେଉଥିବାର ଗୋଷ୍ଠୀ । ପାଟଫୁଲି, ଫିତା, ଚୁଡ଼ୀ, ଟିକିଲି ଓ ଅଳତା ବିକ୍ରୀ କରୁଥିବା ସାରି ସାରି ପାଟରା ଦୋକାନ । ବୋଝ, ବେତୁଲୀ ଓ ମାଟି କଣ୍ଢେଇର ପସରା । ସବୁଜ ଡ଼େଣାର ବଡ଼ ବଡ଼ ମାଛି ଭର୍ତ୍ତି ଖଜା ମିଠେଇର ବିପଣୀ ।

ମନ୍ଦିର ସାମନା ପୁଷ୍କରିଣୀରେ ପଦପ୍ରକ୍ଷାଳନ କରି ଖସଡ଼ା, ପ୍ରାୟାନ୍ଧକାର ଗମ୍ଭିରୀ ଭିତରେ ଦିଅଁଦର୍ଶନ ସାରିବା ଉତାରୁ ପ୍ରବେଶ କଲୁ ମେଳା ଇଲାକାରେ ଏବଂ ସହସା ପିଆଜ ରସୁଣ ମିଶା ମାସଂଝୋଳର ବାସ୍ନା ପାଇଲି ପବନରେ । ତୁହାକୁ ତୁହା ପଲାଶି ଆସୁଥିଲା ପାଖ ଚାଳିଆଟିରୁ । ସେ ସ୍ୱାଦିଷ୍ଟ ଘ୍ରାଣରେ କ୍ଷୁଧା ହୋଇଗଲା ଦ୍ୱିଗୁଣିତ ଏବଂ ସେ ସମ୍ପର୍କରେ ମାମୁଁଙ୍କୁ ଅଚିରେ ସଚେତନ କରାଇଦେଲି ମଧ । ମାମୁଁ ମୃଦୁହସି ମୋ ହାତଧରି ପ୍ରବେଶ କଲେ ଦୋକାନଟିରେ ।

ଦୋକାନଟି ଥିଲା ମାଟି ଉପରେ ସାମୟିକଭାବେ ତିଆରି ଆୟତକ୍ଷେତ୍ରାକାର ବଖରାଟିଏ । ଚାରିପଟ ବାଉଁଶଚାଞ୍ଚରା ଦେଇ ଘେରା । ଉପରେ ଶତଛିନ୍ନ ତେରପାଲ୍ । ସେ ତେରପାଲ୍‌ର କଣାଦେଇ ଦ୍ୱିପହରର ସୂର୍ଯ୍ୟକିରଣ କେଉଁଠି କେମିତି ପଶି ଆସି ତଳର ଘାସ ମିଶା ଜମିରେ ତିଆରି କରୁଥିଲା ଏକ ଛିଟକନାର ନକ୍ସା ।

ଘରର ଗୋଟିଏ କଣକୁ ଦପ୍ ଦପ୍ ଉଢ଼ିନିଆଁ ଆଞ୍ଚ ଉପରେ ଭାତ ଓ ମାଂସର ବଡ଼ ବଡ଼ ହାଣ୍ଡି । ଅନ୍ୟ ଗ୍ରାମବାସୀମାନଙ୍କ ସହିତ ମିଶି ଆମେ ବି ବସିଲୁ ଧାଡ଼ି ହୋଇ ମାଟି ଉପରେ । ଝାଳ ସରସର ନିରାବରଣ ଶରୀରର ଚିକିଟା ଗାମୁଛା ପିନ୍ଧା ପରିଚାରକ ଦୁଇଜଣ ଖଲିପତ୍ର ପକାଇ ଢାଳିଚଟୁରେ ବାଢ଼ିଦେଇ ଗଲେ ବାମ୍ଫଉଠା ମୋଟା ମୋଟା ଉଷୁନା ଚାଉଳର ଭାତ ଏବଂ ସେ ଭାତମଳାରେ ଡ଼ୁଙ୍କିଏ ହେବ ତେଲ ଜରଜର ଗାଢ଼ନାଲିରଙ୍ଗର ଆଳୁମିଶା ମାଂସଝୋଳ । ତରକାରୀଟିରେ ପ୍ରଚୁର ଲଙ୍କା ଥିଲେ ସୁଦ୍ଧା ପାଟିକୁ ଲାଗିଥିଲା ସୁସ୍ୱାଦୁ । ମାଇଁଙ୍କ ରନ୍ଧା ମାଂସ ଝୋଳଠୁ ଭିନ୍ନେ ।

ଭୋଜନ ଶେଷ କରି ମେଳା ବୁଲୁ ବୁଲୁ ସେଦିନ ଏଭଳି ଏକ ଦୃଶ୍ୟ ଦେଖିଥିଲି ଯାହାର ସ୍ମୃତି ଏପର୍ଯ୍ୟନ୍ତ ବି ଅବିସ୍ମରଣୀୟ ହୋଇ ରହିଛି ମୋ ମନରେ ।

ମେଳାଠାରୁ ସାମାନ୍ୟ ଦୂରରେ ଥିଲା ଗୋଟିଏ ଉଷ୍ଣ ପ୍ରସ୍ରବଣ - ଅନବରତ ତତଲା ବାମ୍ଫ ଉଠୁଥିବା ସାନ ଚୂଆଟିଏ । ସେ ଚୂଆର ଜଳ ଉତ୍ତପ୍ତ ହୋଇ ଫୁଟୁଥିଲା । ପାଣି ତଳୁ ସାନ ସାନ ଫୋଟକାଟିମାନ ଉପରକୁ ଉଠୁଥିଲେ ଓ ଫାଟି ଯାଉଥିଲେ ଟୁପ୍ କରି -ଗୋଟିକ ପରେ ଗୋଟିଏ । ଚୂଆଟିର ଚତୁର୍ଦ୍ଦିଗରେ ଥିଲା ଏକ ତୀବ୍ର ରାସାୟନିକ ଗନ୍ଧ । ଜୀବନରେ ପ୍ରଥମ ଥର ପାଇଁ ଏତାଦୃଶ ଚମକପ୍ରଦ ଦୃଶ୍ୟଟିଏ ଦେଖୁଥିଲି । କିନ୍ତୁ ଉଷ୍ଣ ପ୍ରସ୍ରବଣଟି ମୋତେ ଯେତେ ଅବାକ୍ କରିନଥିଲା, ତା'ଠାରୁ ବେଶୀ ଅବାକ୍ କରିଥିଲା ଏହାର ତୀର ଦେଶରେ ଦେଖିଥିବା ଅନ୍ୟଏକ ଅଭିନବ ଦୃଶ୍ୟ ।

Digitized by srujanika@gmail.com

ଚୂଆ ଦେହରୁ କେତେଗୁଡ଼ିଏ ଛୋଟ ଛୋଟ ନାଳି ଖୋଲା ହୋଇଥିଲା । ଗୋଟିଏ ପଟରେ ଚୂଆର ଗରମ ଗୋଳିଆ ପାଣି ସେଇ ନାଳିମାନଙ୍କରେ ବହି ଯାଇ ଜମା ହେଉଥିଲା ଗୋଟିଏ ପ୍ରଶସ୍ତ ଅଗଭୀର କୁଣ୍ଡରେ । ଚୂଆଠାରୁ ଅଲଗା ହୋଇଯାଇଥିବା ହେତୁ ସେ ପାଣି ହୋଇ ଯାଉଥିଲା ଉତ୍ତାପହୀନ ଏବଂ ଏକାଧିକ ଗ୍ରାମବଧୂ ସେ କୁଣ୍ଡଭିତରେ ପଶି ନଇଁ ପଡ଼ି, ସେ କୁଣ୍ଡ ତଳେ ଜମା ହୋଇଥିବା କାଦୁଅକୁ ଚକଟୁଥିଲେ । ମଝିରେ ମଝିରେ ମୁଠାଏ ଲେଖାଏଁ ପଙ୍କମିଶା ମାଟି ଉପରକୁ ଆଣି ତାହାକୁ ନିରୀକ୍ଷଣ କରୁଥିଲେ ମଧ । ନିରୀକ୍ଷଣପରେ ସେ ପଙ୍କ ମେଞ୍ଚାକୁ ଫିଙ୍ଗି ପୁନର୍ବାର ଚକଟୁଥିଲେ ସେ କୁଣ୍ଡତଳର କ୍ଲେଦମିଶା ଆସ୍ତରଣ । ସତେ ଅବା ତା' ଭିତରୁ ଖୋଜି ବୁଲୁଥିଲେ କେଉଁ ଏକ ଅମୂଲ୍ୟ ରତ୍ନମଣି ।

ମାମୁଁଙ୍କୁ ପଚାରିବାରୁ ସିଏ ବୁଝାଇ ଦେଲେ ଯେ ସେ ସବୁ ମହିଳାଗଣ ଥିଲେ ସନ୍ତାନହୀନା । ତେଣୁ ଏଇ ପବିତ୍ର ସଂକ୍ରାନ୍ତି ତିଥିରେ ଶିବପୂଜା କରି ସେମାନେ ସନ୍ତାନ ଲାଭ ଆଶାରେ ପ୍ରସାଦ ଖୋଜୁଥିଲେ କୁଣ୍ଡରୁ ।

- କାଦୁଅ ଭିତରେ ପ୍ରସାଦ ? କି ପ୍ରସାଦ ମିଳିବ ସେଠୁ ? ମାମୁଁଙ୍କୁ ପଚାରିଥିଲି କୌତୁହଳୀ ହୋଇ ।

- ଯାହା କିଛି ମିଳିଲା, ସାନ କଉମାଛଟିଏ ହେଉ ବା ଗେଣ୍ଡାଟିଏ , କିମ୍ବା କିଏ ପୂଜା ସାରି ଫିଙ୍ଗି ଦେଇଥିବା ବେଲପତ୍ରର ଡେମ୍ଫ ବା କୁନି ଗୁଆଟିଏ -ଯାହା କିଛି ମିଳିଲା- ସେଇଆକୁ ଇ ପ୍ରସାଦ ଭାବି ଆଖି ବୁଜି ଢୋକି ଦେବେ ସେମାନେ । ଅଚାନକ୍ ଦେଖା ହୋଇଥିବା ବନ୍ଧୁ ବୃନ୍ଦାବନଙ୍କ ସହିତ ଗପ କରୁ କରୁ ଅନ୍ୟମନସ୍କ ଭାବରେ ମାମୁଁ ଜବାବ୍ ଦେଲେ ଏବଂ ଅପଲକ ବିସ୍ମିତ ଆଖିରେ ମୁଁ ସେ କୁଣ୍ଡ ଭତିରର କତିପୟ ସିକ୍ତବସ୍ତ୍ରା ଗ୍ରାମବଧୂମାନଙ୍କ ଆଡ଼େ ଅନାଇଁ ରହିଲି ।

ଅଳ୍ପ ବୟସୀ ବଧୂଦଳ ଏକାଗ୍ରଚିତ୍ତରେ ଯାନ୍ତ୍ରିକ ଚିତ୍ରପୁତ୍ତଳିକା ନ୍ୟାୟ ତଥାପି ଘାଣ୍ଟି ଲାଗିଥିଲେ ସେ କୁଣ୍ଡତଳେ ଜମା ହୋଇଥିବା କ୍ଲେଦକୁ । ସ୍ୱଚ୍ଛ ଅବଗୁଣ୍ଠନର ଛାଇତଳେ ସେମାନଙ୍କ ମୁହଁଟି ମାନ ଦିଶୁଥିଲା ଭାରି କରୁଣ, ଭାରି ଦୁଃଖଦ ଏବଂ ସେ ଦୁଃଖର ନିଃଶବ୍ଦ ଆର୍ତ୍ତି ଅତ୍ୟନ୍ତ ତୀବ୍ର ଭାବରେ ନିପୀଡ଼ନ କରିବାକୁ ଲାଗିଲା ମୋର ସାତବର୍ଷର ସ୍ପର୍ଶକାତର ଶୈଶବକୁ । ଅଚାନକ୍ ମେଳାଟି ତା'ର ସମସ୍ତ ଆକର୍ଷଣ ହରାଇ ବସିଲା ମୋ ପାଇଁ । ମୁଁ ସେ ସ୍ଥାନ ଛାଡ଼ି ଘରକୁ ଫେରି ଆସିବାକୁ ଇଚ୍ଛା କଲି ।

●●●

Digitized by srujanika@gmail.com

# ନଦୀର ନାଁ ମହାନଦୀ

ଗାଁଟି ଥିଲା ବିଲକୁଲ ନଈକୂଳରେ- ନଈ ସହିତ ସମାନ୍ତରାଳ ହୋଇ । ନଈ ଏବଂ ଗାଁ, ଗାଁ ଏବଂ ନଈ ପରସ୍ପର ସହିତ ଥିଲେ ଅବିଚ୍ଛିନ୍ନ ।

ବୋଉ କହେ, ତା' ପିଲାଦିନେ ଘରକୁ ଲାଗିଥିବା ଖଜାବାରି ଟପିଲେଇ ନଈ ଦିଶୁଥିଲା - ସୁନୀଳ, ଛଳଛଳ ଏବଂ ରୌଦ୍ରୋଜ୍ଜ୍ୱଳ । ଶ୍ରାବଣର ଘନଘୋର ବର୍ଷାରେ ନଈଟି ହୋଇଯାଉଥିଲା ବେଶ୍ ରସବତୀ ଓ ବେଗବତୀ । ଅମାନିଆ ଅନୂଢ଼ା କନ୍ୟାପରି କୂଳଲଘି ମାଡ଼ିଯାଉଥିଲା ଇଆଡ଼େ ସିଆଡ଼େ । ପୂରା ଗାଁ ଚାରିପଟେ ଅଥେ ପାଣିର ସୁଅ । ଗାଁଟି ଦିଶୁଥିଲା ଗୋଟିଏ ନିର୍ଜନ ଚରଭଳି । ଘରଗୁଡ଼ିକ ତିଆରି ହୋଇଥିଲା ବେଶ୍ ଉଞ୍ଚ ବୁନିୟାଦ୍ ଉପରେ । ତେବେ ବି ବର୍ଷେ ବର୍ଷେ ପାଣି ଆସି ପିଣ୍ଡାକୁ ଛୁଉଁ ଥିଲା, କୁଳୁ କୁଳୁ ହୋଇ ପଶିଯାଉ ଥିଲା ଢ଼ିଙ୍କିଶାଳରେ, ଅଗଣାରେ । ଦିନ ଦିନ ଧରି ପାଣି ଘେରି ରହୁଥିଲା ଗାଁଟିକୁ । ସାନ ସାନ ହୁଲିଡ଼ଙ୍ଗାରେ ଯାତାୟତ କରୁଥିଲେ ଲୋକମାନେ । ସାନପିଲେ କଦଳୀପଟୁକା ଯୋଖି ଆଣ୍ଠୁଏ ପାଣିରେ ବାହି ନେଇଯାଉଥିଲେ ଭେଳାମାନ । ଚରମ ଉପଭୋଗ୍ୟ ଥିଲା ସେ ଖେଳ । ଏ ଦୃଶ୍ୟପଟର ପରିବର୍ତ୍ତନ ହୋଇଥିଲା ଗାଁ ଓ ନଈ ମଝିରେ ସୁଦୃଢ଼ ମାଟି ବନ୍ଧଟି ତିଆରି ହୋଇ ସାରିଲା ପରେ । ବନ୍ୟା ହେଲେ ଜଳଧାର ଅଟକି ଯାଉଥିଲା ବନ୍ଧ ସେପାଖେ । କେବେ କେମିତି ଅଚାନକ ବନ୍ଧ ଭାଙ୍ଗିଲେ ସାରା ଗ୍ରାମବାସୀ ମିଶି ବାଲିବସ୍ତା ପକାଇ ଫାଟ ବନ୍ଦ କରି ଦେଉଥିଲେ ।

ଗାଁଟି ଥିଲା ପୂରାପୂରି ନଦୀମାତୃକ । ଗାଁର ଚଳଣି, ପରମ୍ପରା, ସଂସ୍କୃତି ସବୁଥିରେ ନଈର ଛାପ ଥିଲା । ଗାଁରେ ପଥରବନ୍ଧା କୂଅ ଥିଲା ଅନେକ । କିନ୍ତୁ ଗରା ଭର୍ତ୍ତିକରି ପାନୀୟ ଜଳ ମହିଳାମାନେ ବୋହି ଆଣୁଥିଲେ ନଈରୁ । ମାମୁଁ ଘର ଗଉଡ଼ ଲିଙ୍ଗା ମାମୁଁ ବାଉଁଶଭାରରେ କୂଅରୁ ପାଣି ବୋହୁଥିଲେ ଶାଗପଟାଳି ପାଇଁ, ବାସନ ମାଜିବା ପାଇଁ । କିନ୍ତୁ ରନ୍ଧାବଢ଼ା ପାଇଁ ପାଣି ଆଣୁଥିଲେ ମହାନଦୀରୁ । ନଈପାଣିର ସ୍ୱାଦ କାଳେ ଥିଲା ଭିନେ । ପାଟିକୁ ଲାଗୁଥିଲା ମଧୁରିଆ । ଥିଲା ଉଭୟ କ୍ଷୁଧାବର୍ଦ୍ଧନ ଓ ହଜମରେ ସହାୟକ । କୂଅ ପାଣିରେ କୁଆଡ଼େ ଡାଲି ସିଝୁନଥିଲା ଭଲ କି । ନଈ କୂଳରେ ଉଠିଥିବା ଅନାବନା ଶାଗପତ୍ର ଖରଡ଼ି ଦେଲେ କୁଆଡ଼େ ସିଏ ନରମ ହୋଇଯାଉଥିଲା ଲହୁଣୀ ପରି । ବୋଉ କହେ ଖରାଦିନିଆ ନଈବାଲିରେ ଚକାମାଡ଼ି ବଢ଼ିଥିବା ଗୋଟିଏ ପୁରୁଣିମୁଣ୍ଡି ଶାଗର ବୁଦା ସିଏ ଉପାଡ଼ି ଆଣିଲା ପିଲାଦିନେ । ଆଈ ରାନ୍ଧି ଦେଇଥିଲେ ସାରୁ, କଖାରୁ ସାଥିରେ । ରସୁଣ ଛୁଙ୍କ ଦେଇ । ସେ ଶାଗର ସ୍ୱାଦ ଏବେ ବି ସିଏ ଭୁଲିନି ।

ଗାଁର ଝିଅ ବୋହୂମାନଙ୍କର ଦିନକୁ ଦିଥର ନଈ ଗାଧୁଆ ଅଭ୍ୟାସ ଥିଲା । ସକାଳେ ଓ ସଞ୍ଜେ । ଶାଶୁଘରକୁ ପୁଆଣି ହୋଇଯାଉଥିବା ଝିଅମାନେ ନଈକୁ ବାହୁନି କାନ୍ଦୁଥିଲେ ।

Digitized by srujanika@gmail.com

ଶାଶୁଘରେ, ଦୂରରେ ଛାଡ଼ି ଆସିଥିବା ସଖୀ ସହଚରୀମାନଙ୍କ ଅପେକ୍ଷା, ବେଶୀ ମନେ ପଡୁଥିଲା ମିତଣୀ ନଇଟିର କଥା । ବାପଘରକୁ ଦ୍ୱିତୀୟ ପାଳି ଆସିଲେ, ସବାରିରୁ ଓହ୍ଲାଇ ପଡ଼ି ଆଗ ଦୌଡୁଥିଲେ ନଈକୁ - ବୁଡ଼ ମାରିବା ପାଇଁ । ଶାଶୁ ଘରସ୍ଥିତ ଆବଦ୍ଧ ପୁଷ୍କରିଣୀର କର୍ଦ୍ଦମାକ୍ତ ଜଳରେ ସ୍ନାନ କରି ଝିଅମାନଙ୍କର ବର୍ଣ୍ଣ ମଳିନ ପଡ଼ିଯାଇଛି ବୋଲି ମନ୍ତବ୍ୟ କରୁଥିଲେ ମା'ମାନେ । ଦିନ ପନ୍ଦରଟା ପରେ କନ୍ୟାମାନଙ୍କର ତ୍ୱକ୍‌ରେ ପୂର୍ବର ଚମକ୍ ଫେରି ଆସୁଥିଲା ଅବଶ୍ୟ । ପ୍ରତିଟି ରୋମକୂପ ସଯତ୍ନେ ନିଜ ହାତରେ ଧୋଇ ତହିଁର ମଳି ନିଗାଡ଼ି ନେଉଥିଲା ନର୍ମ୍ମବତୀ ନଈଟି ।

ନଈ ଘାଟଟି ଥିଲା ଏକ ସାମାଜିକ ଭେଟାଭେଟିର ପୀଠ । ଗ୍ରାମବଧୂମାନଙ୍କର ପରସ୍ପର ସହିତ ସାକ୍ଷାତ ହେଉଥିଲା ସେଇଠି । ନଈର ମିହିବାଲିରେ ବଟଫଳ ମାଜୁ ମାଜୁ କିମ୍ବା ବ୍ରତ ଉଦ୍‌ଯାପନାର୍ଥେ ପାଣିମିଶା ନଈବାଲିରେ ତୁଠରେ ବାଲୁକା ଗଢୁ ଗଢୁ, ସୁଖ ଦୁଃଖ ହେଉଥିଲେ ସେମାନେ । ବାରବର୍ଷ ବନ୍ଧ୍ୟାତ୍ୱପରେ ଶିବଙ୍କ ପାଖରେ ଅଧିଆ ପଡ଼ି ଲାଭ କରିଥିବା ଶିଶୁପୁତ୍ରଟି କିପରି ଗୁରୁଣ୍ଡିବାକୁ ଆରମ୍ଭ କଲାଣି , କତରା ଲଗା ଶାଶୁ ବୁଢ଼ୀର କେମିତି ତଥାପି ଗରୁଁ ଭାଙ୍ଗିନି, ପାଞ୍ଚବର୍ଷର କୁନି ଝିଅଟି ପାଇଁ କିପରି ଅମୁକ ଗାଁରେ ବରଘର ଠିକଣା ହୋଇଗଲାଣି ଇତ୍ୟାଦି ଇତ୍ୟାଦି । ଗାଁର ଚାଷ ଜମି ପାଇଁ କେବେ ବି ଖତ ବା ସାରର ଦରକାର ପଡୁନଥିଲା । ନଈ କୂଳିଆ ଜମି ସବୁ ବର୍ଷା ଦିନେ ବୁଡ଼ିକି ରହୁଥିଲା ନଈ ଉଛୁଳା ପାଣିରେ । ପାଣି ଛାଡ଼ିଗଲା ବେଳକୁ କଳାରଙ୍ଗର ଚିକିଟା ଲହୁଣୀପରି କେଇ ଇଞ୍ଚ ବହଳର ପଟୁମାଟିର ଆସ୍ତରଣ ଛାଡ଼ି ଯାଉଥିଲା କ୍ଷେତମାନଙ୍କରେ । ଫସଲ ଫଳୁ ଥିଲା ଢ଼େର୍ । ଧାନଗଛର କେଣ୍ଡା ସବୁ ବଢ଼ିଯାଉଥିଲେ ଲକ୍‌ଲକ୍ ହୋଇ ।

ନଈ ଘାଟଟି ହାଟବଜାରର କାମ ମଧ ଦେଉଥିଲା । ସମୟ ସମୟରେ ବିରାଟକାୟ ନୌକାମାନ ନଈଘାଟରେ ଲଙ୍ଗର ପକାଉଥିଲେ ବର୍ଷକୁ ଥରେ । ଡଙ୍ଗା ଭର୍ତ୍ତି ହାଣ୍ଡି ଆଟିକା ଧରି । ଆଲୁମିନିୟମ ବା ଷ୍ଟିଲବାସନର ଚଳଣୀ ସେତେବେଳେ ନଥିଲା । କ୍ଷୀର ସିଝାଠୁ ଆରମ୍ଭ କରି ଧାନ ଉଷୁଆଁ ପର୍ଯ୍ୟନ୍ତ , ସବୁ କିଛି ହେଉଥିଲା ମୃଣ୍ମୟ ପାତ୍ରରେ ଏବଂ ସେ ପାତ୍ର ସବୁ ସ୍ୱଭାବତଃ ମଝିରେ ମଝିରେ ଫାଟୁଥିଲା କିମ୍ବା ଭାଙ୍ଗୁଥିଲା । ଗ୍ରାମ୍ୟ ମହିଳାମାନେ ଦରଦସ୍ତୁର କରି ସାରାବର୍ଷ ପାଇଁ ହାଣ୍ଡି ଆଟିକା ଓ ସରା, ବଢ଼ା କିଣି ରଖୁଥିଲେ ସେତିକିବେଳେ । ଗହ ଗହ କରୁଥିଲା ନଈଘାଟ ସେମାନଙ୍କର କୋଳାହଳରେ ।

ଖରାଦିନେ ନଈ ଶୁଖିଗଲେ ଦିଶୁଥିଲା ତା'ଛାତି ଭର୍ତ୍ତି ବାଲିଗରଡ଼ା । ସାନବଡ ଓ ରଙ୍ଗଦାର୍ । ଲୋକେ ବୋଝ ବୋଝ ବୋହି ଆଣୁଥିଲେ ଘରକୁ । ତଳେ ବାଲିଗରଡ଼ା ବିଛାଇ ତା' ଉପରେ ଗୋବର ମାଟି ଲିପା ହୋଇ ତିଆରି ହେଉଥିଲା ଟୋଣ । କୁଆପଥର କାମ ଦେଉଥିଲା ଆଧୁନିକ ଷ୍ଟୋନ୍‌ଚିପ୍‌ସର । ଅଗଣାର ଲିପାମାଟି ଭେଦକରି ଠାଏ ଠାଏ ଉଙ୍କି ମାରୁଥିଲା ଗୋଲାପି, ଖଇରିଆ ବା ସାଦା ବାଲିଗରଡ଼ାର କିୟଦଂଶ - ଫୁଟି ଉଠୁଥିଲା ଏକ ଚମତ୍କାର ମୋଜେଇକ୍ ପ୍ୟାଟର୍ଣ୍ଣର କାରୁକାର୍ଯ୍ୟ ।

Digitized by srujanika@gmail.com

ଗ୍ରାମର ମୁଖ୍ୟ ଭୋଜ୍ୟବସ୍ତୁ - ମାଛ- ଆସୁଥିଲା ନଈରୁ । ବିଭିନ୍ନ ଆକାରର ଓ ବିଭିନ୍ନ କିସମ୍‌ର ମାଛ । ଚୁନି ଚିଙ୍ଗୁଡ଼ି, କଉ, ମାଗୁର, ତୋଡ଼ି ଠାରୁ ଆରମ୍ଭ କରି ବିରାଟକାୟ ରୋହି ଭାକୁଡ଼ ପର୍ଯ୍ୟନ୍ତ । କୈବର୍ତ୍ତ ସଂପ୍ରଦାୟ ମାଛ ମାରୁଥିଲେ ବର୍ଷଯାକ । ବେଶୀ ପାଣିରେ ଜାଲରେ ଓ ଅଳ୍ପ ପାଣିରେ ଖାଲ୍ଇରେ । ପରିବା ଅପେକ୍ଷା ମାଛ ଥିଲା ଶସ୍ତା । କେଉଟୁଣୀମାନେ ପାଞ୍ଚ ସାତ ବିଶା ବାଲି ମିଶା ମାଛ ଧରି ଘର ଘର ବୁଲି ବିକ୍ରୀ କରୁଥିଲେ ପ୍ରତିଦିନ ସକାଳେ ।

ଏବଂ ସେଇମାନେ ଇ ବନାଉଥିଲେ ଶୁଖୁଆ । ଭଳି ଭଳି । ଧନାଢ଼୍ୟ ବ୍ୟକ୍ତିମାନେ କିଣୁଥିଲେ ବଡ଼ ଶୁଖୁଆ । ସାଧାରଣ ଲୋକେ କିଣୁଥିଲେ ଚୁନି ଚୁନି ପିତା ଶୁଖୁଆ କିମ୍ବା ସାନ ଚୁଙ୍ଗୁଡ଼ିର ତାମ୍ପଡ଼ା ଶୁଖୁଆ । ସାଇତି ରଖୁଥିଲେ ବାଉଁଶ ନଳି ଭିତରେ । ରାତି ଓଳି ପ୍ରାୟ ଘରେ ରନ୍ଧାବଢ଼ା ନଥିଲା । ଲୋକମାନେ ଖାଉଥିଲେ ସକାଳେ ପାଣି ପୂରାଇ ରଖା ହୋଇଥିବା ସଜପଖାଳ । ବଳଦଙ୍କ ପାଇଁ କୁଣ୍ଡାପାଣି ତତା ହେଉଥିବା ଚୁଲୀର ଘଷି ନିଆଁରେ ଶୁଖୁଆ କେତୋଟି ପୋଡ଼ିଦେଇ ।

ନଈଟି ଥିଲା ବେଶ୍ ଛଇଳୀ । ରଙ୍ଗ ବଦଳାଉଥିଲା ପ୍ରତି ଋତୁରେ । ଶରତ୍ ଋତୁରେ, ତା'ର କାଚକେନ୍ଦୁ ପରି ଧୀର ପାଣିରେ ମୁହଁ ଦେଖୁଥିଲା ଆକାଶର ସାଦା ମେଘର ଟୁକ୍‌ଡ଼ା । ବର୍ଷାଋତୁରେ ଗୈରିକବସନ ପିନ୍ଧି ସିଏ ଧରୁଥିଲା କରାଳମୂର୍ତ୍ତି । ତୀବ୍ର ନାଦରେ ବହିଯାଉଥିଲା ଫେନିଳ ଆବର୍ତ୍ତମାନ ସୃଷ୍ଟି କରି । ଖରାଦିନେ କିନ୍ତୁ ନଈଟି ହୋଇ ଯାଉଥିଲା ପୂରାପୂରି କ୍ଷୀଣାଙ୍ଗୀ । ଦିଶୁଥିଲା ନବବଧୂ ନିତମ୍ବର ରୂପେଲୀ ଅଣ୍ଟାସୂତାଟିଏ ପରି । ଆଉ କେବେ କେମିତି ଗ୍ରୀଷ୍ମଋତୁରେ ସମ୍ପୂର୍ଣ୍ଣ ରୂପେ ଶୁଷ୍କ ହୋଇଯାଉଥିଲା ସିଏ ।

ସେତେବେଳେ ଗାଁ ଲୋକେ ମିଶି ପ୍ରାୟ ଅଣ୍ଟେ ଉଞ୍ଚର ଅନେକଗୁଡ଼ିଏ ବଡ଼ ବଡ଼ ଗାତ ଖୋଳି ଦେଉଥିଲେ ନଈ ଶେଯରେ । ବାଲିରେ କୋଦାଳ ମାରିବା କାମଟି ସହଜସାଧ୍ୟ ଥିଲା । ବାଲି ଭିତରୁ ଝଳଝରି, ସେ ଗାତ ସବୁ ଅଧାଅଧି ଭର୍ତ୍ତି ହୋଇ ଯାଉଥିଲା ପାଣିରେ । ଦୁଇ ତିନୋଟି ଗର୍ତ୍ତ ଉଦ୍ଦିଷ୍ଟ ଥିଲା ପାନୀୟ ଜଳ ପାଇଁ । ବାକି ଗର୍ତ୍ତଗୁଡ଼ିକରେ ଗ୍ରାମବାସୀମାନେ ପଶି, ନଡ଼ିଆ ସଢ଼େଇରେ ଦେହରେ ପାଣି ଢ଼ାଳି, ବାଳି ସାଲୁ ବାଲୁ ହୋଇ ସ୍ନାନ କରୁଥିଲେ । କିନ୍ତୁ ଏଭଳି ଦୁର୍ଦ୍ଦଶା ଭିତରେ ବି କୃଅ ଆଡ଼େ ମୁହାଁଉ ନଥିଲେ କେବେ ହେଲେ ।

ମୋ ଅଜାଙ୍କର ସାନଭାଇ ସନାତନଙ୍କର ପତ୍ନୀ, ଯାହାଙ୍କୁ କି ମୁଁ ନୂଆଆଇ ବୋଲି ଡାକୁଥିଲି ବୁଡ଼ି ଯାଇଥିଲେ ଏଇ ନଈ ଗଣ୍ଡରେ । ତାଙ୍କର ମୃତ ଦେହ ଖୋଜି, ଖୋଜି, ମିଳିନଥିଲା । ପ୍ରତ୍ୟେକ ବର୍ଷ କେହି ନା କେହି ସଲୀଳ ସମାଧି ନେଉ ଥିଲେ ନଦୀଗର୍ଭରେ । ଏବଂ ଆଶ୍ଚର୍ଯ୍ୟର କଥା, ଏହା ସତ୍ତ୍ୱେ ବି, ଗ୍ରାମବାସୀମାନଙ୍କର ନଦୀପ୍ରତି ଥିବା ମମତା ଓ ଆକର୍ଷଣର ତୀବ୍ରତା ତିଳେ ମାତ୍ର କମୁନଥିଲା । ଭଲ ପାଇଲେ ବୋଧହୁଏ ଏଇଆ ହୁଏ । ଅନେକ ଅମାର୍ଜନୀୟ ଅପରାଧକୁ ମଧ୍ୟ ଅକ୍ଳେଶରେ କ୍ଷମା କରି ଦିଏ ମଣିଷ ।

●●●

Digitized by srujanika@gmail.com

# ମୃତ୍ୟୁଦୂତ

ତାରିଖଟି ଏବେ ବି ମନେ ଅଛି ମୋ'ର । ଉଣିଶଶହ ପଞ୍ଚସ୍ତରି ମସିହା ଜାନୁୟାରୀ ମାସ ତେର ତାରିଖ । ମିଜୋନାସ୍‌ନାଲ ଫ୍ରଣ୍ଟର ଉଗ୍ରପନ୍ଥୀମାନେ ଏଇ ଦିନ ମିଜୋରାମ୍‌ର ରାଜଧାନୀ ଆଇଜ୍‌ଲସ୍ଥିତ ପୋଲିସ ହେଡ୍‌କ୍ୱାଟର୍‌ରେ ପଶି ତିନିଜଣ ଅଣମିଜୋ ପୋଲିସ ଅଫିସର- ଶ୍ରୀ ଆର୍ଯ୍ୟ, ଶ୍ରୀ ସେଓ୍ୱା ଓ ଶ୍ରୀ ପଞ୍ଚ ପାଗେଶନ୍‌ଙ୍କୁ ନିର୍ମମଭାବେ ଗୁଳିକରି ହତ୍ୟା କରିଥିଲେ । ଶ୍ରୀ ଆର୍ଯ୍ୟ ଉତ୍ତର ପ୍ରଦେଶରୁ ମିଜୋରାମ ଆସିଥିଲେ ତିନିମାସ ପୂର୍ବରୁ ଓ ଶ୍ରୀ ସେଓ୍ୱା କାର୍ଯ୍ୟରେ ଯୋଗ ଦେଇଥିଲେ ମାତ୍ର ପନ୍ଦର ଦିନ ହେଲା । ଶ୍ରୀ ପଞ୍ଚପାଗେଶନ୍ ଦୁଇଟି ଶିଶୁକନ୍ୟା ଓ ଅନ୍ତଃସତ୍ୱା ପତ୍ନୀଙ୍କ ସହ ଦିଲ୍ଲୀରୁ ବଦଳି ହୋଇ ଆସି ଠିକ୍ ତା ପୂର୍ବ ଦିନଇ ଚାକିରୀର ଦାୟିତ୍ୱ ଗ୍ରହଣ କରିଥିଲେ । ବିନୟ ମଧ ସେମାନଙ୍କ ସହିତ ମିଟିଙ୍ଗ୍‌ରେ ସାମିଲ ଥିଲେ । କିନ୍ତୁ ଗୁଳି ଚାଳନାର ମାତ୍ର କେତୋଟି ମୁହୂର୍ତ୍ତ ପୂର୍ବରୁ କୌଣସି ଏକ ଫାଇଲ୍‌ର ତଦାରଖ କରିବା ପାଇଁ ନିକଟରେ ଥିବା ଅନ୍ୟ ଏକ ପ୍ରକୋଷ୍ଠକୁ ଯାଇଥିଲେ ଓ ଈଶ୍ୱରଙ୍କ ଅଶେଷ କୃପାବଳରେ ମୃତ୍ୟୁର କରାଳକବଳରୁ ରକ୍ଷା ପାଇଥିଲେ । ତାଙ୍କ ଦରଖିଆ ଉଷୁମ କଫି କପ୍‌ଟି ଏ ନାରକୀୟ ଘଟଣାର ମୂକସାକ୍ଷୀ ରୂପେ ପଡ଼ିରହିଥିଲା ରକ୍ତରଞ୍ଜିତ ବିରାଟ ଟେବୁଲଟିର କଡ଼ରେ ।

ମିଜୋ ଗରିଲାମାନେ ଜିପ୍‌ଟିଏ ନେଇ ସିଧାସଳଖ ପଶିଥିଲେ ପୋଲିସ୍ ହେଡ୍ କ୍ୱାର୍ଟରର ପରିସରରେ - ମିଟିଙ୍ଗ୍ ହେଉଥିବା ଓ ବିଲକୁଲ ସାମ୍‌ନାରେ ଥିବା ଶ୍ରୀ ଆର୍ଯ୍ୟଙ୍କ ପ୍ରକୋଷ୍ଠରେ । ତିନିଜଣଯାକ ଅଫିସରଙ୍କୁ ହତ୍ୟା କରି ସତ୍ୱର ପଳାୟନ ମଧ କରିଥିଲେ ସେଇ ଜିପ୍‌ରେ । ଘଟଣାଟି ଘଟିଥିଲା ନିମିଷକରେ । ସେମାନଙ୍କର ପ୍ରବେଶକୁ କେହି ସନ୍ଦେହ କରିବାର ଅବକାଶ ନଥିଲା । କାରଣ ସେମାନେ ସଭିଏଁ ଥିଲେ ପୋଲିସ୍ ଉର୍ଦ୍ଦିରେ । ଗୁଳିର ଶବ୍ଦଶୁଣି ବିନୟ ଯେତେବେଳେ ଶ୍ରୀ ଆର୍ଯ୍ୟଙ୍କର ପ୍ରକୋଷ୍ଠରେ ପ୍ରବେଶ କରନ୍ତି, ସେତେବେଳେ ଉଷୁମ ତାଜା ରକ୍ତର ସୁଅ ଛୁଟି ଆସି ସାରି ଥିଲା ଏରୁଣ୍ଡିବନ୍ଧ ପର୍ଯ୍ୟନ୍ତ । ତିନୋଟି ଧୀମାନ୍, ଉଚ୍ଚ ପଦସ୍ଥ ଅଫିସରଙ୍କର ମସ୍ତିଷ୍କମାନଙ୍କର କିୟଦଂଶ ଗୁଳି ସହିତ ଯାଇ ଲାଖିରହିଥିଲା କାନ୍ଥରେ ଏଠି ସେଠି - ଏକ ଅଜଣା ଦେଶର ମାନଚିତ୍ର ପରି ।

ଆଜିଠାରୁ ଅଠେଇଶ ବର୍ଷ ଆଗର କଥା । ଆମେ ଉଣିଶଶହ ବାସ୍ତରି ମସିହାରେ ମିଜୋରାମ୍ ଗଲାବେଳକୁ ତାହା ଥିଲା ଉଗ୍ରପନ୍ଥୀମାନଙ୍କର ହିଂସାତ୍ମକ କାର୍ଯ୍ୟକଳାପ ତଥା ନରହତ୍ୟାରେ ସରଗରମ ଏକ ପାହାଡ଼ୀ ଇଲାକା । ଚେହେରା, ଭାଷା, ସଂସ୍କୃତି, ଖାଦ୍ୟପେୟ ଓ ବେଶଭୂଷା, ସବୁଥିରେ ମିଜୋମାନେ ଥିଲେ ଭାରତୀୟମାନଙ୍କୁ ଭିନେ । ବରଂ ସେମାନଙ୍କର ବେଶୀ ସାମଞ୍ଜସ୍ୟ ରହୁଥିଲା ବର୍ମିଜ୍‌ମାନଙ୍କ ସହିତ । ଆମେ ଯିବାର କେଇ ବର୍ଷ ଆଗରୁ

Digitized by srujanika@gmail.com

ମିଜୋ ଗରିଲାମାନେ ଯୁଦ୍ଧ କରି ଆସାମ ତଥା ଭାରତ ବର୍ଷଠାରୁ ଅଲଗା ହୋଇ ଯିବାକୁ ଚାହୁଁଥିଲେ । ମଝିରେ ଥରେ ଶ୍ରୀ ଲାଲଡେଙ୍ଗାଙ୍କ ନେତୃତ୍ୱରେ ମିଜୋ ନାସନାଲ ଫ୍ରଣ୍ଟ ଉଗ୍ରପନ୍ଥୀମାନେ ସକ୍ରିୟ ହୋଇ ମିଜୋହିଲ୍ସର ବିଭିନ୍ନ ସରକାରୀ ଦପ୍ତରମାନ ଆକ୍ରମଣ କରି ସ୍ଥାନଟିର ପରିଚାଳନାର ଦାୟିତ୍ୱ ନିଜ କରାୟତ୍ତକୁ ନେଇ ଆସିଥିଲେ ମଧ୍ୟ । ଭାରତ ସରକାର ସେଠାକୁ ଅପର୍ଯ୍ୟାପ୍ତ ପରିମାଣରେ ସାମରିକ ବାହିନୀ ପଠାଇବାପରେ ଅବସ୍ଥା ଅନେକ ସୁଧୁରିଥିଲା । ଶେଷ ପର୍ଯ୍ୟନ୍ତ କେନ୍ଦ୍ର ସରକାର ଆସାମଠାରୁ ଏହାକୁ ଅଲଗା କରି ଉଣିଶଶହ ବାସ୍ତରି ମସିହାରେ କେନ୍ଦ୍ରଶାସିତ ଅଞ୍ଚଳ ରୂପେ ଘୋଷଣା କରିଥିଲେ । ନୂତନ ନାମକରଣ ହୋଇଥିଲା ମିଜୋରାମ୍ । ମିଜୋଭାଷାରେ 'ରାମ୍'ମାନେ ଦେଶ । ଆମେ ସେଠାକୁ ଗଲା ବେଳକୁ ମିଜୋରାମର ପ୍ରଚ୍ଛଦପଟର କାହାଣୀ ଥିଲା ସଂକ୍ଷେପରେ ଏଇଭଳି ।

ସହାସବ୍ଦେ ବି ପ୍ରତିହିଂସାର ବହ୍ନି ଧିକି ଧିକି ହୋଇ ଜଳୁଥିଲା ମିଜୋମାନଙ୍କ ଛାତିରେ । ବିଦ୍ରୋହ ସଂପୂର୍ଣ୍ଣ ରୂପେ ଶାନ୍ତ ପଡ଼ିନଥିଲା ଓ ନାରକୀୟ ନରସଂହାର ରୀତିମତ ଜାରି ରହିଥିଲା ଏବଂ ନିୟମିତ ରୂପେ ବନ୍ଧୁକଗୁଳିର ଶିକାର ହେଉଥିଲେ ଅଣମିଜୋ ଅଫିସରମାନେ । ଲେଫ୍‌ନାଣ୍ଟ ଗଭର୍ଣ୍ଣର ଶ୍ରୀ ଶାନ୍ତିପ୍ରିୟ ମୁଖାର୍ଜୀ ବି ବାଦ୍ ପଡ଼ିନଥିଲେ ଏଥିରୁ । ତାଙ୍କ ସିକ୍ୟୁରିଟି ଅଫିସରଙ୍କର ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା । ଶ୍ରୀ ମୁଖାର୍ଜୀ ଗୁଳି ବିଦ୍ଧ ହୋଇଥିଲେ ସୁଦ୍ଧା ବଞ୍ଚି ଯାଇଥିଲେ କୌଣସି ମତେ । ଅବଶ୍ୟ ଦୀର୍ଘ ଦିନ ଧରି ଚିକିତ୍ସିତ ହେବାକୁ ପଡ଼ିଥିଲା ତାଙ୍କୁ କଲିକତାରେ ।

ସମଗ୍ର ମିଜୋ ସଂପ୍ରଦାୟ ପାଇଁ ଭାରତବାସୀମାନେ ଥିଲେ ଭାଇ । ଭିନ୍‌ଦେଶୀ ବା ପରଦେଶୀ ଏବଂ ଶତ୍ରୁ ତୁଲ୍ୟ । ପରନ୍ତୁ, ସ୍ୱଦେଶର ସ୍ୱାଧୀନତା ପାଇଁ ଲଢ଼େଇ କରୁଥିବା ଉଗ୍ରପନ୍ଥୀମାନଙ୍କ ପ୍ରତି ଶତପ୍ରତିଶତ ମିଜୋ ବ୍ୟକ୍ତି ତଥା ମିଜୋ ପରିବାର ଥିଲେ ସମ୍ବେଦନଶୀଳ । ଉଗ୍ରପନ୍ଥୀମାନେ ଲୁଚିଛପି ରହିପାରୁଥିଲେ କେବଳ ସ୍ଥାନୀୟ ବାସିନ୍ଦାମାନଙ୍କର ସହାୟତାରେ ।

ଯାହା ହେଉ, ଜାନୁୟାରୀ ତେର ତାରିଖରେ ଅଫିସ ପରିସରରେ ଘଟିଥିବା ଏଇ ସାମୂହିକ ନରହତ୍ୟା, ବେଶ୍ ସଜୋରେ ଦୋହଲାଇ ଦେଇଥିଲା ସେତେବେଳେ ସାରା ଦେଶକୁ । ଏଭଳି ମର୍ମନ୍ତୁଦ ଘଟଣାଟିଏ, ସେ ପର୍ଯ୍ୟନ୍ତ ଭାରତବର୍ଷରେ ଆଉ କେଉଁଠି ଘଟିନଥିଲା । ସାରା ମିଜୋରାମ ଭୀତିଗ୍ରସ୍ତ । ସାରା ଶାସନ ଧ୍ୱସ୍ତ ବିଧ୍ୱସ୍ତ । ଏତଦ୍ ସହିତ ପ୍ରତ୍ୟେକ ଅଣମିଜୋ ଅଫିସରଙ୍କ ଜୀବନ ମଧ୍ୟ ହୋଇ ଉଠିଲା ଆତଙ୍କରେ ଭରପୂର । ଘରୁ ବାହାରକୁ ବାହାରିବାକୁ ଇ ଅନ୍ୟ ଭାଷାଭାଷୀ ଅଫିସରମାନେ ଭୟ କରୁଥିଲେ ।

ହିମଶୀତଳ ମୃତ୍ୟୁର ଭୟ ଯେ କି ଜିନିଷ, ତାହା ମୁଁ ସେତେବେଳେ ପ୍ରତ୍ୟେକ ଅଣ ମିଜୋ ମଣିଷ ମୁହଁରେ ଦେଖିଛି ଏବଂ ତତ୍କାଳୀନ ପରିସ୍ଥିତିରେ ଏ ଭୟ ଥିଲା ଯଥାର୍ଥ ।

Digitized by srujanika@gmail.com

ବିନୟ ଥିଲେ ଦୈବାତ୍ ଜୀବିତ ରହିଯାଇଥିବା ଏକମାତ୍ର ଅଣମିଜୋ ପୋଲିସ ଅଫିସର୍ ଏବଂ ଯା' ପରର ଆକ୍ରମଣଟି ତାଙ୍କ ଉପରେ ହେବାର ସମ୍ଭାବନା ଥିଲା ବହୁତ ବେଶୀ । ସିକ୍ୟୁରିଟି ଲୋକମାନେ କଡ଼ା ପହରା ଦେଇ ଜଗିକି ରଖୁଥିଲେ ତାଙ୍କୁ । ଲମ୍ବ ମୁଛବାଲା ବିହାରୀ ସି.ଆର୍.ପି ସିପାହୀଟି, ଯିଏ କି ବନ୍ଧୁକ ହାତରେ ତାଙ୍କୁ ଆଢୁଆଳ କରି ତାଙ୍କ ସହିତ ଗାଡ଼ିରେ ବସୁଥିଲା, ମୋତେ ହସି ହସି ବାରମ୍ବାର କହୁଥିଲା ''ମାଡ଼ାମ୍, ଆପଣ ବିବ୍ରତ ହୁଅନ୍ତୁନି । ମିଶ୍ର ସାହେବଙ୍କର କିଛି ହେବା ଆଗରୁ ନିଶ୍ଚିତରୂପେ ମୋର ମୃତ୍ୟୁ ହେବ । ମୁଁ ଥର ଥର ଗଳାରେ ଜବାବ୍ ଦେଉଥିଲି ''କିନ୍ତୁ ତୁମର ଯେ କିଛି ଅନିଷ୍ଟ ହେଉ, ତାହା ତ ମୁଁ ଚାହେଁନି ।''

ଏବଂ ତା'ପରେ ହଠାତ୍ ଦିନେ ନିହାତି ଅପ୍ରତ୍ୟାଶିତ ଓ ସନ୍ଦେହଜନକ ଭାବରେ ଏଇ ମିଜୋଲୋକଟି ଆସି ପହଞ୍ଚିଥିଲା ମୋ ପାଖରେ ।

ବିନୟ ଅଫିସ୍ ଯାଇ ସାରିଥିଲେ ଓ ମୋ'ର ନିତ୍ୟନୈମିତ୍ତିକ ଅଭ୍ୟାସ ଅନୁଯାୟୀ ତାଙ୍କ ଗାଡ଼ିଟି ଅଙ୍କାବଙ୍କା ପାହାଡ଼ୀ ରାସ୍ତାରେ ଲୁଚି ଯିବା ପର୍ଯ୍ୟନ୍ତ ମୁଁ ବାରଣ୍ଡାରେ ଠିଆ ହୋଇ ଦେଖୁଥିଲି । ଏବଂ ହଠାତ୍ ଏତିକିବେଳେ ଲୋକଟି ପଶିଲା ମୋ ଘରର ପଛ ପାଖ ଫାଟକ ଖୋଲି ।

ଲୋକଟି ସହିତ ମୋର ଚାକ୍ଷୁଷ ପରିଚୟ ଥିଲା । ଦୁଇ ଚାରି ଥର ଦୂରରୁ ଦେଖିଥିଲି ତାକୁ । ଆମ ଘର ଥିବା ଟିଲାଟିର ଠିକ୍ ତଳେ ଥିଲା ପୋଲିସ ରିଜର୍ଭ ଓ ସାନ ପୋଲିସ ହସ୍‌ପିଟାଲଟିଏ । ଲୋକଟି ସେଠି ଥିଲା ନର୍ସିଙ୍ଗ ଅର୍ଡ଼ର୍ଲି । କାମରେ ସାହାଯ୍ୟ କରୁଥିଲା କମ୍ପାଉଣ୍ଡରଙ୍କୁ ।

ଲୋକଟି ଥିଲା ମଧ୍ୟବୟସ୍କ ଓ ସାଧାରଣ ମିଜୋମାନଙ୍କ ତୁଳନାରେ ଦୀର୍ଘକାୟ । ତୀର୍ଯ୍ୟକ୍ ମିଞ୍ଜିମିଞ୍ଜି ଆଖି, ଝିଙ୍କକାଠି ପରି ବାଳ ଓ ହଳଦିଆ ତ୍ୱକ୍ । ପ୍ରାୟତଃ ସବୁ ଆଦିବାସୀମାନଙ୍କର ମୁହଁ ଅନେକାଂଶରେ ଆବେଗ ଓ ଉଚ୍ଛ୍ୱାସ ରହିତ । କିନ୍ତୁ ଏଇ ଲୋକଟିର ମୁହଁ ସତେ ଅବା ଥିଲା ପଥରରେ ଗଢ଼ା - ସମ୍ପୂର୍ଣ୍ଣ ରୂପେ ଅଭିବ୍ୟକ୍ତିଶୂନ୍ୟ ।

ଲୋକଟି କିଛି କଥା ନକହି ବେଶ୍ ଗମ୍ଭୀର ଭାବରେ ଏକ ଯାନ୍ତ୍ରିକ ରୋବଟ୍ ପରି ପାଦେ ପାଦେ ଅଗ୍ରସର ହେଉଥିଲା ମୋ ଆଡ଼େ । ତା'ର ହାତ ଦୁଇଟି ଥିଲା ତା'ର ଫୁଲପ୍ୟାଣ୍ଟ ପକେଟ ଭିତରେ ବନ୍ଦୀ । ତା' ଆଖି ଦୁଇଟି ଥିଲା କାଚ ଆଖି ସଦୃଶ ଏବଂ ସେ କାଚ ଆଖିର ଚାହାଣୀ ଅପଲକ ଭାବରେ ନ୍ୟସ୍ତ ଥିଲା ମୋ ମୁହଁ ଉପରେ । ସମ୍ପୂର୍ଣ୍ଣରୂପେ ଭାବଲେଶହୀନ ଅଭିବ୍ୟକ୍ତି ନେଇ ଲୋକଟି ଆସି ଠିଆ ହେଲା ମୋ ସାମ୍‌ନାରେ । ନିଃଶବ୍ଦରେ । ଏବଂ ମାତ୍ର କେଇ ଇଞ୍ଚ ଦୂରରୁ ଆସୁଥିବା ତା' ଗରମ ନିଃଶ୍ୱାସର ଧକ୍‌କା ପାଇଲି ମୁଁ ମୋ ମୁହଁ ସାରା । ଲୋକଟି ଯା'ପରେ ତା' ପକେଟ ଭିତରୁ ହାତ କାଢ଼ିବାକୁ ଉଦ୍ୟତ ହେଲା ଏବଂ ମୁଁ ଡରିଗଲି

Digitized by srujanika@gmail.com

- ଭୀଷଣ ଭାବରେ । ବୁଝି ପାରିଲି ଯେ ଲୋକଟି ଏବେ ତା ପକେଟ୍‌ରୁ ରିଭଲ୍‌ଭର କାଢ଼ିବାକୁ ଯାଉଛି । ବୁଝିପାରିଲି ଯେ ମୋର ମୃତ୍ୟୁ ଅବଶ୍ୟମ୍ଭାବୀ । ଲୋକଟି ଠିକ୍ ସମୟ ବୁଝି ଆସିଛି । ବିନୟ ଅଫିସ୍‌ରେ । ପୁଅ ଯାଇଛି ସ୍କୁଲ । ନୀରବ, ନିର୍ଜ୍ଜନ ଦ୍ୱିପହରରେ ମୁଁ ଏବେ ଏକା । ଅସହାୟ । ଭୟରେ ବିବର୍ଣ୍ଣ ହୋଇ ମୁଁ ରୀତିମତ୍ ଠକ୍ ଠକ୍ ହୋଇ କମ୍ପିବାକୁ ଆରମ୍ଭ କଲି । ପାହାଡ଼ତଳ ଝରଣା ଆଡୁ ତୀବ୍ର ବେଗରେ ପବନ ବହୁଥିଲେ ସୁଦ୍ଧା କପାଳରେ ମୋର ଜମା ହେଲା ଟୋପି ଟୋପି ସ୍ୱେଦବିନ୍ଦୁ । ନିଜକୁ ରକ୍ଷା କରିବାର ଉପାୟ ଭାବିବାକୁ ଚେଷ୍ଟା କଲି । କିନ୍ତୁ ମୁଣ୍ଡଥିଲା ବିବାକ୍ ଫାଙ୍କା, ଚିନ୍ତା ଶକ୍ତି ରହିତ । ଅଚାନକ୍ ମୃତ୍ୟୁ ଆସି ସାମ୍ନାରେ ଠିଆ ହେଲେ ମୁଣ୍ଡ ଭିତରଟା ଏଇ ଭଳି ଫାଙ୍କା ହୋଇଯାଏ ବୋଧହୁଏ । ଭୟରେ ମୁଁ ଆଖି ବୁଜିଲି ଏବଂ ଅପେକ୍ଷା କରି ରହିଲି ଛାତି ପାଖରେ ଗୁଳିବିଦ୍ଧ ହେବାର ଅକଥନୀୟ ଯନ୍ତ୍ରଣାକୁ ଅନୁଭବ କରିବା ପାଇଁ ।

ହଠାତ୍ ମଣିଷ ମାଂସର ଉଷ୍ମ ସ୍ପର୍ଶ ଅନୁଭବ କଲି ମୋ ହାତରେ । ଚମ୍‌କି ପଡି ଆଖି ଖୋଲିଲି । ମୃତ୍ୟୁଦୂତଟି ପକେଟ୍‌ରୁ ଦୁଇଟିଯାକ ହାତ ବାହାର କରି ଅତ୍ୟନ୍ତ ସ୍ନିଗ୍ଧ ତଥା ସୁକୋମଳ ଭଙ୍ଗୀରେ ତା' ଅଞ୍ଜଳି ଭିତରେ ମୋ ପାପୁଲି ଯୋଡ଼ିକ ବନ୍ଦୀ କରି ରଖିଥିଲା ଏବଂ ମୋତେ ଚାହିଁ ଅନେକଟା ଅସମଞ୍ଜସ ଭାବରେ ତଥା କମ୍ପିତ ଗଳାରେ କହିଉଠିଲା - ମାଡ଼ାମ୍, ମୁଁ ପ୍ରଭୁଙ୍କ ପାଖରେ କୃତଜ୍ଞ ଯେ ଏଭଳି ଏକ ନିଶ୍ଚିତ ମୃତ୍ୟୁ ମୁଖରୁ ସିଏ ଆପଣଙ୍କ ସ୍ୱାମୀଙ୍କୁ ବଞ୍ଚାଇ ଦେଇଛନ୍ତି । ତାଙ୍କର ଏତାଦୃଶ ରକ୍ଷା ପାଇଯିବାରେ ମୁଁ ଯେ କି ପରିମାଣରେ ଆହ୍ଲାଦିତ ଆପଣ କଳ୍ପନା କରିପାରିବେନି । ମୁଁ କେବଳ ଏଇକଥାଟି ଇ ଆପଣଙ୍କୁ କହିବାକୁ ଆସିଥିଲି ।

●●●

Digitized by srujanika@gmail.com

# ମନ୍ଦିର

ଅଖଣ୍ଡେଶ୍ୱରଙ୍କ ମନ୍ଦିରଟି ଥିଲା ନିପଟ ଗହୀର ଭିତରେ । ଚାରିପଟେ ମାଇଲ ମାଇଲ ଧରି ସାନ ସାନ ଟ୍ରାପିଜିୟମ୍ ଆକାରର ଧାନକ୍ଷେତ । ସେ ପ୍ରସାରିତ କ୍ଷେତ ଭିତରେ ଅଚାନକ୍ ଯେମିତି ଭୂଇଁରୁ ଗଜୁରି ଉଠିଥିଲା ମନ୍ଦିରଟି। ଏଭଳି ସ୍ଥାନରେ ମନ୍ଦିରଟିଏ ହେବାର କିମ୍ବଦନ୍ତୀଟିଏ ଥିଲା ଅବଶ୍ୟ । ବହୁବର୍ଷ ପୂର୍ବେ କୃଷକଟିଏ ବିଲରେ ହଳ କଲା ସମୟରେ କୁଆଡ଼େ ତା' ଲଙ୍ଗଳ ମୂନରେ ପଥରଟିଏ ବାଜିଥିଲା । ମାଟି ଭିତରରୁ ହାବୁକା ମାରି ଉଠିଥିଲା ରକ୍ତର ସ୍ରୋତ । ଚାଷୀଟି ଆତଙ୍କିତ ହୋଇ ମାଟି ଖୋଳି ପାଇଥିଲା ଶିବଲିଙ୍ଗଟିଏ । ଶିବଲିଙ୍ଗର ମସ୍ତକରେ ଲଙ୍ଗଳ ସିଆରର ଦାଗ ଥିଲା ଏବଂ ତହିଁରୁ ରକ୍ତକ୍ଷରଣ ହେଉଥିଲା । ସାରା ଗାଁରେ ଚହଳ ପକାଇଥିଲା ଏତାଦୃଶ ଆଶ୍ଚର୍ଯ୍ୟଜନକ ଘଟଣାଟି । ଗାଁ' ଲୋକେ ମିଶି ଉକ୍ତ ସ୍ଥାନରେ ମନ୍ଦିରଟିଏ ଗଢ଼ି ଦେଇଥିଲେ । ଶିବ କିନ୍ତୁ ଏବେ ବି ରହିଥିଲେ ଜମି ତଳେ । ମନ୍ଦିର ଭିତରେ ଅନେକଗୁଡ଼ିଏ ଅନ୍ଧାରୁଆ ପଥର ପାହାଚ ଓହ୍ଲାଇ ତାଙ୍କ ଦର୍ଶନ କରିବାକୁ ପଡୁଥିଲା । ଲଙ୍ଗଳମୂନର ଦାଗଟି ଏବେ ବି ଶୋଭା ପାଉଥିଲା ତାଙ୍କ ମସ୍ତକର ଶୀର୍ଷଦେଶରେ ।

ଆଈଙ୍କ ସହିତ ଗହୀରବାଟରେ ଚାଲି ଚାଲି ଅନେକ ସମୟରେ ମନ୍ଦିରକୁ ଯାଉଥିଲି । ନିପଟ ଅପନ୍ତରା ଭିତରେ ମନ୍ଦିରଟି ଲାଗୁଥିଲା ଛାୟାଶୀତଳ- ତା' ବେଢ଼ାରେ ଥିବା ପତ୍ର ଘନ ବଉଳଗଛଟି ପାଇଁ । କେବେ କିଏ ରୋପିଥିଲା ବୃକ୍ଷଟି । ଶାଖାପ୍ରଶାଖା ମେଲି ଚକଡ଼ାଏ ମାଡ଼ି ବସିଥିଲା ଏବେ । ଏବଂ ସେ ଗଛରେ ଫୁଲ ଫୁଟୁଥିଲା ଅପ୍ରମିତ । କୁନିକୁନି ହଳଦିଆ ରଙ୍ଗର ତାରାପରି ଦିଶୁଥିବା ସୁଗନ୍ଧିତ ଫୁଲ- ଗଛରୁ ଝରି ତଳେ ପଡୁଥିଲା ଗୋଟି ଗୋଟି ହୋଇ । ଗଛ ତଳେ ସଦାସର୍ବଦା ଫୁଲ ଶେଯଟିଏ ।

ଆଈ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରୁଥିଲେ । କିଟ୍‌କିଟ୍ ଅନ୍ଧାର ଭିତରେ ଶୈବାଳମୟ ଓଦା ଓଦା ପାହାଚ ଓହ୍ଲାଇ ଭିତରକୁ ଯିବା ପାଇଁ ମୋତେ ଡର ଲାଗୁଥିଲା । ମୁଁ ବ୍ୟସ୍ତ ରହୁଥିଲି ବେଢ଼ା ଭିତରେ ବଉଳଗଛ ତଳେ ଖେଳାଇ ହୋଇ ପଡ଼ିଥିବା ଫୁଲ ସାଉଁଟିବାରେ । ଫେରିଲା ବେଳକୁ ଅଣ୍ଟିରେ ଅଣ୍ଟିଏ ଫୁଲ । ମାଇଁ ସେ ଫୁଲରେ ହାରଗୁନ୍ଥି ଖୋଷା ଚାରିପଟେ ଘେର ବୁଲାଉଥିଲେ । ବଉଳ ଫୁଲଟିର ଆଶ୍ଚର୍ଯ୍ୟ ସୁଗୁଣ- ଅନେକ ଦିନ ଧରି ତାଜା ରହେ ।

ଏଇଭଳି ଏକ ମନ୍ଦିର ଯିବା ଦିନରେ ଅଚାନକ୍ ଦେଖିଥିଲି ଲୋକଟିକୁ । ମନ୍ଦିର ଚାରିପଟେ କିଛି ନାଗଫେଣି ଓ ବୁଦୁ ବୁଦିକିଆ ସାନ ଗଛ । ସେଇଭଳି ଗୋଟିଏ ଗଛ ପାଖରେ ମୁହଁ ମାଡ଼ି ପେଟେଇ ଶୋଇଥିଲା ଲୋକଟି । ମଳିନ ଲୁଗାଟିଏ ପିନ୍ଧା । ଦେହ ଥିଲା ଫୁଙ୍ଗୁଳା । ମୁଣ୍ଡର ନୁଖୁରା ବାଳ ଉଡୁଥିଲା ସିରି ସିରି ପବନରେ । ଲୋକଟି ଥିଲା ନିଃସ୍ପନ୍ଦ ।

- ଆଈ ! ଦେଖ, ଦେଖ ସେ ଲୋକଟି ସେଠି ପଡ଼ିଛି । ମରିଗଲାଣି ବୋଧେ । ଆଈଙ୍କୁ

Digitized by srujanika@gmail.com

କହିଲି । ପୂଜାସାରି ଫେରିବାକୁ ଉଦ୍ୟତ ହେଉଥିବା ଆଈ ବେତ ଚାଙ୍ଗୁଡ଼ିରେ ପୁରୋହିତଙ୍କ ପ୍ରଦତ୍ତ ଫୁଲ ବେଲପତ୍ର ସଜାଡ଼ୁ ସଜାଡ଼ୁ କହିଲେ - ନାଇଁ ମ ! ସିଏ ପରା ଆମ ଗାଁର । ତା'ର ପିଲାଛୁଆ ନାହିଁତ ! ପୁଅ ପାଇଁ ଅଧିଆ ପଡ଼ିଛି ସେଠି ।

- କେତେଦିନ ଏମିତି ପଡ଼ିରହିବ ଅଖିଆ ଅପିଆ ? ମୁଁ ପଚାରିଲି । ଦୃଶ୍ୟଟି ମୋ' ପାଇଁ ଥିଲା ଅଭିନବ ।

- ଠାକୁରେ ସପନେଇଲେ ଯାଇକି ଆସିବ । ଆଈ ଉତ୍ତର ଦେଲେ । ଫେରନ୍ତା ବାଟରେ ଘୂରିଘୂରି ବାରମ୍ବାର ଚାହିଁଥିଲି ଲୋକଟିକୁ । ସେଇଭଳି ନିଶ୍ଚିତ ଭଙ୍ଗୀରେ ତଥାପି ଶୋଇ ରହିଥିଲା ସିଏ । ଦୁଇ ଦିନ ପରେ ଆଇଙ୍କଠୁ ଶୁଣିଲି ଅଖଣ୍ଡେଶ୍ୱର କୁଆଡ଼େ ସ୍ୱପ୍ନରେ ଆସି ଲୋକଟିକୁ ଆଶୀର୍ବଚନର ବାଣୀ ଶୁଣାଇ ଯାଇଛନ୍ତି ।

ଏହି ଘଟଣାର ଦୁଇ ବର୍ଷ ପରେ ପୁଣି ଥରେ ଅଜା ଘରକୁ ଯାଇଥିଲି । ଝାମୁଯାତ୍ରା ଦେଖି । ଅଜା ଘରର ଠିକ୍ ସାମ୍ନାଦାଣ୍ଡରେ ଝାମୁଗାତ ଖୋଳା ହୋଇଥିଲା । ମାଟି ଉପରେ କଟା ଲମ୍ବ ସିଆରରେ ଦାଉ ଦାଉ କାଠ କୋଇଲା । ସିଆରର ଦି'ପଟେ ଗାତଭର୍ତ୍ତି ଗୋବର ପାଣି । ଝାମୁଆମାନେ ନିଆଁରେ ଚାଲି ସେ ପାଣିରେ ପାଦ ବୁଡ଼ାଇ ଦଣ୍ଡେ ଠିଆ ହେବେ ବୋଲି । ବ୍ରତ ରଖିଥିବା ଝାମୁଆମାନେ ଯାଇଥିଲେ ନଈକି । ସ୍ନାନାନ୍ତେ ସିକ୍ତ ବସ୍ତ୍ରରେ ଫେରି ଆସି ଝାମୁ ଚାଲିବେ ।

ଅଜାଘର ଦାଣ୍ଡପିଣ୍ଡାରେ ଠୁଳ ହୋଇଥିବା ଶହ ଶହ ମଣିଷମାନଙ୍କ ଭିତରୁ ଅବଗୁଣ୍ଠନବତୀ ଗ୍ରାମବଧୂଟିଏ ଆସି ଆଈଙ୍କୁ ଜୁହାର ହୋଇ ବାର୍ତ୍ତାଳାପ କରିବାକୁ ଆରମ୍ଭ କଲା । କୋଳରେ ବର୍ଷକର ଶିଶୁପୁତ୍ରଟିଏ । କଥାବାର୍ତ୍ତାରୁ ବୁଝିଲି ପୁତ୍ରଟି ପାଇଁ ତାଙ୍କର ମାନସିକ ଅଛି - ଛୁଆଟିକୁ କାଖେଇ କିଛି ସମୟ ପାଇଁ ଝାମୁଆ ଝାମୁ ଚାଲିବେ ଏବଂ ସେଇଥିପାଇଁ ସେ ସେଠାରେ ଉପସ୍ଥିତ ଅଛନ୍ତି । ମହିଳାଜଣକ ସ୍ୱସ୍ଥାନକୁ ଫେରିଯିବାପରେ ଆଈଙ୍କଠାରୁ ଶୁଣିଲି ଯେ ମହିଳାଟି ଅଖଣ୍ଡେଶ୍ୱରଙ୍କ ପାଖରେ ଅଧିଆ ପଡ଼ିଥିବା ସେଇ କୃଷକଟିର ପତ୍ନୀ ଏବଂ ତାଙ୍କର ଶିଶୁପୁତ୍ରଟି ଅଖଣ୍ଡେଶ୍ୱରଙ୍କ ଆର୍ଶୀବାଦର ଫଳ ।

ଏ ଘଟଣାଟି ସତ କି ମିଛି ମୁଁ ଏପର୍ଯ୍ୟନ୍ତ ଜାଣେନି । ହୁଏତ ଲୋକଟିର ତପସ୍ୟା ପରେ ପରେ ଶିଶୁଟିର ଜନ୍ମ ଏକ ଆକସ୍ମିକ ଘଟଣା । ହୁଏତ ଲୋକଟିର ବିଶ୍ୱାସ ତା'ର ମାନସିକ ତଥା ଶାରୀରିକ କ୍ଷମତା ଶକ୍ତିକୁ କିଛି ପରିମାଣରେ ବଳବତ୍ତର କରିଥିଲା । ହୁଏତ । ମୁଁ ସତରେ ଜାଣେନି । କାର୍ଯ୍ୟକାରଣ ଭିତ୍ତିରେ ଜୀବନର ସବୁକିଛି ଘଟଣାତ ସର୍ବଦା ବିଶ୍ଳେଷଣ କରାଯାଇପାରେନି । ଜୀବନର ଅନେକ ତଥ୍ୟ ତଥାପି ରହିଯାଏ ଅବୁଝା ହୋଇ- ରହସ୍ୟମୟ ଭାବରେ ।

Digitized by srujanika@gmail.com

ଅଖଣ୍ଡେଶ୍ୱରଙ୍କ ମନ୍ଦିର ବ୍ୟତୀତ, ଅଜାଘର ରହଣି କାଳ ଭିତରେ ପରିଦର୍ଶନ କରିଥିବା ଅନ୍ୟ ଏକ ମନ୍ଦିରର ସ୍ମୃତି ଏବେ ବି ମୋ ମନ ଭିତରେ ଜୀବନ୍ତ । ଏ ମନ୍ଦିରଟି ମଧ୍ୟ ଥିଲା ଏକ ପ୍ରଖ୍ୟାତ ଶିବମନ୍ଦିର । କିନ୍ତୁ ଅଜାଘର ଗାଁ'ଠାରୁ ସାମାନ୍ୟ ଦୂରରେ - ଅନ୍ୟ ଏକ ଗାଁ'ରେ ଏବଂ ସେ ମନ୍ଦିର ପରିଦର୍ଶନ କରିବାର ପ୍ରଚ୍ଛଦପଟର କାହାଣୀଟି ଥିଲା ଏଇଭଳି ।

କେଇବର୍ଷ ଆଗେ, ମୋ' ସାନଭାଇଟି ଅଜାଘରେ ଜନ୍ମ ହେବା ସମୟରେ ମୁଁ ସାଂଘାତିକ ଉଦରାମୟ ବେମାରିରେ ପୀଡ଼ିତ ଥିଲି । ସେତେବେଳେ ବୋଉର ବିବାହିତା ବଡ଼ ଭଉଣୀ -କମଳାନାନୀ ମଧ୍ୟ ସେଠାରେ ଉପସ୍ଥିତ ଥିଲେ ଏବଂ କୌଣସି ଏକ ଉଦ୍‌ବେଗମୟ ମୁହୂର୍ତ୍ତରେ, ମୁଁ ଆରୋଗ୍ୟ ଲାଭ କଲେ ଶିବରାତ୍ରି ଦିନ ଶିବ ମନ୍ଦିରରେ ଜାଗର ଜାଳିବାର ମାନସିକଟି କରିବସିଥିଲେ । କମଳାନାନୀଙ୍କର କନ୍ୟା ନଥିଲା । ଏକମାତ୍ର ସନ୍ତାନଟି ଥିଲା ପୁତ୍ର ଏବଂ ମୋ' ପ୍ରତିଥିଲେ ଅତ୍ୟନ୍ତ ସ୍ନେହଶୀଳା । ଯା'ଭିତରେ ମୁଁ ଛଅ ବର୍ଷର ହୋଇ ସାରିଥିଲି । କିନ୍ତୁ କମଳାନାନୀ ଠାକୁରଙ୍କ ପାଖରେ କରିଥିବା ଅଙ୍ଗୀକାରଟି ପୂରଣ ହୋଇପାରି ନଥିଲା । କାରଣ ମାନସିକ ପୂର୍ତ୍ତି ପାଇଁ ଶିବରାତ୍ରି ଦିନ, ଆମ ଦୁଇ ଜଣଙ୍କର ଉପସ୍ଥିତି ଜରୁରୀ ଥିଲା । ଏବର୍ଷ ଯେହେତୁ ସିଏ ପିତ୍ରାଳୟ ଆସିଲାବେଳକୁ ମୁଁ ସେଠାରେ ଥିଲି, କମଳାନାନୀ ମୋତେ ସାଥିରେ ନେଇ ପାଖ ଗାଁର ଶିବମନ୍ଦିରରେ ଜାଗର ଜାଳିବାର ବିଧିବଦ୍ଧ ଆୟୋଜନ କରିଲାଗିଲେ ।

ମାନସିକ ରଖିଥିବା ଆହୁରି ଅନେକ ମହିଳା ମଧ୍ୟ ବାହାରି ପଡ଼ିଲେ ତାଙ୍କ ସାଥିରେ । ସଡ଼କ ରାସ୍ତାରେ ମନ୍ଦିରଟି ଥିଲା ଦୂର । କିନ୍ତୁ ଗହୀରବାଟରେ ଥିଲା ଅପେକ୍ଷାକୃତ ଅଳ୍ପବାଟ । ଅପରାହ୍ଣରେ ସମସ୍ତ ଗ୍ରାମବଧୂ ଏକତ୍ରିତ ହୋଇ ହିଡ଼ବାଟେ ବାଟେ ବାହାରି ପଡ଼ିଲେ ମନ୍ଦିରାଭିମୁଖୀ ହୋଇ । ସଭିଙ୍କ ଦେହରେ ପେଡ଼ିରୁ କଢ଼ା ହୋଇଥିବା ଲୋଚାକୋଚା ରଙ୍ଗକସ୍ତା, ହାତରେ ପୂଜା ସାମଗ୍ରୀ । ନିର୍ଜନ ଶଗଡ଼ଗୁଳା ଓ ଗହୀରବାଟ କିଛି ସମୟ ପାଇଁ ନିନାଦିତ ହୋଇ ଉଠିଲା ସେମାନଙ୍କର ଅଲକ୍ତକରଞ୍ଜିତ ପାଦର ମଗର, ମଲ ଓ ପାଉଁଜିର ରୁଣୁଝୁଣୁ ତାନରେ ।

ମନ୍ଦିରରେ ପହଞ୍ଚୁ ପହଞ୍ଚୁ ମୁହଁସଞ୍ଜ । ମନ୍ଦିର ଚଉଦିଗରେ ପ୍ରଶସ୍ତ ବେଢ଼ା ମଣିଷମାନଙ୍କ ଭିତରେ ଗମ୍ ଗମ୍ । ମନ୍ଦିର ଚୂଡ଼ାକୁ ଅଖଣ୍ଡ ଦୀପ ଉଠିଯିବାପରେ ବେଢ଼ା ଓ ମୁଖଶାଳା ମଣ୍ଡପରେ ଦଳ ଦଳ ହୋଇ ବସିଥିବା ସ୍ତ୍ରୀ ଲୋକମାନଙ୍କର ଆରମ୍ଭ ହେଲା ଜାଗରଜଳା ପର୍ବ । କମଳାନାନୀ ଘିଅ ଦୀପରେ ଅଗ୍ନିସଂଯୋଗ କଲେ । ଯେହେତୁ ମୋ'ର ପେଟ ବେମାରି ପାଇଁ ମାନସିକ କରିଥିଲେ, ଗୋଡ଼ରେ ଶୁଆଇ ପ୍ରଥମେ ଦୀପଟି ଜାଳିଲେ ମୋ ପେଟରେ । ଜଳନ୍ତା ଦୀପର ତାତିରେ ପେଟ ଲାଗିଲା ଉଷୁମ । ଅବଶ୍ୟ ମୁହୂର୍ତ୍ତକପରେ ଦୀପଟି ପେଟରୁ ନେଇ ତଳେ ଥୋଇ ଦେଲେ କମଳାନାନୀ ।

Digitized by srujanika@gmail.com

ମନ୍ଦିରର ଅନ୍ଧାରୁଆ ପଥରବେଢ଼ା ଚାରିପଟେ ଶହ ଶହ ଦୀପର ଟିମ୍‌ଟିମ୍ ରୋଷଣୀ । ତା'ପାଖରେ ନୀରବରେ ବସିରହିଥିଲେ ଗ୍ରାମବଧୂସକଳ । ଦୀପଶିଖାର ଆଲୋକରେ ସେମାନଙ୍କର ନାକର ନୁତୁକ ବା ଗୋଲାପଦଣ୍ଡିର ପଥର ଚିକ୍‌ମିକ୍ କରିଉଠୁଥିଲା କେବେ କେମିତି । ମଝିରେ ମଝିରେ ଦୀପରେ ଘିଅ ଢାଳୁଥିଲେ ସେମାନେ । ଡେଙ୍ଗି ଦେଉଥିଲେ ସଳିତା । ଲିତା, ଦଣ୍ଡ, ପଳ ହୋଇ ବିତିଯାଉ ଥିଲା ସମୟ । ଉପବାସ ବ୍ରତ ରଖି ଅନେକ ଦୂରବାଟରୁ ଚାଲି ଚାଲି ଆସିଥିଲେ ସେମାନେ । ସ୍ୱଭାବତଃ ଥିଲେ କ୍ଳାନ୍ତ ଓ ଅବସନ୍ନ । କିନ୍ତୁ ସେ ବିଷନ୍ନତା ସତ୍ତ୍ୱେ, ଦୀପର ହଳଦିଆ, ନରମ ଆଲୋକରେ ସେମାନଙ୍କ ମୁହଁ ସବୁ ଦିଶୁଥିଲା ଦୀପ୍ତ, ପ୍ରସନ୍ନ ଓ ଅପାର୍ଥିବ । ପ୍ରିୟତମ ମଣିଷଟିର ମଙ୍ଗଳକାମନା କରି ପୂର୍ଣ୍ଣ ପ୍ରାଣରେ ଓ ପରମବିଶ୍ୱାସରେ ଈଶ୍ୱରଙ୍କ କରୁଣା ପାଖରେ ନିଜକୁ ସମର୍ପଣ କରିଦେଇଥିବା ହେତୁ ବୋଧ ହୁଏ ।

କିଛି ସମୟ ପରେ ମୋତେ ନିଦ ଲାଗିଲା । ମୁଁ ଶୋଇ ପଡ଼ିଲି କମଳାନାନୀଙ୍କ କୋଳରେ ମୁଣ୍ଡ ଦେଇ । କମଳାନାନୀ ସେମିତି ବସିରହିଥିଲେ ନିଶ୍ଚଳ ଭଙ୍ଗୀରେ । ମୁଁ ଜାଣିଥିଲି ସିଏ ସାରାରାତି ବସିରହିବେ ସେଇଭଳି ।

ମୋ ନିଦ ଭାଙ୍ଗିଲା ବେଳକୁ ଫର୍‌ଚା ହୋଇ ଆସୁଛି । ସକାଳର ଶିଶୁ ସୂର୍ଯ୍ୟ ଠିକ୍ ବାହାରିବାକୁ ଉଦ୍ୟତ ହେଉଛି ଦିଗ୍‌ବଳୟ ତଳୁ । ଲେଉଟାଣି ସମୟ ହୋଇଯାଇଥିଲା । ଚାଲି ଚାଲି ପୁଣି ସେଇ ଗହୀରବାଟରେ ଫେରନ୍ତା ଯାତ୍ରା ।

ମୁଁ ହାଲିଆ ହୋଇ ଯାଇଥିବି ଭାବି କମଳାନାନୀ ଜବରଦସ୍ତ କଲେ ମୋତେ କାଖ କରିବା ପାଇଁ । ମୁଁ ଛାଟିପିଟି ହୋଇ ଓହ୍ଲାଇ ଆସିଲି ତାଙ୍କ କୋଳରୁ ।

ଚଉଦିଗର ବନ, ବିଲ, ପ୍ରାନ୍ତର ଓ ପାହାଡ଼ରେ ପ୍ରଭାତୀ ଆଲୁଅର ଗୋଲାପି ଆଭା । ଶୀତୁଳିଆ ସିର୍ ସିର୍ ପବନ ସାଥିରେ ଓଦାଘାସ, ବନସ୍ପତି ଓ ଧାନ ବିଲର ମିଶାମିଶି ବାସ୍ନା । ସକାଳର ଯେ ଏଭଳି ଏକ ବାସ୍ନା ଥାଏ ସେଦିନ ପ୍ରଥମେ ଇ ଜାଣିଥିଲି । ଚମତ୍କାର ଋତୁଥିଲା । ଚମତ୍କାର ସକାଳ ବି । ମୁଁ ଅଫୁରନ୍ତ ଉତ୍ସାହରେ ସମସ୍ତଙ୍କ ଆଗେ ଆଗେ ଦୌଡ଼ି ଲାଗିଲି - ହିଡ଼କଡ଼ର ପ୍ରତ୍ୟେକଟି ଲାଜକୁଳୀ ଲତାକୁ ଛୁଇଁ ଛୁଇଁ ଏବଂ ମୋର ଫୁଙ୍ଗୁଳାପାଦର ସ୍ପର୍ଶରେ ଘାସ ଉପରେ ଚମକୁଥିବା ପ୍ରତ୍ୟେକଟି ମୁକ୍ତାରୂପୀ ଶିଶିର ବିନ୍ଦୁକୁ ନଷ୍ଟ ବିନଷ୍ଟ କରି ।

●●●

Digitized by srujanika@gmail.com

# ଶ୍ରଦ୍ଧାଞ୍ଜଳି

ପୁତ୍ର ସନ୍ତାନ ପ୍ରାପ୍ତିର ଆନନ୍ଦଟି କିନ୍ତୁ ବୋଉ ପାଇଁ ଚିରସ୍ଥାୟୀ ହୋଇ ପାରିନଥିଲା । କାରଣ ମୋ ସାନ ଭାଇଟି ଜନ୍ମ ହେବା ପରେ ପରେ ମୁଁ ଭୀଷଣ ଭାବରେ ଅସୁସ୍ଥ ହୋଇ ପଡ଼ିଥିଲି । କୌଣସି ଏକ ଜୀବାଣୁର ଆନ୍ତ୍ରିକ ସଂକ୍ରମଣ ହେତୁ ପୀଡ଼ିତ ହୋଇଥିଲି ଶକ୍ତ ଉଦରାମୟ ବେମାରିରେ ଯାହାର ବିଧିବଦ୍ଧ ଚିକିତ୍ସା ଗାଁ ଗହଳରେ ସେତେବେଳେ ନଥିଲା କହିଲେ ଚଳେ । ଅଧିକାଂଶ ଶିଶୁ ପ୍ରାଣ ହରାଉଥିଲେ ଏଇ ରୋଗରେ ଆକ୍ରାନ୍ତ ହୋଇ ।

ମୋ ତଳ ଭାଇଟିର ଜନ୍ମ ପାଇଁ ବୋଉ ଯାଇଥିଲା ଅଜା ଘରକୁ । ସାଥିରେ ଦେଢ଼ ବର୍ଷର ଶିଶୁକନ୍ୟାଟିକୁ ଧରି । ଗାଁର ନିୟମ ଅନୁଯାୟୀ ବୋଉ ଏନ୍ତୁଡ଼ିଶାଳରେ ରହିଲା ଏକୋଇଶ ଦିନ । ବସ୍ତୁତଃ ମୋ ଦେଖାଶୁଣା କରିବା ତା' ପକ୍ଷରେ ଥିଲା ଅସମ୍ଭବ । ଗ୍ରାମ୍ୟ ପରିବେଶରେ ସ୍ୱାସ୍ଥ୍ୟରକ୍ଷାର ବିଧି ଥିଲା କୋହଳ । ଏତଦ୍ ବ୍ୟତୀତ ଠିକ୍ ମୋ ଭାଇର ଜନ୍ମ ହେବାଦିନ ମାଇଁ ଆସିଥିଲେ ପୁଆଣି ହୋଇ । ଘରେ ନବବଧୂଟିର ଆଗମନ ଜନିତ ହଟଗୋଳ । ମୋ ଦେଖାଶୁଣାରେ ତେଣୁ ସ୍ୱାଭାବିକ ଭାବରେ ଅବ୍ୟବସ୍ଥା ହୋଇଥିଲା ।

ଆଇଙ୍କର ଟୁଟୁକା ଔଷଧ ତଥା ଗ୍ରାମ ବଇଦଙ୍କର ପାଚନ ପାଣି ସବୁ ଗଲା ନିଷ୍ଫଳ । ଗୋଲ୍‌ଗାଲ୍ ସ୍ୱାସ୍ଥ୍ୟବତୀ ଝିଅଟି ଅଚିରେ ଦିଶିଲା ହାଡ଼ କଙ୍କାଳସାର ବର୍ଷକର ଛୁଆ ପରି । ବୋଉ ଅଥୟ ହେଉଥିଲା କଟକ ଫେରି ଆସିବା ପାଇଁ । କିନ୍ତୁ ବୋଉକୁ ଫେରାଇ ପଠାଇବାରେ ଅଜା ଥିଲେ କୁଣ୍ଠିତ ।

ତତ୍କାଳୀନ ଗ୍ରାମୀଣ ପରମ୍ପରା ଅନୁସାରେ, ବାହାଘରର ପ୍ରାୟ ପାଞ୍ଚ ସାତ ବର୍ଷ ଯାଏ ଝିଅ ଶାଶୁଘରୁ ବାପ ଘରକୁ ଯିବାର କେଇ ଦିନ ପରେ, ଝିଅକୁ ଆଣି ଛାଡ଼ିଦେଇଯିବା ପାଇଁ କନ୍ୟାର ପିତାମାତାଙ୍କ ନିକଟକୁ ଶାଶୁ ଶ୍ୱଶୁର ଖବର ପଠାଇବାର ଅଲିଖିତ ନିୟମଟିଏ ଚାଲୁଥିଲା । ବିନା ସଂଦେଶ ପ୍ରାପ୍ତିରେ ମନକୁ ମନ ଝିଅକୁ ଶାଶୁ ଘରକୁ ପଠାଇ ଦେବାଟା କନ୍ୟାର ପିତା ସମୀଚୀନ ମଣୁନଥିଲେ । ଏହା କଲେ କନ୍ୟାର ସାମୟିକ ଦାୟିତ୍ୱ ନେବା ପାଇଁ ପିତାମାତା ଅନିଚ୍ଛୁକ ଏବଂ ଅସମର୍ଥ ବୋଲି ପ୍ରମାଣିତ ହୋଇଯିବାର ଭୟ ଥିଲା । ଏହାଥିଲା ସମାଜର ପ୍ରଚଳିତ ଏକ ବାହ୍ୟାନୁଷ୍ଠାନ ମାତ୍ର । କିନ୍ତୁ ଏଇ ବାହ୍ୟନୁଷ୍ଠାନ ପ୍ରତି ଅଜା ଥିଲେ ଅତିମାତ୍ରାରେ ସଚେତନ ।

ମୋର ବୁଢ଼ାବାପା ଓ ବୁଢ଼ୀ ମା' ରହୁଥିଲେ ଗାଁରେ । ବୋଉ ଯେହେତୁ କଟକରୁ ଅଜାଘରକୁ ଯାଇଥିଲା ସେମାନେ ଧରି ନେଇଥିଲେ ଯେ ଏ ସମ୍ପର୍କରେ ସମ୍ପୂର୍ଣ୍ଣ ଦାୟିତ୍ୱ ବାପାଙ୍କର । ଅପରପକ୍ଷରେ ମୋର ସହରୀ ଏବଂ ଶିକ୍ଷିତ ବାପା ଥିଲେ ଏସବୁ ସାମାଜିକ

Digitized by srujanika@gmail.com

ଚଳଣିରେ ଅନଭ୍ୟସ୍ତ । ଧରି ନେଇଥିଲେ ଶିଶୁ ସନ୍ତାନଟି ସାମାନ୍ୟ ବଡ଼ ହେଲେ ଅଜା ସାଥିରେ ଆଣି ଛାଡ଼ି ଦେଇ ଯିବେ ବୋଉଙ୍କୁ । ଫଳ ସ୍ୱରୂପ ଦିନକୁ ଦିନ ମୋର ଅବସ୍ଥା ସଂକଟାପନ୍ନ ହୋଇ ଉଠିଲେ ସୁଦ୍ଧା ବୋଉକୁ ଫେରାଇ ପଠାଇ ଦେବା ପାଇଁ ଅଜା ଥିଲେ ସମ୍ପୂର୍ଣ୍ଣ ରୂପେ ନାମଙ୍ଗ । ବୋଉ ଅଧୈର୍ଯ୍ୟ ହେଲେ ହାତ ହଲାଇ ରାଗ ତମ ତମ ହୋଇ କହୁଥିଲେ, ବିନା ଡାକରାରେ କେମିତି ତତେ ଛାଡ଼ି ଦେବି ଯେ । ଲୋକେ କଅଣ କହିବେ ? ଭାବିବେ ମହାଦେବ ପଣ୍ଡାର ଝିଅକୁ ଭାତ ଖୁଆଇବା ପାଇଁ ଚାଉଳ ଗଣ୍ଡେ ନଥିଲା ବୋଧେ । ପିତାଙ୍କ ଜିଦ୍ ଆଗରେ ବୋଉ ନୀରବ ହୋଇଯାଉଥିଲା ।

କିନ୍ତୁ ସେ ନୀରବତା, ବେଶୀଦିନ ଯାଏ ତିଷ୍ଠିନଥିଲା ତା'ର । ଦିନେ ପଡ଼ିଶାଘରର ଜନୈକା ବୃଦ୍ଧା ପିଇସୀନାନୀ ମୋତେ ଦେଖି ବୋଉକୁ ଚେତାବନୀ ଦେଇଥିଲେ - ''ବାପ କଥା ମାନି ପଡ଼ିକି ରହିଚୁ ଏଠି । କାଲିକି କାଲି ତୋ ଝିଅର କଅଣ ଭଲ ମନ୍ଦ ହେଲେ ବାପ ଫେରେଇ ଦବ ତୋ ଛୁଆକୁ ? ଝିଅକୁ ବଞ୍ଚେଇବାକୁ ଚାହିଁଲେ ଅତି ଶୀଘ୍ର କଟକ ଯାଇ ବଡ଼ ଠାକ୍ତର ଦେଖା ।'' ଏବଂ ଯା ପରେ ହଠାତ୍ ବୋଉର ଚେତା ପଶିଥିଲା । କଳି କରିଥିଲା ଅଜାଙ୍କ ସାଥିରେ । କାନ୍ଦିକାନ୍ଦି କହିଥିଲା - ''ଏବେ କଚେରୀ ଚାଲ । ତମ ଜମି ଜମା ଅଧା ଲେଖି ଦିଅ ମୋ ନାଁରେ । ତା ହେଲେ ଚିର ଦିନ ପାଇଁ ରହିବାକୁ ରାଜି ମୁଁ ତମ ପାଖରେ । ତା ଯଦି କରି ନପାରିବ ତାହେଲେ ଯାହାର ଦାୟିତ୍ୱ ତା ପାଖକୁ ମତେ ପଠେଇ ଦିଅ - ତମେ ନ ପଠାଇଲେ ମୁଁ ନିଜେ ଚାଲିଯିବି ମୋ ପୁଅଝିଅଙ୍କୁ ଧରି ।'' ଅଜା ବେଶ୍ ଭୟଭୀତ ହୋଇ ପଡ଼ିଥିଲେ । ଅର୍ଦ୍ଧେକ ଭୂସମ୍ପତ୍ତି ହରାଇବାର ଆଶଙ୍କାରେ ନୁହେଁ ଅବଶ୍ୟ । ଭୟଭୀତ ହୋଇଥିଲେ ମୋର ସଙ୍କଟାପନ୍ନ ଅବସ୍ଥା ଦେଖି । ବୋଉକୁ ଧରି ସେଇଦିନ ଅପରାହ୍ନରେ ଚଢ଼ିଲେ କଟକ ବସ୍ ।

ମାମୁଁଘର ଗାଁରୁ କଚା ନାଲିଗୋଡ଼ିର ରାସ୍ତାଟିଏ ଥିଲା କଟକ ପର୍ଯ୍ୟନ୍ତ -କାଠଯୋଡ଼ି ନଦୀ ପାର ହୋଇ । ନଦୀ ଉପରେ ପୋଲ ନଥିଲା । ଗ୍ରୀଷ୍ମ ଋତୁରେ ନଈ ଶୁଖିଗଲେ ତା' ଭିତରେ ତିଆରି ହେଉଥିଲା ବସ୍ ଚଳାଚଳ ନିମିତ୍ତ ଅସ୍ଥାୟୀ ଫେୟାରୱେଦର ରୋଡ଼ଟିଏ । ବସଚଢ଼ି ଅଜା ଓ ବୋଉ ଠିକ୍ କାଠଯୋଡ଼ି ନଦୀକୂଳରେ ପହଞ୍ଚିଲାବେଳକୁ ବସ୍‌ଟିରେ ଦେଖାଗଲା ଯାନ୍ତ୍ରିକ ତ୍ରୁଟି । ଡ୍ରାଇଭର ଓ କଣ୍ଡକ୍ଟର ଓହ୍ଲାଇପଡ଼ି ଗାଡ଼ି ଠିକ୍ କରିବାକୁ ଲାଗିଲେ । ବସ୍‌ଟି ଆଦୌ ଠିକ୍ ହୋଇ ପାରିବକି ନାହିଁ ଥିଲା ସନ୍ଦେହଜନକ । ବସ୍ ଆରୋହୀ ଗ୍ରାମୀଣ ମଣିଷ କେତୋଟି କିଂକର୍ତ୍ତବ୍ୟବିମୂଢ଼ ହୋଇ ଏଠିସେଠି ଘୁରି ବୁଲିଲେ କିମ୍ବା ନଈ ଦାଡ଼ରେ ବସି ପିକା ଟାଣିଲେ ଓ ତାମ୍ବୁଲ ଚର୍ବଣ କଲେ । ଅପରାହ୍ନ ମଳିନ ପଡ଼ିବାକୁ ବସିଲାଣି । ଅନିର୍ଦ୍ଦିଷ୍ଟ ସମୟ ପାଇଁ ଅପେକ୍ଷା କରିବାକୁ ବୋଉର ଆଉ ଧୈର୍ଯ୍ୟ ନଥିଲା । ଅଜା ଏବଂ ବୋଉ ତେଣୁ ଚାଲିଚାଲି ନଈପାର ହେବା ପାଇଁ ସ୍ଥିର କଲେ । ନଈ ଆରପଟେ କଟକ ସହରର କୋଠାବାଡ଼ି ଦିଶୁଥିଲା ।

Digitized by srujanika@gmail.com

ଅଜାଙ୍କର ଗୋଟିଏ ହାତରେ କନ୍ଥାଗୁଡ଼ା ନବଜାତକଟି । ଅପର ହାତରେ ପୁରୁଣା ରଙ୍ଗଚଟା ଟିଣ ସୁଟ୍‌କେଶ । ବୋଉ ତା' ଲୁଗାକାନି ଭିତରେ ପୂରାଇ ପୁଟୁଳିଟିଏ କରି ତା' ଛାତି ଭିତରେ ଅତି ସନ୍ତର୍ପଣରେ ଜାକି ଧରିଲା ମୋ ଶରୀରର କାଠି ପରି ହାଡ଼ କେଇଖଣ୍ଡ । ବାପ ଝିଅ ନଈ ବନ୍ଧରୁ ତଳକୁ ଓହ୍ଲାଇଲେ ।

ସାରାଦିନ ଖରାଖାଇ ନଦୀର ମିହି ବାଲି ଥିଲା ଗରମ । ତରୁଣୀ ବୋଉର ଗୋରା ଗୋରା ଫୁଙ୍ଗୁଳାପାଦ ସେ ରୌଦ୍ରଦଗ୍ଧ ନରମ ବାଲିରେ ପୋତି ହୋଇ କଇଁଥା ପଡ଼ିଯାଉଥିଲା । ନଦୀମଝିରେ କଦବା କେଉଁଠି ଜମା ହୋଇ ରହିଥିଲା ସାମାନ୍ୟ ପାଣି ବା ଝିରିଝିରି ଜଳଧାର । ପାଦକୁ ଶୀତଳ କରିବା ପାଇଁ ବୋଉ ଯାଇ ବାରମ୍ବାର ଠିଆ ହେଉଥିଲା ତା' ଭିତରେ । ଅଳ୍ପ ଦିନ ଆଗରୁ ମୋ ଭାଇଟି ଜନ୍ମ ହୋଇଥିଲା । ଶାରୀରିକ ଭାବରେ ବୋଉ ଥିଲା ଦୁର୍ବଳ । ବୋଧହୁଏ ଝିଅକୁ ବଞ୍ଚାଇରଖିବାର ଅଦମ୍ୟ ଓ ତୀବ୍ର ଆକାଙ୍‌କ୍ଷା ତାକୁ ଯୋଗାଇ ଦେଇଥିଲା ସେ ବିସ୍ତୀର୍ଣ୍ଣ ସିକତା ପାର ହେବାପାଇଁ ସମୁଚିତ ମାନସିକ ଶକ୍ତି ଓ ସାହସ ।

କାଠଯୋଡ଼ିର ପଥର ବନ୍ଧ ଚଢ଼ି କଟକ ସହର ରାସ୍ତାରେ ପାଦ ଦେଲା ବେଳକୁ ମୁହଁ ସଞ୍ଜ । ରାସ୍ତାକଡ଼ର ଖର୍ବକାୟ ମ୍ୟୁନିସିପାଲିଟି ଖୁଣ୍ଟମାନଙ୍କରେ ମିଞ୍ଜି ମିଞ୍ଜି କିରାସିନୀ ବତୀ ଜଳିବାକୁ ଆରମ୍ଭ କରିଛି । ସେ ବତୀ ସଂସ୍ପର୍ଶରେ ଆସି ବୋଉର ଲିଭିଲିଭି ଆସୁଥିବା ଆଶାର ପ୍ରଦୀପଟି ହଠାତ୍ ଯେମିତି ଦିକି ଦିକି ହୋଇ ଜଳିବାକୁ ଆରମ୍ଭ କଲା । କଟକ ସହରରେ ଡାକ୍ତରୀ ସୁବିଧାର ଅଭାବ ନାହିଁ । ମୁମୂର୍ଷୁ ଝିଅଟି ହୁଏତ ତା'ର ବଞ୍ଚିଯିବ ଶେଷ ପର୍ଯ୍ୟନ୍ତ । ହାତଟଣା ରିକ୍ସାଟିଏ ଚଢ଼ି ନଇକୂଳରୁ ଘରେ ପହଞ୍ଚୁ ପହଞ୍ଚୁ ରାତି । କହିବା ବାହୁଲ୍ୟ ଯେ ମୋତେ ଦେଖି ବାପା ମଧ ହୋଇ ଉଠିଲେ ସମଭାବରେ ବିବ୍ରତ ଓ ହତୋତ୍ସାହ । ତା' ପରଦିନ କାଳବିଳମ୍ବ ନକରି ସତ୍ୱର ନେଇ ଯାଇଥିଲେ ଶିଶୁ ବିଶେଷଜ୍ଞଙ୍କ ପାଖକୁ । ଚିକିତ୍ସା ଚାଲିଲା - ଔଷଧ ପରେ ଔଷଧ ବଦଳିଲା ।କିନ୍ତୁ କୌଣସି ପରିବର୍ତ୍ତନ ହେଲାନି ମୋ ଅବସ୍ଥାରେ ।

ଦିନଟିଏ ଆମ ଘର ସାମନାପିଣ୍ଡାରେ ଥିବା ସିମେଣ୍ଟ ବେଞ୍ଚରେ ବୋଉକୁ କ୍ରନ୍ଦନରତା ଅବସ୍ଥାରେ ଦେଖି ଆମ ପଡ଼ୋଶୀଙ୍କ ଘରେ ପରିଚାରିକା ହିସାବରେ କାମ କରୁଥିବା ଜନୈକା ବୃଦ୍ଧା ମହିଳା ବୋଉକୁ ତା'ର ନୈରାଶ୍ୟର କାରଣ ପଚାରିଥିଲେ ଏବଂ ବୋଉଠାରୁ ମୋର ବେମାରି ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଖବର ନେଇ ସାନ୍ତ୍ୱନାମୟ ସ୍ୱରରେ କହିଥିଲେ - ମା' ଅନେକ ଚେଷ୍ଟା ତ କଲଣି । ମୁଁ ଗୋଟିଏ ଔଷଦ ବତାଇ ଦେବି । ଦେଖ, ଭଗବାନ ଚାହିଁଲେ ଝିଅ ନିଶ୍ଚୟ ଭଲ ହୋଇଯିବ । ଉପଚାରଟି ଥିଲା ସରଳ । ପିତାକୋରୁହାଁ ଗଛର ଛେଲିକୁ ଶିଳରେ ବାଟି ସେଇ ରସ ସହିତ ସମ ପରିମାଣ ଦହି ମିଶାଇ ଦିନକୁ ତିନିଥର ପିଆଇବା । ବୋଉ ପାଇଁ ଏହା ଥିଲା ଶେଷ ଆଶ୍ରା । ଭାଗ୍ୟକୁ ଆମ ଘରଠାରୁ ଅନତିଦୂରରେ ଥିବା ସ୍କୁଲ

Digitized by srujanika@gmail.com

ସାମ୍ନାରେ ଏତାଦୃଶ ଗଛଯୋଡ଼ିଏ ଥିଲା । ବୋଉ ସତ୍ୱର ଛେଲି ଟିକିଏ ଯୋଗାଡ଼ କରିନେଲା ଏବଂ ନିୟମିତ ରୂପେ ରସଟି ପିଆଇ ଲାଗିଲା ମୋତେ । ବୃକ୍ଷଟିର ଔଷଧୀୟ ଗୁଣ ଯୋଗୁ ହେଉ କିମ୍ବା ଈଶ୍ୱରଙ୍କ କୃପାରୁ ହେଉ, ମୋ ବାପାବୋଉଙ୍କର ଅନେକ ଅତନ୍ଦ୍ର ରାତିର ଅସହାୟ ପ୍ରାର୍ଥନାକୁ ସଫଳକରି ମୁଁ ଆକସ୍ମିକ ଭାବରେ ଭଲ ହେବାକୁ ଲାଗିଲି ।

ସେ ପରିଚାରିକା ବୃଦ୍ଧା ଜଣଙ୍କୁ ମୁଁ ଦେଖିନି । ମୋର ଜ୍ଞାନ ହେବା ପୂର୍ବରୁ ସିଏ ମୃତ୍ୟୁ ମୁଖରେ ପତିତ ହୋଇଥିଲେ । କିନ୍ତୁ ଏ କାହାଣୀଟି ମୁଁ ବାରମ୍ବାର ବୋଉ ମୁହଁରୁ ଶୁଣିଆସିଛି । ଏବଂ ଯେତେବେଳେ ସିଏ ଏଇ କାହାଣୀଟି କହେ ହାତ ଯୋଡ଼ି ଠାକୁରଙ୍କୁ ଡ଼ାକେ । କହେ- ଆହା ବୁଢ଼ୀଟିର ଆତ୍ମା ଶାନ୍ତି ପାଉ । ତା' ଯୋଗୁଁ ମୋ ଝିଅକୁ ଫେରିପାଇଛି ମୁଁ ।

କେଇ ମାସ ତଳେ ଘରକୁ ଯାଇଥିଲି । କଥା ପ୍ରସଙ୍ଗରେ , ଏଇ ଘଟଣାଟିକୁ ନେଇ ଫିଚରଟିଏ ଲେଖିବା ପାଇଁ ଠିକ୍ କରିଛି ବୋଲି ବୋଉକୁ କହିଲି । ମନେ ମନେ ପ୍ରସ୍ତୁତ କରିଥିବା ଆଲେଖର ଖସଡ଼ାଟି ବୋଉକୁ ଶୁଣାଇଲି ମଧ । ମନ ଦେଇ ସବୁ କଥା ଶୁଣିସାରି ବୋଉ କହିଲା -ଆହା ! ଅସଲ କଥାଟିତ ଛାଡ଼ିଦେଲୁ ।

- କଅଣ ପୁଣି ବାକି ରହିଗଲା ? ମୁଁ ପଚାରିଲି ।

- ସେ ବୁଢ଼ୀଟି ଯେ ମୁସଲମାନ ଥିଲା କାଇଁ କେଉଁଠି କହିଲୁନିତ ? ବୋଉ ଉତ୍ତର ଦେଲା । ଏଖବରଟି ପ୍ରଥମ କରି ସେ ଦିନ ଶୁଣିଥିଲି ବୋଉ ମୁହଁରୁ । ଆଗରୁ କେବେ କହିନଥିଲା । ଭୁଲି ଯାଇଥିଲା ବୋଧ ହୁଏ ।

କିନ୍ତୁ ବୋଉ ମୁହଁରୁ ଏକଥାଟି ଶୁଣି ସାରିଲାପରେ ଅନେକ ସମୟ ପର୍ଯ୍ୟନ୍ତ ଅବାକ୍ ଆଖିରେ ମୁଁ ଚାହିଁ ରହିଲି ତାକୁ । ଅବାକ୍ ହୋଇଥିଲି ଆବିଷ୍କାର କରି ଯେ ମୋର ହିନ୍ଦୁ ଧର୍ମାବଲମ୍ବୀ ପ୍ରାଚୀନପନ୍ଥୀ ବୋଉ ଗୋଟିଏ ଭିନ୍ନ ଧର୍ମୀ ମଣିଷର ଆତ୍ମାର ସଦ୍‌ଗତି ପାଇଁ ବେଶ୍ ନିଷ୍ଠାପର ଭାବରେ ଏବଂ ସଚ୍ଚୋଟ ମନରେ ତା'ଈଶ୍ୱରଙ୍କ ପାଖରେ ପ୍ରାର୍ଥନା କରି ଆସିଛି ବର୍ଷ ବର୍ଷ ଧରି, ବର୍ଷ ବର୍ଷ ଧରି ।

●●●

Digitized by srujanika@gmail.com

# ବୋଉର ବାପା

ଗୋଲ ମୁହଁର ଶୀର୍ଣ୍ଣକାୟ ଛୋଟିଆ ମଣିଷଟିଏ । ମୁଣ୍ଡରେ ଗୋଲମରିଚଗୁଣ୍ଡ ସଦୃଶ କଳାଧଳା ରଙ୍ଗମିଶା ବାଳ । ଠିକ୍ ଅଧଇଞ୍ଚ ଲମ୍ୱରେ କଟା । ଦୂରରୁ ଦେଖିଲେ ଜଣାପଡୁଥିଲା ଯେତେ ଅବା ମୁଣ୍ଡ ଉପରେ ଲାଖି ରହିଛି ଗୋଲାକାର ନିବୁଜ ଟୋପରଟିଏ । ଗୋଲ ଗୋଲ କୋରଡ଼ିଆ ଆଖି । ସେ ଆଖିର ମଣିଥିଲା ଭାରି ଉଜ୍ଜ୍ୱଳ । ଶରୀର ଥିଲା ସମ୍ପୂର୍ଣ୍ଣ ରୂପେ ମେଦ ବର୍ଜିତ । ପେଟ ଲାଗିଯାଉଥିଲା ପିଠିରେ । ପହରଣ ଅଣ ଓସାରିଆ ଆଡ଼ମଇଳା ଧୋତି । କାନ୍ଧରେ ଗେରୁମଡ଼ା କୁମ୍ଭ ଧଡ଼ିଆ ଗାମୁଛା । ଲୋକଙ୍କ ମେଳରେ ଅଲଗା ବାରିହେଉନଥିବା ସାବନ ଚେହେରାର ସାଧାରଣ ମଣିଷଟିଏ ।

ଅପର୍ଯ୍ୟାପ୍ତ ଧନ ନଥିଲା । ଅଭାବ ବି ନଥିଲା । ସଂସାର ଚଳୁଥିଲା ସୁରୁଖୁରୁରେ । ନଈକୂଳିଆ ଉର୍ବରା ଜମିରେ ଫସଲ ଫଳୁଥିଲା ଢ଼େର୍ । ଜମିରୁ ଆସୁଥିଲା ଧାନ, ମୁଗ, ବିରି, ବୁଟ, ଚଣା ଓ ସୋରିଷ । ଆଖୁଚାଷ କରି ଅମଳ କରୁଥିଲେ ଗୁଡ଼ । ସେ ଗୁଡ଼ ବିକ୍ରୀ ହୋଇ କଞ୍ଚାପଇସା ଆସୁଥିଲା ହାତକୁ । କଞ୍ଚା ପଇସା ମଧ୍ୟ ଆସୁଥିଲା ଝୋଟ ବିକ୍ରୀରୁ । ହଳିଆ ଲଗାଇ ପ୍ରତିବର୍ଷ ନଳିତା ଚାଷ ବି କରୁଥିଲେ ଜମିରେ । ଗାଁ'ମୁଣ୍ଡରେ ଆମ୍ବପଣସ ତୋଟା, ଗୁହାଳରେ ଗାଈ ମଇଁଷି, ବାରିରେ ବାରମାସୀ ଶାଗ, ବାଇଗଣ, ଲଙ୍କାମରିଚ । ପ୍ରତିବର୍ଷ ବେଙ୍ଗଳାବୁଲା ସରିଲେ ବର୍ଷାଦିନେ ପ୍ରଶସ୍ତ ଖଳାବାରିରେ ଲଙ୍ଗଳ ଚଳାଇ ରୋପଣ କରୁଥିଲେ କଳରା, ଜହ୍ନି, ଭେଣ୍ଡି, ଛଚିନ୍ଦ୍ରା, କାକୁଡ଼ି ଓ ମକା । ସେ ପରିବା ଖାଇ ଖାଇ ସରୁ ନଥିଲା । ବୋଝବୋଝ ବେଭାର ଯାଉଥିଲା ବନ୍ଧୁ ଘରମାନଙ୍କୁ ।

ଥିଲେ ବୁଦ୍ଧିମାନ୍ ଏବଂ ସାକ୍ଷର ମଧ୍ୟ । ଗଣିତରେ ମେଧା ଥିଲା ତୀକ୍ଷ୍ଣ । ଜମିଚାଷ ସହିତ ସାନ ସାନ କଣ୍ଟ୍ରାକ୍ଟରୀ କାମ ମଧ୍ୟ କରୁଥିଲେ- ନଈବନ୍ଧ ବା ପୋଲ ତିଆରିର । ଖୋଷଣୀରେ ଚବିଶଘଣ୍ଟା ଗୁଞ୍ଜା ହୋଇଥିଲା ଧୋବଲା ଖଡ଼ିଗୋଟାକିଟିଏ । ଯେଉଁଠି ବସୁଥିଲେ, ଖଡ଼ି ଗୋଟାକିଟି କାଢ଼ି ଗୋବର ଲିପା ମାଟି ଚଟାଣରେ କରି ବସୁଥିଲେ କଣ୍ଟ୍ରାକ୍ଟରୀ ପଇସାର ହିସାବ କିତାବ ।

ବାପା କଟକରେ ଆମ ଘରଟି ତିଆରି କରିଥିଲେ ଠିକ୍ ବୋଉ ପୁଆଣି ହୋଇ ଆସିବା ପରେ । ସାଂସାରିକ ବୁଦ୍ଧିରେ ଅନାଡ଼ି ପ୍ରାୟ ଅଧ୍ୟାପକ ଜାମାତାଟିକୁ ସାହାଯ୍ୟ କରିବା ପାଇଁ କଣ୍ଟ୍ରାକ୍ଟର ଅଜା ଆସି ପହଞ୍ଚି ଯାଇଥିଲେ ମନକୁ ମନ । ନିଜେ ପରିଶ୍ରମ କରି ଓ ସମଗ୍ର ଦାୟିତ୍ୱ ବହନ କରି ଦି' ମହଲା କୋଠାଟି ତିଆରି କରିଦେଲେ ମଧ୍ୟ । ଗାଁରୁ ମହାନଦୀ ବାଟ ଦେଇ ଡଙ୍ଗାରେ କାଠ ଆଣି ନିଜେ ତଦାରଖ କରି ତିଆରି କରିଥିଲେ ଖିଡ଼କୀ ଦରଜା । କଡି ବର୍‌ଗା ଲଗା ଉଚ୍ଚଛାତର ବଡ଼ ବଡ଼ ବଖରା । ପ୍ରଶସ୍ତ ଅଗଣା ଓ ପିଣ୍ଡା । ପିଣ୍ଡାରେ ଚଉଖୁଣ୍ଟିଆ

Digitized by srujanika@gmail.com

ମୋଟା ମୋଟା ଖମ୍ବ । ସବୁ ଠିକ୍ ଥିଲା । କିନ୍ତୁ ମାରାତ୍ମକ ଭୁଲଟିଏ କରି ବସିଥିଲେ ପ୍ରଥମରୁ । ପାଣିର ସଂସ୍ଥାନ କରିବା ପାଇଁ କୂଅଟି ଖୋଳି ଦେଲେ ଆଗେ । ଘରର ନକ୍ସାକାଟି ଇଟା ଗାନ୍ଥିନି କଲାବେଳକୁ କୂଅଟି ପଡ଼ିଲା ଠିକ୍ ପିଣ୍ଡା ମଝିରେ । ସାରା ପୃଥିବୀରେ ବୋଧ ହୁଏ ଆମ ଘରଟି ହିଁ ଏକମାତ୍ର ଘର ଯାହାର ଘର ଭିତରେ କୂଅଟିଏ ।

ଥିଲେ ଅତିମାତ୍ରାରେ ସତ୍ ଏବଂ ସଚ୍ଚୋଟ । ରହୁଥିଲେ ଗ୍ରାମର ରାଜନୀତି ତଥା ସର୍ବ ପ୍ରକାର କଳିତକରାଳ ଠାରୁ ଦୂରରେ । କୂଟନୀତି ବା ଘୋର ପେଞ୍ଚ ଜଣାନଥିଲା । ଥିଲେ ଶାନ୍ତିପ୍ରିୟ, ନିରୁତା ଭଲମଣିଷଟିଏ । ଅନ୍ୟାନ୍ୟ ଗ୍ରାମବାସୀମାନଙ୍କ ପରି ଧୂଆଁପତ୍ର ଖିଆ କିମ୍ବା ପିକାଟଣାର ଅଭ୍ୟାସ ନଥିଲା । ନଥିଲା ତାମ୍ବୁଳଚର୍ବଣର ନିଶା ମଧ । ଥିଲେ ଅନୁଶାସନ ବଦ୍ଧ ଏବଂ ନିୟମାନୁବର୍ତ୍ତୀ । ଦୀକ୍ଷା ଗ୍ରହଣ କରିଥିଲେ ସନ୍ଥ କବି ଭୀମଭୋଇଙ୍କ ପ୍ରଚଳିତ ମହିମାଧର୍ମରେ । ସୂର୍ଯ୍ୟାସ୍ତପରେ ଭୋଜନ କିମ୍ବା ଜଳଗ୍ରହଣ କରୁନଥିଲେ ଏବଂ ପ୍ରତ୍ୟହ ସାୟଂକାଳରେ ଉନ୍ମୁକ୍ତ ଆକାଶ ତଳେ ଅସ୍ତଗାମୀ ଅର୍କଙ୍କୁ ସାମ୍ନା କରି ମୁଦ୍ରିତ ନୟନରେ ଏକାଗ୍ର ଚିତ୍ତରେ କରୁଥିଲେ ଅଲେଖ ବ୍ରହ୍ମଙ୍କର ଉପାସନା । ସାଷ୍ଟାଙ୍ଗ ପ୍ରଣିପାତ କରୁଥିଲେ ମାଟିରେ ଶୋଇ । ତାଙ୍କୁ କେବେ ମନ୍ଦିର ଯିବାର ବା କୌଣସି ପୂଜାର୍ଚ୍ଚନାରେ ସାମିଲ୍ ହେବାର ଦେଖିନି । ଦେଖିନି ଭୋଗ ଚଢ଼ାଇବାର, ଦୀପ ଜାଳିବାର । ତାଙ୍କ ପାଇଁ ଈଶ୍ୱର ଥିଲେ ସର୍ବବ୍ୟାପୀ ଓ ନିରାକାର ।

ଜୀବନଚର୍ଯ୍ୟା ଥିଲା ସରଳ । କୌଣସି ଦାମୀ ଅଭ୍ୟାସ ନଥିଲା । ପ୍ରିୟ ଥିଲା ପଖାଳଭାତ, ସନ୍ତୁଳା, ଶାଗଖରଡ଼ା ଓ ବାଇଗଣ ପୋଡ଼ା । ସାଥିରେ ତାଙ୍କ ପତ୍ନୀଙ୍କ ହାତ ତିଆରି ଆମ୍ବୁଲ ଟିକିଏ ଚକଟି ଖାଉଥିଲେ କୁନି ପଥୁରୀଟିରେ । ଅବଗୁଣ ଥିଲା ଗୋଟିଏ । ଅବଶ୍ୟ ଯଦି ଏହାକୁ ଅବଗୁଣ ରୂପେ ଗଣନା କରାଯାଏ । କଥା କହୁଥିଲେ ଅତିରଞ୍ଜନ କରି । କେଉଁଠି ଚାରୋଟି ଲୋକ ଏକତ୍ରିତ ହୋଇଥିବାର ଦେଖିଲେ କହୁଥିଲେ ଶହେ ଲୋକର ଗୋଠ ବୋଲି । ସୁଦର୍ଶନ ଜମାତାଟିର ରୂପଲାବଣ୍ୟ ଏଭଳି ବର୍ଣ୍ଣନା କରୁଥିଲେ ଯେତେ ଅବା ସିଏ ଜଣେ ଦିବ୍ୟଜ୍ୟୋତି ଦେବଦୂତ । କଥା କହିଲେ ପାଟିରେ ବାଟୁଳି ବାଜୁ ନଥିଲା ।

ଭାରି ଗର୍ବ ଥିଲା ତାଙ୍କର ମଧମ ଜାମାତା ମୋ ବାପାଙ୍କୁ ନେଇ । ପିଣ୍ଡାରେ ସଳଖ ହୋଇ ବସି ହାତ ହଲାଇ ଗାଁ ଲୋକଙ୍କ ସାମ୍ନାରେ ବେଶ୍ ଉଚ୍ଚ ସ୍ୱରରେ ଜାହିର୍ କରୁଥିଲେ ଯେ ତାଙ୍କ ଗ୍ରାମକୁ କେନ୍ଦ୍ର ବିନ୍ଦୁ କରି ତା ଚାରି ପଟେ ଚଉଦ କୋଶ ବ୍ୟାସାର୍ଦ୍ଧର ବୃତ୍ତଟିଏ ଅଙ୍କନ କଲେ ଯେଉଁ ଇଲାକାର ସୃଷ୍ଟି ହେବ, ତନ୍ମଧ୍ୟରେ ଦୀପଧରି ଖୋଜିଲେ ବି ତାଙ୍କ ଜାମାତାଙ୍କର ପରି ବିଦ୍ୱାନ୍ ତଥା ଚରିତ୍ରବାନ୍ ମଣିଷଟିଏ ମିଳିବେନି । ଏ ବାକ୍ୟଟି ବର୍ଷର ବିଭିନ୍ନ ସମୟରେ ବିଭିନ୍ନ ପରିବେଶରେ ଗ୍ରାମବାସୀମାନଙ୍କୁ ଶୁଣାଉଥିଲେ ସିଏ ଏବଂ କୌଣସି ଏକ ରହସ୍ୟମୟ କାରଣରୁ ତାଙ୍କ ବକ୍ତବ୍ୟରେ ସଦାସର୍ବଦା ତାଙ୍କ ଗ୍ରାମଟିଇ ବୃତ୍ତର କେନ୍ଦ୍ରବିନ୍ଦୁ ରହୁଥିଲା ଏବଂ ବ୍ୟାସାର୍ଦ୍ଧର ପରିମାଣ ରହୁଥିଲା ଚଉଦ କୋଶ - ତା'ଠାରୁ ବେଶୀ ନୁହେଁ କି କମ୍ ନୁହେଁ ।

Digitized by srujanika@gmail.com

ପ୍ରତିବର୍ଷ ନିଶ୍ଚିତ ରୂପେ ଥରଟେ କଟକ ଆସୁଥିଲେ ଆମ୍ଭମାନଙ୍କୁ ଦେଖିବା ପାଇଁ । ଦଶହରାକୁ । ଏବଂ ଗଲାବେଳେ ଅଣ୍ଟାରୁ ଅଣ୍ଡାକୃତି କଂସା କରାଟିଟି କାଢ଼ି ଆମ ହାତକୁ ଦେଇ ଯାଉଥିଲେ ପାପୁଲି ଭର୍ତ୍ତି ସୁଉକି ଓ ଅଧୁଲି- ପୂଜା ଖର୍ଚ୍ଚ । ବାପାଙ୍କ ପ୍ରତି ଥିଲା ପ୍ରଗାଢ଼ ସ୍ନେହ । ସମ୍ବୋଧନ କରୁଥିଲେ ତାଙ୍କୁ ବାବା ବୋଲି । ବୋଉ କହେ ବାପା ପ୍ରଥମଥର ତାଙ୍କ ଗାଁକୁ ଗଲାବେଳେ କୁଆଡ଼େ ଅଜାଙ୍କ ଭାଳେଣି ପଡ଼ିଥିଲା, କିଭଳି ଭାବରେ ତାଙ୍କୁ ଚର୍ଚ୍ଚା କରିବେ ବୋଲି । ଗାଁରେ ପ୍ରଚଳିତ ସାଧାରଣ ଜଳପାନ ଥିଲା ଚୂଡ଼ା , ମୁଢ଼ି ବା ଉଖୁଡ଼ା ଏବଂ ଜାମାତାଙ୍କୁ ଚୂଡ଼ା ଚକଟା ଦେବା ପାଇଁ ଅଜାଥିଲେ କୁଣ୍ଠିତ । ସମସ୍ୟାଟିର ସମାଧାନ ଅବଶ୍ୟ ଗାଁ ଗୁଡ଼ିଆଟି କରିଦେଇଥିଲା । ଉପଦେଶ ଦେଇଥିଲା ମୋହନ ଭୋଗର ବ୍ୟବସ୍ଥା କରିବା ପାଇଁ । ତାଲିକା ଦେଇଥିଲା ସୁଜି, ଚିନି, ଗୁଆଘିଅ, ଗୁଜୁରାତି ଓ କିସ୍‌ମିସ୍‌ର । ଖୋଜି ଖୋଜି ଦୂରହାଟରୁ ସାମଗ୍ରୀମାନ ଅଜା କିଣି ଆଣିଥିଲେ । ଘରେ ଯେହେତୁ ଏ ଭୋଜ୍ୟ ବସ୍ତୁଟି ତିଆରି କରିବା କାହାରିକୁ ଜଣାନଥିଲା, ଗୁଡ଼ିଆ ଆସି ଅଗଣାରେ ଚୁଲିଜାଳି ତିଆରି କରିଥିଲା ମୋହନ ଭୋଗ । ଆଗରୁ ନାଁ ଶୁଣିନଥିବା ଏଇ ସ୍ୱାଦିଷ୍ଟ ଜଳଖିଆଟିର ପ୍ରସ୍ତୁତି ପ୍ରଣାଳୀ ଦେଖିବା ପାଇଁ ଅଗଣାରେ ଗ୍ରାମବାସୀମାନଙ୍କର ଛୋଟକାଟିଆ ଭିଡ଼ଟିଏ ସୃଷ୍ଟି ହୋଇଥିଲା ମଧ୍ୟ । ଘିଅ ପୁଟୁ ପୁଟୁ ଗୁଜୁରାତିବାସର ମୋହନ ଭୋଗ ବାପାଙ୍କୁ ଖୁଆଇ ଅଜାଙ୍କୁ ଅବଶ୍ୟ ପରମ ତୃପ୍ତି ମିଳିଥିଲା ସେ ଦିନ ।

ବୋଉ ଥରେ ତାଙ୍କୁ ଗୋଟିଏ କମ୍ବଳ ଦେଇଥିଲା । ଶୀତଦିନେ ଘୋଡ଼ି ହେବା ପାଇଁ । ଶୀତଋତୁ ଅତିକ୍ରାନ୍ତ ହୋଇ ସାରିଲା ପରେ ବି ପ୍ରତ୍ୟହ ସକାଳୁ ସେ କମ୍ବଳଟି ଘୋଡ଼ିହୋଇ ଏବଂ ପଥଚାରୀମାନଙ୍କର ଦୃଷ୍ଟିଗୋଚର ହେଲା ଭଳିଆ ଉପଯୁକ୍ତ ସ୍ଥାନଟିଏ ବାଛି ଅଜା ଦାଣ୍ଡ ଦୁଆରରେ ବସିରହୁ ଥିଲେ । ରାସ୍ତାରେ ଯାଉଥିବା ଲୋକ କିଏ ଜଣେ ବାଟ ଚାଲୁ ଚାଲୁ ପଚାରି ଦେଉଥିଲା- ଭାଇନା କଅଣ ଆଉ ଖବର ? ଭଲ ଅଛ ତ ?

- ଆଉ ଭଲ ? ଯାହା ଘମା ଘୋଟିଆ ଜାଡ଼ ପଡ଼ିଛି ଏବର୍ଷ ! ଖାଲି ଝିଅ ଏ କମ୍ବଳ ଖଣ୍ଡକ ଦେଇଥିଲା ବୋଲି । ଘୋଡ଼ି ହୋଇପଡ଼ିଲେ ଦିହରୁ ନିଆଁ ଉଠିଯାଉଛି । ଦେଖୁନୁ ! କେଡ଼େ ନରମ ଆଉ କେଡ଼େ ସାଆଁଳ ।

ବାଟ ଚାଲୁ ଥିବା ଫୁଙ୍ଗୁଳାଦେହୀ ନିର୍ଦ୍ଧନ ଗ୍ରାମୀଣ ବ୍ୟକ୍ତିଟି ପାଖକୁ ଆସି ଓ ହାତରେ ଧରି କମ୍ବଳଟିକୁ ଅନେକ ସମୟ ପର୍ଯ୍ୟନ୍ତ ପରୀକ୍ଷା ନିରୀକ୍ଷା କରୁଥିଲେ । ଅଜାଙ୍କର ଏତାଦୃଶ ସୌଭାଗ୍ୟରେ କିଞ୍ଚିତ ଈର୍ଷାନ୍ୱିତ ହେଉଥିଲେ ମଧ୍ୟ । ଦୁହିଁଙ୍କ ମଧ୍ୟରେ କମ୍ବଳ ସମ୍ବନ୍ଧୀୟ ଚର୍ଚ୍ଚାଟି ଚାଲୁ ରହୁଥିଲା ବେଶ୍ କିଛି ସମୟ ଧରି - ଅନ୍ୟ ଜଣେ ପଥଚାରୀ ଅଜାଙ୍କୁ ମିଳିବା ପର୍ଯ୍ୟନ୍ତ ।

ତାଙ୍କର ଏକମାତ୍ର ପୁତ୍ରର ମୃତ୍ୟୁ ଘଟିଥିଲା ଅକାଳରେ । ମାତ୍ର ତିରିଶବର୍ଷ ବୟସରେ । ମାମୁଁ ପ୍ରାଣ ହରାଇଥିଲେ କଟକ ବଡ଼ ଡାକ୍ତରଖାନାରେ- ପିତାମାତା ଏବଂ ରୂପସୀ ତଥା

Digitized by srujanika@gmail.com

ନିଃସନ୍ତାନ ତରୁଣୀ ପତ୍ନୀଟିକୁ ନିଃସ୍ୱକରି । ଗାଁରୁ ସହର ଆସିଥିଲେ ଆପେଣ୍ଡିସାଇଟିସ୍ ଅପରେଶନ ପାଇଁ । ତାହାହିଁ ହେଲା କାଳ । ବାପା ଭୋର୍‌ରୁ ଭୋର୍‌ରୁ ଗାଁକୁ ଯାଇଥିଲେ ଖବର ଦେବା ପାଇଁ । ବାପା ବସାଘର ସାମନାରେ ବସ୍‌ରୁ ଓହ୍ଲାଇଲା ବେଳକୁ ଅଜା ପିଣ୍ଡାରେ ବସି ଦାନ୍ତ ଘଷୁଥିଲେ । ବାପାଙ୍କ ମୁହଁକୁ ଚାହିଁ ଦେଇ ପାଇଥିଲେ ତାଙ୍କ ଦୁର୍ବିପାକର ଇଶାରା । ଚେତନାଶୂନ୍ୟ ହୋଇ ଗଡ଼ିପଡ଼ିଲେ ପିଣ୍ଡାତଳକୁ । ସେଇ ଯେ ପଡ଼ିଲେ ଆଉ ଉଠିଲେନି । ପ୍ରାଣଗଲା ମାସ କେଇଟାରେ ।

ମୃତ୍ୟୁ ପୂର୍ବରୁ ତିନି କନ୍ୟାଙ୍କୁ ଦେଇ ଯାଇଥିଲେ ତିନିଖଣ୍ଡି ଉର୍ବରା ସ୍ୱର୍ଣ୍ଣପ୍ରସୂ ଜମି । ଅଜାଙ୍କ ମୃତ୍ୟୁର କେଇ ବର୍ଷ ପରେ ମୋର ଦୁଇ ଜଣ ଯାକ ମାଉସୀ ସ୍ୱ ସ୍ୱ ଜମି ବିକ୍ରୀ କରି ଟଙ୍କା ତକ ନେଇ ଯାଇଥିଲେ । ବୋଉ କିନ୍ତୁ ତା ଭାଗର ଜମି ଖଣ୍ଡିକ ବିକ୍ରୀ କଲାନି-ଆମ୍ଭେମାନେ କହିବା କେମିତି କହିବା ସତ୍ତ୍ୱେ ବି । ବୋଧ ହୁଏ ଅଜା ଏବଂ ମାମୁଁଙ୍କ ମୃତ୍ୟୁପରେ ସେମାନଙ୍କ ଜମି ବିକ୍ରୀ କରି ପଇସା ଆଣିବାଟା ତା' ପାଇଁ ଦୁଃଖଦ ଏବଂ ଯନ୍ତ୍ରଣାଦାୟକ ଥିଲା । ବସ୍ତୁତଃ, ଅଜା ଚାଲି ଗଲାପରେ ବୋଉ ବାପଘରକୁ ଯିବାହିଁ ଛାଡ଼ିଦେଇ ଥିଲା ସମ୍ପୂର୍ଣ୍ଣ ରୂପେ ।

ପିତାଙ୍କ ଠାରୁ ଉପହାର ସୂତ୍ରରେ ବୋଉ ପାଇଥିବା ସେ ଭୂସମ୍ପତ୍ତି ଏବେ କିଏ ଭୋଗ କରୁଛି ଆମେ ଜାଣିନୁ ।

●●●

Digitized by srujanika@gmail.com

# ବୋଉର ବୋଉ

ନାଁ'କୁ ଚାହିଁ ଥିଲା ଦେହର ରଙ୍ଗ । ନାଁ ଥିଲା ସର ଆଉ ତ୍ୱକ୍‌ର ବର୍ଣ୍ଣ ଥିଲା ସଜ ମଲାଇ ପରି ଧୋବ ଫରଫର । ମୁଣ୍ଡର କେଶ ଦାମ ଥିଲା ଦୀର୍ଘ ଓ ରେଶମ୍‌ର ସୂତାଗୁଚ୍ଛ ପରି ନରମ । ବେକ ତଳେ ପଡ଼ିଥିବା ଫାଶଟି ଫିଟାଇ ଦେଇ ପିଲାଦିନେ ଅନବରତ ଖେଳୁଥିଲି ସେ କୁନ୍ତଳରେ । କି ମୁଲାୟମ ଲାଗୁଥିଲା ହାତକୁ ! ମୋ ହାତରୁ ବାଳତକ ଟାଣିନେଇ ସିଏ ଫାଶଟିଏ ପକାଇ ଦେଉଥିଲେ । ଆଉ ମୁଁ ପୁନର୍ବାର ଖୋଲୁଥିଲି ସେ ଫାଶକୁ ।

ଆଙ୍ଗୁଠି ଅଗରୁ ଆରମ୍ଭ କରି ବାହୁମୂଳଯାଏ ଥିଲା ଚିତାକୁଟା - ବିଭିନ୍ନ ଜ୍ୟାମିତିକ ଚିତ୍ର ତଥା ଲତାପତ୍ରମାନ । ଗୋରା ଚମଡ଼ାରେ ସେ ଚିତାର ରଙ୍ଗ ଦିଶୁଥିଲା ଗାଢ଼ ସବୁଜ । ଦୁଇ ଭୃରୁର ମଝିରେ ଥିଲା ଲମ୍ବ କଲିଟିଏ ଆଉ ଚିବୁକରେ ତିଳ ଆକାରର ବିନ୍ଦୁ । ଖୁଣ ରହିଯାଇଥିଲା ଡାହାଣ ଗୋଡ଼ରେ । ପିଲାଦିନେ ପୋଲିଓ ଗ୍ରସ୍ତ ହୋଇ ହାଡ଼ଟି ହୋଇଯାଇଥିଲା ସରୁ ।

ପରିଣତ ବୟସରେ ତାଙ୍କ ସ୍ୱାମୀ ଥିଲେ ତାଙ୍କ ପ୍ରତି ଅମନୋଯୋଗୀ । ଯୁବାବସ୍ଥାରେ ତାଙ୍କୁ ଉପହାର ଦେଇଥିଲେ ଚାରୋଟି ଚମତ୍କାର ସନ୍ତାନ -ତିନୋଟି କନ୍ୟା ଓ ଗୋଟିଏ ପୁତ୍ର ରତ୍ନ । ଦେଇଥିଲେ କଳେଇ ଭର୍ତ୍ତି ଖଳାବାରି, ଗୁହାଳଭର୍ତ୍ତି ଗାଈ ବଳଦ, ଆମ୍ବ ପଣସ ତୋଟା ଓ ଦୁଇଟି ଘର -ଗୋଟିଏ ମାଟି ଓ ଅପରଟି କୋଠା । ଏବଂ ଭାବିଥିଲେ ପତ୍ନୀ ପ୍ରତି ତାଙ୍କ କର୍ତ୍ତବ୍ୟ ସିଏ ସୁଶୃଙ୍ଖଳ ଭାବରେ ସମ୍ପାଦନ କରିଛନ୍ତି ବୋଲି । ଅବଶ୍ୟ ସ୍ୱାମୀଙ୍କର ଏତାଦୃଶ ଉଦାସୀନତା ହେତୁ ତାଙ୍କ ମନରେ କୌଣସି ଦୁଃଖ ବା ଅଭିମାନ ନଥିଲା । ଲେଖାପଢ଼ା ଜାଣିଥିବା ମହିମାଧର୍ମାବଲମ୍ବୀ ସାଧୁପ୍ରତିମ ସ୍ୱାମୀଙ୍କୁ ଦେଖୁଥିଲେ ଶ୍ରଦ୍ଧା ଓ ସମ୍ମାନର ଆଖିରେ ।

ଥିଲେ ସମ୍ପୂର୍ଣ୍ଣ ନିରକ୍ଷରା ଓ ଗରୀବଘର ଝିଅ । ନିର୍ଦ୍ଧନ ପରିବାରରୁ ଆସିଥିଲେ ମଧ ମିଜାଜ୍ ଥିଲା ବାଦ୍‌ଶାହୀ । ଥିଲେ ଏକରକମ ମହିଳା ଦୁର୍ବାସା । ସାଂସାରିକ ବୁଦ୍ଧି ଓ ଜ୍ଞାନ ଥିଲା ଅପ୍ରମିତ । ବାରିରେ ଥାଇ ବୁଝି ପାରୁଥିଲେ ଦାଣ୍ଡରେ ତାଙ୍କ ବୋହୂ କେଉଁ ଯୋଗୀ ଥାଳରେ ଅଧିକା ଗଣ୍ଡିଏ ଚାଉଳ ଢାଳିଲାଣି । ଚତୁର୍ଦ୍ଦିଗକୁ ନଜର । ଘରୁ କୁଟାଖଣ୍ଡିଏ ବି ଉଠାଇବାକୁ କାହାରି ଜୁ' ନଥିଲା । କଥା କହୁଥିଲେ ନିଡ଼ର୍ ହୋଇ ଓ ସିଧାସଳଖ । ସତକଥାରେ ଜବାବ୍ ଦେଉଥିଲେ ରାଜା ମୁହଁରେ । କିଏ କଅଣ ଭାବିଲା ସେ ସମ୍ପର୍କରେ ଥିଲେ ବେପରୱା ।

ଚମତ୍କାର ରନ୍ଧାର ହାତ ଥିଲା ତାଙ୍କର । ପଣସ ମଞ୍ଜି, ସଜନାଛୁଇଁ, ସାରୁ ଓ ଟୁସି ବାଇଗଣକୁ ବେସର ଓ ବଡ଼ି ଦେଇ ଝୋଳ କରୁଥିଲେ । ଅତ୍ୟନ୍ତ ସ୍ୱାଦିଷ୍ଟ ଥିଲା ସେ ବ୍ୟଞ୍ଜନ । ତାଙ୍କ ହାତର ସୋରିଷବଟା ପାଟିକୁ ଲାଗୁଥିଲା କ୍ଷୀର ପରି । ଅରୁଆ ଚାଉଳରେ ଭଜାମୁଗଡାଲି ଓ କୋରା ନଡ଼ିଆ ଦେଇ ରାନ୍ଧୁଥିଲେ ମହମହ ଖେଚେଡ଼ି ଭାତ । ଆଉ ପିତଳ ପଲମରେ ତିଆରି କରୁଥିଲେ ପଦ୍ମପତ୍ର ଆକାରର ମୋଟା ମୋଟା ଚକୁଳିପିଠା । ଛାଣୁଥିଲେ ଆରିଷା,

Digitized by srujanika@gmail.com

ମଣ୍ଡା ଓ କାକରା । ନିଜେ କିନ୍ତୁ ଖାଉଥିଲେ କମ୍ । ସଉକ୍ ଥିଲା ପଖାଳଭାତ ଓ ଶୁଖୁଆ ପୋଡ଼ାରେ । ଅଧାଦିନ ଯାଉଥିଲା ବ୍ରତ ଉପାସରେ । ଖାଉଥିଲେ ମାତ୍ର ବକ୍ତିଟିଏ । ଅରୁଆ ଚାଉଳଭଜା ଗୁଡ଼ରେ ଚକଟି ।

କାମ କରିବା ଥିଲା ତାଙ୍କର ନିଶା । ହଳିଆ ପ୍ରତ୍ୟହ ସୂର୍ଯ୍ୟ ଉଇଁଲେ ଗୁହାଳ ପୋଛି ଗୋବର ଗଦାଇ ଦେଉଥିଲା ବାରିରେ । ସାରା ସକାଳ ବସି ଚେକା ଚେକା ଘଷି ପକାଉଥିଲେ ତହିଁରେ । ଘଷି ବ୍ୟବହୃତ ହେଉଥିଲା ଜାଳେଣି ରୂପେ । ଧାନକଳ ବା ହଲାରମେସିନ୍‌ର ନାଁ ଶୁଣାନଥିଲା ସେତେବେଳେ । ଘର ଖର୍ଚ୍ଚ ପାଇଁ ସାରାବର୍ଷର ଚାଉଳ ତିଆରି କରୁଥିଲେ ନିଜେ । ବଡ଼ ବଡ଼ ହଣ୍ଡାରେ ସିଝା ହେଉଥିଲା ଧାନ । ଦରସିଝା ହେଲାବେଳକୁ ଛଣାହୋଇ ଶୁଖୁ ଥିଲା ତଳେଇରେ । କେଇଦିନ ଧରି ଖରାଖାଇ ପାଗ ହୋଇଗଲେ, ଢ଼ିଙ୍କିରେ କୁଟା ହୋଇ ତିଆରି ହେଉଥିଲା ଉଷୁନା ଚାଉଳ । ବିଲରୁ ଆସୁଥିଲା ନଉତି ନଉତି ମୁଗ । ବାଲିହାଣ୍ଡିରେ ଭାଜି ଢ଼ିଙ୍କିରେ କୁଟି ବନାଉଥିଲେ ମୁଗଛାଇ । ଭାଜୁଥିଲେ ମୁଢ଼ି, ଚୂଡ଼ା ଓ ଚିନାବାଦାମ । ଗୁଡ଼ପାଗ କରି ତିଆରି କରୁଥିଲେ ମୁଆଁ ଓ ଉଖୁଡ଼ା । ତିଆରି କରୁଥିଲେ ଆମ୍ବ ସଢ଼ା, ଆମ୍ବୁଲ ଓ ଆଚାର । ତାଙ୍କ ହାତ ତିଆରି ଖଟା ଟିକିଏ ନହେଲେ ତାଙ୍କ ସ୍ୱାମୀ ଭାତ ଖାଇ ପାରୁନଥିଲେ । ଘର ଥିଲା ତାଙ୍କ ନିଚିପଡ଼ । ନିଇତି ଲିପାପୋଛା କରୁଥିଲେ ଘର ଓ ଚଉରାମୂଳ । କାନ୍ଥ ଗେରୁମାଟିରେ ଓ ଚଟାଣ ଗୋବର ମାଟିରେ । ପ୍ରତି ଲକ୍ଷ୍ମୀବାରରେ ମୂରୁଜ ଦେଇ ଚିତ୍ର ଆଙ୍କୁଥିଲେ ପ୍ରତ୍ୟେକଟି ଦୁଆରବନ୍ଧ ସାମ୍‌ନାରେ । ଚଉରାମୂଳେ ଆଙ୍କୁଥିଲେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ଛବି -ରଙ୍ଗିନ ମୂରୁଜରେ ।

ଘରେ ସାରାବର୍ଷ ଦୀପ ଜଳୁଥିଲା ଜଡ଼ାତେଲର । ସେ ତେଲ ମଧ ବନାଉଥିଲେ ନିଜେ । ବାରିରେ ରୋପଣ କରାଯାଇଥିଲା ଅନେକଗୁଡ଼ିଏ ଜଡ଼ା ଗଛ । ତା'ର କଣ୍ଟାଳିଆ ଛୁଇଁ ପାକଳ ହେଲେ ତହିଁରୁ ବାହାରୁ ଥିଲା ଠିକ୍ ଆତମଞ୍ଜି ପରି କଳାକଳା ସାଉଁଳିଆ ଶକ୍ତମଞ୍ଜି ସବୁ । ସେ ଶୁଖିଲା ମଞ୍ଜି ସାମାନ୍ୟ ଭାବରେ ବତୁରା ହେଉଥିଲା ପାଣିରେ । ଦରବତୁରା ମଞ୍ଜିକୁ ମାଟି ହାଣ୍ଡିରେ ଖରଡ଼ି ଗରମ କରି ସେଇ ଗରମ ଅବସ୍ଥାରେ କୁଟା ହେଉଥିଲା ଢ଼ିଙ୍କିରେ । କୁଟାହେଲାପରେ ତାହା ରୂପ ନେଉଥିଲା କାଦୁଅଚକଟାର ।

ସେଇ କାଦୁଅ ଅଳ୍ପ ପାଣିରେ ଗୋଳାହୋଇ ବଡ଼ ମାଟି ହାଣ୍ଡିରେ ସିଝୁଥିଲା ଚୁଲୀ ଉପରେ । କିଛି ସମୟପରେ ପାଣି ଉଡ଼ିଯାଉଥିଲା ଜଳୀୟ ବାଷ୍ପ ହୋଇ । କାଣ୍ଟି ଆକାରରେ ମଇଳାତକ ବସି ଯାଉଥିଲା ତଳେ ଏବଂ ଉପରେ ଜମା ହେଉଥିଲା ବହଳିଆ ସୁନାରଙ୍ଗର ତେଲ । ସେ ତେଲ ନିଗିଡ଼ା ହୋଇ ରଖାହେଉଥିଲା ଠେକି ଠେକି ହୋଇ ଶିକାରେ । ଠେକିରୁ କାଢ଼ି ବେଳେବେଳେ ସେ ଜଡ଼ାତେଲ ଘଷି ଦେଉଥିଲେ ମୋ ମୁଣ୍ଡରେ । କହୁଥିଲେ ମୁଣ୍ଡ ପାଇଁ ତାହା କୁଆଡ଼େ ହିତକାରୀ ।

ଥିଲେ ଅତ୍ୟନ୍ତ ଶୀର୍ଣ୍ଣ ଓ କ୍ଷୀୟକାୟା । କିନ୍ତୁ ଜୀବନକୁ ମୁକାବିଲା କରିବାର ଶକ୍ତି ଓ ସାହସ ଥିଲା ପ୍ରଚୁର । ତାଙ୍କର ଶକ୍ତ ସମର୍ଥ ଓ ସୁପୁରୁଷ ଯୁବକ ପୁତ୍ରଟିର ଅକାଳ ମୃତ୍ୟୁ ହୋଇଥିଲା ତିରିଶବର୍ଷ ବୟସରେ । ସେଇ ଦୁଃଖରେ ଦେହାନ୍ତ ହେଲା ପ୍ରୌଢ଼ସ୍ୱାମୀଙ୍କର ।

Digitized by srujanika@gmail.com

ମାସ ଛଅଟା ନଯାଉଣୁ । ସିଏ କିନ୍ତୁ ବଞ୍ଚି ରହିଲେ ଅନେକବର୍ଷ । ଘରଦ୍ୱାର, ଜମିବାଡ଼ି ତଥା ତରୁଣୀ ବିଧବା ବୋହୂକୁ ଆବୋରି । ବୃଦ୍ଧାବସ୍ଥାରେ ଯେତେବେଳେ କତରାଲଗା ହେଲେ, ଜଣେ କେହି କଳହପ୍ରିୟା ପ୍ରତିବେଶିନୀ ଖୁଣ୍ଟା ଦେଇ କହିଥିଲା ''ପୁଅତ ନାହିଁ । ଶେଷ ବେଳକୁ ଗଙ୍ଗାଜଳ ଟୋପେ ତୋ ମୁହଁରେ ଦବ କିଏ ? '' କଥାଟି ବଡ଼ ବାଧିଥିଲା ତାଙ୍କୁ । ଚଟ୍‌କି ଉତ୍ତର ଦେଇଥିଲେ ''କିଏ କହିଲା ମୋ'ର ପୁଅ ନାହିଁ ? ମୋ ପୁଅ ଅଛି କଟକରେ'' । ଏବଂ ସେଇ ଜ୍ୱରଗ୍ରସ୍ତ ଅବସ୍ଥାରେ ଏକା ଏକା ବସ୍ ଚଢ଼ି ଗାଁରୁ ଆସି ପହଞ୍ଚିଥିଲେ ଆମ ଘରେ । ତାଙ୍କ କହିବା କଥାଟିର ମର୍ଯ୍ୟାଦା ରକ୍ଷା କରିଥିଲେ ବାପା । ଆପ୍ରାଣ ସେବା କରିଥିଲେ ତାଙ୍କର । ତାଙ୍କର ଶେଷ ଜୀବନର ସ୍ୱପ୍ନକୁ ସାକାର କରି ଅନ୍ତିମ ମୁହୂର୍ତ୍ତରେ ତାଙ୍କ ମୁହଁରେ ଦେଇଥିଲେ ଗଙ୍ଗାଜଳ । ଶ୍ରଦ୍ଧାର ସହିତ କାନ୍ଧରେ ବୋହି କରିଥିଲେ ମୁଖାଗ୍ନି । ଜାମାତା ହୋଇ ସମ୍ପାଦନ କରିଥିଲେ ପୁତ୍ରର କାର୍ଯ୍ୟ ।

ଅପେକ୍ଷାକୃତ କମ୍‌ବୟସରେ ଲଦି ହୋଇଥିଲେ ଗହଣା । ନାକରେ ନୋଥ, ଗୁଣା ଓ ଦଣ୍ଡି, କାନଲତିରେ ନୋଳି, ମଲକଡ଼ି ଓ ଧାଡ଼ି ଧାଡ଼ି ଫାଶିଆ । ଗୋଡ଼ରେ ଗୋଡ଼ଖଡୁ, କଚଟିରେ ମୁଠାମୁଠା ପାଣିକାଚ ସାଥିରେ ଖଡୁ ଓ ବଟଫଳ, ବାହୁରେ ତାଡ଼, ବେକରେ ମହୁର ମାଳ । ସାଥିରେ ସୂତାରେ ଗୁନ୍ଥା ଷୋରିଷିଆ ଓ ଧାନୁଆ କଣ୍ଠି । ସ୍ୱାମୀଙ୍କ ମୃତ୍ୟୁପରେ କିନ୍ତୁ ସବୁ ଅଳଙ୍କାର ଉତାରି ଦେଇଥିଲେ । କେବଳ କାନରେ ରହିଯାଇଥିଲା ଓଜନ୍‌ଦାର୍ ନୋଳି ଯୋଡ଼ିକ । ବୋହିପଡ଼ିଥିବା କାନର ଫଳିରେ ଲଟ୍‌କିଥିଲା କୌଣସି ମତେ ।

ମୃତ୍ୟୁପୂର୍ବରୁ ବୋଉକୁ କହିଯାଇଥିଲେ ସେ ନୋଳିଯୋଡ଼ିକ ମୋ' ପାଇଁ ଉଦ୍ଦିଷ୍ଟ ବୋଲି । ତାଙ୍କ କାନରୁ ସେ ନୋଳି ଯୋଡ଼ିକ ଖୋଲା ହୋଇ ସାରିଲା ପରେ ତାକୁ ନିଆଁରେ ପୋଡ଼ି ବୋଉ ସାଇତି ରଖିଥିଲା ପାଖରେ । ନୋଳି ଯୋଡ଼ିକ ଥିଲା ଭରିଏ ଲେଖାଏଁ । ମୋ ବାହାଘର ବେଳେ ସେଇ ଦୁଇ ଭରିରେ ଦୁଇଟି ଚମତ୍କାର ଖଡୁ ବନାଇ ବୋଉ ଦେଇଥିଲା ମୋତେ । କମକୃଟକରା ଖଡୁ ଯୋଡ଼ିକ ବାହାଘର ପରେ ମାତ୍ର କେଇ ଦିନ ପାଇଁ ପିନ୍ଧିଥିଲି । ତା'ପରେ ସେମିତି ଅର୍ଦ୍ଧନୂଆ ଅବସ୍ଥାରେ ପେଡ଼ିରେ ସାଇତା ହୋଇ ରହିଛି ସିଏ । କେବେ କେମିତି ଖଡୁ ଯୋଡ଼ିକ କାଢ଼ି ଦେଖେ । ଆଈଙ୍କ ଲୋଳଚର୍ମର ମୁହଁଟି ଦିଶିଯାଏ ତା'ଭିତରେ କାନରେ ବାଜିଯାଏ ସୁଜିକ୍ଷିରୀ ଖାଉ ଖାଉ ପିଣ୍ଡାରେ ବସି ବୋଉକୁ କହିଥିବା କଥାଟି- ଏ ଯୋଡ଼ିକ ମୋ' ବଡ଼ ନାତୁଣୀ କାନନର ।

ତାଙ୍କ ପୌତ୍ରୀପାଇଁ ଉଦ୍ଦିଷ୍ଟ ସେ ଖଡୁ ଯୋଡ଼ିକ ମୁଁ ସାଇତି ରଖିଦେଇଛି ମୋ ପୌତ୍ରୀ ପାଇଁ ଏବଂ ମୁଁ ଜାଣେ ଯେ ମାନୁ- ମୋ ପୌତ୍ରୀ ମଧ ତାକୁ ପିନ୍ଧିବନି । ସମ୍ଭବତଃ ସେ କାରୁକାର୍ଯ୍ୟ ମୟ ଖଡୁ ଯୋଡ଼ିକ ସିଏ ଦେଇଦେବ ତା' ପୌତ୍ରୀକୁ । ଭବିଷ୍ୟତରେ କେବେ ଦିନେ । ମୋ ବୟସରେ ପହଞ୍ଚି ସାରିଲା ପରେ ।

●●●

Digitized by srujanika@gmail.com

# କଣ୍ଠସ୍ୱର

ମୁଁ ତାଙ୍କୁ ଦେଖିନଥିଲି । କେବଳ ଶୁଣିଥିଲି ତାଙ୍କର କଣ୍ଠସ୍ୱର ଏବଂ ପ୍ରଥମ ଯେଉଁ ଦିନ ତାଙ୍କ କଣ୍ଠସ୍ୱର ଶୁଣିଥିଲି, ସେ ଦିନଟି ଥିଲା ଉଣିଶଶହ ସତାନବେ ମସିହା, ଜୁଲାଇ ମାସ ଛଅ ତାରିଖ ।

ମୋ ଲେଖିକା ଜୀବନର ଦ୍ୱିତୀୟ ଲେଖାଟି ସେଦିନ ପ୍ରକାଶିତ ହୋଇଥିଲା । ଏକ ଇଂରାଜୀ ସମ୍ବାଦପତ୍ରରେ । ଦୀର୍ଘଦିନ ଓଡ଼ିଶା ବାହାରେ ରହି ନିଜ ଗାଁ ମାଟି ଛୁଇଁ ସାରିଲା ପରେ ଯେତେବେଳେ କଲମ ଧରିବାକୁ ଅଚାନକ ମନସ୍ଥ କରିଥିଲି, ପ୍ରଥମେ ଲେଖିଥିଲି ଇଂରାଜୀରେ । ଦୁଇଟି ଫିଚର ଡାକ ଦ୍ୱାରା ପଠାଇଥିଲି ସମ୍ବାଦପତ୍ର ଅଫିସ୍‌କୁ । ପ୍ରାୟ ସାତ ଦିନପରେ ଫୋନ ଆସିଥିଲା- ସମ୍ବାଦପତ୍ର ତରଫରୁ ଅନୁରୋଧ କରାଯାଇଥିଲା ସପ୍ତାହକୁ ଦୁଇଟି ଫିଚର ଲେଖିବା ପାଇଁ । ଘରର ସମସ୍ତ ଦାୟିତ୍ୱ ତୁଲାଇ ଦୁଇଟି ଲେଖା ଲେଖିବା ପାଇଁ ସମୟର ଅଭାବ ଥିଲା । ରାଜି ହୋଇଥିଲି ସପ୍ତାହକୁ ଗୋଟିଏ ଲେଖା ପଠାଇବା ପାଇଁ । ବୁଧବାର ଦିନ ।

ସେଦିନ ବି ଥିଲା ବୁଧବାର ଏବଂ ମୋ ବାପାଙ୍କ ସମ୍ପର୍କରେ ଫିଚର୍‌ଟିଏ ପ୍ରକାଶ ପାଇଥିଲା ଉକ୍ତ ଖବର କାଗଜରେ । ରଚନାଟିଥିଲା ସମ୍ପୂର୍ଣ୍ଣ ରୂପେ ଏକ ପାରିବାରିକ ଘଟଣା ଉପରେ ପର୍ଯ୍ୟବେସିତ- ବାପାଙ୍କ ଲଣ୍ଡନ୍ ଯାତ୍ରା ତଥା ତାଙ୍କର ଅନୁପସ୍ଥିତିରେ ବୋଉର ମାନସିକ ବିଷନ୍ନତାକୁ ନେଇ ।

ଦ୍ୱିପ୍ରହର ମଉଳିବାକୁ ଯାଉଛି । ହଠାତ୍ ଟେଲିଫୋନର ଘଣ୍ଟିଟି ବାଜିଉଠିଲା । ଟେଲିଫୋନ୍‌ଟି ଉଠାଇଲାପରେ ସେପଟୁ ଶୁଭିଲା ଜଣେ ଯୁବକଙ୍କର ମାର୍ଜିତ କଣ୍ଠସ୍ୱର । ସଂଭ୍ରମର ସହିତ ମୋ ନାଁଟି ଜାଣିବାକୁ ଚାହିଁଥିଲେ । ମୋ ନାଁ ଟି ମୁଁ କହିସାରିଲା ପରେ ନମସ୍କାର କରି ବେଶ୍ ଉତ୍ତେଜିତ ଗଳାରେ ଯୁବକ ଜଣକ କହିଲେ ''ମାଡ଼ାମ, ମୋ ନାଁ ମିହିର । ଆପଣ ମୋତେ ଚିହ୍ନିବେନି । ତେବେ ଆପଣଙ୍କ ବାପାଙ୍କ ଉପରେ ଲେଖା ଫିଚର୍‌ଟି ମୁଁ ଆଜି ସମ୍ବାଦପତ୍ରରୁ ପଢ଼ି ଏତେ ଖୁସି ହୋଇଗଲି ଯେ ଆପଣଙ୍କ ଫୋନ୍ ନକରି ରହି ପାରିଲିନି ।''

- କିନ୍ତୁ ଲେଖା ସହିତ ମୋର ଟେଲିଫୋନ ନମ୍ବର କିମ୍ବା ଘର ଠିକଣା ତ ନଥିଲା । ଆପଣ ନମ୍ବର ପାଇଲେ କେଉଁଠୁ ?

-ମୁଁ ସକାଳେ ଲେଖାଟି ପଢ଼ିସାରିଲାପରେ ଆପଣଙ୍କ ସମ୍ପର୍କରେ ଖବର କରିବାକୁ ସମ୍ବାଦପତ୍ର ଅଫିସ୍ ଯାଇଥିଲି । ଶୁଣିଲି ଆପଣ ସେମାନଙ୍କର ବି ଅପରିଚିତା । କେବଳ ଡାକ ଦ୍ୱାରା ଲେଖା ପଠାଇଦିଅନ୍ତି । ତେବେ ଆପଣ ଲେଖା ସହିତ ପଠାଇଥିବା ଚିଠିରେ ଆପଣଙ୍କର ଟେଲିଫୋନ ନମ୍ବର ଏବଂ ଠିକଣା ଥିଲା । ମୁଁ ଟିପି ନେଇ ଆସିଛି ।

Digitized by srujanika@gmail.com

କଥାଟି ଶୁଣି ମୁଁ ସ୍ତବ୍ଧ ଏବଂ ନିର୍ବାକ୍ ହୋଇଗଲି କିଛି ସମୟ ପାଇଁ । ଜୁଲାଇ ମାସର ତହ ତହ ଅଗ୍ନିବର୍ଷୀ ଖରାରେ ଜଣେ ପାଠକ ଯେ ଉଭୟ ସମୟ ଓ ଶକ୍ତି ନଷ୍ଟ କରି ମୋ ପରି ଜଣେ ଅର୍ବାଚୀନା ଲେଖିକା -ଯାହାର ସମଗ୍ର ସାହିତ୍ୟକ କୃତି କେବଳ ଦୁଇଟି ଲେଖାରେ ହିଁ ସୀମାବଦ୍ଧ -ପାଇଁ କଷ୍ଟସାଧନ କରି ଦୂରାବସ୍ଥିତ ଖବରକାଗଜ ଅଫିସ ପର୍ଯ୍ୟନ୍ତ ଯାଇ ପାରନ୍ତି ତାହା ବିଶ୍ୱାସ କରିବା ମୋ ଲାଗି ଥିଲା ବେଶ ଦୁରୂହ । ମୋ'ର ସାହିତ୍ୟିକ କୃତି ପ୍ରତି ଜଣେ ପାଠକଙ୍କର ସମ୍ବେଦନଶୀଳ ପ୍ରତିକ୍ରିୟା ଜାଣି ପ୍ରଚୁର ଆହ୍ଲାଦିତ ହୋଇଥିଲି ମଧ୍ୟ । କଲମ ଚାଳନା ଜାରି ରଖିବା ପାଇଁ ଦମ୍ଭ ଓ ଆତ୍ମ ବିଶ୍ୱାସ ଆସିଥିଲା ମନରେ । ତା' ପରଠାରୁ ପ୍ରତ୍ୟେକ ବୁଧବାର, ମାସ ପରେ ମାସ, ଫୋନ ଆସୁଥିଲା ମିହିରଙ୍କ ଠାରୁ । ପ୍ରାୟ ଦେଢ଼ ବର୍ଷ ଧରି ନିୟମିତ ଫିଚର ଲେଖିଥିଲି ଇଂରାଜୀରେ ଏବଂ ନିୟମିତ ଶୁଣିଥିଲି ମୋର ଜଣେ ରସଗ୍ରାହୀ ପାଠକଙ୍କର ଉଚ୍ଛ୍ୱସିତ କଣ୍ଠସ୍ୱର । ଟେଲିଫୋନ୍‌ରେ । ଫୋନ୍ ଘଣ୍ଟି ବାଜୁଥିଲା ପ୍ରାୟତଃ ଦ୍ୱିପହରରେ । ଦିନଟିଏ ଫୋନ୍ ଆସିବାରେ ଡେରି ହେଲେ ମନ ହୋଇ ଉଠୁଥିଲା ଶଙ୍କାକୁଳ - ଆଜିର ଲେଖାଟି ଆଶାନୁରୂପ ହେଲାନି ବୋଧ ହୁଏ । ମିହିର ଥିଲେ ମୋ ପାଇଁ ମୋର ସମଗ୍ର ପାଠକବର୍ଗଙ୍କର ପ୍ରତିନିଧି ।

ଅନେକ ଥର ମିହିର ମୋତେ ପଚାରୁଥିଲେ-ଆଚ୍ଛା ! ଆପଣ ଏତେ କଥା ମନେ ରଖିଛନ୍ତି କେମିତି କହନ୍ତୁ ତ !

-ତୁମେ ବି ଭାବିବାକୁ ଚେଷ୍ଟାକର । ପିଲାବେଳର ଅନେକ କଥା ତୁମର ବି ମନେ ପଡ଼ିଯିବ । ସାରାଜୀବନ ଧରି ଆମ ଚାରିପଟେ ଅଜସ୍ର ଘଟଣା ଘଟେ । ଅଜସ୍ର ଚରିତ୍ର ଛୁଇଁ ଯାଆନ୍ତି ଆମକୁ । ବିଭିନ୍ନ ସମୟରେ, ବିଭିନ୍ନ ଭାବରେ । କେବଳ କଲମ ଧରି ଲେଖିଲେ ହିଁ ହେଲା ।

- କିନ୍ତୁ ଆପଣ ଯେ ଏତେ ଚମତ୍କାର ଭାବରେ ଲେଖି ଦେଉଛନ୍ତି । ମୁଁ ତ ପଢ଼ି ଆଶ୍ଚର୍ଯ୍ୟ ହୋଇଯାଏ ।

- ଏ ପୃଥିବୀରେ ଯେ ମୁଁ ଅବଗୁଣ ଭରା ନିହାତି ନଗଣ୍ୟ, ନିହାତି ନିରର୍ଥକ ମଣିଷଟିଏ । ଏଭଳି ଏକ ସାଧାରଣ ମଣିଷର ସାନ ସାନ ସୁଖ ଦୁଃଖର କାହାଣୀ ଯେ ତୁମକୁ ମୁଗ୍ଧ କରୁଛି ତାହା ମୋ' ପାଇଁ ମଧ୍ୟ ସମଭାବରେ ଆଶ୍ଚର୍ଯ୍ୟଜନକ । ମୁଁ ଉତ୍ତର ଦେଇଥିଲି ।

କାଳକ୍ରମେ ମିହିରଙ୍କ ଶକ୍ତ ସୁପାରିଶ ଫଳରେ ମୋ'ର ସହୃଦୟ ପାଠକମାନଙ୍କର ସଂଖ୍ୟାବୃଦ୍ଧି ହୋଇଥିବାର ସୁଖବରଟି ମଧ୍ୟ ତାଙ୍କଠାରୁ ପାଇଥିଲି । ତାଙ୍କ ଅଫିସର ସହକର୍ମୀ ବୃନ୍ଦ ତଥା ତାଙ୍କର ଅନେକ ବନ୍ଧୁ କୁଟୁମ୍ବ କୁଆଡ଼େ ତାଙ୍କଠାରୁ ମୋ'ର ଅକୃପଣ ପ୍ରଶସ୍ତି ଶୁଣି ପ୍ରତ୍ୟେକ ବୁଧବାରଦିନ ଅଧୀର ଚିତ୍ତରେ ମୋ' ଲେଖାଟିକୁ ଅପେକ୍ଷା କରି ରହୁଥିଲେ । ସ୍ୱୟଂ ମିହିର ଅବଶ୍ୟ ମୋ' ଲେଖାପ୍ରତି ଥିଲେ ଅନ୍ଧଭାବରେ ପକ୍ଷପାତୀ । କୌଣସି ଲେଖକଙ୍କର,

Digitized by srujanika@gmail.com

ବିଶେଷତଃ ଟଳମଳ ପାଦରେ ନୂଆକରି ସାହିତ୍ୟଜଗତରେ ପଦାର୍ପଣ କରୁଥିବା ଜଣେ ସାହିତ୍ୟିକଙ୍କର, ସମସ୍ତ ସୃଷ୍ଟି କେବେ ହେଲେ ଉଚ୍ଚ କୋଟୀର ହୋଇନପାରେ। ମିହିରଙ୍କୁ କିନ୍ତୁ ମୋ'ର ପ୍ରତ୍ୟେକଟି ଲେଖା ଅନୁପମ ମନେ ହେଉଥିଲା । ମୋର ସାହିତ୍ୟିକ କୃତି ପ୍ରତି ସେ ଥିଲେ ଅହେତୁକ ଭାବରେ ସଦୟ ଓ ସ୍ନେହଶୀଳ।

ସେ ଥିଲେ ମୋ ଲେଖାମାନଙ୍କର ଏକ ସାର୍ଥକ ସମୀକ୍ଷକ ମଧ । ମୋ ଲେଖାତକ ସେ ଯେ ବେଶ୍ ଅଭିନିବେଶର ସହିତ ପଢୁଥିଲେ ତାହା ଜାହିର ହେଉଥିଲା ତାଙ୍କ ସହିତ ହେଉଥିବା ଟେଲିଫୋନ୍ ଆଳାପରୁ । ପ୍ରତିଟି ଶବ୍ଦ, ପ୍ରତିଟି ବାକ୍ୟକୁ ପରଖୁଥିଲେ ସିଏ । ପରଖୁ ଥିଲେ ଶବ୍ଦ ସଂଯୋଜନା ଓ ବର୍ଣ୍ଣନା ଚାତୁର୍ଯ୍ୟ । ପରଖୁଥିଲେ ଚରିତ୍ର ଚିତ୍ରଣର ମନୋହାରୀତା ଓ ବାସ୍ତବତା । ତାଙ୍କ କଥାବାର୍ତ୍ତାରୁ ବୁଝି ପାରୁଥିଲି ଯେ ସାହିତ୍ୟରେ ରୁଚି ରଖୁଥିଲେ ସିଏ । ଇଂରାଜୀ ଭାଷା ଓ ସାହିତ୍ୟ ଉପରେ ଭଲ ଦଖଲ ମଧ ଥିଲା ତାଙ୍କର । ଅନେକ ଥର ମୋତେ ଲଜ୍ୟାରେ ମ୍ରିୟମାଣ କରି କହୁଥିଲେ - ମାଡ଼ାମ। ଆପଣ ନୂଆ ନୂଆ ଲେଖୁଛନ୍ତି । କିନ୍ତୁ ଆପଣଙ୍କ ଇଂରାଜୀ ରଚନାରେ ପରିପକ୍ୱ ଲେଖନୀର ସ୍ୱର୍ଶ ମିଳେ ।

ମିହିର ପ୍ରତ୍ୟେକ ବୁଧବାର କଥା କହୁଥିଲେ ବେଶ୍ କିଛି ସମୟ ଧରି ଏବଂ ତାଙ୍କର ସମଗ୍ର ବାର୍ତ୍ତାଳାପଟି ଥିଲା ସେଦିନ ପ୍ରକାଶିତ ହୋଇଥିବା ମୋ ଲେଖାଟିର ଏକ ଗୁଣାତ୍ମକ ସମୀକ୍ଷା । କିନ୍ତୁ କେଇମାସ ପରେ ବୋଧହୁଏ ସିଏ ହୃଦୟଙ୍ଗମ କଲେ ଯେ ଟେଲିଫୋନ୍‌ରେ ମିଳୁଥିବା ସୀମିତ ସମୟ ହୁଏତ ତାଙ୍କର ବିଶଦ୍ ସାହିତ୍ୟିକ ଆଲେଚନା ପାଇଁ ଯଥେଷ୍ଟ ହେଉନି ଏବଂ ସେଇ ହେତୁରୁ ଆରମ୍ଭ ହେଲା ତାଙ୍କର ଚିଠି ଲେଖିବାର ଆଗ୍ରହୀ ପ୍ରୟାସ । ଚିଠିଗୁଡ଼ିକ ଲେଖୁଥିଲେ ଇଂରାଜୀ ଭାଷାରେ ଏବଂ ସେ ଚିଠି ସବୁ ଥିଲା ମୁଖ୍ୟତଃ ସାନ ସାନ ସମୀକ୍ଷାତ୍ମକ ନିବନ୍ଧଟି ମାନ । ମୋ' ଲେଖା ସମ୍ପର୍କରେ । ଟିକି ନିଖି ଭାବରେ ବ୍ୟାଖ୍ୟା କରୁଥିଲେ ମୋ ଫିଚର ସବୁ । କେଉଁ କେଉଁ ସ୍ଥାନର ଆଲେଖ ତାଙ୍କର ହୃଦୟ ଗ୍ରାହୀ ହୋଇଛି ଏବଂ କାହିଁକି ହୋଇଛି ତାହାର ଯୌକ୍ତିକ ଉଲ୍ଲେଖ କରୁଥିଲେ । ବସ୍ତୁତଃ ତାଙ୍କର ଟୀକା ଟିପ୍ପଣୀ ଓ ମନ୍ତବ୍ୟରେ ଚିଠିଗୁଡ଼ିକ ଭର୍ତ୍ତି ହୋଇ ଯାଉଥିଲା ଏମୁଣ୍ଡରୁ ସେ ମୁଣ୍ଡ ଯାଏ ।

ମିହିରଙ୍କର ସେ ସବୁ ଚିଠି ଏବେ ବି ସଯତ୍ନେ ମୋ ପାଖରେ ସାଇତା । ''ମୋ'ର ଜଣେ ପ୍ରିୟ ପାଠକଙ୍କର ପ୍ରତିକ୍ରିୟା'' ଶୀର୍ଷକ ଦେଇ ବହିଟିଏ ଛପାଇ ଦେଲେ ସାନ ପୁସ୍ତିକାଟିଏ ହୋଇଯିବ ଅବା ! ମୋ ଲେଖାଗୁଡ଼ିକର ଏଭଳି ପୁଙ୍ଖାନୁପୁଙ୍ଖ ତାତ୍ତ୍ୱିକ ସମାଲୋଚନା ତାଙ୍କ ଠାରୁ ବେଶୀ ଭଲ କରି ଆଉ କିଏ କରି ପାରିବ ବୋଲି ମୁଁ ଭାବି ପାରୁନି ।

ସେଦିନ ବି ଥାଏ ବୁଧବାର । ବାପାଙ୍କ ସମ୍ପର୍କରେ ଅନ୍ୟ ଗୋଟିଏ ଲେଖା ପ୍ରକାଶିତ ହୋଇଥାଏ ସମ୍ବାଦପତ୍ରରେ । ଚିରାଚରିତ ରୀତିରେ ଫୋନ୍ ଆସିଲା ମହିରଙ୍କଠାରୁ । ''ମାଡ଼ାମ, ଆପଣଙ୍କ ଲେଖାର ଶେଷ ପାରାଗ୍ରାଫ୍‌ଟି ପଢ଼ି ମୋ ଆଖିକୁ ଲୁହ ଆସିଗଲା । କି ମନୋରମ ଭାବରେ ଆପଣଙ୍କ ବାପାଙ୍କ କଥା ଲେଖିଛନ୍ତି !''

Digitized by srujanika@gmail.com

- ତୁମକୁ ଭଲ ଲାଗିଲା ? ମୋ ବାପା କିନ୍ତୁ ଅସାଧାରଣ ଭାବରେ ଭଲ । ମୁଁ ବରଂ ତାଙ୍କର ଅଯୋଗ୍ୟା ଝିଅ ।

- ନାଇଁ ମାଡ଼ାମ୍, ଆପଣଙ୍କ ପରି ଝିଅଟିଏ ପାଇବା ଭାରି ଭାଗ୍ୟର କଥା । ଜାଣନ୍ତି ? ଲେଖାଟି ଆଜି ମୁଁ ମୀନାକୁ ପଢ଼ିବାକୁ ଦେଇଥିଲି । ତାକୁ ମଧ ବହୁତ ଭଲ ଲାଗିଛି ।

-ମୀନା କିଏ ? ମୁଁ ପଚାରିଲି

- ମୀନାକ୍ଷୀ ମୋର ପତ୍ନୀ ।

- ଆଚ୍ଛା ! ମୋର ଆଉ ଜଣେ ବିଦଗ୍ଧା ପାଠିକା ଅଛନ୍ତି ତା ହେଲେ !

ମିହିର ହସିଲେ ମୋ କଥା ଶୁଣି ଏବଂ ତା'ପରେ ଧୀର ସ୍ୱରରେ ମୋତେ କହିଲେ ମାଡ଼ାମ, ଆପଣଙ୍କୁ ଗୋଟିଏ କଥା କହିବି । ଭାରି ଗୋପନ କଥାଟିଏ କିନ୍ତୁ ।

- କୁହନା ! ତୁମ ଗୋପନ କଥାଟିରେ ଭାଗ ବସାଇବାକୁ ମୁଁ ବେଶ୍ ଆଗ୍ରହୀ ।

- ମାଡ଼ାମ, ଆପଣ ଜାଣନ୍ତି ? ମୀନା ଓ ମୁଁ ପ୍ରାର୍ଥନା କରୁଛୁ ଯେମିତି ଆପଣଙ୍କ ପରି ଝିଅଟିଏ ଆମର ହେଉ ।

ମିହିର ଲାଜ ଲାଜ କରି ଶିଷ୍ଟସ୍ୱରରେ କହିଲେ ଓ ତାଙ୍କ କଥା ଶୁଣି ମୁଁ ସ୍ତମ୍ଭିତ ହୋଇଗଲି । ପ୍ରଥମ କରି ବୁଝିଲି ଆନନ୍ଦର ଆତିଶଯ୍ୟ କେତେ ତୀବ୍ର ହୋଇପାରେ । ପ୍ରଥମ କରି ଜାଣିଲି ଆନନ୍ଦାଶ୍ରୁ କହିଲେ କଅଣ ବୁଝାଏ ।

ଭାବିଲି-ମୁଁ ତ ଅତ୍ୟନ୍ତ ସାଧାରଣ, ଅପଟୁ , ଅକିଞ୍ଚନ ତଥା ଅନାମଧେୟା ଲେଖିକାଟିଏ । କିନ୍ତୁ ମୁଁ ନିଶ୍ଚିତ ଯେ ପୃଥିବୀର ସର୍ବଶ୍ରେଷ୍ଠ ଲେଖିକାଙ୍କର ମଧ ତାଙ୍କର ସାରା ଜୀବନ କାଳ ଭିତରେ ଏଭଳି ଚମତ୍କାର କଥାଟିଏ ଶୁଣିବାର ସୌଭାଗ୍ୟ ହୋଇନଥିବ ।

●●●

Digitized by srujanika@gmail.com

# ସିନ୍ଦୁରୀ ଆମ୍ବର ରତ୍ନ

ଅଜାଙ୍କର ଗୋଟିଏ ଆମ୍ବତୋଟା ଥିଲା । ବେଶ୍ ବଡ଼ । ପୂର୍ବ ପୁରୁଷ କେବେ କିଏ ଲଗାଇଥିଲେ ଗଛତକ । ଲାଳନପାଳନ କରିଥିଲେ ଜଳସିଞ୍ଚନ କରି । ଅଜା ଖାଉଥିଲେ ଆମ୍ବ ।

ଖରାଦିନେ ଆମ୍ବ ପାଚିଲେ ମାମୁଁ ହଳିଆମାନଙ୍କୁ ଧରି ଆମ୍ବ ତୋଳିବାକୁ ଯାଉଥିଲେ ତୋଟାକୁ । ସାଥିରେ ମୁଁ । ବାନରପରି ସାବଲୀଳ ଗତିରେ ଗଛରେ ଚଢ଼ି ହାତପାଆନ୍ତାରେ ଥିବା ଆମ୍ବତକ ହଳିଆମାନେ ଛିଣ୍ଡାଇ ପକାଉଥିଲେ - ପଟାପଟ୍ । ଉଞ୍ଚା ଡାଳର ଆମ୍ବକୁ ହାତ ପାଉନଥିଲା । ସେସବୁ ଆମ୍ବ ତୋଳା ହେଉଥିଲା ଲମ୍ବା ଲମ୍ବା ବାଉଁଶ ବାଡ଼ିରେ । ଲମ୍ବ ସରୁ ବାଉଁଶ ଅଗରେ ପାଞ୍ଚ ସାତୋଟି ଆମ୍ବ ଧରିଲାଭଳିଆ କୁନି ଝୋଟ ଦଉଡ଼ିର ଜାଲିଟିଏ ବନ୍ଧା । ବେଶ୍ ନୈପୁଣ୍ୟର ସହିତ ହଳିଆମାନେ ବାଉଁଶଟି ଦୂରଡାଳକୁ ବଢ଼ାଇ, ଆମ୍ବଟିମାନ ଜାଲି ଭିତରେ ପୂରାଇ ବାଡ଼ିଟି ମୋଡ଼ି ଦେଉଥିଲେ । ଆମ୍ବର ଲମ୍ବା ଡ଼େମ୍ଫଟି ଛିଣ୍ଡି ଯାଉଥିଲା ଟୁକ୍‌କରି । ଆମ୍ବଟି ନିରାପଦରେ ରହିଯାଉଥିଲା ଜାଲି ଘେରରେ । ଅନେକଟା କେରମବୋର୍ଡ଼ର ଗର୍ତ୍ତରେ ତଳକୁ ଗଳି ପଡୁଥିବା ଗୋଟି ସବୁ ଜାଲିରେ ଅଟକିଗଲା ଭଳିଆ । ଭର୍ତ୍ତି ଜାଲିଟି ମଝିରେ ମଝିରେ ଖାଲି କରିବାକୁ ପଡୁଥିଲା । ଜାଲିଟି ଥିବା ହେତୁ ଦରପାଚିଲା ନରମ ଆମ୍ବ ସବୁ ସୁରକ୍ଷିତ ହୋଇ ରହୁଥିଲେ ତା' ଭିତରେ । ଅନ୍ୟଥା ଆକାଶଛୁଆଁ ପ୍ରଶାଖାମାନଙ୍କରୁ ତଳକୁ ଖସି ଆମ୍ବଗୁଡ଼ିକ ଫାଟି ଛେତରିଯିବାର ଭୟ ଥିଲା ।

ଛତ୍ରାକାର, ଘଞ୍ଚ, ନଭଶ୍ଚୁମ୍ବୀ ଗଛସବୁ । ପ୍ରତ୍ୟେକଟି ଗଛରୁ ଆମ୍ବତୋଳା ହେଉଥିଲା ହାତରେ । ସ୍ୱାଭାବତଃ ପୂରା ତୋଟାଟି ଖାଲି କରିବାକୁ ବେଶ୍ କିଛି ସମୟ ଲାଗିଯାଉ ଥିଲା । ମାମୁଁ ଆମ୍ବତୋଳା ତଦାରଖ କରୁଥିଲେ । ଆଉ ତଳେ ଗଦା ହୋଇଥିବା ଆମ୍ବଢ଼ିପରୁ ଲୁତ୍‌ପୁତିଆ ଆମ୍ବତକ ବାଛି ବାଛି ତା'ର ରସ ଚୁଷୁଥିଲି । ଥପ୍ ଥପ୍ ବହଳିଆ ହଳଦୀ ରଙ୍ଗା ରସ ବୋଳି ହୋଇଯାଉଥିଲା ଓଠ ଚାରିପଟଯାକ । ଆମ୍ବତୋଟା ଭିତରଟି ଥିଲା ଛାଇ ଛାଇଆ । ତଳେ ଏ ମୁଣ୍ଡରୁ ସେମୁଣ୍ଡ ଅଙ୍କାବଙ୍କା ପାଦଚଲା ବାଟ । ଭିତରକୁ ଖରା ପଶୁ ନଥିବାରୁ ଖୁବ୍ ବେଶୀ ଅନାବନାଗଛ ଉଠୁ ନଥିଲା ତଳେ । ଏଠି ସେଠି ଲାଜକୁଳୀ ଲତା । ତହିଁରେ ଗୋଲାପି ତୁଳା ପିଞ୍ଜପରି କୁନିକୁନି କାରୁକାର୍ଯ୍ୟମୟ ଫୁଲ । ମଝିରେ ମଝିରେ ଗଇଶ, ଧୁତୁରା ବା ଅରଖର ବୁଦା । ଯତ୍ରତତ୍ର ଚଢ଼େଇଖିଆ ଦରପାଚିଲା ଆମ୍ବର ଚୋପା ଓ ଟାକୁଆ । ପତ୍ରଫାଙ୍କ ଦେଇ କେଉଁଠି କେମିତି ସରୁ ପେନ୍‌ସିଲ୍‌ଟିଏ ପରି ତେରଛା ହୋଇ ପ୍ରସରି ଆସୁଥିଲା ସୂର୍ଯ୍ୟକିରଣ । ତାହିଁରେ ଭାସମାନ ରେଣୁ ରେଣୁ ଧୂଳିକଣାକୁ ଅବାକ୍ ହୋଇ ଦେଖୁଥିଲି ଡବ୍ ଡବ୍ ପିଲାଳିଆ ଆଖିରେ ।

ତୋଳା ସରିଲାପରେ ଆମ୍ବ ସବୁ ଲୋଦରରେ ଲଦା ହୋଇ ଶଗଡ଼ ଗାଡ଼ିରେ ଆସୁଥିଲା ଘରକୁ ଏବଂ ତା'ପରେ ଆରମ୍ଭ ହୋଇଯାଇଥିଲା ଆଈଙ୍କର ଶୃଙ୍ଖଳିତ କାର୍ଯ୍ୟ ପଦ୍ଧତି । ଆମ୍ବ ଭିତରେ ଅନେକ କଞ୍ଚା ଆମ୍ବ ମଧ ରହିଯାଉଥିଲା । ସେସବୁ ବଛା ହୋଇ ରହୁ

Digitized by srujanika@gmail.com

ଥିଲା ଆଚାର ପାଇଁ । ଧୋଇ ଧାଇ ପନିଖିରେ ଟୁକ୍‌ଡ଼ା ଟୁକ୍‌ଡ଼ା କରି କାଟି ଏବଂ ତେଲ, ଲୁଣ, ଗୁଡ଼, ହଳଦୀଲଙ୍କା ଗୁଣ୍ଡ ତଥା ସୋରିଷ ମେଥି ବଟା ଗୋଳାଇ ତାହା ଶୁଖାହେଉଥିଲା ଖରାରେ । ଆମ୍ବରୁ ପାଣିଝରି ମସଲାତକ ହୋଇଯାଉଥିଲା ଅଟକାଳି ପରି । ହାଣ୍ଡିରେ ପଡ଼ିଥିବା କାଠ ଚଟୁରେ ଆଇ ମଝିରେ ମଝିରେ ଘାଣ୍ଟି ଦେଉଥିଲେ ତାକୁ । ସେ ଆମ୍ବର ଖଟାଳିଆ ବାସ୍ନା ପବନରେ ତୁହାକୁ ତୁହା ଖେଳିବୁଲୁଥିଲା ଅଗଣା ସାରା । ପାଣି ଶୁଖି ଆଚାର କାଠୁଲିଆ ହୋଇଗଲେ ସାଇତା ହୋଇ ରହୁଥିଲା ମୁହଁ ବନ୍ଧା ସାନ ଆଟିକାମାନଙ୍କରେ ।

ଦର ପାଚିଲା ଆମ୍ବକୁ ସାଇତି ରଖିବାର ପଦ୍ଧତି ଥିଲା ଭିନେ । ନଈରୁ ହଳିଆମାନେ ଗାଣ୍ଡୁଆରେ ବାଲି ବୋହି ଆଣୁଥିଲେ । ଘର ଭିତରେ ଓ ପିଣ୍ଡାରେ ସମାନ କରି ବାଲି ବିଛାଇ ସେହି ବାଲିର ମୋଟା ଶେଯରେ ଧାଡ଼ି ଧାଡ଼ି କରି ଆମ୍ବକୁ ସଜାଇ ରଖୁଥିଲେ ଆଇ । ମୁହଁଟିମାନ ଉପରକୁ । ଦରପାଚିଲା ଆମ୍ବ ବାଲି ବିଛଣାରେ ଶୋଇ ନରମେଇ ଯାଉଥିଲେ କେଇଟା ଦିନରେ । ଏବଂ ତା'ପରେ ଆମ୍ବ ଖିଆ ଆରମ୍ଭ ହୋଇଯାଉଥିଲା ଘରେ । ନିତି ଦିନ । ଉଭୟ ଭାତ ଓ ଜଳଖିଆ ସାଥିରେ । ଆମ୍ବରସରେ ଚକଟି ଖିଆ ହେଉଥିଲା ଚୂଡ଼ା, ମୁଢ଼ି । ଅତ୍ୟଧିକ ପାଚିଯାଇଥିବା ଆମ୍ବରସରେ ତିଆରି ହେଉଥିଲା ଆମ୍ବଜାଉ । ବାକି ହାତରେ ଧରି, ମୁଣ୍ଡଟି ଭାଙ୍ଗି ଚୁଚୁମି ଯିଏ ଯେତେ ଖାଇପାରିଲା । ପନିଖି ବା ଛୁରୀରେ କାଟି, ଟୁକ୍‌ଡ଼ା କରି ଆମ୍ବ ଖାଇବାର ଚଳଣୀ ଆଦୌ ନଥିଲା ଘରେ । ଏବଂ ଚମତ୍କାର ନାଁ ଥିଲା ସେ ସବୁ ଆମ୍ବର । ରୂପ, ଗୁଣ ଓ ଚେହେରା ଅନୁଯାୟୀ । ସିନ୍ଦୁରୀ ଆମ୍ବ ପାଚିଗଲେ ଦିଶୁଥିଲା ସିନ୍ଦୂର ପରି ଲାଲ ଟୁକ୍‌ଟୁକ୍ । କଦଳିଆ ଆମ୍ବର ଆକାର ଥିଲା କଦଳୀପରି ଲମ୍ବାଳିଆ । ଉଞ୍ଚ ଗୋଜିଆ ନାକ ଥିବା ଆମ୍ବକୁ ଡକା ହେଉଥିଲା ନାକୋଇ । କୁନି କୁନି ପାଣିଚିଆ ରସ ଭର୍ତ୍ତି ଆମ୍ବର ନାଁ ଥିଲା ଗୁରୁଡ଼ି । ପଣସ ରସ ପରି ଘନରସର ଆମ୍ବକୁ କୁହାଯାଉଥିଲା ପଣସୁଆ । କଞ୍ଚାସୁଆଦି ଆମ୍ବ କଞ୍ଚାବେଳେ ବି ଲାଗୁ ଥିଲା ମିଠାଳିଆ । ଆମ୍ବିଳି ଥିଲା ସ୍ୱାଦରେ ବିବାକ୍ ଖଟା । ଆଉ ଡାଳରେ ଏକା ସାଥିରେ ପେଛା ପେଛା ହୋଇ ଫଳୁଥିବା ଆମ୍ବମାନଙ୍କର ନାଁ ଥିଲା ପେଛି ।

ଆମ୍ବତୋଳା ସହି ସମ୍ବନ୍ଧିତ ପିଲାଦିନର ଗୋଟିଏ ଘଟଣା ଏବେ ବି ଅନେକ ସମୟରେ ମୋର ମନେ ପଡ଼େ ।

ଆମ୍ବତୋଳା ସମୟରେ ସାଧାରଣତଃ ଖରାବେଳେ ମାମୁଁ ଓ ମୁଁ ଘରକୁ ଆସୁଥିଲୁ ମଧ୍ୟାହ୍ନ ଭୋଜନ ପାଇଁ । ସେ ଦିନ ଥିଲା ଆମ୍ବତୋଳାର ଶେଷ ଦିନ । କାଳେ ତାଙ୍କ ଅନୁପସ୍ଥିତିରେ ହଳିଆମାନେ କାମରେ ଫାଙ୍କି ଦେବେ ବୋଲି ମାମୁଁ ତୋଟା ଛାଡ଼ି ଆସିବାକୁ ନାମଙ୍ଗ ହେଲେ । ମୋତେ କହିଲେ ଯାଇ ଘରେ ଭାତ ଖାଇ ଆସିବାପାଇଁ । ଘରଟି ଖୁବ୍ ବେଶୀ ଦୂର ନଥିଲା ।

ତୋଟାରୁ ସାମାନ୍ୟ ଦୂରରେ ନାଳି କଟା ବସ୍ ରାସ୍ତା । ଆଖପାଖ ଗାଁରୁ କଟକ ପର୍ଯ୍ୟନ୍ତ । ଘରକୁ ଆସିବାକୁ ପଡୁଥିଲା ସେଇ ରାସ୍ତା ଧରି । ରାସ୍ତାଟି ଥିଲା କିନ୍ତୁ ଚମତ୍କାର । ଦୁଇପଟେ ଚିତ୍ରପଟ ପରି ଶ୍ୟାମଳ, ଉଚ୍ଚ ଦେବଦାରୁ ଗଛର ସମ୍ଭାର । ରାସ୍ତାଟି ଥିଲା ବିଲ୍‌କୁଲ୍

Digitized by srujanika@gmail.com

ସଳଖ । ଆଗକୁ ଚାହିଁଲେ ଦିଶୁଥିଲା ସତେ ଅବା ମିଶିଯାଇଛି ଦୂରଦିଗନ୍ତ ପାଖରେ । କେଜାଣି କାହିଁକି ହଠାତ୍ ମନେହେଲା ଆଖିବୁଜି ଚାଲିବାପାଇଁ । ବୟସ୍କମାନଙ୍କ ଆଖିରେ ଅହେତୁକ ଓ ଅଯୌକ୍ତିକ ମନେ ହେଉଥିବା ଏଭଳି ଅନେକ କାମ ସାନପିଲାମାନେ ସାଧାରଣତଃ କରିଥାଆନ୍ତି -ପରେ ଦେଖିଛି ।

ଆଖି ବୁଜି ଚାଲିବା ଆରମ୍ଭ କରିଦେଲି ରାସ୍ତାରେ । କେଇ ପାଦ ଅଗ୍ରସର ହୋଇ ଭାବିଲି, ଏଇତ ବେଶ୍ ଚାଲି ହେଉଛି ଆଖି ବନ୍ଦ କରି । କିନ୍ତୁ କେତୋଟି ଖୋଜଚାଲିବା ପରେ ହଠାତ୍ କପାଳରେ ଅନୁଭବ କଲି ତୀବ୍ର ଯନ୍ତ୍ରଣା । ଆଖି ଖୋଲି ଦେଖେ ରାସ୍ତାମଝିରୁ ବକ୍ରଭାବରେ ଗତିକରି ମୁଁ ଯାଇ ନିର୍ଘାତ୍ ଧକ୍କା ଖାଇଛି ଏକ ବୃହଦାକାର ଦେବଦାରୁ ଗଛ ଗଣ୍ଡିରେ । କପାଳ ପିଟି ହୋଇଯାଇଛି ସଜୋରେ । ସେ ପିଟି ହେବାର ଯନ୍ତ୍ରଣା ଏତେ ବେଶୀ ତୀବ୍ର ଥିଲା ଯେ କିଛି ସମୟ ପାଇଁ ସାରା ଜଗତର ଅବସ୍ଥିତି ଭୁଲାଇ ଦେଲା ମୋତେ । ବିକଳ ହୋଇ ବସିପଡ଼ିଲି ତଳେ । କିଛି ସମୟ ପରେ କପାଳରେ ହାତ ଦେଇ ଦେଖେ ଯେ କେନ୍ଦୁକୋଳି ଆକାରର ଏକ ବୃହଦାକାର ଆବୁ ମୋ ମସ୍ତକରେ ଜନ୍ମ ନେଇ ସାରିଛି ଯା ଭିତରେ । ଚାରିପଟକୁ ଚାହିଁଲି । ରାସ୍ତାଟି ନିଶୂନ । ଏତେ କଷ୍ଟ ସତ୍ତ୍ୱେବି ଭାବି ଖୁସି ଲାଗିଲା ଯେ ଅନ୍ତତଃ ମୋର ଏଇ ବୋକା କାର୍ଯ୍ୟଟିର ସାକ୍ଷୀ ସ୍ୱରୂପ କେହି ମଣିଷ ନାହାନ୍ତି ରାସ୍ତାରେ ।

ଘରକୁ ଫେରି ଆଇଙ୍କୁ ମିଛ କଥାଟିଏ କହିଲି । ରାସ୍ତା ମଝିରେ ଝୁଣ୍ଟି, ପଡ଼ିଗଲି ବୋଲି । ଭୟ ଥିଲା, ଆଇଙ୍କୁ ସତ କହିଦେଲେ ସିଏ ମାମୁଁଙ୍କୁ କହିଦେବେ ଓ ମାମୁଁ ମୋ ଦୁଷ୍ଟାମି ପାଇଁ ରାଗିବେ ମୋ ଉପରେ । ଆଖିବୁଜି ଚାଲିବା ଅପେକ୍ଷା ରାସ୍ତାରେ ଝୁଣ୍ଟିବା ଅପରାଧଟି ଅଧିକ କ୍ଷମଣୀୟ ମନେ ହୋଇଥିଲା । ଯେ କୌଣସି ବ୍ୟକ୍ତି ରାସ୍ତାରେ ଝୁଣ୍ଟିପାରେ ।

ଅପରାହ୍ଣରେ ମାମୁଁ ତୋଟାରୁ ଫେରିଲା ବେଳକୁ ଜାକିଜୁକି ହୋଇ ଆଇଙ୍କ କୋଳରେ ବସିଥିଲି ଓ ଆଇ ଘର ତିଆରି କୌଣସି ଏକ ଉପଚାର ମୋ କପାଳରେ ଲେପନ କରୁଥିଲେ । ତେବେ ବି ଗାଳି ଶୁଣିଲି ମାମୁଁଙ୍କଠାରୁ । ମୋ'ର ଅସାବଧାନତା ପାଇଁ । କିନ୍ତୁ ତା'ପରେ ପରେ ସଭିଏଁ ବ୍ୟସ୍ତ ହୋଇ ପଡ଼ିଲେ ଲୋଦର ଭଉଁ ଆମ୍ବକୁ ନେଇ ଏବଂ ଈଶ୍ବରଙ୍କ କୃପାରୁ ଏଇ ହଟ୍ଟଗୋଳ ଭିତରେ ମୋ ମୁଣ୍ଡର ଆବୁସମ୍ପର୍କୀୟ ଆଲୋଚନାଟି ସ୍ଥଗିତ ହୋଇ ରହିଗଲା କିଛି ସମୟ ଲାଗି ।

ଜୀବନର ଏକ ଅଭିନବ ଅନୁଭୂତିର ଖଡ଼ିପାଠ-ଯେ ଆଖିବୁଜି ସିଧାବାଟରେ ଚାଲି ହୁଏନି - ଜାଣିଥିଲି ଏତିକି ବେଳେ । ମୋର ସାତ ବର୍ଷ ବୟସରେ । ଅବଶ୍ୟ ଏହାର ଅନେକ ଅନେକ ବର୍ଷପରେ ଏବେ ଦେଖୁଛି ଯେ ଆଖି ଖୋଲା ରଖି ମଧ ମଣିଷ ଅବାଟକୁ ଯିବାର ଦୃଷ୍ଟାନ୍ତ କିଛି କମ୍ ନୁହେଁ ଏ ପୃଥିବୀରେ ।

●●●

Digitized by srujanika@gmail.com

# ପଣସ, ତାଳ ଓ ଆଖୁରସ

ଅଜାଙ୍କର ଦୁଇଟି ଚମତ୍କାର ପଣସ ଗଛ ଥିଲା । ଠିକ୍ ମହାନଦୀ କୂଳକୁ ଲାଗି ବନ୍ଧ ତଳେ । ଚକାମାଡ଼ିଲା ପରି ଗେଡ଼ା ଗେଡ଼ା ଛତ୍ରାକାର ଗଛ ଯୋଡ଼ିଏ । ସାଉଁଳିଆ, ଗାଢ଼, ସବୁଜ ପତ୍ରରେ ଭରପୂର୍ । ଋତୁ ଆସିଲେ ସେ ଗଛ ଦୁଇଟି ଛାଇ ଯାଉଥିଲେ କୁନି କୁନି ଅଜସ୍ର ନଧର ପଣସରେ । ସାରା ଗଣ୍ଡି ଓ ଡାଳଭର୍ତ୍ତି ଫଳ । କାଳେ କିଏ ତୋଳି ନେବ ବୋଲି ମାମୁଁ ବାରିପଟ ବାଉଁଶ ବୁଦାରୁ କଣ୍ଟାଳିଆ ବାଉଁଶ ଡାହି କାଟି ଗଛ ଚାରିପଟେ ଘେରାଇ ଦେଉଥିଲେ । ଅଜା ଘରେ କେହି ପଣସକଠା ତରକାରୀ ଖାଉନଥିଲେ । ପଣସତକ ସଯତ୍ନରେ ପକ୍ୱ ଓ ପରିଣତ ହେବାକୁ ଦିଆଯାଉଥିଲା । ଆଉ ବୈଶାଖ ମାସର ପ୍ରଚଣ୍ଡ ସୂର୍ଯ୍ୟାଲୋକର ଅଗ୍ନିଶିଖାରେ ଦଗ୍ଧ ହୋଇ ନରମ ଓ ରସଘନ ହୋଇଯାଉଥିଲା ସେ ପଣସ । ମିଠାଳିଆ ବାସ୍ନାର ପ୍ରକାଣ୍ଡ ପଣସଟିମାନ । ଗୋଟିଏ ଲୋକ ଏକୁଟିଆ ଟେକିବା ଥିଲା ମୁସ୍କିଲ ।

ପଣସ ପାଚିଗଲେ ଟୋଳା ହୋଇ ଆସୁଥିଲା ଘରକୁ । ବନ୍ଧୁବାନ୍ଧବ, କୁଣିଆମଇତ୍ରଙ୍କ ଘରକୁ ପଠାହେଉଥିଲା ଗୋଟେ ଲେଖାଏଁ । ସାବିତ୍ରୀ ଅମାବାସ୍ୟା ପାଇଁ । ସାଇ ପଡ଼ିଶା ମଧ ଭାଗ ବସାଉଥିଲେ । ଭାଗବଣ୍ଟା ସରିଲାପରେ ବି ପ୍ରଚୁର ବଳକା ରହିଯାଉଥିଲା ଏବଂ ତାହା ଖିଆ ହେଉଥିଲା ଘରେ ।

ଅଠା ଲାଗିବନି ବୋଲି ହାତରେ ମିଠାତେଲ ବୋଳି, ଆଈ ଗୋଟି ଗୋଟି କରି ପଣସ ଚିରି କୋଳା ବାହାର କରିଦେଉଥିଲେ । ଆଉଟା ଗିନିସୁନାରଙ୍ଗର ବଡ଼ ବଡ଼ ରସ ଟସ୍ ଟସ୍ କୋଳା । ଖରିକା ଜାଲି ଉପରେ କୋଳାତକ ଘଷିଦେଲେ ଥପ୍ ଥପ୍ ବହଳିଆ ରସ ନିଗିଡ଼ି ଜମା ହେଉଥିଲା ତଳେ, ମଧୁପରି ସ୍ୱାଦିଷ୍ଟ ଓ ବାସ୍ନାଭରା ରସ । ସାନଟିଏ ଥିଲି । ଆଙ୍ଗୁଠିରେ ଚାଟି ଚାଟି ଖାଇଦେଉଥିଲି ସେ ରସ । ସାନକଂସାଟିରେ ଅଧକଂସେ ହବ ରସନେଇ ଗିନେ ଘର ମରା କ୍ଷୀର ଗୋଳାଇ ଦେଉଥିଲେ ଆଈ । ଆଉ ତହିଁରେ ପକାଇ ଦେଉଥିଲେ ଦିମୁଠା ମଲ୍ଲିଫୁଲିଆ ମୁଢ଼ି । ସୁଡ଼୍ ସୁଡ଼୍ କରି ହାପୁଡ଼ି ପଣସରସ ଗୋଳା ମୁଢ଼ି ଖାଉଥିଲି ପେଟଭର୍ତ୍ତି ।

ଖରାଦିନେ ଘରକୁ ଆସୁଥିଲା ପାଚିଲା ତାଳ । ଆମ୍ବ ତୋଟାକୁ ଲାଗିକରି ଅନେକଗୁଡ଼ିଏ ଗଛ ଥିଲା ଅଜାଙ୍କର । ଆଈ ଚୋପା ଛଡ଼ାଇ, ଚକଟି ଦେଉଥିଲେ ସେ ତାଳକୁ । ଆଉ ତା' ରସକୁ ପରିଷ୍କାର କରି ଛାଣି ପାଗ କରୁଥିଲେ ଚୁଲୀରେ । ଜାଲିଚଟୁରେ ବାହାର କରି ଦେଉଥିଲେ ରସ ଉପରକୁ ଉତୁରି ଆସୁଥିବା ଫେଣ ଯାକ । ଫେଣ ଥିଲେ କାଳେ ରସ ପିତାଳିଆ ଲାଗେ । ରସ ଆଉଟା ହୋଇ ପାଗ ହୋଇଗଲେ ତହିଁରେ ଗୋଳା ହେଉଥିଲା ବାସମତୀ ଅରୁଆ ଚାଉଳ ଚୂନା । ଆଉ ସେ ଚୂନା ଓ ଗୁଡ଼ର ଜନ୍ତଣୀ ଚକଟା ହୋଇ ଛଣା

Digitized by srujanika@gmail.com

ହେଉଥିଲା ଘିଅ ଜୁଡୁବୁଡୁ ନରମ୍ ନରମ୍ କାକରା । ପୂରା ସାହାଲା , ଧାନ ଘରଠାରୁ ଢ଼ିଙ୍କିଶାଳ ଯାଏ , ମହମହ ହେଉଥିଲା ସେ ଗରମ ତାଳପିଠାର ବାସ୍ନାରେ ।

ଖରାଦିନେ କ୍ଷେତରୁ ଆସୁଥିଲା ବୋଝ ବୋଝ ଫୁଟି କାକୁଡ଼ି । କାକୁଡ଼ିର ମୋଟାଳିଆ ହଳଦୀରଙ୍ଗର ଚୋପା ଠାଏ ଠାଏ ଫଟା । ସେ ଫାଟ ଭିତରୁ ଉଙ୍କି ମାରୁଥିଲା ମାଂସଳ ଓ ଧୋବ ଫରଫର ସ୍ୱଚ୍ଛ ମିଠା କାକୁଡ଼ିର ସସ । ଚୋପାତକ ସହଜରେ ଉଲୁରି ଆସୁଥିଲା ସେ କାକୁଡ଼ିରୁ । ଖଣ୍ଡ ଖଣ୍ଡ କରି ମୁହଁରେ ପକାଇଲେ ସେ କାକୁଡ଼ି ବିଶୁଦ୍ଧ ପାଣି ହୋଇ ମିଳାଇ ଯାଉଥିଲା ପାଟି ଭିତରେ । ରୌଦ୍ରସ୍ନାତ ଉତପ୍ତ ଦ୍ୱିପ୍ରହରରେ କଣ୍ଠର ପିପାସା ଦୂର କରି ଦେହରେ ଚମତ୍କାର ଶୀତଳତା ଆଣି ଦେଉଥିଲା ସେ ସୁଗନ୍ଧୀ କାକୁଡ଼ି ।

ଗରମ ଦିନେ ଅଜାଘରେ ଶାଳ ବୁଲୁଥିଲା । ତିଆରି ହେଉଥିଲା ମାଠିଆ ମାଠିଆ ଗୁଡ଼ । ଅଜା ଆଖୁଚାଷ କରୁଥିଲେ ବହୁଳ ପରିମାଣରେ । ଆଖୁ ପାକଳ ହେଲେ କଟା ହୋଇ ଆସୁଥିଲା ବିଲରୁ । ସାନ ସାନ ବାଉଁଶ ଗଛ ପରି ପଗ ଥିବା ରଙ୍ଗୁ ଓ ଶକ୍ତ ସମର୍ଥ ଇକ୍ଷୁଦଣ୍ଡ ସବୁ । ଚେରପଟକୁ ମୋଟା ଓ ସରସ ଏବଂ ଅଗ୍ରଭାଗକୁ କାଣ୍ଡସର ପରି ଅପେକ୍ଷାକୃତ ସରୁ ଓ ରସହୀନ । ଗାଆଁ ମୁଣ୍ଡ ଆମ୍ବତୋଟା ଛାଇରେ ତିଆରି ହେଉଥିଲା ଆଖୁ ଶାଳ । ବଖରାଏ ଅସ୍ଥାୟୀ ଛପରଘର । ଗୁଡ଼ ରନ୍ଧା ହେବା ପାଇଁ ।

ରସ କାଢ଼ିବାପାଇଁ ମେସିନ୍‌ଟିଏ ଆସୁଥିଲା ଭଡ଼ାରେ । ମେସିନ୍‌ର ଦି'ପଟେ ଯୁଆଳିରେ ଯୁଚା ହେଉଥିଲେ ଦୁଇଟି ବଳଦ । ମେସିନ୍ ଚାରିପଟେ ବୃତ୍ତାକାର ଭାବରେ ବୁଲି ସେଇମାନେ ଚଳାଉଥିଲେ ମେସିନ୍ । ମେସିନ୍‌ର ଯେଉଁ ପଟେ ଆଖୁ ପୂରାଯାଉଥିଲା ସେଠାରେ ମାଟି ଖୋଳି ରଖାଯାଉଥିଲା ବଡ଼ ବଡ଼ ଟିଣ । ଦୋରୁଅ ନିଗିଡ଼ି ଜମା ହେଉଥିଲା ସେ ଟିଣରେ ଏବଂ ମେସିନ୍‌ରେ ଆରପଟେ ବାହାରି ଯାଉଥିଲା ଶୁଷ୍କ ନୀରସ, ଛେଦାତକ ।

ଶାଳ ଭିତରେ ପ୍ରକାଣ୍ଡକାୟ ଚଉଖୁଣ୍ଟିଆ ଲୁହା କଡ଼େଇମାନଙ୍କରେ ଆଉଟାଯାଉ ଥିଲା ଦୋରୁଅ । ତଳେ ଜାଳ ଦିଆଯାଉଥିଲା ଅନବରତ । ଶର୍କରା ଶୀଘ୍ର ଅଗ୍ନିଧରେ । ମେସିନ୍‌ରୁ ବାହାରୁଥିବା ଚିନିଅଂଶ ଯୁକ୍ତ ଭିଜା ଛେଦା ଜଳୁଥିଲା ହୁତ୍ ହୁତ୍ ହୋଇ । କଡ଼େଇର ରସ, ସେ ନିଆଁରେ ଫୁଟୁଥିଲା ଟଗ୍ ମଗ୍ ହୋଇ । ଉପରକୁ ଭାସି ଉଠୁଥିଲା ସାନ ସାନ କାଠିକୁଟା, ଶୁଖିଲା ପତ୍ରର ଟୁକ୍‌ଡ଼ା ବା ଛେଦାର ଅଂଶ ବିଶେଷ । ଫେଣ ସାଥିରେ । ବଡ଼ ବଡ଼ ଚଟୁ ଓ ଡଙ୍କାରେ ବାରମ୍ବାର ଛଣାଯାଉଥିଲା ସେ ମଇଳା । ନିଆଁରେ ମରିମରି ବେଶ୍ କିଛି ସମୟ ପରେ ଜଳୀୟ ବାଷ୍ପ ହରାଇ ଦୋରୁଅ ହୋଇଉଠୁଥିଲା ବହଳିଆ । ରଙ୍ଗ ଦିଶୁଥିଲା ପାଚିଲା କମଳା ଲେମ୍ବୁ ପରି । ରସ ଦାନା ଧରିଗଲେ, ତାହାକୁ ଥଣ୍ଡା କରି ଢ଼ଳା ଯାଉଥିଲା ବଡ଼ ବଡ଼ ବଣା ଭିତରେ । ବଣା ମୁହଁରେ କୁଟାବାନ୍ଧି ଚିକିଟା ମାଟି ପଲସ୍ତରା ଦିଆଯାଉଥିଲା । ଗୁଡ଼ ହୋଇଯାଉଥିଲା ପୂରାପୂରି 'ଏୟାର ଟାଇଟ୍' । କିଛି ଗୁଡ଼ ରହୁଥିଲା ବର୍ଷସାରା ଘର ଖର୍ଚ୍ଚ ପାଇଁ । ପିଠାପଣା, ଖଜାମୁଆଁ ସବୁଥିରେ ଲୋଡ଼ା ହେଉଥିଲା । ଘରେ ଚିନିର ଚଳଣି ଇ ନଥିଲା । କିଛି ଗୁଡ଼ ପଠାଯାଉଥିଲା ବନ୍ଧୁଘରମାନଙ୍କୁ, ଉପହାର ହିସାବରେ । ବାକି ତକ ବିକ୍ରୀ ହେଉଥିଲା ବେପାରୀମାନଙ୍କୁ । ବେଶ୍ କିଛି କଞ୍ଚା ପଇସା ମିଳୁଥିଲା ସେମାନଙ୍କଠାରୁ ।

Digitized by srujanika@gmail.com

ଗ୍ରୀଷ୍ମଋତୁରେ ଶାଳ ବସୁଥିଲା ପ୍ରାୟ ମାସକଯାଏ । ସବୁ ଦିନ ସକାଳୁ ମାମୁଁଙ୍କ ସାଥିରେ ଚାଲି ଚାଲି ଯାଉଥିଲି ଆଖୁଶାଳକୁ । ଫେରୁଫେରୁ ସଞ୍ଜ । ଚମତ୍କାର ଲାଗୁଥିଲା ସେଠାର କାର୍ଯ୍ୟବ୍ୟସ୍ତତା ଓ ହଟ୍ଟଗୋଳ । ଆଖୁ ସବୁ ଶଗଡ଼ରେ ବୁହାହୋଇ ଆସୁଥିଲା ଦୂର ଦୂରାନ୍ତର କ୍ଷେତରୁ । ମୂଲିଆମାନେ ତୀକ୍ଷ୍ଣ ଦା' ଧରି ଶୁଖିଲାପତ୍ର ଓ ଚେରକାଟି ଆଖୁ ଧଣ୍ଡା ପରିଷ୍କାର କରୁଥିଲେ । କେଇଜଣ ବ୍ୟସ୍ତ ଥିଲେ ରସ ବାହାର କରିବାରେ ଓ ବାକିତକ ହଳିଆ ବ୍ୟସ୍ତଥିଲେ ଗୁଡ଼ରନ୍ଧାରେ । ଦିନସାରା ଗିଲାସ ଗିଲାସ ଦୋରୁଅ ପିଉଥିଲି ଆଉ ଡବ୍ ଡବ୍ ଆଖିରେ ଅନାଇଁ ଗୁଡ଼ରନ୍ଧା ଦେଖୁଥିଲି । ଆଖୁରସ ଯେତେବେଳେ କ୍ଷୀରି ପରି ଗାଢ଼ ହେବାକୁ ବସୁଥିଲା, ଚମତ୍କାର ଫୋଟ୍‌କା ସବୁ ଫୁଟୁଥିଲା ତା' ଦେହରେ । ଫୋଟକାଟିମାନ ବାହାରୁଥିଲେ ତଳୁ ଏବଂ ଉପରକୁ ଆସି 'ଟୁପ୍' କରି ଫାଟି ଯାଉଥିଲେ । କ୍ରମାଗତ ଗୋଟିକ ପରେ ଗୋଟିଏ, ଗୋଟିକ ପରେ ଗୋଟିଏ ଏବଂ ତାଙ୍କର ସେଇ ଟୁପ୍, ଟୁପ୍, ଟୁପ୍ ଶବ୍ଦର ସାଙ୍ଗୀତିକତା ମୋତେ ବାରମ୍ବାର ପ୍ରଲୁବ୍ଧ କରୁଥିଲା ।

ବେଳେ ବେଳେ ମାମୁଁ ଘରୁ ଟିକିଏ କ୍ଷୀର ଏବଂ ଅଳେଇଚମେଞ୍ଜି ନେଇ ଯାଇଥିଲେ ସାଥିରେ । ଶାଳ ପାଖ ଅନାବନା ବୁଦାରୁ ପତ୍ର ତୋଳି ଖିଲଟିଏ ତିଆରି କରି ଦେଉଥିଲେ ଚଟ୍‌କି । ସାମାନ୍ୟ ଗାତ କରି ମାଟିରେ ପୋତି ଦେଉଥିଲେ ସେ ଖିଲଟି ଏବଂ ଗରମଗୁଡ଼ରେ କ୍ଷୀର ଓ ଅଳେଇଚ ମଞ୍ଜି ମିଶାଇ ଢ଼ାଳି ଦେଉଥିଲେ ସେ ଖିଲରେ । ଥଣ୍ଡା ହେଲାପରେ ଗୁଡ଼ ପୂରାପୂରି ଜମିଯାଉଥିଲା । ଖିଲଟି କାଢ଼ି ପତ୍ରଟି ହଟାଇ ଦେଲେ ହାତରେ ରହି ଯାଉଥିଲା ତିନି କୋଣିଆ ହଳଦିଆରଙ୍ଗର ମିଠେଇଟିଏ । କାମୁଡ଼ି କାମୁଡ଼ି ଭାରି ସଉକ୍‌ରେ ଖାଉଥିଲି ସେ ମସଲା ବାସ୍ନାର ମିଠେଇ । ଗୁଡ଼ ଠିକ୍ ପାଗହେବା ଆଗରୁ ତା'ଉପରେ ସାନ ସାନ ଫେଣର ଏକ ପତଳା ଆସ୍ତରଣ ବା ସର ପଡୁଥିଲା । ହଳିଆମାନେ କହୁଥିଲେ ଫୁଲଗୁଡ଼ -ଫୁଲପାଖୁଡ଼ା ପରି ହାଲ୍‌କା ଥିଲା ବୋଲି । ବଡ଼ ଶାଳୁଆପତ୍ରରେ ଟିକିଏ ନାଆଁକୁ ଫୁଲଗୁଡ଼ କେବେ କେମିତି କିଏ ଜଣେ ଧରାଇ ଦେଉଥିଲା । ଥଣ୍ଡା କରି ଟାକେରାମାରି ଚାଟି ଚାଟି ଖାଉଥିଲି ସେ ଫୁଲଗୁଡ଼ । ପାଟିକୁ ଲାଗୁଥିଲା ସଞ୍ଜ ପରି ।

ଆଜିକାଲି ଭୁବନେଶ୍ୱରରେ ରାସ୍ତାଘାଟରେ ଖରାଦିନେ ଆଖୁରସ ବିକ୍ରୀ ହେବାର ଦେଖେ । ମନେପଡ଼େ ଅଜାଘର କଥା ଏବଂ ପିଲା ଦିନ କଥା । ଶୁଣୁଥିଲି ଅଜାଘର ଗାଁ ଆଉ ମଫସଲ ହୋଇ ନାହିଁ -ଅଧାଅଧି ସହର ହୋଇଗଲାଣି । ବେଳେ ବେଳେ ଭାବେ, ଏବେ କଅଣ ଆଗପରି ଶାଳ ବସେ ଅଜାଘର ଗାଁରେ ? ଏବେ କଅଣ ଆଗପରି କୁନିଝିଅଟିଏ ମାମୁଁ ହାତ ଧରି ଗହୀର ବାଟରେ ଡ଼େଇଁ ଡ଼େଇଁ ନିଇତି ଆଖୁଶାଳକୁ ଯାଏ ସେଠି ? ଫୁଲଗୁଡ଼ ଲୋଭରେ ? କେଜାଣି ?

●●●

Digitized by srujanika@gmail.com

# ଦରିଆ ସେପାରି

ମୋ କୁନି କୁନି ହାତ ପାପୁଲିରେ ଜଗନ୍ନାଥ ସାର୍ ବେଶ୍ ଜୋରରେ ଦୁଇ ଥର ବେତ ମାରିଥିଲେ ଏବଂ ଠିକ୍ ସେଇ ମୁହୂର୍ତ୍ତରୁ ଇ ମୁଁ ବାପାଙ୍କ ଉପରେ ରାଗିବାକୁ ଆରମ୍ଭ କରିଦେଇଥିଲି । ମୁଁ ନିଶ୍ଚିତ ଥିଲି ଯେ ମୁଁ ଶ୍ରେଣୀରେ ଅପମାନିତ ହେବାରେ , ସମ୍ପୂର୍ଣ୍ଣ ରୂପେ ନହେଲେ ବି , ଅନେକାଂଶରେ ବାପା ଦାୟୀ ଥିଲେ । କାରଣ ସାରା କ୍ଲାସ୍‌କୁ ଶୁଣାଇ ଶୁଣାଇ ବେଶ୍ ଉଚ୍ଚ ସ୍ୱରରେ ଜଗନ୍ନାଥସାର୍ କହିଥିଲେ "ବାପା ପାଠ ପଢ଼ି ଅଧ୍ୟାପକ, ଅଥଚ ଝିଅକୁ ମିଶାଣଟିଏ ଆସୁନି" । ଅଧ୍ୟାପକଙ୍କର କନ୍ୟା ହେବା ଯେ ଏଭଳି ମର୍ମନ୍ତୁଦ ଭାବରେ ଅପମାନଜନକ ହୋଇପାରେ, ପ୍ରଥମଥର ପାଇଁ ବୁଝିଥିଲି ସେଦିନ । ରାଗ ହୋଇଥିଲା ବାପାଙ୍କ ଉପରେ । କିଏ କହିଥିଲା ତାଙ୍କୁ ପାଠପଢ଼ି ଅଧ୍ୟାପକ ହେବାପାଇଁ ? ମୋ ପ୍ରିୟସାଙ୍ଗ ପାର୍ବତୀର ବାପାଙ୍କ ପରି ନାପିତ ହୋଇ ପାରିଥାଆନ୍ତେ କିମ୍ବା ନିଶାମଣିର ବାପାଙ୍କ ପରି ପାନଦୋକାନୀ । ତାହେଲେ ତ ଜଗନ୍ନାଥ ସାର୍‌ଙ୍କଠାରୁ ଏଭଳି କଟୂ ମନ୍ତବ୍ୟ ମୋତେ ଶୁଣିବାକୁ ପଡ଼ିନଥାଆନ୍ତା ।

ବୟସ ଥିଲା ଛଅ ବର୍ଷ । ନାଁ ଲେଖା ହୋଇଥିଲା ଦ୍ୱିତୀୟ ଶ୍ରେଣୀରେ । ଘର ପାଖେ ସାହି ଭିତରେ ନିମ୍ନ ପ୍ରାଇମେରୀ ସ୍କୁଲଟିଏ । ସନ୍ତସନ୍ତିଆ ଚାଳଛପର ଘର କେଉ ବଖରା । ଲୁଣି ମରା ପଲସ୍ତରା । ଶିଉଳିଲଗା କାନ୍ଥ । ସାମ୍ନାରେ ଉଞ୍ଚ ଉଞ୍ଚ ନାଗଫେଣିଙ୍କର ଜମ୍‌ଜମାଟ ଆଡ଼୍‌ଡ଼ା । କ୍ଲାସରେ କାଠଷ୍ଟାଣ୍ଡ ଉପରେ ଥୁଆ ବିବର୍ଣ୍ଣ କଳାପଟା ଓ ସାର୍‌ଙ୍କ ପାଇଁ ଉଦ୍ଦିଷ୍ଟ ନଡ଼ ବଡ଼ିଆ ହାଣ୍ଡଲ୍‌ଲଗା ଚୌକି । ଆମେ ବସୁଥିଲୁ ତଳେ- ଧୂଳି ଭର୍ତ୍ତି ଚଟାଣ ଉପରେ ଚକାପକାଇ । ସାମ୍ନାରେ ଜମି ଉପରେ ବହି ଓ ସିଲଟ୍ ।

ସାର୍ ଥିଲେ ତିନିଜଣ । ଅଗଣିସାର ପଢ଼ାଉଥିଲେ ପ୍ରଥମ ଶ୍ରେଣୀରେ । ଜଗନ୍ନାଥ ସାର ତୃତୀୟ ଶ୍ରେଣୀରେ ଆଉ ଆମର ଶିକ୍ଷକ ଥିଲେ ବୁଦ୍ଧିମନ୍ତ ସାର୍ ।

ବୁଦ୍ଧିମନ୍ତ ସାର୍ ଥିଲେ ଏକ୍‌ଦମ୍ ନିରୀହ, ଗୋବେଚାରା ମଣିଷଟିଏ । ପହରଣ ନିପଟ ମଇଳା ଧୋତି ଓ ଫତେଇ । ବାମ ବାହୁରେ ମଳିପିଆ କାଳିଆ ଡୋରରେ ବନ୍ଧା ତମ୍ବା ତଉଁରିଆଟିଏ । ବେକରେ ଷୋରିଷ ଆକାର କୁନି କୁନି ଧଳାମାଳିର ଚିପା କଣ୍ଠିମାଳ । ବୁଦ୍ଧିମନ୍ତ ସାର୍ ମତେ ଲାଗୁଥିଲେ ପୃଥିବୀର ସବୁଠାରୁ ବୁଦ୍ଧିମନ୍ତ ମଣିଷ ବୋଲି । କାରଣ ସେ କେବେ ହେଲେ ରାଗୁନଥିଲେ ବା ଦଣ୍ଡ ବିଧାନ କରୁନଥିଲେ । ପାଠ ନ ଆସିଲେ ବି ।

ସ୍କୁଲ ଚାଲିଥିଲା ଠିକ୍ ଠାକ୍ । ଗଣ୍ଡଗୋଳ ସୃଷ୍ଟି ହେଲା ଦିନଟିଏ ପାଇଁ ବୁଦ୍ଧିମନ୍ତ ସାର୍ ଅନୁପସ୍ଥିତ ରହିବାରୁ । ତାଙ୍କ ସ୍ଥାନରେ ଜଗନ୍ନଥ ସାର୍ ଆସି ପହଞ୍ଚିଗଲେ ଶ୍ରେଣୀରେ । ଜଗନ୍ନାଥ ସାର୍ ଥିଲେ ହେଡ୍‌ମାଷ୍ଟର ଏବଂ ତାଙ୍କର କଡ଼ା ମିଜାଜପାଇଁ ତଥା ହାତରେ ଧରିଥିବା ନହକା

Digitized by srujanika@gmail.com

ବେତର ପ୍ରକୋପ ପାଇଁ ସ୍କୁଲରେ ଥିଲେ ପ୍ରଖ୍ୟାତ । ଖର୍ବକାୟ, ମାଲ୍‌କଛା ମାରି ଧୋତି ପିନ୍ଧୁଥିବା ଖର୍ବକାୟ ମଣିଷଟିଏ । ବ୍ୟକ୍ତିତ୍ୱ ଥିଲା କିନ୍ତୁ ଜୋର୍‌ଦାର୍ । ମୁଣ୍ଡର ବାଳତକ ଥିଲା ତୁଷାର ଶୁଭ୍ର । ତହିଁରେ ତୈଳମାର୍ଜନା କରି ଚିକ୍କଣ କରି କୁଣ୍ଡାଉଥିଲେ । ଲାଗୁଥିଲା ମୁଣ୍ଡ ଉପରେ, ଧଳା ଚୂନର ଲେପଟିଏ ଥିଲା ପରି । ଗୋଲମୁହଁରେ ଗାନ୍ଧୀମାର୍କା ଚଷମା । ସେ ଚଷମାର ମୋଟା ଯବକାଚ ସେପଟେ ଜଳଜଳ କରୁଥିଲା ଦୁଇଟି ଜବରଦସ୍ତ ପେଚାଡୋଳା । ହାତରେ ଚବିଶଘଣ୍ଟିଆ ପିନ୍ ପିନ୍ ପତଳା ତେଲପିଆ ସୁଦୃଶ୍ୟ ବେତଟିଏ । କଥା କଥାକେ ବେତ ବସୁଥିଲା ପିଲାଙ୍କ ଉପରେ । ଭୟରେ ସାରା ସ୍କୁଲ ଥିଲା ଥରହର ।

ସେଦିନ ଜଗନ୍ନାଥ ସାର୍ କ୍ଲାସକୁ ଆସି ଆମ ପାଇଁ ବ୍ଲାକ୍ ବୋର୍ଡ଼ରେ ଲେଖିଦେଲେ ଅଙ୍କଟିଏ । ଅଙ୍କଟି ଥିଲା ମିଶାଣ । ଅନେକ ଗୁଡ଼ିଏ ଚାରି ଅଙ୍କ ବିଶିଷ୍ଟ ସଂଖ୍ୟାର । ପ୍ରାୟ ଦଶମିନିଟ୍ ପରେ ପ୍ରଥମ ଧାଡ଼ିରୁ ଆରମ୍ଭ କରି ଜଣ ଜଣଙ୍କର ସ୍ଲେଟ୍‌ନେଇ ଅଙ୍କର ଫଳାଫଳ ଦେଖିବାକୁ ଆରମ୍ଭ କଲେ । ଯାହାର ମିଶାଣଟି ଠିକ୍ ଥିଲା ତାକୁ ମିଳିଲା ଚକ୍ ଖଡ଼ିରେ ଟଣା ବିରାଟକାୟ 'ରାଇଟ୍ ଚିହ୍ନ' । ଆଉ ଯାହାର ଭୁଲ ଥିଲା, ତାହା ପାଇଁ ଉଦ୍ଦିଷ୍ଟ ଥିଲା ବେତ୍ରାଘାତ ।

ଦ୍ୱିତୀୟ ଧାଡ଼ିରେ ବସିଥିଲି । ମୋ ପାଳି ଆସିଗଲା ବହୁତ ଶୀଘ୍ର । ଜଗନ୍ନାଥ ସାର୍ ଚଷମା ଭିତର ଦେଇ ଡ଼ିମା ଡ଼ିମା ଆଖିରେ ମୋ ସ୍ଲେଟ୍‌କୁ ଚାହିଁଲେ ଓ ତା'ପରେ ବେଶ୍ ନିବିଷ୍ଟ ଦୃଷ୍ଟିରେ ମୋ ମୁହଁକୁ । କଥା ନିଷ୍ପ୍ରୟୋଜନ ଥିଲା । କାରଣ ତାଙ୍କ ମୁହଁର ରାଗୀ ଅଭିବ୍ୟକ୍ତିଇ ମୋତେ ବତାଇ ଦେଲା ଯେ ମିଶାଣଟି ମୋର ଭୁଲ ହୋଇଛି । ସାରା ଦେହ ଭୟରେ ଠକ୍ ଠକ୍ । ଟୋପି ଟୋପି ସ୍ୱେଦବିନ୍ଦୁ କାହୁଁ ଆସି ଜମା ହେଲା କପାଳରେ । ଛାତି ଭିତରେ ଶୁଣିଲି ଗୋଟିଏ ସାନ ମୁଗୁରର ଧଡ଼ାସ୍ ଧଡ଼ାସ୍ ଶବ୍ଦ ।

''ବାପା ପାଠ ପଢ଼ି କଲେଜରେ ଅଧ୍ୟାପକ । ଆଉ ଝିଅକୁ ମିଶାଣଟିଏ ବି ଆସୁନି । କି ଭଳି ବାପର କି ଭଳି ଝିଅ''। ଜଗନ୍ନାଥ ସାର୍ ବେଶ ଗର୍ଜନ କରି ସାରା କ୍ଲାସ୍ ଶୁଣିପାରିବା ପରି ହୁଙ୍କାର କଲେ ଏବଂ ସେ ହୁଙ୍କାର ସହିତ ମୋ ତଳିପେଟରେ ଡ଼େଣା ଝପଟାଇ ଫଡ୍ ଫଡ୍ କରି ଉଠିଲେ ଏକା ସାଥିରେ ଅନେକ ଗୁଡ଼ିଏ ଆତଙ୍କିତ ପ୍ରଜାପତି ।

''ହାତ ଦେଖା ! ଦେଖାହାତ ! ଜଗନ୍ନାଥ ସାରଙ୍କ ଆଦେଶରେ ଠିଆ ହୋଇ ଦୁଇ ପାପୁଲିକୁ ଏକତ୍ରିତ କରି ସାମ୍ନାକୁ ପ୍ରସାରିଥିଲି ଓ ନିର୍ଦ୍ଦୟୀ ଜଗନ୍ନାଥ ସାର୍ ଦୁଇଥର ସଜୋର ବେତ୍ରାଘାତ କଲେ ସେ ପାପୁଲିରେ । ଯଦିଓ ଅନ୍ୟମାନଙ୍କୁ ମାତ୍ର ଥରଟିଏ ବେତ ମାରି ଥିଲେ, ମୋ ପାଇଁ ଶାସ୍ତି ଦ୍ୱିଗୁଣିତ ହୋଇଥିଲା । ଅଧ୍ୟାପକଙ୍କର କନ୍ୟା ହୋଇ ଅଙ୍କ ଭୁଲ କରିବାର ଅପରାଧ, ଅନ୍ୟମାନଙ୍କ ତୁଳନାରେ ବେଶୀ ଗର୍ହିତ ଥିଲା ବୋଧ ହୁଏ'' ।

ସାରାଦିନ ସ୍କୁଲରେ ଆଖିରୁ ଲୁହପୋଛି ମୁହଁ ଶୁଖାଇ ବୁଲିଲି । ଅଙ୍କ ଭୁଲ୍ ହୋଇଥିଲା ବୋଲି ଆଦୌ ମନଦୁଃଖ ନଥିଲା । ମନ ଦୁଃଖ ହୋଇଥିଲା ସାଥିପିଲାଙ୍କ ସାମ୍ନାରେ ଦଣ୍ଡିତ ହୋଇଥିଲି ବୋଲି ।

Digitized by srujanika@gmail.com

ଏବଂ ତା'ପର ଦିନ ଦେହ ଖରାପ ହୋଇଥିବାର ବାହାନା କରି ସ୍କୁଲ ଗଲିନି । ତା' ପର ପର ଆଉ ଦୁଇ ଦିନ ମଧ୍ୟ । ଆଉ ଆଶ୍ଚର୍ଯ୍ୟର କଥା, ମୋର ଏତାଦୃଶ ନିୟମ ବିରୁଦ୍ଧ କାର୍ଯ୍ୟକଳାପରେ ବୋଉର କୌଣସି ପ୍ରତିକ୍ରିୟା ଦେଖିବାକୁ ପାଇଲିନି । ଯଦିଓ ଦିନଟିଏ ସ୍କୁଲ ନଗଲେ, ଆଗରୁ ଅନେକ ଜବାବ୍‌ଦିହି କରିବାକୁ ପଡୁଥିଲା ତା' ସହିତ । ଶେଷ ପର୍ଯ୍ୟନ୍ତ ଉତ୍କଣ୍ଠା ସମାଳି ନପାରି ନିଜେଇ ଦିନେ ବିଷୟଟି ବୋଉ ଆଗରେ ଉତ୍‌ଥାପନ କଲି ଏବଂ ବେଶ୍ ସ୍ପଷ୍ଟ ଭାବରେ ଜଣାଇଦେଲି ଯେ ସ୍କୁଲଟି ଆଦୌ ଭଲ ନୁହେଁ ଓ ସେ ସ୍କୁଲରେ ପଢ଼ିବା ପାଇଁ ମୁଁ ମୋଟେ ଉତ୍ସୁକ ନୁହେଁ ।

କିନ୍ତୁ ବୋଉର ଉତ୍ତରଟି ମୋତେ ବେଶ୍ ଅବାକ୍ କଲା । ''ନଗଲେ ନଯା' । ଏମିତିରେ ତ ଆମେ ଆର ମାସରେ ଗାଁକୁ ଯିବା'' । ବୋଉ କହିଲା । ମୋ କଥାଟିରେ କୌଣସି ଗୁରୁତ୍ୱ ନଦେଇ ।

- ଗାଁକୁ ? କାହିଁକି ?

-ତୋ ବାପା ତ ଲଣ୍ଡନ୍ ଯାଉଛନ୍ତି । ସିଏ ଗଲେ ଆମ ଦେଖାଶୁଣା କିଏ କରିବ ଏଠି ?

ଠିକ୍ ହୋଇଚି ଆମେ ସବୁ ଯାଇ ତୋ ଜେଜେବାପା, ଜେଜେମା'ଙ୍କ ପାଖରେ ରହିବା ।

- ବାପା କାହିଁକି ଲଣ୍ଡନ ଯାଉଛନ୍ତି ?

- ପାଠ ପଢ଼ିବା ପାଇଁ ?

- ଆଉ ଲଣ୍ଡନ କେଉଁଠି ?

- ବହୁତ ଦୂରରେ । ଦରିଆ ସେପାରି । ବୋଉ ଅମନୋଯୋଗୀ ଭାବରେ ଉତ୍ତର ଦେଲା ଓ କୁନି ଭାଇଟିକୁ କ୍ଷୀର ପିଆଇବା ପାଇଁ ଉଠି ଚାଲିଗଲା ।

ଆଉ ଅଚାନକ କୃତଜ୍ଞତାରେ ଦ୍ରବୀଭୂତ ହୋଇ ବାପାଙ୍କ ପ୍ରତି ନରମେଇ ଗଲା ମନ । ଆହା ! ମୋ ବାପାଙ୍କ ପରି ଚମତ୍କାର ସମ୍ବେଦନଶୀଳ ବାପାଟିଏ କାହାରି ନଥିବ ବୋଧେ । ଠିକ୍ ଅସଲ ସମୟ ବୁଝି କେମିତି ଚାଲିଯାଉଛନ୍ତି ଦରିଆ ସେପାରି । ଆଉ ମୋତେ ସ୍କୁଲ ଯିବାକୁ ପଡ଼ିବନି । ଜଗନ୍ନାଥ ସାର୍‌ଙ୍କଠୁ ବେତମାଡ଼ ଖାଇବାକୁ ପଡ଼ିବନି ମଧ୍ୟ । କେଡ଼େ ସହଜ ଉପାୟରେ ବାପା ମୋତେ ଏକ ଆଶୁ ବିପତ୍ତିରୁ ଉଦ୍ଧାର କଲେ ସତେ ! ମନ ହୋଇଗଲା ବେଜାୟ ଖୁସି ।

ସେଦିନ ଅପରାହ୍ନରେ କଲେଜରୁ ଫେରି ଜଳଖିଆ ଖାଇସାରି ବାପା ଯେତେବେଳେ ମୋ କୁନି ଭାଇଟିକୁ କୋଳରେ ଧରି ଛାତ ଉପରେ ବୁଲୁଥିଲେ, ଉଞ୍ଚ ଉଞ୍ଚ ଅନ୍ଧାରୁଆ ସିଡ଼ି ପାହାଚ ଡକ ଚଢ଼ି ଧଇଁସଇଁ ହୋଇ ଯାଇ ପହଞ୍ଚିଥିଲି ବାପାଙ୍କ ପାଖରେ ।

Digitized by srujanika@gmail.com

ଚାରିପଟେ ରୂପା ପରି ଝଲମଲ୍ ଉଜ୍ଜ୍ୱଳ ଅପରାହ୍ନ । ସେ ଅପରାହ୍ନର କୋଣେ କୋଣେ ସତେ ଅବା ଭାସି ବୁଲୁଥିଲା ଛୁଟିର ଗନ୍ଧ । ଆକାଶରେ ଏଠି ସେଠି ମେଞ୍ଚା ମେଞ୍ଚା ଭିଣାତୁଳା ପରି ସଫେଦ୍ ମେଘର ଟୁକ୍ରା । ମିଜାଜ୍ ଲାଗୁଥିଲା ସେଇ ଖୋଲା ମେଲା ମେଘପରି ହାଲ୍କା ଓ ଫୁର୍‌ଫୁର୍ । ମନେହେଲା- ଉନ୍ମୁକ୍ତ ଛାତସାରା ଖେଳି ବୁଲୁଥିବା ସିର୍‌ସିର୍ ପବନ, ସେ ପବନରେ ଦୋଳି ଖେଳୁଥିବା ବାରିପଟେ ତେନ୍ତୁଳି ଗଛର ଝିରି ଝିରି ପତ୍ର ଓ ଆକାଶର ଧବ୍ ଧବ୍ ସାଦା ଉଡ଼ନ୍ତା ମେଘର ଦଳ- ସଭିଏଁ ଯେମିତି ନୃତ୍ୟଶୀଳ । ସଭିଏଁ ଯେମିତି ଭାଗ ବାଣ୍ଟି ନେଇଛନ୍ତି ମୋ ଖୁସିର କିଛି କିଛି ଅଂଶ ।

ହଠାତ୍ ବାପାଙ୍କୁ ପଚାରିଲି ''ବାପା ତମେ ନାଚ ଜାଣିଛ' ? ତମେ ନାଚି ପାରିବ ମୋ ପାଇଁ ''? ବାପା ଅବାକ୍ ହୋଇ କିଛି ସମୟ ମୋ ମୁହଁକୁ ଚାହିଁଲେ । ବୋଧ ହୁଏ ମୋ ମନ କଥା କଳନା କରିବା ପାଇଁ । ତା'ପରେ ତାଙ୍କର ଚିରାଚରିତ ଧୀର ଓ ସମାହିତ ଗଳାରେ କହିଲେ ''ତୋ ପାଇଁ ମୁଁ ସବୁ କିଛି କରି ପାରିବି ମା । ହେଲେ ମୁଁ ତ ନାଚ ଜାଣିନି'' ।

- ନାଚି ନ ଜାଣିଲେ ଡ଼େଇଁ ତ ଜାଣିଚ ।

- ଡ଼େଇଁ ଜାଣିଛି ଯେ ! ହେଲେ ଡ଼େଇଁବାଟା ତ ଆଉ ନାଚ ନୁହଁ ।

- ନହେଲେ ନାଇଁ, ତମେ ମୋ' ପାଇଁ ଡେଇଁଦିଅ । ତିଅଁନା ! ବାପା ତିଅଁନା । ମୁଁ ଅଳି କଲି ଏବଂ ମୋତେ ଖୁସି କରିବାପାଇଁ ମଜାଳିଆ ଭଙ୍ଗୀରେ ମୋ କୁନି ଭାଇଟିକୁ କୋଳରେ ଧରିଥିବା ଅବସ୍ଥାରେ, ଭୂଇଁ ଉପରକୁ ମାତ୍ର ଇଞ୍ଚିଟିଏ ପର୍ଯ୍ୟନ୍ତ ଉଠି, ବାପା ସାନ ସାନ ଲମ୍ଫ ଦୁଇଟି ପ୍ରଦାନ କଲେ । ସେ ଲମ୍ଫ ଯୋଗୁଁ ତାଙ୍କ ଯଜ୍ଞୋପବୀତରେ ବନ୍ଧା ହୋଇଥିବା ଝୁଲନ୍ତା ଚାବିର ଗୁଚ୍ଛ ଶବ୍ଦ କରି ବାଜି ଉଠିଲା ରୁଣ୍ ଝୁଣ୍- ରୁଣ୍ ଝୁଣ୍ । ଏକ ନିପୁଣ ନର୍ତ୍ତକର ଛନ୍ଦମୟ ନୁପୂର ନିନାଦ ପରି ।

ମୁଁ ହସି ଉଠିଲି ଖିଲ୍ ଖିଲ୍ ହୋଇ । ଉଚ୍ଚ ସ୍ୱରରେ । ମୋ ଉଚ୍ଛଳ ହସ ଦେଖି ବାପା ବି ହସିଲେ ମୋ ସହିତ । ମୃଦୁ ସ୍ୱରରେ ।

ଆଉ ଠିକ୍ ସେଇ ମୁହୂର୍ତ୍ତରେ, ଦୁଇ ଜଣଯାକଙ୍କର ମିଶାମିଶି ହସର ଜୁଆର ଭିତରେ, ମୁଁ କ୍ଷମା କରିଦେଲି ମୋ ବାପାଙ୍କୁ । ପାଠପଢ଼ି ଅଧ୍ୟାପକ ହୋଇଥିବାର ତାଙ୍କର ଅମାର୍ଜନୀୟ ଅପରାଧ ପାଇଁ ।

●●●

Digitized by srujanika@gmail.com

# କୀର୍ତ୍ତନ ଗାୟକ

ତାଙ୍କ ନାଁ ପ୍ରକୃତରେ ଥିଲା ଗିରିଧାରୀ । ମୁଁ କିନ୍ତୁ ଡାକୁଥିଲି 'ନୋଳି ଅଜା' ବୋଲି । କାରଣ ଖାଣ୍ଟି ଜୟପୁରୀ ସୁନାରେ ତିଆରି, ହଳଟିଏ ଉଜ୍ଜ୍ୱଳ ଓ ଓଜନଦାର ନୋଳି ସିଏ ସଦା ସର୍ବଦା କାନରେ ପିନ୍ଧୁଥିଲେ । ସେ ହଳଦୀ ଗରଗର ନିଦା ନୋଳିର ଦାଉରେ କାନର ଲତି ବୋହି ପଡୁଥିଲା । ତେଣୁ ଓଜନକୁ ହ୍ରାସ କରିବାପାଇଁ ସେ ନୋଳି ଦେହରେ ଲଗାହୋଇଥିଲା ମୋଟାଳିଆ କମକୃଟକରା ଚେନ ଓ ସେ ଚେନ୍ ବୁଲି ଆସିଥିଲା କାନ ଚାରି ପଟଯାକ । ନୋଳି ଅଜାଙ୍କ ଶ୍ୟାମଳ ମୁହଁକୁ ଭାରି ମାନୁଥିଲା  ସେ ଦୀପ୍ତପ୍ରଭ କନକ କୁଣ୍ଡଳ ଯୋଡ଼ିକ ।

ନୋଳିଅଜା, ତାଙ୍କ ବୟସ ସତ୍ତ୍ୱେ ଥିଲେ ବେଶ୍ ଶକ୍ତ ସମର୍ଥ । ମୁଣ୍ଡରେ ଶୁଭ୍ର କେଶଦାମ । ଡାହାଣ ପାଖ କାନ ପାଖରେ ବେଶ୍ ବଡ଼ ଆକରର ସୁଦୃଶ୍ୟ କଳାଜାଇଟିଏ । ହସୁଥିଲେ ଟିକିଏ ବକ୍ରଭାବରେ । ହସିଲା ବେଳେ ଗୋଟିଏ ପଟର ଓଠ ଟିକିଏ ତଳକୁ ନଇଁ ଆସୁଥିଲା । ପିନ୍ଧୁଥିଲେ ଆଣ୍ଠୁ ତଳକୁ ଲମ୍ବିଥିବା ଚଉଡ଼ା ଧଡ଼ିର ଧୋତି ଓ କାନ୍ଧରେ ପକାଉଥିଲେ ପରିଷ୍କାର କୁମ୍ଭ ଧଡ଼ିଆ ଗେରୁମଡ଼ା ଗାମୁଛା । ହାଟକୁ ବା କୁଣିଆଘରକୁ ଗଲେ ପିନ୍ଧୁଥିଲେ ଏକାଧିକ ପକେଟ ଥିବା ମୋଟା ଧଳାକନାର ଫତେଇଟିଏ ।

ନୋଳିଅଜା ଥିଲେ ମୋ ଅଜାଙ୍କ ସାନ ଭାଇ । ରହୁଥିଲେ ଅଜାଙ୍କ ସାଥିରେ ଏକା ଘରେ - ଅନ୍ୟ ଏକ ଖଞ୍ଜାରେ । ଅଜାଙ୍କର ପିତା ତାଙ୍କର ମୃତ୍ୟୁର ଅବ୍ୟବହିତ ପୂର୍ବରୁ ବେଶ୍ ବୁଦ୍ଧିମାନ କାମଟିଏ କରି ଯାଇଥିଲେ । ଭବିଷ୍ୟତ ପାଇଁ ଦୁଇ ପୁତ୍ରଙ୍କ ମଧ୍ୟରେ ସମସ୍ତ ଭୁଲ ବୁଝାବଣା ତଥା ମନାନ୍ତରର ରାସ୍ତାକୁ ବନ୍ଦ କରି, ନିଜର ସମସ୍ତ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ ସମାନ ଭାବରେ ବାଣ୍ଟିଦେଇ ଯାଇଥିଲେ ଦୁହିଁଙ୍କ ମଧ୍ୟରେ । ଦୁଇ ଭାଇଙ୍କ ମଧ୍ୟରେ ଥିବା ପ୍ରୀତି ଓ ସୌହାର୍ଦ୍ଦ୍ୟ ଥିଲା ଉଲ୍ଲେଖନୀୟ । ଦୁହେଁ ମିଳିମିଶି ଚଳୁଥିଲେ ଏକ ବିରାଟ ଏକାନ୍ନବର୍ତ୍ତୀ ପରିବାର ପରି । ଏ ଘରେ ଫୁଟଣ ଫୁଟିଲେ  ସେ ଘରକୁ ବାସ ଚହଟୁଥିଲା ।

ମୋ ନିଜ ଅଜାଙ୍କ ଅପେକ୍ଷା ନୋଳିଅଜାଙ୍କ ସହିତ ମୁଁ ବେଶୀ ସହଜ ବୋଧ କରୁଥିଲି । କାରଣ ମୋ ଅଜା ଥିଲେ ଏକ ସଂଯମୀ ପୁରୁଷ - ମିତଭାଷୀ ଏବଂ ଗମ୍ଭୀର ପ୍ରକୃତିର । ତାଙ୍କ ତୁଳନାରେ,  ନୋଳି ଅଜା ଥିଲେ ହସ୍‌କୁରା ଓ ଗପୁଡ଼ି । ମୋ ସହିତ ଅନେକ ସମୟରେ ଖୁସି ଗପ କରୁଥିଲେ । ହାତ ଧରି ନେଇ ଯାଉଥିଲେ ମନ୍ଦିର ଓ ଆମ୍ବତୋଟା । ନେଇଯାଉଥିଲେ ଗାଁ ଦାଣ୍ଡରେ ହେଉଥିବା ଦଣ୍ଡନାଚ, ବାଦୀପାଲା ବା ରାମଲୀଳା ଦେଖିବାକୁ । ଥିଲେ ବେଶ୍ ପ୍ରାଣବନ୍ତ ଓ ଖୁସ୍ ମିଜାଜିଆ ।

ନୋଳିଅଜାଙ୍କ ପ୍ରତି ମୋ ଆକର୍ଷଣର ଅବଶ୍ୟ ଅନ୍ୟ ଏକ କାରଣ ଥିଲା । ତାହା ହେଉଛି ତାଙ୍କର ବଟୁଆ । ନୋଳିଅଜା ଥିଲେ ଅସମ୍ଭବ ରକମକର ତାମ୍ବୁଳରସିକ ଓ

Digitized by srujanika@gmail.com

ଚବିଶଘଣ୍ଟା ତାଙ୍କ କାଖ ତଳେ ଜକା ହୋଇଥିଲା ତେଲ ଚକିଟା, ମଳିପିଆ ବଟୁଆଟିଏ । ସେ ବଟୁଆ ଭିତରେ ଡ଼େମ୍ପ ଚିରା ସଜପାନ ପତ୍ର, ଚୂନଭର୍ତ୍ତି ପିତଳ ଚୂନଖାଇ, ଭିନ୍ନ ଭିନ୍ନ ମୁଣିରେ ଖଇର ଟେଳା , ଫାଳଗୁଆ, ଧନିଆ, ପାନମହୁରୀ, ଭଜାଗୁଣ୍ଡି ଓ ଜାଇଫଳର ଟୁକୁଡ଼ା । ପାନ ଭାଙ୍ଗିଲେ ଖଇର ଉପରେ ଲାଗିଥିବା କେତକୀ ପାଖୁଡ଼ାର ବାସ୍ନା ଓ ଚୁଆ ଓ ଅତର ମିଶା ଭଜାଗୁଣ୍ଡିର ସୁବାସରେ ଖଣ୍ଡମଣ୍ଡଳ ହୋଇ ଉଠୁଥିଲା ମହମହ । ମୋ'ର ଆକର୍ଷଣର ଉତ୍ସଥିଲା କିନ୍ତୁ ନୋଳିଅଜାଙ୍କ ଗୁଆକାତିଟି । ପିତଳ ହାଣ୍ଡଲ୍‌ବାଲା କାରୁକାର୍ଯ୍ୟମୟ ଗୁଆକାତିଟିରେ ନୋଳିଅଜା ଗୁଆ କାଟୁଥିଲେ ଚକ୍‌ତି ଚକ୍‌ତି କରି ଏବଂ ସେ ଚକ୍‌ତି ସବୁ ଥିଲା କାଗଜଠୁ ବି ପତଳା । ବଡ଼ ବଡ଼ ଡୋଳା କାଢ଼ି ଆଁ' କରି ଦେଖୁଥିଲି ଅଜାଙ୍କର ସେ ଦକ୍ଷହାତର କାରୀଗରୀ । ଶୈଶବରେ ଏଇ ସବୁ ସାନ ସାନ କଥା ପ୍ରତି ଅହେତୁକ କୌତୁହଳ ପ୍ରାୟତଃ ସବୁ ପିଲାଙ୍କର ଥାଏ । ଅନେକ ସମୟରେ ଓର ଉଣ୍ଡି, ବଟୁଆରୁ ଗୁଆକାତିଟି କାଢ଼ି ଅଜାଙ୍କ ପରି ଗୁଆ କାଟିବାକୁ ଚେଷ୍ଟା କରୁଥିଲି । ହାତ କଟିଯିବ ବୋଲି ଅଜା କିନ୍ତୁ ଗୁଆକାତିଟି ଛଡ଼ାଇ ନେଉଥିଲେ ।

ନୋଳିଅଜାଙ୍କର ଗୁବାକକର୍ତ୍ତନର ବିଶିଷ୍ଟ ଗୁଣଟି ମୋତେ ଅନେକ ଦିନ ଧରି ବିମୋହିତ କରି ରଖିଥିଲା । କିନ୍ତୁ ଅତିଶୀଘ୍ର ମୁଁ ତାଙ୍କର ଅନ୍ୟ ଏକ ବିଶିଷ୍ଟ ଗୁଣ ଆବିଷ୍କାର କରିଥିଲି, ଯାହା ସାମ୍‌ନାରେ ତାଙ୍କର ବାକି ସବୁ ଗୁଣାବଳୀ ଫିକା ପଡ଼ିଯାଇଥିଲା ଏବଂ ସେ ଗୁଣଟି ଆବିଷ୍କାର କରିଥିଲି ଦୋଳପୂର୍ଣ୍ଣିମା ଦିନ - ଅଚାନକ୍ ।

ଅଜାଘର ଗାଁରେ ଦୋଳଉତ୍ସବ ପାଳନ କରାହେଉଥିଲା ବେଶ୍ ଜାକ୍ ଜକମର ସହିତ । ଦୋଳପୂର୍ଣ୍ଣିମାର କେଇ ଦିନ ଆଗରୁ ଚନ୍ଦ୍ରାତପବନ୍ଧା ପାଲିଙ୍କିରେ ଠାକୁର ସାରାଗାଁ ବୁଲି ଭୋଗ ଖାଉଥିଲେ । ପ୍ରତି ସନ୍ଧ୍ୟାରେ ଘଣ୍ଟ ଓ ମୃଦଙ୍ଗ ବଜାଇ ଓ ପାଲିଙ୍କି କାନ୍ଧେଇ ଗାଁର ଯୁବକ ଦଳ ଠାକୁରଙ୍କୁ ନେଇ ଯାଉଥିଲେ ଭିନ୍ନ ଭିନ୍ନ ଘରକୁ । ଦିଅଁଙ୍କ ପାଖରେ ନୈବେଦ୍ୟ ରୂପେ ଅର୍ପଣ କରାଯାଉଥିଲା କଷି ଆମ୍ବ ଓ ଗୁଡ଼ପାଗରେ ରନ୍ଧା ଚଣା । ଗୋବର ଲିପା ଦାଣ୍ଡପିଣ୍ଡାରେ ଦିଅଁଙ୍କୁ ପୂଜା ଅର୍ଚ୍ଚନା କରି ଗୃହସ୍ୱାମୀ ଓଳିଗି ହେଉଥିଲେ । ଗାଁରେ ଦୋଳପୂର୍ଣ୍ଣିମା ପୂର୍ବରୁ କଞ୍ଚାଆମ୍ବ ଖାଇବା ନିଷିଦ୍ଧ ଥିଲା ।

ଦୋଳପୂର୍ଣ୍ଣିମା ଦିନ ଗ୍ରାମବାସୀମାନେ -ବାଳୁତ ଓ ବୃଦ୍ଧ ଉଭୟେ-ବେଶ୍ ଉନ୍ମତ୍ତ ଭାବରେ ଫଗୁଖେଳରେ ମାତୁଥିଲେ । ପରସ୍ପର ଦେହରେ ବୋଳୁଥିଲେ ଅଭ୍ରମିଶା ଲାଲ, ଗୋଲାପି ଓ ସବୁଜ ରଙ୍ଗର ଅତରୀ ଅବିର । ଗାଁ' ଦାଣ୍ଡରେ ବିରାଟ ପଟୁଆର ବାହାରୁଥିଲା -ଗୀତନାଚ, ଅବିର ଖେଳ ଓ ବାଡ଼ିଖେଳରେ ମସ୍‌ଗୁଲ ଗ୍ରାମବାସୀମାନଙ୍କର । ବିଭିନ୍ନ କିସମର ମୁଖାପିନ୍ଧି ତଥା ବଡ଼ ବଡ଼ କଣ୍ଢେଇ ଖୋଳ ତଥା କାଠଘୋଡ଼ା ଭିତରେ ପଶି ନୃତ୍ୟକରୁଥିଲେ ଗ୍ରାମ୍ୟ କିଶୋରମାନେ । ପଟୁଆର ଗାଁ ବୁଲିସାରି ପହଞ୍ଚୁଥିଲା ଗାଁମୁଣ୍ଡରେ

Digitized by srujanika@gmail.com

ଥିବା କିଆବଣ ଘେରା ଗୋଚର ପଡ଼ିଆରେ । ଆହୁରି କିଛି ସମୟ ଧରି ଫୁଗି ଓ ହୋଲି ଖେଳ ଚାଲୁଥିଲା ସେଠି । ସାରା ଦିନ ମେଲଣ ବି ବସୁଥିଲା ପଡ଼ିଆରେ । ମନୋହାରୀ ଦୋକାନ ତଥା ଖଜା ମିଠେଇ ଦେକାନମାନଙ୍କରେ କିଣାବିକା ହେଉଥିଲା ବେଶ୍ ।

ସେ ବର୍ଷ ମୁଁ ଯାଇଥିଲି ମେଲଣ ପଡ଼ିଆକୁ ଲିଙ୍ଗାମାମୁଁଙ୍କ ସାଥିରେ । ଲିଙ୍ଗାମାମୁଁ ଥିଲେ ଅଜାଘରର ପୁରୁଣା ହଳିଆ - ଏକ ପ୍ରକାର ଘରର ବୟୋଃଜ୍ୟେଷ୍ଠ ସଦସ୍ୟ ସଦୃଶ । ଲିଙ୍ଗା ମାମୁଁ ଥିଲେ ବନ୍ୟ ମହିଷ ସଦୃଶ ସମର୍ଥ ଓ ବଳବାନ୍ । ଚେପ୍‌ଟା ନାକ, ଉଚ୍ଚ ହନୁହାଡ଼, ବାହୁ, ଛାତି ଓ ଗୋଡ଼ପେଣ୍ଡାର ମାଂସପେଶୀ ସବୁ ଡ଼ିମା ଡ଼ିମା ହୋଇ ବାହାରକୁ ବାହାରିଥିଲା । ପୁଆଣି ହୋଇଯାଉଥିବା ଗାଁ ଝିଅମାନଙ୍କର ସବାରୀ ବୋହି ବୋହି ଦୁଇ କାନ୍ଧର ଚମଡ଼ା ଶକ୍ତ ହୋଇ ରୂପାନ୍ତରିତ ହୋଇଥିଲା ବିଣ୍ଡିରେ । ମଣିଷଟି ଥିଲେ କିନ୍ତୁ ସ୍ନେହୀ ଓ ବଶମ୍ବଦ ।

ଲିଙ୍ଗାମାମୁଁଙ୍କ ସାଥିରେ ମେଳାରେ ବୁଲି ବୁଲି କୋରା, ମୁଆଁ ଓ ଖଣ୍ଡଘୋଡ଼ା ଖାଉ ଖାଉ ଗୋଟିଏ ଜାଗାରେ ଅନେକ ଲୋକ ଜମା ହୋଇଥିବାର ଦେଖିଥିଲି । ବେଶ୍ ଜବରଦସ୍ତ ଭିଡ଼ଟିଏ । ଭିତରୁ ଗୀତ ଓ ବାଦ୍ୟର ଧ୍ୱନି ଶୁଣାଯାଉଥିଲା । ଭିଡ଼ ଠେଲି ଭିତରକୁ ଯିବା ପାଇଁ ମୋ ଚେଷ୍ଟା ଅସଫଳ ହେଉଥିବାର ଦେଖି ଲିଙ୍ଗାମାମୁଁ ମତେ ଟେକି ନେଇ ବସାଇ ଦେଲେ ତାଙ୍କ କାନ୍ଧ ଉପରେ ଏବଂ ସେ ଉଚ୍ଚାସନରେ ବସି ଭିତରର ଯେଉଁ ଦୃଶ୍ୟ ମୁଁ ଦେଖିଲି ତାହାଥିଲା ମୋ ପାଇଁ ସମ୍ପୂର୍ଣ୍ଣ ରୂପେ ଅଭିନବ ।

ଭିତରେ ନାଚଗାନର ଆସର ବସିଥିଲା । ଅନେକ ଲୋକ ଖୋଳ, କରତାଳ, ଗିନି ଓ ମୃଦଙ୍ଗ ଧରି ବୃତ୍ତାକାର ଭାବରେ ବସିଥିଲେ ଓ ବାଦ୍ୟର ତାଳ ସହିତ ସମସ୍ୱରରେ ମିଶି ଗୀତ ଗାଉଥିଲେ । କିନ୍ତୁ ମୁଖ୍ୟ ଗାୟକର ଭୂମିକାଟି ଥିଲା ନୋଳିଅଜାଙ୍କର । ନୋଳିଅଜା ବସି ନଥିଲେ । ବୃତ୍ତ ମଝିରେ ଠିଆ ହୋଇ ବୁଲି ବୁଲି ଅଭିନୟ କରି ଗୀତ ଗାଉଥିଲେ ଓ ବାକି ଲୋକମାନେ ପାଳି ଧରୁଥିଲେ । ନୋଳିଅଜା ଗାଉଥିବା ଗୀତଗୁଡ଼ିକରେ କିଛି ମାତ୍ରାରେ ବଙ୍ଗଳା ଭାଷାର ଛାପ ଥିଲା ପରି ମୋତେ ଜଣାପଡ଼ିଥିଲା । କଟକରେ ମୋ'ର ପ୍ରିୟ ସାଥି ଝୁନୁ ଥିଲା ବଙ୍ଗାଳୀ ଓ ବଙ୍ଗଳାଭାଷା ସହିତ ମୁଁ ପରିଚିତ ଥିଲି ।

ନୋଳିଅଜାଙ୍କର ଧୋତି ଓ ଫତେଇରେ ଏଠି ସେଠି ଥିଲା ସବୁଜ ଅବିରର ଦାଗ । କିଏ ଜଣେ ତାଙ୍କ ମୁଣ୍ଡ ଉପରେ ଫଗୁ ଟିକିଏ ଛିଞ୍ଚି ଦେଇଥିଲା । ସଫେଦ୍ ବାଳତକ ଦିଶୁଥିଲା ଗୋଲାପି । ଅବିରରେ ମିଶିଥିବା ଅଭ୍ର ଗୁଣ୍ଡରେ ମୁହଁ ଝଟକୁ ଥିଲା ଝିକିମିକି । ଅଭ୍ରଗୁଣ୍ଡ, କନକକୁଣ୍ଡଳ ତଥା ତାଙ୍କ କାନ୍ଧରେ ପଡ଼ିଥିବା ଜରି ଧଡ଼ି ବିଶିଷ୍ଟ ଉତ୍ତରୀୟ ସବୁ ମିଶି ଏକ ରାଜକୀୟ ଐଶ୍ୱର୍ଯ୍ୟ ଓ ଗାରିମା ଆଣିଦେଇ ଥିଲା ନୋଳିଅଜାଙ୍କ ଚେହେରାରେ । ଆଉ ସେଇ ରାଜକୀୟ ବେଶରେ କୃଷ୍ଣ ପ୍ରେମରେ ତଲ୍ଲୀନ ହୋଇ ଆଖିବୁଜି ଗୀତ ଗାଉଥିଲେ ନୋଳିଅଜା । କି ଅନବଦ୍ୟ ଥିଲା ସେ ଗୀତର ସୁର ! କି କାରୁକାର୍ଯ୍ୟ ଥିଲା ସେ ସ୍ୱରସାଧନାରେ !

Digitized by srujanika@gmail.com

ଚତୁର୍ଦ୍ଦିଗର ଜନତା, ନାଗ ପଦ୍ମତୋଳା ଶୁଣିଲା ସଦୃଶ, ମନ୍ତ୍ର ମୁଗ୍ଧହୋଇ ଶୁଣୁଥିଲେ ସେ ସଙ୍ଗୀତ ।

ମେଳାରୁ ଫେରିଲାବେଳକୁ ଲିଙ୍ଗାମୁମୁଁଙ୍କୁ କହିଲି - ନୋଳିଅଜା ଏଡ଼େ ବଢ଼ିଆ ଗୀତ ଗାଆନ୍ତି ମୁଁ ଜାଣିନଥିଲି ।

- ଓଃ ! ତୁ ଜାଣିନୁକି ? ଏ ଖଣ୍ଡମଣ୍ଡଳରେ ସିଏ ପରା ସବୁଠୁ ବଡ଼ କୀର୍ତ୍ତନଗାୟକ । ତାଙ୍କ ଚାରିପଟେ ପାଳି ଧରୁଥିବା କୀର୍ତ୍ତନିୟାମାନେ ସବୁ ତାଙ୍କର ଶିଷ୍ୟ । ସେମାନଙ୍କୁ କୀର୍ତ୍ତନ ଶିଖାଇଛନ୍ତି ତୋ ଅଜା ।

- କିନ୍ତୁ  ନୋଳିଅଜା ଗୀତ ଶିଖିଲେ କେମିତି ?

-ସିଏ ଅନେକ ବର୍ଷ ଆଗର କଥା । ତୋ ନୋଳି ଅଜା ସାନଟିଏ ଥିଲା ବେଳେ ତାଙ୍କର ସଙ୍ଗୀତ ପ୍ରତି ଆଗ୍ରହ ଦେଖି ତୋ ବଡ଼ ଅଜା ଗୁରୁରଖି ତାଙ୍କୁ କୀର୍ତ୍ତନ ଶିଖାଇଥିଲେ । ଅବଶ୍ୟ ପରେ ପରେ ନିଜ ସାଧନା ଓ ଗୁଣବଳରେ ସିଏ ବହୁତ ବଡ଼ କୀର୍ତ୍ତନ ଗାୟକ ହୋଇଗଲେ ।

- କିନ୍ତୁ ମୁଁ ତ ତାଙ୍କୁ କେବେ ବି ଗୀତ ଗାଇବାର ଦେଖିନି ।

- ଏବେ ବୁଢ଼ା ହୋଇଗଲେଣିତ ! ଗୀତ ଗାଇବା ଛାଡ଼ି ଦେଲେଣି । ଏଇଭଳି ବଡ଼ ବଡ଼ ପର୍ବ ପର୍ବାଣୀରେ କେବେ କେମିତି ଗାଆନ୍ତି । ନହେଲେ ନାଇଁ ।

ନୋଳିଅଜା ଚାଲିଯିବାର ଅନେକ ବର୍ଷ ହେଲାଣି । କିନ୍ତୁ ପ୍ରତ୍ୟେକ ଦୋଳପୂର୍ଣ୍ଣିମା ଦିନ ମନେ ପଡ଼େ ତାଙ୍କ କଥା । ମନେ ପଡ଼େ ତାଙ୍କର ଅବିରବୋଳା ଐଶ୍ୱର୍ଯ୍ୟମୟ ରୂପ । ମନେ ପଡ଼େ ତାଙ୍କର ଉଦାତ୍ତ କଣ୍ଠରୁ ଉଚ୍ଛୁରି ଆସୁଥିବା ସେ ଅନୁପମ ସଙ୍ଗୀତ ଲହରୀ । ଏବଂ ମନେ ପଡ଼େ ତାଙ୍କ ମୁଖମଣ୍ଡଳର ସେଇ କୃଷ୍ଣାଶ୍ରିତ ଭାବବିହ୍ୱଳ ଅପାର୍ଥିବ ଛବି । ସିନେମାର 'ଫ୍ରିଜ୍‌ସଟ୍' ପରି ସେ ଛବି ଏବେ ବି କେଉଁଠି ଯେମିତି ଛାପ ମାରି ରହିଯାଇଛି ଶୈଶବର ଶୋଭାବନ୍ତ ସ୍ମୃତିର ପର୍ଦ୍ଦାରେ । ସମୟର ଧୂଳି ଓ ଅଳନ୍ଧୁ ସାମାନ୍ୟମାତ୍ର ବି ବିବର୍ଣ୍ଣ କରିପାରିନି ତାକୁ ।

●●●

Digitized by srujanika@gmail.com

# ନିର୍ମାଲ୍ୟ

କଟକରୁ ଗାଁକୁ ଗଲାବେଳେ ବୋଉ ହାର୍ମୋନିୟମ୍‌ଟି ନେଇ ଯାଇଥିଲା ସାଥିରେ ଏବଂ ଗାଁରେ ପହଞ୍ଚିବା ପରଦିନ ଦାଣ୍ଡରେ ବସି କେଇ ଜଣ ବୟୋଃବୃଦ୍ଧ ପଡ଼ୋଶୀଙ୍କ ସହିତ ଆଳାପ କଲାବେଳେ ବାପା କହିଥିଲେ ହାର୍ମୋନିୟମ୍ ବଜାଇ ସେମାନଙ୍କୁ ଗୀତ ଶୁଣାଇବା ପାଇଁ । କହିବା ବାହୁଲ୍ୟ ଯେ ନଅବର୍ଷର ଚଞ୍ଚଳୀ, ପୁଚ୍‌କୀଗାଲୀ ଝିଅଟି ଗ୍ରାମବାସୀମାନଙ୍କୁ ଗୀତ ଶୁଣାଇ ବାହାବା ନେବା ପାଇଁ ସେତେବେଳେ ଥିଲା ବେଶ୍ ତତ୍ପର ଓ ବ୍ୟଗ୍ର ।

ମୁଁ ଗୀତ ଆରମ୍ଭ କଲାବେଳକୁ ମାତ୍ର ତିନି ଚାରୋଟି ବ୍ୟକ୍ତି ବସିଥିଲେ ବାପାଙ୍କ ପାଖରେ । କିନ୍ତୁ ପ୍ରଥମଗୀତ- ଶ୍ରୀ ନିମାଇଁଚରଣ ହରିଚନ୍ଦନଙ୍କର ଚକାନୟନକୁ ପତିତ କହି- ଭଜନଟି ଗାଇ ସାରିଲା ବେଳକୁ, ଆମ ଘର ସାମ୍‌ନା ଦାଣ୍ଡ ଭର୍ତ୍ତି ହୋଇଯାଇଥିଲା ଲୋକଗହଳିରେ । ନିଃଶବ୍ଦ ସନ୍ଧ୍ୟାର ସିରି ସିରି ବତାସରେ ସ୍ୱରଲିପି ପ୍ରସରିଯାଇଥିଲା ଗାଁ ମୁଣ୍ଡଯାଏ ଓ ପିମ୍ପୁଡ଼ିର ନିରବିଚ୍ଛିନ୍ନ ଧାରପରି ଖରାକାକରଖିଆ ଶ୍ୟାମତନୁ ମଣିଷମାନଙ୍କର ପ୍ରବହମାନ ସ୍ରୋତ ଆସି ଠୁଳ ହୋଇଥିଲେ ମୋ' ଚାରିପଟେ । ବସ୍ତୁତଃ ସେତେବେଳ ସମୟରେ ସାନପିଲାଟିଏ ହାର୍ମୋନିୟମ୍ ରିଡ଼ରେ ହାତ ଚଳାଇ ଗୀତ ଗାଇବାର ଦୃଶ୍ୟ, ଆମ ଗାଁ ଲୋକମାନଙ୍କ ପାଇଁ ଥିଲା ଏକାନ୍ତ ଭାବରେ ଅଭିନବ ।

ଜାଣିଥିଲି ହାତଗଣତି ଜଣାଣ କେତୋଟି ମାତ୍ର । ଗୀତ ସବୁ ସରିଗଲା ଘଣ୍ଟାକ ଭିତରେ ଏବଂ ଲୋକସବୁ ବାହୁଡ଼ିଗଲେ ଯେଝା ଯେଝା ଘରକୁ । ତା'ପରେ କିନ୍ତୁ ଅନେକ ସମୟ ଧରି ଏକାକୀ ମଣିଷଟିଏ ବେଶ୍ ଚୁପ୍ ଚାପ୍ ଆମ ପିଣ୍ଡାତଳେ ବସି ରହିଥିବାର ଦେଖିଲି । ନିଷ୍ପ୍ରଭ ଲଣ୍ଠଣ ଆଲୁଅରେ ତା'ର ଫୁଙ୍ଗୁଳା ଦେହ ଓ ମୁହଁ ଦିଶୁଥିଲା ଛାଇ ଛାଇଆ । ଶୀର୍ଣ୍ଣ କପୋଳ । ସାମ୍‌ନାର ଦାନ୍ତ ଦୁଇଟି ନିଖୋଜ୍ । ଭଗ୍ନ ସ୍ୱାସ୍ଥ୍ୟର ଦୀର୍ଘକାୟ, ଗହମରଙ୍ଗା ମଣିଷଟିଏ । ବେକରେ ଦିସରିଆ ଚିପା ତୁଳସୀମାଳି । କପାଳରେ ତିଳକ ।

ତା' ପର ଦିନ ଅପରାହ୍ନରେ ଯେତେବେଳେ ଦାଣ୍ଡକୁ ଖେଳିବାକୁ ଗଲି, ଲୋକଟି ବାହାରି ଆସିଲା ତା' ଘରୁ । ଆମ ଘରଠୁ ଅଳ୍ପ ଦୂରରେ ଥିଲା ତା'ର ବାସସ୍ଥଳୀ । ମୋତେ ଲାଗିଲା ଯେମିତି ଅନେକ ସମୟ ଧରି ମୋ'ରି ପାଇଁ ଅପେକ୍ଷା କରି ରହିଥିଲା ସିଏ ।

ଲୋକଟି ଆସି ଆମ ପଥର ପାହାଚରେ ବସିଲା । ବେଶ୍ ସଙ୍କୁଚିତ ଭାବରେ ଓ ଜଡ଼ସଡ଼ ହୋଇ । ମୃଦୁ ହସି ପଚାରିଲା -ତମ ନାଁ କଅଣ ?

-କାନନ । ଆଉ ତମ ନାଁ ?

-ନିର୍ମାଲ୍ୟ । ଲାଜଲାଜ କରି କହିଲା ଲୋକଟି ।

- ତମ ନାଁଟି କିନ୍ତୁ ଭାରି ସୁନ୍ଦର । ମୁଁ କହିଲି ଏବଂ ଲୋକଟି ଆଉ ଟିକିଏ ସରମେଇ ଗଲା ।

କିଛି ସମୟ ଏଣୁ ତେଣୁ ଗପ କରିଲାପରେ ମୋ ସହିତ ଅନେକଟା ସହଜ ହୋଇ ପଡ଼ିଲା ନିର୍ମାଲ୍ୟ । ଅସରନ୍ତି ପ୍ରଶ୍ନ ପଚାରୁଥିଲା ମୋତେ - କଟକ ସହର ବିଷୟରେ, ମୋ ଗୀତଶିଖା ବିଷୟରେ ଏବଂ ସର୍ବୋପରି ମୋ' ପାଠପଢ଼ା ବିଷୟରେ ।

Digitized by srujanika@gmail.com

-ତମେ ସବୁ ସ୍କୁଲରେ କଅଣ ପାଠ ପଢ଼ ?

-ଓଃ ! କେତେ କଥା ! ଗଣିତ, ସାହିତ୍ୟ, ଭୂଗୋଳ... । ମୁଁ ଯା'ପରେ ବିଜ୍ଞାନ ତଥା ଇତିହାସର ନାମୋଲ୍ଲେଖ କରି ତାଲିକାଟିକୁ ଦୀର୍ଘତର କରିବାକୁ ଯାଉଥିଲି । କିନ୍ତୁ କଥା ମଝିରେ ନିର୍ମାଲ୍ୟ ମୋତେ ଅଟକାଇ ଦେଲା । ଗଣିତ ଓ ସାହିତ୍ୟ ଶବ୍ଦ ଦୁଇଟି ସହିତ ସିଏ ପରିଚିତ ଥିଲା । କିନ୍ତୁ ଭୂଗୋଳ ଶବ୍ଦଟି ତା'ପାଇଁ ଥିଲା ସମ୍ପୂର୍ଣ୍ଣ ରୂପେ ନୂତନ ।

-ଭୂଗୋଳ ? ଭୂଗୋଳ କି ଜିନିଷ ?

- ଭୂଗୋଳ ଜାଣିନ ? ଭୂଗୋଳରେ ଆମେ ପୃଥିବୀ ବିଷୟରେ ପଢୁ ।

- ପୃଥିବୀ ବିଷୟରେ ? କଅଣ ସବୁ ପାଠପଢ଼ ପୃଥିବୀ ବିଷୟରେ ?

- ଧର ଏଇ ଯେମିତି -ପୃଥିବୀ ପ୍ରତି ଚବିଶ ଘଣ୍ଟାରେ ଥରେ ଲେଖାଏଁ ତା' ଅକ୍ଷ ଚାରିପଟେ ଘୁରି ଆସେ । ମୁଁ ଉତ୍ତର ଦେଲି ଏବଂ ଆହୁରି ମଧ କହିବାକୁ ଯାଉଥିଲି ଯେ ଆମ ପାଇଁ ଦିନ ଓ ରାତି ସମ୍ଭବ ହୁଏ କେବଳ ପୃଥିବୀର ଏଇ ଘୂର୍ଣ୍ଣନ ଯୋଗୁଁ ।

କିନ୍ତୁ କଥା ମଝିରେ, ପୁଣି ଥରେ ମତେ ଅଟକାଇଲା ନିର୍ମାଲ୍ୟ-ଯାଃ । ପୃଥିବୀଟା ପୁଣି ବୁଲିବ କେମିତି ? ପୃଥିବୀ ଜୋର୍ ଜୋର୍‌ରେ ବୁଲୁଥିଲେ ଆମେ ସବୁ ଛିଟ୍‌କି କରି ପଡ଼ିଯାଆନ୍ତେ ନି ?

କଥାଟି ବେଶ୍ ଭାବିଚିନ୍ତି ଉଦ୍‌ବେଗର ସହିତ ନିର୍ମାଲ୍ୟ କହିଥିଲା ଏବଂ ତା'ର ସନ୍ଦେହ ଭଞ୍ଜନ କେମିତି କରିବ ଭାବି ମୁଁ ସାମାନ୍ୟ ବିବ୍ରତ ବୋଧ କଲି । କିନ୍ତୁ କେଜାଣି କେମିତି ମନରେ ଆସିଗଲା ଅଜବ ଉଦାହରଣଟିଏ - ନିର୍ମାଲ୍ୟ ବୁଝି ପାରିଲା ଭଳିଆ ।

- ଆଚ୍ଛା ତମେ ଶଗଡ଼ଗାଡ଼ି ଦେଖିଚ?

-ଶଗଡ଼ ଗାଡ଼ି ଦେଖିନେଇଁନା ? ମୁଁ ପରା ଚାଷୀ । ରାତି ପାହିଲେ ଶଗଡ଼ ବଳଦରେ ମୋ କାମ ।

- ଧର ତମେ ଗୋଟିଏ ଶଗଡ଼ର ଚଳନ୍ତା ଚକ ମଝିରେ ପିମ୍ପୁଡ଼ିଟିଏ ଛାଡ଼ିଦେଲ । ଚକଟି ଚାଲିଲା ବେଳେ କଅଣ ପିମ୍ପୁଡ଼ିଟି ତଳକୁ ଖସିପଡ଼ିବ ? ନା ରହିଥିବ ସେଇଠି ଲାଖିକି ?

ମୋ' ପ୍ରଶ୍ନଟିରେ ଗଭୀର ମନୋନିବେଶ କରି ଭ୍ରୁକୁଞ୍ଚନର ଭଙ୍ଗୀରେ ବେଶ୍ କିଛି ସମୟ ବସିରହିଲା ନିର୍ମାଲ୍ୟ ଏବଂ ତା'ପରେ ଏକ ନିଗୂଢ଼ ତଥ୍ୟ ଆବିଷ୍କାର କରିଥିବାର ଉତ୍ତେଜନାରେ ଉତ୍‌ଫୁଲ୍ଲ ହୋଇ କହିଲା - ନାଃ ! ପିମ୍ପୁଡ଼ିଟି ଜମା ପଡ଼ିବନି । ଆରାମରେ ଚାଲ ବୁଲ କରୁଥିବ ଚକ ଭିତର ଯାକ ।

- ତା ହେଲେ ? କାହିଁକି କହୁଚ ପୃଥିବୀ ବୁଲିଲେ ଆମେ ଛିଟ୍‌କି ପଡ଼ିବା ବୋଲି ? ପୃଥିବୀ ତୁଳନାରେ ଆମେ ଯେ ପିମ୍ପୁଡ଼ିଠୁ ବି ସାନ ।

ମୁଁ କହିଲି ଏବଂ ଅନୁଭବ କଲି ଭୂଗୋଳ ବେଶ୍ ଜବରଦସ୍ତ ସିଲ୍ ମୋହର ମାରିଗଲା ନିର୍ମାଲ୍ୟ ଓ ମୋର ବନ୍ଧୁତ୍ୱରେ । ଭୂଗୋଳ ନିର୍ମାଲ୍ୟକୁ ନିଶ୍ଚିତ କରିଗଲା ମୋର ତଥାକଥିତ

Digitized by srujanika@gmail.com

ଜ୍ଞାନର ଗଭୀରତା ସମ୍ପର୍କରେ ଏବଂ ସର୍ବୋପରି ଭୂଗୋଳ ଉପକେଇଗଲା ନିର୍ମାଲ୍ୟର ଜନ୍ମଗତ କିନ୍ତୁ ଏଯାବତ୍ ସୁପ୍ତ ଅନୁସନ୍ଧିତ୍ସାକୁ ।

ତା'ପର ଦିନଠାରୁ ନିର୍ମାଲ୍ୟ ପ୍ରତ୍ୟହ ଆସୁଥିଲା ମୋ ପାଖକୁ ଆଉ ପଚାରୁଥିଲା ପାଠକଥା । ବସୁଥିଲା ମାଟିରେ କୁଜା ହୋଇ- ଗଣ୍ଠିଗଣ୍ଠିଆ ଆଣ୍ଠୁ ଦୁଇଟିକୁ ଦୁଇ ହାତରେ ଜାବୁଡ଼ି ଆଉ ନିର୍ନିମେଷ ନିୟନରେ ମୋତେ ଚାହିଁ ମୋ'ଠାରୁ ଶୁଣୁଥିଲା ସାହିତ୍ୟ ବହିରେ ଥିବା ସକାଳ କବିତାଟିର ଆବୃତ୍ତି, ଶୁଣୁଥିଲା ତାଜମହଲ ଓ ରେଡ଼କ୍ରସ୍‌ର କାହାଣୀ, ଶୁଣୁଥିଲା ଗ୍ରହ, ଉପଗ୍ରହ ଓ ଋତୁ ପରିବର୍ତ୍ତନର ଚମତ୍କାରୀତା । ମୋ' କଥା ଶୁଣୁ ଶୁଣୁ ଖୋଳେ ଖୋଳେ ତଳକୁ ପଶି ରହିଥିବା ପାଣ୍ଡୁର ଆଖିର ତାରା ଦୁଇଟି ଖୁସିରେ ଓ ପ୍ରାପ୍ତିରେ ଚକ୍ ଚକ୍ କରି ଉଠୁଥିଲେ ତା'ର । ଏବେ ଭାବିଲେ ହସ ମାଡ଼େ । ପାଠ ପଢୁଥିଲି ପଞ୍ଚମ ଶ୍ରେଣୀରେ । ନିଜ ଜ୍ଞାନର ଗନ୍ତାଘର ଥିଲା ଶୂନ୍ୟ । ତେବେ ବି ଗୁରୁଦେବ ସାଜିଥିଲି ନିର୍ମାଲ୍ୟର । ଗୁରୁଦେବ ସାଜିବାର କାରଣ ଅବଶ୍ୟ ଥିଲା । ସେ ପର୍ଯ୍ୟନ୍ତ ମୋ'ର ମୂଲ୍ୟହୀନ ତଥା ଅବାନ୍ତର ବକ୍ ବକ୍ ଶୁଣିବା ପାଇଁ , ଏଭଳି ଉଦ୍‌ଗ୍ରୀବ ଓ ଧୈର୍ଯ୍ୟଶୀଳ ଶ୍ରୋତାଟିଏ ମୁଁ କେଉଁଠି ପାଇନଥିଲି । କେଇଦିନ ପରେ ଗାଁରୁ ଫେରି ଆସିଲୁ କଟକ ଓ ନିର୍ମାଲ୍ୟ ସହିତ ମୋର ଆଉ କେବେ ବି ଦେଖା ହୋଇନଥିଲା । ବସ୍ତୁତଃ, ମୁଁ ତାକୁ ସମ୍ପୂର୍ଣ୍ଣ ରୂପେ ଭୁଲି ଯାଇଥିଲି । ଅନ୍ଧାରୁଆ ମଫସଲର ନିରୀହ, ଭୀରୁ, କୃଷକ ସନ୍ତାନଟିକୁ ମନେରଖିବାର କୌଣସି କାରଣ ଇ ନଥିଲା ମୋ ପାଇଁ ।

କିନ୍ତୁ ଅଯାଚିତ ଭାବରେ, ଥରଟିଏ ମୋ ସ୍ମୃତି ପଥରେ ଉଦୟ ହୋଇଥିଲା ନିର୍ମାଲ୍ୟ । ଅନେକ ବର୍ଷ ପରେ- ମୋ' ଶିଶୁପୁତ୍ରଟିକୁ ମୁଁ ଭୂଗୋଳ ପଢ଼ାଇଲା ବେଳେ ।

ଦିଲ୍ଲୀର ସୁଦୃଶ୍ୟ ସରକାରୀ କ୍ୱାର୍ଟରରେ ବସି ଯେତେବେଳେ ମୁଁ ମୋ'ର ଆଠ ବର୍ଷର ପୁତ୍ରଟିକୁ ପୃଥିବୀର ଆହ୍ନିକ ଗତି ସମ୍ପର୍କରେ ଅବଗତ କରାଇଥିଲି, ସିଏ ବି ମୋତେ ପଚାରିଥିଲା ସେଇ ଏକା ପ୍ରଶ୍ନ, ଯାହାକି ଏକଦା ପଥୁରିପଡ଼ା ଗାଁ'ର ଧୂଳି ଭର୍ତ୍ତି ଦାଣ୍ଡରେ ବସି ଥରଟେ ମୁହଁ ସଞ୍ଜ ବେଳେ ମୋତେ ପଚାରିଥିଲା ନିର୍ମାଲ୍ୟ । ପୃଥିବୀ ଯଦି ଏତେ ଜୋରରେ ଘୂରୁଛି, ଆମେ ଛିଟ୍‌କି କରି ପଡ଼ିଯାଉନୁ କାହିଁକି ?

ଯା' ଭିତରେ ମୁଁ ଅବଶ୍ୟ ପୃଥିବୀର ମାଧ୍ୟାକର୍ଷଣ ଶକ୍ତି ସମ୍ପର୍କରେ ଜ୍ଞାନ ଲାଭ କରିସାରିଥିଲି ଓ ସେଇ ଶକ୍ତିବଳରେ ପୃଥିବୀ ଆମକୁ ଟାଣି ରଖିଛି ବୋଲି ଶିଶୁପୁତ୍ରଟିକୁ ବୁଝାଇଥିଲି ଏବଂ ଠିକ୍ ସେଇ ସମୟରେ, ସେଇ ମୁହୂର୍ତ୍ତରେ, ମୋ'ର ମନେ ପଡ଼ିଥିଲା ତୁଳସୀ କଣ୍ଠିପିନ୍ଧା, ଭଗ୍ନସ୍ୱାସ୍ଥ୍ୟ ସେଇ ଗହମରଙ୍ଗା ଗ୍ରାମୀଣ ମଣିଷଟିର କଥା, ଯିଏକି ମାଟି ଉପରେ କୁଜା ହୋଇ ବସି ଓ ଆଣ୍ଠୁକୁ ଦୁଇ ହାତରେ ଜାବୁଡ଼ିଧରି କେବେ ଦିନେ ଶୁଣୁଥିଲା ଗୋଟିଏ ସାନଝିଅର ଅନ୍ତହୀନ ବକ୍ ବକ୍ ପ୍ରଳାପ - ଏକାଗ୍ର ଚିତ୍ତରେ ଓ ଘଣ୍ଟା ଘଣ୍ଟା ଧରି ।

ଜ୍ଞାନ ଆହରଣର ଏଭଳି ତୀବ୍ର ପିପାସା, ଏଯାବତ୍ ମୁଁ ଆଉ କେଉଁଠି ଦେଖିଚି ବୋଲି ମନେ କରି ପାରୁନି ।

●●●

Digitized by srujanika@gmail.com

# ଫଟୋସିନ୍ଥେସିସ୍

ପ୍ରଥମଥର ମୁଁ ତା କଥାଟି ବୁଝିବାକୁ ଅକ୍ଷମ ହୋଇଥିଲି ଏବଂ ତା' ପରେ ପରେ ସିଏ ଦ୍ୱିତୀୟ ଥର ପାଇଁ ଶବ୍ଦଟି ଦୋହରାଇଲା -ସେତାର୍‌ର ଧ୍ୱନି ପରି ଚମତ୍କାର ମିହିଗଳାରେ । ଶବ୍ଦଟି ତା' ବୟସ ତୁଳନାରେ କଷ୍ଟକର ହୋଇଥିଲେ ସୁଦ୍ଧା, ସିଏ ତାକୁ ଉଚ୍ଚାରଣ କରିଥିଲା ସଠିକ୍ ଭାବରେ । ଏବଂ କଥଣ ପାଇଁ ସେ ଶବ୍ଦଟି ସିଏ ସାତ ଦରିଆ ସେପାରିରୁ ଟେଲିଫୋନ୍ କରି ମୋତେ କହୁଛି ମୁଁ ହୃଦୟଙ୍ଗମ କରିବା ପୂର୍ବରୁ ବବି ତା' ହାତରୁ ଟେଲିଫୋନ୍‌ଟି ଛଡ଼ାଇ ନେଇ ହସି ହସି ମୋତେ ପଚାରିଲା -ମାମା ଶୁଣିଲ ?

- ହଁ, ଶୁଣିଲି । ସିଏ ଫଟୋସିନ୍ଥେସିସ୍ କହିଲା ନା !

- ହଁ ମାମା, ଠିକ୍ ଶୁଣିଚ । ମୁଁ ଟେଲିଫୋନ୍‌ଟି ଧରେଇଦେଇ ତାକୁ କହିଥିଲି ତମକୁ ସେ ଶବ୍ଦଟି କହିବା ପାଇଁ । ସିଏ ଏବେ ଫଟୋସିନ୍ଥେସିସ୍ କଥା ଜାଣିଯାଇଛି ।

- କିନ୍ତୁ ତୁ ତା'କୁ ଫଟୋସିନ୍ଥେସିସ୍ କଥା କାହିଁକି କହୁଥିଲୁ ? ସିଏ ତ ଏବେ ନିହାତି କୁନିଟିଏ ।

- ସିଏ ସବୁଦିନ ଶୋଇବା ଆଗରୁ ଗପ ଶୁଣିବାକୁ ଚାହେଁତ । ସେଇଥିପାଇଁ

- କିନ୍ତୁ ଅନ୍ୟ କିଛି ଗପ ନ କରି ତାକୁ ଫଟୋସିନ୍ଥେସିସ ବିଷୟରେ କାହିଁକି କହୁଥିଲୁ ?

- ଓଃ ମାମା ! ତମର ସ୍ମୃତିଶକ୍ତି ସତରେ କମିଯାଉଛି । ତମେ ତ ଆଗ ବୁଝିବା କଥା ମୁଁ ତାକୁ କାହିଁକି ସେ ବିଷୟଟି କହିଲି । ବବି ହସି ହସି ଉତ୍ତର ଦେଲା ଓ ହଠାତ୍ ମୋର ମନେ ପଡ଼ିଗଲା ବହୁତ ବର୍ଷ ଆଗର କେତୋଟି ସୁଖୀ ଦିନର କଥା । ମନେ ପଡ଼ିଗଲା ଫଟୋସିନ୍ଥେସିସ୍‌ର କାହାଣୀ ।

ବବି ଯେତେବେଳେ ନିହାତି ସାନ, ସବୁ ଶିଶୁଙ୍କ ପରି ଥିଲା କାହାଣୀ ପ୍ରିୟ । ଜ୍ଞାନ ହେଲାଦିନଠୁ ଅଳି କରୁଥିଲା ଗପ ଶୁଣିବା ପାଇଁ । ଯେତେ ଆଳ କରୁଥିଲେ ବି ଗପଟିଏ ଶୁଣିଲେ ଚୁପ୍ ହୋଇଯାଇଥିଲା । ଭାତ ଖାଉଥିଲା ଓ କ୍ଷୀର ପିଉଥିଲା ଗପ ଶୁଣୁ ଶୁଣୁ । ନିଦ ଯିବା ଆଗରୁ ଥିଲା ଗପ ଶୁଣିବାର ନିଶା । ବଡ଼ ବଡ଼ ଆଖିଡ଼ୋଳାରେ ରାଜ୍ୟର ଉତ୍ସୁକତା ଓ ବିସ୍ମୟ ନେଇ ଶୁଣୁଥିଲା ପରୀ ରାଇଜର କାହାଣୀ ଓ ପୌରାଣିକ ଗଳ୍ପମାଳା । ସାରା ଦିନ, ସକାଳ ହେଉ ବା ସଞ୍ଜ, ତା'ଠାରୁ ଆସୁଥିଲା କାହାଣୀ କହିବା ପାଇଁ ଫରମାଇସ୍ । ଜାଣିଥିବା କିଛି ରୂପକଥା, ଇସପ୍‌ସଫେବ୍‌ଲ ଓ ପଞ୍ଚତନ୍ତ୍ରର କାହାଣୀ କହୁଥିଲି ତାକୁ । କିଛି କିଛି ମନଗଢ଼ା କାହାଣୀ ମଧ୍ୟ । କିନ୍ତୁ ମୋ କାହାଣୀର ପୁଞ୍ଜିଥିଲା ସୀମିତ ଏବଂ ତାହା ସରିଗଲା କିଛି ଦିନପରେ ।

ନୂଆ କାହାଣୀ ତଲାସ କରିବାକୁ ଗଲାବେଳକୁ ସୌଭାଗ୍ୟ ବଶତଃ ହାତକୁ ଆସିଲା ଶ୍ରୀମତୀ କମଳା ସୁବ୍ରମଣ୍ୟମ୍‌ଙ୍କ ରଚିତ ମହାଭାରତର ଇଂରାଜୀ ଅନୁବାଦଟି । ବହିଟି ଥିଲା

Digitized by srujanika@gmail.com

ଅତ୍ୟନ୍ତ ସୁଖପାଠ୍ୟ । ସରଳଭାଷା ଓ ସରସ ଶୈଳୀରେ ଲେଖା । ମୂଳ ରଚନାର ଘଟଣା ପ୍ରବାହକୁ ପ୍ରତିହତ ନକରି ଅତ୍ୟନ୍ତ ସାବଲୀଳ ଓ ଚିତ୍ତାକର୍ଷକ ଭାବରେ ଚିତ୍ରିତ ହୋଇଥିଲା ମହାଭାରତର ବୀରଗାଥା । ତହିଁରୁ ଅନେକ ଗୁଡ଼ିଏ କାହାଣୀ ବାଛି ବାଛି ଶୁଣାଉଥିଲି ତାକୁ । ସବୁ କାହାଣୀ ଭିତରେ ତା'ର ପ୍ରିୟଥିଲା ଏକଲବ୍ୟ, ଅଭିମନ୍ୟୁ ଓ କର୍ଣ୍ଣଙ୍କର ଉପାଖ୍ୟାନ । ଏକଲବ୍ୟର ବୃଦ୍ଧାଙ୍ଗୁଷ୍ଠି କାଟି ଗୁରୁ ଦକ୍ଷିଣା ଦେବା, ଅଭିମନ୍ୟୁକୁ ସପ୍ତରଥୀ ମିଶି ରଣାଙ୍ଗନରେ ନିହତ କରିବା ତଥା ଅଭିଶାପର ଫଳସ୍ୱରୂପ ଯୁଦ୍ଧ ଭୂମିରେ କର୍ଣ୍ଣଙ୍କର ରଥ ଚକ ମାଟିତଳେ ପଶିଯିବାର ଘଟଣାଗୁଡ଼ିକ ଶୁଣିଲା ବେଳେ ତା'ର  ସ୍ପର୍ଶକାତର ସୂକ୍ଷ୍ମ ମନ ଭିତରେ କେଉଁଠି ଗୁଞ୍ଜରି ଉଠୁଥିଲା କ୍ଷୀଣ ବ୍ୟଥାର ସୁର । ଡ଼ବ୍ ଡ଼ବ୍ ଆଖି ଦୁଇଟି ଆପେ ଆପେ ଉଛୁଳି ଉଠୁଥିଲା ଉଦ୍‌ଗତ ଲୁହଧାରରେ । ପଣତକାନିରେ ବାରମ୍ବାର ତା' ଆଖି ପୋଛି ବୁଝାଉଥିଲି -ଏସବୁ ବ୍ୟାସଦେବଙ୍କ ରଚିତ ମନଗଢ଼ା କାହାଣୀ ମାତ୍ର । ସତ ନୁହେଁ ।

କାଳକ୍ରମେ ମହାଭାରତର କାହାଣୀ ସବୁ ବି ସରିବାକୁ ବସିଲା ଏବଂ ନୂଆ କାହାଣୀ ବହି ଖୋଜୁ ଖୋଜୁ ହଠାତ୍ ମନେ ପଡ଼ିଲା ମୋର ସଞ୍ଚିତ ପୁସ୍ତକାବଳୀ ଭିତରୁ ମୋତେ ସବୁଠାରୁ ବେଶୀ ପ୍ରଭାବିତ କରିଥିବା ଇଂରାଜୀ ଉପନ୍ୟାସ- ହାର୍‌ପର୍ ଲିଙ୍କ ରଚିତ ''ଟୁ କିଲ ଏ ମକିଙ୍ଗ୍‌ବାର୍ଡ଼''- ବହିଟିର କଥା । ବହିଟି ଯଦିଓ ଆମେରିକାର କଳାଧଳା ଚମଡ଼ାର ଭେଦଭାବକୁ ନେଇ ରଚିତ, ମୂଳଠୁ ଶେଷ ଯାଏ ଲେଖା ଗୋଟିଏ ସାତ ବର୍ଷର ଝିଅର ଦୃଷ୍ଟିକୋଣରୁ । ସ୍ୱଚ୍ଛମନା କୁନି ଝିଅଟି-ସ୍କାଉଟ୍-ତା'ର କୌତୂହଳୀ ଆଖିରେ ବଡ଼ମାନଙ୍କ ଦୁନିଆକୁ ଯେମିତି ବୁଝିଛି ଓ ଦେଖିଛି  ଠିକ୍ ସେଇ ଭାବରେ ପ୍ରଥମ ପୁରୁଷରେ କହିଯାଇଛି କାହାଣୀଟି । ଏ ଗପଟି ବୁଝିବା ପାଇଁ  ବବିକୁ ବିଶେଷ କିଛି ଅସୁବିଧା ହୋଇନଥିଲା କାରଣ ସିଏ ବି ଥିଲା ସ୍କାଉଟ୍‌ର ସମବୟସୀ ଏବଂ ସେଇଥିଲାଗି ସ୍କାଉଟ୍‌ର କଳ୍ପନାବିଳାସ, ଚିନ୍ତାଧାରା ତଥା ମୂଲ୍ୟବୋଧ ସହିତ ହୋଇପାରୁଥିଲା ଏକାତ୍ମ । ଚମତ୍କାର ଏ ବହିଟି ବି ସରିଗଲା କେଇ ଦିନ ପରେ ଏବଂ ପୁନର୍ବାର ଆରମ୍ଭ ହେଲା ମୋର ମୁଣ୍ଡବ୍ୟଥା ।

କିନ୍ତୁ ମୁଁ ଧୀରେ ଧୀରେ ଆବିଷ୍କାର କଲି ଯେ ପୃଥିବୀର ସବୁ ଶିଶୁମାନଙ୍କ ପରି ତା' ମନଟି ବିଥିଲା ଜିଜ୍ଞାସା ଓ ଅନୁସନ୍ଧିତ୍ସାରେ ଭରପୂର । ଛାପା କାଗଜ ବୁନ୍ଦାଟିଏ ସ୍ୟାହି ଶୋଷି ନେଲାପରି , ତା'ର କୋରା ଓ ତଟ୍‌କା ମସ୍ତିଷ୍କଟି ଯେ କୌଣସି ନୂତନ ତଥ୍ୟ ଗ୍ରହଣ କରିବାକୁ ଓ ଶିଖିବାକୁ ଥିଲା ଆଗଭର । ଚାରିପଟର ପୃଥିବୀ ଓ ପ୍ରକୃତି ତା' ପାଇଁ ଥିଲା ନୂଆ ନୂଆ । ଆକାଶ, ପାଣି, ପବନ, ତରୁଲତା, ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ, ନକ୍ଷତ୍ର, ସବୁକିଛି ତା ପାଇଁଥିଲା ଆକର୍ଷଣର ବସ୍ତୁ । ସାନ ସାନ ଶିକ୍ଷଣୀୟ ତତ୍ତ୍ୱକଥା ସାମାନ୍ୟ ଗପର ରୂପଦେଇ ତାକୁ କହିଦେଲେ , ସିଏ ମନଦେଇ ଶୁଣୁଥିଲା ଏବଂ ମନେ ବି ରଖି ଦେଉଥିଲା । ମୋର ସୀମିତ ଜ୍ଞାନ ଭିତରେ ଜାଣିଥିବା ଅନେକ କଥା କାହାଣୀ ଛଳରେ ମୁଁ ତାକୁ କହିଥିଲି - ଇଂରାଜୀ କବି ୱର୍ଡ଼ସ୍‌ୱାର୍ଥ କେମିତି ଦିନେ ନିଛାଟିଆ ହ୍ରଦ କୂଳେ ବୁଲୁ ବୁଲୁ ଅଗଣିତ ହଳଦୀରଙ୍ଗର ଡାଫୋଡ଼ିଲଫୁଲର ମନମତାଣିଆ ଖେଳ ଦେଖି ଚମତ୍କାର କବିତାଟିଏ ଲେଖିଥିଲେ, ପୃଥିବୀ ତା'ର ଅକ୍ଷ ଚାରିପଟେ ଚବିଶ ଘଣ୍ଟାରେ ଥରେ ବୁଲିବା ହେତୁ କିଭଳି ଦିନରାତି ସମ୍ଭବ ହୁଏ,

Digitized by srujanika@gmail.com

ପାଚିଲା ଫଳଟିକୁ ବୃନ୍ତଚ୍ୟୁତ ହୋଇ ତଳକୁ ଖସି ପଡ଼ିବାର ଦେଖି ନିଉଟନ କିଭଳି ପୃଥିବୀର ମାଧ୍ୟାକର୍ଷଣ ଶକ୍ତି ଆବିଷ୍କାର କରିଥିଲେ ଇତ୍ୟାଦି ଇତ୍ୟାଦି । ଏଇ ସବୁ ତଥ୍ୟ ତା' ପାଇଁ ଥିଲା କାହାଣୀ ପରି ଉପଭୋଗ୍ୟ ଓ ଆନନ୍ଦଦାୟକ ।

ତାକୁ କିନ୍ତୁ ସବୁଠୁ ବେଶୀ ମନୋମୁଗ୍ଧକର ଲାଗିଥିଲା ଫଟୋସିନ୍ଥେସିସ୍‌ର କାହାଣୀଟି । ଦିନେ ବଗିଚାରେ ମୁଁ ଫୁଲଗଛରେ ପାଣି ଦେଲା ବେଳେ ମୋତେ ହଠାତ୍ ପଚାରିଲା- ମାମା, ଗଛମାନେ ସାନରୁ ବଡ଼ କେମିତି ହେଉଛନ୍ତି ?

-ଖାଦ୍ୟ ଖାଇକି । ତୁ' ବିତ ଖାଦ୍ୟ ଖାଇକି ବଢୁଛୁ ।

- ଗଛର ଖାଦ୍ୟ ? ତିଆରି କରୁଛି କେଉଁଠି ?

- ମୁଁ କେଉଁଠି ଖାଦ୍ୟ ତିଆରି କରେ ?

-ତମେ ତ ରୋଷେଇ ଘରେ ରାନ୍ଧ ।

-ଗଛର ବି ରୋଷେଇ ଘର ଅଛି, ତା' ପତ୍ର ।

-ଯାଃ ! ସିଏ ଉତ୍ତର ଦେଲା ଅବିଶ୍ୱାସର ଭଙ୍ଗୀରେ ।

- ସତରେ । ପତ୍ର ଇ ଗଛ ପାଇଁ ଖାଦ୍ୟ ତିଆରି କରେ । ମୁଁ ଯେମିତି ରାନ୍ଧିବା ପାଇଁ ପରିବା ପତ୍ର ବ୍ୟବହାର କରେ, ସିଏ ସେମିତି ବ୍ୟବହାର କରେ ସୂର୍ଯ୍ୟାଲୋକ ଓ ପବନରେ ଥିବା ଅଙ୍ଗାରକାମ୍ଳ ବାଷ୍ପ । ଆଉ ଏ କାମଟି ହୁଏ ପତ୍ର ଦେହରେ ଥିବା ସବୁଜରଙ୍ଗର କଣିକା-କ୍ଲୋରୋଫିଲ ସାହାଯ୍ୟରେ ।

ମୋ କଥା ଶୁଣି ସିଏ ହସିଉଠିଲା ଖିଲ୍ ଖିଲ୍ ହୋଇ । ଗଛର ଖାଦ୍ୟପ୍ରସ୍ତୁତିର ପ୍ରଣାଳୀଟି ତାକୁ ଅଭିନବ ଲାଗିଲା ନିଶ୍ଚୟ । ''ମନେରଖ୍, ଗଛର ଏଇ ଖାଦ୍ୟ ବନେଇବା ପ୍ରକ୍ରିୟାକୁ କହନ୍ତି ଫଟୋସିନ୍ଥେସିସ୍ । ଭୁଲିବୁନି । ଫଟୋସିନ୍ଥେସିସ୍ ।'' ମୁଁ ତାକୁ ଶିଖାଇଥିଲି ଏବଂ ଦୁଇ ତିନିଥର ମୁଁ କହିଲା ପରେ ସିଏ ଶବ୍ଦଟି ମନେରଖି ଦେଇଥିଲା ।

-ହ୍ୟାଲୋ ମାମା ! ହ୍ୟାଲୋ ! ମୋ ଭାବନାର ଖେଇ କଟିଗଲା ବବିର ଟେଲିଫୋନ ଡାକରେ ।

- ତମେ ମୋ କଥା ଶୁଣୁଚ ନା ନାଇଁ ? ଏମିତି ଚୁପ୍ ରହିଗଲ ଯେ !

- ତୋ ପିଲା ଦିନ କଥା ମନେ ପଡ଼ିଗଲା । ଫଟୋସିନ୍ଥେସିସ୍‌ର କାହାଣୀ । ଭାବୁଛି ପୃଥିବୀରେ ମୋର କାମ ସରି ଆସିଲା ବୋଧେ । ଫଟୋସିନ୍ଥେସିସ୍ ଗପଟି ତୋ ପୁଅକୁ ତୁ କହି ସାରିଲୁଣିତ ! ବବି ହସିଲା ଏବଂ ତା'ର ଚିରାଚରିତ ଭଙ୍ଗୀରେ ପରିହାସ ମିଶ୍ରିତ ଗଳାରେ କହିଲା ।

- କାମ ସରିଆସିଲା କେମିତି ମାମା ? ତମର ତ ଏବେ ଅନେକ କାମ ବାକି ।

-ମୋର ପୁଣି ଆଉ କଅଣ କାମ ବାକି ରହିଲା ?

- ବାଃ । ସୋନୁକୁ ଗପ କହିବା କାମଟି ଯେ ତମର । ତମେ ନଥିଲେ ମୋ ପୁଅକୁ

Digitized by srujanika@gmail.com

କାହାଣୀ ଶୁଣେଇବ କିଏ ? ତମେ ତ ଜାଣ ମୋର ଜନ୍ମାରୁ ସମୟ ନାହିଁ । ଆମେ ଯା' ଭିତରେ ଓଡ଼ିଶା ଯିବୁ ବୋଲି ଭାବୁଛୁ । ସୋନୁ କହିଛି ଗଲେ ତମଠୁ ସବୁଦିନ ଗପ ଶୁଣିବ ।

ବବିର କଥାରେ ହଠାତ୍ ସଜଳ ହୋଇ ଉଠିଲା ବୟସ୍କ ଆଖିପତା । ବବି ଡ଼େଣା ମେଲାଇ ଉଡ଼ିଚାଲିଯିବା ପରେ କେମିତି ଉଷର ଓ ନିସ୍ତରଙ୍ଗ ହୋଇ ଉଠିଥିଲା ଜୀବନ । ସେ ଉଷର ଭୂଇଁରେ ହଠାତ୍ ଯେମିତି ଅଜାଡ଼ି ହୋଇପଡ଼ିଲା ବୁନ୍ଦା ବୁନ୍ଦା ତରଳ ମେଘର ଧାର । ନିସ୍ତରଙ୍ଗ ଜୀବନ ବେଳାଭୂଇଁରେ ଯେମିତି କଳରୋଳ କରି ଉଠିଲେ ଅଜସ୍ର ସଫେନ ନୀଳରଙ୍ଗର ଢ଼େଉ । ବଞ୍ଚିବାପାଇଁ ନୂଆ ଅବଲମ୍ବନଟିଏ  ମିଳିଗଲା ଅବା ! ସତକଥା । ଏ ପୃଥିବୀରୁ କାମ ସରିନି ମୋର ଏପର୍ଯ୍ୟନ୍ତ ।  ସୋନୁ ଆସିବ ଆମେରିକାରୁ । ତାକୁ ଗପ କହିବାକୁ ହବ । ମୁଁ ଜାଣିଥିବା ଗପସବୁ ପୁରୁଣା ହୋଇଗଲାଣି । ମୋତେ ନୂଆ ନୂଆ ଗପସବୁ ଶିଖିବାକୁ ପଡ଼ିବ ଏବେ । ସୋନୁ ଯେ ଓଡ଼ିଶା ଆସୁଚି ଖରାଛୁଟିରେ ।

ପରିଶିଷ୍ଟ -ଏ ଘଟଣାଟି ବର୍ଷକ ତଳର । ସୋନୁକୁ ଦୁଇ ବର୍ଷ ବେଳେ ।

ଏବେ ଆମେରିକା ଯାଇଥିଲି । କଥା ପ୍ରସଙ୍ଗରେ ଦିନେ ବବିକୁ କହିଲି ''ସେଦିନ ସୋନୁ ମୁହଁରୁ ଫଟୋସିନ୍ଥେସିସ୍ ଶବ୍ଦଟି ଶୁଣି ମୁଁ ଖୁସିରେ କାନ୍ଦି ପକାଇଥିଲି ।'' ବବି କହିଲା '' ଜାଣ ମାମା ? ତମେ ସେମିତି ଟିକିଏ ଖୁସିରେ କାନ୍ଦିବ ବୋଲି ନୂଆ ନୂଆ କଥା କହୁଥିବା ସୋହମ୍‌କୁ ମୁଁ ଦିନଦିନ ଧରି କେତେ କଷ୍ଟକରି ସେ ଶବ୍ଦଟି ଶିଖେଇଥିଲି '' ? ଏବଂ ତା'ପରେ ପରେ ବର୍ଣ୍ଣନା କରିଥିଲା ସୋନୁର ଫଟୋସିନ୍ଥେସିସ୍ ସମ୍ପର୍କୀୟ ଏଇ ମଜ୍ଜାଦାର ଓ ହାସ୍ୟୋଦ୍ଦୀପକ କାହାଣୀଟି ।

ପ୍ରଥମେ ପ୍ରଥମେ ଯେତେବେଳେ ସୋନୁ 'ଫଟୋସିନ୍ଥେସିସ୍' ଶବ୍ଦଟି ଶୁଣିଲା , ପୂରା ଶବ୍ଦଟି ମନେରଖି ପାରୁନଥିଲା । କହୁଥିଲା ଅଧା ଶବ୍ଦ-ସିନ୍ଥେସିସ୍ । ଫଟୋ ଶବ୍ଦାଂଶଟି ବାଦ୍ ଦେଇ । ବବି ତାକୁ ବାରମ୍ବାର ଶବ୍ଦଟି ଶିଖାଉଥିଲା ଏବଂ କହୁଥିଲା ''ପୂରା ନାଆଁଟି କହ'' । ଏଇଭଳି ଶିଖାଉ ଶିଖାଉ ଦିନେ ହଠାତ୍ ସୋନୁ କହି ପକାଇଲା ପୂରା ଶବ୍ଦଟି - ଫଟୋସିନ୍ଥେସିସ୍ ଏବଂ ତା'ର ବିଚକ୍ଷଣ ବୁଦ୍ଧିରେ ଏକଥା ମଧ୍ୟ ମନେରଖି ଦେଲା ଯେ 'ପୂରା ନାଆଁଟି କହ ' ବାକ୍ୟଟିର ଉତ୍ତରରେ ତାକୁ ଫଟୋସିନ୍ଥେସିସ୍ କହିବାକୁ ହେବ ।

ଯା' ପରେ ଦିନେ ବବିର ଜଣେ ଭାରତୀୟ ବନ୍ଧୁ ତା' ଘରକୁ ସାନ୍ଧ୍ୟଭ୍ରମଣରେ ଆସିଥିଲେ । ଚିନିକଣ୍ଢେଇ ପରି ଗୁଲ୍‌ଗୁଲିଆ ଛୁଆଟିକୁ ଦେଖି ଆଦର କରି ପଚାରିଲେ ''ତମ ନାଁ କଅଣ'' ? ସୋହମ୍ - ଉତ୍ତର ଦେଲା ସୋନୁ । ମିଶ୍ର ସାଙ୍ଗିଟି କିନ୍ତୁ ସୋନୁ ତା' ନାମ ସହିତ କହିନଥିଲା । ଭଦ୍ରବ୍ୟକ୍ତିଜଣକ ତେଣୁ ସୋନୁଠାରୁ ''ସୋହମ୍ ମିଶ୍ର'' ଉତ୍ତରଟି ଆଶା କରି ତାକୁ କହିଲେ ''ପୂରା ନାଆଁଟି କହ'' ଏବଂ ତାଙ୍କ ଆଖିରେ ଆଖି ମିଳାଇ ପରମ ଆତ୍ମ ବିଶ୍ୱାସର ସହିତ ସୋନୁ ଉତ୍ତର ଦେଲା ''ଫଟୋସିନ୍ଥେସିସ୍'' ।

●●●

Digitized by srujanika@gmail.com

# ଗୋଟିଏ ପ୍ରେମ କାହାଣୀ

ଆମ ହାଇସ୍କୁଲର ଶ୍ରଦ୍ଧେୟ ହେଡ୍‌ମାଷ୍ଟର୍ ମହୋଦୟଙ୍କର ଧାରଣା ଥିଲା ଚରିତ୍ର ନାମକ ବସ୍ତୁଟି ଏକ ସ୍ପର୍ଶକାତର ବୋତଲ ଭିତରେ ସାଇତା ହୋଇଥିବା ଏକ ସ୍ୱଚ୍ଛ ଓ ନିଷିଦ୍ଧ ଦ୍ରବଣ ସଦୃଶ । ଯେ କୌଣସି ପୁଅପିଲାର ସାମାନ୍ୟ ଦୃଷ୍ଟିପାତରେ ସେ କ୍ଷଣଭଙ୍ଗୁର କାଚବୋତଲ୍‌ଟି ଭାଙ୍ଗି ଯିବାର ଏବଂ ଦ୍ରବଣଟି ତା'ର ବିଶୁଦ୍ଧତା ହରାଇବାର ଭୟ ଥିଲା ।

ଶୁକ୍ଳ କେଶଦାମ ଶୋଭିତ ହେଡ୍‌ସାର ଥିଲେ ବୟୋବୃଦ୍ଧ ଏବଂ ସ୍କୁଲ ପାଇଁ ତାଙ୍କର ସ୍ୱାର୍ଥତ୍ୟାଗ ଥିଲା ଉଲ୍ଲେଖନୀୟ । ସାରା ଜୀବନ ବିତାଇଥିଲେ ସ୍କୁଲଟିକୁ ପ୍ରତିଷ୍ଠିତ କରିବାରେ । ସନ୍ତାନହୀନ ଭଲ ମଣିଷଟି ବିଦ୍ୟାଳୟର ଦାୟିତ୍ୱ ବହନ କରିବା ସଙ୍ଗେ ସଙ୍ଗେ ତହିଁରେ ଅଧ୍ୟୟନରତା ଛାତ୍ରୀମାନଙ୍କର ଚରିତ୍ରଗଠନର ଦାୟିତ୍ୱଟି ମଧ୍ୟ ସ୍ୱଇଚ୍ଛାରେ ବହନ କରିଥିଲେ ଓ ତାହା ପାଳନ କରୁଥିଲେ ବେଶ୍ ନିଷ୍ଠା ଓ ତତ୍ପରତାର ସହିତ ।

କିନ୍ତୁ ଚାରିତ୍ରିକ ପବିତ୍ରତା ବଜାୟ ରଖିବା ପାଇଁ ତାଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା କିଛି କିଛି ନିୟମକାନୁନ୍ ଅନେକ ସମୟରେ ଆମକୁ ଅଜବ ମନେ ହେଉଥିଲା । ଉଦାହରଣ ସ୍ୱରୂପ, ବାର ତେର ବର୍ଷ ହେଲା ବେଳକୁ ସ୍କୁଲର ପ୍ରତ୍ୟେକ ଛାତ୍ରୀକୁ ଶାଢ଼ୀ ପିନ୍ଧି ଯିବା ପାଇଁ ବାଧ କରାଯାଉଥିବା ଅଲିଖିତ ନିୟମଟି । ରଙ୍ଗ ବେରଙ୍ଗୀ ଶାଢ଼ୀ ପିନ୍ଧିବା ଗର୍ହିତ ଥିଲା । ପିନ୍ଧୁଥିଲୁ ଧଳାଶାଢ଼ୀ ଏବଂ ତାହାପୁଣି ପଣତକାନି ସାମନାକୁ ଆଣି ପୂରାପୂରି ଦେହ ଢ଼ାଙ୍କି । ସେ ବୟସରେ ଶାଢ଼ୀ ସମ୍ଭାଳୁ ସମ୍ଭାଳୁ ହେଉଥିଲୁ ନାକେଦମ । ୟୁନିର୍ଫମ ପିନ୍ଧା ନିୟମଟି ସେତେବେଳେ ଓଡ଼ିଶାରେ ଚାଲୁ ହୋଇନଥିଲା ।

ଚାରୋଟି ସେକ୍‌ସନ୍ ଭିତରୁ ଆମ ସେକ୍‌ସନଟି ଥିଲା ଝିଅମାନଙ୍କର ଓ ସାର୍ ଆମକୁ ପଢ଼ାଉଥିଲେ ଇଂରାଜୀ ବ୍ୟାକରଣ । କିନ୍ତୁ ପିରିୟଡ଼ର ଅଧାଅଧି ସମୟ ଯାଉଥିଲା ଚରିତ୍ରକୁ ସତ୍ ଓ ଶୁଦ୍ଧ ରଖିବାର ବିଧି ବିଧାନ ସମ୍ପର୍କରେ ସାରଙ୍କଠୁ ସାରଗର୍ଭକ ଭାଷଣ ଶୁଣି । ଦୀର୍ଘ ଭାଷଣ ପରେ ରୁଟିନ୍ ମାଫିକ୍ ସାର୍ କ୍ଲାସକୁ ପଚାରୁଥିଲେ ''ଆଚ୍ଛା ତମମାନଙ୍କ ଭିତରୁ କିଏ କିଏ ଉତ୍ତମ ଚରିତ୍ରର ଅଧିକାରୀ ହେବାକୁ ଚାହଁ କହ ତ ?'' କହିବା ବାହୁଲ୍ୟ ସାରା କ୍ଲାସ୍ ହାତ ଟେକି ଉତ୍ତମ ଚରିତ୍ରବତୀ ହେବା ପାଇଁ ଅଙ୍ଗୀକାରବଦ୍ଧ ହେଉଥିଲୁ । ଚରିତ୍ର ସମ୍ପର୍କରେ ସେ ବୟସରେ ସ୍ୱଚ୍ଛ ଓ ସ୍ପଷ୍ଟ ଜ୍ଞାନ ନଥିଲେ ସୁଦ୍ଧା । ସାର୍ ଖୁସି ହୋଇ କହୁଥିଲେ ''ସାବାସ୍'' । ସାର୍‌ଙ୍କର ଉତ୍ତମ ଚରିତ୍ରର ସଂଜ୍ଞା ଥିଲା ପୁଅପିଲାମାନଙ୍କଠୁ ଦଶ ହାତ ଦୂରରେ ରହିବା । ସାର୍‌ଙ୍କ ଅକ୍ତିଆରରେ ଥିଲେ ପ୍ରେମ ଶବ୍ଦଟି କେବଳ ଅଭିଧାନରୁ ନୁହେଁ, ସାରା ସଂସାରରୁ ସିଏ ବିଲୁପ୍ତ କରି ଦେଇଥାଆନ୍ତେ । କାରଣ ତାଙ୍କ ମତରେ ପ୍ରେମ ଓ ନର୍କ ଭିତରେ ଥିଲା ବିଲକୁଲ ସିଧା ସଳଖ ସମ୍ପର୍କ । ପ୍ରେମ କରୁଥିବା ବ୍ୟକ୍ତିଟି ପାଇଁ ନର୍କର ଫୁଟନ୍ତା ତେଲ କଡ଼େଇରେ ଜୀଅନ୍ତା ଭାଜି ହେବା ବ୍ୟତୀତ ଅନ୍ୟ କୌଣସି ଦଣ୍ଡ ସମୀଚୀନ ନୁହେଁ ବୋଲି

Digitized by srujanika@gmail.com

ସିଏ ମନେ କରୁଥିଲେ ।

ଏତାଦୃଶ କଡ଼ା ମିଜାଜୀ ହେଡ୍‌ସାର୍‌ଙ୍କ ନଜରବନ୍ଦୀ ହୋଇ ରହି ସାରିଲା ପରେ, କୌଣସି ପୁଅପିଲାକୁ ନିର୍ଦ୍ଦୋଷ ଭାବରେ ଥରେ ଆଖିଟେକି ଚାହିଁବା କଥା ଭାବିଲେ ଇ ଆମର ହୃତ୍‌କମ୍ପ ଜାତ ହେଉଥିଲା । ଅବଶ୍ୟ ସେ ପର୍ଯ୍ୟନ୍ତ ଭଲ କରି ଶ୍ମଶ୍ରୁର ରେଖା ଗଜୁରିନଥିବା ହାଫ୍‌ପ୍ୟାଣ୍ଟ ପରିହିତ ସହପାଠୀ କିଶୋରମାନଙ୍କ ପ୍ରତି ଆମେ କୌଣସି ଆକର୍ଷଣ ଅନୁଭବ କରୁନଥିଲୁ ।

କିନ୍ତୁ ସବୁ ନିୟମର ବ୍ୟତିକ୍ରମ ଥିଲାପରି ଏ ନିୟମଟିର ମଧ୍ୟ ବ୍ୟତିକ୍ରମ ହେଲା ଓ ଆମର ଜଣେ ସହପାଠିନୀ ହେନା ପଡ଼ିଲା ପ୍ରେମରେ । କୌଣସି ସହପାଠୀର ନୁହେଁ । ଆମକୁ ସାହିତ୍ୟ ଓ ଗଣିତ ପଢ଼ାଉଥିବା ଶ୍ରୀଧର ସାର୍‌ଙ୍କର ।

ହେନା ଥିଲା ନିହାତି ସାଧାରଣ ଚେହେରାର ଶ୍ୟାମଳୀ, ସ୍ୱାସ୍ଥ୍ୟବତୀ ଝିଅଟିଏ । କେଶତୈଳ ବିଜ୍ଞାପନର ଝିଅମାନଙ୍କର ପରି ଥିଲା ଘନକୁନ୍ତଳା । ସେ କୁନ୍ତଳର କେରା ବାରମ୍ବାର ଖସି ପଡୁଥିଲା କାନ ଉପରକୁ । ବଡ଼ ବଡ଼ ରଙ୍ଗିନ୍ କ୍ଲିପ୍ ଦେଇ ହେନା ତାକୁ ଅଟକାଇ ରଖୁଥିଲା ଯଥା ସ୍ଥାନରେ । ହେନା ପାଠ ପଢୁନଥିଲା ଭଲ । କିନ୍ତୁ ଗୀତ ଗାଉଥିଲା ଚମତ୍କାର । ତାଲିମ୍ ପାଇ ନଥିଲା କାହାଠୁ । ଗୁଣଟି ଥିଲା ଭଗବାନ ପ୍ରଦତ୍ତ । ଗଳାଟି ବି ଥିଲା ମଧୁବର୍ଷୀ । ସେତେବେଳର ଜନପ୍ରିୟ କାର୍ଯ୍ୟକ୍ରମ -ରେଡ଼ିଓ ସିଲୋନ୍‌ର ବିନାକା ଗୀତମାଳା-ଶୁଣି ଗୀତତକ ପୂରାପୂରି ଉତାରି ଆଣୁଥିଲା ଗଳାରେ । ସାରା ଖେଳଛୁଟି ତା'ଠୁ ନାଗିନ୍ ଓ ଅନାରକଲୀ ସିନେମାର ଗୀତ ଶୁଣି କଟାଉଥିଲୁ । ସ୍କୁଲର ସଙ୍ଗୀତ ପ୍ରତିଯୋଗୀତାରେ ସର୍ବଦା ପ୍ରଥମ ପୁରସ୍କାର ପାଉଥିଲା ହେନା ।

ଯୁବକ ଶ୍ରୀଧର ସାର୍ ଥିଲେ ସାବନ ରଙ୍ଗର ପୁଟ୍‌କା ଗାଲିଆ ମଣିଷଟିଏ । ଏବଂ ସାରା ସ୍କୁଲରେ ସବୁଠାରୁ ପରିଚ୍ଛନ୍ନ ପୋଷାକ ପିନ୍ଧୁଥିଲେ । ବଗପକ୍ଷୀ ପରି ଧବ୍ ଧବ୍ ସାଦା କଡାଇସ୍ତ୍ରୀ ଦିଆ ଧୋତି ଓ କାମିଜ । ପରିପାଟୀ କରି କୁଣ୍ଡାଉଥିଲେ ସଯତ୍ନ ବର୍ଦ୍ଧିତ କେଶରାଶି । ହାତରେ ଷ୍ଟିଲ ବ୍ୟାଣ୍ଡର ଘଡି । ମୁକ୍ତା ପରି ତାଙ୍କ ହାତ ଲେଖାରେ ବ୍ଲାକ୍ ବୋର୍ଡ଼ ଝଲ୍‌ମଲ୍ କରିଉଠୁଥିଲା ।

ଶ୍ରୀଧର ସାର୍ ତାକୁ ଟିଉସନ୍ କରୁଛନ୍ତି ବୋଲି ସ୍ୱଂୟ ହେନା ଆମକୁ କହିଥିଲା ଏବଂ କଥାଟିରେ ଆମେ ସେପରି କିଛି ଗୁରୁତ୍ୱ ଦେଇନଥିଲୁ । କାରଣ ସ୍କୁଲର ଅଧିକାଂଶ ପିଲା ଶିକ୍ଷକମାନଙ୍କ ଦ୍ୱାରା ଟିଉସନ୍ ହେଉଥିଲେ । କିନ୍ତୁ ଧୀରେ ଧୀରେ ହେନାର ହାବଭାବରେ ଆମେ କିଛିଟା ପରିବର୍ତ୍ତନ ଲକ୍ଷ୍ୟ କରିଥିଲୁ । ଯଦିଓ ସର୍ବଦା ଶ୍ରୀଧର ସାର୍‌ଙ୍କ କଥା ଆମ ଆଗରେ କହୁଥିଲା ସାରଙ୍କ ପିରିୟଡ୍‌ରେ ତଳକୁ ମୁହଁ କରି ଲାଜ ଲାଜ ହୋଇ ବସୁଥିଲା । ଦିନଟେ ହାତରେ ପିନ୍ଧିଥିବା ଗୋଛାଏ ହେବ ସବୁଜ ଚୂଡ଼ି ଆମକୁ ଦେଖାଇ କହିଲା ଶ୍ରୀଧର ସାର୍ କିଣାଇ ଦେଇଛନ୍ତି ବୋଲି । ଏବଂ ଯା' ପରେ ପରେ ସ୍କୁଲର ପଛପଟ ହତାର ନିଛାଟିଆ

Digitized by srujanika@gmail.com

କୂଳମୂଳେ ଦୁହିଁଙ୍କୁ ଅନେକଥର ଚୁପ୍ ଚୁପ୍ କଥା କହୁଥିବାର ଦେଖି ସାରିଲା ଉତାରୁ କ୍ଲାସ୍‌ର ସବଜାନ୍ତା ମାମଲତ୍‌କାର ରାଧାମଣି ଆମ ସାମ୍ନାରେ ସଦର୍ପେ ଘୋଷଣା କରିଥିଲା 'ହେନା ନିଶ୍ଚୟ ଶ୍ରୀଧର ସାର୍‌ଙ୍କୁ ଭଲ ପାଉଛି ।'

ଏବଂ ଠିକ୍ ଏଇ ସମୟରେ ଘଟିଲା ସେଇ ଅପ୍ରୀତିକର ଘଟଣାଟି । ହେନା ଓ ଶ୍ରୀଧର ସାର୍‌ଙ୍କର ଅନ୍ତରଙ୍ଗତା କେମିତି ଯେ ସ୍କୁଲରେ ରାଷ୍ଟ୍ର ହେଲା ଆମେ ଜାଣିନୁ । ପ୍ରେମ ଜିନିଷଟି ସର୍ବଦା ଆପେ ଆପେ ଫୁଟି ବାହାରେ ବୋଧ ହୁଏ । କିମ୍ବା ହୁଏତ କୌଣସି ଏକ ଦୁର୍ବଳ ଓ ଆବେଗପ୍ରବଣ ମୁହୂର୍ତ୍ତରେ ସ୍ୱୟଂ ଶ୍ରୀଧର ସାର୍ ଏକଥାଟିର ସୂଚନା ତାଙ୍କର କୌଣସି ଶିକ୍ଷକ ବନ୍ଧୁଙ୍କୁ ଦେଇଥିଲେ ଯାହାଙ୍କ ଠାରୁ କି ରଟନାଟିର ସୂତ୍ରପାତ ହୋଇଥିଲା । ଯାହା ହେଉ, ଖବରଟି ଶେଷ ପର୍ଯ୍ୟନ୍ତ ପ୍ରେମପ୍ରତି ତୀବ୍ର ବିକର୍ଷଣ ଭାବ ପୋଷଣ କରୁଥିବା ହେଡ୍‌ମାଷ୍ଟ୍ରଙ୍କ କାନରେ ପଡ଼ିଥିଲା ଏବଂ ଦିନେ ଅଚାନକ କ୍ଲାସ୍‌କୁ ଆସି ହେନାକୁ ବେଞ୍ଚ ଉପରେ ଛିଡ଼ା କରାଇ ତା'ର ତଥାକଥିତ ଚରିତ୍ର ସ୍ଖଳନ ପାଇଁ ବେଶ୍ ରଢ଼ ଓ କଟୂ ଭାଷାରେ ହେଡ୍‌ସାର୍ ତାକୁ ଭର୍ତ୍ସନା କରିଥିଲେ । ଘଟଣାଟିର ଏଭଳି ପ୍ରବାହ ଦେଖି ଆମେମାନେ ସ୍ତମ୍ଭିତ ହୋଇଥିଲୁ ଏବଂ ହେନା ଅବିଶ୍ରାନ୍ତ ଭାବରେ କାନ୍ଦି ମୁହଁକୁ ରଙ୍ଗ ପକାଇ ଦେଲା । ତା'ପର ଦିନ ଠାରୁ ହେନା ଆଉ ସ୍କୁଲ ଆସିଲାନି । ଶ୍ରୀଧର ସାର୍ ମଧ୍ୟ ।

କେଇ ଦିନ ପରେ ଶୁଣିଲୁ ପିତାମାତାଙ୍କର ବିରୋଧ ସତ୍ତ୍ୱେ କିଶୋରୀ ହେନା ଘରୁ ବାହାରିଯାଇ ଚୋରି ଚୋରି ଶ୍ରୀଧର ସାର୍‌ଙ୍କୁ ବାହାହୋଇପଡ଼ିଛି ଓ ଦିହେଁ କେଉଁ ଏକ ଦୂରସ୍ଥାନକୁ ଚାଲି ଯାଇଛନ୍ତି । ହେନା ଥିଲା ବୟସରେ ନାବାଳିକା । ତା'ର ପିତାମାତା ଆଇନ୍‌ର ଆଶ୍ରୟ ହୁଏତ ନେଇ ପାରିଥାନ୍ତେ । କିନ୍ତୁ ନେଲେନି । କାରଣ ହେନାର ପ୍ରେମ ବିବାହରେ ସେମାନେ ଏଭଳି ଭାବରେ କ୍ରୋଧାନ୍ୱିତ ଓ ମର୍ମାହତ ହୋଇଥିଲେ ଯେ ସାରାଜୀବନ ପାଇଁ କନ୍ୟାଟିର ମୁଖାବଲୋକନ କରିବାକୁ ଥିଲେ ଅନିଚ୍ଛୁକ ।

ହେଡ୍‌ସାର୍‌ଙ୍କ ଭାଷଣ ଦ୍ୱାରା ପରିପୁଷ୍ଟ ହୋଇଥିବା ପିଲାଳିଆ ମନରେ ସେତେବେଳେ ହେନାର କାର୍ଯ୍ୟକଳାପ ଅତ୍ୟନ୍ତ ଦୋଷାବହ ମନେ ହୋଇଥିଲା । କିନ୍ତୁ ଏବେ ପରିଣତ ବୟସର ପଶ୍ଚାତ୍‌ଦୃଷ୍ଟି ନେଇ ଭାବେ, ହୁଏତ ସମସ୍ୟାଟିର ଏକ ସହଜ ଓ ସରଳ ସମାଧାନ ହୋଇପାରିଥାଆନ୍ତା । ହେନା ଭଲପାଉ ଥିଲା ଏକ ଶିକ୍ଷିତ, ସୁଶୀଳ ଏବଂ ସର୍ବୋପରି ସ୍ୱଜାତିର ଯୁବକକୁ ଯାହାର କି ହେନାକୁ ପ୍ରେମ କରି ଠକି ଦେଇ ଚାଲିଯିବାର ମତଲବ୍ ଆଦୌ ନଥିଲା । ଏଭଳି ପରିସ୍ଥିତିରେ ହୁଏତ ହେନାର ପିତାମାତା, ଶୁଭ କାର୍ଯ୍ୟଟି ସମ୍ପନ୍ନ କରାଇ ଶଙ୍ଖଧ୍ୱନି ସହିତ କନ୍ୟାଜାମାତାଙ୍କୁ ଆଶୀର୍ବାଦ କରି ପାରିଥାଆନ୍ତେ । କିନ୍ତୁ ପ୍ରେମବିବାହ ସମ୍ପର୍କରେ ସେତେବେଳେ ଶତପ୍ରତିଶତ ପିତାମାତା ବିରୁଦ୍ଧ ମନୋଭାବ ପୋଷଣ କରୁଥିଲେ । ପୁନଶ୍ଚ, ଜୀବନର ପ୍ରତ୍ୟେକ ସମସ୍ୟାର ସର୍ବଦା ଏକ ଯୌକ୍ତିକ ସମାଧାନ ସମ୍ଭବ ହୁଏନି । ଶୂନ୍ୟଗଣ୍ଡି ପଡ଼ିଯାଏ ତୁଚ୍ଛାଟାରେ । ଯାହା ହେଉ, ଆମର ନିସ୍ତରଙ୍ଗ ରୁଟିନ୍ ବନ୍ଧା ଜୀବନରେ ହେନାର ଆକସ୍ମିକ ବିବାହ କିଛି ଦିନ ପାଇଁ ଆମକୁ ଉତ୍ତେଜନା ତଥା ଆଲୋଚନାର ଖୋରାକ୍

Digitized by srujanika@gmail.com

ଯୋଗାଇଦେଲା । ଫିସ୍ ଫିସ୍ ସ୍ୱରରେ କେଇ ଦିନ କଥାବାର୍ତ୍ତା ହୋଇ ସାରିଲା ପରେ କାଳକ୍ରମେ ଘଟଣାଟି ତା'ର ପ୍ରାଧାନ୍ୟ ହରାଇ ବସିଲା ଏବଂ ଆମେ ହେନାକୁ ଏକରକମ ଭୁଲିଗଲୁ । ହେନା ସହିତ କେବେ ଯେ ମୋର ଭବିଷ୍ୟତରେ ଦେଖାହେବ ମୁଁ ସ୍ୱପ୍ନରେ ବି ଭାବିନଥିଲି । କିନ୍ତୁ ଅଚାନକ ତା' ସହିତ ପୁଣି ଥରେ ମୋର ଦେଖା ହୋଇଥିଲା - ଅନେକ ବର୍ଷ ପରେ ।

ହେନାର ପିତାମାତା, ତାଙ୍କ ପୁରୁଣା ଘରଟି ଛାଡ଼ି ଆମ କଲୋନୀର ଗୋଟିଏ ଘରେ ଭଡ଼ା ରହୁଥିଲେ । ଦିନେ କଲେଜରୁ ଫେରି ଜଳଖିଆ ଖାଉଛି, ହେନାର ସାନ ଭଉଣୀ ଆସି ହାଜିର୍ ହୋଇଥିଲା ଆମ ଘରେ । ହେନା ଏବେ ପିତ୍ରାଳୟ ଆସିଛି ଏବଂ ମୋ ସହିତ ଦେଖା କରିବାକୁ ଇଚ୍ଛୁକ ବୋଲି ତା'ଠାରୁ ଶୁଣିଲି । ଆହୁରି ମଧ୍ୟ ଶୁଣିଲି ଯେ ଦୁଇ ସନ୍ତାନର ଜନନୀ ହେନାର ଗୃହସ୍ଥଳୀ ଏବେ ବମ୍ବେରେ । ଶ୍ରୀଧର ସାର୍ ସେଇଠି କେଉଁ ଏକ କମ୍ପାନୀରେ କର୍ମରତ । ଏତେ ବର୍ଷ ପରେ ବୃଦ୍ଧ ପିତାମାତା ଜିଦ୍‌ଖୋର ସ୍ୱେଚ୍ଛା କନ୍ୟାଟିର ତଥାକଥିତ ଅପରାଧକୁ କ୍ଷମା କରିଦେଇଛନ୍ତି ଏବଂ ପୁତ୍ରକୁ ବମ୍ବେ ପଠାଇ ପ୍ରିୟ ପୌତ୍ର ପୌତ୍ରୀ ଦୁଇଟିଙ୍କ ସହ କନ୍ୟାକୁ ପାଛୋଟି ଆଣିଛନ୍ତି ଘରକୁ ।

ଉଲ୍ଲାସ ଓ ଉତ୍ସୁକତାର ସହିତ ଦୌଡ଼ିକି ଯାଇଥିଲି ହେନା ଘରକୁ । ହେନା ଯା ଭିତରେ କିନ୍ତୁ ଅନେକ ବଦଳି ଯାଇଥିଲା । ଦେହରେ ଜମିଥିଲା ବେଶ୍ କିଛି ମେଦ । ଗହଳ ବାଳ ହାଲୁକା ପଡ଼ି ଆସିଥିଲା ଅନେକଟା । ତାକୁ ଯଥା ସ୍ଥାନରେ ରଖିବା ପାଇଁ ଆଉ ବଡ଼ ବଡ଼ ରଙ୍ଗିନ୍ କ୍ଲିପ ଦରକାର ଇ ପଡୁନଥିଲା । ହେନା କଥା କହୁଥିଲା ପ୍ରଚୁର । ମୁହଁରେ ଥିଲା ସୁଖୀ ସୁଖୀ ଭାବ ଏବଂ ଆହ୍ଲାଦ ଓ ପରିପୂର୍ଣ୍ଣତାର ଆଭା । ଶ୍ୟାମାଙ୍ଗୀ କନ୍ୟାଟି ତାର ଚକାଚକା ଭଉଁରୀ ଖେଳୁଥିଲା ଟିକିଏ ଦୂରରେ । ତା'ପାଖରେ ବସିଥିବା ଚମତ୍କାର ସ୍ୱାସ୍ଥ୍ୟର ଶିଶୁପୁତ୍ରଟି ପ୍ଲାଷ୍ଟିକର କଣ୍ଢେଇ ଝିଅଟିକୁ ନେଇ ଥିଲା ମସ୍‌ଗୁଲ ।

ଅନେକ ଅନେକ ସମୟ ଧରି ଗପ କରିଥିଲି ହେନା ସହିତ । ପିଲା ଦିନ କଥା, ସ୍କୁଲ କଥା, ସାଙ୍ଗମାନଙ୍କ କଥା । ଫେରିଲା ବେଳକୁ ପଚାରିଲି, ''ହେନା ତମର ମନେ ଅଛି ? କେମିତି ସ୍କୁଲରେ ସବୁ ଗୀତ କମ୍ପିଟିସନ୍‌ରେ ତମେ ଫାଷ୍ଟ ପ୍ରାଇଜ୍ ପାଉଥିଲ ? ଆଉ ଆମେ ସବୁ କେମିତିସାରା ରିସେସ୍ ତମଠୁ ହିନ୍ଦୀ ସିନେମା ଗୀତ ଶୁଣୁଥିଲୁ ? ଏବେ ଗୀତ ଗାଉଚ ନା ନାହିଁ ?''

ହେନା ହସିଲା । କହିଲା-ଗୀତ ଛାଡ଼ି ଦେଇଛି । ତା' ବଦଳରେ ସୃଷ୍ଟି କରିଛି ନୂଆ ରାଗ ରାଗିଣୀ ।

-ମାନେ ? ଆଖିରେ ପ୍ରଶ୍ନବାଚୀ ତୋଳି ମୁଁ ଚାହିଁଲି ହେନା ମୁହଁକୁ । ପୁତ୍ରକନ୍ୟା ଦୁଇଟିଙ୍କର ଫୁଲକଢ଼ ପରି ନିଷ୍ପାପ ମୁହଁ ଦୁଇଟିକୁ ଚାହିଁ ହେନା କହିଲା - ଏଇ ଦୁଇ ଜଣ ଇ ମୋର ରାଗ ଓ ରାଗିଣୀ । ସଙ୍ଗୀତର ମୂର୍ଚ୍ଛନାରେ ଭରପୂର କରି ରଖିଛନ୍ତି ମୋ ଜୀବନ ।

●●●

Digitized by srujanika@gmail.com

# ତୃତୀୟ ଶ୍ରେଣୀ

ରାମଚନ୍ଦ୍ରଙ୍କର ଦୁଇଟି ଜିନିଷ ମୋତେ ବେଶ୍ ଆଚମ୍ବିତ କରିଥିଲା- ତାଙ୍କର କାନ ଓ ତାଙ୍କର ବାଟ ଚାଲିବାର ଠାଣି । ତାଙ୍କ ଡ଼ାହାଣ କାନର ଲତିରେ, କର୍ଣ୍ଣଗହ୍ବରଠାରୁ କିଛି ଦୂରରେ, ଗୋଟିଏ ବିରାଟକାୟ ଛିଦ୍ର ଥିଲା - ମୋଟା କାଠିଟିଏ ଗଳିଯିବା ଭଳିଆ । ଏଭଳି ଏକ ଅସ୍ୱାଭାବିକ ସ୍ଥାନରେ କିଭଳି ଏତାଦୃଶ ବିନ୍ଧଟିଏ ହେଲା ଚିନ୍ତାକରି ମୁଁ ପ୍ରତ୍ୟହ କିଛି ସମୟ ନଷ୍ଟ କରୁଥିଲି । ଦ୍ୱିତୀୟରେ, ସିଏ ବାଟ ଚାଲୁଥିଲେ ଦୁଇହାତକୁ ଛନ୍ଦି- ସାମ୍ନାରେ ନୁହେଁ, ପିଠିପଟରେ । ହାତଦୁଇଟି ପଛକୁ ବଢ଼ାଇ ଡ଼ାହାଣ ପାପୁଲିରେ ଛୁଉଁ ଥିଲେ ବାଁ ପଟର କହୁଣୀ ଏବଂ ବାମହାତରେ ଛୁଉଁଥିଲେ ଡ଼ାହାଣପଟର କହୁଣୀ ଏବଂ ସେଇ ଭଙ୍ଗୀରେ ବଡ଼ ବଡ଼ ପାହୁଣ୍ଡ ପକାଇ ରାସ୍ତାରେ ଚାଲୁଥିଲେ - ବେଶ୍ ସ୍ୱଚ୍ଛନ୍ଦ ଓ ସାବଲୀଳ ଭାବରେ ।

ଏବଂ ତାଙ୍କର ସେଇ ବଡ଼ ବଡ଼ ପାହୁଣ୍ଡ ସହିତ ତାଳ ଦେଇ ଏକ ରକମ ତାଙ୍କ ପଛରେ ଦୌଡ଼ି ଦୌଡ଼ି ମୁଁ ସ୍କୁଲ ଯାଉଥିଲି । ରାମଚନ୍ଦ୍ର ଥିଲେ ଅଜାଙ୍କର ବନ୍ଧୁ ଓ ଗାଁ ସ୍କୁଲ୍‌ର ପ୍ରଧାନଶିକ୍ଷକ ।

ସ୍କୁଲ୍‌ଟି ଥିଲା ମହାନଦୀ ବନ୍ଧ ଉପରେ । ମାଟି କାନ୍ଥର ଭଗ୍ନପ୍ରାୟ ଚାଳ ଛପର ଘରଟିଏ । ଥିଲା କେବଳ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ । ଶିକ୍ଷକ ଓ ଛାତ୍ର - ସଭିଏଁ ବସୁଥିଲେ ତଳେ, ମାଟି ଗୋବର ଲିପା ଚଟାଣରେ । ସାମ୍ନାରେ କଡିକିଆ ହୋଇ କଳାରଙ୍ଗ ବୋଳା ଚଉଡ଼ା ପଟାଟିଏ କାନ୍ଥକୁ ଆଉଜି ଠିଆ ହୋଇଥିଲା । କାମ ଦେଉଥିଲା ବ୍ଲାକ୍ ବୋର୍ଡ଼ର । ଶିକ୍ଷକ ଥିଲେ କେବଳ ଦୁଇଜଣ- ପ୍ରୌଢ଼ ରାମଚନ୍ଦ୍ର ଓ ଯୁବକବୟସୀ ସାନମାଷ୍ଟ୍ରେ ।

ସ୍କୁଲଘରଟିର ଅବସ୍ଥିତି ଥିଲା ଚମତ୍କାର ଜାଗାରେ । ପାଖରୁ ଦେଖାଯାଉ ଥିଲା ମହାନଦୀର ଗଭୀର ନୀଳ ଜଳ ବେଣୀ । ସୂର୍ଯ୍ୟୋଦୟରେ ଓ ମଧ୍ୟାହ୍ନରେ, ସେ ଜଳବେଣୀର ରଙ୍ଗ ପରିବର୍ତ୍ତିତ ହୋଇଯାଉଥିଲା ପ୍ରତିବିମ୍ବିତ ଲାଲ୍ ଓ ରୂପେଲୀ ସୂର୍ଯ୍ୟକିରଣ ଦ୍ୱାରା । ସ୍କୁଲ ହତାର ପଛପଟ ଡାଲୁ ଜମିରେ ଥିଲା ଧାନୀ ଲଙ୍କାର କ୍ଷେତଟିଏ । ନାଲି ଟୁକ୍‌ଟୁକ୍ ଧାନପରି କୁନିକୁନି ଲଙ୍କାରେ ଫାଟିପଡୁଥିଲା ସେ କ୍ଷେତ । ସବୁ ପିଲେ ମିଶି ପାଚିଲା ଲଙ୍କାତକ ତୋଳୁଥିଲୁ । ମାଷ୍ଟ୍ରେ ନେଇଯାଉଥିଲେ ଘରକୁ ।

ସ୍କୁଲ ସାମନା ହତାର ପରିସୀମା ନିର୍ଦ୍ଦିଷ୍ଟ କରାଯାଇଥିଲା କଣ୍ଟାଳିଆ ବାଉଁଶ ଡାହି ପୋତି । ହତା ଭିତରେ ଥିଲା ଚମତ୍କାର ଝୁଲନ୍ତ ଜବାକୁସୁମର ବୁଦାମାନ ଓ ସୁସ୍ଥ ଓ ସତେଜ କଦଳୀ ବଣ । ଗାଁ ଲୋକେ ପୂଜାପାର୍ବଣ ପାଇଁ ଓ ଭୋଜନାର୍ଥେ କଦଳୀ ପତ୍ର ସବୁ କାଟି ନେଉଥିଲେ । ମାଷ୍ଟ୍ରଙ୍କ ଆଦେଶରେ ହାତପାଆନ୍ତାରେ ଥିବା ସବୁ କଦଳୀପତ୍ର ସରୁ ସରୁ କରି ଚିରି ଦେଉଥିଲୁ । ପତ୍ରତକ ବ୍ୟବହାର ପାଇଁ ହୋଇଯାଉଥିଲା ଅକାମୀ । ହତାର ବାଁ ପଟକୁ ମାଡ଼ିକରି ଥିଲା ଅନେକଗୁଡ଼ିଏ ସୁଦୃଶ୍ୟ ଓ ପୁରାତନ ପଣସ ବୃକ୍ଷ । ଫଳ ଆସୁଥିଲା ପ୍ରଚୁର । କିନ୍ତୁ ରହୁନଥିଲା । ସାମାନ୍ୟ ବଡ଼ ହେବା ପରେ ଝଡ଼ି ପଡୁଥିଲା ଗଛରୁ । ଭୂଇଁରେ ପଡ଼ି ପଡ଼ି ଖରାକାକର ଖାଇ କେଇଟା ଦିନରେ ନରମ ହେବାକୁ ଆରମ୍ଭ କରୁଥିଲା । ପୂରାପୁରି ସଢ଼ିଯିବା

Digitized by srujanika@gmail.com

ଆଗରୁ, ସେ ନରମ ପୁତ୍‌ପୁତ୍ ପଣସ ତଳୁ ଗୋଟାଇ ଖାଇ ଦେଉଥିଲେ ପିଲାମାନେ । କହୁଥିଲେ 'ପୁଇଁ ପଣସ' । ଚମତ୍କାର ମାଟି ଓ ଖରାର ଗନ୍ଧ ଥିଲା ସେଥିରେ ।

ତୃତୀୟ ଶ୍ରେଣୀରେ ମୁଁ ଥିଲି ଏକମାତ୍ର ଛାତ୍ରୀ ଓ ଅନ୍ୟାନ୍ୟ ଛାତ୍ରମାନେ ଥିଲେ ମୋ' ଠାରୁ ବୟସରେ ବେଶ୍ ବଡ଼ । ଗାଁ ପିଲାମାନେ ଡେରିରେ ପାଠପଢ଼ା ଆରମ୍ଭ କରୁଥିଲେ । କଳାମୁଚ୍‌ମୁଚ୍ ଅପରିଷ୍କାର ତେଲିଆ ଦେହରେ ଆଣ୍ଠୁ ଲୁଚୁନଥିବା ମଇଳା ଧୋତିଟିମାନ ପିନ୍ଧି ଫୁଙ୍ଗୁଳା ଶରୀରରେ ଆସୁଥିଲେ ସ୍କୁଲ୍ ।

ସ୍କୁଲରେ ମୋ' ନାଁ ଲେଖାହୋଇଥିଲା ନାମକୁ ମାତ୍ର । ଅଧାଦିନ ସ୍କୁଲ ଯାଉନଥିଲି । ଆମ୍ବତୋଟା, ଆଖୁଶାଳ, ଝାମୁ ଯାତ, ଦୋଳ ଯାତ, ପାଖରେ ଥିବା ଆଈଙ୍କ ଗାଁ କିମ୍ବା ମାଉସୀଘର ଗାଁକୁ ବୁଲିଯିବା- ମଉଜ କରିବା ପାଇଁ ଆକର୍ଷଣର ଉତ୍ସ ଥିଲା ପ୍ରଚୁର । ଯଦିବା କେଉଁଦିନ କେମିତି ସ୍କୁଲ ଯାଉଥିଲି, ତାହା କେବଳ ଦୁଇଟି ବୁନ୍ଦିଆ ଲଡୁର ଲୋଭରେ । ସ୍କୁଲ ଯିବା ରାସ୍ତାକଡ଼ରେ ଗାଁ ମୁଣ୍ଡକୁ ଲାଗି ଥିଲା ଜମ୍ବୁଗୁଡ଼ିଆର ଦୋକାନ । ସାନ ଚାଳିଆ ସାମ୍‌ନାରେ ବୋଝରେ ସଜା ହୋଇ ରଖା ହୋଇଥିଲା ଖସାଲଡୁ, ମନୋହର, ଧନୁମୁଆଁ, ନଡ଼ିଆପାତି ମିଶା ଉଖୁଡ଼ା ଓ ବୁନ୍ଦିଆଲଡୁ । ଜମ୍ବୁଗୁଡ଼ିଆକୁ ଅଜାଙ୍କର ଆଦେଶ ଥିଲା ମୁଁ ସ୍କୁଲ ଗଲାବେଳେ ମୋତେ ଦୁଇଟି ଲଡୁ ଦେବାପାଇଁ । ଅଜା ମାସକାବାରି ପଇସା ଦେଉଥିଲେ ତାକୁ । ଶସ୍ତାତେଲର ବାସ୍ନାମିଶା ଟାଣ ଟାଣ ଲଡୁ ଦୁଇଟି ଚର୍ବଣ କରିବାର ସୁଖ ନେଇ ସ୍କୁଲ ଯାଉଥିଲି । ପ୍ରଥମେ ପ୍ରଥମେ ଜମ୍ବୁଗୁଡ଼ିଆ ପାଖକୁ ମୁଁ ଯିବାକୁ ଭୟ କରୁଥିଲି । କାରଣ ପଣାସଂକ୍ରାନ୍ତିର ଉଦ୍‌ଉଦିଆ ଦ୍ୱିପ୍ରହରରେ ଦାନ୍ତ ରଗଡ଼ି ଓ ହାତରେ ଛାଟ ଧରି ବଡ଼ ପାଟିରେ ଚିତ୍କାର କରି ଗାଁ ଦାଣ୍ଡରେ ଜମ୍ବୁଗୁଡ଼ିଆ ନାଚୁଥିଲା । ଚେହେରା ଦିଶୁଥିଲା ଭୟାନକ ଆଈ କହୁଥିଲେ ତାକୁ କାଳିସୀ ଲାଗିଛି ବୋଲି । ଗାଁ ଲୋକେ ତା' ସାମ୍‌ନାରେ ଧୂଳିରେ ପ୍ରଣିପାତ କରୁଥିଲେ ଓ ସେମାନଙ୍କ ପିଠିରେ ଛାଟମାରି ସିଏ ସେମାନଙ୍କର ଭବିଷ୍ୟତ ବାଣୀ କରୁଥିଲା । କାଳିସୀ ଉତୁରିଗଲେ ମୂର୍ଚ୍ଛା ହୋଇ ପଡ଼ିଯାଉଥିଲା ତଳେ । ପାଟିରୁ ନିଗିଡ଼ି ପଡୁଥିଲା ମେଞ୍ଚା ମେଞ୍ଚା ଫେଣ । ମୁହଁରେ ପାଣିଛିଟା ମାରି ଗାଁ ଲୋକେ ତା'ର ସଂଜ୍ଞା ଫେରାଇ ଆଣୁଥିଲେ । କିଛିଦିନ ତା' ଦୋକାନକୁ ଯିବାପରେ କିନ୍ତୁ ଦେଖିଥିଲି ମୋର ତା' ପ୍ରତି ଥିବା ଶଙ୍କା ଥିଲା ସମ୍ପୂର୍ଣ୍ଣ ରୂପେ ଅହେତୁକ । ସାଧାରଣ ସମୟରେ ଜମ୍ବୁ ଥିଲା ବେଶ୍ ନିରୀହ, ଶିଷ୍ଟ ଓ ଭଦ୍ର ମଣିଷଟିଏ ।

ମୋ'ର ସ୍କୁଲ ଯିବାର ଅନ୍ୟଏକ ଆକର୍ଷଣ ଥିଲା ମୋର ହରିଜନ ବସ୍ତିରେ ଥିବା ବନ୍ଧୁମାନେ । ଗାଁ ଠାରୁ ଅଳ୍ପଦୂରରେ ଥିଲା ବସ୍ତିଟି- ସ୍କୁଲ ଯିବା ରାସ୍ତାରେ । ମୁଁ ସ୍କୁଲରୁ ଫେରିବା ବେଳେ ପ୍ରାୟ ପ୍ରତିଦିନ ମୋତେ ରାସ୍ତା କଡ଼ରେ ଅଟକାଇ ସେଠାର ସ୍ତ୍ରୀ ଲୋକମାନେ ମୋ ସହିତ ଗପ କରୁଥିଲେ ଯାହାକି ଅନ୍ୟ କୌଣସି ବୟସ୍କ ବ୍ୟକ୍ତିଙ୍କ ସହିତ କେବେହେଲେ କରୁନଥିଲେ । କୁନି, ଚୁଲ୍‌ବୁଲୀ ସହରୀ ଝିଅଟି ସେମାନଙ୍କ ପାଇଁ ଥିଲା ଏକ କୌତୂହଳର ଚିଜ । ମୋ' ବ୍ୟତୀତ ଗାଁର ଅନ୍ୟ କୌଣସି ବ୍ରାହ୍ମଣ ସନ୍ତାନ ସେମାନଙ୍କ ସହିତ ମିଶୁ ନଥିବାରୁ ମୋ'ର ସାନ୍ନିଧକୁ ସେମାନେ ଦେଖୁଥିଲେ ଅତ୍ୟନ୍ତ ପ୍ରୀତିମୟ ଆଖିରେ ।

Digitized by srujanika@gmail.com

ଦିନଟିଏ ସେମାନଙ୍କ ସହିତ କଥା କହିଲା ବେଳେ ମୋର ଜଣେ ସମ୍ପର୍କୀୟ ମାମୁଁ ମୋତେ ଦେଖି ଦେବାରୁ ଘରକୁ ଆସିଲାପରେ, ମୁଁ ଅସ୍ପୃଶ୍ୟ ହୋଇଯାଇଥିବାର ଯୁକ୍ତିକାଢ଼ି, ମୋର ପ୍ରବଳ ଅନିଚ୍ଛା ଓ ବିରୋଧ ସତ୍ତ୍ୱେ ମୋତେ ସ୍ନାନ କରିବାକୁ ବାଧ କରିଥିଲେ । ଏହା ସତ୍ତ୍ୱେ ମଧ ସେମାନଙ୍କ ସହିତ ମୋର ବନ୍ଧୁତ୍ୱକୁ ମୁଁ ବିସର୍ଜନ କରିପାରିନଥିଲି । ସାନ ପିଲାଟିଏ ତା'ର ହୃଦୟର ମାପକାଠି ଦେଇ, ସ୍ନେହଶୀଳ ମନଟିଏ ଠିକ୍ ଚିହ୍ନିପାରେ ବୋଧେ ।

ଆମ ଗାଁରେ ସ୍କୁଲ ନଥିବାରୁ ମାମୁଁ ଯାଇ ମୋତେ ନେଇ ଆସିଥିଲେ ଅଜାଘରେ ରହି ପାଠ ପଢ଼ିବି ବୋଲି । କିନ୍ତୁ ଯଥେଷ୍ଟ ପରିମାଣରେ ମୋତେ ଗେହ୍ଲା କରିବା ବ୍ୟତୀତ, ମୋର ପାଠପଢ଼ା ପ୍ରତି କାହାର ମନଧାନ ନଥିଲା । ବହିପତ୍ର ବି କିଛି ନଥିଲା ମୋର । ଥିଲା ମାତ୍ର ଦୁଧଖଡ଼ିର ଟୁକୁଡ଼ା କେଇଖଣ୍ଡ ଆଉ ମାତ୍ର ଗୋଟିଏ ଫ୍ରେମ୍‌ବନ୍ଧା ମାଟିର ସ୍ଲେଟ୍ । ଆଉ ସେ ସ୍ଲେଟ୍‌ଖଣ୍ଡିକ ଭାଙ୍ଗୁଥିଲି ବାରମ୍ବାର । ମନୋହାରୀ ଦୋକାନୀ ଗଗନ, ମୋତେ କ୍ରମାନ୍ୱୟରେ ଗୋଟିକ ପରେ ଗୋଟିଏ ମାଟି ସ୍ଲେଟ୍ ବିକ୍ରୀ କରି ବେଶ୍ ଦି ପଇସା ରୋଜଗାର କରିବାକୁ ଲାଗିଲା । ପଢ଼ା ଭିତରେ କେବଳ ଗାଁର ଯୁବକ ଦଳ ଗଢ଼ିଥିବା ଲାଇବ୍ରେରୀରୁ ଅଜସ୍ର ସାନସାନ ଗପବହି ଆଣି ପଢୁଥିଲି ଓ ରମା ମାଇଁଙ୍କ ହିନ୍ଦୀ ଛବି ବହିଟି ଦେଖି ଦେଖି ହିନ୍ଦୀ ଲେଖିବା ପଢ଼ିବା ମନକୁ ମନ ଶିଖିଯାଇଥିଲି ।

ବର୍ଷକ ପରେ ସ୍କୁଲରେ ପରୀକ୍ଷା ହେଲା । ବ୍ଲାକ୍ ବୋର୍ଡ଼ରେ ମାଷ୍ଟ୍ରେ ପ୍ରଶ୍ନ ଲେଖିଦେଲେ ଓ ସ୍ଲେଟ୍‌ରେ ଆମକୁ ଉତ୍ତର ଲେଖିବାକୁ ପଡ଼ିଥିଲା । ପରୀକ୍ଷାରେ କଅଣ ସେତେବେଳେ ଲେଖିଥିଲି ନିଜେ ବି ଜାଣେନି । ପରୀକ୍ଷାର ପ୍ରାଧାନ୍ୟ ବୁଝିବାର ବୟସ ବି ନଥିଲା ।

ପରୀକ୍ଷା ପରେ ଶ୍ରେଣୀରେ ମେଧାବୀ ଛାତ୍ର ରୂପେ ପରିଗଣିତ ହେଉଥିବା ଦୁଇଟିଯାକ କିଶୋର-ପ୍ରଫୁଲ୍ଲ ଓ କୃତ୍ତିବାସ-ଆସି ପଚାରିଲେ ମୁଁ କେମିତି କରିଛି ବୋଲି ପରୀକ୍ଷାରେ । ସେମାନଙ୍କ ପ୍ରଶ୍ନଟି ମୋ ପାଇଁ ଅର୍ଥହୀନ ଥିଲା । ସେମାନଙ୍କ କଥାରେ କୌଣସି ଗୁରୁତ୍ୱ ନଦେଇ ମୁଁ ନୀରବରେ ମହାନଦୀର ଜଳସ୍ରୋତରେ ଅପରାହ୍ନର ସୁନାଗଳା ସୂର୍ଯ୍ୟାଲୋକର ପ୍ରତିଫଳନ ଦେଖିବାକୁ ଲାଗିଲି । ସାନସାନ ଅଜସ୍ର ଢେଉ ଉପରେ ଚିକ୍‌ମିକ୍ କରୁଥିଲା ପାଣିଚିଆ, ଫିକା ହଳଦିଆ ରଙ୍ଗର ଖରା । ସେ ଖରାଭିତରେ ସିଲ୍‌ହଟ ଛବି ପରି ଦିଶୁଥିଲେ କେତୋଟି ହୁଲିଡ଼ଙ୍ଗା ଓ ତା' ମଙ୍ଗରେ ବସିଥିବା ଶ୍ୟାମକାନ୍ତି ନାଉରିଆ ଦଳ । ଯା'ର ଅନେକ ବର୍ଷ ପରେ ମୁଁ କଲେଜରେ ଯୋଗଦେବା ବେଳେ, ପ୍ରଫୁଲ୍ଲ ଓ କୃତ୍ତିବାସ ସହିତ ମୋର ପୁନର୍ବାର ସଂପର୍କ ସ୍ଥାପିତ ହୋଇଥିଲା । ମହାନଦୀରେ ଅନେକ ପାଣି ବହିଯାଇଥିଲା ସେତେବେଳକୁ । ମୋ' ଜୀବନର ଗତିପଥ ମଧ ହୋଇଯାଇଥିଲା ଭିନେ ।

ପ୍ରଫୁଲ୍ଲ ମୋତେ ଚିଠିଟିଏ ଲେଖିଥିଲା-ମୋର ମାଟ୍ରିକ ପରୀକ୍ଷା ଫଳାଫଳ ପାଇଁ ମୋତେ ଅଭିନନ୍ଦନ ଜଣାଇ । ଯଦିଓ ତା'ର ଫଳାଫଳ ଆଶାନୁରୂପ ଭଲ ହୋଇନଥିଲା । ଜଣାଇଥିଲା, ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ହେଉଥିବା ମୋ କବିତାର ସିଏ ଏକ ଆଗ୍ରହୀ ଓ ନିୟମିତ ପାଠକ । କ୍ଲାସକଣକୁ, ଅଲରା ବାଳକେରାଏ ଗାଲଉପରେ ପକାଇ, ଚୁପ୍‌ଚାପ୍ ଝର୍କାବାଟେ ବାହାର ପୃଥିବୀକୁ ଚାହିଁ ବସିଥିବା ଖିଆଲୀ କୁନିଝିଅଟି କଥା ତାର କୁଆଡ଼େ ଖୁବ୍

Digitized by srujanika@gmail.com

ମନେପଡ଼େ । ସନ୍ଦେହପ୍ରକାଶ କରିଥିଲା ମୁଁ ତାକୁ ମନେରଖିଛି କି ନାହିଁ ବୋଲି । ମୋ'ର ବେଶ୍ ମନେଥିଲା ତା' କଥା । ଗୋଲ୍ ମୁହଁର କୁଞ୍ଚୁକୁଞ୍ଚୁଆ ବାଳଥିବା ଚମତ୍କାର ହସ୍‌କୁରା କିଶୋରଟିଏ ।

କୃତ୍ତିବାସ ସହିତ ମଧ୍ୟ ମୋର ଦେଖା ହୋଇଥିଲା ଠିକ୍ ଏଇ ସମୟରେ । ଗାଁରୁ ରମା ମାଇଁ କଟକ ଆସୁଥିଲେ । କୃତ୍ତିବାସର କଅଣ କାମଥିବା ହେତୁ ସିଏ ମଧ୍ୟ ଆସିଥିଲା ସାଥିରେ । ରମା ମାଇଁ ତାକୁ ନେଇ ଆସିଥିଲେ ଆମ ଘରକୁ ।

କୃତ୍ତିବାସ ଅନେକ ବଦଳି ଯାଇଥିଲା ଯା' ଭିତରେ । କ୍ଷୀଣସ୍ୱାସ୍ଥ୍ୟର କୃଶକାୟ ବାଳକଟି ରୂପାନ୍ତରିତ ହୋଇଥିଲା ଏକ ଦୀର୍ଘକାୟ ଶ୍ମଶ୍ରୁରେଖା ସମ୍ବଳିତ ଯୁବକରେ । ଏଭଳି ଅପ୍ରତ୍ୟାଶିତ ଦେଖାରେ ସେ ଯୁବକଟି ସହିତ କଅଣ କଥା କହିବି ମୁଁ ଜାଣିପାରିଲିନି ।

ବାର୍ତ୍ତାଳାପକୁ ଅଗ୍ରସର କରାଇବାର ପ୍ରୟାସ କରି ରମା ମାଇଁ ହଠାତ୍ କହି ଉଠିଲେ ''କୃତ୍ତିବାସ ! ଜାଣିଚ ? ମୋ ଭାଣିଜୀ ପରୀକ୍ଷାରେ ଭଲ କରିଥିବା ହେତୁ ବୃତ୍ତି ପାଉଛି ଏବେ । ଲେଖା ଲେଖି ମଧ୍ୟ କରେ । ତା' କବିତା ପଢୁଥିବ ଏଠି ସେଠି'' ।

କୃତ୍ତିବାସ ସାମ୍ନାରେ ରମା ମାଇଁଙ୍କର ଏତାଦୃଶ୍ୟ ମନ୍ତବ୍ୟଟି ନିଶ୍ଚିତ ରୂପେ ସମୟୋପଯୋଗୀ ନଥିଲା । କାରଣ ଅଳ୍ପ ସମୟ ଆଗରୁ ଘର ଭିତରେ ରମା ମାଇଁ ମୋତେ କହିଥିଲେ ଯେ କୃତ୍ତିବାସ ତୃତୀୟଶ୍ରେଣୀରେ ମାଟ୍ରିକ ପାଶ୍ କରିଛି ଏବଂ ଅର୍ଥାଭାବ ଯୋଗୁଁ ଆଉ ଉଚ୍ଚଶିକ୍ଷା ପାଇବା ତା'ପକ୍ଷରେ ଅସମ୍ଭବ ।

କିନ୍ତୁ ସରଳ ହୃଦୟା ମାଇଁ ଅଜାଣତରେ ଭୁଲ୍‌ଟି କରି ଦେଇଥିଲେ । ଲକ୍ଷ୍ୟ କଲି, ମାଇଁଙ୍କ କଥାଶୁଣି ଏ ପର୍ଯ୍ୟନ୍ତ ନୀରବରେ ଚୌକିରେ ବସିଥିବା କୃତ୍ତିବାସର ମୁହଁର ମାଂସପେଶୀ ଶକ୍ତ ହେଲା ଏବଂ ସିଧାସଳଖ ମୋ ମୁହଁକୁ ଚାହିଁ ଅବଜ୍ଞାସୂଚକ ଗଳାରେ କହିଲା ''ତୃତୀୟ ଶ୍ରେଣୀରେ ମୁଁ କିନ୍ତୁ ତୁମଠୁ ଢ଼େର୍ ଭଲ ପଢୁଥିଲି । ମୁଁ ଶ୍ରେଣୀରେ ପ୍ରଥମ ହେଲାବେଳେ, ତୁମ ସ୍ଥାନ ଥିଲା ଯାଇ କାହିଁ ତଳେ । ଆଶା କରେ ସେ ସବୁଦିନ କଥା ତମେ ଭୁଲିନ'' ।

କୃତ୍ତିବାସ କଥାରେ ମୁଁ ଆହତ ହେଲି ଏବଂ ଉପଯୁକ୍ତ ରୂଢ଼ ଜବାବ୍‌ଟିଏ ଦେବାକୁ ଯାଉଥିଲି । କିନ୍ତୁ ହଠାତ୍ ଆଖିପଡ଼ିଲା ଅପରିଚ୍ଛନ୍ନ ପୋଷାକ ପିନ୍ଧା, ଭଗ୍ନସ୍ୱାସ୍ଥ୍ୟ, ସମ୍ବଳହୀନ ଗ୍ରାମ୍ୟଯୁବକଟି ଉପରେ । ଯାହାପାଇଁ ଭବିଷ୍ୟତ ଥିଲା ଅନ୍ଧକାରମୟ, ଜୀବନର ଗତିପଥ ଥିଲା ଅନିଶ୍ଚିତ । ମୋ ଆଗରେ ଗର୍ବ କରିବାପାଇଁ, ତା'ର ଅହଂ ଓ ଆତ୍ମସମ୍ମାନ ବଚାୟ ରଖିବା ପାଇଁ ତା'ର ସମ୍ବଳ ଥିଲା କେବଳ ଏତିକି - ଯେ ଏକଦା, ତୃତୀୟ ଶ୍ରେଣୀରେ ପାଠ ପଢ଼ିଲା ବେଳେ, ସିଏ ମୋ ଠାରୁ ଭଲଛାତ୍ର ଥିଲା ।

ସେ ଆତ୍ମସମ୍ମାନ ଟିକକ ତା'ଠୁ ଛଡ଼ାଇନେବାକୁ ମୋ'ର ମନହେଲାନି । ମୃଦୁ ହସି ମୁଁ ଉତ୍ତର ଦେଲି ''କୃତ୍ତିବାସ ! ସେ ସବୁ ଦିନ କଥା ମୁଁ ଆଦୌ ଭୁଲିନି'' ।

●●●

Digitized by srujanika@gmail.com

# ଦୁଇ ପଇସାର କଥା

ଘରପାଖର ସାହିଭିତରେ ଥିଲା ସ୍କୁଲ୍‌ଟି । କଟକ ସହରର ଅଜସ୍ର ଅନାମଧେୟ ସାହି ଭିତରୁ ଗୋଟିଏ । କେନାଲ କୂଳ ପାଦଚଲା ବାଟ ଦେଇ ହରିଜନବସ୍ତି, ଶିବମନ୍ଦିର, କୁଣ୍ଡଳୀକୃତ ଅଜଗର ଶରୀର ପରି ମୋଟା ମୋଟା ମୋଡ଼ିମୋଡ଼ିକିଆ ଚେର ମେଲାଇଥିବା ବୟୋବୃଦ୍ଧ ବରଗଛ ଓ ମ୍ୟୁନିସିପାଲିଟି ଶୌଚାଳୟ ଟପିଲେ ପଡୁଥିଲା ସାହିକୁ ଯିବା ରାସ୍ତାଟି । ସଂକୀର୍ଣ୍ଣ, ଗୋମୟପୂର୍ଣ୍ଣ ସନ୍ତସନ୍ତିଆ ରାସ୍ତାର ଦୁଇ କଡ଼େ ଲମ୍ବାଳିଆ ଅନ୍ଧକାରମୟ ସାନସାନ ଦରଭଙ୍ଗା କୋଠାଘର, ଚାଳଛପର ମାଟିଘର, ଏଠି ସେଠି ଏକତ୍ରିତ ହୋଇଥିବା ଆବର୍ଜନାର ସ୍ତୁପ, ଅଟକାଳିପରି ବହଳିଆ ପାଣିରେ ଉପୁଚି ପଡୁଥିବା ନର୍ଦ୍ଦମା ଏବଂ ନୁଆଁଣିଆ ତେଜରାତି ବା ବରାଗୁଲୁଗୁଲା ଦୋକାନ । ଠିକ୍ ସାହି ମୁଣ୍ଡକୁ ସହରର ମୁଖ୍ୟ ରାସ୍ତାଟି ପହଞ୍ଚିବା ଆଗରୁ ଥିଲା ସ୍କୁଲଟି ।

ନୂଆକରି ନାଁ ଲେଖାହୋଇଥିଲା ଦ୍ୱିତୀୟ ଶ୍ରେଣୀରେ । ଅଜଣା ପରିବେଶ, ଅଚିହ୍ନା ମୁହଁ, ଭଲକରି ମିଶିପାରୁ ନଥିଲି ସାହି ପିଲାମାନଙ୍କ ସହିତ । କିନ୍ତୁ ଦିନେ ଦୁଇଦିନପରେ ନିଶାମଣି ବୋଲି ଝିଅଟି ସହିତ ବେଶ୍ ବନ୍ଧୁତ୍ୱ ହୋଇଗଲା । ବସ୍ତୁତଃ, ନିଶାମଣି ହିଁ ଆଗଭର ହୋଇ ଆଳାପ କରିଥିଲା ଓ ସଖ୍ୟର ହାତ ବଢ଼ାଇଥିଲା ମୋ ଆଡ଼େ ।

ସ୍କୁଲ ସାମ୍ନା ଅପରିଚ୍ଛନ୍ନ ଗଳିକଡ଼ରେ ଡାଲ୍‌ମୁଟ୍ ଓ ବାଦାମ ଭଜା ବିକ୍ରୀ କରୁଥିଲା ଲୋକଟିଏ । ଦୁଇପଇସାରେ ଦରଶୁଖିଲା ଶାଳୁଆପତ୍ରରେ ପୋଷେ ହବ ଫାଳିକିଆ ଚୋପାଛଡ଼ା ବୁଟ ଭଜା । ପିଲାମାନେ ଭିଡ଼ କରି ବାଦାମ ଓ ବୁଟଭଜା କିଣି ଖାଉଥିଲେ । ଚୁପ୍‌ଚାପ୍ ଗୋଟିଏ କଡ଼କୁ ଠିଆ ହୋଇ ନିରୀକ୍ଷଣ କରୁଥିଲି ସେମାନଙ୍କର ବୁଟଖିଆ ଆନନ୍ଦକୁ ।

ଠିକ୍ ସେତିକି ବେଳେ ଝିଅଟିଏ ଆସିଲା ପାଖକୁ - ଡାଲ୍‌ମୁଟ୍ ଖାଉଖାଉ । ବୟସରେ ମୋ' ଠାରୁ ସାମାନ୍ୟ ବଡ଼ । କଳା ଚେପ୍‌ଟା ମୁହଁ । ଉଚ୍ଚ କପାଳ ଉପରେ କୁଞ୍ଚୁକୁଞ୍ଚିଆ ବାଳ ଫିତା ଦେଇ ବନ୍ଧା । ପିନ୍ଧିଥିବା ଛିଟ ଜାମାତଳେ ଦିଶୁଥିଲା ଅହେତୁକ ଲମ୍ବା ମଇଳା ହାଫ୍‌ପ୍ୟାଣ୍ଟର କିୟଦଂଶ । ଝିଅଟି ଥିଲା ବେଶ୍ ସପ୍ରତିଭ । ମୋ ନାଁ ପଚାରିସାରିବା ପରେ ପରିଚୟ ଦେଲା ନିଜର- ମୋ ନାଁ ନିଶାମଣି, ହେଇ ସେପଟ ତେଲି ସାହିରେ ଘର । ତର୍ଜନୀ ବଢ଼ାଇ ଦେଖାଇ ଦେଲା ତାଙ୍କ ଘରକୁ ବାଟ ଏବଂ ତା'ପରେ ପ୍ରସଙ୍ଗ ବଦଳାଇ ହଠାତ୍ ପଚାରି ବସିଲା, ଡାଲ୍‌ମୁଟ୍ ଖାଇବୁ ? ଦେ ପଇସା, ମୁଁ ଆଣିଦେବି, ତୁ ନୂଆପିଲା ଭିତରେ ପଶିପାରିବୁନି ।'' ଡାଲ୍‌ମୁଟ୍ ଖାଇବାକୁ ମନଥିଲା ଅବଶ୍ୟ । କିନ୍ତୁ ପଇସା ନଥିଲା ପାଖରେ । ଘରୁ ଭାତଖୁଆଇ ବୋଉ ପଠାଇ ଦେଇଥିଲା । ପଇସା ଦେଇନଥିଲା କିନ୍ତୁ । ବଜାରର ବାଜେ ଜିନିଷ ଖାଇଲେ କାଳେ ଦେହ ଖରାପ ହେବ ବୋଲି । ପଇସା ନଥିବାର ଜଘନ୍ୟ ଅପରାଧଟି ବେଶ୍ ସଙ୍କୋଚର ସହିତ ସ୍ୱୀକାର କଲି ନିଶାମଣି ଆଗରେ ।

-ଓଃ ! ସେଥିରେ କଅଣ ଅଛି ? ମୋ ପାଖରେ ପଇସା ଅଛି । ଦି ପଇସା ନେବୁ ? ନିଶାମଣି ପଚାରିଲା । ସଚ୍ଚୋଟ କଣ୍ଠରେ ନିରୋଳା ମମତ୍ୱ ମିଶାଇ । କିନ୍ତୁ ନିଶାମଣି ଠାରୁ

Digitized by srujanika@gmail.com

ମୁଦ୍ରାଟି ଗ୍ରହଣ କରିବାରେ ମୁଁ ଦ୍ୱିଧାଗ୍ରସ୍ତ ଥିଲି । କାରଣ ଘରେ ବାରମ୍ବାର ବତାଇ ଦିଆହୋଇଥିଲା ଯେ କାହାଠାରୁ ମାଗି କିଛି ଜିନିଷ ନେବା ଦୋଷାବହ ।

ନିଶାମଣି କିନ୍ତୁ ମୋ କଥାରେ କର୍ଣ୍ଣପାତ ନକରି ଓଲଟା ଜବାବ୍ ଦେଲା - ବାଃ ! ତୁ କେଉଁଠି ମତେ ମାଗୁଛୁ ? ମୁଁ ତ ନିଜେ ଯାଚିକରି ଦେଉଛି । ମାଗିଲେ ସିନା ଦୋଷ । ନେ, । ଏବଂ କଥା ଶେଷକୁ ତା ମଳିପିଆ ପାପୁଲିରେ ଚକ୍‌ଚକ୍ ନିକେଲ୍‌ର ଦି'ପଇସିଟି ରଖି ବଢ଼ାଇଦେଲା ମୋ ଆଡ଼କୁ ।

''ମୁଁ କିନ୍ତୁ ତତେ ପଇସା ଫେରେଇବି କେମିତି ? ବୋଉ ତ ମତେ ପଇସା ଦବନି ।'' ମୁଁ ପଚାରିଲି । ''ଯାଃ ! ଫେରେଇବାକୁ ତତେ କିଏ କହୁଛି ? ମୁଁ ପରା ତୋ ସାଙ୍ଗ । ମୋ ପଇସା କଅଣ ତୋ ପଇସା ନୁହେଁ ?'' ନିଶାମଣି ଯୁକ୍ତି ବାଢ଼ିଲା ଏବଂ ଏଥରକ ତା' ଯୁକ୍ତିଟି ଯଥାର୍ଥ ତଥା ଓଜନ୍‌ଦାର ମନେହେଲା ମୋତେ । କାରଣ ଲଙ୍କାଗୁଣ୍ଡ ଓ ସୈନ୍ଧବ ଲବଣ ଗୋଳା ଡାଲ୍‌ମୁଟ୍‌ର ଚେହେରା ଥିଲା ବେଶ୍ ଆକର୍ଷଣୀୟ । ବିନା ଦ୍ୱିଧାରେ ଦି'ପଇସିଟି ତା'ଠାରୁ ଗ୍ରହଣକଲି ଓ କୁଡ଼୍‌ମୁଡ଼ିଆ ଡାଲ୍‌ମୁଟ୍‌ର ସ୍ୱାଦ ମଧ୍ୟ ଅଚିରେ ଗ୍ରହଣ କଲି । ନିଶାମଣି ପ୍ରତି ମନ ଟଳମଳ ହୋଇଉଠିଲା କୃତଜ୍ଞତାରେ ।

କିନ୍ତୁ ତା' ପରଦିନଇ ସ୍କୁଲ୍‌ରେ ଦେଖା ହେବା ମାତ୍ରକେ, ମୋତେ ସମ୍ପୂର୍ଣ୍ଣ ରୂପେ ହତବାକ୍ କରି, ନିଶାମଣି ଉତ୍ଥାପନ କରି ବସିଲା ଦି ପଇସିଟିର କଥା । ମୁଦ୍ରାଟି ଯେ ତାକୁ ଫେରାଇ ଦେବା ପାଇଁ ମୁଁ ଅଙ୍ଗୀକାରବଦ୍ଧ ନଥିଲି, ଏକଥା ତାକୁ ମନେପକାଇ ଦେଲି ଅବଶ୍ୟ । କିନ୍ତୁ ସିଏ ମୋର କୌଣସି କଥା ଶୁଣିବାକୁ ଥିଲା ନାରାଜ । ''ମିଛେଇ ! ପକ୍କା ମିଛ କଥା କହୁଚୁ ତୁ । ଆଜି ପଇସା ସୁଝେଇବୁ କହି କାଲି ମୋ'ଠୁ ପଇସା ନେଲୁନି ? ଡ଼ାଲ୍‌ମୁଟ୍ ହଜମ କରି ଭାବୁଚୁ ମୋ ପଇସା ବି ହଜମ କରିଦେବୁ, ନା ? ଫେରା ମୋ ଅଣି । ଫେରା ଅବିକା,'' ନିଶାମଣି ବେଶ୍ ଉଚ୍ଚସ୍ୱରରେ ଚିତ୍କାର କରି କହିଲାଗିଲା ଓ ତା' ପାଟିରେ ଅନ୍ୟସାଥି ପିଲାମାନେ ମୋ ଚାରିପଟେ ଏକତ୍ରିତ ହୋଇ ଏବଂ ଲଜ୍ୟାରେ ମୋତେ ମ୍ରିୟମାଣ କରି, ମୋ ଆଡ଼କୁ ଭ୍ରୁକୁଞ୍ଚିତ କରି ଚାହିଁ ରହିଲେ ।

ପରିସ୍ଥିତିଟି ଏଭଳି ଜଟିଳ ରୂପ ନେବ ବୋଲି ମୁଁ କେବେହେଲେ କଳ୍ପନା କରି ନଥିଲି । ପୁନଶ୍ଚ, ଯେଉଁ କଥାଟି ମୋତେ ସବୁଠାରୁ ବିସ୍ମିତ କଲା, ତାହା ହେଲା ନିଶାମଣିର ମିଥ୍ୟାବାଦନ । ସେତେବେଳେ ଟଙ୍କାକୁ ଥିଲା ଚଉଷଠି ପଇସା ଓ ଗୋଟିଏ ଅଣିର ମୂଲ୍ୟ ଥିଲା ଚାରି ପଇସା । ନିଶାମଣି ଦୁଇପଇସା ଦେଇ ବର୍ତ୍ତମାନ ଦାବୀ କରୁଥିଲା ଅଣିଟିଏ । ଡରି ଡରି ଏକଥାଟି ନିଶାମଣିକି କହିଲି ମଧ୍ୟ । ନିଶାମଣି କିନ୍ତୁ ଅଗ୍ନିରେ ଘୃତାହୁତି ପଡ଼ିଲାପରି ଚିହିଙ୍କି ଉଠିଲା- ''କେଉଁଠି ତୁ ଦିପଇସା ନେଇଥିଲୁ ? ତୁ ଅଣିଏ ଉଧାର ନେଲୁନି ମୋ'ଠୁ ? ଦିପଇସାର ବୁଟ ଆଉ ଦିପଇସାର ବାଦାମ କିଣିକି ଖାଇଲୁ ଏଇଠି ଠିଆ ହେଇ କି । କହିଥିଲୁ ଆଜି ମୋ ପଇସା ଫେରେଇବୁ ବୋଲି । ଦେ' ମୋ ପଇସା'' ।

ନିଶାମଣି ବିନା ପୂର୍ଣ୍ଣଚ୍ଛେଦରେ ମୋ ଉପରେ ଅନର୍ଗଳ ଗାଳି ବର୍ଷଣ କରିବାକୁ ଲାଗିଲା ଓ କିଂକର୍ତ୍ତବ୍ୟ ବିମୂଢ଼ ଭାବରେ ନତମୁଖ କରି ଲାଜ ଓ ଅପମାନରେ ଅଶ୍ରୁମୋଚନ କରିବା ବ୍ୟତୀତ ମୋତେ ଆଉ କୌଣସି ପଥ ଦେଖାଗଲାନି । ମୋର କ୍ରନ୍ଦନଶୀଳ ମୁହଁ ତଥା

Digitized by srujanika@gmail.com

ସଙ୍କୁଚିତ ଭାବ ଭଙ୍ଗୀ ନିଶାମଣିର ହୃଦୟରେ କିଞ୍ଚିତ୍ ଦୟା ଓ କରୁଣାର ଉଦ୍ରେକ କଲା ନିଶ୍ଚୟ । କାରଣ ''ଠିକ୍ ଅଛି । ଆଜି ଯଦି ଆଣିନୁ ଆଣିନୁ । ହେଲେ କାଲି ଯଦି ମୋ ଅଣି ନ ଫେରେଇଛୁ ଦେଖିନେବି ତତେ'' କହି ଓ ମୋ ଚକ୍ଷୁ ଆଗରେ ସାବଧାନ କରିବା ମୁଦ୍ରାରେ ତା'ର କୁନି ତର୍ଜନୀଟି ହଲାଇ ମୋ ସାମନାରୁ ବିଦାୟ ନେଲା ଶେଷ ପର୍ଯ୍ୟନ୍ତ ।

ଏବଂ ମୁଁ ଫଶିଗଲି ଦୁଇ ପଇସାର ଫାନ୍ଦରେ । ଘରେ ବୋଉ ରାଗିବ ବୋଲି ଭୟରେ ପଇସା ମାଗିପାରୁନଥିଲି ଏବଂ ସ୍କୁଲରେ ପ୍ରତ୍ୟହ ମୋତେ ନିଶାମଣି ଧମକାଉଥିଲା ଦେଖିନେବ ବୋଲି । କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବା ଥିଲା ମୁସ୍କିଲ୍ । ଶେଷପର୍ଯ୍ୟନ୍ତ ନିଶାମଣିର ଧମକ୍ ଯେତେବେଳେ ମୋର ସମ୍ପୂର୍ଣ୍ଣ ଧୈର୍ଯ୍ୟଚ୍ୟୁତ ଘଟାଇଲା, ବୋଉକୁ ପଇସା ମାଗିବା ବ୍ୟତୀତ ମୋତେ ଆଉ ଅନ୍ୟ କିଚି ରାସ୍ତା ଦେଖାଗଲାନି ।

ତେଣୁ ସେଦିନ ସ୍କୁଲ ଯିବା ପୂର୍ବରୁ, ବସ୍ତାନୀଟି ଓହଳାଇ ନୀରବରେ ଠିଆହେଲି ବୋଉ ସାମ୍ନାରେ - କଅଣ ହେଲା ? ସ୍କୁଲ ଯିବୁନି ? ଶାଶୁଘରୁ ଆସିଥିବା ଦଦେଇଙ୍କ ଝିଅ କନକଲତାଙ୍କ ସହିତ ଗପ କରୁ କରୁ ଅନ୍ୟମନସ୍କ ଭାବରେ ବୋଉ ପଚାରିଲା ।

ଯିବି ଯେ ! ହେଲେ ମୋର ଅଣିଟିଏ ଦରକାର । ଥଙ୍ଗେଇ ଥଙ୍ଗେଇ ଢ଼ୋକଗିଳି କୌଣସି ମତେ ଜବାବ୍ ଦେଲି ।

-ଅଣି ? ଅଣି କଅଣ କରିବୁ ? ଜାଣିନୁ କି ସାନ ପିଲେ ପଇସା ଧରନ୍ତିନି ? ଯେତେ ସବୁ ଅଖାଦ୍ୟ ଖାଇବୁ ଯାଇ ସ୍କୁଲ୍‌ରେ । ଖଟ ଉପରେ ଅର୍ଦ୍ଧଶାୟିତ ଅବସ୍ଥାରେ ତକିଆ ଉପରେ ଭରା ଦେଇ କନକନାନୀ ପାଟି କରି ଉଠିଲେ ।

-ନାଇଁ ନାଇଁ । ମୁଁ କିଛି ଖାଇବିନି । ନିଶାମଣିକି ଫେରେଇବି ।

-ନିଶାମଣି କିଏ ? ତୋ ସାଙ୍ଗ ? ତା'ଠୁ ଅଣିଟିଏ ଆଣିଲୁ କାହିଁକି ? ତତେ କହିଥିଲି ନା କାହାଠୁ କିଛି ମାଗିବୁନି ବୋଲି । ବୋଉ କହିଲା ।

-ଅଣିନୁହଁ- ଦୋ ପଇସିଟିଏ ଆଣିଥିଲି । ଆଉ ମୁଁ ମାଗିନି, ସିଏ ନିଜେ ଯାଚିକି ଦେଇଥିଲା । ଡାଲ୍‌ମୁଟ୍ ଖାଇବା ପାଇଁ ।

କଅଣ ହେଲା ? ଦି ପଇସା ଆଣିଥିଲୁ ? ତା'ହେଲେ ଫେରାଇବା ପାଇଁ ଅଣିଟିଏ ମାଗୁଚୁ କାହିଁକି ? କନକନାନୀ ଏଥରକ ବିସ୍ମୟରେ ଖଟ ଉପରେ ଉଠିବସି ଜବାବ୍ ସୁଆଲ୍ କରିବାକୁ ଲାଗିଲେ ଏବଂ ସମ୍ପୂର୍ଣ୍ଣ ଘଟଣାଟି ବୋଉକୁ ଓ ନାନୀଙ୍କୁ ପ୍ରାଞ୍ଜଳଭାବରେ ବୁଝାଇବା ପାଇଁ ମୋତେ ବେଶ୍ କିଛି ସମୟ ବ୍ୟୟ କରିବାକୁ ପଡ଼ିଥିଲା । ଆଶ୍ଚର୍ଯ୍ୟ କଥା, ପୂରା ଘଟଣାଟି ଶୁଣି ସାରିଲାପରେ, ବୋଉ କିନ୍ତୁ ଜମା ରାଗିଲାନି । ବରଂ କିଛି ଗୋଟିଏ ମଉଜିଆ କଥା ଶୁଣିଲାପରି ଉଭୟ ବୋଉ ଓ କନକନାନୀ ଖିଲ୍‌ଖିଲ୍ ହୋଇ ହସି ଉଠିଲେ । ''ଠିକ୍ ଅଛି, ସ୍କୁଲ୍ ଛୁଟିପରେ ନିଶାମଣିକୁ ଘରକୁ ନେଇଆସିବୁ । ମୁଁ ତାକୁ ଅଣିଟିଏ ଦେଇଦେବି । ଦୁଷ୍ଟ ପିଲା, ତୁ ଦେଲେ ପରେ ମାନିବନି, ଦି ଦିନପରେ ପୁଣି ତତେ ହଇରାଣ କରିବ'' ବୋଉ କହିଲା ଏବଂ ବୋଉର ମନ୍ତବ୍ୟଟି ପୂରାପୂରି ଯଥାର୍ଥ ମନେହେଲା ମୋତେ । ମୁଣ୍ଡରୁ ଓହ୍ଲାଇଗଲା ମହଣକର ବୋଝଟିଏ ଅବା । ହାଲ୍‌କା ଫୁର୍‌ଫୁର୍ ମନନେଇ ଗଲି ସ୍କୁଲ୍‌କୁ ।

Digitized by srujanika@gmail.com

ସେଦିନ ସ୍କୁଲ୍ ଛୁଟି ପରେ ନିଶାମଣିକୁ ନେଇଆସିଲି ସାଥିରେ । ଘର ସାମ୍ନା ପିଣ୍ଡାରେ ତାକୁ ଅପେକ୍ଷା କରିବାକୁ କହି ଭିତରକୁ ଗଲି ପଇସା ଆଣିବାକୁ । ନିଶାମଣି ଆସିଥିବାର ଖବର ଶୁଣି ବୋଉ ପଣତକାନିରୁ ଚାବି ଗୋଛା କାଢ଼ି ଉଦ୍ୟତ ହେଲା ତା ହାତବାକ୍ସ ଖୋଲିବାକୁ । କିନ୍ତୁ କନକନାନୀଙ୍କର ପ୍ରତିକ୍ରିୟା ହୋଇଉଠିଲା ବେଶ୍ ଉଗ୍ର । ପିଣ୍ଡାପଟକୁ ଖୋଲା ଥିବା ଝର୍କାପାଖକୁ ଯାଇ ନାନୀ ଯଥେଷ୍ଟ ଉଚ୍ଚସ୍ୱରରେ ଧମକ୍‌ଦେଇ କହିଲାଗିଲେ ''ଓ ! ସେ ଟୋକୀ ଖଣ୍ଡକ ଆସିଚି ପରା ! ଡାକିଲୁ ତାକୁ ଭିତରକୁ ! ନିଜକୁ ନିଜେ ବେଶୀ ଚାଲାଖ୍ ଭାବୁଚି ନା ? ଦିପଇସିଟିଏ ଦେଇ କହୁଚି ଅଣେ । ରହ ମଜା ଚଖାଉଛି ଏଇଲେ ।'' କାଳେ ନାନୀଙ୍କ କଥା ନିଶାମଣିର କର୍ଣ୍ଣଗୋଚର ହେବ ବୋଲି ମୁଁ ବିକଳ ହୋଇ ନାନୀଙ୍କ ହାତଧରି ଭିଡ଼ିବାକୁ ଲାଗିଲି । ନାନୀଙ୍କ ଠାରେ କିନ୍ତୁ ସେ ସ୍ଥାନରୁ ଓହରିଆସିବାର କୌଣସି ଲକ୍ଷଣ ଦେଖାଗଲାନି । ବରଂ ତାଙ୍କର ବାକ୍ୟବାଣ ହେଇଉଠିଲା ଆହୁରି ବିଦ୍ରୂପମୟ ଏବଂ ଗଳାର ସ୍ୱର ପହଞ୍ଚିଗଲା ଆହୁରି ଉଚ୍ଚ ପର୍ଦ୍ଦାରେ ।

ବୋଉଠୁ ଅଣିଟି ଧରି ଦାଣ୍ଡପିଣ୍ଡାକୁ ଆସିଲାବେଳକୁ ନିଶାମଣି ଥିଲା ଗାୟବ୍ । ଗେଟ୍‌ପର୍ଯ୍ୟନ୍ତ ଯାଇ ଆଖିପାଇଲାଯାଏ ସାମ୍ନା ରାସ୍ତାକୁ ଚାହିଁଲି । ନିଶାମଣିର ଚିହ୍ନବର୍ଣ୍ଣ ନଥିଲା । ବୁଝିପାରିଲି - ନାନୀଙ୍କ ଧମକ୍‌ରେ ଡ଼ରିଯାଇ ପ୍ରାଣମୂର୍ଚ୍ଛା ଭାବରେ ଦୌଡ଼ିକି ପଳାଇଛି ନିଶାମଣି । ଭାବିଛି ସତକୁ ସତ ନାନୀ ବାଡ଼ାଇପକେଇବେ ତାକୁ ।

ଘରକୁ ଫେରି ନିଶାମଣିର ପଳାୟନର ଖବର ବୋଉକୁ ଦେଲି । ବୋଉ କହିଲା ''ଅଣିଟି ରଖିଥା, କାଲି ସ୍କୁଲ୍‌ରେ ତାକୁ ଦେଇଦେବୁ ।'' ଆଉ କନକନାନୀ ବିଜୟିନୀର ହସ ହସି କହିଲେ ''ଦେଖିଲୁ ! କେମିତି ଡରେଇଦେଲି ତୋ ସାଙ୍ଗକୁ ! ଆଉ ଦିନେ ବି ତତେ ହଇରାଣ କରିବନି । ଦେଖିଲୁନି, କେମିତି ଭୟରେ ଛୁ' ମାରିଲା'' । ନାନୀଙ୍କ ସାନ୍ତ୍ୱନାବାଣୀ କିନ୍ତୁ ମତେ ଆଦୌ ପ୍ରବୋଧନା ଦେଲାନି । ମନ ବିବ୍ରତ ହେଲା ନିଶାମଣି ପାଇଁ , ବିଚାରା ।

ତା' ପରଦିନ ସ୍କୁଲ୍‌କୁ ଗଲି ଅଣିଟି ଧରି । ନିଶାମଣି କିନ୍ତୁ ଆଉ ମୋ ପାଖ ମାଡ଼ିଲାନି । ବସିଲା ଯାଇ ଶ୍ରେଣୀର ଶେଷଧାଡ଼ିରେ ଓ ସାରାଦିନ ରହିଲା ମୋ'ଠାରୁ ଦୂରେଇ ଦୂରେଇ । ଅପରପକ୍ଷରେ ମୁଁ ମଧ ତା'ସହିତ ସ୍ୱଚ୍ଛନ୍ଦଭାବରେ ଯାଇ କଥା କହିବାକୁ ସଙ୍କୋଚବୋଧ କରୁଥିଲି, କାଳେ ଅନ୍ୟପିଲାମାନଙ୍କ ଆଗରେ ମୋ ନାନୀ ତାକୁ ଗାଳି ଦେଇଛନ୍ତି ବୋଲି କହି ମୋତେ ଅପମାନ ଦେବ ବୋଲି । ଉଭୟେ ଉଭୟଙ୍କୁ ଭୟ କରୁଥିଲୁ -ନିଶାମଣି ସିଏ କହିଥିବା ମିଛ କଥା ପାଇଁ ଓ ମୁଁ ନାନୀଙ୍କ ଦ୍ୱାରା କରାଯାଇଥିବା ଦୁର୍ବ୍ୟବହାର ପାଇଁ । ଫଳସ୍ୱରୂପ ନା ସିଏ ଅଣିଟି ମାଗିପାରିଲା ନା ମୁଁ ତାକୁ ଦେଇପାରିଲି ।

କେଇଦିନ ପର୍ଯ୍ୟନ୍ତ ହାତମୁଠାରେ ଅଣିଟି ଧରି ସ୍କୁଲ୍ ଯାଇଥିଲି ଅବଶ୍ୟ । କିନ୍ତୁ ଶେଷପର୍ଯ୍ୟନ୍ତ ଅଣିଟି ହଜିଗଲା କେଉଁଠି । ଅନ୍ୟମନସ୍କତା ହେତୁ ଖସିପଡ଼ିଲା ଝାଳୁଆ ହାତମୁଠାରୁ ।

ନିଶାମଣି ପାଖରେ ମୁଁ ଋଣୀ ହେଇ ରହିଯାଇଛି ଆଜି ପର୍ଯ୍ୟନ୍ତ ।

●●●

Digitized by srujanika@gmail.com

# ଗୋଟିଏ ଚମତ୍କାର ବାର୍ତ୍ତାଳାପ

''ଏ କଟ୍‌କିଆଣୀ ଛୁଆ ! ଟିକିଏ ଆସିଲୁ ଏଠିକି । ' ଦୁଇଜଣଯାକ ସ୍ତ୍ରୀଲୋକ ନଈଶେଯରୁ ଉଠାଇଥିବା ମୁଠାମୁଠା ମିହିବାଲିରେ ତାଙ୍କ ହାତରେ ପିନ୍ଧିଥିବା ରୂପା ବଟଫଳ ମାଜୁ ମାଜୁ ମୃଦୁ ହସି ମୋତେ ଡ଼ାକିଲେ । ମୁଁ ସେମାନଙ୍କୁ ଜାଣିଥିଲି । ଆମ ପଡ଼ିଶାରେ ଥିବା ପଧାନ ଘରର ବୋହୂ, ଶଶୀମାଇଁ ଓ ସୁନାମାଇଁ । ରମା ମାଇଁଙ୍କ ସାଙ୍ଗ ।

ସଜ ସକାଳ । ନଈତୁଠରେ ଅବଗୁଣ୍ଠନବତୀ ସ୍ନାନରତା ଗ୍ରାମବଧୂମାନଙ୍କର ଭିଡ଼ । କେଇଜଣ ଲୁଗାପଣତରେ ହାତଗୋଡ଼ ଘଷିମାଜି ହୋଇ ଗାଧାଉଥିଲେ । ଆଉ କେଇଜଣ ସ୍ନାନ ସାରି ଚକ୍‌ଚକ୍ ସୁନାରଙ୍ଗର ପିତଳଗରାରେ ପାଣି ଭରୁଥିଲେ - କାଖରେ ଥୋଇ ଘରକୁ ନେଇ ଯିବାପାଇଁ । ସାନପିଲାମାନେ ଖେଳୁଥିଲେ ପାଣି ଚାବୁର୍ ଚାବୁର୍ କରି । ସେମାନଙ୍କ ନଗ୍ନଦେହରେ ଆଣ୍ଠ ହୋଇ ବସିଥିବା ଚଉଡ଼ା ରୂପା ଅଣ୍ଟାସୂତାରୁ ପାଣି ଖସିପଡୁଥିଲା ଥପଥପ୍ ହୋଇ । ଖରାଦିନ, ମହାନଦୀର ପାଣି ପୂରାପୂରି ଶୁଖିଯାଇଥିଲା । । କୂଳଠୁ ପାଏବାଟ ଛାଡ଼ି କେବଳ ରହିଯାଇଥିଲା ସାପ ପରି ଲହରେଇ ଲହରେଇ ବହିଯାଉଥିବା ଆଣ୍ଠିଏ ଉଞ୍ଚର ନିର୍ମଳ ନୀଳ ଜଳଧାର ଟିଏ ।

ମୁଁ ପାଣିଠେଲି ଦୁଇ ମାଇଁଙ୍କ ପାଖରେ ପହଞ୍ଚିଲି ।

-ତୋ ଆଈ ତତେ କେମିତି ଏକ୍‌ଲା ଛାଡ଼ି ଦେଇଚି ନଈକି ? ସେମାନଙ୍କ ଭିତରୁ ଜଣେ ମୋତେ ପଚାରିଲେ ।

-ମୁଁ ତ ସବୁବେଳେ ଏକ୍‌ଲା ଆସେ । ଆଈ କିଛି କହନ୍ତିନି । ନଈରେ ଜମା ଆଣ୍ଠିଏ ପାଣି ଅ ଛି ତ !

-ଆଉ ଆମ ଗାଁ କେମିତି ଲାଗୁଛି ତତେ ?

-ଭଲ, ଆଉ ଏ ନଈଟା ସବୁଠୁ ବଢ଼ିଆ ।

-ଆଚ୍ଛା ! ତୋ ମା' ତତେ ଏ ଯାଏଁ ବାହା କରେଇନି କେମିତି ? ନୋଥ ପିନ୍ଧା ସାବନରଙ୍ଗର ଚକାମୁହାଁ ମହିଳାଜଣକ - ସୁନାମାଇଁ- ମୋତେ ପଚାରିଲେ ଏବଂ ଅଚାନକ୍ ପ୍ରସଙ୍ଗ ବଦଳାଇ ଏ ଭଳି ଭାବରେ ଉତ୍‌ଥାପନ କରିଥିବା ଗମ୍ଭୀର ସମସ୍ୟାଟି କିଛି ସମୟ ପାଇଁ ମୋତେ ହତ ଚକିତ କରିଦେଲା । ଅଜାଘରେ ଥିଲାବେଳେ ଆଈଙ୍କଠୁ ଶୁଣିଥିଲି ଯେ ମୋର ସମବୟସ୍କ ସବୁତକ ଗାଁ ଝିଅ ବାହା ହୋଇ ସାରିଥିଲେ ପିଲାବେଳୁ । ସେମାନେ ବଡ଼ ହେଲେ କାଳେ ଶାଶୁଘରକୁ ଯିବେ । ଖାଲି ଆମ ପାଖଘରର ମୋ'ଠାରୁ ବର୍ଷେ ବଡ଼ 'ଅମରୀ' ନାନୀକୁ ଛାଡ଼ି । କାରଣ ବାହାଘର ପରେ ପରେ କୁଆଡ଼େ ତାଙ୍କ ବର ମରିଯାଇଛନ୍ତି ଓ ସେ ଏବେ ବିଧବା ।

Digitized by srujanika@gmail.com

ଅନେକ ସମୟରେ ସାଇପଡ଼ିସାର ସ୍ତ୍ରୀଲୋକମାନେ ଆସି ବେଶ୍ ବିବ୍ରତ ଚିତ୍ତରେ ଆଈଙ୍କୁ ପଚାରୁଥିଲେ -ଝିଅ ଆସି ସାତବର୍ଷର ହେଲାଣି । ସୁରେଖା ଏ ଯାଏଁ କେମିତି ଶାଶୁଘର ଠିକ୍ କରିନି ଯେ ! ବ୍ରାହ୍ମଣ ଘରଟି ! ଲକ୍ଷ୍ୟ କରୁଥିଲି, ଏ ପ୍ରଶ୍ନଟି ଶୁଣିଲେ ଆଈ ବେଶ୍ ସଙ୍କୁଚିତ ହୋଇପଡୁଥିଲେ । ବିଷନ୍ନ ଚିତ୍ତରେ -ଅନେକାଂଶରେ ଅପରାଧୀ ପରି-ଜବାବ୍ ଦେଉଥିଲେ ''ସହରୀ ଲୋକଙ୍କ କଥା ଅଲଗା । ସିଏ କଅଣ ଆଉ ଗାଁର ଚଳଣୀ ମାନୁଛନ୍ତି ? ତା'ଛଡ଼ା ତା ବାହାଘର କଥା ବୁଝିବ ବା କିଏ ? ବାପ ତ ଯାଇ ଲଙ୍କାରେ'' ।

ଆଈ ରାମାୟଣର କାହାଣୀଟି ବେଶ୍ ଭଲଭାବରେ ଜାଣିଥିଲେ । ସମୁଦ୍ର ସେପାରି ଯେ କୌଣସି ଦେଶ- ସିଏ ଲଣ୍ଡନ୍ ହେଉ ନା କାହିଁକି-ତାଙ୍କ ପାଇଁ ଥିଲା ଲଙ୍କା ଦ୍ୱୀପ ।

ଯାହା ହେଉ, ଏସବୁ ଆଳାପ, ଆଲୋଚନା ପ୍ରାୟତଃ ଚାଲୁଥିଲା ଆଈଙ୍କ ସହିତ । ସିଧାସଳଖ ମୋତେ ଏ ପ୍ରଶ୍ନ ଏପର୍ଯ୍ୟନ୍ତ କେହି ପଚାରିନଥିଲେ । ସେଦିନ ପ୍ରଥମ ଥର ପାଇଁ ମୋତେ ମୋର ବିଳମ୍ବିତ ପରିଣୟ ପାଇଁ ଏକା ଏକା ଜବାବ ସୁଆଲ୍ କରିବାକୁ ପଡୁଥିଲା ଏବଂ ତାହା ପୁଣି ବହନ୍ତା ନଦୀ ସ୍ରୋତ ଭିତରେ ଠିଆହୋଇ ।

ଦୁଇଜଣଯାକ ମାଇଁ ଆଗ୍ରହାନ୍ୱିତ ଆଖିରେ ମୋ ଉତ୍ତରକୁ ଅପେକ୍ଷା କରି ରହିଥିଲେ । ସୁତରାଂ ଆଁ' କରି ମୁହଁ ଭିତରର ସଦ୍ୟ ନିଖୋଜ୍ ହୋଇଥିବା ସାନ ଦାନ୍ତଟିର ଶୂନ୍ୟସ୍ଥାନଟି ଦେଖାଇ ସେମାନଙ୍କୁ କହିଲି, ବାଃ ! ମୋର ତ ପ୍ରଥମ ଦାନ୍ତ ଏବେଇ ପଡ଼ିଲା । ମତେ ଜନ୍ମାରୁ ସାତବର୍ଷ । ଏତେ କୁନିପିଲା କଅଣ ବାହା ହୁଅନ୍ତି ?'

-ଗାଁ ର ସବୁଝିଅ, ତୋ'ଠୁ ସାନ ହୋଇକରି ବି ତା'ହେଲେ ବାହା ହେଇଛନ୍ତି କେମିତି ? ଏ ଥରକ ପ୍ରଶ୍ନଟି ପଚାରିଲେ ଚିବୁକରେ ଚିତାକୁଟାଇଥିବା ଓ କାନ ଲତିରେ ଏକାଧିକ ମଗର ମୁହାଁ ସୁନାଫାଶିଆ ଲଗାଇଥିବା ଶଶୀମାଇଁ, ମୁହଁରେ ପାଣି ଛାଟୁ ଛାଟୁ । ସୁନାମାଇଁ ମଧ ସେଇ କଥାଟି ଆଉଥରେ ଦୋହରାଇଲେ । ଦୁଇଜଣଯାକଙ୍କର ମୁହଁକୁ ଚାହିଁଲି, ସେମାନଙ୍କ ଆଖିର ତାରାରେ ଥିଲା କୌତୁକର ଝିକିମିକି ଆଲୋକ । ଓଠରେ ଅର୍ଥପୂର୍ଣ୍ଣ ସ୍ମିତ । ବୁଝାପଡୁଥିଲା, ମୋ ସହିତ ତାଙ୍କର କଥୋପକଥନକୁ ସେମାନେ ଆପ୍ରାଣ ଉପଭୋଗ କରୁଥିଲେ ବୋଲି ।

ଏ ଥରକ କିନ୍ତୁ ସେମାନେ ସତକଥାଟିଏ କହିଥିଲେ ଏବଂ ତା'ର ଉତ୍ତର ଦେବା ମୋ ପାଇଁ ଥିଲା ମୁସ୍କିଲ୍ । ଏବଂ ଏଇ ପରିପ୍ରେକ୍ଷୀରେ ହଠାତ୍ ମୋର ମନେପଡ଼ିଲା କଟକରେ ଆମଘରକୁ ଆସୁଥିବା ଶୁଭ୍ରବସ୍ତ୍ର ପରିହିତା ଅବିବାହିତା ଅଧାପିକା ଜଣଙ୍କର କଥା ।

ସିଏ ଥିଲେ ମୋ ବାପାଙ୍କର ପରିଚିତା । ବାପାଙ୍କ ପାଖକୁ କେବେ କେମିତି ଆସୁଥିଲେ ଦରକାର ପଡ଼ିଲେ ଏବଂ ବାପାଙ୍କ ପାଖରେ କାମସାରି ଲମ୍ବ ପିଣ୍ଡାରେ ପଡ଼ିଥିବା ଖଟଟି ଉପରେ ବସି ଯିବା ପୂର୍ବରୁ ବୋଉ ସହିତ ସାମାନ୍ୟ ଖୁସିଗପ ବି କରିଯାଉଥିଲେ । ଥିଲେ ସପ୍ରତିଭ, ଭଦ୍ର ଓ ମିଷ୍ଟଭାଷିଣୀ । ଶ୍ୟାମଳରଙ୍ଗକୁ ମଣ୍ଡଦିଆ ଧବ୍‌ଧବ୍ ସାଦା ଶାଢ଼ୀ ଖୁବ୍

Digitized by srujanika@gmail.com

ମାନୁଥିଲା ଏବଂ ତାଙ୍କର ହାତଦୁଇଟି ଥିଲା ଚୂଡ଼ୀଶୂନ୍ୟ । ବୋଉକୁ ଦେଖୁଥିଲି ସବୁବେଳେ ମୁଠାମୁଠା କାଚଚୂଡ଼ୀ ପିନ୍ଧିବାର । କାଚେରୀ ଡ଼ାକି ରଙ୍ଗବେରଙ୍ଗୀ ଚୂଡ଼ି ପିନ୍ଧିବା ଥିଲା ତାର ସଉକ୍ । ଭଦ୍ର ମହିଳାଙ୍କର ଶୂନ୍ୟକଟଟିଟି ତେଣୁ ମୋ ପାଇଁ ଥିଲା ଏକ ପ୍ରଶ୍ନବାଚୀ । ଦିନେ ଏ ସମ୍ପର୍କରେ ବୋଉକୁ ପଚାରିବାରୁ ବୋଉ ଅନ୍ୟମନସ୍କ ଭାବରେ ଜବାବ୍ ଦେଇଥିଲା - ସିଏ ବାହା ହେଇ ନାହାନ୍ତି ତ ! ସେଇଥି ପାଇଁ ପିନ୍ଧନ୍ତିନି ବୋଧେ ।

ଅଧ୍ୟାପିକା ଜଣକଙ୍କ ପ୍ରସଙ୍ଗ ମନରେ ଆସିବାରୁ ସୁନାମାଇଁ ଓ ଶଶୀମାଇଁଙ୍କୁ ଚୁପ୍‌କଲା ଭଳିଆ ତଥା ତାଙ୍କର କୌତୁହଳରେ ପୂର୍ଣ୍ଣଚ୍ଛେଦ ପକାଇଲା ଭଳିଆ ଉତ୍ତରଟିଏ ମୋତେ ମିଳିଯାଇଛି ବୋଲି ଭାବିଲି ଓ ଜବାବ୍ ଦେଲି ''ତମେ କିଛି ଜାଣିନ । ଗାଁରେ ସିନା ସବୁ ଝିଅ ବାହା ହେଉଛନ୍ତି । ସହରରେ କିନ୍ତୁ ବାହା ନହୋଇ ଶହଶହ ଝିଅ ଅଛନ୍ତି । ମୁଁ ଦେଖିଛି'' । କହିବା ବାହୁଲ୍ୟ ଯେ ମୋ କଥାଟିର ଗୁରୁତ୍ୱ ବଢ଼ାଇବା ଲାଗି ଅତିଶୟୋକ୍ତି କରି ଶହଶହ ଶବ୍ଦଟି ଯୋଖି ଦେଇଥିଲି ।

କିନ୍ତୁ ମୋର ଏତାଦୃଶ ତଥ୍ୟ ସମ୍ବଳିତ ଉତ୍ତରଟି ଦେଇ ମଧ୍ୟ ଦୁଇ ଗ୍ରାମ୍ୟବଧୂଙ୍କୁ ଚୁପ୍ କରାଇପାରିଲିନି । ଗୋଟିଏ ହାତରେ କମକୂଟକରା ବିରାଟକାୟ ନୋଥଟି ଟେକି ଅନ୍ୟ ହାତରେ ଓଦା ପଣତ କାନିରେ ମୁହଁ ଘଷୁ ଘଷୁ ପୁନରାୟ ମୋତେ ସୁନାମାଇଁ ପଚାରିଲେ ''ଆଉ ସେମାନଙ୍କର ପିଲାଛୁଆ ? ପିଲାଛୁଆ ଅଛନ୍ତି ତ ?''

ବୁଝି ପାରିଲି, ଯୁକ୍ତିତର୍କରେ ସେମାନଙ୍କ ଠାରୁ ଜିତିବାଲାଗି ମୋତେ ନଦେବା ପାଇଁ ଦୁଇ ଗ୍ରାମବଧୂ ଥିଲେ ବଦ୍ଧପରିକର । ସେମାନଙ୍କ ମୁଖଭଙ୍ଗୀରୁ ଏକଥା ମଧ୍ୟ ବୁଝିଲି ଯେ ସେମାନେ ମୋ ସହିତ ଏକ ପ୍ରକାର କୌତୁକ କରୁଛନ୍ତି ଓ ମୋର ଉତ୍ତରଗୁଡ଼ିକ ସେମାନଙ୍କୁ ବେଶ୍ ମଜାଳିଆ ମନେ ହେଉଛି ।

କିନ୍ତୁ କଅଣ ସେ ମଜାର ଉତ୍ସ, ତାହା ହୃଦୟଙ୍ଗମ କରିବା ମୋ ପକ୍ଷରେ ଥିଲା ବେଶ୍ କଠିନ ।

ସେମାନଙ୍କର ଶେଷପ୍ରଶ୍ନଟି ପୁନର୍ବାର ମୋତେ ବିଚଳିତ କଲା । ଅବିବାହିତା ଝିଅମାନଙ୍କର ସନ୍ତାନସନ୍ତତି ଥାଆନ୍ତି ନା ନାହିଁ - ଏ ସମ୍ପର୍କରେ ମୋର ଜ୍ଞାନର ଭଣ୍ଡାର ଥିଲା ଶୂନ୍ୟ । ବହୁତ ଭାବିଚିନ୍ତି ଦେଖିଲି ସବୁ ପ୍ରାପ୍ତବୟସ୍କା ଝିଅ କିମ୍ବା ବୟସ୍କା ମହିଳାମାନେ ସନ୍ତାନଧାରଣ କରନ୍ତି । କେବଳ ମୋ ପରି କୁନିକୁନି ଝିଅମାନଙ୍କର ଇ ପିଲାଛୁଆ ନାହାନ୍ତି । ଉପୁଜିଥିବା ସମସ୍ୟାଟିର ବେଶ୍ ସରଳ ସମାଧାନ ଯା' ପରେ ହୋଇଯାଇଥିଲା ଏବଂ ଆତ୍ମ ବିଶ୍ୱାସର ସହିତ ଜବାବ୍ ଦେଲି ''ହଁ, ହଁ, ପିଲାଛୁଆ ଅଛନ୍ତି । ଝିଅମାନେ ଟିକିଏ ବଡ଼ ହୋଇଗଲେ ତ ମନକୁ ମନ ପିଲାଛୁଆ ହୋଇଯିବ । ଭଗବାନ ଦେଇଦେବେ ''।

-''ସତରେ''! ଦୁଇଜଣଯାକ ମାଇଁ ଆଶ୍ଚର୍ଯ୍ୟଭଙ୍ଗୀରେ ଭୂରୁ ନଚେଇ ମୋତେ ପଚାରିଲେ ଓ ତା'ପରେ ଦିହେଁ ଦିହିଁଙ୍କୁ ଆଖିମିଟିକା ମାରି ଉଚ୍ଛଳଭାବରେ ହସିବାକୁ ଆରମ୍ଭ

Digitized by srujanika@gmail.com

କଲେ । ସେମାନଙ୍କର ସେ ଅର୍ଥପୂର୍ଣ୍ଣ ହସ ମୋତେ ବୁଝାଇଦେଲା ଯେ ମୋ'ର ଉତ୍ତରରେ କେଉଁଠି ଗୋଟିଏ ମାରାତ୍ମକ ଭୁଲ୍ ରହିଗଲା । କିନ୍ତୁ କଅଣ ସେ ମାରାତ୍ମକ ଭୁଲ୍, ଯେତେ ଭାବିଲେ ବି ଠାବ କରିପାରିଲିନି,ମନରେ ଖଟ୍‌କା ରହିଗଲା ।

ଘରକୁ ଫେରିଲାପରେ ତେଣୁ ସିଧା ଚାଲିଲି ମୋର ପ୍ରାୟ ସବୁପ୍ରଶ୍ନର ଉତ୍ତର ଜାଣିଥିବା ରମାମାଇଁଙ୍କ ପାଖକୁ । ରମାମାଇଁ ତାଙ୍କ ଅଣ୍ଟାଟପି ତଳକୁ ଓହଳିଥିବା ନାଲି ଆସିଆ ଲମ୍ବବାଳ କୁଣ୍ଡାଇ ବେଣୀ ପକାଉଥିଲେ । ମାଇଁଙ୍କ ବେଣୀକୁ ହାତରେ ସାଉଁଳି ପଚାରିଲି - ମାଇଁ, ତମକୁ ଗୋଟିଏ କଥା ପଚାରିବି । ମାଇଁ ବେଣୀଟିକୁ ମୋଡ଼ି ତାଙ୍କର ତକ୍‌ତକ୍ ଗୋରା ବେକତଳକୁ ଜୁଡ଼ାଟିଏ ବନାଉ ବନାଉ ପଚାରିଲେ -କି କଥା ?

-ଆଜି ନଈ ତୁଠରେ ସୁନାମାଇଁ ଆଉ ଶଶୀ ମାଇଁ କାହିଁକି ମୋ କଥା ଶୁଣି ହସିଲେ ? ପୁଣି ଆଖି ଠରା ଠରି ହୋଇ ।

-ଓହୋ ! ହସିଲେ କି ? ତୁ ସେମିତି କଅଣ ହସକଥା କହିଥିବୁ ।

-ନାଇଁ ତ ! ମୁଁ କିଛି କହିନି । ଖାଲି କହିଲି ଝିଅମାନେ ବଡ଼ ହୋଇଗଲେ ତାଙ୍କର ମନକୁ ମନ ପିଲାଛୁଆ ହୋଇଯାଏ । ଭଗବାନ ଦେଇ ଦିଅନ୍ତି ।

ରମା ମାଇଁ କିନ୍ତୁ କେଜାଣି କାହିଁକି ମୋ କଥା ଶୁଣି କେଇ ମୁହୂର୍ତ୍ତ ପାଇଁ ନୀରବ ରହିଲେ । ଭାବିଲି ତାଙ୍କର ଦୁଇବନ୍ଧୁଙ୍କର ହସିବାର କାରଣଟି ସମ୍ପର୍କରେ ବୋଧହୁଏ ରମାମାଇଁ ଚିନ୍ତା କରୁଛନ୍ତି । କାରଣଟି ଜାଣିଲେ ମୋତେ କହି ଦେବେ ।

କିନ୍ତୁ ରମାମାଇଁଙ୍କର ହଠାତ୍ ଚୁଲୀରେ ବସାଇଥିବା ଭାତହାଣ୍ଡି କଥା ମନେପଡ଼ିଗଲା । ରୋଷେଇ ଶାଳକୁ ପଶି ଯାଉ ଯାଉ କହିଲେ ''ଟିକିଏ ରହ ତ ମା ! ମୁଁ ଭାତଟା ଦେଖି ଆସେ । କଅଁଳ ହୋଇଗଲେ ତୋ ମାମୁଁ ଖାଇବେନି ।''

କିଛି ସମୟପରେ ମାଇଁ ଯେବେ ରୋଷେଇ ଘରୁ ବାହାରକୁ ଆସିଲେ ତାଙ୍କ ହାତରେ ଥିଲା ଗିନେ କ୍ଷୀର ଓ କଂସାଥାଳିଆରେ ଦୁଇଟି ଚକୁଳି ପିଠା । ପିଣ୍ଡା କଡ଼ରେ ଥୁଆ ହେଇଥିବା ଗୁଡ଼ବଣାରୁ ଟିକିଏ ଗୁଡ଼ କାଢ଼ି ଚକୁଳିପିଠା ଉପରେ ଥୋଇ ମତେ ରମାମାଇଁ କହିଲେ ''ଏଇ ନେ, ଖା, ଟିକିଏ ଆଗରୁ କରିଥିଲି, ତୁ ଭଲପାଉ ତ ।''

ଏବଂ ମାଇଁଙ୍କ ହାତରୁ ଥାଳିଆଟି ନେଇ ମନ ଖୁସିରେ ସ୍ୱାଦିଷ୍ଟ ଚକୁଳିପିଠାର ଘ୍ରାଣ ନେଉ ନେଉ ନଈକୂଳିଆ ବାର୍ତ୍ତାଳାପକୁ ଭୁଲିଯିବା ପାଇଁ ମୋତେ ଖୁବ୍ ବେଶୀ ସମୟ ଲାଗିନଥିଲା ।

•••

Digitized by srujanika@gmail.com

# ରଚନା

ଶିକ୍ଷକ ମହୋଦୟ ରଚନାଟି ଲେଖିବାକୁ ଦେଇ ସବୁ ଗଣ୍ଡଗୋଳ କରିଦେଲେ । ନହେଲେ ସ୍କୁଲ୍ ଯିବାର ପ୍ରଥମ ଦିନଟି ହୁଏତ ମୋର ସ୍କୁଲ୍ ଯିବାର ଶେଷଦିନ ହୋଇନଥାନ୍ତା ।

କଟକରୁ ଗାଁ କୁ ଯିବାର କେଇମାସ ହେଇଯାଇଥିଲେ ସୁଦ୍ଧା ମୋ ବିଦ୍ୟାଭ୍ୟାସର କୌଣସି ନିର୍ଦ୍ଦିଷ୍ଟ ବ୍ୟବସ୍ଥା ହୋଇପାରିନଥିଲା । ପ୍ରଥମତଃ ଆମ ଗାଁରେ ସେତେବେଳେ କୌଣସି ପାଠଶାଳା ନଥିଲା । ଦ୍ୱିତୀୟତଃ ସଂଯୁକ୍ତ ପରିବାରର ବୟୋଜ୍ୟେଷ୍ଠ ସଦସ୍ୟମାନେ ଛ' ବର୍ଷର ସାନ ଝିଅଟିର ପାଠପଢ଼ାକୁ ଏତେଟା ପ୍ରାଧାନ୍ୟ ଦେବା ଯୁକ୍ତିଯୁକ୍ତ ମଣୁନଥିଲେ । ଶିକ୍ଷାପ୍ରତି ସଂଭ୍ରମ ଥିବା ମଣିଷଟି- ବୁଢ଼ାବାପା-ଥିଲେ କାନ୍ସର୍ ବେମାରିରେ ପୀଡ଼ିତ ଏବଂ ଶଯ୍ୟାଶାୟୀ ।

ଦିନଗୁଡ଼ିକ ମୋର ମହକୁଥିଲା ଅଫୁରନ୍ତ ଛୁଟିର ବାସ୍ନାରେ । ଘୂରି ବୁଲୁଥିଲି ବେଣୁବନରେ, ଆମ୍ରକୁଞ୍ଜରେ ଓ ଗହୀରବାଟରେ ଏବଂ ମୋର ସର୍ବପ୍ରକାର ରହସ୍ୟମୟ ତଥା ରୋମାଞ୍ଚକର ଯାତ୍ରାର ସଙ୍ଗୀ ଥିଲା ଆମ ପଡ଼ୋଶୀଙ୍କ ପୁତ୍ର, ମୋର ସମବୟସୀ ରଘୁ । ରଘୁର ଥିଲା ଚନ୍ଦନପେଢ଼ା ପରି ଗୋଲ୍‌ମୁହଁ । ସଫା ଗୋରା ଡ଼ଉଲ ଚେହେରା । କିନ୍ତୁ ତା'ର ଅବଗୁଣ ଥିଲା ଗୋଟିଏ- ରହୁଥିଲା ସର୍ବଦା ବିନା ପରିଧେୟରେ । ତା'ର ଏଭଳି ରହିବାର କାରଣ ଅବଶ୍ୟ ଥିଲା । ଗାଁର ତତ୍କାଳୀନ ନିୟମ ଅନୁସାରେ ନିହାତି ସବୁ ଅବାନ୍ତର କଥାରେ - ପଦାକୁ ଗଲେ, ହାଟକୁ ଗଲେ, ନିମ୍ନବର୍ଣ୍ଣର କାହାକୁ ଛୁଇଁଦେଲେ, ମଣିଷଟି ପ୍ରଦୂଷିତ ବା ମାରା ହୋଇଯାଉଥିଲା । ପରିଶୁଦ୍ଧ ହେବାର ଉପାୟଟିଏ ଥିଲା ଅବଶ୍ୟ - ପିନ୍ଧିଥିବା ପୋଷାକକୁ ଜଳରେ ପ୍ରକ୍ଷାଳନ କରିବା ଓ ସ୍ୱୟଂ ସ୍ନାନ କରିନେବା । ଅନବରତ ଲୁଗା ଧୋଇବା ହର୍‌କତ୍‌ରୁ ରକ୍ଷା ପାଇବା ପାଇଁ ରଘୁ ଆବିଷ୍କାର କରିଥିଲା ସହଜ ଓ ସରଳ ଉପାୟଟିଏ- ଚବିଶଘଣ୍ଟା ପୋଷାକବିହୀନ ହୋଇ ରହିବା । ତା' ସହିତ ଏଠି ସେଠି ଘୁରି ବୁଲିଲା ବେଳେ, ବୟୋଜ୍ୟେଷ୍ଠ କାହା ଆଖି ସାମ୍ନାରେ ପଡ଼ିଗଲେ ଆମ୍ଭମାନଙ୍କୁ ଅବଶ୍ୟ ପ୍ରଚଳିତ କୁସଂସ୍କାର ଯୋଗୁଁ ଜାମା କାଟିବାର ନିର୍ଯ୍ୟାତନା ଭୋଗ କରିବାକୁ ପଡୁଥିଲା । କାରଣ ଆମେ କେହି ରଘୁର ପଦାଙ୍କ ଅନୁସରଣ କରୁନଥିଲୁ ।

ମୋ ପାଠ ପଢ଼ାର ଅବ୍ୟବସ୍ଥାରେ ବୋଉ କିନ୍ତୁ ବେଶ୍ ଅଥୟ ଓ ବିବ୍ରତ ହୋଇ ପଡ଼ିଲା । ଆମ ଗାଁ ପାଖର ଅନ୍ୟ ଗୋଟିଏ ଗାଁରେ ଥିଲା ପ୍ରାଇମେରୀ ସ୍କୁଲ୍‌ଟିଏ -ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ । କରଣ ସାହିର ମନ୍ଦାକିନୀ ବ୍ୟତୀତ ଆମ ଗାଁର ଅନ୍ୟ କୌଣସି ବାଳିକା ସ୍କୁଲ୍‌ଯାଉ ନଥିଲେ । ବୋଉ ଅବିଳମ୍ବେ ମନ୍ଦାକିନୀ ସହିତ କଥାବାର୍ତ୍ତା କରି ତା' ସାଥିରେ ମୋତେ ସ୍କୁଲ୍ ପଠାଇବାର ବନ୍ଦୋବସ୍ତ କରିନେଲା । ବେତଟୋପିରେ ଟୋପିଏ ନଡ଼ିଆପାତି ମିଶା ଉଖୁଡ଼ା ଖାଇସାରିଲା ପରେ ମନ୍ଦାକିନୀ ସାଗ୍ରହେ ରାଜି ହୋଇଗଲା ମୋର ସ୍କୁଲ୍ ଯିବା ଦାୟିତ୍ୱଟି ବହନ କରିବାକୁ ।

Digitized by srujanika@gmail.com

ତା' ପରଦିନ ଗାଁ ଦାଣ୍ଡେ ଦାଣ୍ଡେ ବସ୍ତାନୀଭିତରେ ସିଲଟ୍ ଖଣ୍ଡିଏ ପୂରାଇ ମନ୍ଦାକିନୀ ସାଥିରେ ଚାଲିଲି ସ୍କୁଲକୁ । ମନ୍ଦାକିନୀ ତା' ପାଖରେ ଦ୍ୱିତୀୟ ଶ୍ରେଣୀରେ ନେଇ ବସାଇଲା ମୋତେ । ଅର୍ଦ୍ଧଶତାବ୍ଦୀ ଆଗର ନିପଟ ମଫସଲର ସ୍କୁଲ୍ । ଚାଳଛପର ନୁଆଁଣିଆ ମାଟିଘର-ତହଁରେ କ୍ଷୀଣ ଅପରିଚ୍ଛନ୍ନ ଗ୍ରାମ୍ୟ ବାଳକ କେତୋଟି । ମନ୍ଦାକିନୀଠାରୁ ମୋ'ର ପରିଚୟ ପାଇ ବାଉଁଶକଣିପରି ନହକା, ଭଗ୍ନଦନ୍ତ ଶିକ୍ଷକ ମହୋଦୟ ବେଶ୍ ଉତ୍ତେଜିତ ହୋଇପଡ଼ିଲେ । ଖଣ୍ଡମଣ୍ଡଳରେ ବଡ଼ ଜମିଦାର୍ ବୋଲି ବିତ୍ତବାନ୍ ବୁଢ଼ା ବାପାଙ୍କର ନାଁ ଥିଲା । ତାଙ୍କର ପୌତ୍ରୀ ହିସାବରେ ମୁଁ ମଧ୍ୟ ହୋଇଗଲି ଏକ ନିର୍ଦ୍ଦିଷ୍ଟ ସମ୍ମାନର ଅଧିକାରିଣୀ ।

ବେଶ୍ ଘୋ'ଘା, ଖେଳ ଏବଂ କୋଳାହଳ ଚାଲିଥିଲା ଶ୍ରେଣୀରେ । କୋଳାହଳର ତୀବ୍ରତା ଯେତେବେଳେ ସୀମା ଟପିଗଲା, ପିଲାମାନଙ୍କୁ ବ୍ୟସ୍ତରଖିବା ପାଇଁ ଶିକ୍ଷକ ମହୋଦୟ ଲେଖିବାକୁ ଦେଲେ ରଚନାଟିଏ- ଚଶମାର ଆତ୍ମକାହାଣୀ । ଏଭଳି ଅଜବ ବିଷୟ ବସ୍ତୁଟିଏ କାହିଁକି ଯେ ତାଙ୍କ ମୁଣ୍ଡକୁ ଜୁଟିଲା ମୁଁ ଜାଣେନି । ହୁଏତ ନଡ଼ବଡ଼ିଆ ଓ କଳଙ୍କିଇଗା ଲୁହାଫ୍ରେମ୍‌ର ଜରାଜୀର୍ଣ୍ଣ ପ୍ରଚକ୍ଷୁଟିଏ ସ୍ୱୟଂ ପିନ୍ଧିଥିଲେ ବୋଲି । ରଚନାଟି କିନ୍ତୁ ମୋତେ ପକାଇଦେଲା ବେଶ୍ ବିପଦରେ । ସିଲଟ୍‌ଟିକୁ ସଯତ୍ନେ କୋଳରେ ଥୋଇ, ବୃଦ୍ଧାଙ୍ଗୁଷ୍ଠି, ତର୍ଜନୀ ଓ ମଧ୍ୟମା ମଧ୍ୟରେ ଖଡ଼ି ଟୁକୁଡ଼ାଟି ସଜୋରେ ଚାପି ଧରି ତଥା ବାମହାତର କନିଷ୍ଠା ଅଙ୍ଗୁଳିଟିର ନଖକୁ ବାରମ୍ବାର ଚର୍ବଣ କରି ସୁଦ୍ଧା, ବିଷୟ ବସ୍ତୁଟିର କୂଳକିନାରା ଠାବ କରିପାରିଲିନି । ପରିଶେଷରେ ବୁଦ୍ଧି ପ୍ରୟୋଗ କରି ବାହାର କରିଥିଲି ଉପାୟଟିଏ । ଗାଈର ଆତ୍ମକାହାଣୀଟି ମୋତେ ଜଣାଥିଲା । ଠିକ୍ ଏଇଆ ନହେଲେ ବି, ଏଇ ଧରଣର କୌଣସି ଗୋଟିଏ ବାକ୍ୟ ଲେଖି ଆରମ୍ଭ କରିଥିଲି ରଚନାଟି । ମୁଁ ଗୋଟିଏ ଚଶମା । ଯେହେତୁ ମୁଁ ଗୋଟିଏ ଗାଈ ନୁହେଁ, ମୋର ଚାରୋଟି ଗୋଡ଼ ନାହିଁ । ପରବର୍ତ୍ତୀ ବାକ୍ୟଗୁଡ଼ିକ ଲେଖିବାରେ ବିଶେଷ କିଛି ଅସୁବିଧା ହୋଇ ନଥିଲା ଯା'ପରେ ।

କିଛି ସମୟ ଉତାରୁ ମାଷ୍ଟ୍ରେ ସବୁପିଲାଙ୍କ ସିଲଟ୍ ଏକତ୍ରିତ କରି ଗୋଟି ଗୋଟି କରି ରଚନା ଉଚ୍ଚସ୍ୱରରେ ପଢ଼ିବାକୁ ଲାଗିଲେ । ମୋ ସ୍ଲେଟ୍‌ଟି ଉଠାଇବାର ଦେଖି, ମୁଁ ଲାଜରେ ଜଡ଼ସଡ଼ ହୋଇ ମନ୍ଦାକିନୀ ପିଠିପଟେ ମୁହଁ ଲୁଚାଇଲି । କିନ୍ତୁ ଶିକ୍ଷକ ମହୋଦୟଙ୍କର ପ୍ରତିକ୍ରିୟା ଥିଲା ସମ୍ପୂର୍ଣ୍ଣ ବିପରୀତ । ମୋତେ ଭର୍ତ୍ସନା କରିବା ପରିବର୍ତ୍ତେ ବରଂ ସିଏ ଲେଖାଟିର ପ୍ରଶଂସା କରିବାକୁ ଲାଗିଲେ - ଆହା ! କି ସୁନ୍ଦର ହାତଲେଖା ! କି ଚମତ୍କାର ରଚନା ! ହସ୍ତାକ୍ଷର ସଂପର୍କୀୟ ତାଙ୍କ ମତାମତଟିରେ ହୁଏତ କିଛିଟା ସତତା ଥିଲା, କିନ୍ତୁ ରଚନାଟିର ଚମତ୍କାରିତା ସମ୍ପର୍କରେ ତାଙ୍କର ମନ୍ତବ୍ୟଟି ଥିଲା ସମ୍ପୂର୍ଣ୍ଣରୂପେ ଭ୍ରାନ୍ତିମୂଳକ ଓ ଉଦ୍ଦେଶ୍ୟପ୍ରଣୀତ । ସାନଟିଏ ହେଲେ ମଧ୍ୟ ବୁଝିପାରିଲି ଯେ କୁସୁମ ପରଶେ ପଟ ନିସ୍ତରେ ନୀତିରେ ଗ୍ରାମରେ ବୁଢ଼ାବାପାଙ୍କ ମର୍ଯ୍ୟାଦା ହେତୁ, ତାଙ୍କର ପୌତ୍ରୀ ହିସାବରେ ଶିକ୍ଷକଙ୍କର ପକ୍ଷପାତିତ୍ୱର ଶିକାର ହୋଇଥିଲି ମୁଁ । ମନେହେଲା ଏଇ ପକ୍ଷପାତିତ୍ୱ ସତେ ଅବା ସାରା କ୍ଲାସ୍‌ର ପିଲେ ବୁଝିପାରିଛନ୍ତି ଓ ମୋତେ ଚାହିଁ ମନେମନେ ପରିହାସର ହସ ହସୁଛନ୍ତି । କେଉଁଠି ଯେମିତି ବାଧିଲା ଆତ୍ମସମ୍ମାନକୁ ।

Digitized by srujanika@gmail.com

କିଏ କହେ ସାନପିଲାଟିର ଆତ୍ମସମ୍ମାନର ଜ୍ଞାନ ନାହିଁ ବୋଲି ? ଯାହାହେଉ ମୋ ମତରେ ମନ୍ଦାକିନୀର ରଚନାଟି ଯାହାର ପ୍ରଥମ ବାକ୍ୟଟି ଥିଲା - ମୁଁ ଏକ ଚଶମା ଏବଂ ମୁଁ ମୋର ମାଷ୍ଟ୍ରଙ୍କ କୁଞ୍ଚୁକୁଞ୍ଚିଆ ଲମ୍ବନାକ ଅଗରେ ଆରାମ୍‌ରେ ବସିଥାଏ - ଶ୍ରେଷ୍ଠ ବୋଲି ବିବେଚିତ ହେବାର ଥିଲା ।

ସ୍କୁଲ୍‌ର ପ୍ରଥମଦିନର ଏତାଦୃଶ ଅଭିଜ୍ଞତାପରେ, ତା'ପରଦିନଠାରୁ ଲାଜରେ ଓ ଅପମାନରେ ମୁଁ ଆଉ ସ୍କୁଲ୍ ଗଲିନି । ବୋଉ ଦୁଇ ତିନିଦିନ ଜୋର୍ ଜବରଦସ୍ତି କଲା ଅବଶ୍ୟ । କିନ୍ତୁ ଶେଷପର୍ଯ୍ୟନ୍ତ ନିଜେଇ ଚୁପ୍ ହୋଇ ରହିଲା । ତା'ନୀରବତାର କାରଣ ଥିଲା ଦୁଇଟି । ପ୍ରଥମତଃ ସ୍କୁଲ୍‌ଟି ଥିଲା ଅନ୍ୟ ଗାଁରେ ଏବଂ ବେଶ୍ ଦୂରରେ । ଗାଁ ମୁଣ୍ଡର ଝରଣା ଟପି, ପୋଖରୀହୁଡ଼ା ଚାରିପଟେ ବୁଲି, ଘଞ୍ଚ ଆମ୍ବତୋଟା ପାର ହୋଇ ମୋତେ ଚାଲି ଚାଲି ଯିବାକୁ ପଡୁଥିଲା ଯାହାକି, ବୋଉ ଶେଷପର୍ଯ୍ୟନ୍ତ ବୁଝିଥିଲା, ଯେ ମୋ ବୟସରେ ଥିଲା କଷ୍ଟସାଧ । ଦ୍ୱିତୀୟରେ, ମୋ ସାନଭାଇଟିର ଅକ୍ଷର ଶିକ୍ଷାର ବୟସ ହୋଇଯାଇଥିଲା ଏବଂ ବୋଉ ଭାବିଲା ଯେ ମୋତେ ସ୍କୁଲ୍ ନପଠାଇ ହୁଏତ ଘରେ ଟିଉସନ ମାଷ୍ଟ୍ରଟିଏ ରଖିଲେ, ମୋ' ପାଠପଢ଼ା ସହିତ ମୋ ଭାଇଟିର ବର୍ଣ୍ଣବୋଧ ଶିକ୍ଷା ମଧ୍ୟ ସମ୍ଭବ ହେବ ।

ବୋଉର ସୁଚିନ୍ତିତ ଯୋଜନା କାର୍ଯ୍ୟକାରୀ ହୋଇଗଲା ଅତିଶୀଘ୍ର ଏବଂ ଆମକୁ ପାଠପଢ଼ାଇବା ପାଇଁ ନିଯୁକ୍ତ ହୋଇଗଲା ମାମୁଁଘରେ ରହି ପଞ୍ଚମ ଶ୍ରେଣୀଯାଏ ପାଠ ପଢ଼ିଥିବା ଆମ ଗାଁର ଦୁଃସ୍ଥ ବ୍ରାହ୍ମଣ ସନ୍ତାନଟିଏ - ଲମ୍ବୋଦର । ଲମ୍ବୋଦର ଥିଲା ପିନ୍‌ପିନ୍ ପତଳା ଗୌରବର୍ଣ୍ଣର କିଶୋରଟିଏ । ପେଟ ଲାଗିଯାଉଥିଲା ପିଠିରେ । କାନ୍ଧରେ ମସୀବର୍ଣ୍ଣର ଯଜ୍ଞୋପବୀତ । ପହରଣ ଗେରୁମଡ଼ା ଆଣ୍ଠୁଲୁଚୁ ନଥିବା ଧୋତି । ଲମ୍ବୋଦର ଆମକୁ ଜମ୍ମା ଲାଗୁନଥିଲା ଶିକ୍ଷକପରି । ତେଣୁ ତାକୁ 'ମାଷ୍ଟ୍ରେ' ବୋଲି ସମ୍ବୋଧନ କରିବାକୁ ସିଏ ଆମକୁ ଯେତେ ପ୍ରବର୍ତ୍ତାଇଲେ ବି ଆମେ ତାହା ମାନୁନଥିଲୁ । ତାକୁ ଡ଼ାକୁଥିଲୁ 'ଲମ୍ବା' ।

ଆମକୁ ଟିଉସନ୍ କରିବାର ଦୁଇ ତିନି ମାସପରେ ଲମ୍ବୋଦର ଛୁଟିନେଇ ପନ୍ଦରଦିନ ପାଇଁ ଗଲା ମାମୁଁଘରକୁ- ଚନ୍ଦନ ଯାତ ଦେଖିବାପାଇଁ । ଫେରିଆସିଲା ଏକ ପରିବର୍ତ୍ତିତ ସଂସ୍କରଣର ରୂପରେ - ଏ ଯାବତ୍ ଫୁଙ୍ଗୁଳା ଥିବା ଦେହକୁ ଏକ ହରିଦ୍ରାଭ ଗେଞ୍ଜିରେ ଅଳଂକୃତକରି । ସେ ଗେଞ୍ଜିର ରଙ୍ଗର ଔଜ୍ଜଲ୍ୟରେ ଆମେ ମୁଗ୍ଧ ହେଲାବେଳକୁ, ତୈଳାକ୍ତ କେଶକୁ ହାତରେ ସାଉଁଳି ସାଉଁଳି ଓ ଆମକୁ ହତଚକିତ କରି ଲମ୍ବୋଦର ହଠାତ୍ ଆମକୁ ପଚାରିବସିଲା ''ତମେମାନେ 'ମଦରଟଙ୍ଗ' ଶବ୍ଦଟିର ଅର୍ଥ ଜାଣ ?'' ଏଭଳି ଆଡ଼ମ୍ବରମୟ ଉଚ୍ଚାରଣର ଶବ୍ଦଟିଏ ଆମେ ଯା ପୂର୍ବରୁ କେବେ ଶୁଣିନଥିଲୁ । ଆମର ମୂର୍ଖତା ଓ ଅଜ୍ଞତା ପ୍ରତି ତାଚ୍ଛଲ୍ୟର ହସ ହସି ଦିଗ୍‌ବିଜୟ ଭଙ୍ଗୀରେ ଲମ୍ବୋଦର କହିଲା - ମଦରଟଙ୍ଗ୍‌ମାନେ ମାତୃଭାଷା । ଏତିକି ଜାଣିନ ? ପରେ ପରେ ଏକଥା ମଧ୍ୟ ଛୋଡ଼ି ଦେଲା ଯେ ତା ମାମୁଁଘର ଗାଁରେ ଅନେକ ଶିକ୍ଷିତ ଲୋକ ଅଛନ୍ତି ଓ ସେ ସେମାନଙ୍କଠାରୁ ଏଥରକ ଏକାଧିକ ଇଂରାଜୀ ଶବ୍ଦ ଶିଖିଆସିଛି । ମଦରଟଙ୍ଗ ଶବ୍ଦର ଅର୍ଥ ଜାଣିଥିବା ଲମ୍ବୋଦରର ବୁଦ୍ଧିମତ୍ତା ତଥା ପାଣ୍ଡିତ୍ୟରେ

Digitized by srujanika@gmail.com

ଆମେମାନେ ବେଶ୍ ଚମକୃତ ହୋଇଥିଲୁ ଏବଂ ଯା'ପରେ, ତାକୁ ମାଷ୍ଟ୍ରେ ବୋଲି ସମ୍ବୋଧନ କରିବାରେ ଆମର ଆଉ କୌଣସି ଦ୍ୱିଧା ରହିନଥିଲା ।

ଲମ୍ବୋଦର ଆସୁଥିଲା ସବୁଦିନ ସକାଳେ । ଦାଣ୍ଡର ବଳଦ ଗୁହାଳ ପାଖ ସାନ ବଖରାଟି ଯାହାର କି ତିନିଚତୁର୍ଥାଂଶ ଭର୍ତ୍ତି ହୋଇଥିଲା ନିବୁଜ ଗୁଡ଼ବଣାରେ, ଥିଲା ଆମର ପଢ଼ାଘର । ମୁଁ, ମୋ ସମବୟସୀ କକେଇଙ୍କ ଝିଅ ଓ ମୋ ସାନଭାଇ - ତିନିହେଁ ବସୁଥିଲୁ ତା' ପାଖରେ । ଲମ୍ବୋଦର ଆମକୁ ଶିଖାଉଥିଲା ସଂଖ୍ୟାଗଣନା, ମିଶାଣ ଫେଡ଼ାଣ ଓ ପଣିକିଆ ଏବଂ ଡ଼ାକୁଥିଲା ଶ୍ରୁତଲିଖନ । ମୁଁ କଟକରେ ଯାହା ପଢ଼ିଥିଲି, ଏହା ଥିଲା ତା'ର ପୁନରାବୃତ୍ତି ମାତ୍ର ଏବଂ ମୋ ପାଠପଢ଼ାର ବିଶେଷ କିଛି ଅଗ୍ରସର ହୋଇନଥିଲା । କିନ୍ତୁ ବୋଉକୁ କିଛିଟା ମାନସିକ ଶାନ୍ତି ମିଳିଥିଲା ଝିଅର ପାଠପଢ଼ା ବନ୍ଦ ହୋଇନି ବୋଲି ।

ପାଠପଢ଼ାକୁ ମୋର ଆଦୌ ଖାତିର୍ ନଥିଲା । କିନ୍ତୁ ମୋ' କୁନିଭାଇଟିର କେଜାଣି କାହିଁକି ପାଠପଢ଼ା ପ୍ରତି ଆରମ୍ଭ ହୋଇଗଲା ଅସମ୍ଭବ ଭୀତି । ଲମ୍ବୋଦରକୁ ଦେଖିଲେ ଇ ତାକୁ କମ୍ପଦେଇ ଜ୍ୱର ଆସୁଥିଲା ଓ ଲୁଚୁଥିଲା ଯାଇ ବୁଢ଼ୀମାଙ୍କ ପଣତକାନି ତଳେ । ଜ୍ୟେଷ୍ଠ ପୌତ୍ରଟି ପ୍ରତି ଦରଦୀ ଓ ସମବ୍ୟଥୀ ବୁଢ଼ୀମା ତାକୁ ସାନଝାଡ଼ୁଟିଏ ଧରାଇ ଦେଇ ତାଙ୍କ ପୂଜାଘରଟି ଓଳାଇଦେବାକୁ କହୁଥିଲେ ଏବଂ ସ୍ୱୟଂ ତାକୁ ପହରାଦେଇ ଦୁଆରବନ୍ଧପାଖରେ ଗୋଡ଼ ଲମ୍ବାଇ ବସି ମାଳି ଜପୁଥିଲେ । ଯେଭଳି କି ତାଙ୍କୁ ଡ଼େଇଁକି ଯାଇ ବୋଉ ମୋ ଭାଇଟିକୁ ବାହାର କରି ଆଣି ପାରିବନି । ଲମ୍ବୋଦର ପାଖରେ ବସି ବ୍ୟଞ୍ଜନବର୍ଣ୍ଣ ଶିଖିବାର ଯଥାର୍ଥତା ବୁଢ଼ୀମା'ଙ୍କ ମୁଣ୍ଡରେ ପଶୁନଥିଲା । ଅଚଳାଚଳ ସଂପତ୍ତି - ବାଟି ବାଟି ଜମି । ତାକୁ ଇ ନାତି ଭୋଗ କରିପାରିଲେ ହେଲା । ପାଠପଢ଼ିଲା ବୋଲି ତ ନାତିର ପିତା ତା ବୃଦ୍ଧାମା'କୁ ଛାଡ଼ି ଚାଲିଗଲା ସାତ ଦରିଆ ପାରି । ନାତିଟି ବରଂ ପାଠ ନପଢ଼ି ଘରେ ରହୁ ।

ବୋଉ ବୁଢ଼ୀମା'ଙ୍କ ଉପରେ ମନେମନେ ବିରକ୍ତ ହେଉଥିଲେ ସୁଦ୍ଧା, ସାମ୍ନା ସାମ୍ନି ତାଙ୍କ ସହିତ ଯୁକ୍ତିତର୍କ ବା ଜବାବ୍ ସୁଆଲ୍ କରିପାରୁନଥିଲା । କେବଳ ସମୟ ସୁଯୋଗ ଦେଖି, ମୋ ଭାଇକି ଜବରଦସ୍ତି ହାତଧରି ଭିଡ଼ି ଭିଡ଼ି ନେଇ ପହଞ୍ଚାଇ ଦେଇଆସୁଥିଲା ଲମ୍ବୋଦର ପାଖରେ । କିନ୍ତୁ ତାହା ସମ୍ଭବ ହେଉଥିଲା କଦବା କ୍ୱଚିତ୍ ।

ଫଳସ୍ୱରୂପ, ବର୍ଣ୍ଣମାଳା ତକ ସଂପୂର୍ଣ୍ଣରୂପେ ଶିକ୍ଷାକରିବା ପୂର୍ବରୁ ମୋ' କୁନି ଭାଇଟି ବେଶ୍ ପାରଙ୍ଗମ ହୋଇଉଠିଲା ଘର ଝାଡ଼ୁ ଦେବାରେ ।

●●●

Digitized by srujanika@gmail.com

# ଗପ

ଚତୁର୍ଥ ଶ୍ରେଣୀରେ ପାଠ ପଢ଼ାଉଥିବା ସବୁ ସାର୍‌ଙ୍କ ଭିତରେ, ଉଦୟ ସାର୍ ଥିଲେ ଆମର ପ୍ରିୟତମ ଶିକ୍ଷକ ।

ଥିଲେ ମଧ୍ୟ ବୟସ୍କ, ଖୁସ୍ ମିଜାଜିଆ ମଣିଷଟିଏ । ଶ୍ୟାମଳ ତ୍ୱକ୍ । ମୁଣ୍ଡବାଳର ରଙ୍ଗ ଥିଲା ଗୋଲମରିଚ ଗୁଣ୍ଡପରି - କଳା ଧଳାର ସମ୍ମିଶ୍ରଣ । ମୁହଁ ସାରା ଅଯତ୍ନବର୍ଦ୍ଧିତ ଶ୍ମଶ୍ରୁ । ପିନ୍ଧୁଥିଲେ ଆଡ଼ମଇଳା ଧୋତି ଓ କାମିଜ୍ - ବିନା ଇସ୍ତ୍ରୀର । ନିଶା ଥିଲା ତାମ୍ବୁଳ ସେବନ ଏବଂ ବାଁ ପଟ ଗାଲଟିରେ ଚବିଶ ଘଣ୍ଟିଆ ଆବୁଟିଏ ଦୃଶ୍ୟମାନ ହେଉଥିଲା ଜାକିଥିବା ଖିଲିପାନର ଦୟାରୁ । ଦନ୍ତ ପଂକ୍ତିରେ ବେଶ୍ ବହଳିଆ ଭାବରେ ଖଇରର ବୋଳ ବି ବସିଥିଲା, ଯଦିଓ ସେ ବୋଳ ସତ୍ତ୍ୱେ ହସଟି ଥିଲା ସ୍ୱଚ୍ଛ ଓ ମଧୁର । କଥା କହୁଥିଲେ ଅନବରତ ଏବଂ କହୁଥିଲେ ବେଶ୍ ବଡ଼ ପାଟିରେ । ଥିଲେ ଉନ୍ମୁକ୍ତମନର ଅଜାତଶତ୍ରୁ, ସ୍ନେହପ୍ରଦ ମଣିଷଟିଏ ।

ସାର୍ ଶ୍ରେଣୀର ପ୍ରତ୍ୟେକ ପିଲାକୁ ଅନ୍ତରଙ୍ଗ ଭାବରେ ଚିହ୍ନିଥିଲେ । ରଖୁଥିଲେ ସେମାନଙ୍କର ପିତାମାତା ତଥା ପରିବାର ବର୍ଗଙ୍କ ସଂପର୍କରେ ଟିକିନିଖି ଖବର । ଜାଣିଥିଲେ ମୁଁ ଜ୍ୟେଷ୍ଠସନ୍ତାନ । ପ୍ରଥମାଷ୍ଟମୀ ଦିନ କ୍ଲାସ୍‌ରେ ମୋତେ ଠିଆ କରାଇ ପରଖୁଥିଲେ ମୁଁ ନୂଆଜାମା ପିନ୍ଧିଛି ନା ନାହିଁ । ସହନଶୀଳତା ଓ ଧୈର୍ଯ୍ୟଥିଲା ଅପ୍ରମିତ । ସାରା ପିରିୟଡ଼୍ ଗୋଠେ ଅବାଧ ପିଲା ପଞ୍ଜୁରୀବଦ୍ଧ ପକ୍ଷୀ ଶାବକ ପରି କିଚିରି ମିଚିରି କରୁଥିଲୁ । ଦିନେ କେବେ ତାଙ୍କୁ ମାନସିକ ସନ୍ତୁଳନ ହରାଇବାର କିମ୍ବା କାହାକୁ ଶାସ୍ତି ବିଧାନ କରିବାର ମନେପଡୁନି । ସନ୍ତାନହୀନ ହୋଇଥିବାର ଦୁଃଖ ବୋଧହୁଏ କିଛିଟା ଲାଘବ ହେଉଥିଲା ଆମକୁ ଦେଖି ।

ଆମକୁ ପଢ଼ାଉଥିଲେ ସାହିତ୍ୟ ଏବଂ ପଢ଼ାଉଥିଲେ ସୁନ୍ଦର ଭାବରେ । କଷ୍ଟ କଷ୍ଟ ଶବ୍ଦର ଅର୍ଥ ଲେଖିଦେଉଥିଲେ ବ୍ଲାକ୍‌ବୋର୍ଡ଼ରେ । ପଢ଼ା ସରିଥିବା ପଦ୍ୟସବୁ ଘରୁ ମୁଖସ୍ଥ କରି ଆସିବାକୁ କହୁଥିଲେ ଓ ପରଦିନ ତାହା କ୍ଲାସ୍‌ରେ ଆବୃତ୍ତି କରାଉଥିଲେ । ସ୍କୁଲ୍‌ର ନିୟମାନୁଯାୟୀ ପ୍ରତି ଶନିବାର କ୍ଲାସ୍ ଶେଷରେ କରୁଥିଲେ ଡ଼ିବେଟ୍ କମ୍ପିଟିସନ୍ । ଦୁଇ ଦଳରେ ବିଭକ୍ତ ହୋଇ ସପକ୍ଷରେ ଓ ବିପକ୍ଷରେ ଯୁକ୍ତି ବାଢୁଥିଲୁ - ଜ୍ଞାନ ବଡ଼ ନା ଧନ ବଡ଼ । ସାର୍ ହେଉଥିଲେ ବିଚାରକ ।

ଏବଂ ସବୁଠୁ ବଡ଼କଥା, ଯଦି କେବେ କେମିତି ପିରିୟଡ଼୍ ସରିବା ଆଗରୁ ସେ ଦିନ ପାଇଁ ଉଦ୍ଦିଷ୍ଟ ପାଠପଢ଼ା ସରିଯାଉଥିଲା, ତେବେ ଉଦୟସାର୍ ବଳକା ସମୟତକ ଆମକୁ ଗପ କହୁଥିଲେ । ପୌରାଣିକ କାହାଣୀ ବା ରୂପକଥା । କହୁଥିଲେ ବି ଚମତ୍କାର ଭାବରେ - ସ୍ୱ କଳ୍ପନାର ରଙ୍ଗିନ୍ ଲେପ ଦେଇ, ବନେଇ ଚୁନେଇ ।

Digitized by srujanika@gmail.com

ସାର୍‌ଙ୍କର ଗପର ଶୃଙ୍ଖଳା କିନ୍ତୁ ବହୁତ ଦୀର୍ଘ ନଥିଲା ଏବଂ ତାଙ୍କର ଗପର ପେଡ଼ି ଶୂନ୍ୟ ହୋଇଗଲା କେଇମାସ ପରେ । ତେଣୁ ଯା ପରେ ଦିନେ ଯେତେବେଳେ ଆମେ ନୂଆ ଗପଟିଏ ଶୁଣାଇବା ପାଇଁ ତାଙ୍କୁ ଫର୍‌ମାଇସ୍ କଲୁ, ସାର୍ ହସି ହସି କହିଲେ ''ମୋ ଗପ ତ ପ୍ରାୟ ସବୁ ସରିବାକୁ ବସିଲାଣି । ବରଂ ତମମାନଙ୍କ ଭିତରୁ ଜଣେ କେହି ଆଜି ଗପ କହ । ମୁଁ ବି ଶୁଣିବି'' ।  ଏବଂ ତା' ପରେ ପରେ ପଚାରିଲେ ''ତମ ଭିତରୁ କିଏ ଭଲ ଗପଟିଏ ଜାଣିଛ କି ? କହି ପାରିବ ?'' ଉତ୍ତରରେ ମୁଁ ହାତ ଟେକିଥିଲି ।

ଘରେ ବୋଉଠାରୁ ଗୋଟିଏ ଗପ ସବୁବେଳେ ଶୁଣୁଥିଲି - ଅଠରଓଲା କଥା । ଅଠର ଜଣ ବୋକା ଓ ଅବୋଧ ବନ୍ଧୁଙ୍କର ବୁଦ୍ଧିହୀନ କୀର୍ତ୍ତିକଳାପର କାହାଣୀ - କିପରି ସେମାନେ ଘନକୁୟାସାକୁ ପ୍ରସରି ଆସୁଥିବା ସମୁଦ୍ରପାଣି ଭାବି ରାସ୍ତାମଝିରେ ସନ୍ତରଣ କରିବାକୁ ଯାଇ କ୍ଷତବିକ୍ଷତ  ହୋଇଥିଲେ, କିପରି ସଦ୍ୟ କିଣିଥିବା ଛୁଞ୍ଚିଟିକୁ କିଏ ବହନ କରିବ ସ୍ଥିର କରିନପାରି ଗୋଟିଏ ତାଳଗଛ ଗଣ୍ଡିରେ ଛୁଞ୍ଚିଟି ଗେଞ୍ଜି ସଭିଏଁ ମିଶି ଗଛଟିକୁ କାନ୍ଧରେ ବୋହି ବୋହି ନେଇ ଯାଇଥିଲେ ଇତ୍ୟାଦି ଇତ୍ୟାଦି ।

କ୍ଲାସ୍ ସାମ୍‌ନାରେ ସାର୍‌ଙ୍କ ଚୌକୀ ପାଖରେ ଠିଆହୋଇ ହାସ୍ୟର ପ୍ରବଳ କଳରୋଳ ଭିତରେ ଗପଟି ସେଦିନ କହିଥିଲି ଓ ଉଭୟ ଉଦୟସାର୍ ଓ ସହପାଠୀମାନେ ଗପଟିକୁ ବେଶ୍ ଉପଭୋଗ କରିଥିଲେ । ଉଦୟସାର୍ ଗପଟି ଶୁଣି ଏଭଳି ପ୍ରୀତ ହୋଇଥିଲେ ଯେ ଅନେକ ସମୟରେ ଅନ୍ୟ କ୍ଲାସ୍‌ରୁ ମଧ୍ୟ ଗପଟି କହିବାପାଇଁ ମତେ ଡ଼କାଇପଠାଉଥିଲେ । ଆମ ଶ୍ରେଣୀରେ, ଏକାଧିକ ଥର ସେ ଗପଟିର ପୁନରାବୃତ୍ତି ମୁଁ କରିଥିଲେ ସୁଦ୍ଧା ସାର୍ ତଥା ମୋର ସାଥି ପିଲାମାନେ ସେ କାହାଣୀଟି ଶୁଣିବାରେ କଦାପି କ୍ଳାନ୍ତି ବୋଧ କରୁନଥିଲେ । ବରଂ ସେ ଗପଟି ତାଙ୍କପାଇଁ ରହିଥିଲା ଚିର ଆକର୍ଷଣୀୟ ତଥା ଚିରନୂତନ ।

ମନେ ଅଛି - ଚତୁର୍ଥଶ୍ରେଣୀ ଷାଣ୍ମାସିକ ପରୀକ୍ଷାରେ ମୋତେ ଦୁଇନମ୍ବର ଗ୍ରେସ୍ ମାର୍କ ମିଳିଥିଲା ଏଇ ଗପ କୁହାଯୋଗୁଁ । ସାର୍ କ୍ଲାସ୍‌ରେ ବସି ଖାତା ଦେଖୁଥିଲେ । ନମ୍ବର ଯୋଡ଼ି ସାରିଲା ପରେ କହିଲେ ''କାନନକୁ କିନ୍ତୁ ଯା'ଠାରୁ ବେଶୀ ନମ୍ବର ମିଳିବା କଥା । କି ଚମତ୍କାର ଗପ କହେ ସିଏ '' । ସାରା କ୍ଲାସ୍ ସମସ୍ୱରରେ କୋରସ୍ ଗାଇଥିଲେ - ହଁ ସାର୍, ହଁ ସାର୍ । ଆଉ ଉଦୟ ସାର୍ ମୋ ନମ୍ବର ବଢ଼େଇ ଅଠାବନରୁ କରିଦେଲେ ଷାଠିଏ ।

ପରିତାପର ବିଷୟ, ଏଭଳି ସ୍ୱଚ୍ଛନ୍ଦ ସ୍ୱଭାବ ତଥା କୋମଳ ହୃଦୟର ମଣିଷଟି କେଜାଣି କାହିଁକି କେଇବର୍ଷ ପରେ ମାନସିକ ଭାରସାମ୍ୟ ହରାଇ ବସିଲେ । ଲୋକମାନେ କହିଲେ 'ପାଗଳ' । ସ୍କୁଲ୍‌ର ଚାକିରିଟି ଗଲା । କିନ୍ତୁ ଉଦୟସାର୍ ସ୍କୁଲ୍‌କୁ ଛାଡ଼ିପାରିଲେନି । ଅନେକ ସମୟରେ ଆସି ଘୂରି ବୁଲୁଥିଲେ ସ୍କୁଲ୍ ପଡ଼ିଆରେ । ପଣସ ଗଛ ତଳେ କୋଠାତୋଳା ହେବାପାଇଁ ଜମାହୋଇଥିବା ବାଲିଗଦାରେ ବସି ମନକୁ ମନ ବିଡ଼୍ ବିଡ଼୍ କରୁଥିଲେ । ଜୀର୍ଣ୍ଣ,

Digitized by srujanika@gmail.com

ରୁକ୍ଷ, ଧୂଳିଧୂସରିତ ଚେହେରା । ଅସଂଲଗ୍ନ କଥାବାର୍ତ୍ତା । ବ୍ୟବହାରରେ ଅବଶ୍ୟ ହିଂସ୍ରତା ନଥିଲା । କିନ୍ତୁ କାର୍ଯ୍ୟକଳାପ ଥିଲା ଓଲଟ୍‌ପାଲଟ୍, ଖେଇ ହୀନ । ଶିକ୍ଷକ ବା ପିଲେ - କେହି ଆଉ ତାଙ୍କ ପାଖ ପଶୁନଥିଲେ ।

କିନ୍ତୁ କେଇଦିନ ପରେ ଏଭଳି ଏକ ଦୁଃଖଦ ଏବଂ ଅପ୍ରୀତିକର ଘଟଣା ଘଟିଲା ଯାହାଫଳରେ କି ଉଦୟସାର୍‌ଙ୍କର ସ୍କୁଲ୍ ଆସିବା ପୂରାପୂରି ବନ୍ଦ ହୋଇଗଲା ।

ଘଟଣାଟି ଘଟିଥିଲା ତତ୍କାଳୀନ ପ୍ରଧାନମନ୍ତ୍ରୀ ଶ୍ରୀ ଜବାହରଲାଲ ନେହେରୁଙ୍କ କଟକ ଆଗମନ ସମୟରେ । ପ୍ରଧାନମନ୍ତ୍ରୀଙ୍କ ଗାଡ଼ି ଆମ ସ୍କୁଲ୍ ସାମ୍‌ନା ରାସ୍ତା ଦେଇ ବାରବାଟୀ ଷ୍ଟାଡ଼ିୟମ୍ ଯିବାର ଥିଲା । ଷ୍ଟାଡ଼ିୟମ୍‌ରେ ଅୟୋଜିତ ହୋଇଥିଲା ବିରାଟ ସାଧାରଣସଭା । ସେତେବେଳେ ଆଜିପରି ନିରାପତ୍ତାର ଏତେବେଶୀ କଟକଣା ନଥିଲା । ଆମେ ସବୁ ସ୍କୁଲ ସମ୍ମୁଖସ୍ଥ ରାଜପଥର ଦୁଇକଡ଼େ ପ୍ରଧାନମନ୍ତ୍ରୀଙ୍କ ଅଭ୍ୟର୍ଥନାର୍ଥେ ଧାଡ଼ିବାନ୍ଧି ଠିଆହୋଇଥିଲୁ - ହାତରେ ଗୋଲାପଫୁଲ ଓ ମଲ୍ଲିକଢ଼ର ଗଜରା ଧରି । ସାରାବଜାର ଥିଲା ଲୋକାରଣ୍ୟ । ସାରା ସହର ଥିଲା ଆନନ୍ଦ ବିଭୋର ଓ ଉତ୍ତେଜନାଗ୍ରସ୍ତ ।

ପ୍ରଧାନମନ୍ତ୍ରୀଙ୍କ ଗାଡ଼ିର ପଟୁଆର ପହଞ୍ଚିଲା କିଛି ସମୟ ପରେ । ଫୁଲମାଳ ଧରି ଅପେକ୍ଷାରତ ସାନ ପିଲାଙ୍କୁ ଦେଖି ଗାଡ଼ି ଅଟକିଲା । ଖୋଲା ଗାଡ଼ିରେ ଅନିନ୍ଦ୍ୟ ହସ ହସି ଠିଆହୋଇଥିବା ପ୍ରିୟ ପ୍ରଧାନମନ୍ତ୍ରୀ ତଥା ତାଙ୍କ ସହିତ ଥିବା ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ଶ୍ରୀ ମହତାବ୍‌ଙ୍କୁ ଆମେ ପୁଷ୍ପମାଲ୍ୟ ଅର୍ପଣ କଲୁ । ଶ୍ରୀ ନେହେରୁ ତାଙ୍କର ଚିରାଚରିତ ଭଙ୍ଗୀରେ ସେ ଫୁଲମାଳ ବେକରୁ କାଢ଼ି ସ୍ନେହମୟ ଠାଣିରେ ପିଲାମାନଙ୍କ ଉପରକୁ ଫିଙ୍ଗିଲେ ଓ ପଟୁଆର ପୁନର୍ବାର କ୍ଷିପ୍ରଗତିରେ ଆଗେଇ ଚାଲିଲା ।

ଏଇ ନିବିଡ଼ ଜନସମାଗମ ଭିତରେ , ଉଦୟସାର୍ କେତେବେଳେ ଆସି ଆମପଛରେ ରାସ୍ତାକଡ଼ରେ ଛିଡ଼ା ହୋଇଥିଲେ ଓ ଆମ୍ଭେମାନେ ଅତିଥିମାନଙ୍କୁ ଫୁଲହାର ପିନ୍ଧାଇଲା ବେଳେ, ଭିଡ଼ ଠେଲି ସାମ୍‌ନାକୁ ଆସିବାକୁ ଚେଷ୍ଟା କରୁଥିଲେ । ହୁଏତ ଶ୍ରୀ ନେହେରୁଙ୍କୁ ଥରଟେ ଭଲକି ଦେଖିବା ପାଇଁ । କିନ୍ତୁ ଭିଡ଼ ଥିଲା ପ୍ରଚୁର । ଗାଡ଼ି ବି ଅଟକିଥିଲା ମାତ୍ର ମିନିଟିଏ କି ଦୁଇ ମିନିଟ୍‌ପାଇଁ । ତେଣୁ ତାଙ୍କ ପ୍ରୟାସରେ ସିଏ ସଫଳ ହୋଇପାରିନଥିଲେ । ଅପରପକ୍ଷରେ, ଏଭଳି ଏକ ଅବସରରେ, ବଜାର ଭିତରେ ଉଦୟସାର୍‌ଙ୍କ ଉପସ୍ଥିତି, ସେଠାରେ ଜମା ହୋଇଥିବା ସହରୀ ଲୋକମାନଙ୍କ ମଧ୍ୟରେ କିଛିଟା ହଟ୍ଟଗୋଳ ସୃଷ୍ଟି କରିଥିଲା ଏବଂ ଆମର ଛାତ୍ରଗଣ ତଥା ଶିକ୍ଷକମଣ୍ଡଳୀ ସେଥିଯୋଗୁଁ ଅନେକାଂଶରେ ଅପଦସ୍ଥ ବୋଧ କରିଥିଲେ । ପ୍ରଧାନଶିକ୍ଷକ ମହୋଦୟ, ଏଭଳି ମାନସିକ ସ୍ଥିତିନେଇ ବାରମ୍ବାର ସ୍କୁଲ ଆସି ସ୍କୁଲର ଶାନ୍ତିଭଙ୍ଗ କରୁଥିବା ହେତୁ, ଉଦୟସାର୍‌ଙ୍କ ଉପରେ କ୍ଷୁବ୍ଧ ହୋଇଥିଲେ ମଧ୍ୟ । ପ୍ରଧାନଶିକ୍ଷକଙ୍କର ଅସହିଷ୍ଣୁତା ସେଇ ପରିପ୍ରେକ୍ଷୀରେ ହୁଏତ ସ୍ୱାଭାବିକ୍

Digitized by srujanika@gmail.com

ଓ ସମୀଚୀନ ଥିଲା । କିନ୍ତୁ ବଜାରର ଗହଳି ଭିତରେ, ପୂରାପୂରି ଅସହାୟ ଭଙ୍ଗୀରେ ତଥା ଅଧୋବଦନରେ ଠିଆ ହୋଇଥିବା ଉଦୟସାର୍‌ଙ୍କ ନିରାନନ୍ଦମୟ ଦୁର୍ଗତ ଅବସ୍ଥା ଦେଖି ମୋ ସାନ ହୃଦୟଟିରେ ସେତେବେଳେ କେଉଁଠି ଯେମିତି କେଇବୁନ୍ଦା ରକ୍ତ କ୍ଷରଣ ହେଲାପରି ମନେହୋଇଥିଲା ।

ଏ କାହାଣୀ ବହୁତ ପୁରୁଣା- ପ୍ରାୟ ଅର୍ଦ୍ଧଶତାବ୍ଦୀ ଆଗର କଥା ଏବଂ ଏ କାହାଣୀର ନାୟକ ଏବେ ଆମ ଗହଣରେ ଅବର୍ତ୍ତମାନ ।

ସ୍ୱର୍ଗ ବୋଲି ସ୍ଥାନଟିଏ ଅଛି ନା ନାହିଁ ମୁଁ ଜାଣେନି । ଯଦି ଥାଏ, ତାହେଲେ ଅଜାତ ଶତ୍ରୁ, ଅମାୟିକ ଉଦୟସାର୍, ଇହଧାମ ଛାଡ଼ି ଯେ ସିଧା ସେଠିକି ଯାଇଥିବେ, ଏହା ନିଃସନ୍ଦେହ ଏବଂ ସେଠିକି ଯାଇ ସିଏ ଯେ କିଭଳି ଭାବେ ତାଙ୍କର ଖାଲି ସମୟ ଅତିବାହିତ କରୁଥିବେ, ସେ ସଂପର୍କରେ ଏକ ସ୍ପଷ୍ଟଧାରଣା ମୁଁ ଏଇଠି ବସି ଆଙ୍କି ଦେଇ ପାରେ । ନିଶ୍ଚିତ ରୂପେ, ସିଏ ସେଠାରେ ସମସ୍ତ ଦେବଶିଶୁଙ୍କୁ ଏକତ୍ରିତ କରି ସେମାନଙ୍କୁ କାହାଣୀ ଇ ଶୁଣାଉଥିବେ ଏବେ । ପୌରାଣିକ କାହାଣୀ ବା ରୂପକଥା । ସ୍ୱ କଳ୍ପନାର ରଙ୍ଗିନ୍ ଲେପ ଦେଇ-ବନେଇ ଚୁନେଇ । ଯେମିତି କି ଦିନେ ଆମକୁ କହୁଥିଲେ ।

ଉଦୟସାର୍‌ଙ୍କ ଗପର ପେଡ଼ି ଯା ଭିତରେ ଶେଷ ହୋଇଯିବଣି ବୋଧହୁଏ । ତା'ହେଲେ ନିଶ୍ଚିତ ରୂପେ, ସିଏ ସେଇ ହାସ୍ୟରସ ସମ୍ୱଳିତ ମଜେଦାର ଅଠରଓଲା ଗପଟି ଇ କହୁଥିବେ ପିଲାମାନଙ୍କୁ । ସେଇ ଗପଟି ଯାହା କି ଏକଦା ଏଇ ପୃଥିବୀର ଗୋଟିଏ ଆଠବର୍ଷର କଳ୍ପନାବିଳାସୀ କୁନିଝିଅ ତାଙ୍କ ଚୌକୀପାଖରେ ଠିଆହୋଇ, ତାଙ୍କୁ ଶୁଣାଇ ଖୁସି କରିଥିଲା ।

●●●

Digitized by srujanika@gmail.com

# ପିତାମହ

ଏକୁଟିଆ ବୁଢ଼ା ବାପା ରହୁଥିଲେ ଦାଣ୍ଡ ସେପଟ କୋଠାଘରେ । ଆମେ କହୁଥିଲୁ ବସାଘର । ଇଟା ସିମେଣ୍ଟର ସାନ ମଜବୁତ୍ ଘରଟିଏ । ଚିକଣ ଚଟାଣ, ଚୂନଲିପା କାନ୍ଥ । ସାମ୍ନାର ଉଞ୍ଚପିଣ୍ଡାରେ ଆରାମରେ ଆଉଜି ଦୁଇ ତିନିଜଣ ବସିପାରିଲା ଭଳିଆ ନାତିଦୀର୍ଘ ବେଞ୍ଚଟିଏ । ପଛପଟେ ବିସ୍ତୃତ ଅଗଣା ଓ ଖମାର ଘର ।

ବୁନିୟାଦୀ ମାଟିଘରଟିରେ ରହୁଥିଲେ ପରିବାରର ବାକୀସବୁ ସଦସ୍ୟ । ବୁଢ଼ାବାପା କେବଳ ଭୋଜନ କରିବାପାଇଁ ଏକ ନିର୍ଦ୍ଦିଷ୍ଟ ସମୟରେ ଇ ଆସୁଥିଲେ ଏଠିକି - ଦିନକୁ ଦୁଇଥର । ସକାଳ ଓଳିର ଜଳପାନ କିନ୍ତୁ ତାଙ୍କପାଇଁ ଆମକୁ ନେଇକି ଯିବାକୁ ପଡୁଥିଲା ବସାଘରକୁ । ବୋହୂମାନେ ଦାଣ୍ଡକୁ ବାହାରିବାର ପ୍ରଶ୍ନ ନଥିଲା । ବସ୍ତୁତଃ ତିନିଜଣ ଯାକ ବୋହୂ ନାକେ ଓଢ଼ଣା ଟଣା ହୋଇଥିବା ସତ୍ତ୍ୱେ ଶ୍ୱଶୁରଙ୍କ ସାମ୍ନାକୁ କେବେ ବି ବାହାରୁନଥିଲେ । ପ୍ରାତଃରାଶ ବହନ କରିବାର ଦାୟିତ୍ୱଟି ତେଣୁ ଥିଲା ପୌତ୍ରପୌତ୍ରୀମାନଙ୍କ ଉପରେ ନ୍ୟସ୍ତ । ବୁଢ଼ାବାପା ସକାଳେ ମୁଢ଼ି ଖାଉଥିଲେ, କିନ୍ତୁ ଗୁଣ୍ଡ ଆକାରରେ । ବୋଧହୁଏ ଗଳାରେ କ୍ୟାନ୍‌ସର ହୋଇଥିବାରୁ ଗୋଟାମୁଢ଼ି ଗିଳିବାରେ କଷ୍ଟ ହେଉଥିଲା । ପ୍ରତ୍ୟେକ ଦିନ ସୂର୍ଯ୍ୟ ଉଇଁଲେ ବଡ଼ କଂସାରେ ଗଅଁଠକଂସେ ହବ କୁରୁମୁରିଆ ମୁଢ଼ି ବୋଉ ଶିଳପଟାରେ ଚୂରି ଦେଉଥିଲା । କଂସାଟି ହାତରେ ଧରି ଧାଡ଼ିବାନ୍ଧି ବୁଢ଼ା ବାପାଙ୍କ ପାଖକୁ ଯାଉଥିଲୁ ଆମେ ତିନିଜଣ- ମୁଁ, ମୋର ଚାରିବର୍ଷର ସାନଭାଇ ଏବଂ ମୋ'ଠାରୁ କିଞ୍ଚିତ୍ ବଡ଼ ମୋର କକେଇଝିଅ ଭଉଣୀ । ବୁଢ଼ାବାପାଙ୍କୁ କଂସାଟି ବଢାଇଦେଇ ନୀରବରେ ତାଙ୍କୁ ଜୁଳୁଜୁଳୁ କରି ଚାହିଁ ଛିଡ଼ା ହୋଇ ରହିଥିଲୁ ଆମେ ଏବଂ ବୁଢ଼ାବାପାଙ୍କ ମୁଢ଼ିଚକଟା ଦୃଶ୍ୟଟି ବେଶ୍ ଆଗ୍ରହ ଓ କୌତୁହଳର ସହ ଉପଭୋଗ କରୁଥିଲୁ ।

ଶୋଇବା ଘର ପୂର୍ବଦିଗରେ କାନ୍ଥକୁ ଲାଗି ଛାତକୁ ଛୁଇଁଲା ଭଳିଆ ବିରାଟକାୟ କମକୃଟ କାମକରା କାଠ ଆଲମାରୀ । ଆଲମାରୀ ଭର୍ତ୍ତି ବୁଢ଼ାବାପାଙ୍କର ପୋଥିପତ୍ର, ଦଲିଲ୍ ଦସ୍ତାବିଜ, ଜମିର ପଟାପାଉତି ଇତ୍ୟାଦି । ସବାତଳ ଥାକରେ ଧାଡ଼ି ଧାଡ଼ି ସଜା ଗୁଆଘିଅର ଠେକିମାନ । ବୁଢ଼ାବାପା ତହିଁରୁ ଘିଅ ଘରିଟିଏ କାଢ଼ି ପୋଷେ ହବ ତରଳ ଦାନାଦାର୍ ଘିଅ ଢ଼ାଳୁଥିଲେ ମୁଢ଼ିରେ । ଆଉ ତହିଁରେ ମିଶାଉଥିଲେ ଦି'ପୋଷ ହବ ନାଲିଆସିଆ ଅଠାଳିଆ ଗୁଡ଼ । ପିତ୍ତଳଗଡୁରୁ କିଛି ପାଣି ଢ଼ାଳି ସେ ମୁଢ଼ି, ଘିଅ ଓ ଗୁଡ଼କୁ ଚକଟୁଥିଲେ ଏକତ୍ର । ମୁଢ଼ିଚକଟାଟି ହେଉଥିଲା ବେଶ୍ ଶକ୍ତ । ଅନେକାଂଶରେ ମଣ୍ଡାପିଠାର ଜନ୍ତଣୀ ପରି । ସତୃଷ୍ଣ ନୟନରେ ସେ ସୁଖାଦ୍ୟ ଆଡ଼େ ଚାହିଁ ଠିଆ ହେଉଥିଲୁ ଆମେ । ଲାଳଝରି ପାଟିଭିତର ହୋଇଯାଉଥିଲା ଟୁଳ୍‌ଟୁଳ୍ । ବୁଢ଼ାବାପା ବୋଧହୁଏ ବୁଝିପାରୁଥିଲେ ଆମ ଲୋଭୀ ଆଖିର

Digitized by srujanika@gmail.com

ଚାହାଣୀ । ମୁଢ଼ି ଚକଟାରୁ ମେଞ୍ଚାଏ ଲେଖାଏଁ କାଢ଼ି ବନାଉଥିଲେ ତିନୋଟି ବାଟୁଳି- ସୁଡ଼ୌଲ ତିନୋଟି ଲଡୁ ପରି । ଲଡୁ ତିଆରି ସରିଲେ ତିନୋଟି କୁନିକୁନି ହାତ ଏକାସାଥିରେ ପ୍ରସାରିତ ହେଉଥିଲା ତାଙ୍କ ସାମ୍ନାକୁ । ବୁଢ଼ାବାପା ଗୋଟି ଗୋଟି କରି ଲଡୁ ତିନୋଟି ଆମ ପାପୁଲିରେ ଥୋଇ ଦେବା ମାତ୍ରକେ ଦୌଡ଼ି ଦୌଡ଼ି ପଳାଇ ଆସୁଥିଲୁ ଘରକୁ । କିନ୍ତୁ ଘରଭିତରେ ପଶି ସେ ମୁଢ଼ିଚକଟା ଖାଇବାପାଇଁ ଭୟ ଲାଗୁଥିଲା । ବୁଢ଼ାବାପାଙ୍କ ଜଳପାନରେ ଭାଗ ବସାଇଥିବା କଥା ବୋଉ ଜାଣିଲେ ରାଗିବ ବୋଲି । ଘରର ଠିକ୍ ପ୍ରବେଶ ଦ୍ୱାରରେ ଥିଲା ବଳଦଗୁହାଳ । ସେଇଠି ଠିଆ ହୋଇ ସ୍ୱାଦ ନେଉଥିଲୁ ମୁଢ଼ି ଚକଟାର । ହାତ ଆଙ୍ଗୁଠିତକ ହୋଇଯାଉଥିଲା ଘିଅ ସରସର । ସେ ଘିଅର ମହମହ ବାସ୍ନାରେ ବଳଦମାନେ ପାଳଖିଆ ଛାଡ଼ି ବଡ଼ ବଡ଼ ପାଣିଚିଆ କଜ୍ଜଳଲଗା ଆଖିରେ ବାରମ୍ବାର ଫେରି ଫେରି ଚହୁଁଥିଲେ ଆମକୁ । ହାତକୁ ଚାଟିଚୁଟି ସଫା କରି ପଶୁଥିଲୁ ଆମେ ଘରେ ।

ବୁଢ଼ାବାପା ଥିଲେ ବେଶ୍ ଗମ୍ଭୀର ପ୍ରକୃତିର । ଥିଲେ ମିତଭାଷୀ । ବିନା ଦରକାରରେ କଥା କହୁନଥିଲେ । ବୁଢ଼ାବାପାଙ୍କୁ କେବେ ହସିବାର ଦେଖିଛି ବୋଲି ମୋର ମନେପଡୁନି । ମନେ ବି ପଡୁନି କେବେ ଆମ୍ଭମାନଙ୍କ ସହିତ ଗପସପ କରିବାର, ଖେଳ କୌତୁକ କରିବାର । ଯୁବାବସ୍ଥାରେ ଅକ୍ଳାନ୍ତ ପରିଶ୍ରମ କରି ଏକତ୍ରିତ କରିଥିଲେ ଅଚଳାଚଳ ଭୂସଂପତ୍ତି, ଏକତ୍ରିତ କରିଥିଲେ ଅଜସ୍ର ପରିମାଣରେ ସୁନା, ରୂପା ଓ ଗୋଧନ । ଘର ଭାସୁଥିଲା ଘିଅ ଓ ମହୁରେ । ଯାହା କିଛି ପରିଶ୍ରମ କରିଥିଲେ ତାହା କେବଳ ତାଙ୍କୁ ପଚାଶବର୍ଷ ହେବାଯାଏଁ । ବିଶ୍ୱାସ କରୁଥିଲେ, ପଚାଶ ବର୍ଷ ପରେ ମଣିଷର ଆରାମର ପ୍ରୟୋଜନ । ଥିଲେ ଖାଦ୍ୟରସିକ । ଭଲ ପାଉଥିଲେ ବସାଦହି ଆମ୍ବିଳ, ପଞ୍ଚଫୁଟଣଛୁଙ୍କ ଦିଆ ବହଳିଆ ଭଜାମୁଗ ଡ଼ାଲି ଏବଂ ଘିଅଭଜା ଚେକି ଚେକି କଅଁଳ ବାଇଗଣ । ଥିଲେ ଉଭୟ ମିତାହାରୀ ଏବଂ ମିତବ୍ୟୟୀ । ତାମ୍ବୁଳସେବନ ବ୍ୟତୀତ ଅନ୍ୟ କୌଣସି ନିଶା ବା ବଦଭ୍ୟାସ ନଥିଲା । ଜୀବନଚର୍ଯ୍ୟା ଥିଲା ସରଳ, ସଚ୍ଚୋଟ ଏବଂ ନିୟମାନୁବର୍ତ୍ତୀ ।

କଥାବାର୍ତ୍ତାରେ ଥିଲେ ସଂଯତ ଏବଂ ଭଦ୍ର । ଅଶାଳୀନ ବ୍ୟବହାର କରୁନଥିଲେ । କହୁବି ନଥିଲେ ଅଶାଳୀନ ଭାଷା । ଅପଶବ୍ଦ ତାଙ୍କ ତୁଣ୍ଡରେ ପଇଟୁ ନଥିଲା । ଅତ୍ୟନ୍ତ କ୍ରୋଧୀ ମୁହୂର୍ତ୍ତରେ ମୁହଁରୁ ବାହାରୁଥିଲା ମାତ୍ର ପଦଟିଏ ଗାଳି- କୁଳାଙ୍ଗାର ।

ବର୍ଣ୍ଣଥିଲା ଶ୍ୟାମଳ । ଚେହେରା ଥିଲା ଶାଳପ୍ରାଂଶୁ । ସେତେବେଳେ ତନ୍ତୀ ସଂପ୍ରଦାୟ ତନ୍ତବୁଣା ଗାମୁଛାର ଥାନ ନେଇ ଗାଁ ଗାଁ ବୁଲି ବିକ୍ରୀ କରୁଥିଲେ । ଗଜ ବା ମିଟରର୍ ମାପ ନଥିଲା । ଲୋକେ ଲୁଗା କିଣୁଥିଲେ ହାତରେ ମାପି, ଦି'ହାତ କି ଚାରିହାତ । ବେପାରୀମାନେ କିନ୍ତୁ ବୁଢ଼ାବାପାଙ୍କୁ ଲୁଗା ମାପିବାକୁ ଦେବାପାଇଁ କୁଣ୍ଠା ବୋଧ କରୁଥିଲେ । କାରଣ ବୁଢ଼ାବାପାଙ୍କ ହାତର ତିନିହାତ ଲୁଗା ସାଧାରଣ ମଣିଷର ଚାରିହାତ ମାପ ସହିତ ସମାନ

Digitized by srujanika@gmail.com

ହେଉଥିଲା । ବୁଢ଼ାବାପା ଥିଲେ ସ୍ୱାସ୍ଥ୍ୟବାନ୍ ଓ ସୁପୁରୁଷ । ପ୍ରଶସ୍ତ ଚଉଖୁଣ୍ଟିଆ କପାଳ, ଉନ୍ନତ ନାସିକା । କେଶତକ କିନ୍ତୁ ସୁଚାରୁରୂପରେ ଚାନ୍ଛି ଦେଉଥିଲେ ଚାରିପଟୁ -କେବଳ ମଧ୍ୟବର୍ତ୍ତୀ ସ୍ଥାନଟି ଛାଡ଼ି । ସେଠି ଶୋଭାପାଉଥିଲା ଶିଖାଗୁଚ୍ଛ । ପରିଧାନ ପରିଷ୍କାର ଧୋତି - ଉର୍ଦ୍ଧ୍ୱାଙ୍ଗ ନିରାଭରଣ । କେବଳ କାନ୍ଧରେ ଝଟକୁଥିଲା ଧୋବ ଫର୍‌ଫର୍ ଚାବିପେଣ୍ଟା ଓହଳା ଯଜ୍ଞୋପବୀତ ।

ବିଦ୍ୟାପ୍ରତି ଥିଲା ଅସମ୍ଭବ ସମ୍ମାନ । ସଉକ୍ ଥିଲା ପୋଥି ଲେଖିବାର । ତାଳପତ୍ର ଉପରେ ଲେଖନୀ ଚାଳନା କରି ଜରାଜୀର୍ଣ୍ଣ ପୁରୁଣା ପୋଥିମାନଙ୍କରୁ ଉତାରୁଥିଲେ ପ୍ରାଚୀନ କାବ୍ୟକବିତା ବା ସଂସ୍କୃତ ଶ୍ଳୋକଃ ମାନ । ଗ୍ରାମମାନଙ୍କରେ ମାର୍ଜାରର ଦାଉରୁ ରକ୍ଷାପାଇବା ପାଇଁ କ୍ଷୀର, ଦହି, ଛେନା, ଇତ୍ୟାଦି ଟଙ୍ଗା ହେଉଥିଲା ଶିକାରେ । ସରୁ ସରୁ ଝୋଟ ଦଉଡ଼ିରେ ବିଭିନ୍ନ ପ୍ରକାରର ଶିକା ବନାଇବାରେ ବୁଢ଼ାବାପା ଥିଲେ ପାରଙ୍ଗମ । ପାରଙ୍ଗମ ଥିଲେ ମୃଦଙ୍ଗ ବଜାଇବାରେ । ଯୁବାବସ୍ଥାରେ ଗ୍ରାମ୍ୟଦେବତା ଗୋପୀନାଥ ଜୀଉଙ୍କର ମନ୍ଦିରରେ ହେଉଥିବା ରାସଲୀଳାରେ, ତାଙ୍କ ମୃଦଙ୍ଗର ଠେକା ଜନମାନସକୁ ମୁଗ୍ଧ କରୁଥିଲା ।

ଆମେ ଗାଁରେ ଥିବା ସମୟରେ ଇ ବୁଢ଼ାବାପାଙ୍କର ମୃତ୍ୟୁ ଘଟିଲା । ଅନେକ ଦିନଧରି ପୀଡ଼ିତ ଥିଲେ କ୍ୟାନ୍‌ସରରେ । ମନେଅଛି- ସେ ଦିନ ତାଙ୍କର ଅବସ୍ଥା ଭଲ ନଥିବାରୁ ପୁରୁଣାଘରେ ଦୁଇଟି ହଳିଆଙ୍କୁ ଜଗୁଆଳି ରୂପେ ସ୍ଥାପିତ କରି ଆମେ ସମସ୍ତେ ଯାଇ ଶୋଇଥିଲୁ ବସାଘରେ । ପିଉସୀ କୁନ୍ତଳାନାନୀ ମୋର ବର୍ଷକର କୁନିଭାଇଟିକୁ କୋଳରେ ଧରି ତାଙ୍କ ସାମ୍‌ନାକୁ ନେଇ କହିଲେ - ବାପା ! ବାପା ! ହେଇଟି ଦେଖ, ବାବୁନନାଙ୍କ ପୁଅ, ତମ ନାତି । ବୁଢ଼ାବାପା କଥା କହିପାରୁନଥିଲେ । ମାତ୍ର ହାତର ଇଙ୍ଗିତରେ ବୁଝାଇଦେଲେ - ଏଡୁଟିରୁ ଏଡ଼େ କରିଥିବା ପୁତ୍ରକୁ ତ ଶେଷ ମୁହୂର୍ତ୍ତରେ ଦେଖିପାରିଲିନି । ନାତିକୁ ଦେଖିଲେ କଅଣ ହେବ ? ଠାରରେ କଥାଟି କହିଲେ ଏବଂ ନିଷ୍ପ୍ରଭ ପେଚୁଆ ଆଖିରୁ ନିଗାଡ଼ି ଆଣିଲେ ଉଷୁମ୍ ଲୁଣିଆ ଲୁହ କେଇଧାର । ତିନିପୁତ୍ରଙ୍କ ଭିତରେ ବୋଲକରା, ବିଦ୍ୱାନ୍ ତଥା ଲଣ୍ଡନ୍‌ରେ ପାଠପଢୁଥିବା ଏଇ ମଧ୍ୟମ ପୁତ୍ରଟି ଥିଲେ ତାଙ୍କର ପ୍ରାଣପ୍ରିୟ ।

ଏବଂ ସେଇ ରାତିରେ ଇ ଶେଷ ନିଃଶ୍ୱାସ ତ୍ୟାଗକଲେ ବୁଢ଼ାବାପା । ଖଣ୍ଡମଣ୍ଡଳର ବଡ଼ ଜମିଦାର । ଶୁଦ୍ଧିକ୍ରିୟା ପାଳିତ ହେଲା ପ୍ରାଚୁର୍ଯ୍ୟଭିତରେ । ଦଶାହ ଦିନ ଗାଁ ମୁଣ୍ଡ କର୍ଦ୍ଦମାକ୍ତ ପୋଖରୀରେ ବୁଡ଼ପକାଇ, ନୂଆଲୁଗା ପିନ୍ଧି ତିଳତର୍ପଣ କଲୁ ବୁଢ଼ାବାପାଙ୍କୁ । ଦେଠେଇ କହିଥିଲେ ବୁଡ଼ ପକାଇଲାବେଳେ ପାଣିଭିତରେ କୁଆଡ଼େ ବୁଢ଼ାବାପାଙ୍କ ମୁହଁ ଦିଶିବ । ଉଦ୍‌ଗ୍ରୀବ ଚିତ୍ତରେ ପାଣିଭିତରେ ଡ଼ୋଳା ମେଲି ବୁଢ଼ାବାପାଙ୍କ ମୁହଁ ଖୋଜିଥିଲି । ସେ ମୁହଁ କିନ୍ତୁ ଦିଶିନଥିଲା । ବିରାଟ ବ୍ରାହ୍ମଣଭୋଜନର ଆୟୋଜନ ହୋଇଥିଲା ଗାଁ ଦାଣ୍ଡରେ । ଭୋଜିଭାତ ସରୁସରୁ ମୁହଁ ସଞ୍ଜ । ଘର ସାମ୍‌ନା ଚଉରାର ପକ୍କା ଚାନ୍ଦିନୀରେ ବସି ପଞ୍ଚଲାଇଟ୍ ଜଳାଇ ଦଦେଇ ପ୍ରତ୍ୟେକ ବ୍ରାହ୍ମଣଙ୍କୁ ଅଧୁଲିଟିଏ ଲେଖାଏଁ ଦକ୍ଷିଣା ଦେଲେ ।

Digitized by srujanika@gmail.com

ଏବଂ ବୁଢ଼ୀମା'ଙ୍କ ହାତରୁ କାଚତକ ଭାଙ୍ଗିଦିଆଗଲା - ମୁଠା ମୁଠା ନେଳିରଙ୍ଗର ପାଣିକାଚ । ବେକରୁ କଢ଼ା ହେଲା ନାଭିଯାଏ ଲମ୍ବିଥିବା ମୋହରମାଳ, ହରଡ଼ଫାଳିଆ ମାଳ ଓ ତିନିସରିଆ ଗୋପ । ନାକ ପୁଡ଼ାରୁ ନୋଥ, ଗୁଣା ଓ ଦଣ୍ଡି । କାନଲତିରୁ ମାଙ୍କେଡ଼ି ଓ ଫାଶିଆମାନ । କୁମ୍ଭଧଡ଼ିଆ କସ୍ତା ଉତାରି ସିଏ ପିନ୍ଧିଲେ ସାଦା ଥାନଲୁଗା ଖଣ୍ଡିଏ । ବୁଢ଼ୀମା ଗୁଣୁଗୁଣୁ କଣ୍ଠରେ ବୁଢ଼ାବାପାଙ୍କୁ ସୁମରି ବାହୁନି ଲାଗିଲେ । ତାଙ୍କ କାନ୍ଦଣାର ଲହରରେ ସବୁ କଥା ବୁଝିହେଲାନି । ଖାଲି ରହି ରହି କାନରେ ବାଜିଲା ଦୁଇଟି ମାତ୍ର ଶବ୍ଦ - ମୋ ରାଜା ! ମୋ ରାଜା !

ଏବଂ କିଏ ଜଣେ ଆସି ବୁଢ଼ୀମା'ଙ୍କ କପାଳରୁ ଲିଭାଇଦେଲା ଦପ୍‌ଦପ୍ ଝଟକୁଥିବା ସିନ୍ଦୂରବିନ୍ଦୁଟି । ସରୁ ତିନିକୋଣିଆ କପାଳରେ ସେ ସିନ୍ଦୂରବିନ୍ଦୁ ତଳର ଜାଗାଟି ଦିଶିଲା ଧୋବଫରଫର । ବର୍ଷ ବର୍ଷ ସିନ୍ଦୂରର ଆସ୍ତରଣ ତଳେ ରହି, ତ୍ୱକ୍ ହରାଇଥିଲା ତା'ର ସ୍ୱାଭାବିକ୍ ରଙ୍ଗ । କାହିଁ କେବେ, କିଶୋରୀ ବୟସରେ ବଧୂ ହୋଇ ଆସିବା ଦିନଠୁ ସେ ସିନ୍ଦୂର ଲିଭିନଥିଲା ଆଦୌ । ସ୍ନାନସମୟରେ, ପଣତକାନିରେ ମୁହଁ ଘଷିଲା ବେଳେ, କପାଳର ସେଇ ସ୍ଥାନଟିକୁ ସନ୍ତର୍ପଣରେ ବାଦ୍‌ଦେଇ ବାକୀତକ ଅଂଶ ଘଷୁଥିଲେ ବୁଢ଼ୀମା । ସ୍ନାନ ସାରି, ନିର୍ମାଲ୍ୟ ପେଡ଼ିରୁ କୁନି ପାରଦଭଠା ଦର୍ପଣଟି କାଢ଼ି ଗତସକାଳର ଦରଲିଭା ବାସୀ ସିନ୍ଦୂର ଉପରେ ପୁଣି ଥରେ ଚିପି ଚିପି ଲଗାଉଥିଲେ ଟକ୍‌ଟକ୍ ଲାଲ୍ ସିନ୍ଦୂରର ଗୁଣ୍ଡ । ସେ ସିନ୍ଦୂରର ଗୁଣ୍ଡ ରେଣୁ ରେଣୁ ହେଇ ଝଡ଼ିପଡୁଥିଲା ଲମ୍ବନାକର ଅଗରେ । ନାକ ଅଗରେ ସିନ୍ଦୂରଗୁଣ୍ଡ ଝଡ଼ିପଡ଼ିଲେ ପତ୍ନୀ କୁଆଡ଼େ ସ୍ୱାମୀ- ସୁହାଗିନୀ ହୁଏ ।

ଲୋକେ କହିଲେ ବୁଢ଼ାବାପା ଆଉ ନାହାନ୍ତି । ଆମ ପାଇଁ କିନ୍ତୁ ମୃତ୍ୟୁପରେ ବି ବଞ୍ଚିରହିଲେ ବୁଢ଼ାବାପା । ବଞ୍ଚିରହିଲେ ବୁଢ଼ୀମା'ଙ୍କ କପାଳମଝିରେ ସୁଉକି ଆକାରର ସଫେଦ୍ ଦାଗଟିଏ ହୋଇ ।

●●●

Digitized by srujanika@gmail.com

# ଚକୋଲେଟ ଓ କୋବିପତ୍ର

ବାପା ଘରେ ଆସି ପହଞ୍ଚିଲେ ଘୋଡ଼ାଗାଡ଼ିରେ । ସେତେବେଳେ କଟକରେ କେବଳ ହାତଟଣା ରିକ୍ସା ଓ ଘୋଡ଼ାଗାଡ଼ି ହିଁ ଥିଲା । କକେଇ ଓ ବୋଉ ଷ୍ଟେସନ ଯାଇଥିଲେ ବାପାଙ୍କୁ ଆଣିବା ପାଇଁ ।

ଦୀର୍ଘ ବ୍ୟବଧାନ ହେତୁ ଶୈଶବର ସ୍ମୃତିପଟରେ ବାପାଙ୍କ ମୁହଁ ପଡ଼ିଆସିଥିଲା ଫିକାଫିକା । ଦାଣ୍ଡପିଣ୍ଡାରେ ବାପାଙ୍କୁ ଅପେକ୍ଷା କରି ଠିଆ ହୋଇଥିଲି । ଆମଘରେ ସଦ୍ୟ ଲାଗିଥିବା ବିଜୁଳିବତୀର ଆଲୁଅରେ ବାପା ଦିଶିଲେ ନୂଆ ନୂଆ, ଅଲଗା । ତକ୍‌ତକ୍ ଗୋରା ଓ ଆଗ ଅପେକ୍ଷା ସ୍ୱାସ୍ଥ୍ୟବାନ୍ ।

ପିନ୍ଧିଥିଲେ ଫିକାନୀଳ ରଙ୍ଗର ଫୁଲସାର୍ଟ ଓ ଗାଢ଼ନୀଳ ରଙ୍ଗର ଫୁଲ୍ ପ୍ୟାଣ୍ଟ । ସେ ପ୍ୟାଣ୍ଟରେ ପୁଣି କୁନି ପିଲାଙ୍କ ପ୍ୟାଣ୍ଟ ପରି ଏଲାଷ୍ଟିକ୍ ଫିତା ଲାଗିଥିଲା । ପିଠିପଟେ ଛକି ପଡ଼ି ସେ ଫିତା ବୁଲିଆସିଥିଲା ସାମ୍ନା ଛାତିଉପରକୁ । ହାତରେ ଧରା ନୀଳରଙ୍ଗର କୋଟ୍, ବାପା ଦାଣ୍ଡପିଣ୍ଡାକୁ ଚଢ଼ି ମୋ କାନ୍ଧରେ ହାତ ପକାଇଲେ । ମୁଁ କଅଣ କହିବି କିଛି ଜାଣିପାରିଲିନି ।

ବାପା ଆସି ବସିଲେ ମଝିଘରେ । ପୁରୁଣା ଆରାମ ଚୌକିଟିରେ ଆଉଜି ଏବଂ ତାଙ୍କର ପ୍ରଥମ ପ୍ରଶ୍ନ ଥିଲା ଜେଜେ ବାପାଙ୍କ ମୃତ୍ୟୁ ସଂପର୍କରେ । ତାଙ୍କର ଅନୁପସ୍ଥିତିରେ ଜେଜେ ବାପାଙ୍କର ଦେହାନ୍ତ ହୋଇଥିଲା । ମୃତ୍ୟୁ ପୂର୍ବରୁ ତାଙ୍କୁ ଜେଜେବାପା ବହୁତ ଖୋଜିଥିଲେ ବୋଲି ବୋଉ କହିଲା ଏବଂ ବାପା ହଠାତ୍ କାନ୍ଦିବାକୁ ଆରମ୍ଭ କଲେ । ଏଡ଼େ ବଡ଼ ମଣିଷଟିକୁ ଓଠ ଫଟାଇ ଅବୋଧ ଶିଶୁପରି କାନ୍ଦିବାର ଦେଖି ଆମକୁ ହସ ମାଡ଼ିଲା ।

ବିଦେଶ ଗଲେ ଲୋକେ କେତେ କଅଣ ଜିନିଷ ଆଣନ୍ତି । ବାପା କିନ୍ତୁ ଆଣିଥିଲେ ଦୁଇଟି ମାତ୍ର ଜିନିଷ । ଗୋଟିଏ ପୁରୁଣା ସାନ ଟାଇପ୍‌ମେସିନ୍ ଓ ଏକ ପ୍ରକାଣ୍ଡକାୟ ପ୍ଲାଷ୍ଟରକାଷ୍ଟ । ପ୍ଲାଷ୍ଟରକାଷ୍ଟଟିର ଗୋଟିଏ ପଟେ ଧାଡ଼ି ଧାଡ଼ି ହୋଇ ଖୋଦିତ ଆକାରରେ କଅଣ ସବୁ ଲେଖା ହୋଇଥିଲା । ଆମ୍ଭେମାନେ ଚେଷ୍ଟାକରି ବି ସେ ଅକ୍ଷର କିଛି ପଢ଼ିପାରିଲୁନି ।

ଆମେ ଆଗରୁ କେବେ ଟାଇପ୍ ମେସିନ୍ ଦେଖିନଥିଲୁ । ବାପା କହିଲେ ଲଣ୍ଡନ୍ ଯିବାପରେ ପରେ ସିଏ ସର୍ବପ୍ରଥମେ ଏ ଟାଇପ୍ ମେସିନ୍‌ଟି କିଣିଥିଲେ ଓ ନିଜେ ନିଜେ ଟାଇପ୍ କରିବା ଶିଖିଯାଇଥିଲେ । ତାଙ୍କର ପି.ଏଚ୍.ଡ଼ି ନିବନ୍ଧର ଅନ୍ତିମ ଖସଡ଼ାଟି ସିଏ ଏଇଥିରେ ଟାଇପ୍ କରିଥିଲେ ମଧ୍ୟ । ଚକ୍ ଚକ୍ କଳାରଙ୍ଗର ମେସିନ୍ ତଥା ତା' ଉପରେ ଖଞ୍ଜା ହୋଇଥିବା ଇଂରାଜୀ ବର୍ଣ୍ଣମାଳାର ଅକ୍ଷରଗୁଡ଼ିକୁ ଆମେ କୌତୁହଳୀ ଆଖିରେ କିଛି ସମୟ ଚାହିଁ ରହିଲୁ । ଆମର କୌଣସି କାମରେ ଆସିବନି ଜାଣି ଅତିଶୀଘ୍ର ତା' ପ୍ରତି ବୀତସ୍ପୃହ ହୋଇଉଠିଲୁ ମଧ୍ୟ ।

Digitized by srujanika@gmail.com

ବାପା ଆଣିଥିବା ପ୍ଲାଷ୍ଟରକାଷ୍ଟଟି ଥିଲା ଅତିଶୟ ଓଜନଦାର ଓ ଆକାରରେ ବୃହତ୍ । ଗୋଟିଏ ବିରାଟକାୟ ଶ୍ୱେତମାର୍ବଲର ଖଣ୍ଡ ପରି । ବାପା କହିଲେ ଭୁବନେଶ୍ୱର ଅନନ୍ତବାସୁଦେବ ମନ୍ଦିରର ଏକ ମହତ୍ତ୍ୱପୂର୍ଣ୍ଣ ଐତିହାସିକ ଶିଳାଲେଖ ବିଦେଶରେ ରହିଯାଇଛି । ସିଏ ନିଜଚେଷ୍ଟାରେ ଏବଂ ଅକ୍ଳାନ୍ତ ପରିଶ୍ରମକରି ବ୍ରିଟିଶ ମ୍ୟୁଜିୟମ୍ ଜରିଆରେ ରୟାଲ୍ ଏସିଆଟିକ୍ ସୋସାଇଟିରୁ ତାହାର ପ୍ଲାଷ୍ଟରକାଷ୍ଟ କରି ନିଜ ଦେଶକୁ ନେଇ ଆସିଛନ୍ତି । ତାହା ସେ ମ୍ୟୁଜିୟମ୍‌କୁ ଦାନ କରିଦେବେ ଏବଂ ପ୍ରଥମଥର ପାଇଁ ଏ ଦେଶର ଲୋକ ସେ ଶିଳାଲେଖକୁ ପଢ଼ିପାରିବେ ଓ ଦେଖିପାରିବେ । ସିଏ ନିଜେ ସେ ଶିଳାଲେଖର ପାଠୋଦ୍ଧାର କରିଛନ୍ତି ବୋଲି କହିଲେ ମଧ । ଆମେ ବାପାଙ୍କର ଅଧାକଥା ବୁଝିପାରିଲୁନି । ତେବେ ଆମକୁ ପ୍ଲାଷ୍ଟରକାଷ୍ଟଟି ବେକାରିଆ ମନେହେଲା । ଅନେକ ସମୟ ଧରି ତାକୁ ନିରେଖି ଚାହିଁଲେ ମଧ ଅମୂଲ୍ୟରତ୍ନ ପରି କାହିଁକି ଯେ ବାପା ଏତେ କଷ୍ଟକରି ଯାକୁ ବୋହି ବୋହି ଆଣିଛନ୍ତି ହୃଦୟଙ୍ଗମ କରିପାରିଲୁନି । କେବଳ ଏତିକି ବୁଝିଲୁ, ଆମ ବାପା ଅନ୍ୟମାନଙ୍କଠୁ ଟିକିଏ ଅଲଗା । ନହେଲେ ଭଲ ଜିନିଷଟିଏ ନ ଆଣି, କେଉଁ ଯୁଗର ଏକ ପଥର ଲେଖାର ପ୍ରତିଚ୍ଛବି କିଏ ଏତିକି ହଇରାଣ ହୋଇ ଜାହାଜରେ ବୋହି ବୋହି ଲଣ୍ଡନରୁ ଓଡ଼ିଶା ପର୍ଯ୍ୟନ୍ତ ଆଣେ ?

ଆଉ ତା'ପରେ ବାପା ତାଙ୍କର ବିରାଟକାୟ ଟ୍ରଙ୍କ ଦୁଇଟି ଖୋଲିବାକୁ ଲାଗିଲେ । ଚାରିପଟେ ରୁଣ୍ଡ ହୋଇ ଆମେ ଅବାକ୍ ଆଖିରେ ଚାହିଁ ରହିଲୁ ଟ୍ରଙ୍କ ଭିତରକୁ । ଟ୍ରଙ୍କ ଭିତରୁ କେବଳ ବାହାରିଲା ସୁଟ୍‌ମାନ । ଭଳି ଭଳି କନାର ଗରମ ସୁଟ୍- ନେଳି, କଳା, ଗାରଗାର । ଏକା ରଙ୍ଗର ଫୁଲପ୍ୟାଣ୍ଟ, କୋଟ୍ ଓ କୋଟ୍ ତଳେ ପିନ୍ଧିବାପାଇଁ ହାତକଟା ସାନ ଫତେଇପରି ପୋଷାକଟିଏ ।

-ବାପା ! ତମର ଏତେ ସୁଟ୍ ! ଏ ଗରମ କନା ସବୁ ପିନ୍ଧ କେମିତି ? ଝାଳ ବୁହେନି ?

- ସେ ଦେଶରେ ବହୁତ ଶୀତ । ଗରମ ସୁଟ ପିନ୍ଧିବା ଦରକାରୀ ହୋଇପଡ଼େ । ଶୀତଦିନେ ବାହାରକୁ ବାହାରିଲେ ଯା'ଉପରେ ଲମ୍ବା ଓଭରକୋଟ୍‌ଟିଏ ମଧ ପିନ୍ଧିବାକୁ ପଡ଼େ ।

-ଦେଖି ଦେଖି, କେମିତିଆ ତମ ଓଭରକୋଟ୍ ? ଆମେ ଟ୍ରଙ୍କ ଭିତର ଆଡ଼କୁ ଉହୁଙ୍କି ପଡ଼ିଲୁ ।

-ଓଭରକୋଟ୍‌ଟି ମୁଁ ଆଣିନି । ମୋର ସେଠାର ଜଣେ ଭାରତୀୟ ବନ୍ଧୁ ଶ୍ରୀ ମିହିର ସେନ୍‌ଙ୍କୁ ଦେଇଆସିଛି । ଏଠି ତାହା କୌଣସି କାମରେ ଲାଗିନଥାନ୍ତା । ବାପା ଉତ୍ତର ଦେଲେ । ମିହିର ସେନ୍ କିଏ ଆମେ ଜାଣିନଥିଲୁ ଏବଂ ତାଙ୍କ ସଂପର୍କରେ ଅଧିକା କିଛି ପ୍ରଶ୍ନ ପଚାରିବାପାଇଁ ସ୍ୱଭାବତଃ ଆମେ ଥିଲୁ ଅନାଗ୍ରହୀ ।

ଏବଂ ତା'ପରେ ବାପା ବାହାରକଲେ ସୁଟ୍ ତଳେ ଥାକମାରି ରଖାହୋଇଥିବା ଚକୋଲେଟମାନ । ରଙ୍ଗ ବେରଙ୍ଗୀ ଚକ୍‌ଚକ୍ ଜରିକାଗଜରେ ମୋଡ଼ା । ବିଭିନ୍ନ ସ୍ୱାଦର । ବିଭିନ୍ନ ଆକାରର । କାହା ଭିତରେ କୁଡ଼୍‌ମୁଡ଼ିଆ ପେସ୍ତାବାଦାମଟିଏ ତ କାହାଭିତରେ ଅଧଚାମଚେ

Digitized by srujanika@gmail.com

ହବ କ୍ରିମ୍ । କିଏ କମଳାଲେମ୍ବୁ ପରି ବାସୁଥିଲା ତ କିଏ ବହଳିଆ କ୍ଷୀର ସର ପରି । ଆମ ମୁଠାଭିତର ଗରମରେ ତରଳି ସେ ଚକୋଲେଟ ସବୁ ଚିକିଟା କାଦୁଅ ପରି ଲାଖିରହିଲା ପାପୁଲିରେ । ଘର ଭର୍ତ୍ତି ହୋଇଗଲା ଚକୋଲେଟ ବାସ୍ନାରେ । ଆମେ କହିଲୁ 'ବିଲାଏତ୍ ବାସ୍ନା' ।

ଏବଂ ଆମ ବାପା ଆଦୌ ବଦଳିନଥିଲେ । ଜମା ରାଗୁନଥିଲେ ଆମଉପରେ ଏବଂ ଲଣ୍ଡନ୍ ସଂପର୍କୀୟ ଆମର ଅଜସ୍ର ପ୍ରଶ୍ନବାଣର ଉତ୍ତର ଦେଉଥିଲେ ହସି ହସି, ଧୀର ସ୍ୱରରେ ।

-ବାପା, ତମେ ସାହେବମାନଙ୍କ ସାଥିରେ ରହି ଏକ୍‌ଦମ୍ ଗୋରା ହୋଇଯାଇଛ । ଦିନେ ମୁଁ କହିଲି ।

ବାପା କହିଲେ ଲଣ୍ଡନ୍ ଶୀତପ୍ରଧାନ ଦେଶ । ଖରାର ତେଜ କମ୍ ଥିବାରୁ ଦେହର ଚମଡ଼ା ବହୁତ ବେଶୀ କଳା ପଡ଼େନି ।

-ସେଠି କ'ଣ ଖରାଦିନ ନାହିଁ ?

- ଆମର ଏଠି ଯେମିତି ଉଜ୍ଜ୍ୱଳ ଖରା, ସେମିତି ନାହିଁ । ପ୍ରାୟ ଦିନ ମେଘୁଆ କିମ୍ବା ଝିପିଝିପି ବର୍ଷା । ଯେତେବେଳେ ଟିକିଏ ଖରାପଡ଼େ, ଲୋକମାନେ ବହୁତ ଖୁସି ହୁଅନ୍ତି । ନରମ, ସୁନେଲୀ ଖରାରେ ବାପା ମା'ମାନେ ପିଲାମାନଙ୍କୁ ନେଇ ପାର୍କକୁ ବୁଲିବାକୁ ଯାଆନ୍ତି । ସେଠାର ପିଲାମାନେ ଭାରି କୌତୁକିଆ । ଦେବ ଶିଶୁପରି । ମୁଁ ଯେତେବେଳେ ସେମାନଙ୍କୁ ଦେଖେ, ତୁମମାନଙ୍କ କଥା ମନେପଡ଼େ । ବାପା କହିଲେ ଏବଂ ଆମେସବୁ ଲଣ୍ଡନ୍ ପ୍ରତି ଇର୍ଷାନ୍ୱିତ ହୋଇପଡ଼ିଲୁ । ନା ଆମ ସହରରେ ଫୁଲଗଛ ଭର୍ତ୍ତି ସବୁଜ ଘାସଜମିର ପାର୍କଟିଏ ଥିଲା ନା ଏଠି କେବେ ଦେଖିବାକୁ ମିଳୁଥିଲା ସୁନେଲୀ ରଙ୍ଗର ନରମ ନରମ ଖରା ।

-ଆଚ୍ଛା ବାପା, ସେଠି ଭିକାରୀ ଅଛନ୍ତି ? ଆମେ ପଚାରିଲୁ । ଆମ ଘରେ ପ୍ରତ୍ୟେକ ଦିନ ଭିକାରୀମାନଙ୍କର ସୁଅ ଲାଗିରହିଥିଲା ଓ ସେମାନଙ୍କ ଦାଉରେ ଆମେ ବ୍ୟତିବ୍ୟସ୍ତ ହୋଇପଡୁଥିଲୁ । ଚାଉଳ ବସ୍ତାରେ ପଡ଼ିଥିବା କୁନି ନାଲିରଙ୍ଗର ବେତଟୋପିରେ ସମସ୍ତଙ୍କୁ ଟୋପିଏ ଲେଖାଏଁ ଚାଉଳ ଭିକ ଦେଉଥିଲୁ ।

-ମୋ' ରହଣୀକାଳ ଭିତରେ ମୁଁ ଅନ୍ତତଃ ଦେଖିନି । ଦିନଟିଏ ସାନ୍ଧ୍ୟଭ୍ରମଣରେ ଯିବାସମୟରେ ଜଣେ ବ୍ୟକ୍ତି ମୋତେ କିଛି ଆର୍ଥିକ ସାହାଯ୍ୟ ମାଗିଥିଲେ ଓ ମୋ ପକେଟ୍‌ରେ ଥିବା କିଛିମୁଦ୍ରା ମୁଁ ତାଙ୍କୁ ଦେଇଦେଇଥିଲି ।

-ସେ ଲୋକଟି କ'ଣ ପିନ୍ଧିଥିଲା ?

-ତୁମମାନଙ୍କୁ ତ କହିଛି ଲଣ୍ଡନ୍ ଶୀତପ୍ରଧାନ ଦେଶ ବୋଲି । ସିଏ ପୁରୁଣା ସୁଟ୍‌ଟିଏ ପିନ୍ଧିଥିଲେ । ବାପା ଉତ୍ତରଦେଲେ ଏବଂ ବାପାଙ୍କ ଉତ୍ତରରେ ଆମେ ସବୁ ହତଚକିତ ହୋଇପଡିଲୁ । ଇସ୍ ! ଭିକାରୀ ପୁଣି ପିନ୍ଧିଥିଲା ସୁଟ୍ । ଆମଘରକୁ ଆସୁଥିବା ଭିକାରୀମାନେ ଛିଣ୍ଡା ମଇଳା କନା ଖଣ୍ଡେ ଖଣ୍ଡେ ଗୁଡ଼ାଇ ହୋଇଥାଆନ୍ତି ମାତ୍ର । ମନେହେଲା ସ୍ୱର୍ଗର ଅନ୍ୟନାମ ଲଣ୍ଡନ୍ ।

Digitized by srujanika@gmail.com

କିନ୍ତୁ ସ୍ୱର୍ଗ ସୁଖ ଭୋଗକରୁଥିବା ଲଣ୍ଡନ୍‌ବାସୀମାନଙ୍କ ପ୍ରତି ଥିବା ଆମର ତୀବ୍ର ଶ୍ରଦ୍ଧା ଓ ଆକର୍ଷଣ ବିଲୁପ୍ତ ହେବାପାଇଁ ବେଶୀ ସମୟ ଲାଗିନଥିଲା । ସେଦିନ ରାତିରେ ଭାତ ଖାଇଲାବେଳେ ବାପାଙ୍କୁ ପଚାରିଲୁ- ବାପା, ତମେ ସେଠି ଭାତ ଖାଉଥିଲ ?

-ନା, ନା, ସେଠାଲୋକେ ଭାତ ଖାଆନ୍ତିନି । ସେଠାକାର ଜଳବାୟୁ ଧାନଚାଷ ପାଇଁ ଉପଯୋଗୀ ନୁହେଁ ।

-ତା ହେଲେ ତମେ କଅଣ ଖାଉଥିଲ ? ତମେ ତ ମାଛ ମାଂସ ବି ଖାଅନି । ଆମେ ଆଶ୍ଚର୍ଯ୍ୟ ହୋଇ ପଚାରିଲୁ ।

-କେତେ ଜିନିଷ ! ପାଉଁରୁଟି, ଲହୁଣୀ, ଜାମ୍, ଫଳରସ, ଟମାଟୋ ରସ, କ୍ଷୀର, ଦହି, ଛେନା, ବିସ୍କୁଟ୍, ଫଳମୂଳ, ପନିପରିବା, ସାଲାଡ୍ । ଅନେକ ଖାଇବା ଜିନିଷ ସେ ଦେଶରେ ଏବଂ ସେମାନଙ୍କର ଖାଦ୍ୟ ଆମଖାଦ୍ୟ ଅପେକ୍ଷା ବେଶୀ ପୁଷ୍ଟିକର । ସେମାନେ ତମବୋଉଙ୍କ ପରି ଏତେ ଲଙ୍କା ପକାନ୍ତି ନି ତରକାରୀରେ । ବାପା ବୋଉ ଆଡ଼କୁ ଅନାଇଁ ମୃଦୁହସି କହିଲେ ଓ ବୋଉର ମୁହଁ ରାଗ ତମ୍ ତମ୍ ହେଲା । ଆମେ ଜାଣିଥିଲୁ ବାପା ଲଙ୍କା ଏବଂ ପିଆଜ, ରସୁଣ ପସନ୍ଦ କରୁନଥିଲେ ବୋଲି ।

ତେବେ ବାପା ଦେଇଥିବା ଭୋଜ୍ୟ ବସ୍ତୁର ତାଲିକା ଭିତରୁ ଗୋଟିଏ ଶବ୍ଦର ଅର୍ଥ ଆମେ ବୁଝିପାରିଲୁନି - ସାଲାଡ୍ । ବାପା କହିଲେ ଏହା ବିଭିନ୍ନ କଞ୍ଚାପରିବା- ବିଲାତିବାଇଗଣ, ବିନ୍, ଗାଜର, କାକୁଡ଼ି, ଧନିଆପତ୍ର, ବନ୍ଧାକୋବି ପତ୍ର ଇତ୍ୟାଦିର ମିଶ୍ରଣ ।

ଆମ ବୋଉ ଯା' ପୂର୍ବରୁ କେବଳ କାକୁଡ଼ି ବ୍ୟତୀତ ଅନ୍ୟ କୌଣସି କଞ୍ଚାପରିବା କେବେହେଲେ ଆମକୁ ଖାଇବାକୁ ଦେଇନଥିଲା ଏବଂ କଞ୍ଚାବନ୍ଧାକୋବି ପତ୍ରକୁ ଚୋବାଇ ଖାଇବା ଆମକୁ ମନେହେଲା ବର୍ବରତାର ଚରମ ନିଦର୍ଶନ ପରି । ଆମ ଘରପାଖ ସବ୍‌ଜିମଣ୍ଡିରେ ଦୋକାନବାହାରେ ଫିଙ୍ଗା ହୋଇଥିବା କୋବିପତ୍ର କେବଳ ଷଣ୍ଢମାନେ ଇ ଚୋବାଇ ଖାଉଥିଲେ ।

-ବନ୍ଧାକୋବି ପତ୍ର ? ଛି । ମୋତେ ପଇସା ଦେଲେ ବି ମୁଁ ବନ୍ଧାକୋବି ପତ୍ର ଖାଇବିନି । ଛି । ତାକୁ ତ ଖାଲି ଗାଈ ଖାଆନ୍ତି । ମୁଁ କହିଲି ।

-ନା, ନା ଏତେ କିଛି ଖରାପ ଲାଗେନି । ବିଭିନ୍ନ ପ୍ରକାର ସସ୍ ଓ ଭିନିଗାର ଗୋଳାଇ ଖାଇବାକୁ ପଡ଼େ । ସ୍ୱାସ୍ଥ୍ୟପାଇଁ ବହୁତ ହିତକାରୀ । ବାପା କହିଲେ ।

ଆମେ କିନ୍ତୁ ଜୀବନରେ ପ୍ରଥମଥର ପାଇଁ ବାପାଙ୍କର କଥାକୁ ଅବିଶ୍ୱାସ କଲୁ ଏବଂ ବନ୍ଧାକୋବି ପତ୍ର ଖାଉଥିବା ଲଣ୍ଡନ୍‌ବାସୀ ସାହେବମାନେ ସେମାନଙ୍କର ଗୋରାଚମଡ଼ା, ଦେବଶିଶୁ ପରି ପିଲା, ନରମ ସୁନେଲୀ ଖରା, ଲତାବିତାନ ଘେରା ପାର୍କ ଓ ସୁଟ୍‌ପିନ୍ଧା ଭିକ୍ଷୁକମାନଙ୍କ ସତ୍ତ୍ୱେ ଆମର ସମସ୍ତ ଶ୍ରଦ୍ଧା ଓ ସମ୍ମାନ ହରାଇ ବସିଲେ ଚିରଦିନ ପାଇଁ ।

●●●

Digitized by srujanika@gmail.com

# ଭିନ୍ନ ସ୍ୱାଦ

ସେତେବେଳେ-ଆଜିଠୁ ଅର୍ଦ୍ଧଶତାବ୍ଦୀ ଆଗେ- ଫାଇଭ୍‌ଷ୍ଟାର, ପେପ୍‌ସିକୋଲା ବା ଅଙ୍କଲ୍‌ଚିପ୍‌ସ ନଥିଲା । ଥିଲା ମୋଟାଳିଆ କାଚର ଗାଢ଼ସବୁଜ ରଙ୍ଗର ବୋତଲରେ, କାର୍ବନ ଡ଼ାଇ ଅକ୍ସାଇଡ଼ ମିଶା ଖଟା ମିଠା ସ୍ୱାଦର ଲେମୋନେଡ୍‌ ଓ ଶାଗୁଆ ଓ ନାରଙ୍ଗୀରଙ୍ଗର ଯଥାକ୍ରମେ ପୋଦିନା ଓ  କମଳା ଲେମ୍ବୁ ବାସ୍ନା ବାହାରୁଥିବା, ସାନ ସାନ କୁଡୁମୁଡ଼ିଆ ଲଜେନ୍ସ । ପୋଦିନା ମିଠେଇଟି ଥିଲା ଗୋଲାକାର ଆଉ କମଳା ମିଠେଇଟି ଥିଲା କମଳା କୋଳା ଆକୃତିର । କି ଖୁସିରେ ଖାଉଥିଲୁ ତାକୁ !

ସାରାଦିନ - ପ୍ରାୟ ବର୍ଷଯାକ-କଲୋନୀକୁ ଆସୁଥିଲେ ଭଳିଭଳି ଫେରିବାଲା । ବିଭିନ୍ନ ଖାଇବା ଜିନିଷ ଧରି ।

ଖରାଦିନେ ହଳଦିଆ ଚକଲଗା କାଠବାକ୍ସଟିଏ ଧରି ଆସୁଥିଲା ଆଇସ୍‌କ୍ରିମ୍‌ ବାଲା । ବାକ୍ସଉପରେ ବଡ଼ ବଡ଼ ନାଲି ଅକ୍ଷରରେ ଲେଖା 'ଆଇସ୍‌ କ୍ରିମ୍‌' । ଆଉ ଭିତରେ ଥିଲା ଗୋଲାପିରଙ୍ଗର ସାନ ସାନ ଲମ୍ବାଳିଆ କାଠିଲଗା ଆଇସ୍‌କ୍ରିମ୍‌ର ଥାକ । କାଠିଟି ଧରି ଚାଟି ଚାଟି ଆଇସ୍‌କ୍ରିମ୍‌ ଖାଉଥିଲୁ । ବରଫପାଣି ତରଳି କହୁଣୀଦେଇ ବହି ଯାଉଥିଲା ଥପ୍‌ ଥପ୍‌ ହୋଇ । କିଛି ସମୟ ଶୋଷାଡ଼ି ସାରିଲା ପରେ ସିରପ୍‌ ପାଣି ତକ ଶେଷ ହୋଇ ହାତରେ ରହିଯାଉଥିଲା ବିବର୍ଣ୍ଣ, ସାଦାରଙ୍ଗର ବରଫ ଟୁକୁଡ଼ାଟିଏ ।

ଖରାଦିନେ ଆସୁଥିଲା ବରଫବାଲା ମଧ୍ୟ । ଆମେ ଡ଼ାକୁଥିଲୁ 'ଉଆଁବାଲା' । ତା' ଠେଲାଗାଡ଼ିରେ ଖଞ୍ଜା ହୋଇଥିବା ସାଇରେନ୍‌ର 'ଉଆଁଉ' ଶବ୍ଦ ଭାଙ୍ଗି ଦେଉଥିଲା ଜ୍ୟେଷ୍ଠ ଦ୍ୱିପ୍ରହରରେ ଘମାଘୋଟିଆ ପଖାଳଖିଆ ନିଦ । ମୁଣ୍ଡଫଟା ଖରାରେ ଦୌଡ଼ିକି ଆସୁଥିଲୁ ବାହାରକୁ । ଚକ୍ଷୁ ଗୁଣ୍ଡ ଭିତରେ ସଯତ୍ନେ ସାଇତା ବରଫ ଟୁକ୍‌ଡ଼ାଟିଏ କାଢ଼ି ଗାଡ଼ିରେ ଲାଗିଥିବା ଦାନ୍ତି କୋରଣାରେ କୋରି, ତାଳପତ୍ର ଚାମଚଟିଏ ତହିଁରେ ଗେଞ୍ଜି ଆମହାତକୁ ବଢ଼ାଇ ଦେଉଥିଲା ଲୋକଟି । ଠେଲାଗାଡ଼ି ଉପରେ ସଜ୍ଜିତ, ଧାଡ଼ି ଧାଡ଼ି ନାଲି, ନେଳି, ହଳଦିଆ ସିରପ୍‌ ବୋତଲରୁ ବୁନ୍ଦା ବୁନ୍ଦା ସିରପ୍‌ ଢ଼ାଳିଦେଉଥିଲା ଗୁଣ୍ଡବରଫ ଉପରେ ।  କି ରଙ୍ଗଦାର୍‌ ଥିଲା ସେ ସବୁ ସିରପ୍‌ । ଶାଳୁଆପତ୍ରର ବରଫଗୁଣ୍ଡ ଉପରେ ସତେ ଯେମିତି ନଇଁ ଆସୁଥିଲା ଟୁକ୍‌ଡ଼ାଏ ଆକାଶର ଇନ୍ଦ୍ରଧନୁ ।

ସବୁଠୁ ମଜେଦାର୍‌ ଥିଲା 'ବାରମଜା' ବାଲା । ଲୋକଟି ଥିଲା ତୁରନ୍ତ କବି । ବେଶ୍‌ ରସରସିଆ ଗୀତଟିଏ ଲେଖିଥିଲା ବାରମଜାର ଗୁଣକୀର୍ତ୍ତନ କରି - କିଭଳି ବୁଢ଼ାମାନେ ଏହାକୁ ଖାଇଲେ ଦାନ୍ତ ଟାଣୁଆ ହୋଇଯାଇ ଟୋକା ହୋଇଯିବେ ଓ ଟୋକାମାନେ ଏହାକୁ ଖାଇଲେ କିପରି ଦିଲ୍‌ଖୁସ୍‌ ଓ ମନ୍‌ମୌଜୀ ହୋଇଯିବେ ଇତ୍ୟାଦି ଇତ୍ୟାଦି । ଲୋକଟିର

Digitized by srujanika@gmail.com

ଗଳାଟି ଥିଲା ସୁରେଲା - ଗୀତଟି ଗାଉଥିଲା ଚମତ୍କାର ଆଉ ସେ ଗୀତର ସ୍ୱରଲହରୀ ଶୁଭୁଥିଲା ମାଇଲିଏ ପର୍ଯ୍ୟନ୍ତ । ଲୋକଟି କିନ୍ତୁ ଥିଲା ବେଶ୍ ଚତୁର ଓ ଠକ । ଖବର କାଗଜ ଟୁକୁଡ଼ାରେ ଖିଲିଟିଏ ବନାଉଥିଲା ମୁଠୁଣିଏ ଲମ୍ବର- ଚଟାପଟ୍ । କିନ୍ତୁ ସେ ଖିଲର ଅଗ୍ରଭାଗଟି ଏତେ ସଂକୀର୍ଣ୍ଣ ଥିଲା ଯେ ବାରମଜା ତହିଁରେ ପଶୁନଥିଲା ଓ ସେ ସ୍ଥାନଟି ଖାଲି ରହୁଥିଲା ।

ସାରାବର୍ଷ - କି ଖରା କି ବର୍ଷା- ନିୟମିତ ଭାବରେ ଆସୁଥିଲା ଆଳୁଚପ୍ ବାଲା, କାନ୍ଧରେ ବାଉଁଶବତାର ଭାରଟିଏ ଓହଳାଇ । ଭାରର ଦି ପଟେ ଝୋଟ ତିଆରି ଦୁଇଟି ବଡ଼ ବଡ଼ ଶିକା । ଉପରେ ବଡ଼ରୁ ସାନ କ୍ରମାନ୍ୱୟରେ ଗୋଟିକ ଉପରେ ଗୋଟିଏ ରଖା ଚକ୍‌ଚକ୍ ଆଲୁମିନିୟମ୍‌ର ଡ଼େକ୍‌ଚିମାନ । ଆଉ ଡ଼େକ୍‌ଚି ଭିତରେ ଆଳୁଚପ୍, ପିଆଜି, ବିରିବରା, ଲବଙ୍ଗଲତା, ଛେନାଗଜା ଓ ରସାବଳୀ । ଆମେ କିନ୍ତୁ ସବୁଠୁ ବେଶୀ ଭଲପାଉଥିଲୁ ଦହିବରା ବାଲାଟିକୁ । ହସ୍‌କୁରା, ବାକ୍‌ପଟୁ ତରୁଣଟି ଆସୁଥିଲା ସାଇକେଲ୍ କାରିୟର୍‌ରେ ତଥା ସାମ୍‌ନାରଡ଼ରେ ଦହିବରା ଓ ଆଳୁଦମ୍‌ର ପେଟୁଆ ଡେକ୍‌ଚି ଦୁଇଟି ଓହଳାଇ । କୁନି କୁନି ଚେପ୍‌ଟା ଦହିବରା ବୁଡ଼ିରହିଥିଲା ନିପଟ ପାଣିଚିଆ ଖଟାଳିଆ ଦହିଭିତରେ । ଉପରେ ଛିଞ୍ଚା ହୋଇଥିଲା ପ୍ରଚୁର ପରିମାଣରେ ଜିରାଗୁଣ୍ଡ ଓ ଲଙ୍କାଗୁଣ୍ଡ । ବରାଖାଇସାରି ଜିରାବାସ୍ନାର ଖଟାଳିଆ ପାଣି ଯେତେ ଇଛା ମାଗି ପିଉଥିଲୁ । ଆଉ ସବା ଶେଷକୁ ଖାଉଥିଲୁ ଗୋଲ୍ ଆଳୁର ତେଲ ଜୁକୁଜୁକୁ ମସଲାଦାର୍ ଆଳୁ ଦମ୍ । ସ୍ୱାଦଟି ତା'ର ଥିଲା ଅନବଦ୍ୟ ।

ବଡ଼ କାଚ ଡବାଟିରେ ଗୋଲାପି ତୁଳା ମିଠେଇ ଆଣୁଥିଲା ଆଉ ଗୋଟିଏ ଲୋକ । ସ୍ପଞ୍ଜପରି ଗୋଲାକାର ହାଲ୍‌କା ଫୁଲ୍‌କା ମିଠେଇ । ଚିପିଦେଲେ ହୋଇଯାଉଥିଲା ଟାଣୁଆ ପିଙ୍ଗ୍ ପଙ୍ଗ୍ ବଲ୍‌ଟିଏ ପରି । ଆଉ ଆସୁଥିଲା କାଠିଲଗା ଲଲିପପ୍ ଓ ବଡ଼ବଡ଼ ପଦ୍ମପତ୍ର ପରି ରାଗୁଆ ଗୋଲ ମରିଚ ବାସ୍ନାର ପାମ୍ପଡ଼ଭଜା । ସଞ୍ଜବେଳେ ଟିଣବାକ୍ସଟିଏ ମୁଣ୍ଡାଇ ଆସୁଥିଲା ନାନ୍‌ଖଟାଇବାଲା । ହଳଦିଆ ମୁସ୍‌ମୁସିଆ ନାନ୍‌ଖଟାଇ ମଝିରେ ନାଲି ଟୁକ୍‌ଟୁକ୍ କିସ୍‌ମିସ୍‌ଟିଏ ଖଞ୍ଜା । ସାଥିରେ ଆଣୁଥିଲା କୁଡ୍‌ମୁଡ଼ିଆ ନଡ଼ିଆ ବିସ୍କୁଟ୍ ଓ କାଗଜରେ ମୋଡ଼ା ହୋଇ ବେକ୍ ହୋଇଥିବା ଆଇସିଂ ସୁଗାର ବୋଳା ଓ ଖାଇବା ସୋଡ଼ା ଗନ୍ଧ ମିଶା ଛୋଟ ଛୋଟ ସବୁଜ ରଙ୍ଗର କେକ୍ ।

ସୁନ୍‌ପାମ୍ପଡ଼ିବାଲା ଆସୁଥିଲା ମୁଣ୍ଡରେ ପାଗଭିଡ଼ି ଓ କାଖତଳେ ତିନିକୋଣିଆ ଷ୍ଟାଣ୍ଡଟିଏ ଜାକି । ଆମେ ଡାକିଲେ ଷ୍ଟାଣ୍ଡଉପରେ ମୁଣ୍ଡରେ ବୋହିଥିବା ଡବାଟି ରଖି, ସାନ ସାନ ଚଉଖୁଣ୍ଟିଆ ଖବର କାଗଜ ଟୁକୁଡ଼ାରେ କାଢ଼ି ଦେଉଥିଲା ସରୁସରୁ ହଳଦିଆ ଛୁଇଁପରି ପୋଷେ ହବ ସୁନ୍‌ପାମ୍ପଡ଼ି । ଆଉ ଦାଢ଼ିଆ ଫେରିବାଲାଟି ଆସୁଥିଲା ଗୋଲାପି ରଙ୍ଗର ମେଞ୍ଚାଟିଏ ମିଠା ଓ ଅଠାଳିଆ ପଦାର୍ଥ ଧରି । ତହିଁରୁ ଟିକିଏ ହାତରେ ଟାଣି ତିଆରି କରିଦେଉଥିଲା କଣ୍ଢେଇ, ସାଇକେଲ୍, ମଟରଗାଡ଼ି ଓ ଅନ୍ୟାନ୍ୟ ସବୁ ଖେଳଣା । ଚାଟି ଚାଟି

Digitized by srujanika@gmail.com

ସେ ଖେଳଣାକୁ ଖାଉଥିଲୁ ଆମେ । କ୍ରସ୍‌ରେ ଭରାଦେଇ, ଡ଼ାହାଣ ଗୋଡ଼ନଥିବା ବୃଦ୍ଧ ଲୋକଟି ଆସୁଥିଲା ରବିବାରକୁ ରବିବାର- ବାଁ ହାତରେ ବୃହଦାକାର ପେଡ଼ା ହାଣ୍ଡିଟି ଝୁଲାଇ ।

ଆସୁଥିଲା ପିଆଜ ଓ କାଗେଜିଲେମ୍ବୁ ରସମିଶା ବୁଟସିଝା, ମସଲାଦାର୍ ଚିନାବାଦାମ୍ ଓ ବାଲିଭଜା ଟଵ୍‌କା ଚଣାର ଚାଟ୍ । ଆସୁଥିଲା ଖଣ୍ଡଘୋଡ଼ା, ମନୋହର ଓ ବସାଦହି । ପୁଣ୍ୟପର୍ବ ଦିନ ଦଳଦଳ ଲୋକ ଆସୁଥିଲେ- ରାଶିଲଡୁ, ଚୂଡ଼ାମୁଆଁ ଓ ନଡ଼ିଆପାତି ସରସର ଖଇ ଉଖୁଡ଼ା ଧରି । ଋତୁ ଅନୁଯାୟୀ ଫଳ ମୂଳ ବି ଆସୁଥିଲା ପ୍ରଚୁର । ଖରାଦିନେ ଆସୁଥିଲା ନରମ୍, ପାଣିଭରା ତାଳସଜ । ଆଙ୍ଗୁଠିରେ କଣାକରି ପାଣିତକ ପିଇଦେଉଥିଲୁ ଆଗ । ତା'ପରେ ଚୋପାଛଡ଼ାଇ ଖଣ୍ଡ ଖଣ୍ଡ କରି କାମୁଡ଼ି ଖାଉଥିଲୁ ତାଳସଜର ସଫେଦ୍ ଥଣ୍ଡାଳିଆ ସସ । ଶୀତଦିନେ ଲୋକଟିଏ ଆସୁଥିଲା ମୁଣ୍ଡରେ ବିରାଟ ବୋଝ ଭର୍ତ୍ତି ମୋଟାଳିଆ ଚୋପାର ଟୁକ୍‌ଟୁକ୍ ପାଚିଲା କମଳାଲେମ୍ବୁ ଧରି । ପାଟିକରି ଡ଼ାକୁଥିଲା, ସିଲେଟ କମଳା ! ସିଲେଟ୍ କମଳା । ଆସୁଥିଲା ଫେଣା ଫେଣା ଚିନିଚଂପା କଦଳୀ ଓ ବଡ଼ବଡ଼ ମଞ୍ଜିଥିବା ଜାମୁରୋଳ ଓ କେନ୍ଦୁ । ଆସୁଥିଲା ପାଣିସିଙ୍ଗେଡ଼ା, ବେତକୋଳି, ଭଇଁଚକୋଳି ଓ ଖଜୁରୀ । ବର୍ଷାଦିନେ ଆସୁଥିଲା ସୈନ୍ଧବଲବଣ ଗୋଳା ଦରଦରଫଟା ଜାମୁ । ଲୁଣପାଣିରେ ଜରିଥିବା ନରମ୍ ପୁତ୍‌ପୁତ୍ ଖଟା ବରକୋଳି ମଧ୍ୟ ।

ଏବେ ବଜାର୍‌ରେ ଭଳି ଭଳି ଖାଇବା ଜିନିଷ । ଗଳିକନ୍ଦିରେ ଫାଷ୍ଟ ଫୁଡ୍ ସେଣ୍ଟର ଓ ରେଷ୍ଟୁରାଣ୍ଟ । ବିଭିନ୍ନ କିସମର ଚକୋଲେଟ୍ ଓ କୋଲ୍‌ଡ଼୍ରିଙ୍କ । ଚଟକ୍‌ଦାର ନୂଆ ନୂଆ ନାଁ ସବୁ କାନରେ ପଡ଼େ-ପ୍ୟାଟି, ରୋଲ୍ ଓ ନୁଡ୍‌ଲ୍‌ସ ଇତ୍ୟାଦି । ଟେଲିଭିଜନ୍‌ରେ ବିଜ୍ଞାପନ ଦେଖି ଚଟ୍‌କି ପିଲାମାନେ ମନେ ରଖିଦେଉଛନ୍ତି ନୂଆ ହୋଇ ବଜାରକୁ ଆସିଥିବା ଭୋଜ୍ୟବସ୍ତୁଟିର ନାଁ । ସମୟ ସମୟରେ ମନେହୁଏ ପିଲାମାନଙ୍କର ଖାଇବାର ଆନନ୍ଦ ଏବେ ଯେମିତି ଅନେକାଂଶରେ ଦାମ୍ ଉପରେ ନିର୍ଭରଶୀଳ । ଯେଉଁ ଜିନିଷଟି ଯେତେ ଦାମୀ ତା'ର ଚାହିଦା ସେତେ ବେଶୀ ।

ବେଳେବେଳେ ଲାଗେ, ଦି'ପଇସାର ସିରପ୍ ଗୋଳା ବରଫଗୁଣ୍ଡ ଖାଇ ସେତେବେଳେ ଯେଉଁ ଆନନ୍ଦ ଆମେ ପାଉଥିଲୁ, ତାହା ଏବେ ଦାମୀ ଦାମୀ ଆଇସ୍‌କ୍ରିମ୍ ଖାଇସୁଦ୍ଧା ବୋଧହୁଏ ପିଲାମାନଙ୍କୁ ମିଳୁନି । ଖୁସି ହେବାଟା ତ ଏକ ମାନସିକ ସ୍ଥିତି । ସବୁବେଳେ ଯେ ତାହା ପଇସା ଉପରେ ନିର୍ଭର କରିବ, ଏମିତି ତ କିଛି କଥା ନାହିଁ ।

●●●

Digitized by srujanika@gmail.com

# ମୁହୂର୍ତ୍ତ

ମୁଁ ପ୍ରଥମଦେଖାରେ ଇ ତା'ପ୍ରେମରେ ପଡ଼ିଯାଇଥିଲି। ସିଏ ଦିଶୁଥିଲା ଠିକ୍ ଗୋଟିଏ ଚାଇନା ମାଟିର କଣ୍ଢେଇପରି । ହାତରେ କୁନି କୁନି ଦସ୍ତାନା । ଗୋଡ଼ରେ ନରମ୍ ଟର୍କିସ ତଉଲିଆ କନାରେ ତିଆରି ଜୋତା । ମୁଣ୍ଡ ଢ଼ାଙ୍କି ରଖିଥିବା ପଶମର ଟୋପିଟି ଥିଲା ତା ଜ୍ୟାକେଟ ସହିତ ସିଲେଇ କରା । ଶୀତରତୁର ରାତିଥିଲା । ଡ଼ିସେମ୍ବରର ଶେଷ ।

ତା' ମୁହଁଟି ଥିଲା ଭାରି ତୋଫା । ସଜତୋଳା ଲହୁଣୀପରି । ଗଜୁରି ଆସୁଥିବା ଯୋଡ଼ିଏ ଗୋଲାପ କଢ଼ ପରି ଓଠ। କପାଳଉପରେ ଖେଳାଇ ହୋଇ ପଡ଼ିଥିଲା କଳାମୁଚ୍‌ମୁଚ୍ ରେଶମ ପରି ବାଳ କେରାଏ । ମୁଁ ତାକୁ ପରମ ଆବେଗରେ କୋଳକୁ ଟାଣିନେଲି । ଅଚିହ୍ନା ମୁହଁ ଦେଖି ଓଠ ଫଟାଇ କାନ୍ଦିବାକୁ ଆରମ୍ଭ କଲା ସିଏ । ଏରୋଡ୍ରମରେ ଜଳୁଥିବା ବଡ଼ ବଡ଼ ନିଅନ୍ ଲାଇଟ୍‌ଆଡ଼େ ମୁଁ ତା ଦୃଷ୍ଟି ଆକର୍ଷଣ କଲି । କାନ୍ଦ ଭୁଲି ଯାଇ ଅବାକ୍ ଭଙ୍ଗୀରେ ତା'ର କାଚପରି ସ୍ୱଚ୍ଛ ନୀଳ ଆଖିକୁ ଗୋଲ ଗୋଲ କରି ସିଏ ଆଲୁଅ ସବୁ ଦେଖିବାକୁ ଲାଗିଲା ।

ଏବଂ ଆମେ ତାକୁ ନେଇଆସିଲୁ ଘରକୁ । ସ୍ୱଭାବରେ ଥିଲା ଚଞ୍ଚଳ । କୋଳରୁ ଓହ୍ଲାଇବାକୁ ଉଦ୍ୟତ ହେବାରୁ ମୁଁ ତାକୁ ବସାଇ ଦେଲି ଚଟାଣରେ । ସମୟ ବର୍‌ବାଦ୍ ନକରି ପରମ ଉତ୍ସାହରେ ସାରା ପ୍ରକୋଷ୍ଠ ଗୁରୁଣ୍ଡି ଗୁରୁଣ୍ଡି ଆସବାବପତ୍ର ପରଖିବାକୁ ଲାଗିଲା ସିଏ । ଆଉ ତା'ପରେ ନୀଚା ସୋଫାଟି ଦେଖି ଆରମ୍ଭ କଲା ସେଥିରେ ଚଢ଼ିବାକୁ । ସେ ଚଢ଼ିବା ତାର ଜାରି ରହିଥିଲା ସାରା ସମୟ ଧରି । ଯେତେଦିନ ସିଏ ରହିଲା ଏଠି । ବେଳେ ବେଳେ ଖଟ ବା ଚୌକିରୁ ହାତ ଖସିଯାଇ ଢୁପ୍ କରି ପଡ଼ିଯାଉଥିଲା ସିଏ ତଳେ । ତା'ର କିନ୍ତୁ ଖାତିର୍ ନଥିଲା ସେଥିପାଇଁ । ମୋତେ ଲାଗୁଥିଲା ସତେ ଅବା ଦରକାର ପଡ଼ିଲେ ଏଭରେଷ୍ଟ ଶୃଙ୍ଗ ପର୍ଯ୍ୟନ୍ତ ଚଢ଼ିଯିବାପାଇଁ ସିଏ ଥିଲା ତିଆର୍ ।

ବେଶ୍ ନିବିଡ଼ ବନ୍ଧୁତ୍ୱ ହୋଇଗଲା ତା'ର ମୋ' ସହିତ । ମୁଁ ଯାହାକଲେ ବି ସିଏ ହସୁଥିଲା । ଟିକିଏ ତା' ଆଡ଼କୁ ଅନାଇ ମୁଣ୍ଡ ହଲାଇଦେଲେ କିମ୍ବା ସିଏ କଫି ପିଇବକି ନାହିଁ ବୋଲି ପଚାରି ମୋ କଫି କପ୍‌ଟି କୌତୁକରେ ତା' ଆଡ଼କୁ ବଢ଼ାଇଦେଲେ । ଆଉ ସେ ହସ ଥିଲା ବନ୍ୟଝରଣାଟିର ପାହାଡ଼ତଳକୁ ଲମ୍ଫମାରିବାର ଶବ୍ଦପରି ପ୍ରାକୃତିକ ଏବଂ କୌତୁକରେ ଉଚ୍ଛଳ ।

ସାରାଦିନ ତା' କାମଥିଲା ଗୁରୁଣ୍ଡିଗୁରୁଣ୍ଡି ପୂରାଘରଟି ଏ ମୁଣ୍ଡରୁ ସେ ମୁଣ୍ଡ ନିରୀକ୍ଷଣ କରିବା ଓ ହାତ ପାଆନ୍ତାରେ ଯାହା ମିଳିଲା - ଖେଳଣା, ବେଲୁନ୍, ଚାମଚ, ଖବରକାଗଜ, ଲୁଗାପଟା - ଯାହା ମିଳିଲା, ତାକୁ ପାଟିରେ ପୂରାଇ ତା'ର ସ୍ୱାଦ ନେବା । ଏବଂ ତା' ବିବ୍ରତ ବାପାର ମୁଖ୍ୟ କାମ ହୋଇପଡ଼ିଲା ତା'ର ବ୍ୟବହୃତ ଜିନିଷପତ୍ର - ଯାହା କିଛି ସମ୍ଭବ -

Digitized by srujanika@gmail.com

ଗୋଟିଏ ବଡ଼ ଡ଼େକ୍‌ଚିରେ ଭର୍ତ୍ତିକରି ତାହା ଗରମପାଣିରେ ସାରାଦିନ ତୁହାକୁ ତୁହା ଫୁଟାଇଲାଗିବା । ବୀଜାଣୁମୁକ୍ତ କରିବା ଲାଗି ।

କିନ୍ତୁ ହଠାତ୍‌ଦିନେ ମୋଜେଇକ୍ ଚଟାଣର ଗୋଟିଏ ବଡ଼ ସଫେଦ ମାର୍ବଲ ଦାନା ଉପରେ ପଡ଼ିଗଲା ତା' ନଜର । ରଜନୀଗନ୍ଧା କଢ଼ିପରି ଆଙ୍ଗୁଠି କେତୋଟି ବଢ଼ାଇ ତା'ର ମୁକ୍ତାପରି ନଖରେ ଦାନାଟିକୁ ଖୋଳି ଲାଗିଲା ସିଏ-ପାଟିରେ ପୁରାଇବା ପାଇଁ । ଅନେକ ଚେଷ୍ଟା କରି ଯେତେବେଳେ ଦାନାଟି ସିଏ ବାହାର କରିବାରେ ଅସଫଳ ହୋଇପଡ଼ିଲା, ମସ୍ତିଷ୍କ ତା'ର ବାହାର କରିଦେଲା ସହଜ, ସରଳ ଉପାୟଟିଏ । ନଇଁ ପଡ଼ି ଲାଲ ଟୁକ୍ ଟୁକ୍ ଜିଭଟି ବଢ଼ାଇ ଦାନାଟିକୁ ଚାଟିଦେଲା ସିଏ ଏବଂ ତା' ବାପା ହତୋତ୍ସାହ ହୋଇ ଗରମ ପାଣିରେ ଫୁଟାଇ ତା' ବ୍ୟବହୃତ ବସ୍ତୁ ସବୁକୁ ବୀଜାଣୁ ମୁକ୍ତ କରିବାର ପ୍ରୟାସଟିକୁ ସମ୍ପୂର୍ଣ୍ଣ ରୂପେ ବାଦ ଦେଇଦେଲା ସେଇ ଦିନଠୁ ।

ଦିନେ ଆମ ପଡୋଶୀ ତାଙ୍କର ବର୍ଷକର ଶିଶୁକନ୍ୟାଟିକୁ ନେଇ ବୁଲିବାକୁ ଆସିଲେ ଆମଘରକୁ ଏବଂ ସିଏ ତତ୍‌କ୍ଷଣାତ୍ ପ୍ରେମରେ ପଡ଼ିଗଲା ପଡ଼ିଗଲା ସେ ଝିଅଟିର । ତୀବ୍ର କୁହାଟ ମାନ ମାରି ଏବଂ ଏକ ଅଦ୍ଭୁତ କିସମର ଧ୍ରୁପଦୀ ନାଚ ଅବିଶ୍ରାନ୍ତ ଭାବରେ ନାଚି ସିଏ ଜାହିର କଲା ତା ଭଲ ପାଇବା । ଝିଅଟି କିନ୍ତୁ ଦୁର୍ଭାଗ୍ୟବଶତଃ ତା'ପ୍ରୀତିର ପରିଭାଷା ବୁଝିବାରେ ଥିଲା ଅକ୍ଷମ । କାନ୍ଦିବାକୁ ଲାଗିଲା ଚିହୁରି ଛାଡ଼ି । ଏବଂ ଆମେ ବୁଝି ପାରିଲୁ ଯେ ଏ ଗୁଣଟି ଜନ୍ମଗତ ସୂତ୍ରରେ ସିଏ ତା' ପିତାଙ୍କଠାରୁ ପାଇଛି ବୋଲି । କାରଣ ଅନେକ ଅନେକ ବର୍ଷ ଆଗେ ତା' ବାପାକୁ ଯେତେବେଳେ ଛଅ ମାସ ବୟସ, ସେତେବେଳେ ଆମଘରକୁ ସ୍ୱପିତାଙ୍କ କୋଳରେ ଚଢ଼ି ବୁଲି ଆସିଥିବା ଗୋଟିଏ ଦୁଇ ବର୍ଷର ଶିଶୁ କନ୍ୟାକୁ ଦେଖି ସିଏ ମଧ ଏତାଦୃଶ ଆଚରଣ କରିଥିଲା ।

ଝିଅଟି ବ୍ୟତୀତ ଆଉ ଗୋଟିଏ ଜିନିଷ ପ୍ରତି ମଧ ତା'ର ଥିଲା ତୀବ୍ର ଆକର୍ଷଣ - ଇଲେକ୍‌ଟ୍ରିକ୍ ସ୍ୱିଚ୍ । ଯେତେବେଳେ ମୁଁ ତାକୁ କୋଳରେ ଧରୁଥିଲି ମୋ ଛାତି ଉପରେ ତା'ର କୁନି କୁନି ଗୋଲାପି ପାଦରଖି ସିଏ ଚଢ଼ି ଯାଉଥିଲା ମୋ କାନ୍ଧପର୍ଯ୍ୟନ୍ତ ଏବଂ ହାତ ବଢ଼ାଇ ଓ ଶରୀରକୁ ପ୍ରଲମ୍ବିତ କରି ଆପ୍ରାଣ ଚେଷ୍ଟା କରୁଥିଲା କାନ୍ଥରେ ଥିବା ବିଜୁଳିବତୀର ସ୍ୱିଚ୍‌ଟି ଛୁଇଁବା ପାଇଁ । କଦବା କେମିତି ମୁଁ ତା' ଟିପଟିକୁ ମୋ ହାତରେ ଧରି ସ୍ୱିଚ୍‌ଟି ଟିପି ଦେଉଥିଲି । ସେ ଟିକ୍ ଟକ୍ ଶବ୍ଦରେ ବିମୁଗ୍ଧ ହୋଇ ଯାଉଥିଲା ସିଏ । ଭାରି ନିଡ଼ର୍ ପିଲା ଥିଲା ସିଏ । ଭୟ କରୁନଥିଲା କାହାକୁ ବି । କେବଳ ପ୍ରେସର କୁକରଟିର ହ୍ୱିସିଲଟି ଛଡ଼ା । ପ୍ରେସର କୁକୁରର ସିଟି ବାଜିଲେ ଚମ୍‌କି ପଡ଼ି ଜାବୁଡ଼ି ଧରୁଥିଲା ମୋତେ । ମୁହଁ ଗୁଞ୍ଜି ଦେଉଥିଲା ଲୋଚା କୋଚା ଶାଢ଼ୀ ପଣତରେ ।

ଏଠି ପହଞ୍ଚିବାର କେଇ ଦିନପରେ ସିଏ ଆବିଷ୍କାର କରିବସିଲା ଚମତ୍କାର ଖେଳଟିଏ । ସିଏ ଖଟରେ ବସିଥିଲା ବେଳେ ଯାହା କିଛି ତା' ହାତକୁ ଦେଲେ - ଚାବି ପେଛା, ଖେଳଣା,

Digitized by srujanika@gmail.com

ଆପ୍‌ଲ ବା ରବର ବଲ - ଯାହାକିଛି, ସିଏ ସଜୋରେ ପିଙ୍ଗୁଥିଲା ତଳକୁ । ଆଉ ତା'ପରେ ଗୁରୁଣ୍ଡି ଗୁରୁଣ୍ଡି ଆସି ବିପଦ୍‌ଜନକ ଭାବରେ ଖଟ ଧାରରେ ଲେପ୍‌ଟି ଚାରିଆଡ଼େ ଆଖି ବୁଲାଇ ଖୋଜୁଥିଲା ସେ ଜିନିଷଟି । ନଜରରେ ପଡ଼ିଗଲେ ଆମକୁ କାତର ଦୃଷ୍ଟିରେ ଚାହିଁ ଆଖିରେ ଆଖିରେ କହୁଥିଲା ଜିନିଷଟି ଉଠାଇ ପୁନର୍ବାର ତାଙ୍କୁ ଦେବା ପାଇଁ । ଭାରି ସବାକ୍ ଥିଲା ସେ ଚାହାଣୀ । ଜିନିଷଟି ତଳୁ ଗୋଟାଇ ତାକୁ ଦେଇ ଦେଲେ ପୁନର୍ବାର ପିଙ୍ଗୁଥିଲା ସିଏ ତଳକୁ ଏବଂ ଏ ଖେଳଟି ଅପର୍ଯ୍ୟାପ୍ତ ସମୟ ପର୍ଯ୍ୟନ୍ତ ଖେଳିବାକୁ ସିଏ ଥିଲା ପ୍ରସ୍ତୁତ । ଆମେ କିଛି ସମୟ ପରେ ହାଲିଆ ହୋଇ ଯାଉଥିଲୁ । କିନ୍ତୁ ସିଏ କଦାଚନ କ୍ଳାନ୍ତ ହେଉନଥିଲା ।

ମାସକ ପରେ ସିଏ ଫେରିଗଲା ତା' ବାପାମା'ଙ୍କ ସାଥିରେ । ଭାରି ବାଧିଲା ତା'ର ଚାଲିଯିବା । ଘର ଲାଗିଲା ଖାଲି ଖାଲି । ଏଠି ସେଠି ଖେଳାଇ ହୋଇ ପଡ଼ିଥିବା ତା' ଜାମା, ଖେଳଣା, ବିବ୍ ଓ ମୋଜା, କିଛି ବି ନଥିଲା ଆଉ । ଟେବ୍‌ଲ୍ ଉପରେ ନଥିଲା ତା' କ୍ରିମ୍‌ଡବା, ଆପ୍‌ଲଜୁସ୍ ବା ଗିନାଚାମଚ୍ । ଘର ସାରା ଯେମିତି ଅଖଣ୍ଡ ଶୂନ୍ୟତା । ଆମ ଦିଜଣଙ୍କ ପାଇଁ ଯେମିତି କିଛି କାମ ନଥିଲା ଆଉ । ଖାଲି ରହି ରହି ଶୂନ୍‌ଶାନ୍ ଛାତି ଭିତରେ ବାଜିଲା ବ୍ୟଥାର ଧିକି ଧିକି କ୍ଷୀଣ ସ୍ୱରଟିଏ ।

ସିଏ ଫେରିଯିବାର କେଇ ମାସ ପରେ ହଠାତ୍ ଦିନେ ଭୋର୍‌ରେ ଟେଲିଫୋନ୍ ଘଣ୍ଟି ବାଜି ଉଠିଲା । ଫୋନ୍ ଉଠାଇଲି । ସାତ ଦରିଆ ସେପାରିରୁ ସେତାର୍ ପରି ରିନ୍‌ରିନ୍ ଗଳାଟିଏ ମୋତେ ପଚାରିଲା ''ହାଓ ଆର ୟୁ'' ? ମୋତେ ମନେ ରଖିଥିବାରୁ ତାକୁ ଧନ୍ୟବାଦ ଦେଲି । ପଚାରିଲି ''ତମ ନାଁ କ'ଣ'' ? ସିଏ କହିଲା 'ସିୟମ୍' । ନୂଆ ନୂଆ କଥା କହିବାକୁ ଶିଖୁଥିଲା ସିଏ । 'ସୋହମ୍' ଶବ୍ଦଟି ଉଚାରଣ କରିପାରୁ ନଥିଲା ଭଲ କରି । ତା ବାପାଠାରୁ ଶୁଣି ଥିଲି ସିଏ ଏବେ ତିନୋଟି ଭାଷା କହୁଛି ବୋଲି । ଇଂରାଜୀ, ହିନ୍ଦୀ ଓ ତା' ନିଜସ୍ୱ ଭାଷା- ସୋହମିଜ୍ ।

ତା' ପରେ ମୁଁ ତାକୁ କୌତୁକରେ ପଚାରିଲି -ତମେ ତମ ଜେଜେମା'ଙ୍କ ନାଁ ଜାଣିଚ ? କଅଣ ତମ ଜେଜେମା'ଙ୍କ ନାଁ କହିଲ ଦେଖି । ଏଥରକ କିନ୍ତୁ ତା'ର ଉଚ୍ଚାରଣ ସ୍ପଷ୍ଟ ଓ ନିର୍ଭୁଲ ଥିଲା । ପରିଷ୍କାର ଗଳାରେ ସିଏ କହିଲା ''କାନନ'' ।

ମୋ' ପାଇଁ ସିଏ ଥିଲା ଏକ ଅଭୂତପୂର୍ବ ଅନୁଭୂତି । ମୋ ଗଳା ପାଖର ମାଂସପେଶୀ ସବୁ ଆବେଗ ଓ ଉତ୍ତେଜନାରେ ସଙ୍କୁଚିତ ହେଲେ । ଖୁସିରେ ମୋ'ର ବାକ୍‌ରୁଦ୍ଧ ହେଲା । ଆଖି ହେଲା ସଜଳ । ମୋର ମନେ ହେଲା ମୁଁ ଯେମିତି ଏତେ ବର୍ଷ ଧରି ବଞ୍ଚି ରହିଥିଲି କେବଳ ଏଇ ମୁହୂର୍ତ୍ତଟି ପାଇଁ । ତା' ମୁହଁରୁ ମୋ ନାଁ'ଟି ଶୁଣିବା ପାଇଁ ।

●●●

Digitized by srujanika@gmail.com

# ନୃତ୍ୟ ଶିକ୍ଷକ

ପିଲା ଦିନେ ବୋଉ ଚଉରାମୂଳେ ସଞ୍ଜଦୀପ ଦେଇ ସାରିଲା ପରେ, ଅଗଣା ପଟ ପିଣ୍ଡାର ଲମ୍ବ ପାହାଚରେ ବସି ପ୍ରାର୍ଥନା କରିବା ଥିଲା ନିତିଦିନିଆ ଅଭ୍ୟାସ । ଭାଇ ଓ ଭଉଣୀ ଏକା ସାଥିରେ ମିଶି ହାତ ଯୋଡ଼ି ଗୀତ ଗାଉଥିଲୁ । ଘରର କୋଣ, ଅନୁକୋଣ ଅନୁରଣିତ ହେଉଥିଲା ସେ ବେସୁରା, ପିଲାଳିଆ କଣ୍ଠର ଭକ୍ତି ସଙ୍ଗୀତର ଲହରୀରେ । ପ୍ରଥମ ଗୀତଟି ଥିଲା ରାମ୍‌ଧୂନ୍ । ତା'ପରେ ପରେ ଗାଉଥିଲୁ 'ଅଖିଳ ବ୍ରହ୍ମାଣ୍ଡ ପତି ମୋ ଜୀବନ ସ୍ୱାମୀ', 'ଆହେ ନୀଳଶଇଳ ପ୍ରବଳ ମତ୍ତବାରଣ ' ଓ 'ଚକାନୟନକୁ ପତିତ କହି' । ମନହେଲେ କେତେ ବେଳେ କେମିତି 'ବାଧିଲା ଜାଣି କ୍ଷମା କର ନୋହିଲେ ରମାରମଣ ଦଣ୍ଡେ ଦିଅଟାଳି' । ସେଇ ଗୋଟିଏ ସମୟରେ ପୂରା ପରିବାର ବସୁଥିଲୁ ଏକାଠି । ବୋଉ ପାଖରେ ବସି ପାନ ଭାଙ୍ଗୁଥିଲା । ବାପା କିଛି ଦୂରରେ ଚୌକୀରେ ଆଖି ବୁଜି ବସି ଆମ ଗୀତ ଶୁଣୁଥିଲେ ।

ଏଇଭଳି ଏକ ପ୍ରାର୍ଥନା ସଭାରେ ହଠାତ୍ ଦିନେ ବାପା ବୋଉ ସଙ୍ଗୀତ ବିଦ୍ୟାରେ ମୋର ତଥାକଥିତ ସୁପ୍ତ ପ୍ରତିଭାକୁ ଆବିଷ୍କାର କରିଥିଲେ ଓ ପରସ୍ପର ସହିତ ଆଲୋଚନାକରି, ମୋତେ ଗୀତ ଶିଖାଇବା ପାଇଁ ନିଷ୍ପତ୍ତି ନେଇଥିଲେ । ପ୍ରତ୍ୟେକ ପରିବାରରେ ପ୍ରିୟ ଜ୍ୟେଷ୍ଠ ସନ୍ତାନଟି ଉପରେ ଯେ ଅନେକ ପ୍ରକାର ପରୀକ୍ଷା ନିରୀକ୍ଷା ଚାଲେ ଏହା ସର୍ବଜନବିଦିତ ।

ଆମ ପ୍ରତିବେଶୀଙ୍କର କନ୍ୟା 'ଜାନି' ସେତେବେଳେ ଜଣେ ଶିକ୍ଷକଙ୍କଠାରୁ ଗୀତ ନାଚ ଶିଖୁଥିଲା । କାଳବିଳମ୍ବ ନକରି ମୋତେ ସାଥିରେ ଧରି ତା'ପର ଦିନ ବୋଉ ଯାଇ ପହଞ୍ଚିଲା ତାଙ୍କ ଘରେ । ବୋଉଠାରୁ ତା' ଆଗମନର ଅଭିପ୍ରାୟ ଜାଣିସାରିଲା ପରେ ସାର୍ ମୋତେ ଜାଣିଥିବା ଯେ କୌଣସି ଗୋଟିଏ ଗୀତ ଗାଇବାକୁ କହିଥିଲେ । ମନେ ଅଛି ଗୀତଟିଏ ଗାଇଥିଲି ଏବଂ ଗୀତଟି ବହୁତ ଉଚ୍ଚ ପର୍ଦ୍ଦାରୁ ଆରମ୍ଭ କରିଥିବା ହେତୁ ଅନ୍ତରାରେ ପହଞ୍ଚି, ଆଉ ଉପରକୁ ଗଳା ଉଠାଇ ନପାରି ଅଟକି ଯାଇଥିଲି । ଏହା ସତ୍ତ୍ୱେ କିନ୍ତୁ ସାର ମୋର ଭଲ ସ୍ୱରଜ୍ଞାନ ଅଛି ବୋଲି ମନ୍ତବ୍ୟ କରିଥିଲେ ଓ ବିନାଦ୍ୱିଧାରେ ମୋତେ ଶିଷ୍ୟା ରୂପେ ଗ୍ରହଣ କରିବାକୁ ରାଜି ହୋଇ ଯାଇଥିଲେ । ପ୍ରତ୍ୟେକ ଦିନ ଅପରାହ୍ନରେ ଜାନି ଘରେ, ଜାନି ଓ ମୁଁ ଉଭୟ ଏକାସାଥିରେ ନାଚ ଗୀତ ଶିଖିବା କଥା ଠିକ୍ ହୋଇଗଲା । ସଞ୍ଜ ବେଳେ ରିକ୍ସାରେ ବସି ବୋଉ ଯାଇ କେଉଁଠୁ ଖୋଜିକି କିଣି ଆଣିଲା ହାର୍ମୋନିୟମଟିଏ ଓ ଘୁଙ୍ଗୁର ଦି'ମାଳ । ବେଶ୍ ଚହଳ ପଡ଼ିଗଲା ଘରେ ଆମ୍ଭମାନଙ୍କ ଭିତରେ । କାହିଁକି ନା ଦୁଇଟି ଯାକ ଜିନିଷ ଆମ୍ଭମାନଙ୍କ ପାଇଁ ଥିଲା ଅଭିନବ । ପ୍ରଥମ ଥର ପାଇଁ ଦେଖୁଥିଲୁ ଜୀବନରେ ।

Digitized by srujanika@gmail.com

ଆମ ସଙ୍ଗୀତ ଗୁରୁ ଥିଲେ ନିତାନ୍ତ ଅଳ୍ପ ବୟସ୍କ ଯୁବକଟିଏ । ଘୋର କୃଷ୍ଣବର୍ଣ୍ଣର ପତଳା, ହସକୁରା ଚେହେରା । ମୁଣ୍ଡରେ କାନ୍ଧ ପର୍ଯ୍ୟନ୍ତ ଲମ୍ବି ଆସିଥିବା କଳାମୁଚ୍ ମୁଚ୍ ବାବୁରିବାଳ । ଧଳାକୁର୍ତ୍ତା ଓ ପାଇଜାମାରେ ଦିଶୁଥିଲେ କଳାକାର କଳାକାର । ଏବେ ବୁଝିପାରେ ଯୁବକ ଜଣକ ଏଭଳି କିଛି କୃତୀ ଶିଳ୍ପୀ ନଥିଲେ । ସାଧାରଣ ଭାବରେ ନୃତ୍ୟ ଗୀତ ଜାଣିଥିଲେ ମାତ୍ର । ଏବଂ ସାନ ସାନ ପିଲାମାନଙ୍କୁ ଟିଉସନ ଦେଇ ଜୀବିକା ନିର୍ବାହ କରୁଥିଲେ । ସେତେବେଳେ କିନ୍ତୁ ଅପରିଣତ ପିଲାଳିଆ ଆଖିରେ ତାଙ୍କୁ ଦେଖି, ସଙ୍ଗୀତ ଓ ନୃତ୍ୟ କଳାରେ ଏକ ଖ୍ୟାତିମାନ୍ ବିଶାରଦ ବୋଲି ମନେ ହୋଇଥିଲା ।

'ଜାନି' ଘରେ ହଲେ ପୁରୁଣା ଡୁଗିତବ୍‌ଲା ଥିଲା । ସାର୍ ସେଇଥିଲେ ଠେକା ଦେଇ ଆମକୁ ଶିଖାଉଥିଲେ ନାଚ । ଘୁଙ୍ଗୁର ପିନ୍ଧି ପାଦରେ ତାଳ ଦେବା ଶିଖୁଥିଲୁ ଏକ, ଦୁଇ, ତିନ, ଚାର ଗଣି । ପାଦର ଗତି ଓ ହାତର ମୁଦ୍ରା କିଛିଟା ଆୟତ୍ତାଧୀନ ହେଲା ପରେ, ସାର୍ ଆମକୁ ଶିଖାଇଥିଲେ ସାନ ତାଳବଦ୍ଧ ନାଚଟିଏ । ଅନେକଟା ଓଡ଼ିଶୀନାଚର ପଲ୍ଲବୀ ଢ଼ାଞ୍ଚାରେ । ସଙ୍ଗୀତରେ ସର୍‌ଗମ୍‌ର ବିଧିବଦ୍ଧ ରିଆଜ୍ କରାଉଥିଲେ ଆମକୁ । ହାର୍ମୋନିୟମ୍ ବଜାଇ ଗାଇବା ପାଇଁ ଶିଖାଇଥିଲେ କେତୋଟି ଭଜନ ଓ ପଲ୍ଲୀଗୀତି ମଧ୍ୟ । ହାର୍ମୋନିୟମ୍ ରିଡ୍‌ରେ ହାତ ଚଳାଇ ଗୀତ ଗାଇବା ବେଶ୍ ସହଜ ଜଣାପଡ଼ିଥିଲା ମୋତେ ସେତେବେଳେ । ଗୀତଗୁଡ଼ିକ ଶିଖି ଯାଇଥିଲି ମଧ୍ୟ ଅକ୍ଳେଶରେ । ଆଶ୍ଚର୍ଯ୍ୟର କଥା -ଶିଖିଥିବା ଏକାଧିକ ଗୀତ ଭିତରୁ ଗୋଟିଏ ବି ପଂକ୍ତି ଏବେ ମୋର ମନେ ନାହିଁ । କିନ୍ତୁ ଶିଖିଥିବା ନାଚର ଟୁକଡ଼ାଟି ଏବେ ବି ମନ ଭିତରେ ରହିଛି ତାଜା ଓ ଜୀବନ୍ତ ହୋଇ ।

ଅନେକ ଅନେକ ବର୍ଷ ଆଗେ, ଯେତେବେଳେ ମୋ ପୁତ୍ରଟି ଚତୁର୍ଥ ଶ୍ରେଣୀରେ ପାଠ ପଢୁଥିଲା, କଥା ପ୍ରସଙ୍ଗରେ ଦିନେ ମୋର ପୁତ୍ର ଓ ସ୍ୱାମୀଙ୍କୁ ମୋର ନୃତ୍ୟଶିକ୍ଷାର ଉପାଖ୍ୟାନଟି କହିଥିଲି । ପିତା ଓ ପୁତ୍ର ଉଭୟେ ତା' ପରେ ବେଶ୍ ଉତ୍ସାହର ସହିତ ମୋତେ ଫୁସ୍‌ଲାଇ ଲାଗିଲେ ନୃତ୍ୟଟି ସେମାନଙ୍କ ଆଗରେ ପ୍ରଦର୍ଶନ କରିବା ପାଇଁ । ଖରାଦିନ ରାତ୍ରିଭୋଜନ ପରେ ଏକାଠି ବସି ଗପସପ କରୁଥିଲୁ । ପରିବେଶ ଥିଲା ଫୁର୍ତ୍ତିର । ମିଜାଜ୍ ଥିଲା ହାଲ୍‌କାଫୁଲ୍‌କା । ବୟସ ବି ମୋ'ର ଥିଲା କମ୍ । ଅଣ୍ଟାରେ ପଣତ ଭିଡ଼ି ନାଚରେ କିୟଦଂଶ ଦେଖାଇଥିଲି ସେମାନଙ୍କୁ । ନାଚପରେ ଉଭୟ ପିତାପୁତ୍ର କରତାଳି ବଜାଇ ମୋତେ ବାହାବା କରିଥିଲେ ଓ ନାଚଟି ଦୋହରାଇବାପାଇଁ ଅନୁରୋଧ କରିଥିଲେ । କିନ୍ତୁ ହଠାତ୍ ସେମାନଙ୍କର ମୋତେ ଆଢୁଆଳ କରି ପରସ୍ପରକୁ ଆଖିମିଟିକା ମାରୁଥିବା ଦୃଶ୍ୟଟି ମୋ ନଜରରେ ପଡ଼ିଯାଇଥିଲା । ଉଭୟଙ୍କ ଓଠରେ ଥିଲା ମତ୍‌ଲବୀ ସ୍ମିତ ଏବଂ ଆଖିର ତାରାରେ ଥିଲା ଦୁଷ୍ଟାମିର ଝିଲିକ୍ । ବୁଝିପାରିଲି ମୋତେ ବୋକା ବନାଇ ସେମାନେ ବେଶ୍ ମଜା କରୁଛନ୍ତି ବୋଲି । ମୁହଁ ଫୁଲାଇ ରୁଷିଥିଲି ଏବଂ ମୋତେ ସ୍ୱାଭାବିକ ମାନସିକ ସ୍ତରକୁ ଆଣିବାପାଇଁ,

Digitized by srujanika@gmail.com

ପିତାପୁତ୍ରଙ୍କୁ ଅନେକ ପରିଶ୍ରମ କରିବାକୁ ପଡ଼ିଥିଲା । ବସ୍ତୁତଃ ମୋ ତଥାକଥିତ ଓଡ଼ିଶୀ ନାଚର, ସେଇ ଦୁଇଜଣ ହେଉଛନ୍ତି ମୋର ପ୍ରଥମ ଏବଂ ଶେଷ ଦର୍ଶକ ।

ମୋ'ର ସେଇ କେଇମାସ ନୃତ୍ୟଗୀତ ଶିକ୍ଷାର ଟିକିନିଖି ସ୍ମୃତି, ଏବେ ଅନେକଟା ଝାପ୍‌ସା । କିନ୍ତୁ କେଜାଣି କାହିଁକି ଗୋଟିଏ ନିର୍ଦ୍ଦିଷ୍ଟ ଦିନର ସ୍ମୃତି, ଏତେ ବର୍ଷ ବ୍ୟବଧାନ ପରେ ବି ଆଜି ପର୍ଯ୍ୟନ୍ତ ମନରେ ରହିଯାଇଛି ଉଜ୍ଜ୍ୱଳ ତଥା ଅମଳିନ ହୋଇ । ଘଟଣାଟି ଏଇଭଳି ।

ସେଦିନ ଅପରାହ୍ନରେ ଆମେ ପାଦରେ ଘୁଙ୍ଗୁର ବାନ୍ଧି ପ୍ରସ୍ତୁତ ହେଲାବେଳକୁ ହଠାତ୍ ସାର୍ କହିଉଠିଲେ - ଆଜି ତମମାନଙ୍କର ଛୁଟି । କାଲି ମୋର ଗୋଟିଏ ଜାଗାରେ ନାଚର ପ୍ରୋଗ୍ରାମ୍ ଅଛି । ମୁଁ ତେଣୁ ଏବେ ଟିକିଏ ପ୍ରାକ୍‌ଟିସ୍ କରିବି, ତମେମାନେ ବରଂ ବସିକି ମୋ ନାଚକୁ ଲକ୍ଷ୍ୟ କର । ମନଦେଇ ଦେଖିଲେ ତମର ବି ଲାଭ ହବ ।

ଜାନି ଓ ମୁଁ ମୁଣ୍ଡଟୁଙ୍ଗାରି, ସାର୍‌ଙ୍କ ନାଚ ଦେଖିବାର ସମ୍ଭାବନାରେ ଉଲ୍ଲସିତ ହୋଇ, ମସିଣା ଉପରେ ଚକା ପକାଇ ନୀରବରେ ବସି ରହିଲୁ । ବେଶ୍ ଉତ୍‌କଣ୍ଠିତ ଭାବରେ ।

-ନା, ନା, ଘରମଝିରେ ବସିଲେ ହବନି । ନାଚିବା ପାଇଁ ବହୁତ ଜାଗା ଦରକାର । ତମେମାନେ ବରଂ ଯାଇକି ସେଇ କଡ଼ଆଡ଼ିକି ବସ । ସାର ଆଦେଶ ଦେଲେ ଓ ଆମେ ତତ୍‌କ୍ଷଣାତ୍ ମସିଣାଟି ହଟାଇ, ଘରକଣରେ କାନ୍ଥକୁ ଆଉଜି ପ୍ରତୀକ୍ଷା କରି ଲାଗିଲୁ ସାରଙ୍କ ନୃତ୍ୟ ପ୍ରଦର୍ଶନକୁ । ସାର୍ ତାଙ୍କ କୁର୍ତ୍ତାଟି କାଢ଼ି ଚଉତି ଆମପାଖରେ ରଖିଲେ ଓ ନାଚିବାକୁ ଆରମ୍ଭ କଲେ । ନାଚଟି ଥିଲା ଶିକାରୀ ନୃତ୍ୟ । ସାର୍ ତାଙ୍କର ଘୁଙ୍ଗୁରପିନ୍ଧା ପାଦରେ ବଡ଼ ବଡ଼ ଖୋଜ ପକାଇ ଓ କାଳ୍ପନିକ ଚିତା ବାଘ ପଛରେ ବନପଥରେ ଧାବିତ ହେଉଥିବା ଭଙ୍ଗୀକୁ ଆୟତ୍ତ କରି ନାଚିବାକୁ ଲାଗିଲେ ବେଶ୍ ଉଦ୍ଦାମ ଓ ଓଜସ୍ୱିତ ଭାବରେ ।

ଏବଂ ଠିକ୍ ଏତିକି ବେଳେ ବୋଉ ଆସି ଉଦୟ ହେଲା ଆମର ନୂପୁର-ମୁଖରିତ ଆସରରେ । ମୁଁ ଏତେ ଦିନ ଧରି ଟିଉସନ ହେଉଥିବା ସତ୍ତ୍ୱେ, ବୋଉ ଦିନେ ହେଲେ ବି କେବେ ମୋ ନାଚଗୀତ ଦେଖିବାପାଇଁ ପଡ଼ିଶା ଘରକୁ ଆସିନଥିଲା । ସେଦିନ କିନ୍ତୁ ବୋଉର ଭାଉଜ - ତରୁଣୀ ରମାମାଇଁ - ଆସି ପହଞ୍ଚିଥିଲେ ଗାଁରୁ ଓ ତାଙ୍କରି ଅନୁରୋଧରେ ତାଙ୍କୁ ସାଥିରେ ଧରି ବୋଉ ଆସିଥିଲା ଆମ ନୃତ୍ୟଗୀତର ଆନନ୍ଦ ନେବାପାଇଁ ।

ସେମାନଙ୍କୁ ଦେଖି, ସାର୍ ନାଚ ବନ୍ଦ କରି ତାଙ୍କର ଆସନ୍ତା କାଲିର କାର୍ଯ୍ୟକ୍ରମ ସଂପର୍କରେ ବୋଉକୁ ଅବଗତ କରାଇଥିଲେ ଓ ତାଙ୍କର ନୃତ୍ୟ ରିହର୍ସାଲ ଦେଖିବାପାଇଁ ବୋଉ ଇଚ୍ଛାପ୍ରକାଶ କରିବାରୁ ବେଶ୍ ଉଚ୍ଛ୍ୱସିତ ଭାବରେ ବିଗଳିତ ହସ ହସି ସାର୍ ସମ୍ମତି ଜଣାଇଥିଲେ । ବୋଉ ଓ ରମା ମାଇଁ ଆସି ବସିଲେ ଆମପାଖରେ ।

ଲକ୍ଷ୍ୟକଲି- ନବାଗତ ଅତିଥି ଦ୍ୱୟଙ୍କ ଆଗମନ ପରେ ସାର୍‌ଙ୍କ ନୃତ୍ୟାଭିନୟ ଆଉଟିକିଏ ଉଦ୍ଦୀପକ ତଥା ଜୋର୍‌ଦାର୍ ହେବାକୁ ଲାଗିଲା । ବୋଧହୁଏ ମୋର ଅଳ୍ପ ବୟସୀ ବୋଉ ତଥା

Digitized by srujanika@gmail.com

ରୂପସୀ ରମା ମାଇଁଙ୍କର ଉପସ୍ଥିତି ସାର୍‌ଙ୍କ ଦେହ ଓ ମନରେ କିଛିଟା ଉତ୍ତେଜନା ଆଣିଦେଇଥିଲା ଏବଂ ସେମାନଙ୍କ ସମ୍ମୁଖରେ ସ୍ୱକଳାର ଉତ୍କର୍ଷତା ପ୍ରମାଣ କରିବାକୁ ତାଙ୍କୁ ବଦ୍ଧପରିକର କରିଥିଲା । ସାର୍‌ଙ୍କର ରଣକୌଶଳ ତଥା ତୂଣୀରରୁ ଶରକାଢ଼ି ଧନୁର୍ବାଣ ମାରିବାର ଭଙ୍ଗିମା ଧୀରେ ଧୀରେ ହୋଇଉଠିଲା ଆହୁରି ଦୃପ୍ତ ଓ ଶାଣିତ । ମୁହଁର ଅଭିବ୍ୟକ୍ତି ବଦଳି ହେଇଉଠିଲା ହିଂସ୍ର ଓ ଭୟଙ୍କର । ସାର୍‌ଙ୍କର ନାସାରନ୍ଧ୍ର ସ୍ଫୁରିତ ହେଲା ଏବଂ ବଡ଼ ବଡ଼ ଆଖିଡ଼ୋଳା ବାହାର କରି ଏବଂ ଶୂନ୍ୟରେ ସୁଉଚ୍ଚ ଲମ୍ଫମ୍ୟାନ ପ୍ରଦାନ କରି ସାର୍ ନୃତ୍ୟମାଧ୍ୟମରେ ବନ୍ୟପଶୁଟିକୁ କାବୁକରିବାର ଆପ୍ରାଣ ଚେଷ୍ଟା କରିବାକୁ ଲାଗିଲେ । ସେ ବୀର ପଦକ୍ଷେପରେ ଘରର ସିମେଣ୍ଟ ଚଟାଣ ଶବ୍ଦ ତୋଳିଲା ଦୁମ୍ ଦୁମ୍ ଦୁମ୍ ଏବଂ ରୌଦ୍ରରସର ବିଭିନ୍ନ ଆଙ୍ଗିକ ମୁଦ୍ରା ପରିସ୍ଫୁଟନ କରି ତଥା ଗଳଦ୍‌ଘର୍ମ ହୋଇ ସାରାପ୍ରକୋଷ୍ଠ ଚକ୍ରାକାରରେ ଘୁରି ଘୁରି ସାର୍ ତଲ୍ଲୀନ ହୋଇ ନାଚିବାକୁ ଲାଗିଲେ ।

ସାର୍‌ଙ୍କର ନୃତ୍ୟଶୈଳୀର ସେ ପାରଦର୍ଶିତା ମୋତେ ମୁଗ୍ଧ କରିଥିଲା । କିନ୍ତୁ ଆଶ୍ଚର୍ଯ୍ୟ ହୋଇ ଦେଖିଲି ବୋଉ ଓ ରମା ମାଇଁଙ୍କର ପ୍ରତିକ୍ରିୟା ଥିଲା ସଂପୂର୍ଣ୍ଣ ରୂପେ ବିପରୀତ । ଉଦ୍‌ଗତ ହସକୁ ଜୋର୍‌କରି ଚାପିଧରିଥିବାରୁ ସେମାନଙ୍କର ଗୋରା ମୁହଁଟି ମାନ ଲାଲ୍ ପଡ଼ିଯାଇଥିଲା ଏବଂ ସାର୍ ଘୂରିପଡ଼ି ଆମଆଡ଼କୁ ପଛକଲା ସମୟରେ ମୁହଁରେ ପଣତକାନି ଗୁଞ୍ଜି ନିଃଶବ୍ଦରେ ତଥା ଉଚ୍ଛଳ ଭାବରେ ସେମାନେ ହସୁଥିଲେ ।

ସାର୍‌ଙ୍କର ରିହର୍ସାଲ୍ ସରିଗଲା କିଛି ସମୟ ପରେ । କୁର୍ତ୍ତା ପକେଟରୁ ରୁମାଲ୍ କାଢ଼ି, କପାଳର ସ୍ୱେଦବିନ୍ଦୁ ପୋଛି, ସାର୍ ମୃଦୁହସି ଉପସ୍ଥିତ ଅତିଥିମାନଙ୍କ ଆଡ଼କୁ ଅର୍ଥପୂର୍ଣ୍ଣ ଆଖିରେ ଚାହିଁଲେ, ଯାହାର ମାନେ ଥିଲା - କେମିତି ଲାଗିଲା ମୋ ନାଚ ?

ବୋଉ ଓ ରମା ମାଇଁ ସମସ୍ୱରରେ କହିଉଠିଲେ - ଚମତ୍କାର ! ଚମତ୍କାର ! ଏଭଳି ନାଚ ଆମେ ଜୀବନରେ ଦେଖିନଥିଲୁ ।

ମୋର ନିତାନ୍ତ ଅଳ୍ପବୟସ ସତ୍ତ୍ୱେ ମୁଁ ବୁଝିପାରିଲି ଯେ କେବଳ ସାର୍‌ଙ୍କୁ ଖୁସି କରିବାପାଇଁ ବୋଉ ଓ ମାଇଁ ଏକଥା କହୁଛନ୍ତି । ନାଚଟି ଜମ୍ମା ସେମାନଙ୍କୁ ଚମତ୍କାର ମନେ ହୋଇନି । ବରଂ ମନେ ହୋଇଛି କୌତୁକମୟ ଓ ହାସ୍ୟକର ।

କିନ୍ତୁ ଆଶ୍ଚର୍ଯ୍ୟ କଥା, ସାର୍ ସେମାନଙ୍କର ଏ ମିଛକଥାଟିକୁ ଧରି ପାରିଲେନି, ଲାଜକୁଳା ହସ ହସି ତଳକୁ ମୁହଁପୋତି କହିଲେ ''ଆଜ୍ଞା ଇଏତ କିଛି ନୁହେଁ, ଜାଗା ଟିକିଏ କମ୍ ହେଲା, ବଖରାଟି ସାନ ତ ! ଆଉ ଟିକିଏ ବଡ଼ ଜାଗା ହେଇଥିଲେ, ଆହୁରି ଭଲ ହୋଇଥାଆନ୍ତା'' ।

●●●

Digitized by srujanika@gmail.com

# ଦୁଇଟି କାହାଣୀ

ସିଏ ଆସିଥିଲେ ଦିଲ୍ଲୀର ମଂଛଥରା ଶୀତଋତୁର ଏକ ମଳିନ ଦ୍ୱିପହରରେ । ଅଚାନକ୍ । ତ୍ୱକର୍ ବର୍ଣ୍ଣ ଥିଲା ଅତିମାତ୍ରାରେ ଉଜ୍ଜ୍ୱଳ । ଖରାରେ ପୋଡ଼ି କିଛିଟା ତାମ୍ରରଙ୍ଗ ଧାରଣ କରିଥିଲା ଯଦିଓ । ଦୀର୍ଘ ଶରୀର ଓ ଉନ୍ନତ ନାସିକା । ମଥାର ହାଲ୍‌କା କେଶଗୁଚ୍ଛରେ ଏଠି ସେଠି ଧଳାର ଛାପ । ପିନ୍ଧିଥିଲେ ଆଡ଼ମଇଳା ହଳଦିଆ ପଡ଼ିଆସୁଥିବା ବିବର୍ଣ୍ଣ ସଫେଦ୍ ଧୋତି ଓ ଶସ୍ତାକନାର କାମିଜ୍ । କାନ୍ଧରେ ଝୁଲାମୁଣି । ତାଳିପକା ଚପ୍ପଲ ପିନ୍ଧା ପାଦ ଦୁଇଟି ଥିଲା ଧୂଳି ଧୂସର । ମୁହଁ ଦିଶୁଥିଲା କ୍ଳାନ୍ତ ଓ ଅବସନ୍ନ । ଅନାଟନମୟ ଚେହେରାରେ କିନ୍ତୁ ଆଭିଜାତ୍ୟର ସଂଭ୍ରାନ୍ତ ଛାପ ଥିଲା ।

କଲିଂବେଲର ଶବ୍ଦ ଶୁଣି କବାଟ ଖୋଲିଲାପରେ ତାଙ୍କୁ ଦେଖିଥିଲି । ଦିବାନିଦ୍ରାରେ ବ୍ୟାଘାତ ହୋଇଥିବା ହେତୁ ମୋ ମୁହଁରେ କିଞ୍ଚିତ୍ ଅସହିଷ୍ଣୁତାର ପ୍ରଲେପ ଥିଲା ଏବଂ ତାହା ସିଏ ବୁଝିପାରିଥିଲେ ନିଶ୍ଚୟ । ଅସମୟରେ ମୋତେ ବିବ୍ରତ କରିଥିବା ହେତୁ ବାରମ୍ବାର କ୍ଷମା ଭିକ୍ଷା କରିଲାଗିଲେ ଏବଂ ତା' ପରେ ଈଷତ୍ ସଙ୍କୁଚିତ ଭାବରେ କହିଲେ - ମୁଁ ବନାରସର ଜଣେ ଦରିଦ୍ର ବ୍ରାହ୍ମଣ । ବିଭିନ୍ନ ସ୍ଥାନରେ ବୁଲି ଧର୍ମଗ୍ରନ୍ଥ ପାଠକରେ । ପ୍ରବଚନ ଦିଏ । ଲୋକମାନେ ଆଶ୍ରୟ ଦିଅନ୍ତି । କିଛି କିଛି ଦକ୍ଷିଣା ବି । ଗୁଜୁରାଣ କୌଣସିମତେ ହୋଇଯାଏ ସେଥିରେ ।

-ତା'ତ ବୁଝିଲି । କିନ୍ତୁ ମୁଁ ଆପଣଙ୍କ ପାଇଁ କଅଣ କରିପାରେ ? ନିରୁତ୍ତାପ ଗଳାରେ ମୁଁ ପଚାରିଲି । ସାମାନ୍ୟ ଦୋ ଦୋ ପାଞ୍ଚ ହୋଇ କୁଣ୍ଠିତ ଭଙ୍ଗୀରେ ସିଏ କହିଲେ - ମୁଁ ଅନେକ ଦୂରରୁ ଆସିଛି । ଏଠି କାହାକୁ ଚିହ୍ନେନି, ଖୋଜି ଖୋଜି କୌଣସି ମନ୍ଦିରରେ ଯାଇ ଆଶ୍ରୟ ନେଇଯିବି ରାତିରେ । ମୁଁ କିନ୍ତୁ ଅତିମାତ୍ରାରେ କ୍ଷୁଧାର୍ତ୍ତ ଏବଂ କପର୍ଦ୍ଦକ ଶୂନ୍ୟ ମଧ୍ୟ । ଆପଣଙ୍କୁ କହିବାକୁ ସଙ୍କୋଚ ଲାଗୁଛି । ତେବେବି ଯଦି ସାମାନ୍ୟ ଭୋଜ୍ୟ ବସ୍ତୁ ମୋତେ ଦେଇପାରନ୍ତେ, ବଡ଼ ଉପକୃତ ହୁଅନ୍ତି । ସାରାଦିନ ମୁଁ ଅଭୁକ୍ତ ।

ପ୍ରଥମେ ତାଙ୍କ ଉପରେ ବିରକ୍ତି ଭାବ ଆସିଥିଲେ ବି ତାଙ୍କର ଶ୍ରାନ୍ତକ୍ଲାନ୍ତ ମୁହଁକୁ ଚାହିଁ ମନ ହୋଇପଡ଼ିଲା ସମ୍ବେଦନଶୀଳ । ''ଆମେ ତ ମଧ୍ୟାହ୍ନ ଭୋଜନ କରିସାରିଲୁଣି । ତେବେ ବି ଆପଣ ବସନ୍ତୁ । ଦେଖେ କି ବ୍ୟବସ୍ଥା ଆପଣଙ୍କ ପାଇଁ କରିପାରେ'' କହି ମୁଁ ରୋଷେଇ ଶାଳକୁ ଯିବାକୁ ଉଦ୍ୟତ ହେଲି ଏବଂ ସିଏ ଅପେକ୍ଷା କରି ବସି ରହିଲେ ଅଗଣା ମଝିରେ ଥିବା ସୁପୁଷ୍ଟ ପିଜୁଳି ଗଛର ଛାଇତଳେ । ପିଠି ଖରାକୁ ଦେଖାଇ । ଦେହରେ ଗରମଜାମା ନଥିଲା । ବୁଝିପାରିଲି ଶୀତ ଲାଗୁଥିବ ନିଶ୍ଚୟ ।

Digitized by srujanika@gmail.com

ଜାଣିଥିଲି ଉତ୍ତରଭାରତର ବାସିନ୍ଦାମାନେ ଭାତ ବଦଳରେ ରୁଟି ଖାଆନ୍ତି । ତରବରରେ ରୁଟି କେଇପଟ ବନାଇ ନେଇଥିଲି । ସାଥିରେ ଆଳୁଭଜା । ଫ୍ରିଜ୍‌ରେ ପାୟସ ଥିଲା, ଘରେ ଥିଲା ପାଚିଲା କଦଳୀ ଓ ଲେମ୍ବୁ ଆଚାର ।

ବାରମ୍ବାର ଡାକିବା ସତ୍ତ୍ୱେ ଘର ଭିତରକୁ ଆସିଲେନି । ପିଢ଼ା ପକାଇ ଭୋଜନ କଲେ ସେଇ ଅଗଣାରେ, ପିଜୁଳିଗଛ ତଳେ । ଖାଦ୍ୟ ବି ଖାଇଲେ ଅତ୍ୟନ୍ତ ତୃପ୍ତିର ସହ । ପାଣି ପିଇସାରିଲା ପରେ ଅବସନ୍ନ ସ୍ୱର୍ଣ୍ଣାଭ ମୁହଁଟି ଦିଶିଲା ହର୍ଷୋତ୍‌ଫୁଲ୍ଲ । ତାଙ୍କର ପରିତୃପ୍ତି ମୋତେ ମଧ କିଛି ପରିମାଣରେ ଆନନ୍ଦିତ କଲା । କ୍ଷୁଧାର୍ତ୍ତ ମଣିଷଟି କେତେ ଅଳ୍ପରେ ସନ୍ତୁଷ୍ଟ ହୋଇଗଲେ ସତେ ।

ମୋତେ ଆଶୀର୍ବାଦ କରି ଓ କୃତଜ୍ଞତା ଜ୍ଞାପନ କରି ବାହାରିଯାଇଥିଲେ । କଅଣ ଭାବି ଫେରିଆସିଲେ ଅଧାବାଟରୁ । କହିଲେ - ମୋର ଅସମୟରେ ଆପଣ ମୋତେ ସାହାଯ୍ୟ କଲେ । ମୋତେ ଉଦରପୂର୍ତ୍ତି ଭୋଜନ ଦେଲେ । ବଦଳରେ ଆପଣଙ୍କୁ ମୁଁ କିଛି ଦେବା କଥା । ନହେଲେ ଯେ ମୁଁ ଋଣୀ ହୋଇ ରହିଯିବି ଆପଣଙ୍କ ପାଖରେ । ଦରିଦ୍ର ବ୍ରାହ୍ମଣ । କଅଣ ବା ଦେଇପାରିବି ଆପଣଙ୍କୁ ? ତତ୍ତ୍ୱକଥା କହିବାକୁ ବା ପ୍ରବଚନ କରିବାକୁ ସମୟ ନାହିଁ । ତେଣୁ ମୁଁ ଆପଣଙ୍କୁ ଦୁଇଟି କାହାଣୀ କହିଯିବି । କାହାଣୀ ଦୁଇଟି ମନେରଖିବେ ନିଶ୍ଚୟ । ଆପଣଙ୍କର ବେଶୀ ସମୟ ନେବିନି ଅବଶ୍ୟ ।

ମୁଁ ମୁଣ୍ଡହଲାଇ ସମ୍ମତି ଜ୍ଞାପନ କଲି ଏବଂ ମୋ ବାରିପଟ ଦୁଆରବନ୍ଧ ପାଖରେ ଠିଆ ହୋଇ ସିଏ ମୋତେ ଏଇ କାହାଣୀ ଯୋଡ଼ିକ ଶୁଣାଇଥିଲେ । ପୁରାଣଭିତ୍ତିକ କାଳ୍ପନିକ କାହାଣୀ ଯୋଡ଼ିଏ ।

ପ୍ରଥମ କାହାଣୀ ଟି ଥିଲା ଏଇଭଳି -ଦିନେ ରାଜା କର୍ଣ୍ଣ ସ୍ନାନ କରିବାକୁ ଯିବା ପୂର୍ବରୁ ତୈଳମର୍ଦ୍ଦନ କରୁଥିଲେ ଶରୀରରେ । ତାଙ୍କର ବାମହସ୍ତରେ ମଣିମୁକ୍ତାଖଚିତ ସୁବର୍ଣ୍ଣଗିନା । ସେ ଗିନାଭର୍ତ୍ତି ସବୁଜାଭ ସୁଗନ୍ଧିତ ତୈଳ । ଦକ୍ଷିଣହସ୍ତର ହୀରକ ଅଙ୍ଗୁରୀୟ ଶୋଭିତ ଅଙ୍ଗୁଳି କେତୋଟି ସେ ଗନ୍ଧତୈଳରେ ବୁଡ଼ାଇ ମସ୍ତକକୁ ଠିକ୍ ନେଲାବେଳକୁ ତାଙ୍କ ସାମ୍‌ନାରେ ଉପସ୍ଥିତ ହେଲେ ଦୁଃସ୍ଥ ବ୍ରାହ୍ମଣଟିଏ - ଭିକ୍ଷା ଯାଚନା କରି । ଏବଂ ବ୍ରାହ୍ମଣଟିର ଦୁର୍ଦ୍ଦଶାରେ ବିଚଳିତ ହୋଇ କର୍ଣ୍ଣ ତତ୍‌କ୍ଷଣାତ୍, କାଳ ବିଳମ୍ବ ନକରି, ବ୍ରାହ୍ମଣହାତକୁ ବଢ଼ାଇ ଦେଲେ ରତ୍ନପ୍ରଭ କନକପାତ୍ରଟି । ବ୍ରାହ୍ମଣ ଦାନ ଗ୍ରହଣ କଲେ ଯୋଡ଼ହସ୍ତରେ । କିନ୍ତୁ ପ୍ରସ୍ଥାନ ନକରି ଦଣ୍ଡାୟମାନ ହୋଇ ରହିଲେ କର୍ଣ୍ଣଙ୍କ ସାମ୍‌ନାରେ । କର୍ଣ୍ଣ ଆଖିରେ ପ୍ରଶ୍ନବାଚୀ ତୋଳି ଚାହିଁଲେ ତାଙ୍କୁ ଏବଂ ବ୍ରାହ୍ମଣ ନତମସ୍ତକରେ ନିବେଦନ କରି କହିଲେ - ରାଜନ୍ । ଆପଣ ଯଦି ଅପରାଧ ମାର୍ଜନା କରିବେ ତେବେ ଆପଣଙ୍କୁ ଗୋଟିଏ ପ୍ରଶ୍ନ ପଚାରିବାକୁ ମୁଁ ଇଚ୍ଛୁକ । କର୍ଣ୍ଣ ହସ୍ତ ଉତ୍ତୋଳନ କରି ବରାଭୟ ଦେଲେ ଏବଂ ବ୍ରାହ୍ମଣ କହିଲେ - ରାଜାଧୀରାଜ ! ଆପଣ ଯେ

Digitized by srujanika@gmail.com

ପୃଥିବୀର ସର୍ବଶ୍ରେଷ୍ଠ ଦାନବୀର, ତାହାର ପ୍ରମାଣ ମୁଁ ଏଇମାତ୍ର ପାଇଲି । ଅତି ଦୁର୍ମୂଲ୍ୟ ହୀରା, ନୀଳା, ମୋତି ମାଣିକ୍ୟ ଖଚିତ ସୁବର୍ଣ୍ଣ ଗିନାଟି ଅକୁଣ୍ଠିତ ଚିତ୍ତରେ ଏବଂ ବିନାଦ୍ୱିଧାରେ ଆପଣ ଦାନ କରିଦେଲେ । କିନ୍ତୁ ଗୋଟିଏ ବିଷୟରେ ମୋ ମନ ତଥାପି ସନ୍ଦେହାକୁଳ । ଧର୍ମ ଶାସ୍ତ୍ରର ବିଧି ଅନୁସାରେ ଦାନ ଦକ୍ଷିଣହସ୍ତରେ ଦେବା ବିଧେୟ । ଆପଣ କିନ୍ତୁ ସ୍ୱୀୟ ବାମହସ୍ତରେ ମୋତେ ସ୍ୱର୍ଣ୍ଣ ପାତ୍ରଟି ଅର୍ପଣ କଲେ । ଶାସ୍ତ୍ରଜ୍ଞ ହୋଇ ସୁଦ୍ଧା ଆପଣ କାହିଁକି ଏହା କଲେ ତାହା ମୋ' ପାଇଁ ରହସ୍ୟ ହୋଇ ରହିଯାଉଛି । ଆପଣ କୃପାକରି ଏ ରହସ୍ୟର ବିମୋଚନ କରିବେ କି ?

ବ୍ରାହ୍ମଣଙ୍କ ବକ୍ତବ୍ୟ ଶୁଣି କର୍ଣ୍ଣ ମୃଦୁହସି ଜବାବ୍ ଦେଲେ - ଅତିଥି ମହୋଦୟ । ଆପଣ ନିଶ୍ଚୟ ଜାଣିଥିବେ ଯେ ମନୁଷ୍ୟର ମନ ବଡ଼ ଚଞ୍ଚଳ । ପରିବର୍ତ୍ତନଶୀଳ ମଧ୍ୟ । ବାମହାତରୁ ଡାହାଣହାତକୁ ଗିନାଟି ଆଣି ଆପଣଙ୍କୁ ଦେବା ସମୟ ଭିତରେ - ସେଇ ସାମାନ୍ୟ କେତୋଟି ଦଣ୍ଡ ଓ ପଳ ଭିତରେ ହୁଏତ ମୋ ମନରେ ପରିବର୍ତ୍ତନ ଆସିଥାଆନ୍ତା । ହୁଏତ ଭାବିଥାଆନ୍ତି - ଅଜସ୍ର ମଣିଖଚିତ ମହାର୍ଘ୍ୟ ପାତ୍ରଟି କାହିଁକି ? ସୁବର୍ଣ୍ଣ ଅଙ୍ଗୁରୀୟ ଟିଏ ତର୍ଜନୀରୁ କାଢ଼ି ଦେଇଦେଲେ ମଧ୍ୟ କାମଚଳିଯିବ । ମନର ଅଳିନ୍ଦରେ ସେଇ ଭାବନାକୁ ପ୍ରଶ୍ରୟ ଦେବାର ସୁଯୋଗ ନଦେବା ପାଇଁ, ଯେଉଁ ମୁହୂର୍ତ୍ତରେ ମୋ ମନରେ ଗିନାଟି ଦାନ କରିବାର ପ୍ରବୃତ୍ତି ଆସିଲା, ତିଳେ ମାତ୍ର କାଳବିଳମ୍ବ ନକରି ବାମହସ୍ତରେ ଧରିଥିବା ଗିନାଟି ମୁଁ ଆପଣଙ୍କୁ ବଢ଼ାଇଦେଲି । ପ୍ରତ୍ୟେକ ମଣିଷ ଯେତେବେଳେ ଯାହାକୁ ଯାହା ଦେବାକୁ ଇଚ୍ଛାକରେ, ତତ୍‌କ୍ଷଣାତ୍ ଦେଇଦେବା ଉଚିତ୍ । ବିଳମ୍ବ ହେଲେ ମଣିଷର ମନ ବଦଳି ଯାଇପାରେ ।

ବ୍ରାହ୍ମଣ ପ୍ରଥମ କାହାଣୀଟି ସମାପ୍ତ କଲେ । କହିବା ବାହୁଲ୍ୟ କାହାଣୀଟି ମୋତେ ଅତ୍ୟନ୍ତ ଉପାଦେୟ ତଥା ମନୋରଞ୍ଜକ ମନେହୋଇଥିଲା । ଅନୁଭବ କଲି - କର୍ଣ୍ଣ ଉତ୍‌ଥାପନ କରିଥିବା ମାନସିକ କୁଣ୍ଠାବୋଧ ଏବଂ ମନୋବିକାରର ଶିକାର ମୋ ଜୀବନରେ ମୁଁ ଅନେକଥର ହୋଇଛି ବୋଲି । ଏବଂ ଡିସେମ୍ବରର ମ୍ଲାନ ଅପରାହ୍ନର ତେଜହୀନ ଖରାରେ ଠିଆହୋଇ ବ୍ରାହ୍ମଣ ଆରମ୍ଭ କଲେ ଦ୍ୱିତୀୟ କାହାଣୀଟି ।

ଏକଦା ଜଣେ ବୟୋବୃଦ୍ଧ ବ୍ୟକ୍ତି ତାଙ୍କୁ ଅଯଥା ବିବ୍ରତ କରୁଥିବା କୌଣସି ଏକ ଖଳନାୟକ ବିରୁଦ୍ଧରେ ସ୍ୱୀୟ ଗୁହାରି ଶୁଣାଇ ନ୍ୟାୟପ୍ରାର୍ଥନା କରିବାଲାଗି ମହାରାଜ ଯୁଧିଷ୍ଠିରଙ୍କ ଦରବାରରେ ଉପସ୍ଥିତ ହୋଇଥିଲେ । ସେତେବେଳକୁ ସନ୍ଧ୍ୟା ଆଗତ ପ୍ରାୟ । ଦରବାର ଶେଷ ହେବାକୁ ବସିଛି । ଯୁଧିଷ୍ଠିର ତେଣୁ ଆଗନ୍ତୁକଙ୍କୁ ପରଦିନ ମଧ୍ୟାହ୍ନରେ ଆସି ଦରବାରରେ ହାଜିରହେବା ପାଇଁ ଆଦେଶ କରି ରାଜନବରକୁ ଯିବାପାଇଁ ଉଦ୍ୟତ ହେଲେ । ଦରବାରର ଦ୍ୱାରଦେଶରେ ଏକ ବିରାଟକାୟ ତୂରୀ ଅବସ୍ଥାପିତ କରାଯାଇଥିଲା ଏବଂ ଯୁଧିଷ୍ଠିର କୌଣସି ପରାକ୍ରମୀ ରାଜାଙ୍କ ଉପରେ ବିଜୟ ଲାଭ କଲେ ନଗରବାସୀମାନଙ୍କୁ

Digitized by srujanika@gmail.com

ତାହା ଜଣାଇଦେବା ପାଇଁ ତୂର୍ଯ୍ୟନାଦ କରାଯାଉଥିଲା । ବୃଦ୍ଧବ୍ୟକ୍ତି ଜଣକଙ୍କ ପାଇଁ ଉଦ୍ଦିଷ୍ଟ ଧର୍ମରାଜଙ୍କର ଆଦେଶ ଶୁଣି ଭୀମସେନ ଦ୍ୱାରଦେଶକୁ ଯାଇ ନିଜର ସମସ୍ତ ଶକ୍ତି ପ୍ରୟୋଗ କରି ତୂରୀଟିକୁ ବଜାଇବାକୁ ଲାଗିଲେ । ଯୁଧିଷ୍ଠିର ତୂରୀନାଦ ଶୁଣି କନିଷ୍ଠ ଭ୍ରାତାଟିକୁ ଡ଼ାକି ପଚାରିଲେ ''ବୃକୋଦର ! ଯେତେଦୂର ମୁଁ ଜାଣେ କାହାରି ଉପରେ ମୋର ବିଜୟପ୍ରାପ୍ତି ହୋଇନାହିଁ । ତୁମେ ଅକାରଣରେ ତୂର୍ଯ୍ୟନାଦ କଲ କାହିଁକି '' ?

ଦ୍ୱିତୀୟ ପାଣ୍ଡବ ଅଧୋବଦନ ହୋଇ ଉତ୍ତର ଦେଲେ ''ଭ୍ରାତଃ ! ଏଇ ଅଳ୍ପସମୟ ପୂର୍ବରୁ ଆପଣ ସେଇ ବୃଦ୍ଧବ୍ୟକ୍ତି ଜଣଙ୍କୁ ଆଗାମୀ କାଲି ଦିନର ଦ୍ୱିତୀୟ ପ୍ରହରରେ ଆସିବାପାଇଁ ନିର୍ଦ୍ଦେଶ ଦେବାର ଶୁଣିଲି । ସେ ନିର୍ଦ୍ଦେଶରେ ଆଚମ୍ୱିତ ହେଲି ମଧ୍ୟ । ଠିକ୍ ପର ମୁହୂର୍ତ୍ତରେ କଅଣ ଘଟିବ ମଣିଷ ଜାଣେନି । ଆପଣ କିନ୍ତୁ ଧରିନେଲେ ଯେ ଆଜିର କାର୍ଯ୍ୟ ଓ କାରଣ ସବୁକିଛି କାଲି ପର୍ଯ୍ୟନ୍ତ ଠିକ୍ ଏଇ ଭାବରେ ଥିବ । କିନ୍ତୁ ହୁଏତ ତାହା ନହୋଇପାରେ । ଆପଣ ଅସୁସ୍ଥ ହୋଇ ପଡ଼ିପାରନ୍ତି, ବୃଦ୍ଧବ୍ୟକ୍ତିଟିର ମୃତ୍ୟୁହୋଇପାରେ । ଅଚାନକ୍ ଶତୃ ଆକ୍ରମଣରେ ଆପଣ ରାଜଗାଦିଚ୍ୟୁତ ହୋଇପାରନ୍ତି । ଯୁଦ୍ଧ କରିବା ପାଇଁ ଦୂରସ୍ଥାନକୁ ଚାଲିଯାଇପାରନ୍ତି । ବହୁତ କିଛି ଘଟିଯାଇପାରେ ଏତିକି ସମୟ ମଧ୍ୟରେ । ଆପଣ କିନ୍ତୁ ଧରିନେଲେ ଯେ ସମୟ ବା କାଳ ଆପଣଙ୍କ କବଳରେ, ଆପଣଙ୍କର ଆୟତ୍ତାଧୀନ ଏବଂ ଅବିକଳ ଏଇ ଭାବରେ ଆଜିର ପରିସ୍ଥିତି କାଲିପର୍ଯ୍ୟନ୍ତ ରହିଥିବ । ମହାକାଳକୁ ଜୟକରିବାର ଆପଣଙ୍କର ଏ ଆସ୍ପର୍ଦ୍ଧା ଆପଣଙ୍କର ଜୀବନର ସର୍ବଶ୍ରେଷ୍ଠ ବିଜୟ ବୋଲି ଧରିନେଇ ମୁଁ ତୂର୍ଯ୍ୟନାଦ କରିବାକୁ ବାଧ୍ୟ ହୋଇଥିଲି ।

ଭୀମସେନଙ୍କ ଉତ୍ତରରେ ଲଜ୍ଜିତ ହୋଇ ଧର୍ମରାଜ ତତ୍କ୍ଷଣାତ୍ ବୃଦ୍ଧବ୍ୟକ୍ତିଟିର ମାମ୍‌ଲାର ବିଚାର କରିଥିଲେ । ବୁଝି ପାରିଥିଲେ ଯେ ଯେତେବେଳେ ଯେଉଁ କାମଟି ଆମ ସମ୍ମୁଖକୁ ଆସୁଛି, ତାହା ସେତିକିବେଳେ କରିବା ବିଧେୟ । ଭବିଷ୍ୟତ ଅନିଶ୍ଚିତ । ତେଣୁ ଆଗାମୀ ଦିନ ପାଇଁ ଆଜିର କାମଟି ରଖିଦେଲେ ହୁଏତ କିଛି ବିଘ୍ନ ଘଟିପାରେ ।

ଏ ଘଟଣା ବହୁତ ବର୍ଷ ତଳର । ସେଇ ଅଚାନକ୍ ଆଗନ୍ତୁକ ବ୍ରାହ୍ମଣ ଜଣଙ୍କୁ ମୁଁ ମାତ୍ର କେଇପଟ ରୁଟି ଖାଇବାକୁ ଦେଇଥିଲି । ବଦଳରେ ସିଏ ମୋତେ ଦେଇଗଲେ ଅମୂଲ୍ୟ ମଣିଯୋଡ଼ିଏ । ସେ ମଣିଯୋଡ଼ିକ ପାଟକନାରେ ବାନ୍ଧି ସ୍ମୃତିର ପେଡ଼ିରେ ପରମଯତ୍ନରେ ଏତେଦିନ ଧରି ସାଇତି ରଖିଛି ମୁଁ । ନିଶ୍ଚିତଭାବରେ ଭୁଲ୍‌କାମ କରିଛି । ଏଭଳି ସାଇତି ନରଖି ଦୈନନ୍ଦିନ ଜୀବନରେ ତାହାକୁ ବାରମ୍ୱାର ବ୍ୟବହାର କରିବା ଉଚିତ୍ ଥିଲା ।

●●●

Digitized by srujanika@gmail.com

# 'ପଲ୍ଲୀଶ୍ରୀ'

କେବଳ ଭୋଜନ ସମୟତକ ବାଦ୍‌ଦେଲେ, ବାକୀ ସମୟ ତକ ବୁଢ଼ାବାପା ରହୁଥିଲେ ଦାଣ୍ଡ ସେପଟ କୋଠାଘରଟିରେ । ବୁନିୟାଦୀ ମାଟିଘରଟି ଥିଲା ପରିବାରର ଅନ୍ୟ ସଦସ୍ୟମାନଙ୍କ ପାଇଁ ଉଦ୍ଦିଷ୍ଟ । ବେଶ୍ ବଡ଼ ଥିଲା କିନ୍ତୁ ଘରଟି । ଦାଣ୍ଡଆଡ଼ର ସାନ ଅଗଣାଟିକୁ ଲାଗି ଚାରୋଟି ବଖରା । ଏବଂ ତା 'ପରେ ପରେ ଆୟତକ୍ଷେତ୍ରାକାର ବଡ଼ ଅଗଣାଟି - ପ୍ରଶସ୍ତ ଓ ଖୋଲାମେଲା । ଅଗଣା ଚାରିପଟେ ଧାନଘର, ଢ଼ିଙ୍କିଶାଳ, ରୋଷେଇଶାଳ, ବୁଢ଼ୀମାଙ୍କ ପୂଜାଘର ଓ ଓଳିଆଘର । ଓଳିଆଘରେ ବୀଜଧାନ ଓ ବିରି, ମୁଗ, ଚଣାର ବିରାଟକାୟ ଓଳିଆମାନ ଗୋଟିକ ଉପରେ ଗୋଟିଏ ସଜା ହୋଇ ରଖାଯାଇଥିଲା ।

ବଡ଼ ଅଗଣାଟି ମଣିଷ ଓ କୋଳାହଳରେ ଗହଗହ କରୁଥିଲା ସାରାବର୍ଷ । ପର୍ବ ପର୍ବାଣୀରେ ପୂଜା ଅର୍ଚ୍ଚନା ହେଉଥିଲା ସେଇଠି । ଠୁଳ ହୋଇଥିବା ଗ୍ରାମ୍ୟ ବଧୂମାନଙ୍କ ମେଳରେ ଝୁଣା ଓ ଗୋଗ୍ଗୁଳଧୁଆଁର କୁୟାସା ଭିତରେ ପୁରୋହିତେ ପଢୁଥିଲେ ବ୍ରତକଥା । ମାଣବସା ଶେଷ ଗୁରୁବାରଦିନ ଅଗଣା କଡ଼କୁ ଚୁଲୀ ଖୋଳାହୋଇ ତିଆରି ହେଉଥିଲା ଭଳି ଭଳି ପିଠାପଣା, କ୍ଷିରୀ, ଖେଚେଡ଼ି । ଦୀପାବଳୀ ଅମାବାସ୍ୟା ଦିନ ପୂର୍ବପୁରୁଷଙ୍କୁ ପିଣ୍ଡଦେଇ ଅଗଣାରେ କାଉଁରିଆ କାଠି ଜଳାଇ ଦଦେଇ ଡ଼ାକୁଥିଲେ ବଡ଼ବଡ଼ିଆଙ୍କୁ । ପତର ପକାଇ ବ୍ରାହ୍ମଣମାନେ ଜଳପାନ କରୁଥିଲେ - ଗହମ କ୍ଷିରୀ, ଚୂଡ଼ାଘଷା, କାକରାପିଠା, କଦଳୀଚକଟା ଓ ଆମ୍ବୁଲରାଇ । ବଡ଼ି ଭୋର୍‌ରୁ ହଳିଆମାନେ ଆସି ଜମା ହେଉଥିଲେ ଅଗଣାରେ । କେଉଁ ବିଲକୁ କେତେଟା ହଳ ଯିବ ଠିକ୍ କରି ଦଦେଇ କାମ ବାଣ୍ଟି ଦେଉଥିଲେ ସେମାନଙ୍କ ଭିତରେ । ଗୁଡ଼ିଆଣୀ ଆସିଲେ ତାକୁ ଧାନ ଦେଇ ବରାଦ କରୁଥିଲେ ଚୂଡ଼ା, ମୁଢ଼ି, ଉଖୁଡ଼ା ଓ ହୁଡୁମ୍ବର । ବେଳ ପହରେ ହେଲା ବେଳକୁ କହୁଣୀଯାଏ ବାହିଏ ବାହିଏ କଂସାଖଡୁ ପିନ୍ଧା ଗଉଡୁଣୀମାନେ ପହଞ୍ଚିଯାଉଥିଲେ ବଡ଼ ବଡ଼ ବଡ଼ାଭର୍ତ୍ତି ସଜଛେନା ଓ ବସାଦହି ଧରି । କିଣାବିକା ସାରି ସୁଖ ଦୁଃଖ ହେବା ବାହାନାରେ ଦଣ୍ଡେ ବସିଯାଉଥିଲେ ଅଗଣାରେ । ଗୋବରଲିପା ଚଟାଣରେ ଖଡ଼ିଗୋଟାକିରେ ପାଲି କାଟି କଉଡ଼ିଖେଳୁଥିଲୁ ସାହିଝିଅମାନଙ୍କ ସହିତ । ପହିଲି ରଜଦିନ ରଜଦୋଳି ମଧ ବନ୍ଧାହେଉଥିଲା ସେଇଠି । ସାରା ଶୀତରତୁ ବୁଢ଼ୀ ମା'ଙ୍କ ସାଥିରେ ଅଗଣା କଡ଼କୁ ବସି କାଠିକୁଟା ଜାଳି ନିଆଁ ପୁଆଁଉଥିଲୁ । ଅଗଣାଟିକୁ ନିଃଶ୍ୱାସ ନେବାକୁ ବି ଫୁର୍ସତ୍ ନଥିଲା ସାରା ଦିନ ।

ଅଗଣାର ପୂରାପୂରି ପୂର୍ବଦିଗଟି ମାଡ଼ିବସିଥିଲା ପ୍ରକାଣ୍ଡକାୟ ଧାନଘର । ଧାନ ଜମାହେଉଥିଲା ଆଟୁ ପର୍ଯ୍ୟନ୍ତ । ଘରଟି ଥିଲା ନିବୁଜ । କେବଳ ଉପରଆଡ଼କୁ ମଣିଷଟିଏ ଗଳିକି ଯାଇପାରିଲା ଭଳି ଜଳାକବାଟି ଟିଏ । ପଟା ଦିଆହୋଇ ବନ୍ଦ କରାହେଉଥିଲା ।

Digitized by srujanika@gmail.com

ଦରକାର ପଡ଼ିଲେ ହଳିଆ ଜଣେ ସେଇବାଟେ ପଶି ବାହାର କରି ଆଣୁଥିଲା ବୋଝ୍ ବୋଝ୍ ଧାନ । ଦଦେଇ ଗଉଣୀରେ ମାପି ମୂଲ ଦେଉଥିଲେ । ଝୋଟି ଦିଆ ଧାନଘର ସାମ୍‌ନାରେ ସଂଜବତୀ ଜଳୁଥିଲା ନିଇତି । ସେଠି କାଳେ ଗୋଟିଏ ଅଶରୀରୀ ଆତ୍ମା-ହାଡ଼ବାଇ - ବିଜେ କରୁଥିଲେ ବୋଲି ଦେଠେଇ କହୁଥିଲେ । ସେଇଥିପାଇଁ କୁଆଡ଼େ ଧାନଘରୁ ବେଳେ ବେଳେ ଧୂପର ବାସ୍ନା ବା ବଉଳଫୁଲର ବାସ୍ନା ବାହାରୁଥିଲା । ଆମେ ଯଦିଓ ଥରେ ହେଲେ ବି ସେଭଳି କିଛି ବାସ୍ନା ପାଇନଥିଲୁ, ତେବେ ବି ସନ୍ଧ୍ୟାପରେ ଡ଼ରୁଥିଲୁ ଧାନଘର ବାଟେ ଯିବା ପାଇଁ ।

ଅଗଣାପଟୁ ଓଜନିଆ ନକ୍ସାକଟା ପଣସକାଠର କବାଟଟି ଖୋଲିଲେ ଥିଲା ବାରି ଏବଂ ବାରିରେ ଠିକ୍ ଘର ପାଚିରୀକୁ ଲାଗି ଥିଲା ଦୁଇଟି ବରକୋଳି ଗଛ । ବଡ଼ ଝଙ୍କାଳିଆ ଗଛଟିରେ ଫଳ ଆସୁଥିଲା ପ୍ରଚୁର । ନହକା ଡ଼ାଳସବୁ ନଇଁପଡୁଥିଲା ପେଣ୍ଠା ପେଣ୍ଠା ଫଳର ଭାରରେ । ସେ ବରକୋଳି ସବୁ ପାଚି ହୋଇଯାଉଥିଲା ନାଲି ଟୁକ୍ ଟୁକ୍ । ଅବିର ପରି । କୋଳିର ରଙ୍ଗରେ ରଙ୍ଗବତୀ ହୋଇଯାଉଥିଲା ଗଛଟି । ସାରା ଖରାବେଳ ବାଉଁଶ ନଗିରେ ସେ ନରମ ପୁତ୍ ପୁତ୍ କୋଳି ପାରି, ଲୁଣ ଲଙ୍କା ଗୋଳାଇ ଟାକେରା ମାରି ଖାଉଥିଲୁ । ଫଳଗୁଡ଼ିକ ଥିଲା ତୀବ୍ରଭାବରେ ଖଟା ।

ସାନଗଛଟି ଥିଲା ଦୀର୍ଘାଙ୍ଗୀ ଓ ତନ୍ୱୀ । ପତ୍ରଗୁଡ଼ିକ ଟାଉଁସିଆ ଓ ଗାଢ଼ସବୁଜ । ଫଳର ରଙ୍ଗ ମଧ୍ୟ ଥିଲା ସବୁଜ - ପାଚିଗଲେ ବି । କୋଳିଗୁଡ଼ିକ ଥିଲା ବେଶ୍ ବଡ଼ ଆକାରର ଏବଂ ପରିଣତ ଅବସ୍ଥାରେ ବି ରହୁଥିଲା ଶକ୍ତ । କାମୁଡ଼ି ଖାଇଲେ କଡ଼୍ କଡ଼୍ ଶୁଭୁଥିଲା । ସ୍ୱାଦ ଥିଲା ମାତ୍ରାଧିକ ପରିମାଣରେ ମିଠା । ଗଛଟି ଏତେ ପତଳା ଥିଲା ଯେ ହାତରେ ତା ଗଣ୍ଡିକୁ ଧରି ଦୁଇ ଜଣ ମିଶି ହଲାଇ ଦେଉଥିଲୁ । ଦରଶୁଖିଲା ବୃନ୍ତରୁ କୋଳିଗୁଡ଼ିକ ଖସି ଭୂଇଁରେ ପଡୁଥିଲା ଟୁପ୍ ଟୁପ୍ ଟୁପ୍ ।

ବାରିର ବାଁ ପଟେ ଝାଟିଘେରା କୋଶଳା କିଆରୀ ଓ ତାକୁ ଲାଗିକରି ଥିଲା ପଥରକୂଅଟି । କୂଅଟିର ଫନ୍ଦ ନଥିଲା ଏବଂ ଥରେ ପାଣି କାଢୁ କାଢୁ ବୋଉ ଖସି ପଡ଼ିଥିଲା କୂଅ ଭିତରେ । ଖରାଦିନ - କୂଅ ଭିତରେ ପାଣି ବେଶୀ ନଥିଲା ଏବଂ ଭାଗ୍ୟବଶତଃ ବୋଉର ବିଶେଷ କିଛି କ୍ଷତି ହୋଇନଥିଲା । ଶରୀର ଏଠି ସେଠି କ୍ଷତବିକ୍ଷତ ହୋଇଥିଲା ଯାହା । ପରେ ଗାଁ ଲୋକେ ରସିଲଗା ଗାଣ୍ଡୁଆଟିଏ କୂଅ ଭିତରକୁ ପକାଇଥିଲେ ଓ ଅବଗୁଣ୍ଠନବତୀ ବୋଉ ତହିଁରେ ବସି ଉପରକୁ ଟଣା ହୋଇ ଆସିଥିଲା । କୂଅ ମୂଳେ ସାରାଦିନ ଭିଡ଼ ଲାଗି ରହିଥିଲା । ପାଦର ମଲ ରୁଣୁଝୁଣୁ କରି ସାଇପଡ଼ିଶାର ବଧୂଦଳ ଆସି ବଡ଼ବଡ଼ ପିଉଳଗରାରେ ପାଣି କାଢୁଥିଲେ । ଖୁସି ଗପ କରୁଥିଲେ ଆମସାଥିରେ । କୂଅମୂଳେ ଥିବା ଜମି ଟୁକୁଡ଼ାରେ ଋତୁ ଅନୁଯାୟୀ ଫୁଲ ଫୁଟୁଥିଲା । ହରଗଉରା କି ମାଣିକମକଦଲ । ବୁଢ଼ୀମା ମଞ୍ଜି ବୁଣି ଦେଉଥିଲେ । ପାଣି ପାଇ ଗଛଗୁଡ଼ିକ ହୋଇଯାଉଥିଲା ବେଶ୍ ସୁସ୍ଥସବଳ । କଅଁଳ ଛନ୍ ଛନ୍

Digitized by srujanika@gmail.com

ପୋଇଲତା ବି ମାଡ଼ିଥିଲା ତା ପାଖରେ । ବାଇଗିଣୀ ରଙ୍ଗର ପାଚିଲା ପୋଇଫଳରସକୁ ଅଳତା କରି ପିନ୍ଧୁଥିଲୁ ପାଦରେ । ହରଗଉରା ଫୁଲକୁ ବାଟି ପାପୁଲିରେ ଲଗାଇଲେ ପାପୁଲି ହୋଇଯାଉଥିଲା ଗୋଲାପ ପାଖୁଡ଼ା ପରି ରଂଗିନ୍ ।

ଆମଘର ବାଁ' ପାଖ ଡିହଟି ଖାଲି ପଡ଼ିଥିଲା । ସେ ଖାଲି ଜମିଟିର ଆକର୍ଷଣ ଆମପାଇଁ ଥିଲା ପ୍ରଚୁର । କାରଣ ସେ ଜାଗାଟିରେ ଥିଲା ଗିଲବଣ । ଗିଲଗଛ ମଝିରେ ମଝିରେ ଭୂଇଁରେ ଲହରେଇ ଲହରେଇ ମାଡ଼ିଥିଲା କାଇଁଚଲତା । ଉଭୟ ଗିଲ ଓ କାଇଁଚ ଦୁଇଟି ଯାକ ଗଛ ଆମପାଇଁ ଥିଲା ନୂଆ । ଶୁଖିଲା ଛୁଇଁ ଚିରି ଏକାଠି କରୁଥିଲୁ କାଇଁଚମଞ୍ଜି । ସାଉଁଳିଆ ମଞ୍ଜିସବୁ ଦିଶୁଥିଲେ କଳାଟୋପା ପିନ୍ଧା ସାଧବାଣୀ ବୋହୂ ପରି । କଣ୍ଟାଳିଆ ଗିଲ ଗଛର ଛୁଇଁ ଫାଟି ତହିଁରୁ ବାହାରୁଥିଲା ମସୃଣ, ପାଉଁଶିଆ ରଂଗର ଗିଲ - ଫମ୍ପା କିନ୍ତୁ ଗୋଡ଼ି ପରି ଟାଣୁଆ । ବାଟି ଖେଳ ପାଇଁ ଥିଲା ଚମତ୍କାର ।

ବେଳେ ବେଳେ ଯାଉଥିଲୁ ଖଳାବାରିକି । ଖଳାବାରିଟି ଥିଲା ଟିକିଏ ଦୂରରେ । ବାରି ଶେଷକୁ ଥିବା ସାନଝରଣାଟିର ସେ ପଟେ । ବାଲିଗରଡ଼ା ଭରି କ୍ଷୀଣାଙ୍ଗୀ ଝରଣାଟି ସାରାବର୍ଷ ପ୍ରାୟ ଶୁଖିଲା ପଡ଼ିଥିଲା । କେବଳ ଆଣ୍ଠୁଏ ଆଣ୍ଠୁଏ ପାଣି ଚାଲୁଥିଲା ବର୍ଷାଦିନେ । ଖଳାବାରିର ଗୋଟିଏ ପଟକୁ ଧାନବିଲ ଓ ଆରପଟେ ଉଞ୍ଚ ଉଞ୍ଚ ନାଗଫେଣି ଓ ସିଜୁବୁଦାର ବାଡ଼ । ବିଲଆଡ଼କୁ ଥିବା ଆକାଶଛୁଆଁ ତେନ୍ତୁଳିଗଛରୁ ଖଳାବାରିରେ ଝଡ଼ିପଡୁଥିଲା ଫଡ଼ା ଫଡ଼ା ପାଚିଲା ତେନ୍ତୁଳି । ବେଙ୍ଗଳା ବୁଲିଲାବେଳେ ବେଶ୍ ସରଗରମ୍ ହୋଇ ଉଠୁଥିଲା ଖଳାବାରିର ପରିବେଶ । ଜମା ହୋଇଥିବା ସୁନେଲୀ, ସୁଗନ୍ଧୀ ଧାନଗଦା ଉପରେ ବସି ବେଙ୍ଗଳା ବୁଲା ଦେଖୁଥିଲୁ । ଚାରୋଟି ବଳଦ ଏକାସାଥିରେ ବନ୍ଧାହୋଇ ଗୋଟିଏ ଖୁଣ୍ଟି ଚାରିପଟେ ବାରମ୍ବାର ବୃତ୍ତାକାରରେ ବୁଲୁଥିଲେ ଏବଂ ସେମାନଙ୍କ ଖୁରାରେ ଦଳି ତଳେ ବିଛା ହୋଇଥିବା ଧାନ କେଣ୍ଡାରୁ ଧାନ ଅଲଗା କରୁଥିଲେ । ସେ ବଳଦମାନଙ୍କ ଭିତରୁ କସରା ବଳଦଟି ଥିଲା ଭାରି ବଦ୍‌ମାସ୍ । ଚାଲିଲାବେଳେ ପାଞ୍ଚଶ ମାଡ଼ ସତ୍ତ୍ୱେ ତଳକୁ ମୁହଁ କରି ଖାଇଦେଉଥିଲା କେଣ୍ଡା କେଣ୍ଡା ଧାନ । ତା ମୁହଁରେ ସବୁବେଳେ ଥିଲା ସରୁ ଝୋଟ ଦଉଡ଼ିର ତୁଣ୍ଡିଟିଏ ବନ୍ଧା ।

ଆମଘରଠୁ ଅଳ୍ପଦୂରରେ ଥିଲା ଶ୍ରୀ ଗୋପୀନାଥଙ୍କ ମନ୍ଦିର । ଆସନ୍ନ ଗୋଧୂଳିରେ ଘରମାନଙ୍କରେ ଚୂଲୀରେ କୁହୁଳା ପଡ଼ିଲେ ଚାଳଉପରେ ଲତେଇ ଲତେଇ ଉଠୁଥିଲା ଫିକା ନୀଳରଂଗର ଧୂଆଁ । ମନ୍ଦିରରେ ପୂଜାର୍ଚ୍ଚନାର ସମୟ ଆଗତ ବୋଲି ସେ ଧୂଆଁ ଆମକୁ ବତାଇ ଦେଉଥିଲା । ଦୌଡ଼ିକି ଯାଉଥିଲୁ ଦେଉଳ ଆଡ଼େ । ବଡ଼ ଚତୁର୍ମୁଖୀ ପିତ୍ତଳ ଦୀପରେ କର୍ପୂର ଜାଳି ଗମ୍ଭିରୀ ଭିତରେ ଘଣ୍ଟ ଓ ଶଙ୍ଖନାଦ ସହିତ ଆଳତି କରୁଥିଲେ ପୁରୋହିତ । ବେଢ଼ାରେ ଫୁଟିଥିବା ମାଳତୀଫୁଲର ସୁବାସ ସହିତ ସେ କର୍ପୂରର ସୁବାସ ମିଶି ଚହଟି ଯାଉଥିଲା ଚଉଦିଗକୁ । ଠାକୁରଙ୍କୁ ଜୁହାର ହୋଇ ବେଢ଼ାରେ ଥିବା ପଥର ଚାନ୍ଦିନୀରେ ବସି ଗପ

Digitized by srujanika@gmail.com

କରୁଥିଲୁ ଫିନ୍ ଫିନ୍ ପାତଳା ଜ୍ୟୋତ୍ସ୍ନାଲୋକରେ । ମନ୍ଦିର ହତା ଭିତରେ ବର୍ଷକୁ ଥରେ ନାଟକ ହେବାର ପରଂପରା ଚଳିଆସୁଥିଲା । ଆମେ ଥିବା ବର୍ଷ ଅଭିନୀତ ହୋଇଥିଲା 'ମହାଭାରତ'। ଆମ ସାଙ୍ଗ ମଣ୍ଟୁ ତହିଁରେ ସହଦେବଙ୍କର ଭୂମିକାରେ ଅବତୀର୍ଣ୍ଣ ହୋଇଥିଲା । ମଣ୍ଟୁ ଥିଲା ଆମର କୁଳପୁରୋହିତଙ୍କର ପୁତ୍ର ଓ ଆମ୍ଭମାନଙ୍କଠାରୁ ବେଶ୍ ବଡ଼ । ଥିଲା ସ୍ୱଭାବରେ ଫୁଟାଣିଆ । କିନ୍ତୁ ତା ଆଖି ଯୋଡ଼ିକ ଥିଲା ଭାରି ମୋହମୟ - ସବୁବେଳେ ସୁର୍ମା ଲଗାଇଲା ଭଳିଆ । ସେ ମାୟାବୀ ଆଖିର ମୋହରେ ଆମେ ସବୁ ଛାଏଁ ଛାଏଁ ଧରା ଦେଇଥିଲୁ ।

ଥିଏଟରରେ ଅଭିନୟ କରୁଥିବା ନରପତି ତଥା ରାଜକୁମାରମାନଙ୍କ ପୋଷାକ ଥିଲା ଶାଢ଼ୀ - ରାଜକୀୟ ଢ଼ଙ୍ଗରେ ପିନ୍ଧା । ସେ ରଂଗବେରଂଗୀ ଶାଢ଼ୀ ସବୁ ଆସୁଥିଲା ଗାଁର ଝିଅବୋହୂମାନଙ୍କର ପେଟରାରୁ । ଅଭିନୟ ଦିନ, ମହାଭାରତର ସମସ୍ତ ବୟୋଜ୍ୟେଷ୍ଠ ଚରିତ୍ର ପୋଷାକ ପିନ୍ଧିସାରିଲାପରେ, କନିଷ୍ଠତମ ସହଦେବ ପାଇଁ ଆଉ ଶାଢ଼ୀ ନଥିଲା । ତେଣୁ ମଣ୍ଟୁ ଷ୍ଟେଜ୍‌କୁ ଆସିଥିଲା କଳାରଂଗର ହାଫ୍‌ପ୍ୟାଣ୍ଟିଏ ଓ ହଳଦିଆ ପଡ଼ିଆସିଥିବା ଲୋଚାକୋଚା ଧଳା ସାର୍ଟିଟିଏ ପିନ୍ଧି । ତେବେ ବି ଧାଡ଼ିର ଶେଷକୁ ନକୁଳଙ୍କ ପାଖରେ ଠିଆହୋଇ, ତା'ର ସାମାନ୍ୟତମ ସଂଳାପ ସିଏ ବେଶ୍ ତେଜୋମୟ ଭଙ୍ଗୀରେ କହିଥିଲା ଓ ଆମେ ତା ପାଇଁ ବେଶ୍ ଗର୍ବ ଅନୁଭବ କରିଥିଲୁ ।

କିଛି ଦିନ ତଳେ କଟକରେ ବାପାଙ୍କ ଘରେ ଅଚାନକ୍ ପକ୍ୱକେଶ ମଣ୍ଟୁ ସହିତ ଦେଖା । ମଣ୍ଟୁ ଏବେ ଜଣେ କ୍ଷମତାସୀନ ସରକାରୀ କର୍ମଚାରୀ । ତା ଆଖିପତା ଧାରେ ଧାରେ ସୁର୍ମାର ସୂକ୍ଷ୍ମଗାରକୁ ଖୋଜିବାକୁ ଯାଇ କିନ୍ତୁ ନିରାଶ ହେଲି । ଚଷମାର ମୋଟା ଯବକାଚ ସେପଟେ ତା ଆଖି ଦୁଇଟି ଦିଶୁଥିଲା ନିଷ୍ପ୍ରଭ ଓ ପାଣ୍ଡୁର ।

ମଣ୍ଟୁ କହୁଥିଲା ଗାଁ କଥା । ସିଏ କୁଆଡ଼େ ମଝିରେ ମଝିରେ ଗାଁକୁ ଯାଏ । ଜନମାନବ ଶୂନ୍ୟ ଆମ ଗାଁ ଘରର ଡିହ ଏବେ କୁଆଡ଼େ ଅନାବନା ଉଦ୍ଭିଦ ଓ ସରୀସୃପମାନଙ୍କର ବାସସ୍ଥଳୀ । ଏକଦା ମଣିଷ ଗହଳିରେ ଗହ ଗହ କରୁଥିବା ସେ ଘରର ଅଗଣା ଏବେ ନିଝୁମ୍ ।

ମଣ୍ଟୁ ଗଲାପରେ ମନେପଡ଼ିଲା - ବାରିର ସେ ବରକୋଳି ଗଛ ଯୋଡ଼ିକ ଅଛି ନା ନାଇଁ ତାକୁ ପଚାରି ପାରିଲିନି ।

●●●

Digitized by srujanika@gmail.com

# ମହାନଦୀ କୂଳେ କୂଳେ

ଅଜାଙ୍କ ବସାଘରଟି ଥିଲା ଠିକ୍ ରାସ୍ତାକଡ଼ରେ । ସାରା ସକାଳ ପିଣ୍ଡାରେ ବସି ସାମ୍ନାର ପଥଚାରୀମାନଙ୍କୁ ଦେଖୁଥିଲି - ଦେଖୁଥିଲି ରାସ୍ତାର ଚିତ୍ରମୟ ଦୃଶ୍ୟପଟ ।

ଗାଁ'ଠାରୁ ଅନତି ଦୂରରେ ଥିବା ହାଟକୁ ଯାଉଥିବା ଫୁଲକୋବି, ଶାଲ୍‌ଗମ୍, କଖାରୁ, ଓ କଷି ବାଇଗଣ ଭର୍ତ୍ତି ଲୋଦର ଶଗଡ଼ମାନଙ୍କର ଲମ୍ବା ଲମ୍ବା ଧାଡ଼ି, ଶଗଡ଼ରେ ଯୁଚା ହୋଇଥିବା ଧୋବଲା ଓ କଷରା ରଙ୍ଗର ସ୍ୱାସ୍ଥ୍ୟବାନ୍ ବଳଦମାନଙ୍କର ବେକବନ୍ଧା ଘଣ୍ଟିଘାଗୁଡ଼ିର ରୁଣୁଝୁଣୁ ତାନ ସହିତ ତାଳ ଦେଇ ଖୋଜପକାଇବାର ଢ଼ଙ୍ଗ, ପ୍ରାତଃସ୍ନାନ ସାରି ଅପରଲୋକଙ୍କ ସ୍ପର୍ଶରୁ ନିଜକୁ ରକ୍ଷା କରିବାରେ ଅତ୍ୟଧିକ ସଚେତନ ହୋଇ ନଈରୁ ଫେରୁଥିବା ଈଷତ୍ ନ୍ୟୁବ୍ଜ କଚ୍ଛରପଛା ପୁରୋହିତ, କାନ୍ଧରେ ଶୁଖିଲା ଲାଉତୁମ୍ବା ଝୁଲାଇ ଟୀକା ଗୋବିନ୍ଦଚନ୍ଦ୍ରର ପଦ ଗାଇ ଗାଇ ବାଟ ଚାଲୁଥିବା ନାଥ ଯୋଗୀ ଏବଂ ଗତରାତିରେ ପଞ୍ଚ ଲାଇଟ୍ ଆଲୁଅରେ ଚାମର ଓ ଜରିଘାଗରାରେ ଝଲ୍‌ମଲ୍ କରୁଥିବା ଏବଂ ଏବେ ମଳିନ ଓ ଅତ୍ୟନ୍ତ ଶ୍ରୀହୀନ ଦିଶୁଥିବା ଭିନ୍ନ ଗାଁର ଯୁବକ ବାଦୀ ପାଲା ଗାୟକଟି, ସଭିଏଁ ଥିଲେ ମୋ' ପାଇଁ ଆକର୍ଷଣୀୟ । ପିଣ୍ଡାରେ ବସିରହୁଥିଲି ଅନେକ ସମୟ ଧରି । ପାଲୀ ଆସିବା ପର୍ଯ୍ୟନ୍ତ । ପାଲୀ ଥିଲା ପଡ଼ିଶାଘରର ଅନ୍ଧ ଝିଅଟି, ସ୍ନାନ ପାଇଁ ନଈକି ଯିବା ଲାଗି ମୋତେ ସାଥି କରୁଥିଲା ଅନେକ ସମୟରେ । ତା ଆଙ୍ଗୁଠି ଧରି ବାଟ କଢ଼ାଇ ନେଇ ଯିବା ପାଇଁ ।

ନଈକୂଳରେ ଶକ୍ତ ସମର୍ଥ ମାଟିଆ ଓହଳମାନଙ୍କର ସ୍ତମ୍ଭ ଉପରେ ଚକମାଳି ପକାଇ ବିସ୍ତାରିତ ହୋଇ ରହିଥିଲା ବୟୋବୃଦ୍ଧ ବଟବୃକ୍ଷଟିଏ । କୁଣ୍ଡଳୀକୃତ ଅଜଗର ପରି ତା'ର ସର୍ପିଳ ଚେରମାନ ମୋଡ଼ି ମୋଡ଼ି ହୋଇ ଯାଇ ଛୁଇଁଥିଲେ ତୁଠ ପାଖରେ ବହିଯାଉଥିବା ଝିରି ଝିରି ଜଳ ସ୍ରୋତକୁ । ତା'ର ଖୁନ୍ଦା ଖୁନ୍ଦି ହୋଇ ରହିଥିବା ମୋଟାଳିଆ ପତ୍ରଭିତରେ ଥିଲା ଅଜସ୍ର ରଙ୍ଗ ବେରଙ୍ଗୀ ବିହଗଙ୍କର ବେହିସାବୀ କାକଳିକୂଜନ, କିଚିର୍ ମିଚିର୍ ଶବ୍ଦ । ଡାଳେ ଡାଳେ ପୁଷ୍ଟ ପଶମୀ ଲାଞ୍ଜ ଟେକି ଦେଇ ବାଦାମୀ ଦେହରେ ଖଇର ଗାର ଥିବା ଗୁଣ୍ଡୁଚିମାନେ ଲୁଚକାଳି ଖେଳୁଥିଲେ । ଶାଖା ପ୍ରଶାଖାତକ କୃଷ୍ଣ ମୁଖା ବାନର ଓ ସନ୍ତାନବତୀ ବାନରୀମାନଙ୍କର ଲମ୍ଫଝମ୍ଫରେ ଥିଲା ଦୋଦୁଲ୍ୟମାନ ।

ନଈକୂଳରେ ବାନରମାନେ ଅନେକ ସମୟରେ ବନ୍ଧ ଡେ଼ଇଁ ଗ୍ରାମରେ ପ୍ରବେଶ କରୁଥିଲେ ମଧ୍ୟ । ବୋଉ କହେ ତା' ପିଲାଦିନେ ଏକଦା ତାଙ୍କ ବାରିର ପଥରକୁଣ୍ଡରୁ ପାଣି ପିଉଥିବା ଗୋଟିଏ ବାନରକୁ ସିଏ ମାମୁଁଙ୍କ ସହିତ ମିଶି ଗୋଟିଏ ଲମ୍ବ ବାଉଁଶରେ କେଞ୍ଚି ଦେଇଥିଲା । ବାନରଟିର ବସତିଥିଲା ନଈକୂଳିଆ ବରଗଛରେ ଏବଂ ସିଏ ବୋଉର ମୁହଁଟି ବେଶ୍ ମନେ ରଖିଥିଲା । ଥରେ ବୋଉ ନଈରେ ସ୍ନାନକରି ଫେରିବା ସମୟରେ ତାକୁ ଆକ୍ରମଣ

Digitized by srujanika@gmail.com

କରିଥିଲା ମଧ୍ୟ । ସ୍ନାନରତ ମଣିଷମାନେ ଦୌଡ଼ି ଆସିବାରୁ ବାନରଟି ଭୟରେ ବୋଉକୁ ଛାଡ଼ିଦେଇଥିଲା । ବୋଉ ବର୍ତ୍ତିଯାଇଥିଲା ଆଶୁ ବିପଦରୁ ।

ବରଗଛର ପାଖାପାଖି ଠିକ୍ ନଈ ଅଡଡ଼ାକୁ ଲାଗି କରିଥିଲା ଏକାକିନୀ ଆକାଶ ଚୁମ୍ବୀ ଉଚ୍ଚ ଓ ନିଷଳା ତାଳଗଛଟିଏ । ବୋଉଠାରୁ ଶୁଣିଥିଲି ତା' ଶୈଶବ ସମୟରେ କୁଆଡ଼େ ପ୍ରଚୁର ଫଳ ଫଳୁଥିଲା ଗଛଟିରେ । ତାଳ ସବୁ ପାଚି ଖସି ପଡୁଥିଲା ମାଟିରେ । ନଈ ଫେରନ୍ତା ଯା' ଆଖିରେ ପଡୁଥିଲା ସିଏ ଉଠାଇ ନେଇ ଯାଉଥିଲା ସେ ସୁସ୍ୱାଦୁ ଫଳଟି । ପିଠା କରିବା ପାଇଁ । ଥର ଟିଏ ପାଚିଲା ତାଳ ଆଶାରେ ଅନେକ ଦିନଧରି ଅପେକ୍ଷମାଣା ଥିବା ଜଣେ ବୃଦ୍ଧା ମହିଳା ହସ୍ତ ଉତ୍ତୋଳନ କରି ତାଙ୍କୁ ଫଳରୁ ବଞ୍ଚିତ କରିଥିବା ହେତୁ ଗଛଟିକୁ ଧିକ୍କାର କରୁଥିବା ସମୟରେ ପାଚିଲା ତାଳଟିଏ ଅଚାନକ୍ ଗଛରୁ ଖସିପଡ଼ିଲା ତଳେ ଏବଂ ସେ ତାଳଟି ପଡ଼ିଥିଲା ବୃଦ୍ଧାଙ୍କର ପ୍ରସାରିତ କଟଟି ଉପରେ । ସ୍ୱାଭାବିକ ଯେ ଅନେକ ଉଚ୍ଚରୁ ପଡୁଥିବା ହେତୁ ତାଳଟିର ବଳ ଥିଲା ପ୍ରଚୁର ଏବଂ ତାହା ବୃଦ୍ଧାଙ୍କର ଶୀର୍ଣ୍ଣ କଟଟିର କ୍ଷୟିଷ୍ଣୁ ଅସ୍ଥି କେଇଗୋଟି ଜଖମ୍ କରିବା ପାଇଁ ଥିଲା ପର୍ଯ୍ୟାପ୍ତ । ବୃଦ୍ଧା କୁଆଡ଼େ କତରାଲଗା ହୋଇ ପଡ଼ିରହିଥିଲେ କେଇମାସ ପର୍ଯ୍ୟନ୍ତ ।

ନଈ ବନ୍ଧକୁ ଲାଗି ରହିଥିଲା ପଣସଗଛଟିଏ । ତା' ଗଣ୍ଡିରୁ ଛେଲାଏ ହେବ କିଏ କେବେ ଚାନ୍ଛି ନେଇ ଥିଲା । ସେ କଟା ଅଂଶ ଭର୍ତ୍ତି ହୋଇନଥିଲା ଆଉ । ରସ ଗଡୁଥିଲା ଅନବରତ ଥପ୍ ଥପ୍ ହୋଇ ଏବଂ ସେ ରସର ରଙ୍ଗ ଥିଲା ଟକ୍ ଟକ୍ ଲାଲ୍ । ଗଛର ଗଣ୍ଡିଟି ଦେଖିଲେ ତାହା ଦିଶୁଥିଲା ଏକ ସମର୍ଥ ଦାନବର ରକ୍ତାକ୍ତ ଉରୁ ପରି । ଗଛ ଚାରି ପଟର ଘାସ ଉପରେ ଥିଲା ଝରି ପଡ଼ିଥିବା ହଳଦିଆ ପଣସ ପତ୍ରର ବହଳ ଶେଯ । ଗ୍ରାମ୍ୟ ମହିଳାମାନେ ଦୁଇ ଚାରୋଟି ପତ୍ର ହାତରେ ଉଠାଇନେଇ ମୁହାଁଉଥିଲେ ନଈ ତୁଠ ଆଡ଼େ । ପତ୍ରକୁ ଚୋବାଇ ତା'ର କଷା ରସରେ କୁରୁଥିଲେ ମୁଖ ଶୁଦ୍ଧି ।

ଏବଂ ଏଇ ପଣସ ଗଛ ପାଖରେ, ବୃହଦାକାର ବରଗଛଟିର ଛାଇ ତଳେ ଥିଲା ଭଗ୍ନ ଶିବ ମନ୍ଦିରଟିଏ । ଚୂଡ଼ାରେ ବିବର୍ଣ୍ଣ ନାଲିନେତ ଉଡୁଥିଲା ନଈକୂଳିଆ ପବନରେ ଫର ଫର ହୋଇ । ଗମ୍ଭୀରି ଭିତରେ ଦିଅଁ । ନଈ ଫେରନ୍ତା ଗ୍ରାମ ବଧୂମାନେ ଓଦା ସରସର ଲୁଗାରେ ମନ୍ଦିରର ଶିଉଳିଲଗା ପଥର କାନ୍ଥରେ ମୁଣ୍ଡ ଲଗାଇ ଗୁହାରି ଜଣାଉଥିଲେ । ସାଷ୍ଟାଙ୍ଗ ପ୍ରଣିପାତ ହେଉଥିଲେ ମାଟିରେ । ମନ୍ଦିର ସାମ୍ନାରେ ଗାଁ ଲୋକେ ମିଶି ତିଆରି କରିଦେଇଥିଲେ ମାଟି ତିଆରି ଚାଳଛପର ମଣ୍ଡପଟିଏ । ଗାଁର ସଭାସମିତି ବସୁଥିଲା ସେଇଠି । ବର୍ଷକୁ ଥରେ ଗ୍ରାମର ଯୁବକଦଳ ମିଶି ମଞ୍ଚସ୍ଥ କରୁଥିବା ନାଟକର ରିହର୍ସାଲ ମଧ୍ୟ ହେଉଥିଲା ସେଇଠି- ରାତିରେ ଲଣ୍ଠନ ଜଳାଇ । ମୁଁ ଥିବା ବର୍ଷ ଅଭିନୀତ ହେବାକୁ ଥିଲା ଯୋଡ଼ିଏ ନାଟକ- କବିଚନ୍ଦ୍ର କାଳୀଚରଣଙ୍କ ରଚିତ ପୌରାଣିକ ଓ ଐତିହାସିକ ନାଟକ ଯଥାକ୍ରମେ ଚକ୍ରୀ ଓ ଅଭିଯାନ ।

Digitized by srujanika@gmail.com

ଚକ୍ରୀ ନାଟକରେ ଚିତ୍ରାଙ୍ଗଦା ସାଜିଥିଲେ ଆମ ଘର ସାମ୍ନାର ମୁହଁରେ ଈଷତ୍ ବସନ୍ତଦାଗ ଥିବା ଗୌରାଙ୍ଗ ଯୁବକ ବେଣୁଧର, ବଭ୍ରୁ ବାହନ ହୋଇଥିଲେ ପ୍ରଧାନ ଘର ପୁଅ ଡମ୍ବରୁ । ନାଟକର ଗୋଟିଏ ଦୃଶ୍ୟରେ ସଂଳାପ କହୁ କହୁ ଚିତ୍ରାଙ୍ଗଦା, ବଭ୍ରୁବାହନଙ୍କ କୋଳରେ ମୁହଁ ଗୁଞ୍ଜି ଦେବାର ନିର୍ଦ୍ଦେଶନା ଥିଲା ଏବଂ ବେଣୁ ତାହା ବାରମ୍ବାର ଭୁଲି ଯାଉଥିବାରୁ ପ୍ରମ୍ପଟର ପାର୍ବତୀବାବୁଙ୍କ ଦ୍ୱାରା ସର୍ବଦା ତିରସ୍କୃତ ହେଉଥିଲେ । ଅଭିଯାନ ନାଟକରେ ପଦ୍ମାବତୀ ସାଜିଥିଲେ ଗୋରା ତକ୍‌ତକ୍ ଶ୍ରୀମୟ ତରୁଣ କୃଷ୍ଣ ମାମୁଁ । ଏବେ ସ୍ଫୀତୋଦର, ପୃଥୁଳକାୟ କୃଷ୍ଣ ମାମୁଁଙ୍କୁ ଦେଖିଲେ ମୋର ଆପେ ଆପେ ମନେ ପଡ଼ିଯାଏ ସେତେବେଳେ ମଞ୍ଚରେ ଦେଖିଥିବା ତନୁ ପାତେଳୀ ରୂପାମ୍ବିକା ପଦ୍ମାବତୀର ଲାସ୍ୟମୟୀ ରୂପ ।

ଏବଂ ଏଇ ନଈ କୂଳିଆ ମନ୍ଦିର ପାଖରେ ଶୈଶବରେ ଏଭଳି ଏକ କରୁଣ ଓ ଦୁଃଖଦ ଦୃଶ୍ୟ ଦେଖିଥିଲି ଯାହାର ସ୍ମୃତି ଏବେ ବି ଜୀବନ୍ତ ହୋଇ ରହିଛି ମନର କେଉଁ ଏକ ଅପ୍ରସସ୍ତ ନିର୍ଜନ ଅଳିନ୍ଦରେ ।

ସେଦିନ ସକାଳେ ମାଈଁଙ୍କ ସାଥିରେ ନଦୀକୁ ସ୍ନାନ ପାଇଁ ଗଲାବେଳକୁ ଦେଖିଲି ନଈକୂଳରେ ଅସମ୍ଭବ ହଟ୍ଟଗୋଳ । ଗୋଟିଏ ଶୀର୍ଣ୍ଣକାୟ ହାଡୁଆ ମୁହଁର ପ୍ରୌଢ଼ ମଣିଷକୁ ଦୁଇଜଣ ବ୍ୟକ୍ତି ମିଶି ଧରାଧରି କରି କୌଣସି ମତେ ମାଟିରେ ବସାଇ ରଖିଥିଲେ । ଲୋକଟିର ଚକ୍ଷୁଥିଲା ମୁଦ୍ରିତ ଏବଂ ଶରୀର ଥିଲା ପାଣ୍ଡୁର । ବିନା ଆଶ୍ରୟରେ ସିଧା ହୋଇ ବସିବା ତା' ପାଇଁ ଥିଲା ଅସମ୍ଭବ । ବାକି ଗାଁ ବାଲାମାନେ ଦୌଡ଼ି ଦୌଡ଼ି ବଡ଼ ବଡ଼ ଗରାରେ ନଦୀରୁ ପାଣି ଆଣି ସେ ଲୋକଟି ମୁଣ୍ଡରେ ଢ଼ାଳି ଲାଗିଥିଲେ । ଚତୁର୍ଦ୍ଦିଗର ମାଟି ସେ ପାଣିରେ ହୋଇ ଉଠିଥିଲା କର୍ଦ୍ଦମାକ୍ତ । ମାମୁଁଘରର ଗଉଡ଼ ଲିଙ୍ଗାମାମୁଁଙ୍କୁ ମଧ ପାଣି ବୋହୁଥିବାରେ ଦେଖିଲି ସେଠି ।

ଏବଂ ମନ୍ଦିରର ପଥର କାନ୍ଥରେ ଜଣେ ସିକ୍ତ ବସ୍ତ୍ର ପରିହିତା ଅବଗୁଣ୍ଠନବତୀ ମହିଳା ଅବିରଳ ମଥାପିଟି ଅତ୍ୟନ୍ତ କରୁଣ ଓ ଆର୍ତ୍ତସ୍ୱରରେ କ୍ରନ୍ଦନ କରି ଲାଗିଥିଲେ । ମାଈଁଙ୍କଠୁ ଶୁଣିଲି ଯେ ସେ ଲୋକଟି ଗ୍ରାମର ଗୋଟିଏ କୃଷକ ଏବଂ ବିଲରେ କାମ କଲା ବେଳେ ସିଏ ଗୋଟିଏ ନାଗ ସାପ ଦ୍ୱାରା ଦଂଶିତ ହୋଇଛି । ମନ୍ଦିର ପାଖରେ ବିକଳ କଣ୍ଠରେ କାନ୍ଦି ଅଶ୍ରୁତର୍ପଣ କରୁଥିବା ମହିଳାଟି ଉପରୋକ୍ତ କୃଷକଟିର ଧର୍ମପତ୍ନୀ ।

- କିନ୍ତୁ ସେ ଲୋକଟିକୁ ମନ୍ଦିର ସାମ୍ନାରେ ବସାଇ ପାଣି ଢ଼ାଳି ଲାଗିଛନ୍ତି କାହିଁକି ? ମାଈଁଙ୍କୁ ପଚାରିଲି ।

- ସାପ ଯେ ଶିବଙ୍କର ପୋଷ୍ୟ ଜନ୍ତୁ । ତାଙ୍କ ଦେହ ଯାକ ଗୁଡ଼ାଇ ହୋଇ ରହିଥାଏ । ଗାଁ ବାଲାଙ୍କ ବିଶ୍ୱାସ ଶିବ ମନ୍ଦିର ପାଖରେ ବସାଇ ମୁଣ୍ଡରେ ପାଣି ଢ଼ାଳିଲେ ଶିବଙ୍କ ଆର୍ଶୀବାଦରୁ ସର୍ପର ଗରଳ ସବୁ ଦେହରୁ ବାହାରିଯିବ । ବଞ୍ଚିଯିବ ଲୋକଟି ।

Digitized by srujanika@gmail.com

ସାନଟିଏ ହୋଇଥିଲେ ବି ଜାଣି ଥିଲି ସର୍ପା ଘାତର ଭୟାବହତା ।

- ତାଙ୍କୁ ଡାକ୍ତରଖାନା କାହିଁକି ନେଉ ନାହାନ୍ତି ? ଆଶ୍ଚର୍ଯ୍ୟ ହୋଇ ପଚାରିଲି ମାଇଁଙ୍କୁ । ଗ୍ରାମବାସୀମାନଙ୍କ ବିଶ୍ୱାସରେ ମୋର ଅବିଶ୍ୱାସ ଜାହିର କରି ।

- ଡାକ୍ତରଖାନା ? ଏଠି ଖଣ୍ଡ ମଣ୍ଡଳରେ ନା ଡାକ୍ତର ଖାନାଟିଏ ଅଛି ନା ଡାକ୍ତରଟିଏ । ଇଏ କଅଣ ତମ କଟକ ସହର ହୋଇଛି ? ମାଇଁ ଉତ୍ତର ଦେଲେ ।

ମାଇଁଙ୍କ ସହିତ ସ୍ନାନସାରି ଫେରିଲା ବେଳକୁ ଦେଖିଲି କୃଷକଟିର ଅବସ୍ଥାରେ କୌଣସି ପରିବର୍ତ୍ତନ ହୋଇନି । ଗାଁ ଲୋକେ କିନ୍ତୁ ତଥାପି ତାଙ୍କ ମଥାରେ ପାଣି ଢ଼ାଳୁ ଥିଲେ ଏବଂ ଅବଗୁଣ୍ଠନବତୀ ମହିଳାଟି ମନ୍ଦିର କାନ୍ଥରେ ତଥାପି ମଥା ପିଟୁଥିଲେ ।

ଅପରାହ୍ନରେ ନଈକୁ ଗଲା ବେଳେ ଦେଖିଲି ନଈ ଘାଟ ଶୂନ୍ ଶାନ୍ । ମନ୍ଦିର ସାମ୍ନାରେ କର୍ଦ୍ଦମାକ୍ତ ଓଦା ଜମି ଉପରେ ଶାୟିତ ଗୋଟିଏ ମଣିଷର ନିଃସ୍ପନ୍ଦ ଶରୀର ଏବଂ ତାହାର ମୁଣ୍ଡଠାରୁ ପାଦ ପର୍ଯ୍ୟନ୍ତ ଏକ ଅପରିଚ୍ଛନ୍ନ ଲୁଗା ଦ୍ୱାରା ଆବୃତ । ଦୁଇଟି ଲୋକ ନୀରବରେ ବସି ରହିଛନ୍ତି ତା ପାଖରେ । ମାଇଁ କହିଲେ କୃଷକଟି ଏବେ ମୃତ । ଜଗୁଆଳି ଦୁଇଟି ତା' ପାଖରେ ବସାଇ ଦେଇ ବାକି ଗ୍ରାମବାସୀମାନେ ଯାଇଛନ୍ତି ତା'ର ଶେଷ କୃତ୍ୟର ବନ୍ଦୋବସ୍ତ କରିବା ପାଇଁ ।

ମୃତ୍ୟୁ ସହିତ ସିଏ ଥିଲା ମୋର ପ୍ରଥମ ଭେଟ । ଲୋକେ କହନ୍ତି ପ୍ରଥମ ପ୍ରେମର ସ୍ମୃତି କୁଆଡ଼େ ସହଜରେ ଭୁଲି ହୁଏନି । ଲୋକମାନେ ଭୁଲ କହନ୍ତି । ଯଦି କିଛି ଜୀବନରେ ସହଜରେ ଭୁଲି ହୁଏନି ତାହା ହେଉଛି ପ୍ରଥମ ମୃତ୍ୟୁର ସ୍ମୃତି ।

●●●

Digitized by srujanika@gmail.com

# ସଙ୍ଗୀତ ଆସର

କଟକକୁ ଯାଉଥିବା ବସ୍ ରାସ୍ତାଟି ଥିଲା ଠିକ୍ ଅଜାଙ୍କ ଖଳାବାରି ମଝିରେ। ଅଜାଙ୍କ ବସାଘର- ମୁଖ୍ୟ ଘରଠୁ ସାମାନ୍ୟ ଦୂରରେ ଥିବା ଦି ବଖରା କୋଠା - ଯେଉଁଠିକି ଅଜା ରାତିରେ ଶୋଉଥିଲେ, ଥିଲା ଏଇ ବସ୍ ରାସ୍ତା କଡ଼ରେ । ବସାଘରଟି ଥିଲା ମହାନଦୀ ବନ୍ଧ ତଳକୁ ଓ ବେଶ୍ ଉଞ୍ଚା ପ୍ଲିନ୍ଥ୍ ଉପରେ । ରାସ୍ତାକଡ଼ରୁ ଘରକୁ ଯିବା ପାଇଁ ଅନେକ ଗୁଡ଼ିଏ ସମାନ୍ତରାଳ ସରୁ ସରୁ ପଥର ପାହାଚ ଯାହାର କଡ଼େ କଡ଼େ ରୋପଣ ହୋଇଥିବା ଘଞ୍ଚ ମଲ୍ଲିବୁଦାରେ ଦୁଇ ତିନିଥାକ ପାଖୁଡ଼ାର ଅଜସ୍ର ଖୁଶ୍‌ବୁଦାର ମଲ୍ଲି ଫୁଲ ଫୁଟୁଥିଲା ସାରା ଖରାଦିନ । ତରାଟ ଓ କନିଅର ଗଛ ଘେରା ସାନ ଘରଟି ଦିଶୁଥିଲା ଛବି ପରି । ଆଉ ବାବାଜୀଙ୍କ ଆଶ୍ରମଟି ଥିଲା ଡାହାଣପଟେ, ଠିକ୍ ବସାଘରକୁ ଲାଗିକରି । କାମ ନଥିଲେ ଅନେକ ସମୟରେ ଦାଣ୍ଡ ପିଣ୍ଡାରେ ବସି ଆଶ୍ରମଟିକୁ ତଥା ବାବାଜୀଙ୍କର କ୍ରିୟାକଳାପକୁ ଲକ୍ଷ୍ୟ କରୁଥିଲି । ଶୈଶବରେ ସବୁ ସାନ ପିଲାମାନଙ୍କର ସାଧୁ ସନ୍ୟାସୀଙ୍କ ପ୍ରତି କିଛିଟା ଅହେତୁକ କୌତୂହଳ ଥାଏ ବୋଧହୁଏ ।

ବାବାଜୀ ଜଣକ ଥିଲେ ମଧ ବୟସୀ । ଶ୍ୟାମଳ ଓ ମେଦର୍ଜ୍ଜିତ ଶରୀର । ଉଞ୍ଚା ଉଞ୍ଚା ହନୁହାଡ଼ ଏବଂ ଗୋଲ୍ ଗୋଲ୍ ଉଜ୍ଜ୍ୱଳ ଆଖି । ପହରଣ ଥିଲା ଗେରୁଆ ଲୁଙ୍ଗି ଓ ଆଲଖାଲ୍ଲା । ମୁହଁରେ କଳା ମୁଚ୍‌ମୁଚ୍ ଲମ୍ବ । ଦାଢ଼ି ମୁଣ୍ଡର ଈଷତ୍‌କୁଞ୍ଚିତ କେଶଦାମ ଓହଳି ଥିଲା କାନ୍ଧପର୍ଯ୍ୟନ୍ତ ।

ବାବାଜୀଙ୍କ ଆଶ୍ରମଟି ଥିଲା ଭାରି ପରିଚ୍ଛନ୍ନ । ଗେରୁମାଟି ଲିପା ଅଗଣା ଚାରିପଟେ ବର୍ଦ୍ଧିଷ୍ଣୁ ସ୍ୱାସ୍ଥ୍ୟବାନ୍ ଅମରୀଗଛ ସବୁ କାମ ଦେଉଥିଲେ ପାଚିରୀର । ଅଗଣାର କଡ଼କୁ ଥିବା ତୁଳସୀ ଚଉରା ମୂଳେ ପଞ୍ଚଦଳ ବିଶିଷ୍ଟ ସାଦା ଓ ଗୋଲାପି ସଦାବିହାରୀ ଫୁଲ ଫୁଟୁଥିଲେ ସାରାବର୍ଷ । ପାଚେରୀର ସୀମାକୁ ଲାଗିଥିବା ନୁଆଁଣିଆ ନାଁ ନଜଣା ବଡ଼ ବୃକ୍ଷଟିର ହଳଦିଆ ରଙ୍ଗର ପୁଷ୍ପ ମଞ୍ଜରୀ ସବୁ ନଇଁ ରହିଥିଲେ ଆଶ୍ରମ ଆଡ଼େ । ଭାରି ସୁଶୀତଳ, ଭାରି ଛାୟା ଘନ ଥିଲା ଆଶ୍ରମଟି ।

ଭ୍ରାମ୍ୟମାଣ ବାବାଜୀ ଜଣକ କେଇଁବର୍ଷ ଆଗରୁ ଗାଁରେ ପହଞ୍ଚିଥିଲେ ଅଚାନକ । ପ୍ରବଚନ ଦେବା ପାଇଁ । ଗ୍ରାମବାସୀମାନଙ୍କ ଅନୁରୋଧରେ ରହିଗଲେ ଗାଁରେ ଶେଷ ପର୍ଯ୍ୟନ୍ତ । ନଈକୂଳକୁ ଲାଗି, ଶ୍ରମ ଦାନ କରି ସାନ ଛପର ଘରଟିଏ ବନାଇଦେଲେ ତାଙ୍କ ପାଇଁ ଗ୍ରାମବାସୀମାନେ ।

ଦିନଯାକ ଲୋକମାନଙ୍କର ଆତଯାତ ହେଉଥିଲା ଆଶ୍ରମକୁ । ବାବାଜୀ ଗାଁ ଲୋକମାନଙ୍କର ସୁଖ ଦୁଃଖ ଭଲ ମନ୍ଦରେ ପୂରାପୂରି ସାମିଲ ହେଇଯାଇଥିଲେ । ପର୍ବ

Digitized by srujanika@gmail.com

ପର୍ବାଣୀରେ ପୂଜା ଓ ସଂକୀର୍ତ୍ତନ ହେଉଥିଲା ଆଶ୍ରମରେ । ଭୋଜି ଭାତ ମଧ୍ୟ । ଗାଁ ଲୋକେ ମିଳିମିଶି ଖନ୍ଦା ଲଗାଇ ବଡ଼ ବଡ଼ ହଣ୍ଡାରେ ରାନ୍ଧୁଥିଲେ କ୍ଷିରୀ, ଖେଚେଡ଼ି ଓ ଘାଣ୍ଟ ତରକାରୀ । କଦଳୀ ପତ୍ର ପକାଇ ପ୍ରସାଦ ସେବନ କରୁଥିଲେ ଆଶ୍ରମ ହତା ଭିତରେ ।

ପ୍ରତିଦିନ ସନ୍ଧ୍ୟାରେ ଗ୍ରାମବାସୀମାନେ- ଉଭୟ ଯୁବକ ଓ ବୃଦ୍ଧ- ଏକତ୍ରିତ ହେଉଥିଲେ ଆଶ୍ରମ ପରିସରରେ । ଗଞ୍ଜେଇ ତଥା ସଙ୍ଗୀତ ଆସର ପାଇଁ । ଏ ଆସର ବସୁଥିଲା ଆଶ୍ରମର ପ୍ରାତ୍ୟହିକ ସନ୍ଧ୍ୟା ପୂଜା ପରେ, ଏବଂ ଗଞ୍ଜେଇ ତିଆରି କରିବାର ଦାୟିତ୍ୱଟି ଥିଲା ସମ୍ପୂର୍ଣ୍ଣ ଭାବରେ ବାବାଜୀଙ୍କ ଉପରେ ନ୍ୟସ୍ତ । ତାଙ୍କର ଗଞ୍ଜେଇ ଚିଲମ ପ୍ରସ୍ତୁତ କରିବା ପଦ୍ଧତିଟି ମଧ୍ୟ ଥିଲା ଉଲ୍ଲେଖନୀୟ ।

ଆଶ୍ରମ ଭିତରେ ଗୋଟିଏ ଲୁହା କଣ୍ଟାରେ ଝୁଲୁଥିଲା ଗେରୁଆ ଝୁଲାମୁଣିଟିଏ । ବାବାଜୀ ଡ଼େଲାଏ ହବ ଗଞ୍ଜେଇ ପତ୍ରି ସେ ଥଳିରୁ କାଢ଼ି ଓ ବାଁ' ହାତ ନେଡ଼ିରେ ରଖି ତାହା ଡାହାଣ ହାତର ବୃଦ୍ଧାଙ୍ଗୁଷ୍ଠି ଦ୍ୱାରା ଦଳୁଥିଲେ ଅନେକ ସମୟ ଧରି । ସୁନିପୁଣ ଭାବରେ । ପତ୍ରିତକ ଗୁଣ୍ଡ ହେବା ପର୍ଯ୍ୟନ୍ତ । ତା'ପରେ ବିଘତ୍ ପ୍ରମାଣର ମାଟି ଚିଲମ୍‌ର ନାଡ଼ରେ ସେ ଗୁଣ୍ଡ ଠେସି ଠେସି ନିବୁଜ ଭାବରେ ଭର୍ତ୍ତି କରୁଥିଲେ ଚିଲମଟିକୁ । ଚିଲମରେ ଅଗ୍ନି ସଂଯୋଗ କରିବା ଓ ପ୍ରଥମ ଧୂଆଁଟି ସେବନ କରିବାର ଅଗ୍ରାଧିକାର ଥିଲା ବାବାଜୀଙ୍କର ଏବଂ ତା' ପରେ ଚିଲମଟି ଜଣ ଜଣ ହୋଇ ବୁଲି ଆସୁଥିଲା ଜମା ହୋଇଥିବା ଗ୍ରାମବାସୀମାନଙ୍କ ଭିତରେ । ଦୀର୍ଘ ସମୟ ଧରି ଚିଲମଟି ଶୋଷାଡ଼ି ଓ ବେଶ୍ କିଛି ସମୟ ଫୁସ୍‌ଫୁସ୍ ଭିତରେ ସେ ଧୂଆଁକୁ ଧରି ରଖି ଈଷତ୍ ନୀଳାଭ ଧୂଆଁର ଫୁଆରା ଛାଡୁଥିଲେ ଗ୍ରାମବାସୀମାନେ ନାସିକାରନ୍ଧ୍ର ଦେଇ -ଗଲ୍ ଗଲ୍ କରି । ଏଇ ଭଳି କିଛି ସମୟ ଧୂମ୍ରପାନ ଚାଲିଲାପରେ ବଖରାଟି ଭରପୂର ହୋଇଯାଉଥିଲା ଏକ ପ୍ରକାର ତୀବ୍ର କଟୂଗନ୍ଧରେ । ରକ୍ତ ଚକ୍ଷୁ ଗ୍ରାମବାସୀମାନଙ୍କର ମିଜାଜ ବି ହୋଇଯାଉଥିଲା କିଛି ପରିମାଣରେ ହାଲକା ଫୁଲକା । ଏବଂ ଯା'ପରେ ଆରମ୍ଭ ହେଉଥିଲା ସଙ୍ଗୀତ ଆସର ।

ବାବାଜୀ ବାସୁଥିଲେ ଏକତାରା ନେଇ । ଗ୍ରାମବାସୀମାନଙ୍କ ଭିତରୁ କିଏ କିଏ ଧରୁଥିଲେ ମୃଦଙ୍ଗ, ଗିନି ବା ଖଞ୍ଜଣୀ । ସମସ୍ୱରରେ କୋରସ୍ ଆରମ୍ଭ ହୋଇ ଯାଉଥିଲା । ହାଡ଼କଙ୍କାଳ ସାର, ଖରାଖିଆ, ଫୁଙ୍ଗୁଳା ଦେହୀ ମଣିଷମାନଙ୍କର ଗଳାର ମୋଟା ମୋଟା ଶିରା ଫୁଲି ବାହାରୁ ଥିଲା ଉଚ୍ଚ ପର୍ଦ୍ଦାରେ ସେ ଗୀତର ଅନ୍ତରା ଗାଇଲା ବେଳେ ଏବଂ ନିଃଶବ୍ଦ ରାତିର ବୁକୁଚିରି ସେ ଅନ୍ତରାର ସ୍ୱର ଲହରୀ ପହଁରିଯାଉଥିଲା ଗୋଚରପଡ଼ିଆ, ଧାନକ୍ଷେତ ଓ ବେଣୁବନ ଭିତରେ ।

ମୁଖ୍ୟତଃ ବିଭିନ୍ନ ଦେବ ଦେବୀଙ୍କ ପାଇଁ ଉଦ୍ଧିଷ୍ଟ ଜଣାଣ ଇ ଗାଉଥିଲେ ଲୋକମାନେ । ଭୀମଭୋଇଙ୍କ ରଚିତ ମହିମା ଧର୍ମୀ ଭଜନଗୁଡିକ ବି ବେଶ୍ ଲୋକପ୍ରିୟ ଥିଲା ଏବଂ

Digitized by srujanika@gmail.com

ଗ୍ରାମବାସୀମାନେ ଗୀତ ଗାଉଥିଲେ ବେଶ୍ ଖୁସିମନରେ, ଦିଲ୍ ଖୋଲା ଭାବରେ । ସାରାଦିନର ମାଟି କାଦୁଅ ଖଟଣି ପରେ ସଞ୍ଜ ବେଳିଆ ସେ ସଙ୍ଗୀତ ଆସର ହୁଏତ କିଛିଟା ସହାୟକ ହେଉଥିଲା ସେମାନଙ୍କର ଶ୍ରାନ୍ତି ଅପନୋଦନ କରିବାରେ । ଅନ୍ୟ କିଛି ଆନନ୍ଦ ବା ଉପଭୋଗର ସାଧନବି ତ ନଥିଲା ସେତେବେଳେ ।

ଅନେକ ସମୟରେ ଗାଁର ଅନ୍ୟାନ୍ୟ ଛୋଟ ପିଲାଙ୍କ ସହିତ ମିଶି ଯାଇ ବସୁଥିଲି ଆଶ୍ରମର ଗୋଟିଏ କଣରେ । କିନ୍ତୁ ମାମୁଁ ବେଶୀ ସମୟ ବସିବାକୁ ଦେଉ ନଥିଲେ । ଜବରଦସ୍ତି ପଠାଇ ଦେଉଥିଲେ ଘରକୁ । ଘରକୁ ଫେରୁଥିଲି ଛେଦାଗଦା କଡ଼ରେ ଘାସ ମରିମରି ତିଆରି ହୋଇଥିବା ସରୁ ପାଦଚଲା ରାସ୍ତାଟି ଦେଇ- ସୁବୃହତ୍ ତାକୁଣ୍ଡା ଗଛ, ଜଡ଼ା ଓ କଦଳୀ ବଣ ତଥା ଆକାଶଚୁମ୍ବୀ ଏକାକିନୀ ତାଳଗଛଟିକୁ ଟପି । ମାଇଁ ଚଉଡ଼ା ଫନ୍ଦ ଥିବା କଂସା ଥାଳିରେ ବାଢ଼ି ଦେଉଥିଲେ ବାମ୍ପଉଠା ଗରମ ଭାତ ଓ ମହାନଦୀରୁ କେଉଟୁଣୀ ଧରି ଆଣିଥିବା ଚୂନା ମାଛର ତରକାରୀ ।

ଭାତ ଖାଇ ହାତ ଧୋଇବାକୁ ଆସୁଥିଲି ବାଡ଼ିକୁ । ଅଗଣା କଡ଼ରେ ବାଉଁଶ ଝାଟିରେ ଲଟେଇଥିବା କଲରାବୁଦା ମୂଳକୁ । ଆଉ ହାତ ଧୋଉ ଧୋଉ ଶୈଶବର ଆଗ୍ରାହାନ୍ୱିତ ଆଖିରେ ଶୋଷି ନେଉଥିଲି ରାତିର ପ୍ରଥମ ପ୍ରହରର ଦୃଶ୍ୟାବଳୀ । ଆଲ୍‌କାତ୍ରାପରି ବହଳ ଅନ୍ଧକାରରେ କେବେ କେମିତି ଉଡ଼ିବୁଲୁ ଥିଲେ ଅଜସ୍ର ଦୀପ୍ତିମାନ୍, ଜୁଳୁ ଜୁଳିଆ ପୋକ - ଶରୀରର ସବୁଜାଭ ଫସ୍‌ଫୋରେଣ୍ଟ ଆଲୋକ ସାଥିରେ । ଦୂରର ପାଳଗଦା ସବୁ ଦିଶୁଥିଲେ ଜଟାଧାରୀ ବାବନା ଭୂତ ପରି । କେତେବେଳେ କେମିତି ସର୍ ସର୍ ହୋଇ ବୁଦା ମୂଳେ ଚାଲି ଯାଉ ଥିଲା ଗରଳ ବିହୀନ ଧଣ୍ଡସାପ । ନଈ ବନ୍ଧ ଆଡୁ ବହି ଆସୁଥିବା ହୁହୁ ବତାସରେ ହୁଗୁଳି ଖସି ପଡୁଥିଲା ତାଳଗଛର ଶୁଖିଲା ବରଡ଼ାଟିଏ । ନିଶୂନ୍ ରାତିରେ ସେ ବରଡାର ଶବ୍ଦ ମନେହେଉଥିଲା ଅଦ୍ଭୂତ ଓ ଭୟପ୍ରଦ । ଚତୁର୍ଦ୍ଦିଗରେ ପରିବ୍ୟାପ୍ତ ଥିଲା ଏକ ସାନ୍ଦ୍ର ନୀରବତା ଏବଂ ସେ ନୀରବତା କେବଳ ମଝିରେ ମଝିରେ ଭଗ୍ନ ହେଉଥିଲା ପବନ ଲହରୀରେ ଦୂରରୁ ଫିକା ଫିକା ହୋଇ ଭାସି ଆସୁଥିବା ଭୀମାଭୋଇ ଭଜନର ମୁଖଡ଼ାରେ ଓ ତା'ସହିତ ଚାଲିଥିବା ମୃଦଙ୍ଗର ଠେକାରେ ।

ଆଖି ମାଡ଼ି ପଡୁଥିଲା ତନ୍ଦ୍ରାରେ । ଗୋବର ମାଟି ଗନ୍ଧ ମିଶା ଚଟାଣରେ, ଆଇଙ୍କ କୋଳର ଉଷ୍ଣମଟାଣି ଓ ତାଙ୍କର ନକ୍ସିକନ୍ଥା ଭିତରେ ପଶି ନିଘୋଡ଼ ନିଦରେ ଶୋଇଯାଉଥିଲି ତତ୍‌କ୍ଷଣାତ୍ । ବେଳେବେଳେ ମନେ ହୁଏ କୁଆଡ଼େ ଗଲା ସେସବୁ ନିଦ୍ରାତୁର ଘୁମନ୍ତ ରାତି ? ଆଜିକାଲି ଏୟାରକଣ୍ଡିସନର ଚଳାଇ ଡନ୍‌ଲପ୍ ଗଦି ଉପରେ ଶୋଇଲେ ବି ଅନେକ ସମୟରେ ନିଦ ହୁଏ ନି ।

●●●

Digitized by srujanika@gmail.com

# ରାଜଧାନୀରେ ସକାଳ

ଓଡ଼ିଶାରେ ମୋର ପ୍ରଥମ ସକାଳର ଅନୁଭୂତି ବେଶ ଅଭିନବ ଓ ଆମୋଦଜନକ । ଅନେକ ଅନେକ ବର୍ଷ ବାହାରେ ରହି ଫେରିଥିଲି ନିଜ ପ୍ରଦେଶକୁ । ଭୋରରୁ ଉଠି ନିଜସ୍ୱ ମାଟିର ଘ୍ରାଣ ନେଉଥିଲି ନିଃଶ୍ୱାସ ଭରି । ଟଟ୍‌କା ସକାଳ । ରୂପା ପରି ଝଲ୍‌ମଲ୍ ସୂର୍ଯ୍ୟକିରଣ ଯାହାକି ଦିଲ୍ଲୀର ପ୍ରଦୂଷିତ ଆକାଶରେ ସହଜରେ ମିଳୁନଥିଲା । ମୋ ବଗିଚାର ଗଛମାନଙ୍କ ଶାଖା ପ୍ରଶାଖାରୁ ଶୁଭୁଥିଲା ବିହଙ୍ଗମାନଙ୍କର କାକଳି, ଯାହା ମଧ୍ୟ ବର୍ଷ ବର୍ଷ ଧରି ଦିଲ୍ଲୀରେ ଶୁଣି ନଥିଲି ।

ହଠାତ୍ ମୋର ବାରିପାଖ ପାଚେରୀ ପାଖାପାଖି ଉଠିଥିବା ଫୁଲଗଛ- ମନ୍ଦାର, ଟଗର, ଗନ୍ଧରାଜ ଇତ୍ୟାଦିର ଡାଳ ସବୁ ଅହେତୁକ ଭାବରେ ଦୋହଲୁଥିବାର ଲକ୍ଷ୍ୟ କଲି । ଗଛଗୁଡ଼ିକ ବେଶ୍ ଘଞ୍ଚ ଓ ଲମ୍ବା ହୋଇ ପାଚେରୀ ଟପି ଯାଇଥିଲେ । ବାୟୁମଣ୍ଡଳ ସ୍ଥିର । ଡାଳମାନେ ପବନରେ ଦୋଳି ଖେଳିବାର ପ୍ରଶ୍ନ ହିଁ ନାହିଁ । ନିରେଖି ଦେଖିଲି, ପାଚେରୀ ଉପରେ ଚଢ଼ି କେଇଜଣ ଭଦ୍ରଲୋକ ଗଛମାନଙ୍କରୁ ନିବିଷ୍ଟ ଚିତ୍ତରେ ଫୁଲ ତୋଳିବାରେ ବ୍ୟସ୍ତ । 'କିଏ' ବୋଲି ପାଟି କରିବାରୁ ସେମାନେ ମୁହଁ ଉପରୁ ଡାଳ ହଟାଇ ଖୋଲା ଝର୍କାର ଏପାଖେ ମୁଁ ଠିଆ ହୋଇଥିବାର ଦେଖିଲେ ସତ, କିନ୍ତୁ ଧରାପଡ଼ିଯିବାର କୌଣସି ପ୍ରତିକ୍ରିୟା ସେମାନଙ୍କଠାରେ ଲକ୍ଷ୍ୟ କରିପାରିଲିନି । ବେଶ୍ ନିର୍ବିକାର ଭାବରେ ଅନେକ ସମୟ ଧରି ଫୁଲ ତୋଳି ଓ ଗଛଗୁଡ଼ିକୁ ଫୁଲ କଢ଼ ଶୂନ୍ୟ କରି ମନ ଖୁସିରେ ଗପ କରି କରି ଚାଲିଗଲେ ସେମାନେ । ଘଟଣାଟି ମୋ' ପାଇଁ ଥିଲା ଚମକପ୍ରଦ ଓ ନୂଆ କିସମ୍‌ର । ବାହାରେ ବିତାଇଥିବା ତିନୋଟି ପ୍ରଦେଶ ଆସାମ, ମିଜୋରାମ ଓ ଦିଲ୍ଲୀ, କୌଣସିଠାରେ ଏଭଳି ଫୁଲ ଚୋରିର ପରମ୍ପରା ଦେଖି ନଥିଲି । ଦିଲ୍ଲୀରେ ରାସ୍ତାଘାଟ, ଛକ, ପାର୍କ ତଥା ବାସ ଗୃହମାନଙ୍କ ସାମ୍‌ନାରେ ସୁନ୍ଦର ସୁନ୍ଦର ଉପବନ । ଅଗଣିତ ଜନତା । କିନ୍ତୁ ଦିନେ କାହାକୁ ଫୁଟପାଥର କଡ଼ରେ ଲଗାହୋଇଥିବା ଗଛରୁ ଫୁଲଟିଏ ଛିଣ୍ଡାଇବାର ଦେଖିନି ।

ଭୁବନେଶ୍ୱରରେ କିନ୍ତୁ ଦୁଇ ତିନିମାସ ରହିବାପରେ ଏଠାର ଫୁଲଚୋରିର କାଇଦାକାନୁନ୍ ସହିତ ବେଶ୍ ଅନ୍ତରଙ୍ଗ ହୋଇଉଠିଲି । ଏଠାରେ ପ୍ରତ୍ୟେକ ଦିନ ଭୋର୍‌ରେ ଫୁଲ ଚୋରମାନେ ବେଶ୍ ସଂଘବଦ୍ଧ ଭାବରେ ସହରର ରାସ୍ତା ଓ ଗଳି କନ୍ଦି ଘୂରି ବୁଲନ୍ତି - ସାଜ ସରଞ୍ଜାମ ସହିତ । ହାତରେ ସରୁ କିନ୍ତୁ ଶକ୍ତ ଲୁହାର ରଡ୍‌ଟିଏ । ଯାହାର ଅଗ୍ରଭାଗଟି କମାର ଶାଳରେ ହେଉ କିମ୍ବା ନିଜ ପ୍ରଚେଷ୍ଟାରେ ହେଉ, ସାମାନ୍ୟ ମୋଡ଼ି ବଙ୍କା କରାଯାଇଥାଏ । ବନ୍‌ଶୀ କଣ୍ଟାପରି । ଦୂରରେ ଠିଆ ହୋଇ ଅନ୍ୟ ଘରର ଫୁଲ ଭର୍ତ୍ତି ଡାଳ ଭିଡ଼ିବାରେ ସୁବିଧା ହେବ ବୋଲି । ହାତରେ କନା କିମ୍ବା ପ୍ଲାଷ୍ଟିକର ଥଳିଟିଏ, ପୁଷ୍ପ ସଞ୍ଚୟନ ପାଇଁ । କହିବା ବାହୁଲ୍ୟ ଯେ ବେଶଭୂଷା ବିପର୍ଯ୍ୟସ୍ତ । ସିଧା ନିଦରୁ ଉଠି ଲୋକମାନଙ୍କର ଫୁଲ ବଗିଚାକୁ ଆକ୍ରମଣ କରିବାକୁ ପଡ଼େ । ବେଜାୟ କଂପିଟିସନ । ଆଗତୁରା ନପହଞ୍ଚିଲେ ଆଉ ଜଣେ କିଏ

Digitized by srujanika@gmail.com

ଆସି ଫୁଲତକ ଆତ୍ମସାତ୍ କରି ନେବାର ସମ୍ଭାବନା ଥାଏ । ଏହି ସମ୍ପର୍କରେ କହିରଖେ ଯେ ଫୁଲଚୋରମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ଏ ଦେଶର ବୟୋଜ୍ୟେଷ୍ଠ, ଶିକ୍ଷାପ୍ରାପ୍ତ ଓ ସଚେତନ ନାଗରିକ ।

ଯାହା ଲକ୍ଷ୍ୟ କରିଛି, ଫୁଲଚୋରି କାମଟି କିନ୍ତୁ ମୋଟେ ସହଜସାଧ୍ୟ ନୁହେଁ । ବେଶ୍ ନିଷ୍ଠା ଓ ପରିଶ୍ରମର ବ୍ୟାପାର । ଅନ୍ୟଜଣକର ହତାଭିତରେ କିୟଦଂଶ ଦୂରରେ ଥିବା ଫୁଲଗଛର ନିର୍ଦ୍ଦିଷ୍ଟ ଡାଳଟିଏ ପର୍ଯ୍ୟନ୍ତ ପହଞ୍ଚି, ଘରମାଲିକର ଗାଳିଗୁଲଜକୁ ଉପେକ୍ଷା କରି, ଅଭିନିବେଶର ସହିତ ଫୁଲତକ ତୋଳିବା ନିଶ୍ଚିତଭାବରେ ସାହସ, ଧୈର୍ଯ୍ୟ ଓ ଏକାଗ୍ରତାର ପ୍ରମାଣ ଦିଏ । ଜନୈକ ପ୍ରୌଢ଼ବ୍ୟକ୍ତିଙ୍କୁ, ଧୋତି ଟେକି, ଅସ୍ତବ୍ୟସ୍ତ ଅବସ୍ଥାରେ ଏବଂ ଅତ୍ୟନ୍ତ ଅଶୋଭନ ଭଙ୍ଗୀରେ ପ୍ରାଣମୂର୍ଚ୍ଛା ସଂଗ୍ରାମ କରି ଆମଘରୁ ଫୁଲ ଚୋରି କରୁଥିବାର ଦେଖିଛି ।

ଭୁବନେଶ୍ୱରରେ ମୋ ଘରଟି ପୂରାପୂରି ଟାଙ୍ଗରା ଭୂଇଁରେ । ନିଜେ ମାଟି ଖୋଳି, ଗଛ କିଣି, ନିଆଁଡ଼ଲା ଗ୍ରୀଷ୍ମଋତୁରେ ଜଳସିଞ୍ଚନ କରି ଗଛକୁ ସନ୍ତାନର ସ୍ନେହ ଦେଇ ବଡ଼ କରିଛୁ ଆମେ । କିନ୍ତୁ ଗଛରେ ଫୁଟୁଥିବା ଫୁଲ ଉପରେ ଏପର୍ଯ୍ୟନ୍ତ ଆମର ଅଧିକାର ଜାହିର୍ କରିପାରିନୁ । ଗୋଟିଏ ମାଳତୀଲତା ସାମ୍ନା ପାଚେରୀର ଗ୍ରୀଲ୍‌ରେ ମାଡ଼ିଛି । ଶରତ୍ ଆକାଶର ତାରାପରି ସରୁ ସରୁ ପାଖୁଡ଼ାର ଶ୍ୱେତପୁଷ୍ପରେ ଗଛଟି ଛାଇ ହୋଇଯାଏ ସକାଳେ । ଦେଖି ଦେଲେ ମନରେ ସଙ୍ଗୀତ ଛୁଟେ । ସତେ ଅବା ସୂର୍ଯ୍ୟୋଦୟର ଜୌନପୁରୀ ରାଗ । ପ୍ରଥମେ ଯେବେ ଗଛରେ ଫୁଲ ଫୁଟିଲା, ଦିନେ କି ଦୁଇ ଦିନ ସେ ଫୁଲର ମହୋତ୍ସବ ଦେଖିଥିଲୁ । ତା' ପରଠୁ ଗଛ ଶୂନ୍ୟ । ଫୁଲ ଚୋରମାନଙ୍କ ଦୟାରୁ । ପାଚେରୀ ସାମ୍ନାରେ ସିମେଣ୍ଟ ଖୁଣ୍ଟି ପୋତି, କଣ୍ଟାତାରର ବାଡ଼ ଦେଇ ବି ଫୁଲକୁ ରକ୍ଷା କରିପାରିନୁ । ଚୋର ଆମଠୁ ଆହୁରି ହୁଶିଆର୍ ।

ଖବର ନେଇ ବୁଝିଲି, ଫୁଲ ଚୋରିର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଠାକୁର ପୂଜା । ଫୁଲ ଚୋରମାନେ ବିଶ୍ୱାସ କରନ୍ତି ବିନା ଗନ୍ଧପୁଷ୍ପରେ ଭଗବାନଙ୍କ ପୂଜାର୍ଚ୍ଚନା ନିଷ୍ଫଳ । ମୋ'ର କିନ୍ତୁ ଧାରଣା, ଚୋରି କରି ଆଣିଥିବା କୌଣସି ବସ୍ତୁ ଈଶ୍ୱରଙ୍କୁ ଅର୍ପଣ କଲେ ତାହା ସେ ସ୍ୱୀକାର କରନ୍ତିନି ବୋଲି । ଛୋଟ ଦିନୁ ବାପା ମା' ଶିଖାଇ ଦେଇଛନ୍ତି, ଅନ୍ୟ ଘରୁ ବିନାନୁମତିରେ କିଛି ଜିନିଷ ନେଇ ଆସିବାର ନାଁ ଚୋରି ଏବଂ ଏହା ମହାପାପ । ଘରେ ଯଦି ନିତ୍ୟ ପୂଜା ଲାଗି ଫୁଲ ନାହିଁ, ଚନ୍ଦନର ଛିଟା ଦେଇ, ଧୂପ କାଠିଟିଏ ଜାଳି କିମ୍ବା ଏସବୁ କିଛି ନକରି କେବଳ ଶୁଦ୍ଧପୂତ ମନରେ ପ୍ରଭୁଙ୍କ ଆଗରେ ପ୍ରଣିପାତଟିଏ କଲେଇ ଯଥେଷ୍ଟ । ଏହା ଅବଶ୍ୟ ମୋ' ନିଜର ବିଶ୍ୱାସ । ଫୁଲ ଚୋରମାନଙ୍କର ନୁହେଁ ।

ଗୋଟିଏ କଥା କିନ୍ତୁ ଏପର୍ଯ୍ୟନ୍ତ ମୋ ସମଝଦାରୀର ବାହାରେ ରହିଗଲା । ଧର୍ମପରାୟଣ ଫୁଲ ଚୋରମାନେ ଫୁଲ ଚୋରି ନକରି ନିଜ ଘରେ ଫୁଲ ଗଛଟିଏ ଲଗାନ୍ତି ନାହିଁ କାହିଁକି ? ଆଖପାଖ ଫୁଲ ଚୋରମାନଙ୍କ ଘର ଦେଖିଛି । ସମସ୍ତଙ୍କ ଘର କଡ଼ରେ ମାଟି

Digitized by srujanika@gmail.com

ଟୁକୁଡ଼ାଏ ଅଛି । ତରାଟ ବା ମନ୍ଦାରଗଛଟିଏ ଲଗାଇବାକୁ କେତେ ବା ଜମି ଲୋଡ଼ା ? ବିଶେଷ କିଛି ପରିଶ୍ରମର କଥା ବି ନୁହେଁ । ବର୍ଷାଦିନେ ଡାଳଟିଏ ପୋତି ଦେଲେ ହେଲା । ମା' ବସୁମତୀ ରସଦେଇ ଜୀଆଁଇ ଦେବ ଗଛଟିକୁ । ଫୁଲଫୁଟିବ ଦୁଇ ବର୍ଷରେ ।

ଭୁବନେଶ୍ୱର ଘରେ ଫୁଲଗଛ ଲଗାଇ, ପ୍ରଧାନତଃ ଆମର ଦୁଇଟି ଲାଭ ହୋଇଛି । ପ୍ରତିଦିନର ହଟଗୋଳ, ପାଟିତୁଣ୍ଡ ଓ ମନସ୍ତାପରେ ମୋର ହୃଦ୍‌ରୋଗୀ ସ୍ୱାମୀଙ୍କର ରକ୍ତଚାପ ଅତ୍ୟଧିକ ମାତ୍ରାରେ ବୃଦ୍ଧି ପାଇଛି ଏବଂ ଆମେ 'ପତିତ' ଭାବରେ ପରିଗଣିତ ହୋଇଛୁ । ଫୁଲ ଚୋରି କଲାବେଳେ ଧରାପଡ଼ିଥିବା ନାଲି ଗାମୁଛା ପରିହିତ ଜଣେ ସ୍ଫୀତୋଦର ଭଦ୍ରବ୍ୟକ୍ତି ସେଦିନ ଉତ୍ୟକ୍ତ ହୋଇ ମୋ ସ୍ୱାମୀଙ୍କୁ କହିଥିଲେ ''କି ଲୋକ ହେ ଆପଣ, ଫୁଲ ଲାଗିବ ଦିଅଁ ପୂଜାରେ ଅଥଚ ତମେ ପାଟି କରୁଚ ? ତମେ ବ୍ରାହ୍ମଣ ନା ମ୍ଲେଛ !''

ଭୁବନେଶ୍ୱର ନଗରୀଟିକୁ ସୁନ୍ଦର ଓ ସୁରୁଚିପୂର୍ଣ୍ଣ କରିବା ପାଇଁ ଅନେକ ଜାଗାରେ ଫୁଲ ଗଛମାନ ଲାଗିଛି । ମୋ' ଘର ପାଖ ମାଉସୀମା ମନ୍ଦିର ଏବଂ ରାଜାରାଣୀ ତଥା କେଦାର ଗୌରୀ ମନ୍ଦିର ବେଢ଼ାରେ ଅଜସ୍ର ତରାଟ ଗଛ କିନ୍ତୁ ଗୋଟିଏ ବି ଫୁଲ ସେଠି ନଜରରେ ପଡ଼େନି । ଫୁଲଚୋରମାନଙ୍କ କୃପାରୁ । ସଞ୍ଜବେଳେ ବୁଲି ଗଲା ବେଳେ ଦେଖେ କଢ଼ ଭର୍ତ୍ତି ଗଛ, ସକାଳ ଆଠଟାରେ ଗଛ ହୋଇଯାଏ ସମସ୍ତ ଆଭୂଷଣରୁ ମୁକ୍ତ ।

ଭୁବନେଶ୍ୱର ଆସିଲା ବେଳେ ଭାବିଥିଲି ଜୀବନ କଟିଗଲା ସରକାରୀ କ୍ୱାର୍ଟରରେ । ନିଜଘରେ ମନ ଖୁସିରେ ଫୁଲ ବଗିଚା କରିବି । କଲି ମଧ । କିନ୍ତୁ ଫୁଲର ବର୍ଣ୍ଣାଢ଼୍ୟ ସମାରୋହ ଏପର୍ଯ୍ୟନ୍ତ ଦେଖି ପାରିଲିନି । ଭାବିଥିଲି ରଙ୍ଗ ବେରଙ୍ଗୀ ଫୁଲର ସୁଷମାରେ ଚିତ୍ରିତ ହେବ କଙ୍କରିଳ ପରିବେଶ । ଦୋଷମୁକ୍ତ ହେବ ଧୂଳିକଣା ଓ ଅଙ୍ଗାରକାମ୍ଳ ମିଶା ଦୂଷିତ ବାତାବରଣ । ପ୍ରଜାପତି, ଭ୍ରମର ଓ ମହୁମାଛିଙ୍କ ଭିଡ଼ ଦେଖିବି ଫୁଲ ବଗିଚାରେ । ଫୁଲ ଫୁଟିଲେ ସେମାନଙ୍କର ପ୍ରଜାତି ଆଉ ଧ୍ୱଂସ ପାଇବେନି ପୃଥିବୀରୁ । ସାବ୍‌ଜା ଫିନ୍ ଫିନ୍ ଡେଣା ନେଇ ଦଳ ଦଳ କଙ୍କି ଆସି ମହୁ ପିଇବେ ଫୁଲରୁ । ଯେମିତି ଦେଖିଥିଲି ବାପାଙ୍କ ଘରେ ପିଲାଦିନେ । କେତେ ଯୁଗ ହେଲାଣି କଙ୍କିଟିଏ ଦେଖିନି । ଫୁଲଗଛ ଲଗାଇଥିଲି । ଭାବିଥିଲି ଲମ୍ବ ଲମ୍ବଡେମ୍ଫରେ ବସି ଗୁଗୁପାଞ୍ଚି ଖେଳିବେ ରଜନୀଗନ୍ଧାର କଢ଼ମାନେ । ବୈଶାଖୀ ରାତିର ଦମ୍‌କା ପବନରେ ଭାସି ଆସିବ ମଲ୍ଲି ଫୁଲର ମୃଦୁ ସୁଗନ୍ଧି । ସେ ସବୁ ସ୍ୱପ୍ନ ହୋଇ ରହିଗଲା ।

ଶେଷରେ ଗୋଟିଏ କଥା ନଲେଖି ରହିପାରୁନି । ଏପର୍ଯ୍ୟନ୍ତ ଫୁଲଚୋର ଦେଖିଥିଲି । କାଲି କିନ୍ତୁ ପ୍ରଥମ ଥର ପାଇଁ ସିଲକ୍‌ଶାଢ଼ୀ ପିନ୍ଧା ଫୁଲଚୋରଣୀଟିଏ ଦେଖିଲି- ଆମ ସାମ୍‌ନାଘର ବଗିଚାରୁ ଫୁଲଚୋରି କରୁଥିଲେ । ବେଶ୍ ଗର୍ବ ହେଲା ମୋ'ଜାତି ପାଇଁ , ନାରୀମାନେ ପୁରୁଷଠାରୁ କୌଣସି ଗୁଣରେ କମ୍ ନୁହନ୍ତି ।

●●●

Digitized by srujanika@gmail.com

# ପ୍ରଭା

ତା’ ସହିତ ମୋର ପ୍ରଥମ ଦେଖା ଦିଲ୍ଲୀରେ ଏବଂ ଯେଉଁ ତିନିଘଣ୍ଟା ମୁଁ ତା’ ସାନ୍ନିଧରେ ବିତାଇଥିଲି ତାହା ମୋ ପାଇଁ ଥିଲା ଅବିସ୍ମରଣୀୟ । ପତଳା ଡ଼େଙ୍ଗା ଝିଅଟି ଥିଲା ଏକ ମଧ୍ୟବିତ୍ତ ଯୌଥ ପରିବାରର ଗୃହବଧୂ । ଘରେ ଶାଶୁ, ଶ୍ୱଶୁର, ତିନି ଅବିବାହିତ ତରୁଣ ଦିଅର ଓ ସବା ସାନ ସ୍କୁଲ ପଢ଼ନ୍ତା ନଣନ୍ଦଟିଏ । ଝିଅଟି ଥିଲା ନମ୍ର ଓ ସଂଯତ । ମୁଣ୍ଡରେ ଓଢ଼ଣା, ପହରଣ ସାଧାରଣ ଛାପାଶାଢ଼ୀ । ସିଡ଼ି ଚଢ଼ିଲା ବେଳେ କିମ୍ବା ତରତର ହୋଇ ଚାଲିଲା ବେଳେ ସେ ଅଯତ୍ନ ପିନ୍ଧା ଶାଢ଼ୀ ତଳୁ ସାୟାର ଲେସ୍ ଦିଶି ଯାଉଥିଲା ବେଳେବେଳେ । ଝିଅଟି କଥା ବେଶି କହୁନଥିଲା । କଦବା କେମିତି ଚଷମାପିନ୍ଧା ନିରୀହ ଅଧ୍ୟାପକ ସ୍ୱାମୀଟି ସହିତ ଚୁପି ଚୁପି ଦୁଇପଦ ବାର୍ତ୍ତାଳାପ- ସଭିଙ୍କର ଅଲକ୍ଷରେ । ଶାଶୁଘରେ ନବବଧୂଟିର ବେଶୀ ବକ୍ ବକ୍ କରିବା ସମୀଚୀନ ନଥିଲା ବୋଧ ହୁଏ । କିନ୍ତୁ ତା’ର ଶରୀର , ମୁହଁ ଓ ଆଖିର ଅଭିବ୍ୟକ୍ତି ଥିଲା ଅତ୍ୟନ୍ତ ମୁଖର । ବେଶ୍ ସୁଚାରୁ ରୂପେ ବୁଝାଇ ଦେଉଥିଲା ତା’ର ମାନସିକ ସ୍ଥିତି- ଆହ୍ଲାଦ ହେଉ ବା ଅବସାଦ ।

ଖୁବ୍ ବେଶୀ ଉଗ୍ରରକମର ରୂପସୀ ନଥିଲା ସିଏ । କିନ୍ତୁ ତା’ର ସୁଶ୍ରୀ ମୁହଁଟିରେ ଏଭଳି ଏକ କମନୀୟତା ଓ କୋମଳତା ଥିଲା ଯାହାକି ଚୁମ୍ବକ୍ ପରି ଟାଣି ନେଇଥିଲା ମୋତେ ତା’ ଆଡ଼େ । ସେ ଆକର୍ଷଣ ଅନୁଭବ କରିଥିଲେ ମୋ’ ସାଥିରେ ଥିବା ମୋର ପନ୍ଦର ବର୍ଷର ପୁତ୍ର ଏବଂ ପଚିଶ ବର୍ଷର ସାନ ଭାଇ ମଧ । ମନ୍ତ୍ରମୁଗ୍ଧ ନୟନରେ ଆମେ ଚାହିଁ ରହିଥିଲୁ ତାକୁ । ପରଖିଥିଲୁ ତା’ର ହାବ ଭାବକୁ ।

ଆମେ ଘରକୁ ଫେରି ଆସିଲା ପରେ ବି ତା’ ସ୍ମୃତି ରହି ରହି ଆକ୍ରମଣ କରିଥିଲା ଆମକୁ । ଏକାଠି ବସି ଗପସପ ହେଲେ ତା’ରି କଥାଇ ଉଠୁଥିଲା ବାରମ୍ବାର । ଆମ ଅଜାଣତରେ ଏବଂ ଅନେକ ଦିନ ଧରି ।

ତା’ ସହିତ ପୁନର୍ବାର କେବେ ପରିଚୟ ହେବ ବୋଲି ଭାବି ପାରିନଥିଲି । କିନ୍ତୁ ଅନେକ ଅନେକ ବର୍ଷପରେ ଦିଲ୍ଲୀ ଛାଡ଼ି ଭୁବନେଶ୍ୱର ଆସିଲା ଉତାରୁ ଦିନେ ପୁଣି ତା’ ସହିତ ସଂଯୋଗ ସ୍ଥାପିତ ହେଲା -ଅକସ୍ମାତ୍ ।

କୌଣସି ଏକ କାମରେ ଜନୈକ ସମ୍ବାଦପତ୍ର ଅଫିସକୁ ଫୋନ୍ କରିଥିଲି ଏବଂ ସିଏ ଟେଲିଫୋନ୍‌ଟି ଉଠାଇ ଥିଲା । ତା’ ନାଁଟି ଶୁଣି ସାରିଲା ପରେ ମୁଁ ପଚାରିଥିଲି ‘‘ତୁମେ କଅଣ ସେଇ ଝିଅଟି ଯାହାକୁ କି ବହୁତ ବର୍ଷ ତଳେ ଏକଦା ମୁଁ ଦିଲ୍ଲୀରେ ଦେଖିଥିଲି’’ ?

Digitized by srujanika@gmail.com

-ହଁ । ମୁଁ ସେଇ । ଝିଅଟି ଉତ୍ତର ଦେଲା ଓ ହସିଲା । ମୃଦୁ ନୂପୁରର ଶବ୍ଦ ପରି । କହିଲା ଆଶ୍ଚର୍ଯ୍ୟ କଥା, ଏତେ ବର୍ଷ ପରେ ବି ଆପଣ ମନେ ରଖିଛନ୍ତି ମୋତେ ?''

-ତୁମେ ଯେ ପୂରାପୂରି କିମିଆ କରିଦେଇଥିଲ ମୋତେ ସେତେବେଳେ । ଭାବୁଥିଲି କେତେବେଳେ, କେଉଁଠି ହେଲେ ତୁମ ସହିତ ଥରଟେ କଥା କହିବାକୁ ସୁଯୋଗ ମିଳନ୍ତା କି ! କେତେ ତୀବ୍ର ମୋର ମନର କାମନା ଥିଲା ଦେଖ । ଠିକ୍ ସଂଯୋଗ ହୋଇଗଲା ।

ମୋ କଥାରେ ଝିଅଟିର କଣ୍ଠ ବାଷ୍ପରୁଦ୍ଧ ହେଲା । କହିଲା ମୁଁ କୃତଜ୍ଞ, ଆପଣ ଯେ ମୋତେ ମନେ ରଖିଛନ୍ତି ଏତେ ଦିନ ପରେ ।

ତମେ କୃତଜ୍ଞତା ଜ୍ଞାପନ କରିବାର କୌଣସି କାରଣ ମୁଁ ଦେଖୁନି । ତମେ ଚମତ୍କାର ଝିଅଟିଏ ଏବଂ ପ୍ରଚୁର ପ୍ରତିଭା ତୁମର । ତୁମକୁ ସେ ଦିନ ଯିଏ ବି ଦେଖିଛି ସିଏ ନିଶ୍ଚିତ ରୂପେ ତୁମକୁ ଭୁଲି ପାରିନଥିବ ।

''ସେ ଦିନ ତ ଅନେକ ଲୋକ ଦେଖିଥିଲେ ମୋତେ । କାଇଁ ଆପଣଙ୍କ ପରି ଏଭଳି ଉଚ୍ଛ୍ୱସିତ ଭାବରେ କେହି ତ ପ୍ରଶଂସା କରି ନାହାନ୍ତି ।'' ''କାରଣ ମୋ' ପରି ଏତେ ବେଶୀ କେହି ଭଲ ପାଇ ନାହାନ୍ତି ତୁମକୁ '' ମୁଁ ଜବାବ୍ ଦେଲି ହସି ହସି । ସେ ଦିନ କଥା ହୋଇଥିଲା ଏତିକି ଏବଂ ତା' ପରେ ମଝିରେ ମଝିରେ ଥରେ ଦୁଇ ଥର ଟୁକୁଡ଼ା ଟୁକୁଡ଼ା କଥା । ଟେଲିଫୋନ୍‌ରେ । ଅନ୍ତରଙ୍ଗତା ସାମାନ୍ୟ ବଢ଼ିଥିଲା ଏବଂ କେଜାଣି କେତେବେଳେ ତା'ର ଜ୍ୟେଷ୍ଠା ଭଗିନୀର ଭୂମିକାଟି ମୋତେ ସିଏ ଦେଇ ଦେଇଥିଲା ଯା' ଭିତରେ । ସମ୍ବୋଧନ କରୁଥିଲା ମୋତେ 'ନାନୀ' ବୋଲି । ଦୁହେଁ ଯାକ ଆମେ ରହୁଥିଲୁ ଏକା ସହରରେ । କିନ୍ତୁ ପରସ୍ପରକୁ ଭେଟିପାରି ନଥିଲୁ। ଦିହେଁ ଥିଲୁ ନିଜ ନିଜ ଜଞ୍ଜାଳରେ ବ୍ୟସ୍ତ ଓ ବିବ୍ରତ। ଆମ ଦୁଇ ଜଣଙ୍କର ପରସ୍ପର ପ୍ରତି ଥିବା ସ୍ନେହ ଓ ଶ୍ରଦ୍ଧାରେ ଅବଶ୍ୟ କିଛି ଫରକ୍ ପଡ଼ିନଥିଲା ସେଥିରେ ।

ଝିଅଟି ଥିଲା ଅଫିସ୍‌ରେ କାର୍ଯ୍ୟରତ । ତାକୁ ବାରମ୍ବାର ଫୋନ୍ କରି ତା' କାର୍ଯ୍ୟରେ ବ୍ୟାଘାତ ସୃଷ୍ଟି କରିବା ପାଇଁ ମୁଁ ପସନ୍ଦ କରୁନଥିଲି । କିନ୍ତୁ ହଠାତ୍ ଦିନେ ଗୋଟିଏ ସମ୍ବାଦ ପତ୍ରରେ ତା'ର ପୁରୁଣା ଫଟଟିଏ ଛପା ହୋଇଥିବା ମୋ ନଜର୍‌ରେ ପଡ଼ିଗଲା । ଚମତ୍କାର ଫଟଟିଏ । ଅବଗୁଣ୍ଠନବତୀ ଝିଅଟି ଚୁପ୍‌ଚାପ୍ ଗୋଟିଏ ମୋଡ଼ା ଉପରେ ବସିଛି ତଳକୁ ଅନାଇଁ । ଫଟଟି କାଟି ଡାକରେ ପଠାଇ ଥିଲି ତାକୁ । ସାଥିରେ ଚିଠିଟିଏ ମଧ୍ୟ । ଏବଂ ତା'ର କେଇ ଦିନ ପରେ ଫୋନ୍ ଆସିଲା ଝିଅଟିର ।

-ନାନୀ, ଆପଣ ପଠାଇଥିବା ଫଟଟି ପାଇଁ ଧନ୍ୟବାଦ । ପ୍ରକୃତରେ ମୋର ସେତେବେଳର ଗୋଟିଏ ବି ଫଟ ମୋ ପାଖରେ ନାହିଁ । ହେଳାରେ ରଖି ପାରିନି ।

Digitized by srujanika@gmail.com

-ସେଇଥିପାଇଁ ତ ପଠାଇଲି ତମପାଖକୁ ।

- ଆଉ ନାନୀ ଜାଣନ୍ତି ? ଆପଣଙ୍କ ଚିଠିଟି ମୁଁ ସନ୍ତକଭାବରେ ସାଇତି ରଖି ଦେଇଛି ମୋ ବାକ୍ସ ଭିତରେ । କେତେ ଟିକିନିଖି କଥା ମୋ ସମ୍ପର୍କରେ ମନେରଖିଛନ୍ତି ଆପଣ ! ଆପଣଙ୍କ ହାତଲେଖା କିଛି ସମୟ ପାଇଁ ମୋତେ ଫେରାଇ ନେଇଗଲା ମୋର ଫିକା ପଡ଼ି ଆସିଥିବା ଅତୀତକୁ । ଅନେକ ସ୍ମୃତି ରୋମନ୍ଥନ କଲି । ଆଉ କି ଚମତ୍କାର ଚିଠି ଲେଖନ୍ତି ଆପଣ !

- ସତେକି ? ତାହେଲେ ଏଣିକି ପ୍ରତିଦିନ ତୁମକୁ ମୁଁ ଗୋଟିଏ ଲେଖାଏଁ ଚିଠି ଲେଖିବି । ମୁଁ ପରିହାସ କରି କହିଲି ।

ଯା'ର କିଛି ଦିନ ପରେ ଗୋଟିଏ ପତ୍ରିକାରେ ଝିଅଟିର ଏବର ଫଟଟିଏ ଦେଖିଲି - ଅନେକ ପରିବର୍ତ୍ତନ ଆସିଛି ଚେହେରାରେ । ଆଖିରେ ଚଷମା, ଦେହରେ ମେଦ, ପୂରନ୍ତ ଗାଲ ଓ ଚିବୁକ । ''ସେଇ ଆଗର ତନୁପାତେଳୀ ଝିଅଟି କୁଆଡ଼େ ହଜିଗଲା କହତ ! ଫଟ ତଳେ ତମ ନାଁ ଦେଖିନଥିଲେ ମୁଁ ଚିହ୍ନିଇ ପାରି ନଥାନ୍ତି । ଅନେକ ବଦଳି ଯାଇଛ ତୁମେ'', ଫୋନ୍‌ରେ କହିଥିଲି ମୁଁ ଏବଂ ତା' ଠାରୁ ଶୁଣିଥିଲି ତା'ର ଦୀର୍ଘ ଅସୁସ୍ଥତାର କାହାଣୀ । ଶାରୀରିକ ସୁସ୍ଥତା ବଜାୟ ରଖିବା ପାଇଁ ଡାକ୍ତରମାନେ ଦେଇଥିବା କୌଣସି ଏକ ଔଷଧର ପ୍ରତିକ୍ରିୟା ଫଳରେ ମୋଟା ହୋଇଯାଇଛି ବୋଲି କହିଥିଲା ।

- ତମେ ଏଭଳି ଭାବରେ ଅସୁସ୍ଥ । ଅଥଚ ମୋତେ ଥରେ ହେଲେ ବି ତ କହିନ । ମୁଁ ପଚାରିଲି ।

-କହିବି କଅଣ ନାନୀ ? ଜୀବନ ଓ ଯନ୍ତ୍ରଣା ଯେ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ । ଝିଅଟି ବିଷର୍ଣ୍ଣ ସ୍ୱରରେ ଉତ୍ତର ଦେଲା ।

ଝିଅଟିର ରୁଚି ଥିଲା ସାହିତ୍ୟରେ । ନିଜେ କଦବା କେମିତି ଲେଖାଲେଖି କରୁଥିଲା । ଚଳଚ୍ଚିତ୍ରମାନଙ୍କର ସମୀକ୍ଷା କରୁଥିଲା । ଥରଟେ ଓଡ଼ିଆ ଚଳଚ୍ଚିତ୍ରର ଐତିହାସିକ କ୍ରମ ବିକାଶ ସମ୍ପର୍କରେ ଏକ ପତ୍ରିକାରେ ତା'ଦ୍ୱାରା ଲିଖିତ ଗବେଷଣାତ୍ମକ ଲେଖାଟିଏ ପଢ଼ିଲି । ନିବନ୍ଧଟି ପାଇଁ ତାକୁ ଶୁଭେଚ୍ଛା ଜଣାଇଲା ବେଳେ ସିଏ ମନ୍ତବ୍ୟ କରିଥିଲା ମୋ ଲେଖା ସମ୍ପର୍କରେ ।

-ନାନୀ, କି ଚମତ୍କାର କବିତା ଓ ଗଦ୍ୟ ଲେଖି ଦେଉଛନ୍ତି ଆପଣ ! ମୁଁ ସବୁବେଳେ ଆପଣଙ୍କ ଲେଖା ଖୋଜି ଖୋଜି ପଢ଼େ । ସାନ ସାନ ଘଟଣା ଓ ଚରିତ୍ରମାନଙ୍କୁ ନେଇ ଆପଣ

Digitized by srujanika@gmail.com

ଲେଖୁଥିବା ଫିଚର ଗୁଡ଼ିକ ସତରେ ଭାରି ମନୋରମ । ମୋତେ ନେଇ ଗୋଟିଏ ଫିଚର ଲେଖି ଦିଅନ୍ତେନି ?

ମୁଁ ଉତ୍ତର ଦେଲି - ତୁମ ଠାରେ ଯେଉଁ ଅପୂର୍ବ ଗୁଣାବଳୀର ସମାବେଶ ଦେଖିଥିଲି ଅନେକ ବର୍ଷ ଆଗେ, ତାହା ନିଶ୍ଚିତ ରୂପେ ପ୍ରଶଂସନୀୟ ଓ ପ୍ରଣିଧାନ ଯୋଗ୍ୟ । ଦୁଃଖିତ ଯେ ମୁଁ ଏ ଯାବତ୍ ତୁମ ବିଷୟରେ ଲେଖିପାରିନି । ଯେଉଁ ଝିଅଟିକୁ ପ୍ରଥମ ଦେଖାରେ ଇ ଦେଖି ମୁଁ ମୁଗ୍ଧ ହୋଇଥିଲି, ଯେଉଁ ଝିଅଟି ତା'ର ଅଭିବ୍ୟକ୍ତି ଓ କଳା କୁଶଳତାରେ ମୋତେ ଏତଲି ପ୍ରଭାବିତ କରିଥିଲା ତାକୁ ଯେ ଏ ପର୍ଯ୍ୟନ୍ତ ବିସର୍ଜନ ଦେଇଛି ମୋ ଲେଖାରୁ ଏହା ନିଶ୍ଚିତ ରୂପେ ମୋର ଅପରାଧ ।

-ଯାଃ ! ଆପଣ ମୋ'ର ଅଯଥା ପ୍ରଶସ୍ତି କରୁଛନ୍ତି । ହେଲେ ନାନୀ ସତରେ କୁହନ୍ତୁ ନା ! ଲେଖି ଦେବେ ମୋ ପାଇଁ ଫିଚରଟିଏ ?

-ନିଶ୍ଚୟ । ଏଇ ମୁହୂର୍ତ୍ତରେ ଇ ଅଙ୍ଗୀକାରବଦ୍ଧ ହେଲି, ମୁଁ କୌତୁକ କରି ଉତ୍ତର ଦେଲି ।

ଆଜିର ଏଇ ଲେଖାଟି ସେଇ ଅଙ୍ଗୀକାରବଦ୍ଧତାର ପରିଣାମ । ଏଇ ଲେଖାଟି ସେଇ ଝିଅଟି ପାଇଁ ଯିଏ କି ଥିଲା ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଓଡ଼ିଆ ସିନେମା 'ମାୟା ମିରିଗର' ନାୟିକା, ଯେଉଁ ସିନେମାଟି ଅନେକ ଅନେକ ବର୍ଷ ଆଗେ ଦିଲ୍ଲୀର ଫିଲ୍ମ୍ ଫେଷ୍ଟିଭାଲରେ ଏକ ସିନେମାହଲ୍‌ରେ ମୋର ପୁତ୍ର ଓ କନିଷ୍ଠ ଭ୍ରାତା ସହିତ ମୁଁ ଦେଖିଥିଲି ଏବଂ ମନ୍ତ୍ରମୁଗ୍ଧ ହୋଇଥିଲି ଝିଅଟିର ଅଭିନୟନୈପୁଣ୍ୟରେ । ସିନେମାରେ ଝିଅଟିର ନାଁ ଥିଲା ''ପ୍ରଭା'' ।

●●●

Digitized by srujanika@gmail.com

# କେନାଲ କୂଳେ

ଠିକ୍ ଘର ସାମ୍‌ନାରେ ଥିଲା କେନାଲଟି । ଗେଟ୍ ବାହାରେ ନାଲିଗୋଡ଼ିର ସଂକୀର୍ଣ୍ଣ କଚାରାସ୍ତାଟିଏ । ରାସ୍ତା ସେପଟେ ଫିକା ସବୁଜ ରଙ୍ଗର କୁଳୁ କୁଳୁ ଜଳ ଧାର ।

ଏକରକମ ଜନ୍ମରୁ ଇ ସମ୍ପର୍କ ଗଢ଼ି ଉଠିଥିଲା କେନାଲ୍ ସାଥିରେ । ପିଲାଦିନେ ଆଳ କଲେ ବୋଉ କୋଳରେ ଧରି ନେଇ ଯାଉଥିଲା କେନାଲ କୂଳକୁ । ଶୈଶବର ଉତ୍ସୁକ ଆଖି ନେଇ ଲୁଲୁଲୁଲୁ କରି ଚାହିଁରହୁଥିଲୁ ସାମ୍‌ନାର ପ୍ରବହମାନ ସ୍ରୋତକୁ । ସେ ବହନ୍ତା ସ୍ରୋତରେ କୁନି କୁନି ଢ଼େଉମାନଙ୍କ ଉଠ୍‌ପଡ଼୍, ସେ ଢ଼େଉ ଉପରେ ଚିକ୍‌ମିକ୍ ରୂପା ଖରାର ନାଚ ଓ ସେ ଖରାଭିତରେ କୃଷ୍ଣ ମରାଳ ପରି ପହଁରି ଯାଉଥିବା ସାନ ବଡ଼ ନୌକାମାନଙ୍କର ସମାରୋହ, ସବୁ ମିଶି କାନ୍ଦଣା ଭୁଲାଇ ଦେଉଥିଲା ଆମକୁ ।

କେନାଲଟି ସଂଯୁକ୍ତ ଥିଲା ମହାନଦୀ ସହିତ ଓ କାମ ଦେଉଥିଲା ଜଳପଥର । ବାପା ଆମ କୋଠାଟି ତିଆରି କଲାବେଳେ ଘର ପାଇଁ ଗାଁରୁ କାଠ ଆସିଥିଲା ଡଙ୍ଗାରେ । ମହାନଦୀ ଓ କେନାଲ ବାଟ ଦେଇ । ସେତେବେଳେ ରାସ୍ତାଘାଟ ଏତେ ଉନ୍ନତ ନଥିଲା । ମାଲବାହୀ ଟ୍ରକ ଚଳାଚଳର ବିଧିବଦ୍ଧ ଯୋଜନା ବି ନଥିଲା । ବସ୍ତୁତଃ, ମାଲ୍‌ବୋଝେଇ ନୌକାମାନେ ଅନବରତ ଆତଯାତ କରୁଥିଲେ କେନାଲରେ ଏବଂ ବେଶ ବଡ଼ ବଡ଼ ଥିଲେ ସେ ନୌକାଗୁଡ଼ିକ । ବହଳ କରି କଳାରଙ୍ଗ ବୋଳା ହୋଇଥିଲା ତାଙ୍କ ଶରୀରରେ । ପାଣିଲାଗି ସଢ଼ି ଯିବନି ବୋଲି । ମଙ୍ଗ ଦେହରେ କାରୁକାର୍ଯ୍ୟ । କଦବା କେମିତି ଦେବ ଦେବୀଙ୍କ ରଙ୍ଗୀନ୍ ଚିତ୍ର । ଡଙ୍ଗାର ତିନିଚତୁର୍ଥାଂଶ ଥିଲା କାଠ, ଛଣ, ବାଉଁଶ କିମ୍ବା ଅନ୍ୟ ଜିନିଷରେ ଭର୍ତ୍ତି । ବାକୀ ଏକ ଚତୁର୍ଥାଂଶ ଅଧିକାର କରିଥିଲା ସାନ ଚାଳଛପର ଘରଟିଏ । ସେ ଘର ଭିତରେ ଧିକିଧିକି ମାଟି ଚୁଲୀର ଆଞ୍ଚ । ମଙ୍ଗ ପାଖରେ ମାଟି ହାଣ୍ଡିରେ ବାମ୍ଫ ଉଠା ଗରମଭାତରୁ ପେଜ ଗାଳୁଥିଲା ନାଉରୀଟିଏ । ପାଣି ଭିତରେ ବାସ, ପାଣି ଭିତରେ ଆହାର ଓ ଜୀବନଚର୍ଯ୍ୟା । ହିଂସା ଲାଗୁଥିଲା ନାଉରିଆଟିକୁ ଦେଖି । ମନେହେଉଥିଲା ଉନ୍ମୁକ୍ତ ଆକାଶ ତଳେ ଛଳ, ଛଳ ପାଣି ଭିତରେ ବସି ଆହାର କଲା ବେଳେ, ସେ ଅନ୍ନର ସ୍ୱାଦ ଭିନେ ଲାଗୁଥିବ ନିଶ୍ଚୟ ।

ସ୍ରୋତ ପଥରେ ଗଲା ବେଳକୁ ନାଆଗୁଡ଼ିକ ଭାସି ଯାଉଥିଲା ଆପେ ଆପେ-କାତର ସାମାନ୍ୟ ସହାୟତାରେ । ସ୍ରୋତର ବିପରୀତ ଦିଗରୁ ଆସିଲା ବେଳକୁ କିନ୍ତୁ କେବଳ କାତରେ କାମ ଚାଲୁ ନଥିଲା । ନାଆମଙ୍ଗରେ ଶକ୍ତ ସମର୍ଥ ଲୁହା କଣ୍ଟାପୋତି ଓ ତହିଁରେ ବଡ଼ ବଡ଼ କତା ଦଉଡ଼ି ବାନ୍ଧି ଯୋଡ଼ିଏ ମଣିଷ ନାଆ ଟାଣୁ ଥିଲେ । ନାଆ ଚାଲୁଥିଲା କେନାଲରେ । ମଣିଷ ଯୋଡ଼ିକ ଦଉଡ଼ି ଟାଣି ଟାଣି ଚାଲୁଥିଲେ କୂଳେକୂଳେ ।

ବେଳେ ବେଳେ ନାଳରେ ଭାସି ଆସୁଥିଲା ପଟାଳି । ବାଉଁଶକୁ ବାଉଁଶ ଯୋଖି ମସ୍ତବଡ଼ ଭେଳା । ପ୍ରସ୍ଥରେ ନାଳ ଅଧାଅଧି । ଦୈର୍ଘ୍ୟରେ ପାଏ କିଲୋମିଟର ହେବ ଅବା !

Digitized by srujanika@gmail.com

ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ବାଉଁଶ ନେବାର ଥିଲେ ନାଉରିଆମାନେ ପ୍ରାୟତଃ ପଟାଳି ବାନ୍ଧି ନେଇ ଯାଉଥିଲେ । ଦୃଶ୍ୟଟି ଥିଲା ଅଭିନବ ଓ ଚମତ୍କାର ।

କାଁ' ଭାଁ' ମାରାଥନ ଖେଳାଳି ପରି ନାଳଭିତର ଦେଇ କ୍ଷିପ୍ର ଗତିରେ ଧାଉଁ ଯାଉ ଥିଲା ଷ୍ଟିମର ଲଞ୍ଚଟିଏ । ତା' ଇଞ୍ଜିନ୍‌ର ଭୁସ୍ ଭୁସ୍ ଶବ୍ଦ ଶୁଣିଲେ ତରବର ହୋଇ ଘରୁ ବାହାରି ଆସୁଥିଲୁ । ଘାଟରେ ଓହ୍ଲାଇ ଯାଇ ଠିଆ ହେଉଥିଲୁ ପାଦେ ପାଣିରେ । ଷ୍ଟିମରଟି ତୀବ୍ରବେଗରେ ପାଣିକାଟି ଗତି କରୁଥିବାରୁ ସୃଷ୍ଟି କରୁଥିଲା ଉତ୍ତାଳ ତରଙ୍ଗମାଳା । ସେ ତରଙ୍ଗମାଳା ଗୋଟିକ ପରେ ଗୋଟିଏ କ୍ରମାନ୍ୱୟରେ କୂଳ ପର୍ଯ୍ୟନ୍ତ ଆସି କିଲ୍‌ବିଲ୍ ହୋଇ ଚଢ଼ିଯାଉଥିଲେ ଆମ ଆଣ୍ଠୁ ପର୍ଯ୍ୟନ୍ତ । ଦୁଷ୍ଟାମି କରି ଓଦା କରିଦେଉଥିଲେ ଫ୍ରକ୍‌ର ଝୁଲ ।

ବାପାଙ୍କ କଲେଜ୍‌ଟି ଥିଲା ଠିକ୍ କେନାଲ ଆରପଟେ । ଆମ ଘରର ବିପରୀତ ଦିଗରେ । ନାଳ ପାରି ହେବା ସଂକୀର୍ଣ୍ଣ ପାଦଚଲା ପୋଲଟି ଥିଲା ବେଶ୍ ଦୂରରେ । ବାପା ତେଣୁ ସୁବିଧାରେ ନାଳ ପାରି ହେବା ପାଇଁ ବଢ଼େଇ ଡାକି ନିଜ ପାଇଁ ବନାଇ ନେଇଥିଲେ କୁନି ଡଙ୍ଗାଟିଏ । ଗାଁରୁ ଆସିଥିବା ଆମ ପୂଜାରୀ ବାନ୍ଛାମାମୁଁ ନିଇତି ସକାଳେ ବାପାଙ୍କୁ ପହଞ୍ଚାଇ ଦେଇ ଆସୁଥିଲେ ନାଳ ସେପାରିରେ । ଅପରାହ୍ନରେ କଲେଜରୁ ଫେରି ଆରପଟ ତୀରରେ ଠିଆ ହୋଇ ବାପା ଜୋର୍‌ରେ ଦିଥର ତାଳି ମାରିଦେଉଥିଲେ । ନିରୋଳା ନାଳ କୂଳେ ସେ ତାଳିର ପ୍ରତିଧ୍ୱନି ଖୋଲାଝର୍କା ଦେଇ ଶୁଭୁଥିଲା ଆମ ଘରକୁ । ବାନ୍ଛାମାମୁଁ ଆମକୁ ସାଥିରେ ଧରି ନେଇ ଆସୁଥିଲେ ବାପାଙ୍କୁ ।

ଡଙ୍ଗାଟି ବନ୍ଧା ହୋଉଥିଲା ଆମ ଘର ସାମ୍‌ନା ଘାଟରେ- ଗୋଟିଏ ମଜ୍‌ବୁତ୍ ବାଉଁଶ ଖୁଣ୍ଟିରେ । କଦବା କେମିତି କୌଣସି ଚଗଲାଛୁଆ ଖୁଣ୍ଟିରୁ ଖୋଲି ଦେଉଥିଲା ନୌକାଟି । ପ୍ରବହମାନ ନୌକାଟି ବେଳେବେଳେ ଅଟକି ଯାଉଥିଲା କେନାଲ ତୀରରେ ଅଡୁଆ ଗୁଳି ସୂତା ସଦୃଶ ବୃଦ୍ଧି ପାଇଥିବା ଘଞ୍ଚ ଚିଙ୍ଗୁଡ଼ିଆଦଳରେ । ଆଉ ବେଳେ ବେଳେ ତଳପଟେ ଥିବା ସବ୍‌ଜିମଣ୍ଡିର କୌଣସି ପରିଚିତ ହୃଦୟବାନ୍ ଦୋକାନୀଙ୍କ ନଜରରେ ପଡ଼ିଲେ ଭାସମାନ ନୌକାଟି ସିଏ ବାନ୍ଧି ରଖି ଦେଉଥିଲେ ଆମ ପାଇଁ । ଆସନ୍ନ ଗୋଧୂଳିରେ ବାନ୍ଛାମାମୁଁଙ୍କ ହାତ ଧରି ନାଳକୂଳେ କୂଳେ ଯାଉଥିଲୁ ଡଙ୍ଗା ଖୋଜି । ଏମ୍ତି ମିଛରେ ହଜୁହଜୁ ଦିନେ କିନ୍ତୁ ସତକୁ ସତ ହଜିଗଲା ଡଙ୍ଗାଟି । ଭାରି ମନକଷ୍ଟ ହୋଇଥିଲା ସେଦିନ । କେନାଲର ନୌକା ବିହାର ମଧ୍ୟ ବନ୍ଦ ହୋଇଗଲା ସେଇ ଦିନଠୁ ।

ପ୍ରତିଟି କାର୍ତ୍ତିକ ପୂର୍ଣିମାରେ ଗମ୍ ଗମ୍ କରୁଥିଲା କେନାଲକୂଳ । ବୋଇତ ଭସାଣି ପାଇଁ ରାତି ପହରକଠୁ ନାଳକୂଳ ଲୋକାରଣ୍ୟ । ରଙ୍ଗିନ୍ କାଗଜ ଓ ସୋଲ ତିଆରି ବୋଇତରେ ଦୀପଜାଳି, ଆକାମାଭୈ ଗୀତଗାଇ, ଶୀତ ଥୁରୁଥୁରୁ ପାହାନ୍ତିରାତିରେ ବୁଡ ମାରୁଥିଲୁ କେନାଲରେ । ମହମ ଓ ଦୀପାବଳିର ରୋଶ୍‌ନୀରେ ଝଲ୍‌ମଲ କରୁଥିଲା କେନାଲ୍‌ର

Digitized by srujanika@gmail.com

ଛଳଧାରା । ସାରା ସ୍ରୋତ ଭର୍ତ୍ତି ବିନ୍ଦୁ ବିନ୍ଦୁ ଭାସମାନ ଆଲୋକ ପୁଞ୍ଜ । ସେ ଆଲୋକ ପୁଞ୍ଜ ଦ୍ୱିଗୁଣିତ ହୋଇଯାଉଥିଲା ପାଣିରେ ପ୍ରତିଫଳିତ ହୋଇ ।

ଗ୍ରୀଷ୍ମଋତୁ ଆରମ୍ଭରେ ମହାନଦୀପାଣି ଶୁଖିଗଲେ ଆନିକଟ୍‌ଠାରେ କେନାଲକୁ ଆସୁଥିବା ପାଣିକୁ ନିୟନ୍ତ୍ରିତ କରାଯାଉଥିଲା । ଛଳପତନ କମି ରହିଯାଇଥିଲା ମାତ୍ର ପାଦେ ପାଦେ ପାଣି । ଆମେ ସ୍କୁଲ ଯିବା ରାସ୍ତାଟି ଥିଲା ଠିକ୍ କେନାଲ କୂଳେ କୂଳେ । ସ୍କୁଲ ଗଲା ବେଳକୁ ଥିଲୁ ତର ତର । ଯାଉଥିଲୁ ପାଦଚଲା ରାସ୍ତାରେ । ଫେରିଲା ବେଳକୁ କିନ୍ତୁ ହାତରେ ଥିବା ଅଫୁରନ୍ତ ସମୟ ଖର୍ଚ୍ଚ କରି ଫେରୁଥିଲୁ କେନାଲ ଭିତରେ ପଶି । ପାଦରେ ପାଣି ଚାବୁର୍ ଚାବୁର୍ କରି ।

ଉଦୁଉଦିଆ ଖରାଦିନେ କେନାଲଟି ସମ୍ପୂର୍ଣ୍ଣ ରୂପେ ଶୁଖିଯାଉଥିଲା । ନଜରକୁ ଆସୁଥିଲା ମିହି ପାଉଡ଼ର ପରି ଅଭ୍ରମିଶା ସାଦା ବାଲିର ଧୋବ ଫରଫର୍ ଶେଯ ।କୂଳ ପାଖରେ ଏଠି ସେଠି ଦଳ ଭର୍ତ୍ତି ଅପେକ୍ଷାକୃତ ଗଭୀର ଜାଗାରେ ମନ୍ଦେ ମନ୍ଦେ ପାଣି । ସେ ପାଣି ଭିତରେ ଲୁଚକାଳି ଖେଳୁଥିଲେ କୁନି କୁନି ଫୁର୍ତ୍ତିବାଜ୍ କଳାରଙ୍ଗର ଚିଙ୍ଗୁଡ଼ି ଓ ଧଳାରଙ୍ଗର କଉମାଛ । ବେଙ୍ଗମାନେ ବି ଅଣ୍ଡା ଦେଉଥିଲେ ସେଇଠି । କେଇଟା ଦିନରେ ଅଣ୍ଡା ଫୁଟି ଜନ୍ମ ନେଉଥିଲେ ବେଙ୍ଗଫୁଲା । ହଜାର ହଜାର ସଂଖ୍ୟାରେ । ଚେପ୍‌ଟା ଗୋଲମୁଣ୍ଡ ଓ ଛଟ୍‌ପଟ୍ ଲମ୍ବା ଲାଞ୍ଜ । ବେଢ଼ଙ୍ଗିଆ ଆକୃତି ନେଇ ଅଙ୍କାବଙ୍କା ଗତିରେ ପାଣି ଭିତରେ ପହଁରି କି ଚମତ୍କାର ଖେଳ ଖେଳୁ ଥିଲେ ସେମାନେ!

ସାରା ଖରାଦିନ ଆମେ ବି ଖେଳୁଥିଲୁ କେନାଲ ଜମିରେ । ବାଲିଘର ତିଆରି କରି । ପାଦ ଉପରେ ବହଳ କରି ଓଦା ବାଲି ଥାପୁଡ଼ି, ଥିଇରକି ପାଦଟି କାଢ଼ି ଦେଉଥିଲେ ତିଆରି ହୋଇଯାଇଥିଲା ଖୋଲା ଦ୍ୱାର ବିଶିଷ୍ଟ ଇଗ୍‌ଲୁମାର୍କା ଘରଟିଏ । ଘର ଚାରିପଟେ ବନାଉଥିଲୁ ଉଚ୍ଚ ପାଚେରୀ ଓ ଉପବନ । ସେ ଉପବନ ସଜ୍ଜା ହେଉଥିଲା ଶିଉଳି , ଘାସ ଫୁଲ ଓ ସବୁଜରଙ୍ଗର ଦଳରେ । ଖେଳମସ୍‌ଗୁଲ ଆମକୁ ସମୟ ବୁଝା ପଡୁନଥିଲା ।

ଗୋଧୂଳିର ନାରଙ୍ଗୀ ସୂର୍ଯ୍ୟ ଟୁପ୍ କରି ବୁଡ଼ି ଯାଉଥିଲେ ପଶ୍ଚିମପଟ ଦିଗନ୍ତରେ । ସାରା ଦେହ ରେଣୁ ରେଣୁ ବାଲିକଣାରେ ଭର୍ତ୍ତିକରି ଘରକୁ ଫେରୁଥିଲୁ ସଞ୍ଜବତୀ ଦେବା ଉତାରେ । ଆଖି ମାଡ଼ିପଡୁଥିଲା ନିଦରେ । କାମିନୀଫୁଲ ବାସ୍ନାରେ ମହମହ କରୁଥିବା ପିଣ୍ଡାରେ ବସାଇ, ମଳିଚିଆ ଲଣ୍ଠନ ଆଲୁଅରେ ବେଳାବେଳି ବଡ ବଡ ଗୁଣ୍ଡାକରି ଭାତ ଖୁଆଇଦେଉଥିଲା ବୋଉ । ବାପା କୋଳକୁ ନେଇ ଶୁଆଇ ଦେଉଥିଲେ ବିଛଣାରେ ।ଆଉ ଶୋଇ ଶୋଇ ତନ୍ଦ୍ରାଛନ୍ନ ଆଖିରେ ସାରାରାତି ସ୍ୱପ୍ନ ଦେଖୁଥିଲି କେନାଲ୍‌କୁ । ପାଣି ଛପ୍‌ଛପ୍ କରି ବହିଯାଉଥିବା ପାଲତୋଳା ମୟୂରପଙ୍ଖୀ ନୌକାରେ ଛଳଯାତ୍ରୀ ମୁଁ । ସେ ନୌକାର ମଙ୍ଗ ପାଖରେ ଚାଳଛପର ଘର ବଖରେ । ସେ ଘର ଭିତରେ ଧିକିଧିକି ମାଟିଚୁଲିର ଆଞ୍ଚ

Digitized by srujanika@gmail.com

ଓ ସେ ଆଞ୍ଚ ଉପରେ ଟଗ୍‌ମଗ୍ ଫୁଟନ୍ତ ଭାତରୁ ଉତୁରି ଆସୁଥିବା ଫେଣରେ ଓଦା ଓଦା ଚୁଲିପଖା ।

ପିଲାଦିନୁ ସୁଯୋଗ ପାଇଲେ- ବିଶେଷତଃ ଖରା ଦିନେ; ଗାଧୋଇବାକୁ ଦୌଡୁଥିଲୁ କେନାଲକୁ । ଟୁବ୍ ଟୁବ୍ ବୁଡ ମାରୁଥିଲୁ ଅଗଭୀର ପାଣିରେ । ନାକରେ କାନରେ ପାଣି ପଶିଯିବା ସତ୍ତ୍ୱେ । ଏମିତି ବୁଡବମାରୁମାରୁ ଦିନେ ଶିଖିଗଲୁ ସନ୍ତରଣ । ସ୍ରୋତକାଟି ନଈ ଏକୂଳ ସେକୂଳ ହୋଇଯାଉଥିଲୁ ସ୍ୱଚ୍ଛନ୍ଦରେ । ଦୋଳଦିନ ହୋଲି ଖେଳିସାରି ମନଖୁସିରେ ସ୍ନାନ କରୁଥିଲୁ କେନାଲ୍‌ରେ । ତୁଠପାଣି ରଙ୍ଗ ହୋଇ ଯାଉଥିଲା ଦେହରେ ଲାଗିଥିବା ଅବିର ତଥା ପୋଷାକରେ ଲାଗିଥିବା ପିଚ୍‌କାରୀ ପାଣିରେ । ପହଁରି ପହଁରି ଶେତା ପଡିଯାଉଥିଲା ଶରୀର ।

ଏବେ କେଇମାସ ତଳେ ଆମେରିକା ଯାଇଥିଲି । ବୋଷ୍ଟନ୍‌ରେ ମୁଁ ରହୁଥିବା ମୋ ସାନଭାଇର ଆପାର୍ଟମେଣ୍ଟକୁ ବିଲ୍‌କୁଲ୍ ଲାଗିକରି ଥିଲା ଦୁଇଟି ସୁଇମିଙ୍ଗ୍‌ପୁଲ୍ । ବଡଟି ବୟସ୍କ ମାନଙ୍କ ପାଇଁ ଓ ସାନଟି ଛୋଟ ପିଲାମାନଙ୍କ ପାଇଁ । ସାରାଦିନ, ବଡ ବଡ ଗୋଲାପି ପ୍ଲାଷ୍ଟିକ୍ କଣ୍ଢେଇପରି ଦିଶୁଥିବା ସୁଇମିଙ୍ଗ୍ କସ୍‌ଟିଉମ୍ ପରିହିତ କୌତୁକିଆ କୁନିଛୁଆମାନେ ଆସି ଲମ୍ଫଝମ୍ପ କରୁଥିଲେ ସେ ପାଣିରେ । ପାଣି ଚାବୁର୍ ଚାବୁର କରି କରୁଥିଲେ ସନ୍ତରଣର ପ୍ରୟାସ । ବଡ କୁଣ୍ଡରେ କୁଣ୍ଢେ ହେବ ପାଣିରେ ଖୋଜି ବୁଲୁଥିଲେ ବହନ୍ତା ସ୍ରୋତର ଆନନ୍ଦ ଓ ଉତ୍ତେଜନା ।

ଦିନେ ଭାଇଭଉଣୀ ଦିହେଁ ଝର୍କାବାଟେ ପିଲାମାନଙ୍କର ଜଳକ୍ରୀଡା ଦେଖିଲା ବେଳେ ହଠାତ୍ ମୋ ଭାଇ କହିଉଠିଲା -ନାନୀ ! ତୋର ମନେପଡେ? ଆମେ କେମିତି ଆମ ଘର ସାମ୍‌ନା କେନାଲ୍‌ରେ ପହଁରା ଶିଖିଥିଲେ !

ମୋ' ଭାଇର ଗଳାରେ ସାମାନ୍ୟ ବିଷନ୍ନତାର ସ୍ୱର ଥିଲା । ମୁଁ ତାକୁ ଚାହିଁଲି ଏବଂ ଦେଖିଲି ,ଅଧାଜୀବନ ବିଦେଶରେ ବିତାଇଥିବା ମୋ ସୁପୁରୁଷ ଭାଇଟିର ବଡବଡ ଆଖିଡୋଳାରେ ଦୂରଦୂରାନ୍ତରରେ ଛାଡିଆସିଥିବା ଦୁଇକୂଳ ଉଛୁଳା ତାଳଦଣ୍ଡା କେନାଲର ନୀଳଢେଉ ଲହଡି ମାରୁଥିଲା ।ଏତେ ବର୍ଷ ପରେ ବି ।

●●●

Digitized by srujanika@gmail.com

# ପରିବେଶ

ଗାଡିରେ ଯାଉ ଯାଉ, ହଠାତ୍ ଦେଖିଥିଲି ଦୃଶ୍ୟଟି, ଯୁକ୍ତରାଷ୍ଟ୍ର ଆମେରିକାର ମିସିଗାନ୍ ପ୍ରଦେଶରେ, ରାଜଧାନୀ ଲାନ୍‌ସିଂ ନଗରର ଉପକଣ୍ଠରେ ।

ନିର୍ଜନ ରାଜପଥର ଗୋଟିଏ କଡରେ ଚାଲିଚାଲି ଦୁଇ ତିନିଜଣ ଯୁବକଯୁବତୀ ବଡ ବଡ ପଲିଥିନ୍‌ର ମୁଣି ଧରି ରାସ୍ତା ଉପରୁ କଅଣ ସବୁ ଗୋଟାଇ ମୁଣିରେ ଭର୍ତ୍ତି କରୁଥିଲେ । ସେମାନେ କଅଣ କରୁଛନ୍ତି ବୋଲି ଗାଡି ଚଲାଉଥିବା ଆମେରିକାନ୍ ଯୁବକ ପୁତ୍ରପ୍ରତିମ 'ସନ୍ ' କୁ ପଚାରିଥିଲି -କୌତୂହଳ ବଶତଃ ।

-ସେମାନେ ସବୁ ରାସ୍ତାକଡର ଆବର୍ଜନା ଗୋଟାଇ ଢରିରେ ଭର୍ତ୍ତି କରୁଛନ୍ତି ।

-ଆବର୍ଜନା? ତମର ଏଠି ଆବର୍ଜନା କାଇଁ? ମୁଁ ତ ଏପର୍ଯ୍ୟନ୍ତ ଭୁଲ୍‌ରେ ବି କେଉଁଠି ଛିଣ୍ଡା କାଗଜ ଟୁକ୍‌ଡାଏ ବି ପଡିଥିବାର ଦେଖିନି ।

'ସନ୍' ହସିଲା । କହିଲା-ସେ ଅର୍ଥରେ ଆବର୍ଜନା ନୁହେଁ ମା ! ଏବେ ତ ଫଲ୍ ସିଜ୍‌ନ୍ । ଶୁଖିଲା ପତ୍ର, ଇତ୍ୟାଦି ଅନବରତ ଝଡୁଛି ଗଛରୁ । ରାସ୍ତାରେ ଏଠିସେଠି ପଡିଥିବା ସେଇସବୁ କାଠିକୁଟା ଓ ଝରାପତ୍ର ଗୋଟାଉଛନ୍ତି ଏମାନେ ।

-ଏଇ ଉଦୁଉଦିଆ ନିଛାଟିଆ ଦି'ପହରେ? କିନ୍ତୁ କାହିଁକି ?ତମର ତ ଶୁଖିଲା ପତ୍ର ଏକତ୍ରିତ କରି ଗୋଟାଇବା ପାଇଁ ଚମତ୍କାର ମେସିନ୍ ଅଛି । ସରକାରୀ ଦପ୍ତରର ଲୋକମାନେ ଆସି ରାସ୍ତାଘାଟ,ପାର୍କ, ବଗିଚା ଇତ୍ୟାଦି ସଫା କରିଯିବାର ଦେଖିଛି ।

-କିନ୍ତୁ ଏମାନଙ୍କର ଯେ ଏଇଟା ଶାସ୍ତି ।

-ଶାସ୍ତି ?

-ହଁ ମା! ଆମର ଏଠି କୌଣସି ମାମୁଲି ସାମାଜିକ ଅପରାଧ ବା ନିୟମବିରୁଦ୍ଧ କାର୍ଯ୍ୟ କଲେ କୋର୍ଟ ଅନେକ ସମୟରେ କିଛ ଦିନ ଲାଗି ଏକ ନିର୍ଦ୍ଦିଷ୍ଟ ଇଲାକାକୁ ପରିଚ୍ଛନ୍ନ ରଖିବାର ଦାୟିତ୍ୱଟି ଅପରାଧୀ ଉପରେ ନ୍ୟସ୍ତ କରିଥାଏ । ଦୋଷୀପାଇଁ, ତାହା ଏକ ପ୍ରକାର ଜୋରିମନା ଓ ଦଣ୍ଡବିଧାନ,

-ବାଃ ! ଦଣ୍ଡବିଧାନର ଉପାୟଟି ତ ବେଶ୍ ଅନନ୍ୟ । ସନ୍‌କୁ କହିଥିଲି ଏବଂ ମନେ ମନେ ଆମେରିକାନ ଆଇନ୍ କାନୁନ୍ ତଥା ଜଜ୍ ସାହେବଙ୍କ ବିଚାର ବୁଦ୍ଧିକୁ ତାରିଫ୍ କରିଥିଲି ।

ସନ୍ ପୁଣି କହିଲା- ମୋର ଜନ୍ମ ନାବ୍ରାସ୍‌କା ସହରରେ । ସେଠି ଅନେକ ନାଗରିକ ଗୋଟିଏ ଗୋଟିଏ ନିର୍ଦ୍ଦିଷ୍ଟ ପାର୍କ, କିମ୍ବା ମୁଖ୍ୟସରଣୀର କିୟଦଂଶ, ପୋଷ୍ୟ

Digitized by srujanika@gmail.com

ରୂପେ ଗ୍ରହଣ କରିଥାଆନ୍ତି । ତାହାକୁ ପରିଷ୍କାର ରଖିବାର ଭାର ସଂପୂର୍ଣ୍ଣରୂପେ ସେମାନଙ୍କ ଉପରେ ନ୍ୟସ୍ତ ଥାଏ । ନାବ୍ରାସ୍କା ପ୍ରଥମେ ଥିଲା ଏକ ଅନୁର୍ବର, ବୃକ୍ଷବିରଳ, ଭୂଖଣ୍ଡ । ଏବେ କିନ୍ତୁ ଲତାବିତାନ ଘେରା ଚମତ୍କାର ଛାୟା ଶୀତଳ ସହରଟିଏ ।

-ପରିବେଶ ସୁଶୋଭିତ ରଖିବା ପାଇଁ ଏହାଠାରୁ ଉତ୍ତମ ଆଉ କିଛି ବିଧି ନହୋଇପାରେ । ମୁଁ ସନ୍‌କୁ ଜବାବ୍ ଦେଇଥିଲି ।

ବସ୍ତୁତଃ, ଆମେରିକା ମାଟିରେ ପାଦ ଦେଲାପରେ, ଯାହା ମୋତେ ସବୁଠାରୁ ବେଶୀ ଅବାକ୍ କରିଥିଲା ତାହା ହେଲା , ଏହାର ପ୍ରଦୂଷଣମୁକ୍ତ ତଥା ଆବର୍ଜନାରହିତ ବାତାବରଣ । ଶବ୍ଦର ପ୍ରଦୂଷଣ ବିଲ୍‌କୁଲ୍ ନାହିଁ । ଲୋକମାନେ କଥା କହନ୍ତି ଅନୁଚ୍ଚ ସ୍ୱରରେ । ରାଜପଥରେ ହଜାର ହଜାର ଗାଡି ଛୁଟି ଚାଲେ ଅହରହ । ଭୁଲ୍‌ରେ ଥରଟିଏ ବି କୌଣସି ବାହନ ଚାଳକକୁ ହର୍ଣ୍ଣ ବଜାଇବାର ଶୁଣିନି । ଟ୍ରାଫିକ୍ ନିୟମର ପାଳନ ଏଭଳି ସୁଚାରୁ ଭାବରେ ହୁଏ ଯେ ହର୍ଣ୍ଣ ବଜାଇବା ଦରକାର ପଡେନି । ପରିଚ୍ଛନ୍ନ ଓ ବେଦାଗ୍ ରାସ୍ତାଘାଟ, ଦୋକାନବଜାର, ଘରଦ୍ୱାର । ଚତୁର୍ଦ୍ଦିଗ ଉଜ୍ଜ୍ୱଳ ଓ ଝକ୍‌ଝକ୍ । ଯେତେ ଯେମିତି କିଏ ଏଇଲେ ଅଳ୍ପସମୟ ଆଗରୁ ବାର୍ନିସ୍‌ରେ ପାଲିସ୍ କରିଯାଇଛି ନଗରୀଟିକୁ ।

ଆମେରିକାରେ ରାସ୍ତାଘାଟରେ କେବେ ଧୂଳି ଉଡିବାର ଦେଖିନି । ଜନସଂଖ୍ୟା କମ୍ । ତେଣୁ ଖୋଲାଜାଗା ପ୍ରଚୁର । କିନ୍ତୁ କେଉଁଠି ବି ଧୂଳି ଉଡେନି । କାରଣ ନଗ୍ନ, ଅନାଚ୍ଛାଦିତ ମାଟି ଟିକିଏ ହେଲେ କେଉଁଠି ନାହିଁ । ପ୍ରତ୍ୟେକ ଇଞ୍ଚ ମାଟି ଆବୃତ ଘଞ୍ଚ, ଶ୍ୟାମଳ ଦୂର୍ବାଦଳରେ । ସହରର ଚାରିଆଡେ, ଏପରିକି ରାଜପଥ ଧାରେ ଧାରେ, ଅନୁପମ ସବୁଜ ଘାସର ଲନ୍ ଓ ଉପବନ ।

ସରକାରୀ ନିୟମ ଅନୁସାରେ, ସ୍ୱବାସଗୃହ ଚୌହଦୀରେ ଘାସ ରୋପଣ କରିବାର ଦାୟିତ୍ୱ ସଂପୂର୍ଣ୍ଣରୂପେ ଗୃହସ୍ୱାମୀଙ୍କର । ଲନ୍‌ର ଘାସ ବଢି ଜଙ୍ଗଲ ହେଲେ ଗୃହସ୍ୱାମୀ ଦଣ୍ଡିତ ହୁଅନ୍ତି । ତେଣୁ ପ୍ରତ୍ୟେକ ବ୍ୟକ୍ତି, ଘରଟିଏ କଲେ, ଆଗେ ଲନ୍ ମୋଅର ଟିଏ କିଣିନିଅନ୍ତି ଓ ଧାର୍ଯ୍ୟ କରାଯାଇଥିବା ଦେଡଇଞ୍ଚ ବହଳର ଘାସର ଗାଲିଚାଟିଏ ସ୍ୱଗୃହର ପରିସୀମାରେ ବର୍ଷସାରା ବିଛାଇ ରଖିବାକୁ ଚେଷ୍ଟା କରନ୍ତି । ଏହା କରନ୍ତି ଅବଶ୍ୟ ବେଶ୍ ପ୍ରସନ୍ନଚିତ୍ତରେ । ବାଧ ବାଧକତା ହେତୁ ନୁହେଁ ।

ଲାନ୍‌ସିଂରେ, ମୁଁ ରହୁଥିବା କଲୋନୀରେ, ଯତ୍ରତତ୍ର ପାର୍କ ଓ ବଗିଚାଥିଲା -ସୁବୃହତ୍ ତରୁବର ଓ ପୁଷ୍ପାନ୍ୱିତ ଲତାକୁଞ୍ଜରେ ଶୋଭିତ । ରକ୍ଷଣାବେକ୍ଷଣ ହେଉଥିଲା ସରକାରୀ ସ୍ତରରେ । ପ୍ରତ୍ୟେକ ପନ୍ଦରଦିନରେ ଥରେ ଲେଖାଏଁ କର୍ମଚାରୀମାନେ ଆସୁଥିଲେ । ଟ୍ରାକ୍ଟର ସଦୃଶ ଗାଡିଟିଏ ଚଲାଇ ଘାସ କାଟୁଥିଲେ, ମୋଟରଖଞ୍ଜା ଗୋଟିଏ ସ୍ୱୟଂଚାଳିତ ମେସିନ୍‌ରେ ଲତା, ଗୁଳ୍ମ ଓ ମାଳଞ୍ଚକୁ କାଟି ବିଭିନ୍ନ ଆକାର ଦେଉଥିଲେ । ପତ୍ରମାନଙ୍କରେ ପେଷ୍ଟିସାଇଡ୍

Digitized by srujanika@gmail.com

ଛିଞ୍ଚୁଥିଲେ ଓ ବ୍ଲୋଅରରେ ଶୁଖିଲା ପତ୍ର ଏକାଠିକରି ଥଳିରେ ଭର୍ତ୍ତିକରି ନେଇ ଯାଉଥିଲେ ଟ୍ରକ୍‌ରେ । ମାଇଲ୍ ମାଇଲ୍ ପରିବ୍ୟାପ୍ତ ପରିସର । ଭୁଲ୍‌ରେ ଶୁଖିଲା ପତ୍ରଟିଏ ବି କେଉଁଠି ପଡିଥିବାର କେବେ ଦେଖିନି । ଝର୍କାବାଟେ ବାହାରକୁ ଚାହିଁଦେଲେ, ସହରଟି ଦିଶୁଥିଲା ଗୋଟିଏ ପେଣ୍ଟିଂ ପରି । ଲାଗୁଥିଲା ଯେମିତି ସାରା ସହରର ମାଟି ଆବୋରି ରଖିଛି ହାଲ୍‌କା ସବୁଜ ରଙ୍ଗର ମୁଲାୟମ୍ ପର୍ସିଆନ୍ ଗାଲିଚାଟିଏ । ଆଉ ସେ ଗାଲିଚାର ଏଠି ସେଠି ଫୁଟନ୍ତା ଫୁଲର ମଞ୍ଜରୀ, କ୍ରାନିୟମ୍ ଆପ୍‌ଲର୍ ଗୁଚ୍ଛ ଓ ରଙ୍ଗିନ୍ ମାପ୍‌ଲ ପତ୍ରାବଳୀ ।

ଆମେରିକାରେ ମାସ ମାସ ରହି ସୁଦ୍ଧା ଝରିମୁଣିଟିଏ ବା ପରିବାଚୋପା ଟିକିଏ କେଉଁଠି ପଡିଥିବାର କେବେ ଦେଖିନି । ହସ୍‌ପିଟାଲ୍, ଅଫିସ୍ , ସ୍କୁଲ୍, କଲେଜ, ରାସ୍ତାକଡରେ -ସବୁଠି ବଡ ବଡ 'ଟ୍ରାସ୍‌କ୍ୟାନ୍' । ଲୋକମାନେ ଅନେକ ବାଟ ଚାଲି ଚାଲି ଯାଇ ଆବର୍ଜ୍ଜନା ତହିଁରେ ହିଁ ପକାନ୍ତି । ପରିବେଶ ସୁସ୍ଥ ଓ ସଂପନ୍ନ ରଖିବା ଯେମିତି ଆମେରିକାନ ମାନଙ୍କର ଅସ୍ଥିମଜ୍ଜାଗତ ହୋଇ ଯାଇଛି - ଏକରକମ ନିଃଶ୍ୱାସ ନେବା ଭଳିଆ । ମୁଁ ରହୁଥିବା କଲୋନୀରେ ପ୍ରତ୍ୟେକ ମଙ୍ଗଳବାର 'ଗ୍ରାଞ୍ଜର' ବୋଲି ଗୋଟିଏ କମ୍ପାନୀର ବଡ ବଡ ଗାଡି ଆସେ । ଲୋକମାନେ ନିଜଘରର ଆବର୍ଜ୍ଜନା ବଡ ବଡ ପଲିଥିନ୍ ଥଳିରେ ମୁହଁ ବନ୍ଦ କରି ଘର ସାମ୍‌ନାରେ ରଖି ଦିଅନ୍ତି । ଗାଡି ତାହା ଉଠାଇ ନେଇଯାଏ ।

ଆମେରିକାରୁ ଫେରିବା ଅନେକ ଦିନ ହୋଇଗଲାଣି । କିନ୍ତୁ ସେଠାର ନାଗରିକମାନଙ୍କର ପରିଚ୍ଛନ୍ନତାବୋଧ ମୁଁ ଏପର୍ଯ୍ୟନ୍ତ ଭୁଲିପାରିନି । ଏବଂ ଭୁଲିପାରିନି ମୁଖ୍ୟତଃ ମୋ ଘରକୁ ଲାଗି ଘର କରିଥିବା ମୋ ପ୍ରତିବେଶୀ ଜଣଙ୍କ ଯୋଗୁଁ । ବେଳେବେଳେ ମନେହୁଏ ଯଦି ତାଙ୍କପରି ଦଶଟି ବ୍ୟକ୍ତି ଆମେରିକାର କୌଣସି ସହରରେ ନେଇ ଛାଡି ଦିଆଯାଏ, ସେ ସ୍ଥାନଟିକୁ ଜଞ୍ଜାଳମୟ ହେବାପାଇଁ ମାସଟିଏ ବି ସମୟ ଲାଗିବନି ।

ଭଦ୍ରବ୍ୟକ୍ତି ଜଣେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ । ଆମ ପାଚେରୀକୁ ଲାଗିଘର । କାହାର କଅଣ 'ହବି' ଥାଏ । ତାଙ୍କର ହବି ହେଲା ତାଙ୍କ ଘରର ସମସ୍ତ ଆବର୍ଜ୍ଜନା ଚୁପ୍ କି ଆଣି ଆମଘର ସାମ୍‌ନାରେ ଫିଙ୍ଗିଦେବା । ମୋତେ ଲାଗେ ସିଏ ବୋଧେ ସାରାଦିନ ଧରି କେବଳ ଚିନ୍ତା କରୁଥାନ୍ତି କିଭଳି ଉପାୟରେ ନିଜଘରର ଜଞ୍ଜାଳ ନେଇ ଅନ୍ୟ ଘରେ ଭର୍ତ୍ତି କରିବେ ।

କ୍ଷୀର ଖାଇବେ ବୋଲି ପାଳନ କରିଛନ୍ତି କାମ ଧେନୁ ଦୁଇଟି । ରାତି ପାହିଲେ ଗୋମୟ ତକ ଫିଙ୍ଗିଦେଇଯାଆନ୍ତି ଆମ ଘର ଆଗରେ । ତାଙ୍କର ବିରାଟକାୟ ଆଲ୍‌ସେସିଆନ୍ ସାରମେୟଟିକୁ ନିତ୍ୟକର୍ମ ପାଇଁ ମଧ୍ୟ ବଡିଭୋର୍‌ରୁ ନେଇଆସନ୍ତି ଆମ ଗେଟ୍ ସାମ୍‌ନାକୁ । ଭଦ୍ରଲୋକଙ୍କର ନିଶା ହେଲା କୋଠା ତୋଳିବା । ସରକାରୀ ନିୟମକୁ ଉଲ୍ଲଂଘନ କରି ବର୍ଷସାରା କିଛି ନା କିଛି ତିଆରି କରୁଥାଆନ୍ତି ଏବଂ ଯେତିକି ଭଙ୍ଗାଇଟା, ଚୂନ ଓ ସୁରକି

Digitized by srujanika@gmail.com

ବାହାରେ, କାଠସିଢିଟିଏ ଚଢି, ପାଚେରୀ ପାରହୋଇ, ଢାଳିଦିଅନ୍ତି ତାଙ୍କ ଘରର ପଶ୍ଚାତ୍‌ଦେଶରେ ଥିବା ଅନ୍ୟ ଏକ ଭଦ୍ରଲୋକଙ୍କ ବାରିରେ, କାରଣ ସେ ଭଦ୍ରଲୋକ ଏଠାରେ ଅନୁପସ୍ଥିତ । ଘରଟି ଭଡାଲଗାଇ ଦେଇ ରହିଛନ୍ତି ଗାଁରେ ।

ମୋ ଘର ସାମ୍ନାରେ, ସ୍ୱଖର୍ଚ୍ଚରେ, ଗୋଟିଏ ସିମେଣ୍ଟରେ ଡଷ୍ଟବିନ୍ ଆମେ ତିଆରି କରିଛୁ ନିଜପାଇଁ । ପ୍ରତିବେଶୀ ଭଦ୍ରବ୍ୟକ୍ତିଜଣକ ପ୍ରତିଦିନ, ତାଙ୍କ ଘରର ସମସ୍ତ ଆବର୍ଜନା-ପଇଡଖୋଳପା ଠାରୁ ଆରମ୍ଭ କରି ମାଛକଣ୍ଟା ପର୍ଯ୍ୟନ୍ତ -ଆଣି ସେଠି ଫିଙ୍ଗି ଦେଇ ଯାଆନ୍ତି । ବିନା ସଙ୍କୋଚରେ । ଡଷ୍ଟବିନ୍‌ଟି ଉପୁଚି ପଡେ କେବଳ ତାଙ୍କରି ଘରର ଜଞ୍ଜାଳରେ ।

ଦିନେ ତାଙ୍କୁ ସୌଜନ୍ୟର ସହିତ ଅନୁରୋଧ କରିଥିଲି ଏହା ନକରିବା ପାଇଁ । ତା'ପରେ କେଇଦିନ ଡଷ୍ଟବିନ୍‌ଟି ତାଙ୍କ ଘରର ଆବର୍ଜନାରୁ ମୁକ୍ତ ରହିଥିବାର ମଧ ଦେଖିଥିଲି ।

କାଲି ରାତିରେ କିନ୍ତୁ କଅଣ ଗୋଟିଏ 'ଖର୍‌ର ଖର୍‌ର' ଶବ୍ଦରେ ଚାରିଟା ବେଳକୁ ନିଦ ଭାଙ୍ଗିଗଲା । ଝର୍କା ଖୋଲି ଦେଖେ ଭଦ୍ରଲୋକ ଗାମୁଛାଟିଏ ବେଢେଇ ହୋଇ ଘରସାମ୍ନା ଦୋକାନପିଣ୍ଡା ଝାଡୁ ଦେଇ ଲାଗିଛନ୍ତି । ଝାଡୁ ଦେଇ ସାରି ଝୁଡି ଭର୍ତ୍ତି ମଇଳା ଆଣି ଜମା କରିଗଲେ ଆମ ଘର ସାମ୍ନାରେ ।

ସ୍ୱାଭାବିକ୍ ଭାବରେ ରାଗ ଲାଗିବା କଥା । କିନ୍ତୁ ରାଗିପାରିଲିନି । କାରଣ ଯେଉଁଲୋକ ପାହାନ୍ତି ପ୍ରହରର ଅନ୍ଧାରରେ ଛପି ଅନ୍ୟଘରେ ମଇଳା ଫିଙ୍ଗି ଦେଇଯିବାର ଅଦମ୍ୟ ପ୍ରବୃତ୍ତି ଯୋଗୁ ସାରାରାତି ଆରାମ୍‌ରେ ଶୋଇ ପାରେନି, ସିଏ କେବଳ ସହାନୁଭୂତି ଓ ସମ୍ବେଦନାର ପାତ୍ର ହୋଇପାରେ । ବିରକ୍ତି ର ନୁହେଁ । ଶେଷପର୍ଯ୍ୟନ୍ତ ଠିକ୍ କରିଛି -ଦିନେ ଯାଇ ଭଦ୍ରବ୍ୟକ୍ତିଙ୍କୁ କହିଆସିବି । ଆପଣ ମନଖୁସିରେ ନିଜ ସୁବିଧା ଅନୁଯାୟୀ ,ଦିନବେଳେ କେବେ ହେଲେ ବି ଆସି ଆମ ଘର ସାମ୍ନାରେ ମଇଳା ପକାଇଯାଆନ୍ତୁ । କିନ୍ତୁ ରାତିଟି ଅନ୍ତତଃ ଶୁଅନ୍ତୁ ଟିକିଏ ସ୍ୱଚ୍ଛନ୍ଦରେ । ବୃଦ୍ଧାବସ୍ଥାରେ ଅନିଦ୍ରା ରହି, ଆଉ ଶରୀରକୁ ଏଭଳି ପୀଡା ଦିଅନ୍ତୁନି ।

●●●

Digitized by srujanika@gmail.com

# ଇନ୍ଦ୍ରଧନୁର ସେପଟେ

ସିଏ ବହୁତ କଥା ଶିଖାଇଛି ମୋତେ -ବହୁତ କଥା । କିନ୍ତୁ ସବୁଠୁ ବଡ଼କଥା ସିଏ ଯାହା ମୋତେ ଶିଖାଇଛି ତାହା ହେଲା ଇନ୍ଦ୍ରଧନୁର ସେପଟ ଦେଶକୁ ଯିବା । ମୋ ଆଙ୍ଗୁଠିର ପଗ ଧରି, ଅତି ସନ୍ତର୍ପଣରେ ସିଏ ମୋତେ ପ୍ରଥମଥର ପାଇଁ ନେଇ ଯାଇଥିଲା ସେ ଦେଶକୁ । ସେ ଅନୁଭୂତି ଏବେ ବି ଅବିସ୍ମରଣୀୟ ।

ସେତେବେଳେ ପାଠ ପଢୁଥିଲା ଚତୁର୍ଥ ଶ୍ରେଣୀରେ । ଦିନେ ତା' ପଢ଼ା ଟେବୁଲ ପାଖକୁ ଗଲାବେଳେ ମତେ କହିଲା ''ମାମା, ତମକୁ ଗୋଟିଏ ସୁନ୍ଦର ଜିନିଷ ଦେଖାଇବି'' । ଆଉ ତା'ପରେ ଥାକରୁ ସ୍କୁଲ ଲାଇବ୍ରେରୀରୁ ଆଣିଥିବା ବହିଟିଏ କାଢ଼ି ଗୋଟିଏ ନିର୍ଦ୍ଦିଷ୍ଟ ପୃଷ୍ଠାରେ ତା'ର ଗୋରା ଗୋରା ଟୁଲ୍ ଟୁଲ୍ ଅଙ୍ଗୁଳିଟି ମାନ ରଖି ମତେ କହିଲା ''ଏଇଟା ପଢତ ମାମା ! ମୋତେ ଲାଗୁଛି ଏଇଟା ବୋଧହୁଏ ପୃଥିବୀର ଶ୍ରେଷ୍ଠ କବିତା'' । ଫିକ୍ କିନା ହସିଦେଲି । ତା' ପୃଥିବୀର ବୟସ ଥିଲା ମାତ୍ର ଆଠବର୍ଷ ।

କବିତାଟି ପଢ଼ିଲି । ନିହାତି ସାନ କବିତାଟିଏ । କବି ପାଠକକୁ ଅନୁରୋଧ କରିଛନ୍ତି ତାଙ୍କ ସାଥିରେ ଇନ୍ଦ୍ରଧନୁର ସେପଟେ ଥିବା ଦେଶକୁ ଯିବା ପାଇଁ । ସେଇ ଦେଶକୁ, ଯାହାର ଦ୍ୱାରଦେଶରେ ଇ ସବୁରଙ୍ଗର ପରିସମାପ୍ତି ଘଟିଛି -ବାଇଗିଣୀ ଠାରୁ ନାରଙ୍ଗୀ ପର୍ଯ୍ୟନ୍ତ ।

ଆଶ୍ଚର୍ଯ୍ୟ ଲାଗିଲା କବିତାଟି । ସେପର୍ଯ୍ୟନ୍ତ ଯେତେ କବିତା ପଢ଼ିଥିଲି, ସବୁଥିରେ କବିମାନେ ଯିବାକୁ ଚାହୁଁଥିଲେ ରଙ୍ଗର ଐଶ୍ୱର୍ଯ୍ୟରେ ଝଲମଲ୍ କରୁଥିବା ଏକ ଦେଶକୁ -ସେଇ ଦେଶକୁ ଯେଉଁଠି ପ୍ରଜାପତି ରଙ୍ଗ ବେରଙ୍ଗୀ ଡ଼େଣା ମେଲାଇ ଉଡ଼ିବୁଲେ, ଫୁଲ ପାଖୁଡ଼ାରେ ଲିପି ହୋଇଯାଏ ହରିଦ୍ରାର ଆଭା, ଆଉ ଗୋଧୂଳିର ଆକାଶରେ ଜମିଉଠେ ପରସ୍ତ ପରସ୍ତ ନାଲିରଙ୍ଗର କୁଙ୍କୁମ । ଇଏ କି ଆଶ୍ଚର୍ଯ୍ୟ କବି ଯିଏ କି ଯିବାକୁ ଚାହାନ୍ତି ଏଭଳି ଏକ ଅଦ୍‌ଭୂତ ଦେଶକୁ ଯେଉଁଠିକି ମଣିଷ ମନରେ ରଙ୍ଗର ଚେତନାଇ ନାହିଁ ।

ସାମାନ୍ୟ ଅଧୈର୍ଯ୍ୟ ହୋଇ ପଡ଼ି ସିଏ କହିଲା ''ବୁଝିପାରିଲନି ମାମା ? ଆଚ୍ଛା ଠିକ୍ଅଛି । ତମକୁ ଗୋଟିଏ ହିଣ୍ଟ୍ ଦେଉଛି । ଏଇ ଦେଖ, ପ୍ରତି ଧାଡ଼ିଆଗରେ କବି ପାଠକକୁ 'ଭାଇ' ବୋଲି ସମ୍ବୋଧନ କରିଛନ୍ତି । ସତେ ଯେମିତି ସାରା ପୃଥିବୀ ତାଙ୍କର ଆପଣାର । ସଭିଏଁ ନିଜ ଲୋକ ।''

ପୁ'ଣି ଥରେ ପଢ଼ିଲି କବିତାଟି । ଠିକ୍ କଥା । ପ୍ରତ୍ୟେକ ପଂକ୍ତି ଆଗରେ 'ବ୍ରଦର' ଶବ୍ଦଟିର ଉଲ୍ଲେଖ ଅଛି ଅବଶ୍ୟ । କିନ୍ତୁ କବିତାଟି ବୁଝିବା ପାଇଁ ତାହା କିଭଳି ଭାବରେ ସହାୟକ ଜାଣିପାରିଲିନି । ଯେତେ ଚେଷ୍ଟା କଲେ ବି ।

Digitized by srujanika@gmail.com

ମୋ'ର ଭ୍ରୁକୁଞ୍ଚନରୁ ସିଏ ବୋଧେ  ବୁଝି ପାରିଲା ମୋର ଅସହାୟତା । ପୁଚ୍‌କା ଗାଲରେ ଭଉଁରୀ ଖେଳାଇ ସାମାନ୍ୟ ହସି କହିଲା ''ଠିକ୍ ଅଛି ମାମା । ତମକୁ ଆଉ ଗୋଟିଏ ହିଣ୍ଟ ଦେଉଛି । ଏଥରକ  ଠିକ୍ ବୁଝି ପାରିବ । କବିତାଟିର ଲେଖକ ଜଣେ ନିଗ୍ରୋ । ''

ତା' କଥା ସରିବା ସାଙ୍ଗେ ସାଙ୍ଗେ କବିତାଟିର ମର୍ମାର୍ଥ ହଠାତ୍ ସ୍ପଷ୍ଟ ହୋଇଗଲା ମୋ' ପାଇଁ । କବି ଆମେରିକାବାସୀ ଓ କଳାଚମଡ଼ାର ଅଧିକାରୀ । ନିଶ୍ଚିତ ଭାବରେ ଶ୍ୱେତବର୍ଣ୍ଣ ସାହେବମାନଙ୍କ ବର୍ଣ୍ଣବୈଷମ୍ୟ ନୀତି ହେତୁ ସମାଜରେ ଉପେକ୍ଷିତ ଓ ନିଷ୍ପେଷିତ । କବିତାଟିରେ ଲେଖା ହୋଇଥିବା ଇନ୍ଦ୍ରଧନୁ ଶବ୍ଦଟି ଏଇ ବର୍ଣ୍ଣବୈଷମ୍ୟର ଇ ପ୍ରତୀକ । କବି ସେଇଥିପାଇଁ ଚାଲିଯିବାକୁ ଚାହାନ୍ତି ଇନ୍ଦ୍ରଧନୁର ସେପଟେ ଥିବା ଦେଶକୁ, ଯେଉଁଠି ମଣିଷ ମନରେ ରଙ୍ଗର ଚେତନା ଇ ନାହିଁ । କଳା, ଧଳା, ହଳଦିଆ, ଧୂସର ବା ଗୋଲାପି -ମଣିଷର ତ୍ୱକ୍ ଯାହା ହେଉ ନା କାହିଁକି, କିଛି ଫରକ୍ ପଡ଼େନି ସେଠି । ସେଠି ସଭିଙ୍କର କେବଳ ଗୋଟିଏ ପରିଚୟ- ସଭିଏଁ ମଣିଷ । ସଭିଏଁ ସଖା ଓ ସହୋଦର । ସଭିଏଁ ଗୋଟିଏ ସୂତ୍ରରେ ବନ୍ଧା ।

''ମାମା କହତ ! ଏଇଟା ପୃଥିବୀର ଶ୍ରେଷ୍ଠ କବିତା ନୁହେଁ ?'' ସିଏ ପୁ'ଣି ଥରେ ପଚାରିଲା ମୋତେ ଅତ୍ୟନ୍ତ ଉତ୍ସୁକତାର ସହିତ ।

ମୁଣ୍ଡ ଟୁଙ୍ଗାରିଲି-ହଁ । କଥା କହୁ କହୁ ଆଖି ସାମାନ୍ୟ ସଜଳ ହୋଇ ଉଠିଲା । ସେ ସଜଳତା ଦୁଃଖର ନଥିଲା । ଥିଲା ପ୍ରାପ୍ତିର ଓ  ଆନନ୍ଦର  । କାରଣ ମୋର ଆଠବର୍ଷର କୁନିପୁଅଟି ହାତ ଧରି ବାଟ କଢ଼ାଇ ମୋତେ ପ୍ରଥମଥର ପାଇଁ ନେଇ ଯାଇଥିଲା  ଇନ୍ଦ୍ରଧନୁର ସେପଟେ ଥିବା ଦେଶକୁ , ଯାହା କି ମୋ'ର ଅଠେଇଶ ବର୍ଷ ବୟସ ସତ୍ତ୍ୱେ ସେପର୍ଯ୍ୟନ୍ତ ମୁଁ କରି ପାରିନଥିଲି ।

●●●

Digitized by srujanika@gmail.com

# ତୋତାପକ୍ଷୀ, କୁନିଭାଇ ଓ ବୋଉ

ସକାଳୁ ଉଠିଲା ବେଳକୁ ତୋତାପକ୍ଷୀଟି ପଞ୍ଜୁରୀ ଭିତରେ ଡ଼େଣା ଝପଟାଇ ସବୁ ଦିନ ଭଳିଆ କଥା କହୁଥିଲା - ଚକ୍ରଧର, ପକ୍ଷୀ ଜନ୍ମରୁ ପାରି କର । କିନ୍ତୁ ବାପାଙ୍କ କଣ୍ଠସ୍ୱର ଶୁଭୁନଥିଲା । ପିଣ୍ଡାରେ ବସି ଦାନ୍ତ ଘଷୁ ଘଷୁ ଶୁଆକୁ ସଠିକ୍ ଉଚ୍ଚାରଣ ଶିଖାଇବା ତାଙ୍କର ଥିଲା ପ୍ରାତ୍ୟହିକ ଅଭ୍ୟାସ ।

ଦୌଡ଼ିକି ବାପାଙ୍କ ପଢ଼ାଘରକୁ ଗଲି । ବାପାଙ୍କର କଳା ରଙ୍ଗର ପଢ଼ାଟେବୁଲଟି ତା' ଉପରେ ରଖାହୋଇଥିବା ସାନ ବହି ଥାକଟି ସହିତ ଯଥାସ୍ଥାନରେ ଥିଲା । ସାମ୍ନାରେ ପଡ଼ିଥିବା ପତଳା ତୁଳାଗଦିଯୁକ୍ତ ଚୌକିଟି ମଧ୍ୟ । କିନ୍ତୁ ବାପା ନଥିଲେ । ହଠାତ୍ ମନେ ପଡ଼ିଲା, ତା' ଆଗଦିନ ରାତିରେ ବାପାଙ୍କର ଲଣ୍ଡନ ଯିବା କଥା ଥିଲା । ଚେଇଁକି ରହିବି ବୋଲି ଖରାବେଳୁ ଠିକ୍ କରି ଥିଲି । ତେବେ ବି ଶୋଇପଡ଼ିଥିଲି ନଅଟାବେଳକୁ ।

ବାରଣ୍ଡାର ଶେଷ ଆଡ଼କୁ ସିଡ଼ିପାଖରେ କଣିକିଆ ହୋଇ ପଡ଼ିଥିବା ପୁରୁଣା ପଟାଖଟିରେ ବୋଉ ବସିଥିଲା-ଚୁପ୍‌ଚାପ । ତା'ର ନିଃଶବ୍ଦତା ସତେ ଅବା ଗ୍ରାସ କରିଥିଲା ପୂରା ଘରଟିକୁ । ଚାରି ଆଡ଼ ଶୁନ୍‌ଶାନ -କେମିତି ଏକ ଆଶ୍ଚର୍ଯ୍ୟଜନକ ଔଦାସୀନ୍ୟ ଓ ନିର୍ଜନତା । '' ବାପା ଗଲାବେଳେ ମୋତେ ଡାକିଲେନି କାହିଁକି ?'' ବୋଉକୁ ପଚାରିଲି ''ତମେ ସବୁ ଶୋଇପଡ଼ିଥିଲ । ବାପା କହିଲେ ଥାଉ, ପିଲାଙ୍କୁ ଉଠାନା'' ବୋଉ ଜବାବ୍ ଦେଲା ଅଚଞ୍ଚଳ ଓ ଧୀର ସ୍ୱରରେ ।

''ବାପା କ'ଣ ଉଡ଼ାଜାହାଜରେ ଗଲେ କି ? ''ନା, ନା, ଏଠୁ ବମ୍ବେ ଗଲେ ଟ୍ରେନ୍‌ରେ । ସେଠୁ ଯିବେ ଉଡ଼ାଯାହାଜରେ'' ବୋଉ କହିଲା । ସେଇ ଧୀର ଅଚଞ୍ଚଳ ସ୍ୱରରେ ।

ଆମ ଘର ଉପର ଦେଇ କଦବା କେମିତି ଉଡ଼ାଜାହାଜଟିଏ ଭାସିଯାଉଥିଲା- ଦୂର ଆକାଶରେ । ଶବ୍ଦ ଶୁଣିଲେ ଦୌଡ଼ିକି ଯାଇ ବାହାରେ ଠିଆ ହୋଇ ଦେଖୁଥିଲି । ଛଅବର୍ଷର ସ୍ୱପ୍ନବୋଳା ଆଖିରେ ନୀଳ ଆକାଶର ପ୍ରଚ୍ଛଦପଟରେ ଏରୋପ୍ଲେନ୍‌ଟି ଦିଶୁଥିଲା ଗୋଟିଏ ଚିଲପରି । କିମ୍ବା ରୂପେଲୀ ରଙ୍ଗର ଘୁଡ଼ିଟିଏ ପରି । ପାହାଚ ଓହ୍ଲାଇ ଯାଇ ଠିଆ ହେଲି ଅଗଣାରେ । ବାପା ଯଦି ଏବେ ଉଡ଼ାଜାହାଜରେ ଯିବେ ତାହାହେଲେ ନିଶ୍ଚୟ ସ୍ପଷ୍ଟ ଭାବରେ ଦେଖି ପାରିବେ ମୋତେ ।

ଉଡ଼ାଜାହାଜଟି ଉଡ଼ିକି ଆସିଲାନି, କିନ୍ତୁ ତୋତାପକ୍ଷୀଟି ଉଡ଼ିଗଲା ପଞ୍ଜୁରୀରୁ । ପୂଜାରୀ ବାନ୍ଛାମାମୁଁ ସକାଳେ ତା'ଗିନାରେ ଭିଜା ଛୋଲା ଦେଲା ବେଳକୁ ପଞ୍ଜୁରୀ ଦୁଆରଟି ଭଲକରି ବନ୍ଦ କରିନଥିଲେ ।

Digitized by srujanika@gmail.com

ଶୁଆଟି ଉଡ଼ିଯାଇ ବସିଲା ଅଗଣାର ଝାମ୍ପୁଡ଼ା ନିମଗଛ ଡାଳରେ । ତା' ରଙ୍ଗ ପୂରାପୂରି ମିଶିଯାଉଥିଲା ନରମ ସବୁଜ ଝିରି ଝିରି ନିମପତ୍ର ସହିତ । ଆମେ କିନ୍ତୁ ଘଞ୍ଚ ପତ୍ର ଭିତରେ ତାକୁ ଠିକ୍ ଚିହ୍ନଟ କରିପାରିଲୁ । ତା'ର ପାଚିଲା କଇଁଚିକାକୁଡ଼ି ପରି ଟୁକ୍ ଟୁକ୍ ନାଲି ଥଣ୍ଟ ଓ ବେକର ଚଉଡ଼ା କଳାଗାର ଧରା ପକାଇ ଦେଲା ତାକୁ ।

ବୋଉ ଡାକିଲା ''ଆ, ଶୁକ ଆ...।'' ତୋତାପକ୍ଷୀଟି କିନ୍ତୁ ଆସିଲା ନି । ଉଡ଼ିଗଲା ପଶ୍ଚିମର ଦିଗନ୍ତ ଆଡ଼େ । କିଛିକ୍ଷଣ ପରେ ସାନ ବିନ୍ଦୁଟିଏ ହୋଇ ମିଶିଗଲା ଆକାଶରେ । ''ଆହା ! ବାପା ନାହାନ୍ତି ବୋଲି ମନଦୁଃଖ କରି ଶୁକ ଉଡ଼ିଗଲା, '' ବୋଉ କହିଲା ଫିସ୍ ଫିସ୍ କରି -ମନକୁ ମନ ।

''ଧେତ୍ । ବାନ୍ଛାମାମୁଁ ପରା ପଞ୍ଜୁରୀ କବାଟ ଖୋଲା ରଖି ଦେଇଥିଲେ-ବୁଟ ଦେଲା ବେଳେ'' ବୋଉର ଭୁଲଟି ମୁଁ ସୁଧୁରାଇ ଦେବା ପାଇଁ ଚେଷ୍ଟାକଲି । ''ନାଇଁ ତୁ ଜାଣିନୁ, ସିଏ ନିଶ୍ଚେ ବାପାଙ୍କ କଥା ମନେପକେଇକି ଉଡ଼ିଗଲା'', ମୋ କଥା ନ ଶୁଣିଲା ପରି ହୋଇ ବୋଉ କହିଲା, ମନକୁ ମନ ।

ଆଉ ମୋ କୁନି ଭାଇଟି ଉଠିପଡ଼ିଲା ଠିକ୍ ଏତିକି ବେଳକୁ । ଶୋଇବା ଘରୁ ବାହାରି ପିଣ୍ଡାରେ ଠିଆ ହୋଇ କାନ୍ଦିବାକୁ ଲାଗିଲା -ଚିଁ ଚିଁ ସ୍ୱରରେ । ସାବନାରଙ୍ଗର ବଡ଼ମୁଣ୍ଡିଆ ଡ଼ବ୍ ଡ଼ବ୍ ଆଖିର ଦୁର୍ବଳ ଶିଶୁଟିଏ । ପ୍ରତିଦିନ ନିଦରୁ ଉଠି ତୁଛାଟାରେ ପନ୍ଦର ମିନିଟ୍ କାନ୍ଦିବା ଥିଲା ତାର ଅଭ୍ୟାସ ।

ବୋଉ ତାକୁ କୋଳକୁ ଉଠାଇ ପଣତକାନିରେ ତା'ଲୁହ ପୋଛି ଦେଇ କହିଲା ''ଚୁପ୍ ହୁଅ, କାହିଁକି କାନ୍ଦୁଛୁ ତୁଛାଟାରେ ?''ମୋ କୁନି ଭାଇଟି କିନ୍ତୁ କାନ୍ଦ ବନ୍ଦ କଲାନି ''ତା'ର ବି ବାପାଙ୍କ କଥା ମନେ ପଡୁଛି । କାନ୍ଦୁଛି ବିଚରା ମନ ଦୁଃଖରେ'', ବୋଉ ପୁଣି କହିଲା ମନକୁ ମନ । ଆଶ୍ଚର୍ଯ୍ୟ ହେଲି । ବୋଉ କୁନିଭାଇଟିର କାନ୍ଦୁରା ଅଭ୍ୟାସ ଜାଣିସୁଦ୍ଧା କେମିତି ଏଭଳି କଥା କହୁଛି ବୋଲି । ପୁଣି ସୁଧୁରେଇ ଦବାକୁ ଯାଉଥିଲି ବୋଉର ଭୁଲ୍ ''ନାଇଁ ମାଁ ! । ସିଏ ତ ସବୁଦିନେ ଏମିତି କାନ୍ଦେ ।''

କିନ୍ତୁ କଥାଟି କହିବାକୁ ଯାଉ ଯାଉ ଅଟକି ଗଲି । ହଠାତ୍ ନଜର ପଡ଼ିଗଲା ବୋଉ ମୁହଁରେ । ବୋଉର ଆଖି ଦିଇଟା ପାଣିଚିଆ ଦିଶୁଥିଲା । ମୁହଁ ଦିଶୁଥିଲା ଶୁଖିଲା । କ'ଣ ସେ ମୁହଁରେ ଥିଲା ଜାଣେନି -କିନ୍ତୁ ମୋ ଛଅ ବର୍ଷର କୁନିମନଟି ଠିକ୍ ସେ ମୁହଁ ଦେଖି ବୁଝି ପାରିଲା ଯେ ବାପା ଚାଲିଯିବାରୁ, ନା ତୋତାପକ୍ଷୀର ମନଦୁଃଖ ହେଇଚି ନା ମୋ କୁନିଭାଇର । ଯଦି ସତରେ କିଏ ମନଦୁଃଖ କରିଥାଏ ସିଏ ହେଉଛି ବୋଉ ।

•••

Digitized by srujanika@gmail.com

# ଗୋଟିଏ ସବୁଜ ଆମ୍ବ

ଶେଷ ପର୍ଯ୍ୟନ୍ତ ବଉଳ ଆସିଗଲା ଆମ୍ବଗଛରେ । ଗଛଟି ହୋଇଥିଲା ଢ଼ମାରୁ ଅଣ୍ଟେ ଉଞ୍ଚ, କିନ୍ତୁ କେଜାଣି କେମିତି ବଉଳ ଧରିଗଲା ସେଥିରେ । କେଇଦିନ ଉତାରୁ ଗୋଲମରିଚ ଆକାରର ଦଶବାରଟି ଆମ୍ବ ବି ହୋଇଗଲା ତହିଁରେ । କିନ୍ତୁ ଆମ୍ବତକ ସାମାନ୍ୟ ବଡ଼ ହୋଇ ଝଡ଼ିପଡ଼ିଲେ । ଡାଳରେ କେବଳ ରହିଗଲା ସବୁଜରଙ୍ଗର ପ୍ଲାଷ୍ଟିକ୍ ବଲ୍‌ପରି ଗୋଲ୍‌ଗାଲ୍ ସାଉଁଳିଆ ଆମ୍ବଟିଏ ।

ଏବଂ ବିନୟଙ୍କର ପ୍ରାତ୍ୟହିକ ରୁଟିନ୍ ଥିଲା ଅତିକମ୍‌ରେ ଦଶମିନିଟ୍ ଗଛଟି ଆଗରେ ଠିଆହୋଇ ଆମ୍ବଟିକୁ ସସ୍ନେହ ନିରୀକ୍ଷଣ କରିବା । ଏଇ ସସ୍ନେହ ନିରୀକ୍ଷଣର କାରଣ ଅବଶ୍ୟ ଥିଲା ।

ଆମେ ଭୁବନେଶ୍ୱର ଆସିଲା ବେଳକୁ ଧୁଧୁ ମରୁ ପ୍ରାନ୍ତର ଭିତରେ ଧଳା ଭୂତ ପରି ଠିଆ ହୋଇଥିଲା ଆମ ଘରଟି । ଚାରିପଟେ ଟାଙ୍ଗିପଥର ଓ ଧୂଳି ମିଶା ନାଲିଗୋଡ଼ି । ଅନେକ ପରିଶ୍ରମ କରି ଗଛ ଲଗାଇଥିଲେ ବିନୟ । କାଳିସୀ ଲାଗିଲା ପରି ସାରା ବଗିଚା ଗାତ ଖୋଳି ନର୍ସରୀରେ ମିଳୁଥିବା ସବୁ ପ୍ରକାର ଫଳଗଛ ଆଣି ରୋପଣ କରିଥିଲେ - ଆମ୍ବ, ପଣସ, ଲିଚୁ, ସପେଟା ଓ ଡାଳିମ୍ବ ଇତ୍ୟାଦି । ଉଦୁଉଦିଆ ଖରାଦିନେ ପାଣିଛିଞ୍ଚି ଅକ୍ଳାନ୍ତ ପରିଶ୍ରମ କରି ଚାରାଗଛଗୁଡ଼ିକୁ ସନ୍ତାନବତ୍ ଲାଳନ ପାଳନ କରିଥିଲେ ମଧ୍ୟ । ଅନ୍ୟ କୌଣସି ଗଛରେ ଫଳ ଧରି ନଥିଲା । ଆମ୍ବ ଗଛଟି ବୋଧହୁଏ ତାଙ୍କ ପ୍ରତି ଦୟାପରବଶ ହୋଇ ତରବରିଆ ଭାବରେ ଫଳଟିଏ ଉପହାର ଦେଇଦେଲା ତାଙ୍କୁ । ଯଥେଷ୍ଟ ପରିମାଣରେ ପ୍ରାପ୍ତ ବୟସ୍କ ନହୋଇଥିଲେ ସୁଦ୍ଧା ।

ଆଉ ଆମ୍ବ ସହିତ ଆସିଗଲା ଝାମେଲା । କେମିତି ଯେ କଲୋନୀର ପିଲାମାନଙ୍କୁ ଖବର ହୋଇଗଲା ଏଠି ଫଳପ୍ରସୂ ଆମ୍ବଗଛଟିଏ ଅଛି ତାହା ସ୍ୱୟଂ ଈଶ୍ୱରଙ୍କୁ ଜଣା । ବୋଧହୁଏ ଗଲାବର୍ଷ ପାଚେରୀ ଡେଇଁ ବଗିଚାରୁ ପିଜୁଳି ଓ ଜାମୁରୋଳ ଚୋରି କଲା ବେଳେ ଦେଖିଥିବେ । ଏବର୍ଷ ପାଚେରୀଟି ଆମେ ଇଟା ଖଞ୍ଜି ଉଞ୍ଚ କରିଦେଇଥିଲୁ । ତେଣୁ ବଗିଚାରେ ପ୍ରବେଶ କରିବାର ଏକମାତ୍ର ପଥ ଥିଲା ଗେଟ୍ ଦେଇ ।

ପ୍ରତ୍ୟେକ ଦିନ ଅପରାହ୍ନରେ ତିନି ଚାରୋଟି ପିଲା ଗେଟ୍ ସାମ୍ନାରେ ଠିଆ ହୋଇ ଡାକ ଛାଡ଼ିବେ -ଅଙ୍କଲ୍, ଅଙ୍କଲ୍, ଆମେ ଆପଣଙ୍କ ବାରିକୁ ଯାଇ ବଲ୍‌ଟି ନେଇ ପାରୁକି ?

-କି ବଲ୍ ? ଏଠିକି ଆସିଲା କେମିତି ? ବିନୟ ଉପର ମହଲା ଝରକାର ଗ୍ରିଲ୍ ଦେଇ ପଚାରିବେ, ସାମାନ୍ୟ ବିରକ୍ତି ମିଶା ସ୍ୱରରେ ।

- ଆମେ ପଛପଟ ଗଳିରେ କ୍ରିକେଟ ଖେଳୁଥିଲୁ । ଲାଲୁ ଛକ୍‌କା ମାରିଦେଲା ।

-ଆଚ୍ଛା ଠିକ୍ ଅଛି । ମୁଁ ଆଗ ତଳକୁ ଯାଏ । ତା'ପରେ ତମେମାନେ ଆସିବ । ବିନୟ ଗଟ୍‌ଗଟ୍ କରି ସିଢ଼ି ଓହ୍ଲାଇ ବଗିଚାକୁ ବାହାରିଯିବେ ଓ ଅଣ୍ଟାରେ ହାତ ଦେଇ ବେଶ୍ ଗମ୍ଭୀରଭାବେ ଆମ୍ବଗଛଟିକୁ ଜଗି ଠିଆ ହୋଇ ରହିବେ । ଠିକ୍ ସେ ପର୍ଯ୍ୟନ୍ତ, ଯେ ପର୍ଯ୍ୟନ୍ତ କାଳ୍ପନିକ ବଲ୍‌ଟିକୁ ପିଲାମାନେ ଏଠିସେଠି କିଛି ସମୟ ଖୋଜି ଓ ତାହା ନପାଇ ଅବଶେଷରେ ଘର ବାହାରକୁ ଚାଲି ନଯାଇଛନ୍ତି ।

Digitized by srujanika@gmail.com

ଆମ୍ବଟିକୁ ନେଇ ବିନୟ ଓ ପିଲାମାନଙ୍କ ମଧ୍ୟରେ ବେଶ୍ ଛକାପଞ୍ଝା ଖେଳ ଚାଲିଥିଲା । ପିଲାମାନେ ଓର ଉଣ୍ଡି ରହିଥିଲେ -କେତେବେଳେ ତ ହେଲେ ଘରମାଲିକ ବଗିଚାକୁ ଆସିବାକୁ ଭୁଲି ଯିବେ । ଠିକ୍ ସେତିକିବେଳେ ଆମ୍ବଟି ଟୁକ୍ କରି ଛିଣ୍ଡାଇ ପକେଟ୍‌ରେ ରଖି ସେମାନେ ମାରିବେ ଛୁ ।

ଏଇ ଛକାପଞ୍ଝା ଖେଳ ଭିତରେ ମୋ ପୁଅ ଆସି ପହଞ୍ଚିଲା ଆମେରିକାରୁ । ଆମ ସାଥିରେ ଛୁଟି କଟାଇବା ପାଇଁ । ଦୁଇ ତିନିଦିନ ଧରି ଆମ୍ବ ସମ୍ପର୍କୀୟ ଆମ କାର୍ଯ୍ୟକଳାପ ଲକ୍ଷ୍ୟ କରିସାରିଲାପରେ ଅଚାନକ ଦିନେ ମୃଦୁ ହସି ଜବାବ୍ ସୁଆଲ୍ କରି ବସିଲା ଆମ ସାଥିରେ ।

-ମାମା ! ତମେ ଥରେ ଗୋଟିଏ କବିତା ଲେଖିଥିଲ ନା ! ଯେ ବେଳେବେଳେ ସାନ ପିଲାଟିଏ ହୋଇ ପଡ଼ିଶାଘରର ଗଛରୁ କଷି ଆମ୍ବ ଚୋରି କରି ଖାଇବାକୁ ତମର ମନ ହୁଏ ବୋଲି । ''ହଁ, ଲେଖିଥିଲି । ଗୋଟିଏ ପତ୍ରିକାରେ ପ୍ରକାଶ ପାଇଥିଲା କବିତାଟି । ବେଶ୍ ଲୋକପ୍ରିୟ ହୋଇଥିଲା ମଧ୍ୟ'' । ଜବାବ୍ ଦେଲି ।

ପୁଅ ଏଥରକ ବିନୟଙ୍କ ଆଡ଼େ ଅନାଇଁ ପ୍ରଶ୍ନ କଲା -ପାପା । ତମେନା ମୋତେ ପିଲାଦିନେ ବୁଝାଇଥିଲ ଯେ ସାନ ପିଲାମାନେ ସାନ ପିଲାଙ୍କ ପରି ହିଁ ବ୍ୟବହାର କରିବେ । ସେମାନଙ୍କ ସ୍ୱଭାବସୁଲଭ ଦୁଷ୍ଟାମିରେ ବିବ୍ରତ ହେବାର କୌଣସି କାରଣ ନାହିଁ ।

ବିନୟ ଚୁପ୍ ରହିଲେ । ପୁଅ ପୁଣି କହିଲା ''ପାପା ! ତମେ ତ ଏମିତି ନଥିଲ । କେତେ ଭଲ ପାଉଥିଲ ସାନ ଛୁଆମାନଙ୍କୁ । ସାମାନ୍ୟ ଗୋଟେ ଆମ୍ବ ଯାହାକୁ କି ମୁଁ ଜାଣେ ତମେ ଖାଇବନି ସୁଦ୍ଧା -ତା'ପାଇଁ ଏଭଳି କଠୋର ନୀତି ଧରି ବସିଛ ? ତମେ ଜାଣିପାରୁଚ ପିଲାମାନଙ୍କର କେଡ଼େ ବଡ଼ ଖୁସିରେ ବାଦ ସାଧୁଚ ତମେ ?''

ବିନୟ ଏଥରକ ବି ଚୁପ୍ ରହିଲେ । କିଛି ସମୟ ଭ୍ରୁକୁଞ୍ଚିତ କରି ଉପରକୁ ଅନାଇଁ କିଛି ଭାବିଲେ ଓ ତା'ପରେ ମୁହଁ ଉଠାଇ ଚାହିଁଲେ ମୋତେ । ମୁଁ ସେ ଚାହାଣୀର ଭାଷା ବୁଝିଲି । ସେ ଚାହାଣୀ ମୋତେ କହିଗଲା - ସତରେ ଆମେ ବଦଳି ଯାଇଛୁ ନିଶ୍ଚୟ । ବୟସର ବୃଦ୍ଧି ସହିତ ତାଳଦେଇ କେବଳ ଆମ ହୃଦୟର ରକ୍ତ ବାହୀ ନାଡ଼ିମାନେ ଶକ୍ତ ହୋଇଯାଇ ନାହାନ୍ତି, ତା' ସହିତ ଆମ ମନ ବି ହରାଇ ବସିଛି ତା'ର ସ୍ୱଭାବ ସୁଲଭ ନମନୀୟତା । ଟା ନହେଲେ ପିଲାମାନଙ୍କର ସାନ ସାନ ଖୁସିଭରା ରଙ୍ଗ ବେରଙ୍ଗୀ ଦୁନିଆ, ଯାହାକି ଏକଦା ଆମକୁ ମଜେଦାର୍ ମନେ ହେଉଥିଲା, ଆଜି ହଠାତ୍ ଆମକୁ ଅସହିଷ୍ଣୁ କରି ତୋଳନ୍ତା କାହିଁକି ?

ସେ ଦିନ ଚାରିଟା ବେଳେ ଯେତେବେଳେ କଲୋନୀ ପିଲାମାନେ ତାଙ୍କର କାଛନିକ କ୍ରିକେଟ ବଲ୍‌ଟି ଖୋଜିବା ପାଇଁ ଆମ ହତା ଭିତରେ ପଶିଲେ, ପ୍ରଥମଥର ପାଇଁ ବିନୟ ଆଉ ବଗିଚାକୁ ଗଲେନି । ଅବଶ୍ୟ ଘଣ୍ଟାକ ପରେ ଯେତେବେଳେ ରୁଟିନ୍ ମାଫିକ୍ ଫଳଗଛରେ ପାଣିଦେବାକୁ ଗଲେ, ଆମ୍ବଟି ଗଛରେ ନଥିଲା ।

●●●

Digitized by srujanika@gmail.com

# ଗୁରୁଦେବ

ଠିକ୍ ଦିନ ତିନିଟା ବେଳକୁ ଆସୁଥିଲେ ସିଏ । ଦେହରେ ଅଣ ଓସାରିଆ ଅପରିଚ୍ଛନ୍ନ ଧୋତି ଓ ଶସ୍ତା ପାଉଁଶିଆ କନାରେ ତିଆରି ସବୁତକ ବୋତାମ ଛିଣ୍ଡିଯାଇଥିବା ଅଧା ହାତ କାମିଜ୍ । ସାର୍ଟଟି କାଟି ସେଥିରେ ବ୍ୟାଗ୍‌ଟିଏ ତିଆରି କରିଥିଲେ ତହିଁରେ ଅକ୍ଲେଶରେ ପାଣି ଭରି କରି ବୁହାଯାଇ ପାରିଥାଆନ୍ତା । ବର୍ଷ ବର୍ଷ ଧରି ମଳି ପିଇ ପିଇ କନାଟି ହୋଇ ଯାଇଥିଲା ପୂରାପୂରି ନିରନ୍ଧ୍ର ।

ଧୂଳି ଲିପା ଫଟାପାଦରେ ଛିନ୍ନ ଗୋଇଠି ବିହୀନ ଚପଲ୍ । ନଡ୍ ବଡ୍ ନିକେଲ ଫ୍ରେମର ଗାନ୍ଧୀମାର୍କା ଚଶମାଟି ଶୁଆ ଥୁଣ୍ଟିଆ ନାକ ଅଗରେ ଲାଖିକି ରହୁଥିଲା । ଚଶମା ତଳେ ପେଚୁଆ, କୋରଡ଼ିଆ ଆଖି । ସାମ୍ନାର ବଡ଼ ଦାନ୍ତଦୁଇଟିରୁ ଗୋଟିଏ ନିଖୋଜ୍ ହୋଇଥିଲା ଅନେକ ଦିନ ଆଗରୁ । ଆଉ ଦାନ୍ତଟି ଦୋଦୁଲ୍ୟମାନ ଅବସ୍ଥାରେ ସୂକ୍ଷ୍ମ ଗୋଟିଏ ମାଂସ ପେଶୀର ତନ୍ତୁ ମାଧ୍ୟମରେ କୌଣସି ମତେ ଲାଗିକି ରହିଥିଲା ଉପରପଟ ମାଢ଼ିରେ । ଲମ୍ବାଳିଆ ଠାକେରା ଗାଲିଆ ମୁହଁ । ପାଠ ପଢ଼ାଇଲା ବେଳେ, କଦବା କେମିତି ଝିମୋଉଥିଲେ । ବୋଉ କହୁଥିଲା ଅଫିମର ନିଶା ।

ସିଏ ଆସିଲା ମାତ୍ରେ, ମୁଁ ଆମ ଦାଣ୍ଡ ଘରେ ସଉପ ମସିଣା ବିଛାଇ, ବହିବସ୍ତାନୀ କାଢ଼ି, ଚକାପକାଇ ବସୁଥିଲି । ସାମ୍ନାରେ ସିଳଟ୍, ଭଙ୍ଗା ଦୁଧ ଖଡ଼ିର ଟୁକୁଡ଼ା ଓ ମଲାଟଛିଡ଼ା ବର୍ଣ୍ଣବୋଧ । ସାନ ସାନ ଶବ୍ଦର ଶ୍ରୁତଲିଖନ ଡାକୁଥିଲେ ସିଏ । ଶିଖାଉଥିଲେ ସଂଖ୍ୟାଗଣନା ।

ବୋଉ କହେ ଅକ୍ଷର ପରିଚୟ କୁଆଡ଼େ ମୋର ହୋଇଥିଲା ସ୍ୱତଃସ୍ଫୂର୍ତ୍ତ ଭାବେ - ପ୍ରଶ୍ୱାସ ନେଲା ଭଳିଆ । କଥାଟି ନିଶ୍ଚିତଭାବରେ ଅତିଶୟୋକ୍ତି । ସବୁ ମାଆମାନେ ସ୍ୱସନ୍ତାନର ଗର୍ବରେ ଚରିଦିନ ଏଇଭଳି କଥା କହି ଆସିଛନ୍ତି । ମୁଁ ଜାଣେ - ପାଠପଢ଼ା ସମୟଟି ଖୁସି ଓ ଆନନ୍ଦର ସମୟ ଥିଲା କେବଳ ତାଙ୍କରି ପାଇଁ । ଥିଲେ ଧୈର୍ଯ୍ୟର ମୂର୍ତ୍ତିମନ୍ତ ପ୍ରତୀକ । ପାଠ ନ ଆସିଲେ କେବେ ଭୁଲ୍‌ରେ ବି ମୋ ଉପରେ ବିରକ୍ତ ହୋଇଥିବାର ମନେ ପଡୁନି । କୌଣସି ଶବ୍ଦର ବନାନ ନ ଆସିଲେ କୋଳରେ ବସାଇ, ହାତ ଧରି, ସିଲଟ୍‌ରେ ଲେଖାଇ ଦେଉଥିଲେ ଶବ୍ଦଟି । ବାଇଗଣୀ ଓଠରେ ସଦାସର୍ବଦା ବସା ବାନ୍ଧି ରହିଥିଲା ବୁନିୟାଦୀ ହସ । ସେ ହସ ଥିଲା ସ୍ନେହର, ପ୍ରଶ୍ରୟର । ସେଇ ହସ ପାଇଁ ପାଠପଢ଼ାକୁ ଭୟ ଲାଗୁନଥିଲା । ଯାହାକି ସମୟ ବିଶେଷରେ ସବୁ ସାନ ପିଲାଙ୍କୁ ଲାଗିଥାଏ ।

ମୋର ଥିଲା ବାବୁରି ବାଳ । ନଇଁ ପଡ଼ି ସିଳଟ୍‌ରେ ପାଠ ଲେଖିଲା ବେଳକୁ, ଝୁଲି ପଡୁଥିଲା ଗୋଟିଏ ପଟ ଆଖି ଓ ଗାଲକୁ ଆଢୁଆଳ କରି । ସିଳଟ୍ ଦିଶୁଥିଲା ଅସ୍ପଷ୍ଟ ।

Digitized by srujanika@gmail.com

ଅଧାସମୟ ମୋର କଟୁଥିଲା କୁନି କୁନି ହାତରେ ବାଙ୍କତଙ୍କ କାନପଛପଟକୁ ଠେଲିବାରେ । ଦିନେ ବୋଉକୁ କହିଲେ ବେଣୀ ବାନ୍ଧିଦେବା ପାଇଁ ମୋ ମଥାରେ । ବୋଉ କୌଣସି ମତେ ଟାଙ୍କି ଟୁଙ୍କି ଦି'ପଟ କାନ ଉପରେ ତିନି ଇଞ୍ଚିଆ ବେଣୀ ଯୋଡ଼ିଏ ପକାଇ ଦେଲା । ବେଣୀ ଅଗରେ ନାଲିଆ ରିବନ୍‌ର ପ୍ରଜାପତିଆ ଫୁଲ । ସିଏ ଥିଲା ମୋର ଜୀବନର ପ୍ରଥମ ବେଣୀବନ୍ଧା । ଉପରଓଳି ପହଞ୍ଚି ମୁଣ୍ଡ ଆଉଁଷି ଦେଇ କହିଲେ ''ବାଃ ଏଇତ, ବେଶ୍ ହେଇଚି । ଆଉ ଅସୁବିଧା ହବନି ପାଠ ପଢ଼ିବାରେ'' ।

ମାସକୁ ନେଉଥିଲେ ମାତ୍ର ଦଶଟି ଟଙ୍କା । କିନ୍ତୁ ତା' ବଦଳରେ ଯାହା ଦେଇଗଲେ ତା'ର ମୂଲ୍ୟ ଅକଳନ । ସେବେଠୁ ଆରମ୍ଭ ହୋଇ ଏପର୍ଯ୍ୟନ୍ତ ଅବ୍ୟାହତ ରହିଥିବା ଏକ ମାରାଥନ୍ ଦୌଡ଼ର ପ୍ରଥମ ଶୁଭାରମ୍ଭ କରିଥିଲେ ସିଏ ହୁଇସିଲ ବଜାଇ । ଐଶ୍ୱର୍ଯ୍ୟ ଓ ଆଲୋକର ପ୍ରଭାରେ ଝଲମଲ୍ ଏକ ଅନୁପମ ସାରସ୍ୱତ ନଗରୀର ମୁଖ୍ୟ ଦରଜାର ଅର୍ଗଳ ସିଏ ଖୋଲି ଦେଇଥିଲେ ମୋ' ପାଇଁ । ଅକ୍ଲାନ୍ତ ପରିଶ୍ରମ କରିବାକୁ ପଡ଼ିଥିବ ନିଶ୍ଚୟ । ଚାରିବର୍ଷର ଟଙ୍କମଳ ପାଦରେ ତାଙ୍କରି ହାତ ଧରି ପ୍ରଥମ ଥର ପାଇଁ ପଦାର୍ପଣ କରିଥିଲି ବାଗ୍‌ଦେବୀଙ୍କର ସେଇ ମହିମା ମଣ୍ଡିତ ନଗରୀରେ । ସିଏ ଥିଲେ ମୋର ପ୍ରଥମ ଶିକ୍ଷକ ।

ଅକୃତଜ୍ଞ ମୁଁ କିଛି କରିପାରିନି ତାଙ୍କ ପାଇଁ । ନାଆଁ ଟି ବି ମନେ ରଖିନି ତାଙ୍କର ।

●●●

Digitized by srujanika@gmail.com

# ବନ୍ଧୁ

ଏପର୍ଯ୍ୟନ୍ତ ଯେତେ ଲୋକଙ୍କର ହାତରନ୍ଧା ଖାଇଛି, ତା'ଭିତରେ ମୀନା ଉର୍ଫ ମିସେସ୍ ଇସ୍‌ଲାମଙ୍କ ହାତରନ୍ଧା ଯେ ସର୍ବୋତ୍ତମ ଏଥିରେ ସନ୍ଦେହ ନାହିଁ । ରାନ୍ଧିବା ଯେ ଏକ ଅନୁପମ କଳା, ଏକ ଚମତ୍କାର କାରିଗରୀ, ତାହା କେବଳ ମୀନାକୁ ଦେଖିଲେ ହିଁ ବୁଝା ପଡୁଥିଲା । ତରକାରୀରେ ଲୋଭନୀୟ ରଙ୍ଗ ସୃଷ୍ଟି କରିବା ଠାରୁ ଆରମ୍ଭ କରି ଆକର୍ଷଣୀୟ ଭାବରେ ଟେବଲ୍‌ରେ ଭୋଜ୍ୟବସ୍ତୁ ପରଶିବା ପର୍ଯ୍ୟନ୍ତ, ସବୁଥିରେ ଫୁଟି ଉଠୁଥିଲା ମୀନା ହାତର ଶୈଳ୍ପିକ ଚାତୁର୍ଯ୍ୟ । ପ୍ରକୃତରେ ଏଇ ରନ୍ଧାବଢ଼ାରୁ ହିଁ ପ୍ରଥମେ ଆଳାପ ହୋଇଥିଲା ମୀନା ସାଥିରେ-ଫ୍ରେଣ୍ଡସ୍ ସର୍କଲ୍‌ର ବାର୍ଷିକ ଉତ୍ସବରେ ।

ଫ୍ରେଣ୍ଡସ୍ ସର୍କଲ ଥିଲା ଜୋର୍‌ହାଟ୍ ସହରର ଲେଡ଼ିଜ୍ କ୍ଲବ୍‌ର ନାଁ । ଜୋର୍‌ହାଟ୍-ଆସାମର ଶିବସାଗର ଜିଲ୍ଲାର ହେଡ୍‌କ୍ୱାର୍ଟର । ଟା' ବଗିଚା ଘେରା ଶାନ୍ତ, ସ୍ନିଗ୍ଧ, ନିରୋଳା ସହରଟିଏ । ଅଫିସରମାନଙ୍କ ପତ୍ନୀମାନେ ମିଳିମିଶି ଗଢ଼ିଥିଲେ କ୍ଲବ୍‌ଟିଏ । ପ୍ରତି ରବିବାର ଦିନ ବନ୍ଧୁମିଳନ, ଗପସପ । ମାସକୁ ଚାନ୍ଦା ସେତେବେଳେ ଥିଲା ପାଞ୍ଚଟଙ୍କା- ଉଣିଶଶହ ଅଣସ୍ତରି ମସିହାରେ, ଆଜିଠୁ ପ୍ରାୟ ତିରିଶି ବର୍ଷ ତଳେ ।

ସେଦିନ ଥିଲା କ୍ଲବ୍‌ଟିର ବାର୍ଷିକୋତ୍ସବ ଓ ରାନ୍ଧଣା ପ୍ରତିଯୋଗିତା ଏବଂ ପ୍ରଥମ ପୁରସ୍କାର ମିଳିଥିଲା ମୀନା ଇସ୍‌ଲାମ୍‌କୁ । ମୀନା ତିଆରି କରିଥିଲା ଭେଜିଟେବ୍‌ଲ ଚପ୍ । କିନ୍ତୁ ଚପ୍‌ଗୁଡ଼ିକର ଆକାର ଥିଲା ପକ୍ଷୀଶାବକ ପରି । ପେଟୁଆ ଚେପ୍‌ଟା ଚପ୍ ଉପରେ ଚଢ଼େଇର ଗ୍ରୀବାପରି ଆଳୁ ଓ ପାଉଁରୁଟି ଚକଟାର ଲମ୍ବ ବେକଟିଏ ଖଞ୍ଜା । ସେ ବେକ ଶେଷରେ ଯୋଖା ପ୍ରାୟ ଇଞ୍ଚେ ଲମ୍ବର କଞ୍ଚା ନାଲି ଲଙ୍କାର ଗୋଜିଆ ଅଂଶଟି ଯାହାକି ଦିଶୁଥିଲା ଠିକ୍ ନାଲି ଟୁକ୍ ଟୁକ୍ ଚଢ଼େଇ ଥଣ୍ଟ ପରି । ଆଉ ଥଣ୍ଟର ଦୁଇ ପଟେ ଆଳୁ ଦେହରେ ଚିପା ହୋଇ ଲାଖିଥିଲେ ଦୁଇଟି ଗୋଲମରିଚ- ସତେ ଅବା ଚଢ଼େଇଟିର ପତା ମେଲା ଗୋଲ ଗୋଲ ଯୋଡ଼ିଏ ଆଖି । ଦଳକ ଯାକ ବିହଙ୍ଗମ ଧାଡ଼ି ଧାଡ଼ି ହୋଇ ଟ୍ରେରେ ବସିଥିଲେ ମିହିକଟା ଲେଟିସ୍ ଓ ଧନିଆପତ୍ରର ବହଳ ଶେଯରେ । ଲାଗୁଥିଲା କେଉଁ ଦୂର ଦେଶରୁ ଉଡ଼ିଆସି ଦଳଟିଏ ବତକ ବା ହଂସରାଳି ପାର୍କର ସବୁଜ ଲନ୍‌ରେ ବସି ଦାନା ଖୁଣ୍ଟୁଛନ୍ତି- ଏଇଲେ ଉଡ଼ି ଯିବେ ପକ୍ଷ ମେଲାଇ । ଖାଇ ଦେଖିଥିଲି ଅପୂର୍ବ ସ୍ୱାଦ- ଚଢ଼େଇର ପେଟ ଭର୍ତ୍ତି ହୋଇଥିଲା ଡାଲଚିନି ବାସ୍ନାର କିସ୍‌ମିସ୍, ଗାଜର ଓ ଫୁଲକୋବିର ଟୁକୁଡ଼ାରେ ।

ନୂଆ କରି କ୍ଲବ୍‌ରେ ଯୋଗ ଦେଇଥିବା ମୀନା ଇସ୍‌ଲାମ୍‌କୁ ଅଭିନନ୍ଦନ ଜଣାଇଥିଲି ସେଦିନ -ତା' ହାତ ରନ୍ଧାର ତାରିଫ୍ କରି । ଖୁସି ହୋଇ ଗପ କରିଥିଲା ମୀନା । ଜଣାଇ ଥିଲା ତା' ସ୍ୱାମୀ ସିରାଜୁଲ ଇସ୍‌ଲାମ ସଂପ୍ରତି ଜୋରହାଟ୍ ଆସିଛନ୍ତି ବଦଳି ହୋଇ -ପି.ଏଚ୍.ଡ଼ି ବିଭାଗର ସୁପରିଟେଣ୍ଡିଙ୍ଗ ଇଞ୍ଜିନିୟର ଭାବରେ ।

ଏଇଥିଲା ଅଯମାରମ୍ଭ । ଧୀରେ ଧୀରେ ଅନ୍ତରଙ୍ଗତା ବଢ଼ିଥିଲା । ଦୁଇ ପରିବାର ଭିତରେ ଗାଢ଼ ହୋଇଥିଲା ବନ୍ଧୁତା । ଅନେକ ମନୋରମ ସନ୍ଧ୍ୟା କଟିଛି ଇସ୍‌ଲାମ୍ ଦମ୍ପତିଙ୍କ

Digitized by srujanika@gmail.com

ସାଥିରେ । ଇଦ୍ ପର୍ବ ଦିନ ଆମେ ଯାଉଥିଲୁ ମୀନାଘରକୁ ଡିନର ଖାଇ । ଆଉ ଆମ ଘରେ ହେଉଥିବା ଦଶହରା ବନ୍ଧୁମିଳନରେ ସାମିଲ ହେଉଥିଲେ ଇସ୍‌ଲାମ୍ ସାହେବ-ସପତ୍ନୀକ ।

ମିଷ୍ଟର ଇସ୍‌ଲାମ୍ ଥିଲେ ଅତିମାତ୍ରାରେ ଭଲ ମଣିଷଟିଏ । ଥିଲେ ବେଶ୍ ଦୀର୍ଘକାୟ । ବସ୍ତୁତଃ ଏତେ ଲମ୍ବା ଥିଲେ ଯେ ସାମ୍‌ନାକୁ ଈଷତ୍ ଝୁଙ୍କି ବାଟ ଚାଲିବାକୁ ପଡୁଥିଲା । ଲମ୍ବବାଳ କପାଳ ଉପରୁ ଓଲଟାଇ ବ୍ୟାକ୍ ବ୍ରସ କରି କୁଣ୍ଡା । ସେ ବାଳ ମୋଡ଼ି ମୋଡ଼ି ହୋଇ ଝୁଲି ରହୁଥିଲା ବେକ ପାଖରେ । ଶ୍ୟାମଳ ବର୍ଣ୍ଣ ଓ ଲମ୍ବା ମୁହଁ । ହସଟି ଥିଲା ପରିଚ୍ଛନ୍ନ ଓ ମିଠା ।

ତାଙ୍କ ତୁଳନାରେ ମୀନା ଥିଲା ବେଶ୍ ପୃଥୁଳା । ଡବ୍ ଡବ୍ ଆଖି, ପୃରନ୍ତ ଓଠ । ସାଜିବାକୁ ବେଶ୍ ଭଲ ପାଉଥିଲା । ସବୁବେଳେ ଲଗାଉଥିଲା ନାଲି ଟୁକ୍ ଟୁକ୍ ଲିପ୍‌ଷ୍ଟିକ୍ । ''ଏଖେତେ ରଙ୍ଗା ଲିପ୍‌ଷ୍ଟିକ୍‌ଟୁ ବର୍ ଭାଲ୍ ପାୟ'' -ଇଏ ନାଲି ଲିପଷ୍ଟିକ୍ ବହୁତ ଭଲ ପାଆନ୍ତି - ମାତୃଭାଷା ଅସାମୀଜ୍‌ରେ କହୁଥିଲା ମୋତେ ।

ଦୁଇ ପରିବାର ଭିତରେ ସୌହାର୍ଦ୍ଧ୍ୟ ବୃଦ୍ଧିପାଇବାର ଅନ୍ୟ ଏକ କାରଣ ମଧ ଥିଲା । ମୀନାର ପୁଅ ନାଜିମୁଲ ଥିଲା ମୋ ପୁଅ ବବିର ସମବୟସୀ । ଚାରିବର୍ଷର ଦୁଇଟିଯାକ ଶିଶୁ ଖେଳ ସାଥି ଥିଲେ ଓ କାରମେଲ୍ କନ୍‌ଭେଣ୍ଟ୍‌ର କିଣ୍ଡରଗାର୍ଟନ୍ ଶ୍ରେଣୀରେ ଏକା ସାଥିରେ ପାଠ ପଢୁଥିଲେ । ସ୍କୁଲ ଯାଉଥିଲେ ସାଙ୍ଗ ହୋଇ -ଇସ୍‌ଲାମ୍ ସାହେବଙ୍କ ଗାଡ଼ିରେ ଏବଂ ଇସ୍‌ଲାମ୍ ସାହେବ ଟୁର୍‌ଗଲେ ଆମ ଗାଡ଼ିରେ ।

ମନେ ଅଛି, ଥରେ ମୋର ଚାରିବର୍ଷର ଶିଶୁପୁତ୍ରଟି ଅପରାହ୍ନରେ ମୀନା ଘରକୁ ବୁଲି ଯିବା ପାଇଁ ବାହାରିଲା । ମୁଁ କହିଥିଲି ''ନାଜିମୁଲ ତ ନାହିଁ- ମାମୁଁ ଘରକୁ ଯାଇଛି । କାହିଁକି ଯିବୁ ?'' ମୋ ପୁଅ ଜବାବ୍ ଦେଇଥିଲା ''ନାଜି ନାଇଁ ତ ନାଇଁ । ମୁଁ ଆଣ୍ଟି ସାଥିରେ ଗପସପ କରି ଫେରି ଆସିବି'' । କୁନି ଛୁଆଟିର କଥା ଶୁଣି ସେଦିନ ହସିଥିଲି ଏବଂ ଏକଥା ମଧ ହୃଦୟଙ୍ଗମ କରିଥିଲି ଯେ ମୋ ପୁଅଟି ମୀନାର ବେଶ୍ ବଶମ୍ବଦ । ସେତିକି ସ୍ନେହ ଓ ଆଦର ନପାଇଲେ ଗୋଟିଏ ଶିଶୁ କଅଣ କେବେ ହେଲେ ଗୋଟିଏ ବୟସ୍କ ଲୋକପାଖକୁ ଗପ କରିବାକୁ ଯାଇପାରେ ?

ମୀନା ଥିଲା ମାଂସ ରନ୍ଧାରେ ମାହିର୍ । ମୁଁ ଥିଲି ଶାକାହାରୀ । କିନ୍ତୁ ବିନୟଙ୍କୁ ବିରିୟାନୀ ଓ ମୁରଗୀରୋଷ୍ଟ ରାନ୍ଧି ଖୁଆଉଥିଲା ମୀନା । ତା' ଘରକୁ ଡିନର ଖାଇବାକୁ ଗଲେ, ଗୋଡ଼ ଦୁଇଟି ଉପରକୁ ଟେକି ଥିବା ଗୋଲ୍‌ଗାଲ୍ ଚେହେରାର ଭଜା କୁକୁଡ଼ା ଛୁଆଟିଏ ଡାଇନିଂ ଟେବୁଲ୍‌ର ଶୋଭା ବର୍ଦ୍ଧନ କରୁଥିଲା, ହର୍‌ଦମ୍ । ଆଉ ପରମ ଯତ୍ନରେ ତା'ର ଗୋଟିଏ ଗୋଡ଼ ଛିଣ୍ଡାଇ ବିନୟଙ୍କୁ ପରଶୁଥିଲା ମୀନା । ରନ୍ଧା ବଢ଼ାରେ ପରୀକ୍ଷା ନିରୀକ୍ଷା ମଧ କରୁଥିଲା କେବେ କେମିତି । ଥରଟେ ତା' ଭେଜିଟେବଲ୍ କଟ୍‌ଲେଟ୍‌ରେ କମଳା ଲେମ୍ବୁର ହାଲ୍‌କା ମିଠାବାସ୍ନା ପାଇଥିଲି । ପଚାରି ବୁଝିଥିଲି ଯେ କେଇ ଟୁକ୍‌ଡ଼ା ମିହିକରି କଟା ହୋଇଥିବା ଶୁଖିଲା କମଳାଚୋପା ତହିଁରେ ଖୁସ୍‌ବୁ ପାଇଁ ମିଶାଇଥିଲା ମୀନା । କୋରା ଚିଜ୍ ଓ ମଇଦା ମିଶାଇ ଗୋଟିଏ ଚମତ୍କାର ମୁସ୍ ମୁସିଆ ପକୋଡ଼ା ବନାଉଥିଲା ମଧ । ଏ ପର୍ଯ୍ୟନ୍ତ

Digitized by srujanika@gmail.com

ତାହା ଅନ୍ୟ କେଉଁଠି ଖାଇନି । ଡାଇନିଂ ଟେବୁଲ ଉପରେ ରଙ୍ଗିନ୍ ଟେବ୍‌ଲମ୍ୟାଟ୍ ଓ ନାପକିନ୍, କଡ଼ରେ ଫୁଲଦାନୀରେ ଶୁଖିଲା ଫୁଲର ଇକେବାନା । ସାଦା ଚାଇନା ବୋଲ୍‌ମାନଙ୍କରେ ରଙ୍ଗବେରଙ୍ଗୀ ପଲାଉ, ତରକାରୀ ଓ ସାଲାଡ୍ । ଖାଇବା ଟେବୁଲଟି ଦିଶୁଥିଲା ଫଗୁଣର ଫୁଲବନ ପରି ରଙ୍ଗୀନ୍ ।

ଏଭଳି ପାରଙ୍ଗମ ରାନ୍ଧୁଣୀକୁ ଅବଶ୍ୟ ମୁଁ ଗୋଟିଏ ଖାଦ୍ୟବସ୍ତୁର ରନ୍ଧନ ପ୍ରଣାଳୀ ଶିଖାଇଥିଲି । ଜିନିଷଟି ନିହାତି ସାଧାରଣ -ସୁଜିର ଭେଜିଟେବୁଲ ଉପମା । ଆମ ଘରେ ଖାଇ ଭାରି ପସନ୍ଦ ହେଇଥିଲା ମୀନାର । କାଗଜ, କଲମ ଆଣି ଲେଖି ନେଇଥିଲା ରାନ୍ଧିବାର ବିଧି ।

ଇସ୍‌ଲାମ୍ ସାହେବ ଥିଲେ ବେଶ୍ ସୌଖୀନ୍ -ରଇସ୍ ମିଜାଜ୍‌ର । ଘରେ ସିଲକ୍‌ର ପର୍ଦ୍ଦା । ଚଟାଣରେ ନାଲି ଫୁଲପକା କାର୍ପେଟ ଏବଂ ପୋର୍ଟିକୋ ସାମ୍‌ନାରେ ଜ୍ୟାମିତିକ ମୌସୁମୀ ଫୁଲର କିଆରୀ । ଚଳଣୀ ଥିଲା ସଂଭ୍ରାନ୍ତ ଓ ରୁଚିପୂର୍ଣ୍ଣ । ସଉକ୍ ଥିଲା ସଙ୍ଗୀତରେ । ଘରେ ଦାମୀ ରେଡ଼ିଓଗ୍ରାମ୍ ଓ ବିଭିନ୍ନ ପ୍ରକାରର ରେକର୍ଡ଼ । ଏବଂ ସଉକ ଥିଲା ସିନେମାରେ ମଧ୍ୟ । ସେତେବେଳେ ଡକ୍ଟର ବେଜ ବରୁଆ ନାମରେ ଗୋଟିଏ ଆସାମୀ ସିନେମା ନିର୍ମିତ ହୋଇ ବେଶ୍ ଆଦୃତ ହୋଇଥିଲା । ମିଷ୍ଟର ଇସ୍‌ଲାମ୍,ଉକ୍ତ ସିନେମାରେ ଗୋଟିଏ ସାନ ଭୂମିକାରେ ଅଭିନୟ କରିଥିଲେ । ସିନେମାଟି ଆମ ସହରକୁ ଆସିଲା ପରେ ବାରମ୍ବାର ଅନୁରୋଧ କରିଥିଲେ ଯାଇ ଦେଖି ଆସିବା ପାଇଁ । ଏବଂ ସିନେମାଟି ଆମେ ଦେଖିସାରିଲାପରେ ବେଶ୍ କିଛି ସମୟ ପର୍ଯ୍ୟନ୍ତ ତାଙ୍କର ଭୂମିକା ତଥା ସୁଟିଙ୍ଗ୍ ସମ୍ପର୍କରେ ଆମକୁ ବିଶଦ୍ ବିବରଣୀ ଦେଇଥିଲେ ।

ମନେ ଅଛି- ଥରେ ଶିବସାଗର ସହରକୁ ବିନୟ ଟୁର୍‌ରେ ଗଲା ବେଳେ ତାଙ୍କ ସହିତ ଯାଇଥିଲି । ସର୍କିଟ୍ ହାଉସ୍‌ରେ ପହଞ୍ଚି ଦେଖେ, ଆମ ପାଖ ରୁମ୍‌ଟିରେ ମୀନା ଓ ମିଷ୍ଟର ଇସ୍‌ଲାମ । ରାତି ନଅଟାରେ ହଠାତ୍ ଇସଲାମ୍ ସାହେବଙ୍କ ଝୁଙ୍କ ଉଠିଲା ସେକେଣ୍ଡ ସୋ ସିନେମା ଦେଖିବା ପାଇଁ । ଏକା ସାଥିରେ ଯାଇ 'ନତୁନ ପାତା' ନାଁ'ର ଗୋଟିଏ ଚମତ୍କାର ବଙ୍ଗଳା ସିନେମା ଦେଖି ଆସିଥିଲୁ ।

ରାନ୍ଧଣା ବ୍ୟତୀତ ମୀନାର ଆଉ ଗୋଟିଏ ସଉକ ଥିଲା-ଶାଢ଼ୀ । ଆଉ କେବଳ ଗୋଟିଏ ପ୍ରକାରର ଶାଢ଼ୀ ପିନ୍ଧୁଥିଲା ମୀନା - ଏକରଙ୍ଗା ସିନ୍ଥେଟିକ୍ । ଆଉ ତା' ସାରା ଦେହ ନିଜ ହାତରେ ଏମ୍ବ୍ରୟଡ଼ରୀ କରି ପକାଉଥିଲା । ମନେ ଅଛି ଥରେ ଦିଲ୍ଲୀ ଯାଇଥିଲା ସ୍ୱାମୀଙ୍କ ସହିତ । ଫେରିଲା ବେଳକୁ କିଣିକି ନେଇ ଆସିଥିଲା- ଜୁମା ମସ୍‌ଜିଦ୍ ସାମ୍‌ନା କେଉଁ ଏକ ଦୋକାନରୁ- ନିପଟ କଳାରଙ୍ଗର ଜର୍ଜେଟ୍ ଶାଢ଼ୀଟିଏ । ଶାଢ଼ୀଟି ମୋତେ ଭଲ ଲାଗିନଥିଲା । କେଇଟା ଦିନ ପରେ ଦେଖେ ଶାଢ଼ୀର ସାରା ଦେହରେ କ୍ରସ୍‌ଷ୍ଟିଚ୍‌ରେ ତିଆରି ସାନ ସାନ କିଶଳୟ ଯୁକ୍ତ ଗୋଲାପ କଢ଼ । ଶାଢ଼ୀଟିର ଚେହେରା ବଦଳି ଯାଇଥିଲା ପୂରାପୂରି ।

Digitized by srujanika@gmail.com

ସେତେବେଳେ ନାଇଲେକ୍ସ ଫର୍ଟିଫୋର ବୋଲି ଗୋଟିଏ ପ୍ରକାର ଇମ୍ ପୋର୍ଟେଡ଼ ଶାଢ଼ୀ ବାହାରିଥାଏ । ବୟସ ଥିଲା କମ୍ । ଶାଢ଼ୀର ସଉକ୍ ହେବାଟା ଥିଲା ସ୍ୱାଭାବିକ । ସେ ଶାଢ଼ୀଟିଏ ଖୋଜି ଖୋଜି ପାଉନି ବୋଲି କେବେ ଥରେ କଥା ପ୍ରସଙ୍ଗରେ ମୀନା ଆଗରେ କହିଥିଲି ।

କେଇ ଦିନ ପରେ ଦିନେ ସନ୍ଧ୍ୟାରେ ମୀନା ଓ ଇସ୍‌ଲାମ ସାହେବ ହଠାତ୍ ଆମ ଘରେ ଆସି ହାଜର ହୋଇଥିଲେ - ହାତରେ ଦୁଇଖଣ୍ଡି ନାଇଲେକ୍ସ ଫର୍ଟିଫୋର ଶାଢ଼ୀ ଧରି । ଇସ୍‌ଲାମ ସାହେବ ଦିବ୍ରୁଗଡ଼ ଯାଇଥିଲେ ଟୁର୍‌ରେ । ସେଠି କୌଣସି ଦୋକନରେ ସେ ଶାଢ଼ୀ ଦେଖି ଦୁଇ ଖଣ୍ଡି କିଣି ନେଇ ଆସିଛନ୍ତି । ଖଣ୍ଡିଏ ମୀନାର ଓ ଖଣ୍ଡିଏ ମୋର । ମୋର ମନ ପସନ୍ଦ ରଙ୍ଗ ମୁଁ ବାଛିନେଲେ ଅନ୍ୟଟି ମୀନା ରଖିବ । ଫିକା ଗୋଲାପି ରଙ୍ଗର ଶାଢ଼ୀଟି ମୁଁ ବାଛିଥିଲି । ମୀନା ପାଇଁ ରହିଗଲା ଆକାଶ ରଙ୍ଗ। ଶାଢ଼ୀଟି । ସେତେବେଳେ ସେ ଶାଢ଼ୀର ଦାମ୍ ଥିଲା ନବେ ଟଙ୍କା । ଜବରଦସ୍ତି କରିବା ସତ୍ୱେ ବି ଇସ୍‌ଲାମ ସାହେବ ପଇସା ନେଇନଥିଲେ ।

କେଇ ବର୍ଷ ପରେ ବିନୟଙ୍କର ବଦଳି ହୋଇଗଲା ଆସାମରୁ ଦିଲ୍ଲୀ । ସମୟ ଗଡ଼ି ଚାଲିଲା । ଆସାମ ସହିତ ଯୋଗସୂତ୍ର ହୋଇଗଲା କ୍ଷୀଣ । ଅନେକ ବର୍ଷ ପରେ ଦିଲ୍ଲୀର ଚାଣକ୍ୟପୁରୀସ୍ଥିତ ଆସାମ ହାଉସ୍‌ରେ ଅଧ୍ୟାପକ ତଥା ଫିଲ୍ମ ନିର୍ଦ୍ଦେଶକ ଶ୍ରୀ ଭବେନ୍ ସଇକିଆଙ୍କ ସହିତ ଦେଖା । ଯେହେତୁ ଶ୍ରୀ ସଇକିଆ ନିଜେ ଥିଲେ ଜଣେ ସଫଳ ନିର୍ଦ୍ଦେଶକ, ତାଙ୍କ ସହିତ ସିନେମା ଗପଇ ହେଲା । କଥା ହେଲା ବହୁ ବର୍ଷ ଆଗରୁ ନିର୍ମିତ କ୍ରାଇମ ଥ୍ରିଲର ଡକ୍ଟର ବେଜ ବରୁଆ ସିନେମା ସଂପର୍କରେ ତହିଁରେ ପାର୍ଟ କରିଥିବା ଶ୍ରୀ ଇସ୍‌ଲାମ୍‌ଙ୍କର କଥା ମଧ୍ୟ ପଡିଲା ପ୍ରସଙ୍ଗକ୍ରମେ ।

''-ଓଃ ! ଆପଣ ଜାଣନ୍ତିନି ? ଇସ୍‌ଲାମ ସାହେବ ତ ଏବେ ସ୍ୱର୍ଗବାସୀ ।'' ଶ୍ରୀ ସଇକିଆ ଆମକୁ କହିଲେ ଓ ଉଭୟ ବିନୟ ଓ ମୁଁ କିଛି ସମୟ ପାଇଁ ସ୍ତବ୍‌ଧ ହୋଇଗଲୁ । ମନେ ପଡ଼ିଲା ଏକ ସୁଖୀ, ସୁବୋଧ ଦମ୍ପତିଙ୍କର କଥା । ମନେ ପଡ଼ିଲା ସୁକୁମାର ନାଜିମୁଲର କଥା । ମନେ ପଡ଼ିଲା ମୀନାର ଲାଲ୍ ଲିପ୍‌ଷ୍ଟିକ୍ କଥା । ମୀନା କହୁଥିଲା- ଏଖେତେ ରଙ୍ଗା ଲିପ୍‌ଷ୍ଟିକ୍ ଟୁ ବର୍ ଭାଲ୍ ପାୟ ।

ଇସ୍‌ଲାମ ଦମ୍ପତିଙ୍କର ଚେନାଏ ସ୍ମୃତି କିନ୍ତୁ ଏବେ ବି ମଝିରେ ମଝିରେ ମୋ ଦେହସାରା ଲେପ୍‌ଟିଯାଏ । ସଦ୍ୟଫୁଟା ଗୋଲାପ ପାଖୁଡ଼ାର ଖୁଶ୍‌ବୁରେ ମହମହ କରିଯାଏ ମନର ଅଳିନ୍ଦ ।

ଗୋଲାପି ରଙ୍ଗର ନାଇଲେକ୍ସ ଶାଢ଼ୀଟି ଏବେ ବି ମୋ ପାଖରେ ଅଛି । ସିନ୍ଥେଟିକ୍ ଶାଢ଼ୀଗୁଡ଼ିକ, ମିଠାଳିଆ ସ୍ମୃତିପରି, ସହଜରେ ନଷ୍ଟ ହୁଅନ୍ତିନି ।

●●●

Digitized by srujanika@gmail.com

# ରଙ୍ଗିନ୍ ଚକ୍ଖଡ଼ି ବନାମ୍ ବାସ୍ନା ପାଉଡ଼ର

ଝୁନୁ ବଙ୍ଗାଳୀ ହେଲେ ବି ଓଡ଼ିଆ କହୁଥିଲା ଚମତ୍କାର । ଶ୍ୟାମଳ ରଙ୍ଗର ସୁଶ୍ରୀ, ପତଳା ଝିଅଟିଏ । ଘର ଥିଲା ଆମ ଘର ପାଖରେ ।

ସମାନ ସଂଖ୍ୟକ ବର୍ଷା ଓ ବସନ୍ତଋତୁ ଅତିକ୍ରାନ୍ତ କରିଥିଲୁ ଦିହେଁ ଏ ପୃଥିବୀରେ । ବୟସ ଥିଲା ଏକାପରି । ତାହା ସତ୍ତ୍ୱେ ଝୁନୁକୁ ମୁଁ ନିଜ ଅଜାଣତରେ ଟିକିଏ ବେଶୀ ମର୍ଯ୍ୟାଦା ଦେଉଥିଲି । କାରଣ ତା' ବାପାଙ୍କର ଗୋଟିଏ ଗାଡ଼ି ଥିଲା । ସେତେବେଳେ, କାର୍ ଚଢୁଥିବା ଲୋକମାନଙ୍କୁ ମୋର ଖୁବ୍ ବିତ୍ତବାନ୍ ଏବଂ ଏକ ଭିନ୍ନ ସ୍ତରର ମଣିଷ ବୋଲି ମନେ ହେଉଥିଲା । ଅପରପକ୍ଷରେ, ଆମ ବାପାଙ୍କର ଗାଡ଼ି ତ ଦୂରର କଥା, ସାଇକଲ୍ ଖଣ୍ଡିଏ ବି ନଥିଲା । କଲେଜ ଯାଉଥିଲେ ପଦବ୍ରଜରେ ।

ସାଙ୍ଗ ହିସାବରେ ଝୁନୁ ଥିଲା ଠିକ୍ ଠାକ । ଖାଲି ଯାହା ଟିକିଏ ଫୁଟାଣିଆ କଥା କହୁଥିଲା ବଡ଼ ବଡ଼, ଆକାଶରୁ ତୋଳି ଆଉ ମୋତେ ଅନେକ ସମୟରେ ଆଦେଶ ଦେଇ କଥା କହୁଥିଲା ଯେମିତିକି ମୋ ଠାରୁ ପାଞ୍ଚ ସାତ ବର୍ଷ ବଡ଼ । କିନ୍ତୁ ଅଚାନକ ଘଟିଥିବା ଗୋଟିଏ ଦୁର୍ଘଟଣାପରେ ଝୁନୁ ଅନେକଟା ବଦଳିଯାଇଥିଲା ଓ ମୋର ବେଶ୍ ଅନୁରକ୍ତ ହୋଇ ପଡ଼ିଥିଲା ।

ଦୁର୍ଘଟଣାଟି ଘଟିଥିଲା ଦିନେ ଅପରାହ୍ନରେ । ଆମ ଘର ସାମ୍ନାରେ ଥିବା ତାଳଦଣ୍ଡା କେନାଲ କୂଳେ । ସେ ବର୍ଷ ଅତଡ଼ା ଖସି, କେନାଲ୍‌ର ବେଶ୍ କିଛି ମାଟି ଧସି ଯାଇଥିଲା ଭିତରକୁ । ସରକାରୀ ମିସ୍ତ୍ରୀ, ମୂଲିଆମାନେ ଘାଟଟି ମରାମତି କରୁଥିଲେ ଓ ବାଉଁଶ ପୋତି ବାଡ଼ଟିଏ ତିଆରି କରିଦେଇଥିଲେ ନାଳଭିତରେ ।

ଝୁନୁ ସେଦିନ ପାଖାପାଖି ପୋତା ହୋଇଥିବା ଦୁଇଟି ବାଉଁଶ ଉପରେ ସର୍କସ ଷ୍ଟାଇଲ୍‌ରେ ଠିଆ ହୋଇ ଓ ବେଶ୍ ତାର ସ୍ୱରରେ 'ଭେଲେରେ ଭେଲେରେ' କୁହାଟ୍ମୋନ ମାରି ଆକ୍ରୋବେଟିକ୍ସ ଦେଖାଇ ଆମକୁ ଚକିତ କରିଦେବାର ଚେଷ୍ଟା କଲା ବେଳକୁ, ସହସା ଭାରସାମ୍ୟ ହରାଇ ଓ ଗୋଡ଼ ଖସି, ଗଡ଼ିପଡ଼ିଲା କେନାଲ ଭିତରକୁ । ଖରାଦିନ-କେନାଲ ଥିଲା ଜଳଶୂନ୍ୟ ଓ ଝୁନୁର ବିଶେଷ କିଛି କ୍ଷତି ହୋଇନଥିଲା । କିନ୍ତୁ ତା' ଡାହାଣ କାନର ଲତିଟି ସାମାନ୍ୟ ଭାବରେ କଟିଗଲା ଗୋଟିଏ ବାଉଁଶ କଣିରେ । ଗାଲ ଉପର ଦେଇ ଠୋପା ଠୋପା ରକ୍ତ କେଇ ବିନ୍ଦୁ ବି ଝରି ପଡ଼ିଲା ଏବଂ ଝୁନୁ, ଜୀବନରେ ପ୍ରଥମ ଥର ପାଇଁ , ତା'ର ମର୍ଯ୍ୟାଦା ବୋଧ ଭୁଲି ଓ ଏକ କିମ୍ଭୂତକିମାକାର ମୁହଁ କରି ଭେଁ ଭେଁ ଚିତ୍କାର କରି କମ୍ପମାନସ୍ୱରରେ କାନ୍ଦିବାକୁ ଆରମ୍ଭ କରିଦେଲା । ଜୀବନରେ ପ୍ରଥମ ଥର ପାଇଁ ମଧ ତା ସାମ୍ନାରେ ନିଜର ମୂଲ୍ୟ ଜାହିର କରିବା ପାଇଁ ତଥା ତା' ପାଇଁ କିଛି ଦାୟିତ୍ୱପୂର୍ଣ୍ଣ କାମ କରିବା ପାଇଁ ମୋତେ ସୁଯୋଗ ମିଳିଗଲା ।

'ଆହା ! କିଛି ହୋଇନି, କିଛି ହୋଇନି' କହି ବେଶ୍ ତତ୍ପରତାର ସହିତ ଝୁନୁକୁ ହାତ ଧରି ଉଠାଇ, ତା' ଦେହରୁ ବାଲି ଝାଡ଼ି ଓ ତାକୁ ଯଥେଷ୍ଟ ପ୍ରବୋଧନା ଦେଇ ତାଙ୍କ ଘରେ ନେଇ

Digitized by srujanika@gmail.com

ତାକୁ ପହଞ୍ଚାଇ ଦେଇ ଆସିଥିଲି । ଏବଂ ଆଶ୍ଚର୍ଯ୍ୟଜନକ ଭାବରେ, ତା'ପର ଦିନଠାରୁ ମୋ' ପ୍ରତି ଝୁନୁର ବ୍ୟବହାରରେ ଅନେକ ପରିବର୍ତ୍ତନ ଆସିଥିବାର ଲକ୍ଷ୍ୟ କଲି ମଧ୍ୟ । ଚାରିଟା ବେଳେ ମୋ' କାନ୍ଧରେ ହାତ ପକାଇ ଘର ସାମ୍ନା ନାଳିଧୂଳି ରାସ୍ତାରେ ଚାଲି ଚାଲି ମୋ ସହିତ ଗପ କରୁଥିଲା ଓ ଚାକୁଣ୍ଡା ଓ ନାଗୁଆରି ବଣରେ ବୁଲି କଙ୍କି ଓ ପ୍ରଜାପତି ଧରିବାରେ ମୋତେ ସାହାଯ୍ୟ କରୁଥିଲା ।

ଝୁନୁ ଥିଲା ତା' ପିତାମାତାଙ୍କର ଏକମାତ୍ର କନ୍ୟାସନ୍ତାନ ଓ ତା ମା' ତାକୁ ଭାରି ସୁନ୍ଦର କରି ସଜାଉଥିଲେ । ସନ୍ଧ୍ୟାବେଳେ ବେଶ୍ କଣ୍ଢେଇପରି ସାଜି ଝୁନୁ ଆସୁଥିଲା ଆମଘରକୁ - ଖେଳିବା ପାଇଁ । ଦେହରେ ତୋତାପକ୍ଷୀ ରଙ୍ଗର ଫୁଲ୍‌କାହାତ ଫ୍ରକ୍ । ସେ ଫ୍ରକ୍‌ର ଛାତିପାଖରେ ପୁଣି ଏମ୍ବ୍ରୟଡ଼ରୀ କରାହୋଇଥିଲା ଛ' କୋଣିଆ ମହୁ ଫେଣାର ଡିଜାଇନ୍ । ମୁହଁରେ ଭୁରୁ ଭୁରୁ ବାସ୍ନା ପାଉଡ଼ରର ଲେପ । କି ଚମତ୍କାର ମିଠାଳିଆ ବାସ୍ନା ଥିଲା ସେ ପାଉଡ଼ରର ! ଠିକ୍ ମଲ୍ଲି ଫୁଲ ପରି । କେଉଁ ବାହାନାରେ ହେଲେ ବି ମୁଁ ତା ପାଖରେ ଟିକିଏ ଠିଆ ହୋଇ ସେ ବାସ୍ନାର ଘ୍ରାଣ ନେଉଥିଲି ।

ଝୁନୁର ଏମ୍ବ୍ରୟଡ଼ରୀ କରାହୋଇଥିବା ଜାମାଟି ସମ୍ପର୍କରେ ମୋର କୌଣସି ଉତ୍ସୁକତା, ଲୋଭ ବା ଆକର୍ଷଣ ନଥିଲା । କାରଣ ମୁଁ ଭଲକି ଜାଣି ଥିଲି ମୋ ବୋଉକୁ ହନିକମ୍ବ ଡିଜାଇନ କରି ଆସେନି । କିନ୍ତୁ ଘରକୁ ନିୟମିତ ଆସୁଥିବା କ୍ୟୁଟିକୁରା ପାଉଡ଼ର ବଦଳରେ ଯେ ବାସ୍ନା ପାଉଡ଼ର ଟିଣଟିଏ କାହିଁକି ବୋଉ କିଣି ପାରୁ ନଥିଲା ମୁଁ ବୁଝିପାରୁନଥିଲି । ପଇସା ତ ଖର୍ଚ୍ଚ ହେଉଥିଲା ପ୍ରାୟ ଏକା । ମୂଳକଥା ବୋଉର କେଜାଣି କେମିତି ମନରେଗୋଟେ ଧାରଣା ହୋଇଯାଇଥିଲା ଯେ କ୍ୟୁଟିକୁରା ପାଉଡ଼ରଟି ଇ ତ୍ୱକ୍ ପାଇଁ ଉପକାରୀ । ଅନ୍ୟ ସବୁ ପାଉଡ଼ର ତା' ତୁଳନାରେ ବେକାର । ଝୁନୁକୁ ମାଗି ତା' ପାଉଡ଼ର ଟିକିଏ ଲଗାଇବାକୁ ଅନେକ ଥର ଲୋଭ ହେଉ ଥିଲା ସତ, କିନ୍ତୁ ସେତେବେଳେ ବି ଆତ୍ମସମ୍ମାନ ବୋଧ ଥିଲା ପ୍ରବଳ । ତେଣୁ ତା' ସହିତ କେବେ ହେଲେ ଏ ସଂପର୍କରେ କଥାବାର୍ତ୍ତା କରିବାକୁ ଉଚିତ୍ ମଣୁନଥିଲି ।

କିନ୍ତୁ ଇଶ୍ୱରଙ୍କ କୃପାରୁ କିଛି ଦିନପରେ ଏଭଳି ଏକ ଘଟଣା ଘଟିଲା ଯାହାକି ପାଉଡ଼ର ସମ୍ପର୍କୀୟ ମୋର ସମସ୍ୟାଟିକୁ ଅନେକାଂଶରେ ସମାଧାନ କରିଦେଇଥିଲା ।

ସେତେବେଳେ ଆମେ ନୂଆ ନୂଆ ପାଠ ପଢୁଥିଲୁ ଓ ଲେଖାପଢ଼ା କରୁଥିଲୁ ସ୍ଲେଟ୍ ଓ ଚକ୍‌ଖଡ଼ିରେ । ବାପା ଦୋକାନରୁ ଆଣି ଦେଉଥିଲେ ଧଳାରଙ୍ଗର ଚକ୍ । କିନ୍ତୁ କେଜାଣି କାହିଁକି ଦିନେ ବାପା ବଜାରରୁ ଫେରିଲାବେଳକୁ ତାଙ୍କ ହାତରେ ଥିଲା ଧଳାବଦଳରେ ରଙ୍ଗିନ୍ ଚକ୍‌ମାନ- ହଳଦିଆ, ଗୋଲାପି ଓ ସବୁଜ । କିଣି ଆଣି ଥିଲେ ମୋ ପାଇଁ । ତା' ଆଗରୁ ମୁଁ ରଙ୍ଗିନ୍ ଚକ୍‌ଖଡ଼ି ଦେଖିନଥିଲି । ହାତ ଦେଇ ବାସ୍ତୋର ଛୁଇଁ ଲାଗିଲି ଖଡ଼ିତକ । ଫୁଲ ପାଖୁଡ଼ା ପରି କି ଚମତ୍କାର ରଙ୍ଗ ! ସିଲଟରେ ଲେଖିଲେ ଅକ୍ଷରତକ ବି ଦିଶୁଥିଲା ରଙ୍ଗୀନ୍ ।

ସେଦିନ ଚାରିଟା ବେଳେ, ଝୁନୁ ଆମ ଘରକୁ ଯେତେବେଳେ ଖେଳିବା ପାଇଁ ଆସିଲା ଚକ୍ ତକ ଖୁସି ମନରେ ଓ ବେଶ୍ ଗର୍ବର ସହ ଦେଖାଇଲି ତାକୁ । ଝୁନୁର ମୁହଁଟି ବିଷନ୍ନ ଦିଶିଲା । କାରଣ ତା'ର ରଙ୍ଗୀନ୍ ଚକ୍ ଖଡ଼ି ନଥିଲା । ଅନେକ ସମୟ ଧରି ଲୋଭନୀୟ ଦୃଷ୍ଟି

Digitized by srujanika@gmail.com

ଢ଼ାଳି ହାତ ପାପୁଲିରେ ଚକ୍‌ତକ ଓଲଟପାଲଟ କରି ଶେଷ ପର୍ଯ୍ୟନ୍ତ ଆତ୍ମସମ୍ବରଣ କରିନପାରି ବେଶ୍ ସଙ୍କୋଚର ସହିତ ମୋତେ କହିଲା, ''ମୋତେ ଏଥିରୁ ଖଣ୍ଡିଏ ରଙ୍ଗୀନ ଚକ୍ ଦେବୁ ?''

ମୁଁ ଥିଲି ଠିକ୍ ଏଇ ସୁବର୍ଣ୍ଣ ସୁଯୋଗ ଅପେକ୍ଷାରେ ।

- ଖଣ୍ଡେ କାହିଁକି ? ଦିଖଣ୍ଡ ନେଇ ଯା । ଗୋଟେ ଗୋଲାପି ଆଉ ଗୋଟେ ହଳଦିଆ । ମୁଁ ଜବାବ୍ ଦେଲି । ''କିନ୍ତୁ ତା 'ବଦଳରେ ତତେ ଗୋଟିଏ ଜିନିଷ ଦେବାକୁ ପଡ଼ିବ'' ।

କି ଜିନିଷ ମାଗୁଛି ବୁଝିନପାରି ଅବାକ୍ ଦୃଷ୍ଟିରେ ଝୁନୁ ଚାହିଁଲା ମୋତେ ।

-ତୁ ଯେଉଁ ବାସ୍ନା ପାଉଡ଼ର ମୁହଁରେ ଲଗାଉ, ସେଇଥିରୁ ଟିକିଏ । ଚକ୍ ବଦଳରେ ।

ଏତେ ଶସ୍ତା ଓ ସହଜ ଉପାୟରେ ରଙ୍ଗୀନ୍ ଚକ୍ ଦୁଇଟି ମିଳିଯିବ ବୁଝି ପାରି, କାଳ ବିଳମ୍ବ ନକରି ଝୁନୁ ଦୌଡ଼ିଲା ତାଙ୍କ ଘରକୁ, ଫେରି ବି ଆସିଲା ଅଳ୍ପ ସମୟ ଭିତରେ, ହାତରେ ମୋଡ଼ିମାଡ଼ି ହୋଇଥିବା ସାନ କାଗଜ ପୁଡ଼ିଆର ବାସ୍ନା ପାଉଡ଼ର ଟିକିଏ ଧରି ।

ଚକ୍ ଦୁଇ ଖଣ୍ଡି ସାଙ୍ଗେ ସାଙ୍ଗେ ଦେଇ ଦେଲି ତାକୁ ।

ଅନ୍ୟଠୁ ପାଉଡ଼ର ମାଗିକି ଆଣିଛି ବୋଲି ଜାଣିଲେ ବୋଉ ରାଗିବାର ଏବଂ ମାଡ଼ ଦେବାର ଭୟ ଥିଲା । ତେଣୁ ଡରରେ ଉପର ମହଲାର ମଝିଘରେ ଜମା ହୋଇଥିବା ପୁରୁଣା କାଗଜ ପତ୍ରର ଆବର୍ଜନା ଭିତରେ ପାଉଡ଼ର ପୁଡ଼ିଆଟି ଲୁଚାଇ ରଖିଦେଇଥିଲି । ଦିନ ଭିତରେ ଏକାଧିକଥର, ନିରୋଳା ସମୟ ପାଇଲେ, କାଗଜ ପୁଡ଼ିଆଟି ଖୋଲି ପାଉଡ଼ର ତକ ଶୁଙ୍ଘି ଦେଉଥିଲି ଆଖିବୁଜି । ସରିଯିବ ବୋଲି ଲୋଭରେ ଲଗାଇ ବି ପାରୁନଥିଲି ମୁହଁରେ । ଏଇମିତି ଶୁଙ୍ଘୁ ଶୁଙ୍ଘୁ କିଛି ଦିନପରେ ପୁଡ଼ିଆଟି କୁଆଡ଼େ ହଜିଗଲା । ମୋର ଅବଶ୍ୟ ସେଥିପାଇଁ ଆଦୌ ଅନୁଶୋଚନା ହୋଇନଥିଲା । କାରଣ ପାଉଡ଼ରର ସବୁତକ ମନମତାଣିଆ ଗନ୍ଧ ସେତେବେଳକୁ ମୁଁ ଘ୍ରାଣ କରି ନେଇସାରିଥିଲି । କାଗଜ ପୁଡ଼ିଆରେ ପଡ଼ିଥିଲା ମାତ୍ର ଦୁଇ ଚାମଚ ହେବ ସଫେଦ୍ ରଙ୍ଗର ଗୁଣ୍ଡ ।

ପୁନଶ୍ଚ - ଏକ କାହାଣୀର ସମାପ୍ତି, ଠିକ୍ ଏଇଠି, ଏଇ ବାକ୍ୟରେ ଇ ହେବାର ଉଚିତ ଥିଲା । କିନ୍ତୁ ଜୀବନରେ ଯାହା କିଛି ଯେତେବେଳେ ହେବା ଉଚିତ ତାହା କଅଣ ସବୁ ବେଳେ ହୁଏ ? ବରଂ ଅନେକ ସମୟରେ ଯାହା ହେବା ଅନୁଚିତ ତାହା ହିଁ ହୋଇଯାଏ । ଭୁଲ୍ ଭାଲ୍ ହୋଇଯାଏ ସବୁ କିଛି ହିସାବ କିତାବ ।

ଦୁଃଖଦ ହେଲେ ସୁଦ୍ଧା, ଏ କାହାଣୀର ପରିସମାପ୍ତି ତେଣୁ ଅନ୍ୟ ଗୋଟିଏ ବାକ୍ୟ- ଝୁନୁ ଏବେ ମୃତ ଏବଂ ମୋର ଶୈଶବ ଓ କିଶୋରର ଅନେକ ସୁଗନ୍ଧିତ ମୁହୂର୍ତ୍ତର ଭାଗୀଦାର, ମୋର ସେଇ ପ୍ରିୟ ବନ୍ଧୁଟି ପାଇଁ, ଇଏ ମୋର ଏକ ଅଶ୍ରୁଳ ସ୍ମୃତିଚାରଣ-ରେ ସାରିବାକୁ ବାଧ ହେଉଛି ।

●●●

Digitized by srujanika@gmail.com

# ସଂସାର

ମାର୍କଣ୍ଡ ଥିଲା ଘୋର ସଂସାରୀ - ସଂସାରର ମୋହରେ ଢ଼ୁବୁବୁଢ଼ୁ । ଜାତିରେ ହରିଜନ । ଆମ ଘର ପାଖରେ ବସ୍ତି । ଭାରିଯା ଫୁଲକୁ ଦଣ୍ଡେ ନଦେଖିଲେ ତହକ ବିକଳ ହେଉଥିଲା ।

ବିକଳ ହେବାର କାରଣ ଅବଶ୍ୟ ଥିଲା । କିଶୋରୀବଧୂ ଫୁଲ ଥିଲା ଫୁଟନ୍ତା ଫୁଲପରି ତୋରା । ଚନ୍ଦନ ପେଡ଼ାପରି ଗୋଲ ମୁହଁ । ବାଁପଟ ନାକପୁଡ଼ାରେ ସୁନା ଡ଼ିମ୍ଭଟିଏ । ସ୍ୱାସ୍ଥ୍ୟ ଉପୁଚି ପଡୁଥିଲା ଦେହରୁ ।

ଆମେ ସ୍କୁଲରେ ପାଠ ପଢ଼ିଲା ବେଳେ ମାର୍କଣ୍ଡ ଥିଲା ଶକ୍ତ ସମର୍ଥ ଯୁବକ । ଚେପ୍‌ଟା ନାକ ଓ ଚଉଖୁଣ୍ଟିଆ ମୁହଁ । ପିଲାବେଳେ କେବେ ମା'ଠାକୁରାଣୀ ବିଜେ ହୋଇଥିଲେ । ଚିହ୍ନ ଛାଡ଼ି ଯାଇଥିଲେ ମୁହଁସାରା । ଆମରି ଆଗରେ ଘୋଡ଼ାଗାଡ଼ି ଚଢ଼ି ବ୍ୟାଣ୍ଡପାର୍ଟି ବଜାଇ ବାହାହେଲା ମାର୍କଣ୍ଡ । ସେତେବେଳେ କଟକରେ ଘୋଡ଼ାଗାଡ଼ି ଓ ହାତଟଣା ରିକ୍ସାର ପ୍ରଚଳନ ଥିଲା । ବାହାଘର ପରଦିନ ହରିଜନ ବସ୍ତିରେ ବଳି ପଡ଼ିଥିଲେ ଘୁଷୁରି ଶାବକ ଯୋଡ଼ିଏ । ଧୂମ୍ ଭୋଜିଭାତ ।

ବସ୍ତିଟି ଥିଲା ତାଳଦଣ୍ଡା କେନାଲ୍ କୂଳେ, ଆମେ ବଜାର ଯିବା ରାସ୍ତାରେ । ବୋଉ ସାଥିରେ ରାଣୀହାଟ ଗଲାବେଳେ କେବେ କେମିତି ଭେଟ ହୁଏ ମାର୍କଣ୍ଡ ଓ ଫୁଲ ସାଥିରେ । ଭୂଇଁରେ ମୁଣ୍ଡ ଲଗାଇ ଦିହେଁ ଜୁହାର କରନ୍ତି ବୋଉକୁ । ବୋଉ ଭଲମନ୍ଦ ପଚାରେ ।

କେଇ ମାସ ପରେ ବୋଉଠୁ ଶୁଣିଲି ଫୁଲ ଗର୍ଭବତୀ । ମାର୍କଣ୍ଡ ସାଥିରେ କଜିଆ କରି ବାପ ଘରକୁ ପଳାଇଛି । ବିରହରେ ମାର୍କଣ୍ଡର ଅବସ୍ଥା ସଙ୍ଗୀନ୍ । ବାପଘରେ ଥିଲା ବେଳେ ଇ ଝିଅଟିଏ ହେଲା ଫୁଲର । ଝିଅକୁ ଦେଖିବାକୁ ମାର୍କଣ୍ଡ କୁଆଡ଼େ ହସ୍‌ପିଟାଲ ଯାଇଥିଲା - ହାତରେ ଆପ୍‌ଲ ଓ ଅଙ୍ଗୁରର ଠୁଙ୍ଗାଟିଏ ଧରି । କହିବା ବାହୁଲ୍ୟ ଫଳତକ ଝିଅ ପାଇଁ ନୁହେଁ, ଥିଲା ଝିଅ ମା' ପାଇଁ ଉଦ୍ଦିଷ୍ଟ । ଫୁଲ ଥିଲା ମହାଛଟକୀ । ମାର୍କଣ୍ଡକୁ ଦେଖି ମୁହଁ ବୁଲାଇ କଡ଼ ମୋଡ଼ି ଶୋଇଥିଲା । କିନ୍ତୁ ନାଲ୍ ଟହ ଟହ ଆପ୍‌ଲ ଓ ରସ ଟୁଲ୍ ଟୁଲ୍ ଅଙ୍ଗୁର ସେ ଅଭିମାନକୁ ବେଶୀକ୍ଷଣ ସ୍ଥାୟୀ ହେବାକୁ ଦେଇନଥିଲା । ଝିଅକୁ ଅନାଡ଼ି ହାତରେ ଧରି ଗେଲକଲା ମାର୍କଣ୍ଡ । କଜିଆ ମିଟ୍‌ମାଟ୍ ହୋଇଗଲା । ଡାକ୍ତରଖାନାରୁ ଝିଅକୁ ନେଇ ଫୁଲ ଫେରି ଆସିଲା ମାର୍କଣ୍ଡ ପାଖକୁ ।

ଝିଅ ଥିଲା ମାର୍କଣ୍ଡର ଜୀବନ । ଶିବରାତ୍ରି ଦିନ ଘରପାଖ ସର୍ବେଶ୍ୱର ମନ୍ଦିରକୁ ବୋଉ ଓ ମୁଁ ଦର୍ଶନ ପାଇଁ ଯାଉଛୁ, ଦେଖିଲୁ ଘର ଆଗରେ ବସି ମଞ୍ଜ କଦଳୀ ପତ୍ର ଖଣ୍ଡିକ ଉପରେ

Digitized by srujanika@gmail.com

ଘିଅ ଦୀପଟିଏ ରଖି ଜାଗର ଜାଳୁଛନ୍ତି ମାର୍କଣ୍ଡ ଓ ଫୁଲ । ଗେହ୍ଲା ଝିଅ ପାଇଁ ମାନସିକ ଥିଲା - ଦୀପ ଜଳିବ ସାରାରାତି । ସାନ ଛୁଆଟି ମାର୍କଣ୍ଡ କୋଳରେ ବସି ଢୁଳୁ ଢୁଳୁ କରି ଦୀପକୁ ଚାହିଁରହିଥିଲା । ଈଷତ୍ ହରିଦ୍ରାଭ ଦୀପାଲୋକରେ ଝଲମଲ କରୁଥିଲା ମାର୍କଣ୍ଡର ମୁହଁ- ଆନନ୍ଦ ଓ ପ୍ରାପ୍ତିର ଜୁଆରରେ ତଥା ସଂସାର ପ୍ରତି କୃତଜ୍ଞତାରେ ।

ଏ ପର୍ଯ୍ୟନ୍ତ ଲେଖିଥିବା ଏ କାହାଣୀ ମୋ ପିଲାଦିନର । ଅନେକ ଦିନ ଉତାରୁ ଦିଲ୍ଲୀରୁ ଫେରିବା ପରେ ଥରେ ଯାଇଥିଲି ଘରକୁ । ବେଶ୍ କେଇ ବର୍ଷ ଆସି ପାରି ନଥିଲି । ଦେଖିଲି ଅନେକ ପରିବର୍ତ୍ତନ ହେଇଛି ଆମ କଲୋନୀର । ସବୁଠୁ ଆଶ୍ଚର୍ଯ୍ୟ କଥା ଠିକ୍ ଆମ ଘର ଆଗ ସାମ୍ନା ମୁଖ୍ୟରାସ୍ତା କଡ଼ରେ, ଯେଉଁଠି ବରଓସ୍ତ ଗଛ ଯୋଡ଼ିକ ଛନ୍ଦାଛନ୍ଦି ହୋଇ ଛତ୍ରଛାୟା ମେଲିଛନ୍ତି, ସାନ ଚୂନ ଧଉଳା ଦେବ ମନ୍ଦିରଟିଏ । ମନ୍ଦିର ଚାରିପଟେ ଅପ୍ରଶସ୍ତ ବେଢ଼ା - ତାରବାଡ଼ ଦେଇ ଘେରା । ସାମ୍ନାରେ କେନାଲ କୂଳକୁ ଲାଗି ବଉଳ, କନିଅର ଓ ଟଗର ଗଛର ବୁଦା । ପଥଚାରୀ କିଏ ଜଣେ ଦିଅଁଙ୍କୁ ଜୁହାର କରି ସାମ୍ନାରେ ରଖା ହୋଇଥିବା ପିତଳ ଥାଳିକୁ ଦକ୍ଷିଣା ଫିଙ୍ଗିଲେ । କଦଳୀ ଫେଣାଟିଏ ଠାକୁରଙ୍କ ଆଗରେ ରଖି ପ୍ରଣିପାତ କଲା ଆଉଜଣେ କିଏ । ମନ୍ଦିର ସାମ୍ନାରେ ଧ୍ୟାନରତ ଗେରୁଆ ବସ୍ତ୍ର ପରିହିତ ସନ୍ନ୍ୟାସୀ ଜଣେ । ପୃଥୁଳକାୟ ଚେହେରା, ଗଳାରେ ରୁଦ୍ରାକ୍ଷର ମାଳ, ଗହଳ ଶ୍ମଶ୍ରୁ ଲମ୍ବି ରହିଛି ନାଭି ପର୍ଯ୍ୟନ୍ତ । ଘରେ ପଶି ବୋଉକୁ ପଚାରିଲି, ''ବୋଉ ! ଏ ମନ୍ଦିର କେବଠୁଁ ହେଲା ? ସେ ବାବାଜୀ ଜଣକ ବା କିଏ ?''

-ଚିହ୍ନି ପାରିଲୁନି ? ସିଏ ପରା ମାର୍କଣ୍ଡ ।

-ମାର୍କଣ୍ଡ ? ଫୁଲର ସ୍ୱାମୀ ? ସେଇ ଯିଏ ଜାଗର ଜାଳୁଥିଲା ଝିଅପାଇଁ ? ସିଏ ତ ସଂସାରର ମାୟାରେ ଉବୁଟୁବୁ ହେଉଥିଲା ଏଇ ସେଦିନ ପର୍ଯ୍ୟନ୍ତ ।

- ହଁ, ହଁ ସେଇ ମାର୍କଣ୍ଡ । ଗଲା କେଇବର୍ଷ ହେଲା ସଂସାରତ୍ୟାଗୀ ହୋଇଯାଇଛି ସିଏ । ଚାନ୍ଦା ଉଠାଇ ମନ୍ଦିର ତିଆରି କରିଛି । ପୁରୋହିତ ଖଞ୍ଜିଛି ପୂଜା ପାଇଁ । ନିଜେ ନିରାମିଷାଷୀ । ପିଆଜ ରସୁଣ ବି ଛୁଏନି । ବକ୍ତେ ଅରୁଆ ଖାଏ ଆଉ ସେଇଠି ବସି ଜପତପ କରୁଥାଏ । ବୋଉ ଜବାବ୍ ଦେଲା । ମନେ ମନେ ଭାବିଲି- ସଂସାର ! ତମ ଲୀଳାଖେଳା ଏପର୍ଯ୍ୟନ୍ତ ବି ରହିଗଲା ମୋ' ପାଇଁ ଅବୁଝା ହୋଇ ।

●●●

Digitized by srujanika@gmail.com

# ଗୋଟିଏ ସତ୍ୟନିଷ୍ଠ ଚରିତ୍ର

ଏ କଥାଟି ଶୁଣିବା ପାଇଁ ମିଛ ବୋଲି ପ୍ରତୀତ ହୋଇପାରେ -କିନ୍ତୁ ଏହା ନିରାଟ ସତ ଯେ ମୋ ବାପା ମିଛ କହିପାରନ୍ତିନି, ସତକଥା କହନ୍ତି ଏବଂ ତାହା କହନ୍ତି ସତତ, ସର୍ବପ୍ରକାର ପରିସ୍ଥିତିରେ । ଏଭଳି ସତ୍ୟବାଦୀ ଓ ସତ୍ୟନିଷ୍ଠ ମଣିଷଟିଏ ମୁଁ ଖୁବ୍ କମ୍ ଦେଖିଛି । ବେଳେବେଳେ ଅବଶ୍ୟ ସତ୍ୟପ୍ରତି ଥିବା ତାଙ୍କର ସୁତୀବ୍ର ନିଷ୍ଠା ସାଧାରଣ ଲୋକମାନଙ୍କର ବୋଧଗମ୍ୟ ହୁଏନି । କଦବା କେମିତି ତାଙ୍କର ସତ୍ୟବାଦିତା ଅନ୍ୟମାନଙ୍କୁ ହାସ୍ୟାସ୍ପଦ ମନେ ହୁଏ ମଧ । କିନ୍ତୁ ସତ୍ୟ ଓ ନ୍ୟାୟ ଉପରେ ବାପାଙ୍କୁ କେବେହେଲେ ଜୀବନରେ ସାଲିସ୍ କରିବାର ଦେଖିନି । ଯାହା ଉଚିତ୍ ଓ ସଙ୍ଗତ ବୋଲି ଭାବିଛନ୍ତି, କରିଛନ୍ତି । ଅପର ପକ୍ଷରେ, ଅନ୍ୟ କୌଣସି ବ୍ୟକ୍ତିର ଚ୍ରିତ୍ର ବା କାର୍ଯ୍ୟକଳାପ ସମ୍ପର୍କରେ ମତାମତ ବ୍ୟକ୍ତ କରିବା, ଅନୁଚିତ ବୋଲି ମଣିଛନ୍ତି ମଧ ।

ବୋଉଠାରୁ ଶୁଣା କଥା : -ବୋଉ ନୂଆ କରି ସଂସାର ଆରମ୍ଭ କଲା ସମୟରେ, ବାପାଙ୍କ ଭଉଣୀ ଶ୍ରଦ୍ଧାମଣିଙ୍କର ସାନପୁଅଟି ଆସି କିଛି ଦିନ ମାମୁଁ ଘରେ ସହରରେ ରହି ପାଠ ପଢୁଥିଲା । ନିରୀହ ଗ୍ରାମ୍ୟ କିଶୋରଟିଏ । ପୂଜାରୀ ବାଈା ମାମୁଁର ହାତଧରି ଯାଇଥିଲା ଦଶହରା ମେଲଣ ଦେଖି । ଗହଳି ଭିତରେ, ରାସ୍ତାକଡ଼ରେ ବସିଥିବା ଫେରିବାଲାଠାରୁ ଗୋଟାପାର୍ଚ୍ଚାର ସାନ ପାନିଆଟିଏ ଉଠାଇ ନେଇ ଆସିଥିଲା ଦାମ୍ ନ ଦେଇ । କାର୍ଯ୍ୟଟି ନିଶ୍ଚିତ ଭାବରେ ଗର୍ହିତ ଥିଲା ଯଦିଓ ଅବୋଧ ବାଳକଟି ତାହା ହୃଦୟଙ୍ଗମ କରିପାରିନଥିଲା । ଭୁଲ୍‌ଟି ଧରାପଡ଼ିଥିଲା ଘରକୁ ଆସିଲାପରେ ଓ ତା' ପରଦିନ ସକାଳେ ସାରା ବଜାର ଏ ମୁଣ୍ଡରୁ ସେ ମୁଣ୍ଡ, ପାନିଆଟି ହାତରେ ଧରି, ବାପା ସେ ଫେରିବାଲାଟିକୁ ଖୋଜି ବୁଲିଥିଲେ - ପଇସା ଦେବା ପାଇଁ । ଦୋକାନୀମାନଙ୍କୁ ଯୁବକ ଅଧ୍ୟାପକଟିର ଏତାଦୃଶ କାର୍ଯ୍ୟକଳାପ ସେତେବେଳେ ବେଶ୍ ହାସ୍ୟାସ୍ପଦ ଓ ମଜେଦାର୍ ମନେ ହୋଇଥିଲା ।

ଆମ କଲୋନୀ ତଥା ଆଖ ପାଖ ଇଲାକାରେ ବାପାଙ୍କର ସତ୍ୟନିଷ୍ଠ ସ୍ୱଭାବଟି ବେଶ୍ ରସାଳ ଭାବରେ ଖ୍ୟାତି ଲାଭ କରିଛି ଏବଂ ଏଥିପାଇଁ ଏକାଧିକ ମଜାର ଘଟଣା ବି ଘଟିଛି । ତନ୍ମଧ୍ୟରୁ ଗୋଟିଏ ଘଟଣା ଏଇଭଳି ।

ଥରେ ବାପା ବଜାର ଯାଇଥିଲେ -କାମରେ । ତେଜରାତି ଦୋକାନରୁ ହର୍ଲିକ୍ସ ବୋତଲଟିଏ କିଣି ଗଲେ ବହି ଦୋକାନ । ଦୁଇଟି ବହି କଣି ଘରମୁହାଁ ହେଲେ ଏବଂ ବୋତଲଟି ଛାଡ଼ି ଆସିଲେ ବହି ଦୋକାନର କାଉଣ୍ଟର ପଟା ଉପରେ । ଅଧାରାସ୍ତାରେ ହାତରେ ହର୍ଲିକ୍ସ ବୋତଲ ନଦେଖି ଭାବିଲେ ଦୋକାନୀ ହୁଏତ ଉଚିତ୍ ଦାମ୍ ନେଇ ସୁଦ୍ଧା ଭୁଲ୍‌ବଶତଃ ତାଙ୍କୁ ବୋତଲଟି ଦେବାକୁ ଭୁଲିଯାଇଛନ୍ତି । ଫେରି ଚାଲିଲେ ଦୋକାନଦାର ପାଖକୁ । ଅନ୍ୟ

Digitized by srujanika@gmail.com

କୌଣସି ଖରିଦ୍‌ଦାର ହୋଇଥିଲେ ହୁଏତ ଦୋକାନୀ ଅବିଶ୍ୱାସ କରିଥାଆନ୍ତେ । କିନ୍ତୁ ବାପାଙ୍କର କ୍ଷେତ୍ରରେ କୌଣସି କୁଣ୍ଠାବୋଧର ପ୍ରଶ୍ନ ଇ ନଥିଲା । କାରଣ ବାପାଙ୍କ ସତ୍ୟବାଦିତା ପାଇପଡ଼ିଶାରେ ଏକ ପ୍ରଚଳିତ କାହାଣୀର ରୂପ ନେଇଥିଲା । ଦୋକାନୀ ତେଣୁ ତତ୍‌କ୍ଷଣାତ୍ ଥାକରୁ ଅନ୍ୟ ଏକ ହର୍ଲିକ୍‌ସ ବୋତଲ କାଢ଼ି ବାପାଙ୍କୁ ଦେଇଦେଇଥିଲେ ।

ଯା' ଭିତରେ ବହି ଦୋକାନର ମାଲିକ କାଉଣ୍ଟର ପଟା ଉପରେ ହର୍ଲିକ୍ସ ବୋତଲଟି ଦେଖି ପରିଚାରକ ହାତରେ ତାହା ଆମ ଘରକୁ ପଠାଇଦେଲେ । ବାପା ଘରେ ପହଞ୍ଚି ଦେଖନ୍ତି ଭୁଲ୍ ତାଙ୍କର । ସାଙ୍ଗେ ସାଙ୍ଗେ ଚାଲିଲେ କ୍ଷମା ପ୍ରାର୍ଥନା ସହ ହର୍ଲିକସ୍ ବୋତଲଟି ଫେରାଇବା ପାଇଁ । ଅପେକ୍ଷା କରିବାକୁ ତର ସହିନଥିଲା ସକାଳ ପର୍ଯ୍ୟନ୍ତ ।

ବାପାଙ୍କର ଅଭୂତପୂର୍ବ ସତ୍ୟନିଷ୍ଠା ତାଙ୍କୁ କେବେ କେମିତି ବିପନ୍ନ କରିଛି ମଧ୍ୟ । କିନ୍ତୁ ଏହା ସତ୍ତ୍ୱେ ମୁହୂର୍ତ୍ତକ ପାଇଁ ବି ସେ ପଥଚ୍ୟୁତ ହୋଇନାହାନ୍ତି । ମୁଁ ସ୍କୁଲରେ ପଢୁଥିବା ସମୟରେ କୌଣସ ରାଜନୈତିକ ନେତା, ଏମ୍.ଏ. ପରୀକ୍ଷା ଦେଇଥିବା ତାଙ୍କର ଏକ ଆତ୍ମୀୟଙ୍କର ରୋଲ୍ ନମ୍ବର ବାପାଙ୍କୁ ଦେଇଥିଲେ । ସେତେବେଳେ ଆଜି ଭଳି କୋଡ଼୍ ନମ୍ବରର ଝାମେଲା ନଥିଲା । ରୋଲ ନମ୍ବରଟି ଦେବାର କାରଣ ଥିଲା ସ୍ପଷ୍ଟ । ବାପା ଗୋଟିଏ ପ୍ରଶ୍ନ ପତ୍ରର ପରୀକ୍ଷକ ଥିଲେ । ତାଙ୍କୁ ଚାକିରୀ ଜୀବନରେ ଆଶୁ ଫଳପ୍ରାପ୍ତିର ପ୍ରତିଶ୍ରୁତି ମଧ୍ୟ ମିଳିଥିଲା । କିନ୍ତୁ ବାପାଙ୍କର ସତ୍ୟନିଷ୍ଠା ବାଦ ସାଧିଲା । ବାପା କହିଥିଲେ, "ଆପଣ ନିଶ୍ଚିନ୍ତ ରୁହନ୍ତୁ । ପରୀକ୍ଷାର୍ଥୀଙ୍କର ଯାହା ପ୍ରାପ୍ୟ, ତା'ଠାରୁ ଗୋଟିଏ ନମ୍ବର ବି କମ୍ ହେବନି" ଏବଂ ହୋଇଥିଲା ମଧ୍ୟ ସେଇଆ । ଏବଂ ବାପା ଉକ୍ତ ମହାପୁରୁଷଙ୍କର ରୋଷ ଓ ଅସନ୍ତୋଷର ପାତ୍ର ହୋଇପଡିଥିଲେ। ଏହି ପ୍ରସଙ୍ଗରେ କହି ରଖେ ଯେ ପରୀକ୍ଷା ଖାତା ଦେଖିଲା ବେଳେ ବାପାଙ୍କୁ ଯେପରି ପୁଙ୍ଖାନୁପୁଙ୍ଖ ଭାବରେ ପ୍ରତିଟି ଖାତା ପଢ଼ିବାର ଦେଖିଛି, ଆଉ କେଉଁଠି କିଏ କରୁଥିବ ବୋଲି ମୋର ବିଶ୍ୱାସ ହୁଏନି । ସର୍ବଦା ତାଙ୍କର ଭୟ ଥିଲା - କାଳେ ତାଙ୍କର ଅସାବଧାନତା ବଶତଃ ପରୀକ୍ଷାର୍ଥୀ ପ୍ରତି ଅନ୍ୟାୟ ହୋଇଯିବ, କାଳେ ଭଗବାନଙ୍କ ଆଗରେ ସେ ଅସତ୍ ପ୍ରମାଣିତ ହୋଇଯିବେ । କଦବା କେମିତି ହଇରାଣ ହୋଇଥିଲେ ସୁଦ୍ଧା, ବାପାଙ୍କର ସତ୍ୟନିଷ୍ଠା କିନ୍ତୁ ଅନେକ ଥର ତାଙ୍କୁ ସାହାଯ୍ୟ କରିଛି ଏବଂ କରିଛି ବେଶ୍ ଅଯାଚିତ ଭାବରେ ।

ଥରକର କଥା :- ବାପା କୌଣସି କାର୍ଯ୍ୟବଶତଃ କଲିକତା ଯାଇଥିଲେ । ଫେରୁଥିଲେ ପୁରୀ ଏକ୍ସପ୍ରେସ୍‌ରେ । ହାବଡ଼ା ଷ୍ଟେସନର ଲୋକ ଗହଳି ଭିତରେ ବାପାଙ୍କର ପକେଟ୍‌ମାର ହୋଇଗଲା । ଏହା ଅବଶ୍ୟ ବାପାଙ୍କ ପାଇଁ କିଛି ନୂଆ କଥା ନଥିଲା । କାରଣ ସଦା ଅନ୍ୟମନସ୍କ ରହୁଥିବା ବାପାଙ୍କର ସଦାସର୍ବଦା ପକେଟମାର୍ ହୁଏ । ଏତେ ବେଶୀ ପରିମାଣରେ ହୁଏ ଯେ ଶେଷ ପର୍ଯ୍ୟନ୍ତ ମୋ ଭାଇ ମଜା କରି କହେ "ବାପା ଘରୁ ବାହାରିଲେ ତାଙ୍କ ପଛେ ପଛେ ଦୁଇଟି ପକେଟମାର୍ ମାର୍ଚ୍ଚ କରି ଚାଲନ୍ତି ।"

Digitized by srujanika@gmail.com

ଏଥରକ ବି ପକେଟମାର ହୋଇଥିଲା ସମ୍ପୂର୍ଣ୍ଣ ଭାବରେ ବାପାଙ୍କର ଅସାବଧାନତା ହେତୁ । ବସ୍ତୁତଃ ନିଜର ସରଳତାପୂର୍ଣ୍ଣ କାର୍ଯ୍ୟକଳାପରେ ପକେଟମାର ଦୁଇଟିକୁ ଏକ ପ୍ରକାର ନିମନ୍ତ୍ରଣ କରି ବସିଥିଲେ ସିଏ । ଷ୍ଟେସନ୍‌ରେ କୁଲିକୁ ପଇସା ଦେବା ସମୟରେ ପକେଟରୁ ପର୍ସଟି ବାହାର କରି ଓ ତହିଁରୁ ଥାକେ ନୋଟ୍ କାଢ଼ି ନିର୍ଦ୍ଧାରିତ ପରିମାଣ କୁଲିକୁ ଦେଇଥିଲେ ଓ ଟଙ୍କା ଭର୍ତ୍ତି ମୋଟା ପର୍ସଟି ଯତ୍ନହୀନ ଭାବରେ ବାହାରକୁ ଅଧା ବାହାରିଥିବା ଅବସ୍ଥାରେ କୋର୍ଟ୍‌ର ଛାତି ପକେଟ୍‌ରେ ରଖି ଥିଲେ । କମ୍ପାର୍ଟମେଣ୍ଟରେ ବାପା ଆସି ବସିସାରିଲା ପରେ ଦୁଇଟି ଅଜଣା ଲୋକ ଟ୍ରେନ୍‌ରେ ଯାତ୍ରୀ ରୂପରେ ପରିଚୟ ଦେଇ ଆସି ତାଙ୍କ ପାଖରେ ଆସନ ଗ୍ରହଣ କରିଥିଲେ ଓ ବନ୍ଦ ଥିବା କାଚ ଝର୍କାଟି ଖୋଲିବା ବାହାନାରେ ବାପାଙ୍କ ସାମ୍ନାରେ ଉହୁଙ୍କି ପଡ଼ିଥିଲେ । ସେଇ ସମୟରେ ବାପାଙ୍କ ଛାତି ପକେଟ୍‌ରୁ ପର୍ସଟି ହୋଇଥିଲା ଗାୟବ । ବାପାଙ୍କର ଭୁଲାମନ । ବୁଝି ପାରିନଥିଲେ ପର୍ସ ଚୋରିହୋଇ ଯାଇଛି ବୋଲି । ଗାଡ଼ି ଚାଲିବାପରେ ଆବିଷ୍କାର କରିଥିଲେ ଯେ ଲୋକ ଦୁଇଟି ନାହାନ୍ତି ଓ ପକେଟ୍‌ରୁ ଟିକେଟ ଓ ଟଙ୍କା ସହ ପଇସା ମୁଣିଟି ଅନ୍ତର୍ହିତ ହୋଇଛି ।

କର୍ତ୍ତବ୍ୟରତ ଟିକେଟ ଚେକରଙ୍କୁ ତାଙ୍କ ବିପତ୍ତିର କଥା ତତ୍‌କ୍ଷଣାତ୍ ଜଣାଇଥିଲେ । ଏକଥା ମଧ କହିଥିଲେ ଯେ ରେଲୱେ କର୍ମଚାରୀ ଟି ଯଦି ତାଙ୍କ କଥା ଅବିଶ୍ୱାସ କରୁଛନ୍ତି, ତେବେ ସରକାରୀ ନିୟମାନୁସାରେ ସେ ବିବେଚିତ ପଦକ୍ଷେପ ଗ୍ରହଣ କରିପାରନ୍ତି । ଟ୍ରେନ୍‌ର ରିଜର୍ଭେସନ ତାଲିକାରେ ଅବଶ୍ୟ ବାପାଙ୍କ ନାଁ ଥିଲା ।

ସୌଭାଗ୍ୟକ୍ରମେ, ଟ୍ରେନ୍‌ର ଟି.ଟି. ଆଇ ଜଣକ ଥିଲେ ଓଡ଼ିଆ ଓ ରେଭେନ୍ସା କଲେଜର ପ୍ରାକ୍ତନ ଛାତ୍ର । କଲେଜରେ ପାଠ ପଢ଼ିଲା ବେଳେ ବାପାଙ୍କୁ ଦେଖିଥିଲେ ଓ ବାପାଙ୍କର ତଥାକଥିତ ବଦ୍‌ନାମ -ଯେ ସେ ଜଣେ ନିରୀହ, ସତ୍ୟନିଷ୍ଠ ସାଧୁପୁରୁଷ - ସହିତ, ଭଲଭାବରେ ପରିଚିତ ଥିଲେ । ବାପା ଯେ ମିଛ କହିବେନି ଓ ଟିକେଟ୍ ନ କାଟି ଟ୍ରେନ୍‌ରେ ଚଢ଼ିବେନି, ଏ ଧ୍ରୁବ ସତ୍ୟଟି ଟି.ଟି.ଆଇ ମହାଶୟଙ୍କୁ ଜଣାଥିଲା । ବାପାଙ୍କୁ କଥାକୁ ବିଶ୍ୱାସ କରିଥିଲେ, ସଶ୍ରଦ୍ଧ ପ୍ରଣାମ କରି କପର୍ଦ୍ଦକଶୂନ୍ୟ ଅଭୁକ୍ତ ବାପାଙ୍କର ଭୋଜନର ବ୍ୟବସ୍ଥା କରିଥିଲେ ଓ ଗନ୍ତବ୍ୟସ୍ଥଳର ଟିକେଟ୍ ଚେକିଙ୍ଗ ଦ୍ୱାର ପର୍ଯ୍ୟନ୍ତ ଆସି ବାପାଙ୍କୁ ବାଟେଇ ଦେଇଥିଲେ ।

ଏଇ ପ୍ରସଙ୍ଗରେ ମନେ ପଡୁଛି ଜଣେ ବୟୋବୃଦ୍ଧ ପୁସ୍ତକ ବିକ୍ରେତାଙ୍କର କଥା । ବହୁତ ଦିନପରେ ତାଙ୍କର ନାତିଟିଏ ହୋଇଥିଲା । ଜାଣିଥିଲେ ବାପା କୌଣସି ଭୋଜିଭାତକୁ ଯାଆନ୍ତିନି । ଏକୋଇଶିଆ ଦିନ ସନ୍ଧ୍ୟାରେ ଅପ୍ରତ୍ୟାଶିତ ଭାବରେ ଆମ ଘରେ ଆସି ହାଜର ହୋଇଥିଲେ ସିଏ-ହାତରେ ଅର୍ଖ ନୂଆ ନାଲି ଗାମୁଛାଟିଏ ଧରି । ଉଦ୍ଦେଶ୍ୟ - ପୌତ୍ର ପାଇଁ ବାପାଙ୍କର ପଦଧୂଳି ଟିକିଏ ନେବା । ସାରା ସହର ଖୋଜି ଖୋଜି ତାଙ୍କୁ କୁଆଡ଼େ ଏତାଦୃଶ ଋଷିପ୍ରତିମ ସତ୍ୟନିଷ୍ଠ ମଣିଷଟିଏ ମିଳିନଥିଲେ ।

Digitized by srujanika@gmail.com

ବାପା କେବେ ଖାଲି ପାଦରେ ରହନ୍ତି ନି । ମୁଁ ଖୁବ୍ ସାନ ଥିଲାବେଳେ ବାପା କଠାଉ ପିନ୍ଧୁଥିଲେ । ବଜାରକୁ ହାଓ୍ୱାଇ ଚପଲ ଆସିଲାଦିନଠୁ ସେଇ ଚପଲ ପିନ୍ଧନ୍ତି । ପାଦ ଦୁଇଟି ଅସମ୍ଭବ ପରିଷ୍କାର । ବାପାଙ୍କ ଅଜସ୍ର ଆପତ୍ତି ସତ୍ତ୍ୱେ ବୃଦ୍ଧ ଭଦ୍ରବ୍ୟକ୍ତି ଜଣକ ବାପାଙ୍କର ପାଦ ଦୁଇଟି ଗାମୁଛାରେ ପୋଛି ଅମୂଲ୍ୟ ରତନ ପରି ଗାମୁଛାଟି ପୁଟୁଳି କରି ନେଇଯାଇଥିଲେ ନାତି ମୁଣ୍ଡରେ ଛୁଆଁଇ ଦେବା ପାଇଁ ।

ବାପା ଏମ.ଏ. ପାଶ୍ କଲା ପରେ ଲ' ପଢ଼ିଥିଲେ । କିନ୍ତୁ ଜୀବିକାରୂପେ ବରଣ କରିଥିଲେ ଅଧ୍ୟାପନାକୁ, ଓକିଲାତିକୁ ନୁହେଁ । ବୋଉ ବେଳେ ବେଳେ ସଂସାର ପ୍ରତି ଉଦାସୀନ ବାପାଙ୍କ ପ୍ରତି ଅସହିଷ୍ଣୁ ହୋଇ ପଡ଼ିଲେ ତାଙ୍କୁ ଗଞ୍ଜଣା ଦିଏ, ''ତମ ବାପା ତମକୁ ତୁଚ୍ଛାଟାରେ ଏତିକି ପଇସା ଖର୍ଚ୍ଚ କରି ପାଟ୍‌ନାରେ ପାଠ ପଢ଼େଇ ଥିଲେ । ଓକିଲ ହୋଇଥିଲେ ମାସକୁ ଦଶଟା ଟଙ୍କା ବି ରୋଜଗାର କରିନଥାନ୍ତ'' । ବୋଉର କଥାଟିରେ ଅତିଶୟୋକ୍ତିର ଛାପ ଥିଲେ ସୁଦ୍ଧା କିଞ୍ଚିତ୍ ପରିମାଣର ସତ୍ୟତା ମଧ୍ୟ ତହିଁରେ ଅଛି । ମିତଭାଷୀ, ବାକ୍ ପଟୁତା ବିହୀନ ବାପା, ଯାହାଙ୍କର ଧର୍ମ ହେଲା ସର୍ବଦା ସତ କଥା କହିବା ନିଶ୍ଚିତ ରୂପେ ଓକିଲ ହିସାବରେ ଯଥେଷ୍ଟ ସଫଳତା ଲାଭ କରି ପାରିନଥାନ୍ତେ ।

ଯାହାହେଉ, ଉପରୋକ୍ତ କଥାଟି ବାପାଙ୍କୁ ପ୍ରାୟତଃ ବୋଉ କହେ ଯେତେବେଳେ ସିଏ ତାଙ୍କ ଉପରେ ରାଗି ଯାଏ । କିନ୍ତୁ ମୋ ମୁଖରା ବୋଉର ନାଲି ପଡ଼ିଥିବା ରାଗ ତମ୍ ତମ୍ ମୁହଁରେ ମୁଁ ସେତେବେଳେ ଏକ ଅଭୂତପୂର୍ବ ଦୀପ୍ତିର ଚମକ୍ ଦେଖିବାକୁ ପାଇଥାଏ । ସେ ଚମକ୍ ଗୋଟିଏ ସତ୍ୟନିଷ୍ଠ ମଣିଷର ପତ୍ନୀ ହେବାର ଗୌରବର ଚମକ୍ । ସଭିଙ୍କୁ ତ ତାହା ମିଳେନି ଜୀବନରେ ।

●●●

Digitized by srujanika@gmail.com

# ଗୋଟିଏ ରାଣୀର ଜନ୍ମ

ଏ ପର୍ଯ୍ୟନ୍ତ ମୁଁ ଲେଖିଥିବା କାହାଣୀମାନଙ୍କ ଠାରୁ, ଏ କାହାଣୀଟି ଟିକିଏ ଭିନ୍ନ ଧରଣର । ପୂର୍ବର କାହାଣୀଗୁଡ଼ିକ ମୋର ଅଙ୍ଗେ ନିଭେଇଥିବା କଥା । ଏ କାହାଣୀଟି କିନ୍ତୁ ଶୁଣାକଥା । ଯେଉଁ ଶିଶୁଟିର ଜନ୍ମକାହାଣୀ ମୁଁ ବର୍ଣ୍ଣନା କରିବାକୁ ଯାଉଛି, ତା'ର ପିତାମାତାଙ୍କଠାରୁ ଶୁଣା ।

ଶିଶୁଟି ତାଙ୍କର ଜ୍ୟେଷ୍ଠ ସନ୍ତାନ । ପ୍ରତ୍ୟେକ ଜନନୀପାଇଁ ପ୍ରଥମ ସନ୍ତାନର ଜନ୍ମ ଏକ ଉତ୍ତେଜନାପ୍ରଦ ତଥା ଉଦ୍‌ବେଗମୟ ଘଟଣା । ପୁନଶ୍ଚ, ସନ୍ତାନଟିକୁ ଭୂମିଷ୍ଠ କରି ସାରିଲା ପରେ ନବଜାତକଟିକୁ କେତେ କଷ୍ଟ ସହି ସେ ଯେ ପୃଥିବୀକୁ ଆଣିଛନ୍ତି, ତାହା ପ୍ରତ୍ୟେକ ଜନନୀ ସାରା ଜୀବନ ଧରି ଦୋହରାଇବା ଏକ ସ୍ୱାଭାବିକ ମନସ୍ତାତ୍ତ୍ୱିକ ପ୍ରକ୍ରିୟା । ବସ୍ତୁତଃ, ଏଇ ଶିଶୁଟିର ଜନ୍ମ ଉପାଖ୍ୟାନ ମୁଁ ତା'ର ଜନନୀଙ୍କ ଠାରୁ ଏତେଥର ଏବଂ ଏଭଳି ନିଖୁଣ ବର୍ଣ୍ଣନାର ସହିତ ଶୁଣିଛି ଯେ ଆଖି ବନ୍ଦ କଲେ ତା'ର ପ୍ରତ୍ୟେକଟି ଦୃଶ୍ୟ ମୁଁ ବେଶ୍ ଟିକିନିଖି ଭାବରେ ମୋ ମନଶ୍ଚକ୍ଷୁରେ ଦେଖିପାରେ ।

ଧରିନିଆଯାଉ ଜନନୀଙ୍କର ନାଁ ରେଖା । ଶିଶୁଟିର ଜନ୍ମ ବେଳକୁ ରେଖା ବୟସରେ କିଶୋରୀ । ଘରେ କେବଳ ସ୍ୱାମୀ ଓ ପାଖରେ ରହି ସ୍କୁଲରେ ପାଠ ପଢୁଥିବା କୁନି ଭାଇଟି । ଶିଶୁଟି ପୃଥିବୀକୁ ଆସିଥିଲା ନିର୍ଦ୍ଧାରିତ ସମୟର ଅନେକ ପୂର୍ବରୁ । ତା'ର ଅଭ୍ୟର୍ଥନା ପାଇଁ ମାଙ୍ଗଳିକ ପ୍ରସ୍ତୁତି ପର୍ବ ଆରମ୍ଭ ହେବା ଆଗରୁ, ଅଚାନକ । ସାରାରାତି ଅନଭିଜ୍ଞା କିଶୋରୀ ରେଖା କାନ୍ଦୁଥିଲା ତୁହାଇ ତୁହାଇ ଏବଂ ତା' ସହିତ କାନ୍ଦୁଥିଲା ତା କୁନି ଭାଇଟି, ନାନୀର କ୍ଲେଶ ସହି ନପାରି । ଭାଇ ଭଉଣୀଙ୍କ ଲୁହ ମିଶି ଏକାକାର ହୋଇ ଯାଉଥିଲା ଘର ଭିତରେ ।

ଆଉ ରେଖାର ସୁପୁରୁଷ ଯୁବକ ସ୍ୱାମୀ, ନୂଆ ତିଆରି ହୋଇଥିବା ଦି ମହଲା କୋଠାଟିର ଲମ୍ବ ପିଣ୍ଡାରେ ବଡ଼ ବଡ଼ ପାହୁଣ୍ଡ ପକାଇ ଓ ନୀରବରେ କୃଷ୍ଣ ନାମ ଜପକରି ଏମୁଣ୍ଡରୁ ସେ ମୁଣ୍ଡକୁ ଯାଉଥିଲେ ଆଉ ଆସୁଥିଲେ । ପରାମର୍ଶ ଦେବା ପାଇଁ ବୟୋଜ୍ୟେଷ୍ଠ କେହି ନଥିଲେ ପାଖରେ । ରେଖା ଯେତେବେଳେ ଅତ୍ୟଧିକ ଯନ୍ତ୍ରଣାକାତର ହୋଇ ପଡ଼ିଲା କିଂକର୍ତ୍ତବ୍ୟବିମୂଢ଼ ସ୍ୱାମୀ ଯାଇ ପୂର୍ବରୁ ପଡ଼ୋଶୀଙ୍କ ଦ୍ୱାରା ନାମିତ କରାଯାଇଥିବା ଧାଈ କାମିନୀ ମା' କୁ ଡାକି ଆଣିଲେ । ସମୟ ଥିଲା ଦ୍ୱିତୀୟ ମହାଯୁଦ୍ଧ ବେଳର । କିରାସିନୀ କଣ୍ଟ୍ରୋଲ୍ । ଘରେ ଜଳୁଥିଲା ମିଞ୍ଜିମିଞ୍ଜି ହୋଇ ପିତଳର ସାନ ଦୀପଟିଏ । ସହରକୁ ବିଜୁଳିବତୀ ଆସିନଥିଲା ସେତେବେଳେ । ରାତି ତମାମ୍ ରେଖା ଛଟପଟ ହେଉଥିଲା ଘର ମଝିରେ । ଆଉ ପ୍ରୌଢ଼ା ଓ ଚାଞ୍ଚଲ୍ୟବିହୀନା କାମିନୀ ମା' ଘରକଣରେ ପଣତକାନି ବିଛାଇ ଆରାମରେ ନିଦ୍ରା ଯାଉଥିଲା - କେବଳ ମଝିରେ ମଝିରେ ତନ୍ଦ୍ରାଳୁ ଆଖିପତା ଖୋଲି 'ସମୟ ହୋଇନି' ବୋଲି ମନ୍ତବ୍ୟ କରି ।

Digitized by srujanika@gmail.com

ସମୟ ହେଉ ହେଉ ରାତ୍ରି ଗତ ହେଲା । ପୂର୍ବ ଦିଗରେ ଆକାଶୀ ମା' ଜଠରକୁ ରକ୍ତାକ୍ତ କରି ଉଦୟ ହେଲେ କିରଣ୍ମୟ ଶିଶୁ ସୂର୍ଯ୍ୟଦେବ ଏବଂ କନ୍ୟା ରତ୍ନଟି ମଧ ଭୂମିଷ୍ଠ ହେଲା ଠିକ୍ ସେତିକିବେଳେ । ପ୍ରକୋଷ୍ଠ ମଝିରେ ନାଲ୍ ସିମେଣ୍ଟରେ ଅଙ୍କା ପଦ୍ମଫୁଲ ମଝିରେ । ନାଲି ଟୁକୁଟୁକୁ ତା' ଦେହର ରଙ୍ଗ ସେ ପଦ୍ମର ରଙ୍ଗ ସହିତ ମିଶିଗଲା ଅବା । ସେଇ ଲାଲ ଟୁକ୍‌ଟୁକ୍ କନ୍ୟାଟିକୁ ଦେଖି ପିତାମାତାଙ୍କ ରୋମାଞ୍ଚ ହୋଇଥିଲା । କି ଅଭିନବ କଥା ! ଏଭଳି ଆଶ୍ଚର୍ଯ୍ୟଘଟଣା ସମ୍ଭବ ହୁଏ ଏ ପୃଥିବୀରେ ? କୋଳପୂର୍ଣ୍ଣ କରି ଏତେ ଆଶୀର୍ବାଦ ଅଜାଡ଼ି ଦିଅନ୍ତି ଭଗବାନ ? ଏଭଳି ଅପାର୍ଥିବ ଧନପ୍ରାପ୍ତି କେବଳ ଭାଗ୍ୟଶାଳୀକୁ ମିଳେ ସିନା !

ପିତାମାତାଙ୍କର ଏଇ ରୋମାଞ୍ଚ କିନ୍ତୁ ଥିଲା କ୍ଷଣସ୍ଥାୟୀ । କାରଣ ପ୍ରାରମ୍ଭିକ ଉଲ୍ଲାସର ଜୁଆର କ୍ରମଶଃ କମି ଯିବା ପରେ ଶିଶୁଟିକୁ ନିରେଖି ବିବ୍ରତ ହୋଇ ପଡ଼ିଥିଲେ ଦିହେଁ । ଶିଶୁଟି ଥିଲା ଦୁର୍ବଳ- ଅତ୍ୟନ୍ତ ଦୁର୍ବଳ । ଚାଖଣ୍ଡେ ମାତ୍ର ଛୁଆ । ନିର୍ଲୋମ ମସ୍ତକ, ଶରୀର ଓ ଚକ୍ଷୁପତା । ବିଧାତା ତୁଳୀକାର ଶେଷସ୍ପର୍ଶ ଦେବାପାଇଁ ସମୟ ପାଇ ନଥିଲେ । ତାଙ୍କର ଶେଷ ମୁହୂର୍ତ୍ତର କାମଗୁଡ଼ିକ ବାକି ରହି ଯାଇଥିଲା । ତହିଁରେ ପୁଣି ଶିଶୁଟି ଆହାର ନେବାରେ ଥିଲା ଅକ୍ଷମ ଏବଂ କ୍ରନ୍ଦନ କରୁଥିଲା ସାରା ସମୟ । ଦିନବେଳେ ମା' ଓ ରାତିରେ ପିତା, ପୁଟୁଳିଟିଏ କରି ଛାତିରେ ଜାକି ଧରୁଥିଲେ ତାକୁ । ମଣିଷ ଦେହର ତାତି ପାଇ ଶିଶୁଟି ଚୁପ୍ ହୋଇ ଯାଉଥିଲା । କିଛି ସମୟ ପାଇଁ ।

ଶେଷ ପର୍ଯ୍ୟନ୍ତ ଅଧୈର୍ଯ୍ୟ ପିତା ଯାଇ ଡାକି ଆଣିଥିଲେ ଜଣେ ଶୁଭଚିନ୍ତକ, ବୟୋଜ୍ୟେଷ୍ଠ ବନ୍ଧୁ ତଥା ସହକର୍ମୀଙ୍କୁ । ପିତାଙ୍କର ଦୁଇ ପ୍ରଶସ୍ତ ପାପୁଲି ଉପରେ ନାଲି ଟୁକ୍ ଟୁକ୍ ଭଜା ଚିଙ୍ଗୁଡ଼ି ପରି ମୋଡ଼ି ମାଡ଼ି ହୋଇ ଶୋଇ ରହିଥିବା ନବଜାତକଟିକୁ ଦେଖି ବନ୍ଧୁ ମତବ୍ୟକ୍ତ କଲେ - ''ଶୀଘ୍ର ଜନ୍ମହୋଇ ପଡ଼ିଲା ! ସାନଟିଏ ହୋଇଛି । ତେବେ ଦୁର୍ଭାବନାର କିଛି ନାହିଁ ।'' ଶିଶୁଟିର ପିତା ତେବେ ବି ପ୍ରବୋଧନା ପାଇଲେନି । ମୁହଁରେ ନୈରାଶ୍ୟର ଭଙ୍ଗୀ ଆଣି କହିଲେ -'' କିନ୍ତୁ ଏଡ଼େ କୁନିଟିଏ ।''

- ଜନ୍ମ ହେଲା ଛୁଆ ଆଉ କେଡ଼େ ବଡ଼ ହୁଅନ୍ତି ତମେ ଭାବିଥିଲ ? ହାତୀ ପରି ? ବନ୍ଧୁ ହସିଲେ । ପଚାରିଲେ 'ତମେ ଜନ୍ମ ହେବା ଶିଶୁ ଆଗରୁ କେବେ ଦେଖିନ ?'

ଲଜ୍ଜିତ ହସ ହସି କନ୍ୟାଟିର ପିତା ନାସ୍ତିବାଚକ ଠାଣୀରେ ମୁଣ୍ଡ ହଲାଇଲେ - ଏପଟକୁ ସେପଟ ।

ବନ୍ଧୁ ଜଣକ ହସିଲେ ସ୍ନେହ ଓ ପ୍ରଶ୍ରୟର ହସ । '' ସେଇଥିପାଇଁ ବ୍ୟସ୍ତ ହୋଇପଡୁଛ । ଇଏ ଅବଶ୍ୟ ଅନ୍ୟ ଶିଶୁଙ୍କ ତୁଳନାରେ ଦୁର୍ବଳିଆଟିଏ ହୋଇଛି । ତେବେ ଭୟର କିଛି ନାହିଁ ।'' ବନ୍ଧୁ ପିଠି ଥାପୁଡ଼ାଇ ବିଦାୟ ନେଲେ ଏବଂ କବାଟ ଉହାଡ଼ରେ ଉଦ୍‌ବିଗ୍ନ ଚିତ୍ତରେ ବାର୍ତ୍ତାଳାପ

Digitized by srujanika@gmail.com

ଶୁଣୁଥିବା ଅବଗୁଣ୍ଠନବତୀ କିଶୋରୀ ବଧୂଟିର ମୁହଁରେ ପ୍ରଥମଥର ପାଇଁ ଦେଖାଦେଲା ମୁରୁକି ହସ । ଗୁମୋଟ୍ ହୋଇ ରହିଥିବା ଘରର ଆବହାଓ୍ୱା ବଦଳିଗଲା । ଠିକ୍ ସମୟ ବୁଝି, ଶିଶୁଟି ନିଦରେ ଶୋଇ ଶୋଇ ଅଚାନକ୍ ହସିଦେଲା ସେତିକିବେଳେ, ଗାଲ ମଝିରେ ଥିବା ଚମତ୍କାର ଭଉଁରୀ ଯୋଡ଼ିକ ପୁଲକିତ ପିତାମାତାଙ୍କ ଆଗରେ ପ୍ରଦର୍ଶନ କରି ।

କେଇ ଦିନପରେ, ଜଣେ ପଡ଼ୋଶୀଙ୍କ ପତ୍ନୀ ଆସିଲେ ଶିଶୁଟିକୁ ଦେଖିବାକୁ । କନ୍ୟାମାତା ରେଖାଙ୍କ କାନରେ ଚୁପ୍‌ଚାପ୍ କହିଗଲେ-ବୁଝିଲୁ ! ଆଠମାସିଆ ପିଲା ସହଜରେ ବଞ୍ଚନ୍ତିନି । ଆଉ ଯଦି ବଞ୍ଚନ୍ତି, ବଡ଼ ହୋଇ ଭାରି ଭାଗ୍ୟଶାଳୀ ହୁଅନ୍ତି । ପୁଅ ହୋଇଥିଲେ ରଜା ହୋଇ ଥାଆନ୍ତା, ଝିଅଟିଏ ତ ! ରାଣୀ ହେବ ଦେଖିବୁ । କହିବା ବାହୁଲ୍ୟ ଯେ ଭଦ୍ର ମହିଳା 'ରାଣୀ' ଶବ୍ଦଟି ପ୍ରତୀକାତ୍ମକ ଭାବରେ ଇ ବ୍ୟବହାର କରିଥିଲେ । କାରଣ ସିଏ କଥାଟି କହିବାର ବହୁ ପୂର୍ବରୁ ରାଜାରାଣୀଙ୍କ ଯୁଗର ଅବସାନ ଘଟିଥିଲା । ତାଙ୍କ କହିବାର ଅର୍ଥ ଥିଲା ଶିଶୁକନ୍ୟାଟିର ଭବିଷ୍ୟତ ବେଶ୍ ଉଜ୍ଜ୍ୱଳମୟ ଓ ଗୌରବାବହ ହେବ । ଏବଂ ତାଙ୍କର ଏଇ କଥା ଛଳରେ କହିଥିବା ମନ୍ତବ୍ୟଟି କନ୍ୟାଟିର କିଶୋରୀ ମାତାଙ୍କର ସରଳ ମନରେ ଏକ ପ୍ରକାର ଦୃଢ଼ୀଭୂତ ହୋଇ ରହିଗଲା । ସେଇଦିନଠୁ ତାଙ୍କର ବଦ୍ଧମୂଳ ଧାରଣା ହୋଇଗଲା ଯେ କନ୍ୟାଟି ତାଙ୍କର ବଡ଼ ହୋଇ ନିଶ୍ଚିତ ରୂପେ ନାଁ କମେଇବ, ଯଶୋମତୀ ହେବ ।

ଆଜିକାଲି ମୁଁ ଶ୍ରୀମତୀ ସୁରେଖା ଦେବୀ ଉର୍ଫ ମୋ ବୋଉକୁ ଅନେକ ଥର ପରିହାସ କରି କହେ, ଯେଉଁ ତ ଗୋଟେ ଝିଅ ଜନ୍ମ କରିଦେଲୁ ! କଅଣ ନା ରାଣୀ ହେବ । କେଉଁଥିରେ ଅସାଧାରଣ ହେଲି ମୁଁ ? କାଣୀ କଉଡ଼ିଟାକର ବି ମୂଲ୍ୟ ନାହିଁ ।

ବୋଉ ରାଗିଯାଏ -ତକ୍ ତକ୍ ଗୋରା ମୁହଁ ରୋଷରେ ନାଲି ପଡ଼ିଯାଏ ତା'ର ଏବଂ ମୋ' ପରିହାସର ଉତ୍ତର ସ୍ୱରୂପ ତା'ଠାରୁ ମୋତେ ଗୋଟିଏ ପନ୍ଦର ମିନିଟିଆ ଦୀର୍ଘ ଭାଷଣ ଶୁଣିବାକୁ ପଡ଼େ । ସେ ଭାଷଣର ସାରମର୍ମ ହେଲା - ତା' ଝିଅ କୁଆଡ଼େ ଅସମ୍ଭବ ପ୍ରତିଭାର ଅଧିକାରିଣୀ ଥିଲା । ସେ ପ୍ରତିଭା ପ୍ରସ୍ଫୁଟିତ ହୋଇ ପାରିଲାନି ସୁବିଧା ସୁଯୋଗ ଅଭାବରେ । ହୁଏତ ପରିବେଶଇ ହେଲାନି ଅନୁକୂଳ । ହୁଏତ ଝିଅଟି ନିଜେଇ ପ୍ରୟାସ କଲାନି ତା' ଗୁଣାବଳୀକୁ ବିକଶିତ କରିବା ପାଇଁ । ଫଳସ୍ୱରୂପ ବଣମଲ୍ଲି ପରି ତା' ଝିଅ ଛପି ରହିଲା ସଭିଙ୍କ ଦୃଶ୍ୟପଟର ଉହାଡରେ । ତା' ସୁଗନ୍ଧ ବିଚ୍ଛୁରିତ ହୋଇ ପାରିଲାନି ଜନସମାଜରେ ।

ବୋଉ କଥାଟି ଶୁଣିଲେ, ମୋ'ର ବହୁ ଦିନ ଆଗରୁ ପଢ଼ିଥିବା ପେଚାମାଆର କାହାଣୀଟି ମନେ ପଡ଼ିଯାଏ । କାହାଣୀଟି ଏହିପରି ।

ପେଚା ଶାବକଟି ଅଣ୍ଡାରୁ ଫୁଟି ବାହାରିବା ପରେ ଜଙ୍ଗଲର ପଶୁପକ୍ଷୀମାନେ କୁଆଡ଼େ ତାକୁ ଉପହାସ କରିଥିଲେ - ତା'ର କୁଶ୍ରୀ ଚେହେରା ଯୋଗୁଁ । ବ୍ୟଥିତ ପେଚା ମା'

Digitized by srujanika@gmail.com

ଯାଇ ଭଗବାନ୍ ବିଷ୍ଣୁଙ୍କ ସାମ୍ନାରେ ଫରିୟାଦ୍ କରିଥିଲା - ପ୍ରଭୁ ! ଏଇ ମନୋହର ପୃଥିବୀରେ ମୋ' ଛୁଆଟିକୁ ଏଭଳି କାହିଁକି କଲ ? କାହିଁକି ଦେଲ କୌତୁକ ଓ ପରିହାସର ପାତ୍ର ହେଲାପରି କୁରୂପ ଶରୀର ?

ବିଷ୍ଣୁ ହସିଥିଲେ । ପେଚାଜନନୀକୁ କହିଥିଲେ ସାରା ବିଶ୍ୱ ଭ୍ରମଣ କରି ସମସ୍ତ ପଶୁ ପକ୍ଷୀ ତଥା ମାନବସମାଜକୁ ନିରୀକ୍ଷଣ କରିବାକୁ । କଥା ଦେଇଥିଲେ, ଯେଉଁ ମୁହଁଟି ପେଚା ଜନନୀକୁ ସର୍ବୋତ୍ତମ ମନେ ହେବ, ବିଷ୍ଣୁ ଠିକ୍ ସେଇଭଳି ମୁହଁଟିଏ ଅଚିରେ ଖଞ୍ଜି ଦେବେ ପେଚା ଶାବକ ଦେହରେ ।

ପେଚା ଜନନୀ ଅବିଶ୍ରାନ୍ତ ଡେଣା ଝପଟାଇ ଦୀର୍ଘ ସାତଦିନ ଧରି ସାରା ପୃଥିବୀ ପରିଭ୍ରମଣ କରିବାକୁ ଲାଗିଲେ । ତନ୍ନ ତନ୍ନ କରି ନିରୀକ୍ଷଣ କରି ଲାଗିଲେ ସଭିଙ୍କର ମୁଖଶ୍ରୀ- ମୟୂରଠାରୁ ତିମିଙ୍ଗଳ ପର୍ଯ୍ୟନ୍ତ ଏବଂ ସିଂହଠାରୁ ସିନ୍ଧୁଘୋଟକ ପର୍ଯ୍ୟନ୍ତ । କିନ୍ତୁ କାହାରି ମୁହଁ ତାଙ୍କୁ ସ୍ୱ ସୁପୁତ୍ରର ମୁହଁପରି ରୁଚିର ଦିଶିନଥିଲା । ଶେଷ ପର୍ଯ୍ୟନ୍ତ ଫେରିଯାଇ ନତମସ୍ତକରେ ବିଷ୍ଣୁଙ୍କୁ କହିଥିଲେ- ପ୍ରଭୁ ! କ୍ଷମାକର । ମୋ ସନ୍ତାନପରି ଆଉ ଜଣେ ବି କାହାକୁ ଦେଖିଲିନି । ମୋ' ସନ୍ତାନଇ ସର୍ବୋତ୍ତମ, ମୋ ସନ୍ତାନଇ ସୁଲକ୍ଷଣ ।

ଏ କାହାଣୀଟି ଏଠାରେ ଉଦ୍ଧାର କରିବାର ଅର୍ଥ ହେଉଛି- ପ୍ରତ୍ୟେକ ଜନନୀପାଇଁ, ତାଙ୍କ ସନ୍ତାନଟି ହେଉଛି ସୁଶୋଭନ, ସର୍ବଶ୍ରେଷ୍ଠ ଓ ଅତୁଳନୀୟ । ତେଣୁ ମୋ' ବୋଉ ମଧ ଉପରୋକ୍ତ ନିୟମ ଅନୁଯାୟୀ ମୋର ସାଧାରଣତ୍ୱ ଭିତରେ ଯେ ଅସାଧାରଣ କିଛି ଆବିଷ୍କାର କରିବ ଏବଂ ମୋ'ର ସୀମିତ ବୁଦ୍ଧିମତ୍ତାରେ ଯେ ଅସୀମତାର ଇଙ୍ଗିତ ପାଇବ, ଏହା ଧରାବନ୍ଧା କଥା । କିନ୍ତୁ ତା' ବୋଲି ତା'ର ବିଶ୍ୱାସଟି ଯେ ସତ, ଏହା ଭାବିବାରେ କୌଣସି ଯୌକ୍ତିକତା ନାହିଁ । ପ୍ରକୃତରେ କହିବାକୁ ଗଲେ, ପୃଥିବୀର କୋଟି କୋଟି ମଣିଷଙ୍କ ଭିତରେ ମୁଁ ଯେ ନିହାତି ମାମୁଲି ଓ ନିହାତି ନଗଣ୍ୟ ମଣିଷଟିଏ, ତାହା ମୁଁ ଜାଣେ ।

କିନ୍ତୁ ଏ କଥାଟି ମୁଁ ଏଠାରେ ଲେଖି ପାରୁଥିଲେ ସୁଦ୍ଧା ମୋ ବୋଉ ସାମ୍ନାରେ କହିପାରେନି । କାରଣ ମୋ ବୋଉ ମୁଣ୍ଡରେ ଯେଉଁ ଧାରଣାଟି ଥରେ ପଶେ, ତାହା ସେଠାରେ ଚେରମୂଳ ବିସ୍ତାର କରି ଏଭଳି ଜବରଦସ୍ତ ଆସ୍ଥାନ ଜମେଇନିଏ ଯେ ତାକୁ ଉତ୍ପାଟନ କରିବା ଅନ୍ତତଃ ମୋ' ପରି ଜଣେ ଅର୍ବାଚୀନା ପକ୍ଷରେ ସମ୍ଭବ ନୁହେଁ ।

●●●

Digitized by srujanika@gmail.com

# ବର, ବଧୂ ଓ ବୈଦେହୀଶ ବିଳାସ

ବର ବେଶରେ ବାପା ଆଉ ବଧୂ ବେଶରେ ବୋଉ । ଦୁଇ ଜଣଙ୍କର ବିବାହିତ ଜୀବନର ପ୍ରଥମ କଥୋପକଥନ ଆରମ୍ଭ ହୋଇଥିଲା 'ବୈଦେହୀଶ ବିଳାସର' ଗୋଟିଏ ଛାନ୍ଦକୁ ନେଇ । ରାଜକୁମାର ଉପେନ୍ଦ୍ର, ରାମ ସୀତାଙ୍କ କାହାଣୀ ବର୍ଣ୍ଣନା କଲାବେଳେ ଏତାଦୃଶ ଗୋଟିଏ ଘଟଣା କେବେ ହେଲେ କଳ୍ପନା କରି ପାରିନଥିବେ ।

ଉଣିଶ ଶହ ସଇଁତ୍ରିଶ ମସିହା । ଆଜିଠୁ ଏକଷଠି ବର୍ଷ ଆଗର କଥା । ଭାବୀ ସ୍ୱାମୀ ସ୍ତ୍ରୀ ବିଭାଘର ଆଗରୁ ପରସ୍ପରକୁ ଦେଖିବାର ରୀତି ପ୍ରଚଳିତ ନଥିଲା । ବୋହୂ ପସନ୍ଦ କରିଥିଲେ ଜେଜେବାପା । ଯୁବକ ପୁତ୍ର, ହାତରେ ଅଷାଡୁଆ ସୂତା ବାନ୍ଧି, ବେଦୀରେ ଯାଇ ବସିଥିଲେ ପିତୃ ଆଜ୍ଞାମାନି । ବାହାଘର ସରିଯିବା ଠିକ୍ ପରେ ପରେ ଅବଶ୍ୟ ଆଜ୍ଞାଧୀନ ପୁତ୍ର ପତ୍ନୀଙ୍କୁ ଥରଟିଏ ଦେଖିବାକୁ ଚାହିଁ ଥିଲେ । କି ଭଳି ଜୀବନ ସାଥିଟିଏ ପିତା ତାଙ୍କ ପାଇଁ ମନୋନୀତ କଲେ ହୁଏତ ଜାଣିବା ପାଇଁ ଆଗ୍ରହ ହୋଇଥିଲା । ସେତେବେଳର ସମାଜରେ କିନ୍ତୁ ଏହା ଥିଲା ଏକ ଆଚମ୍ବିତ ଘଟଣା । ନିୟମ ଥିଲା ବାହାଘର ପରେ ପୁଅ ଫେରିଯାଏ ତା' ଘରକୁ । ଝିଅ ପ୍ରାପ୍ତ ବୟସ୍କା ହେଲାପରେ ପୁଆଣି ହୋଇ ଶାଶୁ ଘରକୁ ଯାଏ । ବରକନ୍ୟାଙ୍କର ପହିଲି ଭେଟ ସେଇଠି ।

ନିଜ ମନର ଗୋପନ ଇଚ୍ଛାଟି, ବାପାଙ୍କ ସାମ୍ନାରେ ସେପର୍ଯ୍ୟନ୍ତ ମୁଣ୍ଡ ଉଞ୍ଚାକରି ଠିଆ ହୋଇନଥିବା ପୁତ୍ର, ପିତାଙ୍କୁ ସିଧାସଳଖ କହି ପାରିନଥିଲେ । କହିଥିଲେ ସାଥିରେ ଆସିଥିବା ପୁରୋହିତେ ଗଣିପଣ୍ଡିତଙ୍କୁ । ଉଦାରମନା ପିତା ଏ ସମ୍ପର୍କରେ ଅବଗତ ହୋଇ ପୁତ୍ରର ସପକ୍ଷରେ ମତଦାନ କରିଥିଲେ । ବୁଝିଥିଲେ ଅଗ୍ନିକୁ ସାକ୍ଷୀରଖି ଆପଣାର କରିଥିବା ପତ୍ନୀଙ୍କୁ ପୁଆଣି ଘର ପୂର୍ବରୁ ଦୂରରୁ ଅନ୍ତତଃ ଥରଟିଏ ଦେଖିବା ପାଇଁ ସ୍ୱାମୀର ଅଧିକାର ଅଛି ।

ଚୌକିଟିଏ ଝଡ଼ାପୋଛା ହୋଇ ପଡ଼ିଥିଲା ଜୋଇଁଙ୍କ ପାଇଁ । ଲାଜକୁଳୀ କିଶୋରୀ ଝିଅଟି ବଧୂବେଶରେ ସଙ୍କୁଚିତ ହୋଇ ବସିଥିଲା ସାମ୍ନାରେ- ମୁରବୀମାନଙ୍କ ଗହଣରେ । ମୁଣ୍ଡରେ ରୂପାପାନିଆ ଲଗା ଫେସନ୍ ଖୋଷା, ପାଦରେ ରୁଣୁଝୁଣୁ ମଲ ଓ ପାଉଁଜି, ଦେହରେ କୁମ୍ଭ ଧଡ଼ିଆ ନାଲି ବରହମପୁରି ପାଟ । ନାହିଁ ନଥିବା ଏଭଳି ଏକ ଘଟଣାରେ ଗାଁରେ ହାଲ ହୁଳି ପଡ଼ିଥିଲା - ସାରା ଗ୍ରାମବାସୀ ରୁଣ୍ଡ ହୋଇଥିଲେ ଘରେ । ଭିଡ଼ ହେଇଥିଲା ଯାତ୍ରାର ଆସର ପରି ।

ବାପା ପଚାରିଥିଲେ ବୋଉକୁ, ସ୍ୱଭାବସିଦ୍ଧ ଧୀର ଓ ଅନୁଚ୍ଚ ସ୍ୱରରେ ''କଅଣ ସବୁ ବହି ପଢ଼ିଚ ?'' ବହି ପାଗଳା ସ୍ୱାମୀଟିର ବହି ବ୍ୟତୀତ ଅନ୍ୟ କିଛି କଥା ମନକୁ ଆସିନଥିଲା ।

Digitized by srujanika@gmail.com

ଅଜାଙ୍କଠାରୁ ବାରମ୍ବାର ''କହ ମା', କହ'' ତାଗିଦା ଶୁଣି ବୋଉ କହିଥିଲା ''କପଟପାଶା, ନାବକେଳି, ମଥୁରାମଙ୍ଗଳ, ବୈଦେହୀଶ ବିଳାସ ...

ଉପେନ୍ଦ୍ରଙ୍କ କାବ୍ୟ ପାଖରେଇ ଅଟକାଇ ଦେଲେ ବାପା ବୋଉକୁ ।

''ବୈଦେହୀଶ ବିଳାସର କୌଣସି ଛାନ୍ଦ ମନେ ଅଛି ? କହି ପାରିବ ?''

ବୋଉ କିଛି କହିବା ଆଗରୁ ଅଜାଇ ବ୍ୟଗ୍ରଭାବରେ ଆଗତୁରା ଜବାବ ଦେଇଦେଲେ ''ହଁ ହଁ, ମନେ ନଥିବ କାହିଁକି ? ଝିଅ ମୋର ବେଶ୍ ସୁର କରି ବୈଦେହୀଶ ବିଳାସର ଛାନ୍ଦ ସବୁ ଗାଏ । ଗାଇକି ଶୁଣେଇ ଦବ ।''

କିଶୋର ବୟସରେ ସବୁ ପିଲେ ଗୀତ ଗାଆନ୍ତି । ଏବେ ଚତୁର୍ଦ୍ଦିଗରେ ହିନ୍ଦୀ ସିନେମାର କ୍ୟାସେଟ ବାଜୁଛି । ସାନ ଛୁଆମାନେ ଗାଉଛନ୍ତି । ''ଦିଲ୍ ତୋ ପାଗଲ୍ ହୈ ।'' ସେତେବେଳେ ଟି.ଭି କି ରେଡ଼ିଓ ନଥିଲା । ଘରେ ଘରେ ବୋଲା ହେଉଥିଲା ଭାଗବତ, ରାମାୟଣ । ଜାନୁ ଘଣ୍ଟିଆ ଗାଁ ଦାଣ୍ଡରେ 'ଟୀକା ଗୋବିନ୍ଦ ଚନ୍ଦ୍ର' ଗାଇ ଗାଇ ଭିକ୍ଷା ଯାଚନା କରୁଥିଲେ । ଦଣ୍ଡ ନାଚରେ କେଳା କେଳୁଣୀ, ଚଢ଼େୟା ଚଢ଼ଉଣୀ ଗାଉଥିଲେ ଲୋକଗୀତ । ସମୟ ସମୟରେ ଛାମୁଣ୍ଡିଆ ବନ୍ଧା ହୋଇ ହେଉଥିଲା ବାଦୀ ପାଲା , ଦାସକାଠିଆ ଓ ରାମଲୀଳା । ମୋହନ ସୁନ୍ଦର ଦେବ ଗୋସ୍ୱାମୀଙ୍କର ରାସ ଦଳ ଗାଁ ଗାଁ ବୁଲି ଯାତ୍ରା କରୁଥିଲେ । ଏ ସବୁଗୀତ ଗ୍ରାମ୍ୟ କିଶୋରୀମାନଙ୍କ ସହିତ ମିଶି ବୋଉ ବି ଗାଉଥିଲା । କଣ୍ଠଟି କୁଆଡ଼େ ଥିଲା ବୀଣାଜିଣା ।

ଅଜାଙ୍କର ବାରମ୍ବାର ପ୍ରରୋଚନାରେ ବୋଉ କୁଆଡ଼େ ଲାଜ ଲାଜ କରି ଗାଇଥିଲା ବୈଦେହୀଶ ବିଳାସର ଛାନ୍ଦଟିଏ- ଚୋଖି ସୁରରେ- ବିତଳକୁ ଆଲିଙ୍ଗନ କରି ଜାହ୍ନବୀ ଶୋଭନ ହରେ ସୁରବର ତାର ଚାରୁ ଧାରା ସେ । ବାପା ଶୁଣିଥିଲେ ମନ ଦେଇ । ପତ୍ନୀ ସାକ୍ଷରା ଓ ବୈଦେହୀଶ ବିଳାସ ପଢ଼ିଛନ୍ତି ଜାଣି ଖୁସି ବି ହୋଇଥିଲେ ।

ବାହା ହେଲା ବେଳେ ବାପା ଥିଲେ ଉଚ୍ଚ ଶିକ୍ଷିତ । ବୋଉ ଥିଲା ଗାଁ ଝିଅ । ସେତେବେଳେ ଗାଁ ଝିଅମାନଙ୍କର ଉଚ୍ଚ ଶିକ୍ଷା ପାଇବାର ଚଳଣି ନଥିଲା । ଝିଅ ଜନମ ଥିଲା ଚୁଲୀ ମୁଣ୍ଡକୁ ।

ବୋଉ କିନ୍ତୁ ଚାଟଶାଳୀକୁ ଯାଇ ଓଡ଼ିଆ ଲେଖା ପଢ଼ା ଭଲ ଭାବରେ ଶିଖିଥିଲା । ମାମୁଁ ଓ ବୋଉଥିଲେ ତଳ ଉପର ଭାଇ ଭଉଣୀ । ଦିହେଁ ନିଇତି ସକାଳୁ ବହି ବସ୍ତାନିଧରି କାନ୍ଧରେ ହାତ ପକାପକି ହୋଇ ଚାହାଳୀ ଯାଉଥିଲେ ଅବଧାନଙ୍କ ପାଖରେ ପାଠ ବଢ଼ିବା ପାଇଁ । ମାମୁଁ ଥିଲେ ଭାରି ବଗୁଲିଆ । ହେଲେ ବୋଉର ପାଠରେ ମନଥିଲା । ହାତଲେଖା ଅକ୍ଷରଗୁଡ଼ିକ

Digitized by srujanika@gmail.com

ଥିଲା ଚମତ୍କାର । ଏବେ ବି ବାପାଙ୍କର ବ୍ୟାଙ୍କ୍ କାଗଜରେ କଦବା କେମିତି ଦରକାର ପଡ଼ିଲେ ନାକ ଅଗରେ ଚଶମାଟି ଥୋଇ ନିଜ ନାଁଟି ଦସ୍ତଖତ୍ କରେ । ମୁକ୍ତାପରି ହସ୍ତାକ୍ଷର । ବାପା କହନ୍ତି ''ତରତର ହୁଅନା ।,ଧୀରେ ଧୀରେ ଲେଖ, ଅକ୍ଷର ଆହୁରି ଭଲ ହବ'' ।

ବାପା ଚାକିରି କରୁଥିଲେ ଶିକ୍ଷା ବିଭାଗରେ । ଲେଖକ ଓ ପ୍ରକାଶକମାନେ ତେଣୁ ସେମାନଙ୍କ ନବ ପ୍ରକାଶିତ ବହିର ଗୋଟିଏ ଲେଖାଏଁ କପି ପ୍ରାୟ ବାପାଙ୍କ ପାଖକୁ ପଠାଇ ଦେଉଥିଲେ ଶୁଭେଚ୍ଛା ସହ । ଘରଭର୍ତ୍ତି ବହି । ପିଲା ଦିନେ ଦେଖିଛି ବୋଉର ନିଶାଥିଲା ବହିପଢ଼ିବା । ଏବେ ବି ପଢ଼େ- ଆଖିକୁ ଭଲକି ଦିଶୁନଥିଲେ ମଧ୍ୟ । ବୋଉର ପ୍ରିୟ ଲେଖକମାନଙ୍କ ଭିତରୁ କାହ୍ନୁଚରଣ, ଗୋପୀନାଥ ଓ ବସନ୍ତ କୁମାରୀ ଅନ୍ୟତମ । 'ହା ଅନ୍ନ' ଓ 'ଅମଡ଼ାବାଟ' ବହି ଦୁଇଟି ପ୍ରାୟ ବୋଉର ମୁଖସ୍ଥ । ସୁରେନ୍ଦ୍ର ମହାନ୍ତିଙ୍କ ରଚିତ 'ନୀଳଶୈଳ' ବହଟି ବି ଭାରି ପ୍ରିୟ ତା'ର । ବହିସବୁ ପଢ଼ିବ ଆଉ କେଉଁଠି ଦୁଃଖୀ ଚରିତ୍ରଟିଏ ପାଇଲେ କହିବ ''ଏ ଚରିତ୍ରଟି ଠିକ୍ ମୋ ଭଳିଆ'' । ତା' କଥାଶୁଣି ଆମେ ପଞ୍ଚାକଯାକ ଖିଲ୍ ଖିଲ୍ ହୋଇ ହସୁ ।

ବୋଉ ବାପାଙ୍କ ପାଖକୁ ଆସିବା ପରେ ବୋଉକୁ ଘରେ ଆସି ଇଂରାଜୀ ଶିକ୍ଷା ଦେବା ପାଇଁ ବାପା ଜଣେ ଆଙ୍ଗ୍ଲୋଇଣ୍ଡିଆନ୍ ମହିଳାଙ୍କୁ ନିଯୁକ୍ତ କରିଥିଲେ । ମୁଁ ସାନଟିଏ ଥିଲା ବେଳେ ବୋଉର ଇଂରାଜୀ ହସ୍ତାକ୍ଷର ଖାତାଟିଏ ବହି ଆଲମାରୀ କନ୍ଦିରୁ ପାଇ ଖୋଲି ଦେଖିଥିଲି । ଚାରିଟିକିଆ ଗାର ପକା ଖାତାରେ ପରିଷ୍କାର ଗୋଟି ଗୋଟି ଅକ୍ଷରରେ ହସ୍ତାକ୍ଷର ଲେଖା । ମୁଁ ଜନ୍ମ ହୋଇସାରିବା ପରେ କିନ୍ତୁ ବୋଉ ଆଉ ପଢ଼ିବାକୁ ମଙ୍ଗିଲାନି । ସନ୍ତାନଟିଏ ପାଇ ବୋଧ ହୁଏ ତା' ଜୀବନ ପରିପୂର୍ଣ୍ଣ ହୋଇଗଲା ।

ମୋ ହାସ୍ୟ ରସିକ ଭାଇ ବେଳେ ବେଳେ ବୋଉକୁ ଚିଡ଼ାଏ । ''ବୋଉ ଲୋ, ନାନୀ ଜନ୍ମପରେ ମେମ୍‌ସାହେବ ତତେ ପଢ଼େଇବାକୁ ଆସିଲାରୁ ତୁ କେମିତି ତାକୁ ବାଡ଼ି ଧରି ଗୋଡ଼େଇଲୁ !'' ବୋଉ ହସି ଦିଏ । କହେ ''ଆରେ ନାଇଁ ମ ! ମୋ ଝିଅ ଆଠମାସରେ ଜନ୍ମ ହୋଇପଡ଼ିଲା । ଚୁଙ୍ଗୁଡ଼ିପରି ଛୁଆଟିଏ । କେତେ ଦୁଃଖରେ ସିଏ ମଣିଷ । ତାକୁ ଦେଖିଥାଆନ୍ତି ନା ପାଠ ପଢ଼ିଥାଆନ୍ତି ?''

ବୋଉ ଏକଥାଟି କହି ମୁଁ ପାଖରେ ବସିଥିଲେ ମତେ ଟିକିଏ ଆଉଁଷିଦିଏ । ସତେ ଅବା ସୁଗନ୍ଧିତ ଚନ୍ଦନର ପ୍ରଲେପ ବୋଳି ହୋଇଯାଏ ମୋ ଦେହସାରା ।

●●●

Digitized by srujanika@gmail.com

# ପ୍ରଥମ କବିତାର କାହାଣୀ

ଜ୍ୟେଷ୍ଠ ମାସର ଗୁଳୁ ଗୁଳି ଭିତରେ, ଚାଳ ଛପର ନୁଆଁ ଣିଆ ଆଟୁଘରର ଅନ୍ଧାରୁଆ କଣରେ ବସି ଲେଖି ଥିଲି ଜୀବନର ପ୍ରଥମ କବିତା- ବୟସ ଥିଲା ଏଗାର ।

ଗାଁକୁ ଯାଇଥିଲୁ ସାନ ଭାଇର ବ୍ରତଘର ପାଇଁ । ସେତେବେଳେ ବାହାଘର ଓ ବ୍ରତଘରରେ ପଦ୍ୟ ଲେଖିବାର ଚଳଣି ଥିଲା । ବ୍ରତ ଘର ଆଗଦିନ ଗେରୁଲିପା ମାଟି କାନ୍ଥରେ ଝୋଟି ଲେଖୁ ଲେଖୁ ବୋଉ କହିଲା ''ଆହା ! ଗୀତଟିଏ ଲେଖିଥିଲେ ହୋଇଥାଆନ୍ତା । ହଇଲୋ ମା ! ତୁ ଗୀତଟିଏ ଲେଖିପାରିନଥାନ୍ତୁ ''।

ଗୀତଟିଏ ଲେଖିପାରିଥାଆନ୍ତି ? ମୁଁ ? ପ୍ରଥମଥର ପାଇଁ ମନ ଭିତରେ ଚକା ଚକା ଭଉଁରୀ ଖେଳିଲା କଥାଟି । ମଇଳା କାଗଜ ଫର୍ଦ୍ଦେ ଓ କାଠ ପେନ୍‌ସିଲଟିଏ ଧରି ବସିଥିଲି ସିନ୍ଧୁକ ଘରେ । ଆଉ ମୋତେ ପରମାଶ୍ଚର୍ଯ୍ୟ କରି ଗୀତଟିଏ ଲେଖା ହୋଇଯାଇଥିଲା ଅଳ୍ପ ସମୟ ଭିତରେ ।

ଦୌଡ଼ିକି ଯାଇ ବାପାଙ୍କୁ ଦେଖାଇଥିଲି । ଗୋଟିଏ ଦୁଇଟି ଜାଗାରେ ଉପଧା ମିଳନ ହୋଇନଥିଲା । ରାଧାନାଥ ଓ ମେହେର ଭକ୍ତ ବାପା, ଶିଖାଇ ଦେଲେ ଉପଧାର ଯତିପାତ । ବାପାଙ୍କର କବିତା ସମ୍ପର୍କୀୟ ପ୍ରଥମ ଶିକ୍ଷା ଏବେ ବି ଘୋଳି ହୋଇ ରହିଯାଇଛି ପ୍ରତିଟି ରକ୍ତ କଣିକାରେ । ଛନ୍ଦୋବଦ୍ଧ କବିତାଟିଏ ଲେଖିଲେ ଆପେ ଆପେ ଉପଧା ମିଳନ ହୋଇଯାଏ । ଅସୁବିଧା ହୁଏନି ।

ଏଇ ଥିଲା ମୋର ପ୍ରଥମ କବିତା ଲେଖାର ଶୁଭାରମ୍ଭ । କଟକ ଫେରି ଆସି କବିତା ଖାତାଟିଏ ତିଆରି କରି ବଡ଼ ବଡ଼ ଅକ୍ଷରରେ ତା' ଉପରେ ଲେଖିଥିଲି 'କାନନିକା' । ଫୁଲ, ମହୁମାଛି, ବସନ୍ତ, ବର୍ଷା, ମେଘ -ପ୍ରକୃତିର କୌଣସି ବିଭାବ ଆଉ ବାକି ରହିଲେନି । ସଭିଙ୍କ ଉପରେ ଲେଖା ହୋଇଗଲା କୁନି କୁନି ପିଲାଳିଆ କବିତା । ପ୍ରଥମ ପ୍ରକାଶିତ କବିତାର ଶୀର୍ଷକ ଥିଲା 'ଶିକ୍ଷା' । ଛପା ହୋଇଥିଲା ପ୍ରଜାତନ୍ତ୍ରର 'ମୀନାବଜାର'ରେ, ବାର ବର୍ଷ ବୟସରେ ।

ଜୀବନରେ ଅନେକ କବିତା ଛପା ହୋଇଛି । କିନ୍ତୁ ପ୍ରଥମ କବିତା ଛପାହେବାର ସେ ଯେଉଁ ଉଶୃଙ୍ଖଳ ରୋମାଞ୍ଚ, ଶିରା ପ୍ରଶିରାରେ ଟମ୍ ମଗ୍ ହୋଇ ଫୁଟୁଥିବା ସେ ଯେଉଁ ପ୍ରାପ୍ତିର ଜୁଆର- ତାକୁ ବର୍ଣ୍ଣନା କରିବା ପାଇଁ ସାରା ଅଭିଧାନ ଖୋଜି ଖୋଜି ଶବ୍ଦଟିଏ ପାଇଲିନି ।

Digitized by srujanika@gmail.com

ପନ୍ଦର ଷୋଳ ବର୍ଷ ହେଲା ବେଳକୁ ତତ୍କାଳୀନ ପ୍ରାୟ ସମସ୍ତ ପତ୍ରପତ୍ରିକା ଓ ଖବର କାଗଜରେ ମୋ କବିତା ଛପା ହୋଇସାରିଥିଲା । ବାପା ଥରେ ଶାନ୍ତିନିକେତନ ଯିବା ବେଳେ ମୋ'ର କେତେ ଗୁଡ଼ିଏ କବିତା ସାଥିରେ ନେଇ ଯାଇଥିଲେ - ଶ୍ରୀ ଅନ୍ନଦାପ୍ରସାଦ ରାୟଙ୍କୁ ଦେଖାଇବା ପାଇଁ । ଶ୍ରୀଯୁକ୍ତ ରାୟ କବିତା ପଢ଼ି ମୋ ଖାତାରେ ନିଜ ହାତରେ ଲେଖିଦେଇ ଥିଲେ ''କାନନର ଛନ୍ଦ ଓ ଉପଧା ମିଳନରେ ଦକ୍ଷତା ଦେଖି ବିସ୍ମିତ ଓ ଆନନ୍ଦିତ ହେଲି ।'' ମନ୍ତବ୍ୟଟି ମୋର ସେତେବେଳର ପ୍ରକାଶିତ ଗୋଟିଏ କବିତା ସଂକଳନର ପ୍ରାରମ୍ଭରେ ମୁଦ୍ରିତ । କେବଳ ସମସାମୟିକ କବିତା ନୁହେଁ, ଲେଖୁଥିଲି ଶିଶୁ କବିତା ମଧ୍ୟ । ମୋର ଗୋଟିଏ ଶିଶୁ କବିତା ସଂକଳନ ସେତେବେଳେ ପୁରସ୍କୃତ ହୋଇଥିଲା । କଲେଜରେ ପ୍ରଥମ ବାର୍ଷିକ ଶ୍ରେଣୀରେ ପଢୁଥିଲା ବେଳେ ଦୁଇଟି ପ୍ରତିଯୋଗିତାରେ ପୁରସ୍କାର ପାଇଗଲି । ଦିବାଧ୍ୟାୟୀ ସଙ୍ଘ କବିତା ପ୍ରତିଯୋଗିତା ଓ ଉତ୍କଳ ବିଶ୍ୱ ବିଦ୍ୟାଳୟ ପଦ୍ମଚରଣ ପଟ୍ଟନାୟକଙ୍କ ସ୍ମାରକୀ ପ୍ରତିଯୋଗିତା । ଛାତ୍ର ଛାତ୍ରୀମାନେ ଚିହ୍ନିଗଲେ । ଯେଉଁ ଦିନ ମୋ'ର କବିତାଟିଏ ସମାଜ ବା ପ୍ରଜାତନ୍ତ୍ରରେ ଛପା ହେଉଥିଲା, ସେଦିନ ଚପଳମତି ସହପାଠୀ ଛାତ୍ରମାନଙ୍କ ଦ୍ୱାରା କିଛି ଗୋଟାଏ ଦୁଷ୍ଟାମିଭରା ମନ୍ତବ୍ୟ ଲେଖା ହେଉଥିଲା ବ୍ଲାକ୍ ବୋର୍ଡ଼ରେ । ମୋତେ ଚିଡ଼ାଇବା ପାଇଁ । ମନେ ଅଛି, ଥରେ ସମାଜରେ 'ଜାଳିବି ତା' ଲାଗି ଜାଗର' ଶୀର୍ଷକ କବିତାଟିଏ ପ୍ରକାଶିତ ହୋଇଥିଲା । ସେଦିନ କ୍ଲାସ୍‌କୁ ପଶିଲା ବେଳକୁ ବ୍ଲାକ୍ ବୋର୍ଡ଼ରେ ଜଳୁଥିଲେ ଚକ୍ ଖଡ଼ିରେ ଅଙ୍କା ଧାଡ଼ି ଧାଡ଼ି ମାଟିର ପ୍ରଦୀପ । ଆଉ ତା' ତଳେ ଲେଖା ହୋଇଥିଲା ଦୁଇ ଧାଡ଼ିଆ କବିତାଟିଏ -ଜାଳୁଛ ଯା ଲାଗି ଜାଗର । ଆସୁଛି ସେ ତମ ନାଗର ।

ଏଇ ପ୍ରସଙ୍ଗରେ ଗୋଟିଏ ଭାରି ମଜାଳିଆ କଥା ମନେ ପଡୁଛି ଏବେ । ସେଇ ପ୍ରଥମ ବାର୍ଷିକ ଶ୍ରେଣୀର କଥା । କଲେଜର ମୁଖପତ୍ର ରେଭେନ୍ସାଭିଆନ୍‌ରେ ମୋ'ର ଗୋଟିଏ ପ୍ରେମ କବିତା ପ୍ରକାଶିତ ହୋଇଥିଲା । କିଛି ଦିନପରେ ରିସେସ୍ ବେଳେ ଲେଡ଼ିଜ୍ କମନ୍ ରୁମ୍‌ର ଲମ୍ବା ମେଜ ଉପରେ ମୋ ଠିକଣା ଲେଖା ଗୋଟିଏ ବେଶ୍ ମୋଟା ଲଫାପା ପଡ଼ିଥିବାର ଦେଖିଲି । ଡାକପିଅନ ଅନ୍ୟ କେତେକ ଚିଠି ସହିତ ରଖି ଦେଇ ଯାଇଥିଲା । ସ୍ୱାଭାବିକ ଭାବରେ ଧରି ନେଲି ପ୍ରେମପତ୍ର । ନହେଲେ ଘର ଠିକଣାରେ ନଆସି କଲେଜ ଠିକଣାରେ ଆସିଥାଆନ୍ତା ବା କାହିଁକି ? ଚୁପ୍‌କି ଲୁଚାଇ ଧରି ଟୟଲେଟ୍‌ରେ ଯାଇ ପଢ଼ିନେଲି ଚିଠିଟି ।

ଚିଠିଟି ପ୍ରେମପତ୍ର ଥିଲା ନିଶ୍ଚୟ -କିନ୍ତୁ ଟିକିଏ ଭିନ୍ନ ଧରଣର । ଲେଖା ହୋଇଥିଲା ଚାରିପୃଷ୍ଠା ବ୍ୟାପୀ ଏକ ଦୀର୍ଘ କବିତାରେ ଏବଂ ଥିଲା କଲେଜ ପତ୍ରିକାରେ ମୋର ପ୍ରକାଶ ପାଇଥିବା କବିତାଟିର ଉତ୍ତର ।

Digitized by srujanika@gmail.com

ଜଣାପଡ଼ିଯାଉଥିଲା ଲେଖକ ମହାଶୟଙ୍କର ଏହା କବିତା ଲେଖାର ପ୍ରଥମ ପ୍ରୟାସ ବୋଲି । ଛନ୍ଦ, ଯତିପାତ, ଶବ୍ଦ ସଂଯୋଜନା, ସବୁଥିରେ ତରୁଣ ଓ ପ୍ରେମିକ କବି ଜଣକ ଥିଲେ ହାସ୍ୟାସ୍ପଦ ଭାବରେ ଅସଫଳ ।

କବିତାଟି ଯେତେ ବାଜେ ହେଲେ ବି ଏକ ପ୍ରୀତିବିଭୋର ଥର ଥର ହୃଦୟର ଭାବାବେଶର କାହାଣୀ କହିଗଲା ମୋତେ । ସେ ବୟସ ଇ ଥିଲା ଭାବାବେଶରେ ପୁଲକିତ ହେବାର । କବିତାଟି ବାରମ୍ବାର ପଢ଼ିଲି । ଆଖି ଦୁଇଟି ପୋଡ଼ିଲା ଉତ୍ତେଜନାରେ । ଗାଲ ଉପରକୁ ଚହଟି ଆସିଲା ଧମନୀରେ ପହଁରୁଥିବା ଲାଲ, ଉଷୁମ ରକ୍ତ ।

ଭୟ ଲାଗିଲା ସହପାଠିନୀମାନଙ୍କୁ ଚିଠିଟି ଦେଖାଇବା ପାଇଁ । ଜାଣିଥିଲି କେହି ବିଶ୍ବାସ କରିବେନି ଯେ ଚିଠିଟିର ପ୍ରେରକ ମୋ ପାଇଁ ଅପରିଚିତ ।

ତା' ପରେ ଥିଲା କେମିଷ୍ଟ୍ରି ପ୍ରାକ୍‌ଟିକାଲ କ୍ଲାସ୍ । ଅମ୍ଳଜାନ ବାଷ୍ପ ତିଆରି କରୁ କରୁ ଖାତା ଭିତରୁ ଚିଠିଟି ବାହାର କରି ପୁଣିଥରେ ପଢ଼ିବାର ଲୋଭ ସମ୍ବରଣ କରି ପାରିନଥିଲି ।

ଏପର୍ଯ୍ୟନ୍ତ ମୁଁ ଜାଣେନି ସେ ଚିଠିଟି କିଏ ଲେଖିଥିଲା । ଅନେକ ସମୟରେ ମନେ ହୁଏ ଆହା ! ମୁଁ ଜାଣି ଥାଆନ୍ତି କି ।

●●●

Digitized by srujanika@gmail.com

# ଋଷି ପ୍ରତିମ

ଜୀବନରେ ଗୋଟିଏ ସଉକ୍ ବାକୀ ରହିଗଲା । ବାପାଙ୍କର ଝିଅ ହୋଇ । ସାନବେଳେ ପରୀକ୍ଷାରେ ଖରାପ ହେଲେ କିମ୍ବା ବହିଟିଏ ହଜିଗଲେ, ସାଙ୍ଗ ପିଲାମାନେ ବଡ଼ ବଡ଼ ଆଖିଡୋଳା ନଚାଇ ବେଶ୍ ଷ୍ଟାଇଲରେ କହି ପାରୁଥିଲେ - ଆଜି ଘରେ ନିଶ୍ଚୟ ବାପା ଜାଣିଲେ ରାଗିବେ । ଖୁବ୍ ମନ ହେଉଥିଲା ଏଇ ଧରଣର କୌଣସି ଗୋଟିଏ ବାକ୍ୟ କେତେବେଳେ କେମିତି କହିବା ପାଇଁ । ଆମ ବାପା ବି ତୁମ ବାପାଙ୍କ ଠୁ କିଛି କମ୍ ନୁହନ୍ତି କଥାଟି ଜାହିର କରିବା ପାଇଁ । କିନ୍ତୁ ଆମେ ବାଧ ହୋଇ ସର୍ବଦା ଚୁପ୍ ରହୁ ଥିଲୁ । କାରଣ ଆମବାପା କେବେ ଆମ ଉପରେ ରାଗୁ ନଥିଲେ ।

ରାଗିବା, ମାଡ଼ ଦେବା ତ ଦୁରର କଥା । ସାରା ଜୀବନରେ ବାପା ଆମକୁ କେବେ ଜୋର୍ କରି ପଦେ କଥା କହିଥିବାର ବି ମନେ ପଡ଼େନି । ଜୀବନରେ ଥରେ ବି ସନ୍ତାନମାନଙ୍କୁ ଧମକ୍ ଦେଇନଥିବା କିମ୍ବା ବଡ଼ ପାଟିରେ କଥା କହିନଥିବା ପିତାଟିଏ କଅଣ ସମ୍ଭବ ? କଥାଟି ଅନ୍ୟମାନଙ୍କୁ ନିଶ୍ଚୟ ଅବାସ୍ତବ ମନେ ହୋଇପାରେ । କିନ୍ତୁ ଆମ୍ଭମାନଙ୍କ ପାଇଁ, ପ୍ରତିଦିନ ପୂର୍ବାକାଶରେ ସୂର୍ଯ୍ୟୋଦୟ ହେଲା ପରି, କଥାଟି ଧ୍ରୁବ ସତ୍ୟ । ତା' ବୋଲି ଆମେ ସବୁ କେହି ଆଦର୍ଶ ସନ୍ତାନ ନଥିଲୁ । ଶିଶୁ, କିଶୋର ଓ ତରୁଣ ବୟସରେ ଯାହା ସବୁ ଦୁଷ୍ଟାମି ବା ଚପଳତା ସ୍ୱାଭାବିକ, ତାହା ଆମେ କରିଛୁ । କଦବା କେମିତି ବେଶୀ ପରିମାଣରେ ମଧ । କିନ୍ତୁ ବାପାଙ୍କର ଧୈର୍ଯ୍ୟ, ସହନଶୀଳତା ଓ ଭଗବତ୍ ବିଶ୍ୱାସ ସେ ସବୁକୁ ଯେମିତି ଫୁଟ୍‌କି ମାରି ଉଡ଼ାଇ ଦେଇଛି । ବୋଧ ହୁଏ ବାପା ଇ ଠିକ୍ । ନହେଲେ ତାଙ୍କ ଏତେଗୁଡ଼ିଏ ସନ୍ତାନ ସମାଜରେ ସୁପ୍ରତିଷ୍ଠିତ ହେଲେ କେମିତି ?

ଅମାନିଆ ପିଲାଙ୍କ ପାଇଁ ଯେଉଁ ମଣିଷର ଏଭଳି ସହନଶୀଳତା, ସେଇ ମଣିଷଟିର ବ୍ୟବହାର- ନିଜର କର୍ମନିଷ୍ଠ ପତ୍ନୀ ପ୍ରତି, ଯେ ନିଶ୍ଚିତ ରୂପରେ ଉଦାର ଓ ସଦାଚାର ପୂର୍ଣ୍ଣ ହେବ, ଏହା କହିବା ନିଷ୍ପ୍ରୟୋଜନ । କିନ୍ତୁ ସାରା ଜୀବନରେ ଅନ୍ୟମାନଙ୍କ ସାମ୍ନାରେ ବାପାଙ୍କୁ କେବେ ବୋଉର ପ୍ରଶଂସା କରିବା ଶୁଣିନି । କଥା ପ୍ରସଙ୍ଗରେ, ମଣିଷ କେତେବେଳେ ଅବା ନିଜ ସ୍ତ୍ରୀର କୌଣସି ଗୋଟିଏ ସୁଗୁଣ ସମ୍ପର୍କରେ ପଦଟିଏ କହି ଦିଏ । ବାପା କେବେ ଏହା କରିଥିବାର ମନେ ପଡୁନି । ବସ୍ତୁତଃ, ବୋଉ ସମ୍ପର୍କରେ କୌଣସି ଆଲୋଚନା- ନିନ୍ଦା ବା ପ୍ରଶଂସା- ବାପା କେବେବି କରୁନଥିଲେ । ଦରକାରଠାରୁ ବେଶୀ କଥା କହୁ ବି ନଥିଲେ କାହାରି ସହିତ ।

ସୌଭାଗ୍ୟ ବଶତଃ ମୁଁ ହେଉଛି ପୃଥିବୀର ସେଇ ଏକମାତ୍ର ମଣିଷ ଯିଏ କି ଅଚାନକ୍ ଥରେ ବାପାଙ୍କ ମୁହଁରୁ ବୋଉର ପ୍ରଶଂସା ଶୁଣିଥିଲି । ଏବଂ ବୋଉ ପ୍ରତି ବାପାଙ୍କ ସଂଭ୍ରମ, ସମ୍ମାନ ଓ ସ୍ନେହ ଯେ କେତେ ଗଭୀର ତାହା ବୁଝି ପାରି ବିସ୍ମିତ ହୋଇଥିଲି ସେଦିନ ।

Digitized by srujanika@gmail.com

ପ୍ରାୟ କୋଡ଼ିଏ ବର୍ଷ ଆଗର କଥା । ଭୁବନେଶ୍ୱରରେ ମୋର ତିଆରି ହେଉଥିବା ବାସଗୃହଟିର ନିର୍ମାଣକାର୍ଯ୍ୟ ଦେଖାଶୁଣା କରି ବାପା ଓ ମୁଁ ଫେରି ଯାଉଥିଲୁ କଟକ- ରାତିର ଶେଷ ବସ୍ ଧରି । ବସ୍‌ଟି ବାଣୀବିହାର ପାଖରେ ଅନେକ ସମୟ ରହିଲା । ବସ୍ କଡ଼ରେ ଖବର କାଗଜର ଖିଲରେ ଲୋକଟିଏ ବିକ୍ରୀ କରୁଥାଏ ବୁଟ ଭଜା । ବାପା ପଚାରିଲେ, ''ମା ବୁଟଭଜା ଖାଇବୁ ?'' ମନା କରିବାକୁ ଯାଉ ଯାଉ ଅଟକି ଗଲି । ବୁଝିପାରିଲି ବାପାଙ୍କୁ ତାଙ୍କର ମଧ ବୟସ୍କା ଝିଅଟି ଏବେ ବି ଦିଶୁଛି ସେଇ କୁନି ଦି' ବର୍ଷର ଶିଶୁଟିଏ ପରି ଯିଏ କି ପେଟ ପାଖରେ ନାଲି ବେତଟୋପିଟି ଜାକିଧରି ଏକଦା ବୁଟଭଜା ଖାଉଥିଲା ଆଉ ବୁଟର ପରିମାଣ କମ୍ ହେଲେ ବୁଟତକ ତଳେ ଢ଼ାଳି ଦେଇ ଚଟାଣରେ ମୁହଁ ଫୁଲାଇ ରଷିକ ଶୋଉଥିଲା । କାହାଣୀଟି ବାପାଙ୍କ ମୁଖରୁ ହିଁ ଶୁଣା ।

ବାପା ବୁଟଭଜା କିଣାଇ ଦେଲେ । ଲୁଣିଆ ମସଲାଦାର ବୁଟଭଜା । ଖାଉ ଖାଉ ବାପଝିଅ କଥା ହେଉଥିଲୁ । ତା' ଆଗଦିନ ବୋଉ କୌଣସି ଗୋଟିଏ ସାଧାରଣ କଥାରେ ରାଗିଯାଇଥିଲା । ବୁଟ ଚୋବାଉ ଚୋବାଉ ବାପାଙ୍କୁ କହିଲି ''ବୋଉ ବୋଧେ ବୁଢ଼ୀ ହୋଇଯାଉଛି କି କଅଣ । ସାନ ସାନ କଥାରେ ମୁଣ୍ଡର ଭାରସାମ୍ୟ ହରାଇ ବସୁଛି । କାଲି ଗୋଟେ ବେକାର କଥାରେ ଏତେ ରାଗି ଗଲା ।'' ବାପା ମୋ କଥାକୁ ମଝିରେ କାଟି ତାଙ୍କର ସ୍ୱଭାବସିଦ୍ଧ ଧୀର ଓ ଶାନ୍ତ ସ୍ୱରରେ କହିଲେ ''ନାଇଁ ମା ! ବୋଉକୁ କେବେ କିଛି କହିବୁନି । ତୁ କଅଣ ବା ଜାଣିଚୁ ତାଙ୍କ ବିଷୟରେ ? ସିଏ ନଥିଲେ ମୋ' ଭଳି ସଂସାର ପ୍ରତି ଉଦାସୀନ ଲୋକର କଅଣ ଅବସ୍ଥା ହୋଇ ଥାଆନ୍ତା କେବେ ଭାବିଚୁ ? ଘରର ସମସ୍ତ ଦାୟିତ୍ୱ ତ ଚିରଦିନ ସିଏଇ ବହନ କରି ଆସିଲେ । ତମେମାନେ ସବୁ ତ ତାଙ୍କରି ହାତରେ ମଣିଷ'' । ଗୋଟିଏ ମୁହୂର୍ତ୍ତ ପାଇଁ ମୁଁ ସ୍ତବ୍ଧ ହୋଇଗଲି । ପତ୍ନୀ ପ୍ରତି ଏଭଳି କୃତଜ୍ଞତା ଓ ସଂଭ୍ରମ ଖୁବ୍ କମ୍ ଦେଖିବାକୁ ମିଳେ । ବାହାରକୁ ଆବେଗ ରହିତ ମନେ ହେଉଥିବା ହୃଦୟ ଭିତରେ ଏଭଳି ଏକ କୁଳୁକୁଳୁ ସରସ୍ୱତୀର ଧାରା ?

ଏବେ ବାପାଙ୍କ ଦ୍ୱାରା ଲିଖିତ ତାଙ୍କର ଗୋଟିଏ ବହି ପଢୁଥିଲି । ଜୀବନରେ ପ୍ରଥମ ଓ ଶେଷଥର ପାଇଁ ଜନତା ସମ୍ମୁଖରେ ଲିଖିତ ଭାବରେ ବୋଉ ପ୍ରତି ତାଙ୍କର କୃତଜ୍ଞତା ସ୍ୱୀକାର କରିଛନ୍ତି ମୁଖବନ୍ଧରେ ଏବଂ ସେଇ ଦୁଇ ଧାଡ଼ି ଲେଖା ଭିତରେ ସଂସାର ପ୍ରତି ତାଙ୍କର ଚରମ ଉଦାସୀନତାର ଗାଜ୍ୱଲ୍ୟମାନ ପ୍ରମାଣ ବି ଛାଡ଼ି ଯାଇଛନ୍ତି । ତାଙ୍କର ଉଦାସୀନତା ପ୍ରମାଣ କରିବାକୁ ମୋତେ ତେଣୁ ବିଶେଷ ପରିଶ୍ରମ କରିବାକୁ ପଡ଼ିବନି ।

ମୋ ବାହାଘର ବେଳେ, ମୁଁ ପାଇଥିବା ସବୁଠାରୁ ଦାମୀ ଯୌତୁକ ହିସାବରେ ଯାହାକୁ ମୁଁ ଗ୍ରହଣକରେ, ତାହା ହେଲା ବାପା ତାଙ୍କ ବଡ଼ ଜୋଇଁଙ୍କୁ ଆର୍ଶୀବାଦ ସ୍ୱରୂପ ଦେଇଥିବା ତାଙ୍କର ଇଂରାଜୀ ଥିସିସ୍‌ଟି । ପି.ଏଚ୍.ଡ଼ି. ଥିସିସ୍‌ଟିର ଏକ ସଂକ୍ଷିପ୍ତ ଓଡ଼ିଆ

Digitized by srujanika@gmail.com

ଅନୁବାଦ ଯେ କରିଛନ୍ତି ତାହା ମୁଁ ଜାଣିନଥିଲି । ବର୍ଷ ବର୍ଷ ଧରି ଥିଲି ଓଡ଼ିଶା ବାହାରେ । ଏବେ ଦିନେ ସେ ବହିଟି ପାଇ ପଢୁ ଥିଲି । ମୁଖବନ୍ଧରେ ଲେଖା ଅବିକଳ ବାପାଙ୍କର କଥା ଉଦ୍ଧାର କରୁଛି - ''ମୋର ଲଣ୍ଡନ ଯାତ୍ରାର ମାସକ ମଧ୍ୟରେ ମୋର ପିତା ପରଲୋକ ଗମନ କଲେ । ଏହାର ଅଳ୍ପ ଦିନ ପରେ କେତେକ ଅସାମାଜିକ ବ୍ୟକ୍ତି ଆମ୍ଭ ଗ୍ରାମ ବାସଭବନର ସମସ୍ତ ଅସ୍ଥାବର ସମ୍ପତ୍ତି ଅପହରଣ କଲେ । ମୋର ଅଗ୍ରଜ ମକଦ୍ଦମାରେ ଛନ୍ଦିତ ହେଲେ । ଏ ପରିସ୍ଥିତିରେ ଆମ୍ଭ ଏକାନ୍ନବର୍ତ୍ତୀ ପରିବାର, ବିଶେଷତଃ ମୋର ପତ୍ନୀ ତିନୋଟି ଶିଶୁ ସନ୍ତାନଙ୍କ ସହ ବହୁ ସଙ୍କଟ ଓ କଷ୍ଟକର ଜୀବନ ନିର୍ବାହ କଲେ ।''

ବାପା ଲଣ୍ଡନ ଗଲା ବେଳକୁ ଆମେ ଥିଲୁ ଚାରୋଟି ସନ୍ତାନ । ମୋତେ ଛଅ ବର୍ଷ , ମୋ ତଳ ଭାଇ ଚାରିବର୍ଷର, ତା' ତଳ ଭଉଣୀଟି ଦୁଇବର୍ଷର ଓ ସବା ସାନ ଭାଇଟି ନିହାତି ଶିଶୁ । କଟକରେ ଏକୁଟିଆ ଚଳିପାରିବନି ବୋଲି ବୋଉ ଯାଇ ରହିଥିଲା ଗାଁରେ । ଗ୍ରାମ୍ୟ ପରିବେଶରେ, ଶାଶୁଘର କଟକଣା ଭିତରେ ଅଳ୍ପବୟସ୍କା ଅନଭିଜ୍ଞା ପତ୍ନୀ ଶିଶୁସନ୍ତାନମାନଙ୍କୁ ନେଇ ନିଶ୍ଚିତଭାବରେ ହଇରାଣ ହୋଇଥିବେ ବାପା ବୁଝି ପାରିଥିଲେ ସତ, କିନ୍ତୁ ମୁଖବନ୍ଧଟି ଲେଖିଲା ବେଳେ ସ୍ୱପୁତ୍ରକନ୍ୟାମାନଙ୍କ ସଂଖ୍ୟା ତାଙ୍କର ମନେ ନଥିଲା । ଏଭଳି ଦ୍ୱିତୀୟ ଦୃଷ୍ଟାନ୍ତ ବୋଧ ହୁଏ ପୃଥିବୀରେ ବିରଳ । ବାପାଙ୍କର ଭୁଲାମନର ଏହା ଏକ ଚମତ୍କାର ଲିଖିତ ନିଦର୍ଶନ ।

ଏବେ ଥରେ ଘରକୁ ଗଲାବେଳେ ବାପାଙ୍କୁ ମଜା କରି କହିଲି ''ବାପା ! ଆପଣ ଦେଇଥିବା ବହିଟିର ମୁଖବନ୍ଧଟି କିନ୍ତୁ ମୋତେ ବେଶ୍ କଷ୍ଟ ହେଲା । ଆପଣ ଆମକୁ ଜମା ଭଲ ପାଆନ୍ତିନି । ଲଣ୍ଡନ ଗଲାବେଳକୁ ଆମେ କେତେଜଣଙ୍କୁ ଛାଡ଼ିକି ଯାଇଥିଲେ ତା' ବି ମନେ ନାହିଁ । ଚାରି ଜାଗାରେ ଲେଖିଛନ୍ତି ତିନି । ବୋଉ ଠିକ୍ କହେ, ଏଭଳି ଋଷି ପ୍ରତିମ ଲୋକଙ୍କୁ ନେଇ ସଂସାର କରିବା ମୁସ୍କିଲ୍ ।

ବାପା କିଛି କହିଲେନି । ଖାଲି ବୋଉ ଆଡ଼କୁ ଅନାଇଁ ସାମାନ୍ୟ ମୁରୁକି ହସିଲେ । ସେଇ ହସରୁ ମୋତେ ବାପାଙ୍କ ଜବାବ୍ ମିଳିଗଲା । ସେଇ ହସ ଇ ଦୋହରେଇଲା ବହୁତ ବର୍ଷ ଆଗରୁ ବସ୍‌ରେ ବସି ବାଣୀ ବିହାର ପାଖରେ କୁହୁଡ଼ି ଘେରା ଶୀତରାତିରେ ମୋତେ ସିଏ କହିଥିବା ବାକ୍ୟଟି -'' ବୋଉ ନଥିଲେ ମୋ' ଭଳି ସଂସାର ପ୍ରତି ଉଦାସୀନ ଲୋକର କଅଣ ଅବସ୍ଥା ହୋଇଥାଆନ୍ତା କେବେ ଭାବିଚୁ ?''

●●●

Digitized by srujanika@gmail.com

# ସ୍ୱପ୍ନ

ଗହମ ରଙ୍ଗର ଭଗ୍ନ ସ୍ୱାସ୍ଥ୍ୟର ମଣିଷଟିଏ । ମାଂସପେଶୀ ବିହୀନ ହାତଗୋଡ଼ । ଠାକରା ଦୁଇ ଗାଲରେ ପୋଷେ ଲେଖାଏଁ ଚାଉଳ ଧରିବ ଅବା । ଚଉଡ଼ା ମହୁରିର ଆଣ୍ଠୁପର୍ଯ୍ୟନ୍ତ ଲମ୍ବିଥିବା ମସିଆ ହାଫପ୍ୟାଣ୍ଟ ଓ ତତୋଽଧିକ ମସିଆ ବୋତାମଛିଣ୍ଡା ଢ଼ୋଲା ଜାମା - ଏଇ ଥିଲା ବର୍ଷଯାକର ପହରଣ । ଡାହାଣ ହାତରେ କାଠ ହାଣ୍ଡଲ୍ ଲଗା ଲମ୍ବ ଖଡ଼ିକା ଝାଡୁଟିଏ । ତା' ଠାରୁ ସାମନ୍ୟ କମ୍ ଉଚ୍ଚର ।

ପିଲାଦିନେ ଦେଖିଛି ଅଧିକାରୀ ନିଇତି ସକାଳେ ଆମ ଘର ଅଗଣା ଓଳାଏ, ପାଇଖାନା ଧୁଏ ଓ ନଳା ସଫା କରେ । ଦିନେ ନ ଆସିଲେ ଘରର ପବନରେ ଭରିଯାଏ ଦୁର୍ଗନ୍ଧ । ଆମ ସ୍କୁଲ ଯିବା ରାସ୍ତାରେ ତାଳ ଦଣ୍ଡା କେନାଲ କୂଳେ ହରିଜନ ବସ୍ତି । ନିବାସ ସେଇଠି । ବେଳେ ବେଳେ ଅଧିକାରୀର ତରୁଣୀ ଭାର୍ଯ୍ୟା -ନିଶା- ଆସି କାମ କରି ଯାଉଥିଲା ଆମ ଘରେ । ଡଉଲ ଚେହେରା ଥିଲା ନିଶାର । ନାକନକ୍ସା ଠିକଣିଆ,ଥିଲା ପୂରାମାତ୍ରାରେ ତନ୍ୱୀ ଓ ଶ୍ୟାମା । କିନ୍ତୁ ତା' ଦେହର କଳାରଙ୍ଗଟି ଥିଲା ଟିକିଏ ଭିନ୍ନ ଧରଣର । ଚୁକ୍ ଚୁକ୍ ତେଲ ବୋହି ପଡୁଥିଲା ତ୍ୱକ୍‌ରୁ । ସ୍ନେହସାରଯୁକ୍ତ ଖାଦ୍ୟ ଟିକିଏ ଯିଏ ଜୀବନ୍ ଭର୍ ପାଇନି, ତା' ଶରୀରରେ ପୁଣି ଏତେ ଲାବଣ୍ୟ ?

ପ୍ରାୟ ସମୟରେ ନିଶା ସହିତ କଳିକରି ରାତ୍ରିର ପ୍ରଥମ ପ୍ରହରରେ ରାଗ ତମ୍ ତମ ମୁହଁରେ ଅଧିକାରୀ ପଳାଇ ଆସୁଥିଲା ଆମ ଘରକୁ । ଗୁହାରି କରୁଥିଲା ମୋ ଭାଇ ଆଗରେ ''ବୁଝିଲେ ଆଜ୍ଞା! ଆଉ ସେ ମାଇପିର ଦୁଆର ମୁହଁ ନ ମାଡ଼େ ।'' ଛିଣ୍ଡା ସଉପମସିଣାଟିଏ ତା' ହାତକୁ ବଢ଼ାଇ ଦେଇ ମୋ ଭାଇ ମଉଜିଆ ସ୍ୱରରେ କହୁଥିଲା ,''ଅଧିକାରୀ, ତମେ ଆମ ଦାଣ୍ଡପିଣ୍ଡାରେ ଆରାମ କରି ଶୋଇଲ ! ଜମ୍ମା ଯା'ନା ତା'ପାଖକୁ । ନ ଗଲେ ବଳେ ସାବାଡ୍ ହୋଇଯିବ ।'' ଏ କଥାଟି କହିଲା ବେଳେ ମୋ ଭାଇ ସାମାନ୍ୟ ମୁରୁକିହସା ମାରୁଥିଲା । ସେ ମୁରୁକି ହସର ଭିତିରିଆ ରହସ୍ୟ ଆମେ ଜାଣିଥିଲୁ । ଜାଣିଥିଲୁ ଯେ ତାଡ଼ି ନିଶା ଉତୁରି ଗଲେ ମଧ ରାତ୍ରିରେ ରୂପସୀ ଭାରିଯା ପାଖକୁ ଠିକ୍ ଫେରିଯିବ ଅଧିକାରୀ । ଯାଉଥିଲା ମଧ ।

ଏବଂ ସେ ପ୍ରତ୍ୟାବର୍ତ୍ତନର ଫଳ ସ୍ୱରୂପ ବର୍ଷକୁ ବର୍ଷ ଆସୁଥିଲେ କନ୍ୟା ସନ୍ତାନମାନେ- ଅଧିକାରୀର ପୁତ୍ରାଭିଳାଷକୁ ବିଫଳ କରି । ବୋଉ ସାନ୍ତ୍ୱନା ଦେଉଥିଲା ''ମନଦୁଃଖ କରନା ଅଧିକାରୀ । ଠାକୁରେ ନିଶ୍ଚୟ ତମକୁ ପୁଅଟିଏ ଦେବେ, ''ଏବଂ ସତକୁ ସତ ଚାରୋଟି କନ୍ୟା ରତ୍ନପରେ ଠାକୁରେ ପୁଅଟିଏ ଦେଇଦେଲେ ଅଧିକାରୀକୁ । ଅଧିକାରୀ ଆଉ ତଳେ ଚାଲିଲାନି । ଆକାଶରେ ଉଡ଼ିଲା । ଖବର ପାଇ ବୋଉ ଆଶୀର୍ବାଦ କଲା, ''ଆହା ! କେତେ

Digitized by srujanika@gmail.com

ଦୁଃଖରେ ପୁଅ ତମର ଅଧିକାରୀ ! ଶହେ ବର୍ଷ ଆୟୁଷ ହେଉ । ତମ ସପନ ସାର୍ଥକକରୁ'' । ଜୁହାର କରି, ବିନୀତ ଭଙ୍ଗୀରେ ଠିଆ ହୋଇ ଅଧିକାରୀ କହିଲା ''ସତ କହିଲ ମା' । କେତେ ଯେ ସପନ ତା ପାଇଁ !''

ଦିନେ ସ୍କୁଲ ଫେରନ୍ତା ବାଟରେ ଅଧିକାରୀ ଓ ତା ଶିଶୁ'ପୁତ୍ରଟିକୁ ଦେଖିବାର ସୁଯୋଗ ପାଇଥିଲି । ସାତ ଆଠ ମାସର ଖିଲ୍ ଖିଲ୍ ହସ ହସୁଥିବା ଶିଶୁଟିକୁ ଶୂନ୍ୟକୁ ଫିଙ୍ଗିଦେଇ ପୁଣି ଦୁଇ ସ୍ନେହମୟ ହାତରେ ଜାବୁଡ଼ି ଧରୁଥିଲା ଅଧିକାରୀ । ଫୁଙ୍ଗୁଳା ଛାତିରେ ଲଗାଇ କେତେ ଯେ ଗେଲ ! ବାରମ୍ବାର କହୁଥିଲା ''ଶଳା ବଡ଼ ହେବୁ କିରେ ? ବଡ଼ ହେଇ ବାବୁଘର ଝାଡୁ କରିବୁ କିରେ ?''

ଚମକି ପଡ଼ିଥିଲି ସେଦିନ । ଏଇ ସ୍ୱପ୍ନ ଦେଖୁଚି ଅଧିକାରୀ ତା' ପୁଅ ପାଇଁ ? ବାବୁଘର ଝାଡୁ କରିବା ଛଡ଼ା ଆଉ କିଛି ସ୍ୱପ୍ନ ଜୁଟିଲାନି ତା' ମୁଣ୍ଡକୁ ? ଘରକୁ ଫେରି ବୋଉକୁ କହିଥିଲି ମଧ କଥାଟି । ମୋ ପାଇଁ ଜଳଖିଆ ବାଢୁ ବାଢୁ ବୋଉ କହିଲା'' ଓଳିଏ ଖାଇଲେ ଦି'ଓଳି ଉପାସ । ଆଉ କି ସପନ ଦେଖନ୍ତା ସିଏ ତା ପୁଅ ପାଇଁ ? ହାକିମ କରିବାର ?''

ମନେ ଅଛି । ସେଦିନ ଆତୁର ହୋଇ ଡାକିଥିଲି ଭଗବାନଙ୍କୁ । ପ୍ରଭୁ ହେ ! ତମେ ଥରକ ପାଇଁ ହେଲେ ନିର୍ଦ୍ଦୟ ହୁଅ । ଅଧିକାରୀ ସ୍ୱପ୍ନକୁ ସଫଳ ହେବାକୁ ଦିଅନା । ସାର୍ଥକ ହେବାକୁ ଦିଅନା ।

●●●

Digitized by srujanika@gmail.com

# ଜୀବନ

ପିତା ନକୁଳଚନ୍ଦ୍ରଙ୍କର ଏକା ଜିଦ୍ ପୁଅ ପଢ଼ିବ କଟକର ଇଞ୍ଜିନିୟରିଂ ସ୍କୁଲ୍‌ରେ ଓଭରସିୟର ପାଠ । ଆଉ ପୁଅର ଜିଗର ସିଏ ନାଁ ଲେଖାଇବ କଲେଜରେ ବିଜ୍ଞାନ ଶ୍ରେଣୀରେ । କମାର କୋଚଟକୁ ଲୁହା କୋଚଟ । ଜିଦ୍‌ରେ ପିତାପୁତ୍ର କେହି କାହାକୁ କମ୍ ନୁହନ୍ତି । ସ୍ୱଭାବତଃ ପୁତ୍ର ଅପେକ୍ଷା ପିତା ଥିଲେ କ୍ଷମତାରେ ବଳୀୟାନ୍ । କୌଣସି ଏକ କ୍ରୋଧୀ ମୁହୂର୍ତ୍ତରେ ରାଗ ତମ୍ ତମ୍ ହୋଇ ହଟିଆ ପୁତ୍ରଟିକୁ ବାହାର କରିଦେଲେ ଘରୁ । ପୁତ୍ର ଥିଲେ ମାତା ଚିତ୍ରମଣିଙ୍କର ଅଷ୍ଟମ ଗର୍ଭର ସନ୍ତାନ । ଦେବକୀଙ୍କର ଅଷ୍ଟମଗର୍ଭ ସନ୍ତାନଙ୍କର ଷୋଳକଳାରୁ ଗୋଟିଏ କଳା ପାଇଥିଲେ ନିଶ୍ଚୟ । ଯାଇ ମିଶିଲେ ନାଟକ ମଣ୍ଡଳୀରେ । ସୁକୁମାର ଚାରୁମୁଖ କିଶୋରଟି ଥିଏଟରର ଝିଅ ଭୂମିକାରେ ବେଶ୍ ଖାପି ଯାଉଥିଲା । କରତାଳି ବି ପ୍ରଚୁର ପାଉଥିଲା ଦର୍ଶକମାନଙ୍କଠାରୁ । ଆର୍ଥିକ ଅବସ୍ଥା କିନ୍ତୁ ଥିଲା ଅସ୍ୱଚ୍ଛଳ । ଏଭଳି ସମୟ ବି ଯାଇଛି ଯେତେବେଳେ କେବଳ ଅଧାପେଟ ମୁଢ଼ି ଖାଇ ରାତି ବିତିଛି । ପାକସ୍ଥଳୀର ବାକି ଅଧା ଅଂଶ ଭର୍ତ୍ତି ହୋଇଛି ପାଣିରେ । ନିରୋଳା ଥଣ୍ଡା ପାଣିରେ, ସେଇ ପର୍ଯ୍ୟନ୍ତ ଯେ ପର୍ଯ୍ୟନ୍ତ ମାମୁଁ ଶ୍ରୀ ସୁରେଶ ଚନ୍ଦ୍ର ମିଶ୍ର ପ୍ରିୟ ଅଭିମାନୀ ଭଣଜାଟିକୁ ଡାକିଆଣି କଲେଜରେ ନାଁ ଲେଖାଇବାର ବନ୍ଦୋବସ୍ତ ନ କରିଛନ୍ତି ।

ଏଇ ହେଉଛି ଶ୍ରୀ ଜୀବନପାଣିଙ୍କ ପଁଷଠି ବର୍ଷ ଜୀବନର ଅୟମାରମ୍ଭର କାହାଣୀ । ପତ୍ନୀ ରେବା ମୁହଁରୁ ଶୁଣା ।

ଅନେକ ଅନେକ ବର୍ଷ ପରେ ଏଇ କାହାଣୀର ପୁନରାବୃତ୍ତି ଘଟିଥିଲା ଦିଲ୍ଲୀରେ । ମୃତ୍ୟୁର ଅବ୍ୟବହିତ ପୂର୍ବରୁ । ଚାଳିଶ ବର୍ଷ ଚାକିରି ପରେ, କଲମ ଚାଷ କରି ଅନେକ କବିତାର ଫୁଲ ଫୁଟାଇ ସାରିବା ପରେ, ଦେଶ ଓ ଜାତିକୁ ବାହାରେ ସୁବିଖ୍ୟାତ କରିସାରିବା ପରେ, ମଣିଷଟି ନ୍ୟାଯ୍ୟ ଓ ପୂରା ପେନ୍‌ସନ୍ ପାଇନଥିଲେ ଅବକାଶ ଗ୍ରହଣ ପରେ । ରେବା କହେ ଜନ୍ମମାଟିର ସରକାରଙ୍କୁ ତଥା କେନ୍ଦ୍ର ସରକାରଙ୍କୁ ତାଙ୍କର ଚିଠି ଲେଖିବାର ପ୍ରୟାସ ବି ହୋଇଥିଲା ନିଷ୍ଫଳ । ଅନନ୍ୟୋପାୟ ହୋଇ ଶେଷ ପର୍ଯ୍ୟନ୍ତ ହାଇକୋର୍ଟରେ ଶରଣାପନ୍ନ ହୋଇଥିଲେ ।

ଫଇସଲା କିନ୍ତୁ ହୋଇପାରିନଥିଲା ତିନିବର୍ଷରେ । ମୃତ୍ୟୁର ମାତ୍ର କେଇଟି ଦିନ ପୂର୍ବରୁ ଅଗଷ୍ଟ ତେର ତାରିଖ ଦିନ ହେବାକୁ ଥିବା ଶୁଣାଣି ଯେତେବେଳେ ଘୁଞ୍ଚିଗଲା ଆହୁରି ସାତମାସ ଆଗକୁ, ଭଗ୍ନପ୍ରାୟ ମଣିଷଟି ହତୋତ୍ସାହ ହୋଇ ରେବାକୁ କହିଥିଲେ, ''ରେବା, ପିଲାଦିନର ସେଇ ଚାରଣାର ମୁଢ଼ି ଖାଇବା ଦିନ ଆଉଥରେ ଆସିଗଲା ବୋଧେ ।'' ସର୍ବଂସହା ରେବା ସବୁଦିନ ପରି କୋମଳ କଣ୍ଠରେ ଆଶ୍ୱାସନା ଦେଇଥିଲା, ''ମୋ କଥା ମାନ । ଅଧୈର୍ଯ୍ୟ ହୁଅନା'' । ରେବା କଥା ମାନିଥିଲେ ଅବଶ୍ୟ, କିନ୍ତୁ ସତରଦିନ ପରେ । ମାତ୍ର ସତରଟି ଦିନ ପରେ, ଧୈର୍ଯ୍ୟ ଓ ଅଧୈର୍ଯ୍ୟର ସବୁ ସୀମାରେଖା ଟପି ମଣିଷଟି ହୋଇ ଯାଇଥିଲେ ଚିରଦିନ ପାଇଁ ନିର୍ବାକ୍ ଓ ନିଃସ୍ପନ୍ଦ ।

ଜୀବନବାବୁଙ୍କ ମୃତ୍ୟୁପରେ, ବାଲ୍ୟସାଥୀ ରେବାଦ୍ୱାରା ମୋ ପାଖକୁ ଲିଖିତ ଚିଠିଟି ଏବେ ବି ମୋ ପାଖରେ ସାଇତା ।ଚିଠିତ ନୁହେଁ, ଗୀତିକାର, କବି,କଳାପ୍ରେମୀ, ଗବେଷକ ଓ ଉତ୍କଳର ଗୁଣୀସନ୍ତାନ ଶ୍ରୀ ଜୀବନପାଣିଙ୍କ ଜୀବନର ଏକ କାରୁଣ୍ୟମୟ ଇତିହାସ । ରେବା ଲେଖିଛି, ''ହତାଶ ହୋଇଗଲେ ତାଙ୍କ ପ୍ରାପ୍ୟ ପେନ୍‌ସନ୍ ପାଇଁ । ହତୋତ୍ସାହ ହୋଇ ଓକିଲ ପରାମର୍ଶ କଲେ, ବାରମ୍ବାର ଅନୁରୋଧ କରୁଥିଲେ ମୁଁ ଜଣେ ହୃଦ୍‌ରୋଗୀ, ମୋତେ ଦୟାକର । କିଏ ଦୟା କଲା ? ମୁଁ ତାଙ୍କର ହତଭାଗୀ ପତ୍ନୀ, ତାଙ୍କ ପୀଡାର ଭାଗୀ । କେହି ଉତ୍ତର ଦେଇପାରିବ ?''

Digitized by srujanika@gmail.com

ମୃତ୍ୟୁ ହୋଇଥିଲା ସେପ୍ଟେମ୍ବର ଦୁଇ ତାରିଖରେ । ହୃଦ୍‌ରୋଗ ପୀଡିତ ଚଡ୍‌ ଚଡ୍‌ ଫଟାଦାଗ ଧରିଥିବା ହୃଦୟଟି ଜୀବନର ବୋଝ ଆଉ ସମ୍ଭାଳି ପାରିନଥିଲା ବୋଧେ । ପରିଣତି, ପୁନର୍ବାର ହାର୍ଟଆଟାକ୍‌ । ହୃଦୟମୁଠିକ ଭାଙ୍ଗିରୁଜି ଚୁରମାର ହୋଇଯାଇଥିଲା ଶେଷପର୍ଯ୍ୟନ୍ତ- ଅବଶୋଷରେ, ବିଦ୍ରୋହରେ । ସମୟ ଥିଲା ପାହାନ୍ତି ପ୍ରହର । ଡାକ୍ତରଙ୍କ ମତରେ ରାତି ତିନିଟାରୁ ପାଞ୍ଚଟା ଭିତରେ ।

ପ୍ରଥମ ହାର୍ଟ ଆଟାକ୍‌ ହୋଇଥିଲା ଘରଠାରୁ ଦୂରରେ, ବାଙ୍ଗାଲୋରରେ । ସଙ୍ଗୀତ ନାଟକ ଏକାଡେମୀ ତରଫରୁ ଆୟୋଜିତ ଏକ ସେମିନାର୍‌ରେ ଭାଗ ନେବାପାଇଁ ଯାଇଥିଲେ ବାଙ୍ଗାଲୋର । ଭାଷଣ ଦେଇସାରିଲା ପରେ ଇ  ବୋଧ କରିଥିଲେ ଅସ୍ୱସ୍ତି । ଶ୍ରୀମତୀ କମଳାଦେବୀ ଚଟ୍ଟୋପାଧ୍ୟାୟଙ୍କ ସାହାଯ୍ୟ ଓ ସହାନୁଭୂତି ଫଳରେ ହସ୍‌ପିଟାଲ୍‌ରେ ଦାଖଲ ହୋଇଥିଲେ ଓ ଭାଗ୍ୟ ବଳରେ ସେ ଯାତ୍ରାରୁ ଓହରି ଆସିଥିଲେ । ଖବର ପାଇ ପାଞ୍ଚଟି ସାନ ସାନ ସନ୍ତାନଙ୍କୁ ଏକୁଟିଆ ଦିଲ୍ଲୀରେ ଛାଡି ପାଗଳିନୀ ପରି ରେବା ଛୁଟି ଯାଇଥିଲା ବାଙ୍ଗାଲୋର । ସାମାନ୍ୟ ସୁସ୍ଥ ହୋଇସାରିଲା ପରେ ଫେରାଇ ଆଣିଥିଲା ଦିଲ୍ଲୀ । ପ୍ଲେନ୍‌ରୁ ଓହ୍ଲାଇଥିଲେ ହ୍ୱିଲ୍‌ ଚେୟାରରେ । ସଞ୍ଜବେଳେ ଯାଇଥିଲୁ ଦେଖିବାକୁ । ହଳଦିଆ ରଙ୍ଗର ପୂରାହାତ ଜାମା ଓ ଗେରୁଆ ଛିଟଲୁଙ୍ଗି ପିନ୍ଧା କ୍ଲାନ୍ତ ମଣିଷଟି ଆମକୁ ଦେଖି ହସିଥିଲେ ତାଙ୍କର ଚିରାଚରିତ ମଧୁରିଆ ହସ ।

ଜୀବନରସରେ ଟଗ୍‌ମଗ୍‌ ହେଇ ଫୁଟୁଥିବା ମଣିଷଟି କିନ୍ତୁ ଯା' ପରେ ଦବିନଥିଲେ ଜମ୍ମା । ପୂରାଦମ୍‌ରେ ଅଫିସ୍‌ କାମ,ବିଦେଶଗସ୍ତ ଓ ସାହିତ୍ୟ ଚର୍ଚ୍ଚା ଚାଲିଥିଲା । ପ୍ରାଣୋଚ୍ଛଳ, ତର୍‌ତାଜା ମଣିଷଟିର ଏତେ ଶୀଘ୍ର ବିଦାୟ ନେବାର କଥା ନଥିଲା । କିନ୍ତୁ ବିଦାୟ ନେଲେ ଓ ନେଲେ ଅତ୍ୟନ୍ତ ମର୍ମନ୍ତୁଦ ଭାବରେ ।

ସେଦିନ ରାତିରେ ଫେରି ରେବାକୁ ପଚାରିଥିଲେ- ''କଅଣ ତରକାରୀ କରିଚ ?'' ରେବା କରିଥିଲା ମାଛମୁଣ୍ଡ ପକାଇ ଘାଣ୍ଟ ତରକାରୀ ଓ ଛୋଲେ । ଭାତ ଖାଇ ଅନେକ ଦିନପରେ, କୋର୍ଟ କଚେରୀର ଦୁର୍ଦ୍ଦଶା ଭୁଲି ରେବା ସହିତ ଅନେକ ପ୍ରେମାଳାପ କରିଥିଲେ । ନିର୍ବାଣ ଆଗରୁ ଦୀପଶିଖା ସତେ ଅବା ସାମାନ୍ୟ ଉଜ୍ଜ୍ୱଳତର ହୋଇ ଜଳି ଉଠିଥିଲା । ରେବା ସବୁଦିନ ପରି ରୁଗ୍ଣ ମଣିଷଟିକୁ ଜଗି ଶୋଇଥିଲା ହାତପାଆନ୍ତାରେ । ସକାଳୁ ଉଠି ଦେଖେ ସ୍ୱାମୀଙ୍କ ଅଳସ ହାତଟି ଅତ୍ୟନ୍ତ ଅନ୍ତରଙ୍ଗ ଭାବରେ ପଡିଛି ତା' ଦେହ ଉପରେ । ସାରା ରାତି ରେବାକୁ ବାହୁବନ୍ଧନରେ ରଖି ଶୋଇଛନ୍ତି । ସ୍ୱାମୀଙ୍କୁ ତନ୍ଦ୍ରାଚ୍ଛନ୍ନ ଭାବି ହାତଟି ସନ୍ତର୍ପଣରେ ତଳେ ରଖି ରେବା ଗଲା ତଳ ମହଲାକୁ ଖବର କାଗଜ ଆଣି । ତା'ପରେ ସବୁଦିନ ପରି ଲେମ୍ବୁ ଚା' ତିଆରି କରି ଡାକିଥିଲା ''ଉଠ, ଉଠ'' ନ ଉଠିବାରୁ ଚିଡେଇ ବି ଥିଲା ''କେତେ ବେଳି କାଢୁଚ ?'' କିନ୍ତୁ ରେବାର ବାରମ୍ବାର କୋହମିଶା ବିକଳ ଡାକ ସତ୍ତ୍ୱେ ସେ ନିଦ ଆଉ ଭାଙ୍ଗିନଥିଲା । ନିଦ୍ରାମଗ୍ନ ଅବସ୍ଥାରେ ଇ ଦ୍ୱିତୀୟ ହାର୍ଟ ଆଟାକ୍‌ । ବିନା ଯନ୍ତ୍ରଣାରେ, ବିନା କାହାକୁ ହଇରାଣ କରି  । ପୁଣ୍ୟାତ୍ମା ଥିଲେ ନିଶ୍ଚୟ ।

ଆଜିକାଲି ଭାରି ମନେପଡେ । ଦିଲ୍ଲୀର ମଡେଲ୍‌ ଟାଉନ୍‌ର ତୃତୀୟ ବସ୍‌ଷ୍ଟାଣ୍ଡରେ ଓହ୍ଲାଇ ଡାହାଣପଟେ ବେଶ୍‌ କିଛିବାଟ ଗଲେ ରାସ୍ତାର ଶେଷ ଆଡକୁ,ସରକାରୀ ବାଳିକା ବିଦ୍ୟାଳୟ ସାମ୍‌ନାରେ ସାନ ଏକମହଲା କୋଠାଟିର ପଛପାଖ ଅଂଶ- ଜୀବନ ବାବୁଙ୍କ ଭଡା ରହୁଥିବା ଘର । ପାଚେରୀ ଧାରରେ ଉଠିଥିବା ମିଠାଳିଆ ବାମ୍ଭାର ପିଜୁଳି ଗଛଟିର ନହକା ଶାଖା ସବୁ ନଇଁପଡି ଘରଟିର ଦ୍ୱାରଦେଶକୁ କରୁଥିଲେ ଛାୟାଶୀତଳ । ଭିତରେ, ସଂକୀର୍ଣ୍ଣ

Digitized by srujanika@gmail.com

ବଖରାଟିରେ ପାଞ୍ଚଟି ସନ୍ତାନଙ୍କର କଳରୋଳ, କୁନି ଲୁମ୍‌ଲୁମିଆ ପୋଷା କୁକୁରଛୁଆଟିର ଭାଉ ଭାଉ ଡାକ, ସ୍ଟୋଭର ବୁଣୁବୁଣୁ କିମ୍ବା ଅନ୍ୟ କିଛି ଘରକାମ କରୁ କରୁ ଗପୁଡ଼ି ରେବାର ଗପସପ-ତା'ରି ଭିତରେ ଅଫିସ୍ ଫେରନ୍ତା ତେଲିଆ ମୁହଁରେ, କ୍ଳାନ୍ତିର ପ୍ରଲେପ ବୋଳି ଖଟ ଉପରେ ସିଧାସଳଖ ବସି ଜୀବନବାବୁ ଲେଖୁଥିଲେ ଗୀତ, କବିତା ଓ ପ୍ରବନ୍ଧ । କରୁଥିଲେ ମୋଟା ମୋଟା ବହି ଅନୁବାଦ । ନାସ୍‌ନାଲ୍ ବୁକ୍ ଟ୍ରଷ୍ଟ ପାଇଁ 'ମୁହଁସଞ୍ଜ' ବହିଟି ଅନୁବାଦ କଲାବେଳେ ଦେଖିଛି-ସେଇ କୋଳାହଳ ଭିତରେ ଫର୍ଦ୍ଦ ଫର୍ଦ୍ଦ ଧଳା କାଗଜରେ ମୁକ୍ତାପରି ହସ୍ତାକ୍ଷରରେ ସ୍ୱତଃସ୍ଫୂର୍ତ୍ତ ଭାବରେ ଲେଖିଯାଉଥିଲେ ପୃଷ୍ଠା ପରେ ପୃଷ୍ଠା । କଟାକଟି ନାହିଁ, ଦୁଇଥର ଭାବିବାର ବି ନାହିଁ । ଏକାଥରକେ ପରିଚ୍ଛନ୍ନ ଫାଇନାଲ୍ କପି ।

ଥିଲେ ଏକାନ୍ତ ଭାବରେ ଗୃହୀ ମଣିଷଟିଏ- ସାଦାସିଧା, ନିରହଂକାର, ଉଦାର ଓ ସ୍ନେହୀ । ସକାଳୁ ଯାଉଥିଲେ ଅଫିସ୍-ବସ୍‌ରେ । ସଞ୍ଜବେଳେ ଲେଉଟାଣି ସେଇ ବସ୍‌ରେ । ଅଫିସ୍‌ରୁ ଫେରି ପ୍ରତ୍ୟେକ ସନ୍ଧ୍ୟା କଟୁଥିଲା ଘରେ । ନା ସିନେମା ଥିଏଟର୍,ନା ଯାନିଯାତ୍ରା ନା ବନ୍ଧୁବାନ୍ଧବ ଶଙ୍ଖୁଳା । ଦାମ୍ପତ୍ୟ ଜୀବନ ଥିଲା ଅତ୍ୟନ୍ତ ମଧୁମୟ । କାରବାର ହେଉଥିଲା ସୋନାଲ୍, ଇନ୍ଦ୍ରାଣୀ ଓ ସ୍ୱପ୍ନସୁନ୍ଦରୀମାନଙ୍କ ସହିତ । ମହିଳାମାନଙ୍କ ପ୍ରତି ବ୍ୟବହାର ଥିଲା ଶାଳୀନ ଓ ସଂଭ୍ରମପୂର୍ଣ୍ଣ । ଭୁଲ୍‌ରେ ଦିନେ କାହାକୁ ସିଧାସଳଖ ଅନାଇଁଦେବାର ଦେଖିନି । ଅପାଙ୍ଗ ନିକ୍ଷେପ କରୁଥିଲେ କେବଳ ରେବାଆଡେ । ରେବାକୁ ଲେଖା ରାଶି ରାଶି ପ୍ରେମପତ୍ର ଯାହାର କେତୋଟି ଫଟୋକପି ମୋତେ ରେବା ପଠାଇଛି ସେ ଦାମ୍ପତ୍ୟ ଲୀଳାଖେଳାର ଜୀବନ୍ତ ଦସ୍ତାବିଜ୍ ।

ଥିଲେ ବିଜ୍ଞାନର ଛାତ୍ର, ସଉକ୍ ବା ହବି ଥିଲା ନୃତ୍ୟ, ସଙ୍ଗୀତ ଓ ଅଭିନୟ । ଶେଷପର୍ଯ୍ୟନ୍ତ ସଉକ୍ ଇ ହୋଇଥିଲା ଜୀବିକା । ଏଭଳି ନଜିର୍ ପୃଥିବୀରେ ବିରଳ ନିଶ୍ଚୟ । ସଙ୍ଗୀତ ନାଟକ ଏକାଡେମୀ ଯିବାର କାହାଣୀ ଶୁଣିଥିଲି ରେବାଠାରୁ । ଜୀବନବାବୁ ଓଡ଼ିଶାରେ ଚାକିରି କଲାବେଳେ କୌଣସି କାମରେ ଏଠାକୁ ଆସିଥିଲେ ଏକାଡେମୀର ସେକ୍ରେଟାରୀ ଶ୍ରୀ ସୁରେଶ୍ ଅବସ୍ଥି । ଦୈବାତ୍ ଦେଖା ହୋଇଥିଲା ଜୀବନବାବୁଙ୍କ ସହିତ । ପ୍ରିୟଦର୍ଶନ ଯୁବକଟିର ଛଉ ଓ ଓଡିଶୀ ନୃତ୍ୟ ଉପରେ ଜ୍ଞାନ ଓ ଗବେଷଣା ଦେଖି ଚମତ୍କୃତ ହୋଇଥିଲେ । ଯା' ପରେ ପରେ ତତ୍କାଳୀନ କିଶୋରୀ ନୃତ୍ୟାଙ୍ଗନା ବିଜୟଲକ୍ଷ୍ମୀ ମହାନ୍ତିଙ୍କୁ ନେଇ ଜୀବନବାବୁ ଗଲେ ଦିଲ୍ଲୀ-ଓଡିଶୀ ନୃତ୍ୟର ଲେକ୍‌ଚର୍ ଡିମନ୍‌ଷ୍ଟ୍ରେସନ୍' ପାଇଁ । ନୃତ୍ୟାଙ୍ଗନା ନାଚିଥିଲେ । ତତ୍‌ସହିତ ନୃତ୍ୟର ଉତ୍ପତ୍ତି, ପରମ୍ପରା ତଥା ଏହାର ବିଭିନ୍ନ ବିଭାବ ଉପରେ ଟିପ୍ପଣୀ ଦେଇଥିଲେ ଜୀବନବାବୁ । ପାଠ କରିଥିଲେ ତାଙ୍କର ଆଲୋଚନାତ୍ମକ ନିବନ୍ଧ । ଉଭୟ ନିବନ୍ଧ ଓ ଟିପ୍ପଣୀ ଥିଲା ଇଂରାଜୀ ଭାଷାରେ । ନଜର୍ ପଡିଗଲା ସଙ୍ଗୀତ ନାଟକ ଏକାଡେମୀର । ନିମନ୍ତ୍ରଣ କରିବସିଲେ ତାଙ୍କ ସଂସ୍ଥାରେ ଯୋଗଦେବା ପାଇଁ । ସେତେବେଳେ ଜୀବନବାବୁ ବ୍ୟସ୍ତ ଥିଲେ ବି.ଏଡ୍.ଟ୍ରେନିଂରେ । ଅଚାନକ ଚାକିରିଟି ତେଣୁ ଜମା ରହିଥିଲା ତାଙ୍କ ପାଇଁ ଛଅମାସ ପର୍ଯ୍ୟନ୍ତ । ଗତ ଅକ୍ଟୋବର ଏକତିରିଶ ତାରିଖ ଦିନ ପ୍ରଥମଥର ପାଇଁ ମଧ୍ୟବୟସ୍କା ନୃତ୍ୟବିରତା ବିଜୟଲକ୍ଷ୍ମୀଙ୍କ ସହିତ ଦେଖା । ବାରମ୍ବାର ଶୂନ୍ୟରେ ଗୁରୁଙ୍କ ଚରଣସ୍ପର୍ଶ କରି ଅଶ୍ରୁତର୍ପଣ କରିଥିଲେ ସିଏ ।

ବେଳେ ବେଳେ ଆଶ୍ଚର୍ଯ୍ୟଲାଗେ- ଓଡିଶାର ମୟୂରଭଞ୍ଜ ଜିଲ୍ଲାର ଅନାମଧେୟ ଗାଁ ପ୍ରତାପପୁରରେ ଜନ୍ମଗ୍ରହଣ କରିଥିବା ପାଞ୍ଚଫୁଟ ତିନି ଇଞ୍ଚର ମଣିଷଟି ଟିପ ବଢ଼ାଇ ଆକାଶକୁ ଛୁଇଁ ପାରିଲା କେମିତି ? କେଉଁଠୁ ପାଇଲା ଏ ଏଷଣା ? ବିଦ୍ୟା ଓ ଜ୍ଞାନ ତାଙ୍କର ପୁସ୍ତକଗତ ନଥିଲା ।ଜ୍ଞାନ ଥିଲା ସାରା ଜୀବନର ପ୍ରେମର ଫଳ- ପ୍ରେମ କରୁଥିଲେ ଲୋକ ସଂସ୍କୃତି, ସଙ୍ଗୀତ

Digitized by srujanika@gmail.com

ଓ ନୃତ୍ୟକୁ । ପ୍ରତିଭା ଥିଲା ଆକାଶଚୁମ୍ବୀ । ଜାପାନର କାବୁକୀ ଥିଏଟର ହେଉ ବା ଭାରତବର୍ଷର ରାବଣଛାୟା-ଅନର୍ଗଳ ଭାଷଣ ଦେଇପାରୁଥିଲେ ଦମ୍ଭର ସହିତ । ଥିଲେ ସୂର୍ଯ୍ୟଠାରୁ ବି ଭାସ୍ୱର । ଆତ୍ମବିଶ୍ୱାସ ଥିଲା ନିଜ ଜ୍ଞାନ ଉପରେ । ସେଇଥିପାଇଁ ତ କହିପାରିଲେ '' ସୂର୍ଯ୍ୟ ମୋର ନୁହେଁ ପ୍ରତିଦ୍ୱନ୍ଦୀ'' ।

ଥିଲେ ଅସମ୍ଭବ ଧୀଶକ୍ତି ସଂପନ୍ନ । ଇଂରାଜୀ ଲେଖୁଥିଲେ ଓ କହୁଥିଲେ ଚମତ୍କାର । ବିଜ୍ଞାନ ଓ କଳାର ଏକ ଅନୁପମ ସମ୍ମିଶ୍ରଣ ଦେଖିଛି ତାଙ୍କଠି । ଭଙ୍ଗା ଟେପ୍‌ରେକର୍ଡ଼ରଟି ଠିକ୍ କରିଦେଉଥିଲେ ଚଟ୍‌କି । ଆଉ ଠିକ୍ ତା ପରେ ପରେସୋଲ୍‌ଡ଼ରିଂ ଆଇରନ୍‌ଟି ତଳେ ରଖି, କଲମ ଧରି ଲେଖୁଥିଲେ କବିତା । ଥିଲେ ଭାରତ ବର୍ଷର ଲୋକକଳାର ବିମୁଗ୍ଧ ଉପାସକ । ଥିଲେ ପୂରାପୂରି ଉତ୍କଳୀୟ । ଓଡ଼ିଶାର ପାରମ୍ପରିକ ଅଭିନୟକଳା ଉପରେ ଗବେଷଣା କରି ସଙ୍ଗୀତ ନାଟକ ଏକାଡ଼େମୀ ଦ୍ୱାରା ହୋଇଥିଲେ ପୁରସ୍କୃତ । କଣ୍ଢେଇନାଚ ଓ ରାବଣଛାୟା ଉପରେ ଲେଖିଛନ୍ତି ମନୋଗ୍ରାଫ, ତିଆରି କରିଛନ୍ତି ଡ଼କୁମେଣ୍ଟାରୀ । ସୃଜନୀଶକ୍ତି ଥିଲା ଅପ୍ରମିତ । ଓଡିଆ ଗୀତିକବିତା ନୂଆ ଜୀବନ୍ୟାସ ପାଇଛି ତାଙ୍କ ହାତରେ । ତାଙ୍କର ଲିରିକ୍ ସବୁ କେବଳ ଗୀତିକବିତା ନୁହଁନ୍ତି, ନୂତନ ରୂପକଳ୍ପ ଓ ଆଙ୍ଗିକରେ ପରିପୁଷ୍ଟ କବିତା ମଧ୍ୟ ।

ଅନେକ ବିଦେଶ ଭୂଇଁ-ରୁଷିଆ, କାନାଡ଼ା, ଆମେରିକା, ଜାପାନ, କାଜାକିସ୍ଥାନ ପ୍ରଭୃତି ଛୁଇଁ ଆସିଛନ୍ତି ଭାରତର ସାଂସ୍କୃତିକ ଦୂତ ହିସାବରେ । ଅନେକଥର ବତାଇ ଆସିଛନ୍ତି ପରଦେଶୀ ମାନଙ୍କୁ ଭାରତୀୟ ନୃତ୍ୟ, ସଂଗୀତ ଓ ଲୋକକଳାର ପରମ୍ପରା । ବତାଇ ଆସିଛନ୍ତି ଜଗନ୍ନାଥ ତତ୍ତ୍ୱ, ବତାଇ ଆସିଛନ୍ତି କଣ୍ଢେଇ ଓ ମୁଖାର କାହାଣୀ । ଏଥିପାଇଁ କାହାରି ବାହୁଛାୟାର ଆଶ୍ରୟ ଖୋଜି ନାହାନ୍ତି ଦିନେ । ମାଟି ଖୋଳିଛନ୍ତି ନିଜ ଶିଙ୍ଘରେ । ଜୀବନ ଥିଲା ସଂଘର୍ଷପୂର୍ଣ୍ଣ । ସାରସ୍ୱତ ସାଧନା ଥିଲା ନିରଳସ ।

ପୋଷାକପତ୍ର ଓ ଚାଲିଚଳନରେ ଥିଲେ ସାଦାସିଧା ଓ ନିରହଂକାର । ଖରାଦିନେ ପ୍ରାୟ ପିନ୍ଧୁଥିଲେ ପ୍ୟାଣ୍ଟ ଓ ବୁସ୍ ସାର୍ଟ । ଶୀତଦିନେ ଟାଇ ସାଥିରେ ପିନ୍ଧା ଚେକ୍ ଚେକ୍ ଗରମ କୋଟ୍‌ଟି ଭାରି ମାନୁଥିଲା । ଭାରି ମାନୁଥିଲା ରେବା ହାତବୁଣା ଭଳି ଭଳି ଫୁଲ ପକା ସ୍ୱେଟରମାନ ମଧ୍ୟ । କଥକ କେନ୍ଦ୍ରର ନିର୍ଦ୍ଦେଶକ ହୋଇଗଲା ପରେ, ରେବା ବନାଇ ଦେଇଥିଲା ର'ସିଲ୍‌କର ଚୂଡ଼ିଦାର ଓ ଗଳାବନ୍ଧ କୋଟ୍ । ପଛକୁ ଲେଉଟାଇ କୁଣ୍ଡାଇଥିବା ବବୁରି ବାଳ, କାନ ପାଖରେ ଲମ୍ବା କଳି-ପତଳା, କୁନି ମଣିଷଟି ଦିଶୁଥିଲେ କଳାକାର, କଳାକାର । ବେଶୀ ଉଚ୍ଚ ନଥିଲେ । ପ୍ରାୟ ରେବାର ସମାନ ହେବେ ବୋଧେ । କିନ୍ତୁ ମୁହଁର ରୂପରେଖ ଥିଲା ଭାରି ମନଲୋଭା. ଭାରି ସୁକୁମାର । ମୋ ଆଖିକୁ ଦିଶୁଥିଲେ ସାବନ । ଗୌରାଙ୍ଗୀ ରେବା କିନ୍ତୁ ତାହା ମାନିବାକୁ ଥିଲା ନାରାଜ । ''ତୁ ଜାଣିନୁ, ଖରାରେ ତରାରେ ବୁଲି ବୁଲି ମୁହଁ କଳାପଡ଼ି ଯାଇଛି । ଦେହ କିନ୍ତୁ ତାଙ୍କର ଭାରି ଗୋରା'' କହୁଥିଲା ବାରମ୍ବାର ।

ସଉକ୍ ଭିତରେ ଥିଲା ପାନାହାରର ସଉକ୍ । ଉତ୍ତମ ବ୍ୟଞ୍ଜନ ନହେଲେ ଖାଇପାରୁନଥିଲେ । ଭଲ ପାଉଥିଲେ ଚାଇନିଜ୍ ନୁଡ୍‌ଲ୍‌ସ୍, ମଇଦାପରଟା, ଛେନାଚିଲିପି. ଚୁଙ୍ଗୁଡ଼ି ମାଛ, ମାଂସ ଝୋଳ ମୁଢ଼ି ଓ ରାମରୋଚକ - ଆଳୁ, ବାଇଗଣଓ ମୁଗଡ଼ାଲି ବଡ଼ାରେ ତିଆରି ଏକ ନିରାମିଷ ତରକାରୀ ଯାହାକି ରେବାର ରାନ୍ଧଣା ପଦ୍ଧତିରେ ସ୍ୱାଦ ନେଉଥିଲା ଅମୃତର । କହୁଥିଲେ ତାଙ୍କ ପିଲାଦିନେ ତାଙ୍କ ଘର ପାଖ ଗୋଟିଏ ମନ୍ଦିରରେ କୁଆଡ଼େ ଏଇ ତରକାରୀଟି ଭୋଗ ଲାଗୁଥିଲା । ପ୍ରିୟ ଥିଲା ମସଲାଦାର ବେସନ ପ୍ରଲେପ ସହିତ ଛଣା ହୋଇଥିବା ଚିନାବାଦାମ ମଞ୍ଜି ଏବଂ ପ୍ରିୟ ଥିଲା ଜାଲିବଡ଼ି । ବହଳ ରାଶିର ବିଛଣାରେ ଭଳି ଭଳି ଡ଼ିଜାଇନ୍‌ର ସେ ବଡ଼ି ତିଆରି କରୁଥିଲା ରେବା । ଭାରି ସୁଖ ପାଉଥିଲେ ପୋଟଳଭଜାକୁ ।

Digitized by srujanika@gmail.com

ଅଫିସ୍‌କୁ ନେଉଥିବା ପ୍ୟାକେଟ୍ ଲଞ୍ଚ ସାଥିରେ, ରୁଟି ବା ପରଟା ବୁଡ଼ାଇ ଖାଇବା ପାଇଁ ସୁବିଧା ହେବ ବୋଲି ରେବା । ସବୁବେଳେ କରି ଦେଉଥିଲା ଆଳୁ ପୋଟଳ ତରକାରୀ । ''ତମେ ମତେ ପୋଟଳ ଭାଜିକି କାହିଁକି ଦେଉନ ?'' ଅନେକ ଥର କହିବାର ଶୁଣିଛି ।

ଆଉ ଭଲପାଉଥିଲେ ପାନ - ଖୁଶ୍‌ବୁଦାର ଷାଠିଏ ନମ୍ବର ବାବା ଜର୍ଦ୍ଦା ଓ ମିଠା ମସଲା, ପିପରମେଣ୍ଟ, ଲକ୍ଷ୍ମୀ ଟାବ୍‌ଲେଟ୍ ଏବଂ ଲବଙ୍ଗ ପୂରଦିଆ ପାନ । ବଟାଭର୍ତ୍ତି ପାନ ଭାଙ୍ଗି ଦେଉଥିଲା ରେବା । ବିନା ପାନରେ ଲେଖାଲେଖିର ପ୍ରେରଣା ଆସୁନଥିଲା ।

ଅମାୟିକ, ରୁଚିଶୀଳ ଭଦ୍ର ମଣିଷଟିକୁ କେବେ କାହାର ନିନ୍ଦା କରିବାର ଶୁଣିନି । ଚୁଗୁଲି ଓ ଘୋର ପେଞ୍ଚ ଜଣାନଥିଲା । ଥିଲେ ନିର୍ମାୟା, ନିର୍ଭେଜାଲ୍, ନିରୁତା ଭଲ ମଣିଷଟିଏ । ଭଡ଼ାଘର ମାଲିକ ଅଯଥା ହଇରାଣ କରୁଥିବା ହେତୁ ଥରଟେ ସଖାସହୋଦରଙ୍କ ପ୍ରରୋଚନାରେ ପଡ଼ି ତା' ବିରୁଦ୍ଧରେ କେସ୍‌ଟିଏ କରିଥିଲେ । ଶୁଣାଣି ଦିନ କୋର୍ଟ ଯାଉଥିଲେ ଅତ୍ୟନ୍ତ ତ୍ରସ୍ତ ଭାବରେ - କମ୍ପି କମ୍ପି । ଶେଷ ପର୍ଯ୍ୟନ୍ତ ଘରମାଲିକ ଭୟରେ ଘର ଛାଡ଼ି ବେଶୀ ପଇସା ଭଡ଼ାରେ ଅନ୍ୟ ଏକ ଘରକୁ ସ୍ୱତଃପ୍ରବୃତ୍ତ ହୋଇ ଚାଲି ଯାଇଥିଲେ । କିନ୍ତୁ କେସ୍ ଚାଲୁରଖିବାକୁ ମଙ୍ଗିନଥିଲେ । କେସ୍ ରହିଗଲା ଅସମାପ୍ତ ।

ମାମଲା ମୋକଦ୍ଦମାକୁ ବାଘର ହେଣ୍ଟାଳ ସଦୃଶ ଭୟ କରୁଥିବା ଏତାଦୃଶ ମଣିଷଟି ଶେଷ ପର୍ଯ୍ୟନ୍ତ ପେନ୍‌ସନ୍ ପାଇଁ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ ଭାବିଲେ ଆଶ୍ଚର୍ଯ୍ୟ ଲାଗେ । କିଭଳି ମାନସିକ ଯାତନା ଓ ଆର୍ଥିକ ଅନଟନ ଭିତରେ ବ୍ୟତିବ୍ୟସ୍ତ ହୋଇ ସିଏ ଯେ ଏ କାମ କରିଥିବେ ସହଜରେ ଅନୁମେୟ ।

ନିରୀହ, ସଚ୍ଚୋଟ, ଭୀରୁ, ମଣିଷଟି ସାରାଜୀବନ ଭିତରେ ଆଶ୍ରୟ ନେବାପାଇଁ ମୁଣ୍ଡ ଉପରେ ଛାତ ଖଣ୍ଡିଏ ବି କରିପାରିନାହାନ୍ତି । ଅବକାଶ ଗ୍ରହଣ ପରେ ଟଙ୍କା ଖର୍ଚ୍ଚ କରି ରହୁଥିଲେ ଭଡ଼ାଘରେ । ପାଞ୍ଚଟି ସନ୍ତାନଙ୍କର ଶିକ୍ଷାଦୀକ୍ଷା, ତିନି କନ୍ୟାଙ୍କର ବାହାଘର - ବଳକା ପୁଞ୍ଜି ବିତ ସେମିତି କିଛି ନଥିଲା । ତେଣୁ ହିଁ ରେ ତିନି ତିନି ବର୍ଷ ହାଇକୋର୍ଟ ରିଟ୍ ଓ ଓକିଲର ଖର୍ଚ୍ଚା ଯୋଗୁ ଟେଲିଫୋନ୍‌ରେ କାନ୍ଦି କାନ୍ଦି କହିଥିଲା '' ମାରିଦେଲେ, ବୁଝିଲୁ ! ମାରିଦେଲେ ।''

ଆଜି ଭାବିଲେ ଆଶ୍ଚର୍ଯ୍ୟ ଲାଗେ - ଏଭଳି ସଂଘର୍ଷମୟ ଓ ଯନ୍ତ୍ରଣାକାତର ଜୀବନ ଭିତରେ, ଯେତେବେଳେ କି ଲୋକଟି ଭୋକିଲା ପେଟରେ ଚାରଣାର ମୁଢ଼ି ଖାଇ ଶୋଇବା କଥା ଭାବୁଥିଲା, ପାଖ ହୋଟେଲ୍‌ର ମାଂସ ଝୋଳର ଗନ୍ଧ ନପାଇ କେମିତି ପାଇପାରିଲା ସେପାରି ଗାଆଁର ସଜଫୁଟା କିଆଫୁଲର ଘ୍ରାଣ ? ଧୂ ଧୂ ମରୁଭୂମି ଭିତରେ କେମିତି ବା ଶୁଣିଲା ମହ୍ଲାର ମେଘର ଡାକ ? ଅନେକ ଅନେକ ଦିନ ଆଗେ ତାଙ୍କର ଗୋଟିଏ ଗୀତିକବିତା ପଢ଼ିଥିଲି - ଧୂପ ପରି ଜଳି ଜଳି ସାରା ଜୀବନ ମୁଁ କେବଳ ସୁଗନ୍ଧ ହିଁ ବାଣ୍ଟି ଦେଇଗଲି । ସ୍ପର୍ଶକାତର, ଭାବୁକ ମଣିଷଟି ଠିକ୍ ହିଁ ଲେଖିଥିଲେ । ଏଇଆ ବୋଧେ, ସଂକ୍ଷେପରେ, ତାଙ୍କର ଜୀବନ କାହାଣୀ ।

ମଣିଷଟି ଛାତିରେ ଛାତିଏ ଅଭିମାନ ନେଇ ରୁଷିକି ଚାଲିଗଲା ଆମଠୁ । କେଜାଣି ? ତା' କଥା ଟିକିଏ ବୁଝିଥିଲେ ଅବା ସିଏ ସର୍ଜନା କରିଯାଇଥାଆନ୍ତା ଆଉ କିଛି ସୁଧାସ୍ରାବୀ ସାହିତ୍ୟ । ହୁଏତ ବଞ୍ଚିଯାଇଥାଆନ୍ତା ଆଉ କେତୋଟି ଦଣ୍ଡ, ପଳ, ମୁହୂର୍ତ୍ତ । ଆଉ କେତୋଟି ଦିନ, ମାସ, ବର୍ଷ । ହୁଏତ । କିଏ ଜାଣେ ?

●●●

Digitized by srujanika@gmail.com



କାନନ ମିଶ୍ର, ସାମ୍ପ୍ରତିକ ଓଡିଆ ସାହିତ୍ୟରେ ଏକ ପରିଚିତ ନାଁ । କବିତା, କ୍ଷୁଦ୍ରଗଳ୍ପ, ଫିଚର, ସ୍ମୃତିକଥା ଓ ଶିଶୁ ସାହିତ୍ୟ -ସାହିତ୍ୟର ପ୍ରାୟ ସମସ୍ତ ବିଭାଗ ତାଙ୍କ ଲେଖନୀଚାଳନାରେ ଋଦ୍ଧିମନ୍ତ ।

ତାଙ୍କର ସ୍ୱକୀୟତାର ଛାପ ବିଶେଷ ଭାବରେ ଉପଲବ୍ଧ ହୁଏ ତାଙ୍କର ଗଦ୍ୟରଚନାରେ । ବ୍ୟକ୍ତିଗତ ଜୀବନର ସାଧାରଣ ଘଟଣାସବୁକୁ କାହାଣୀର ଆଙ୍ଗିକ ଦେବାର ଏକ ନୂତନ ଦିଶା, ସିଏ ଆୟତ୍ତ କରିନେଇଛନ୍ତି ଅନାୟାସରେ । 'ଗପସପ', ସେଇଦୃଷ୍ଟିରୁ, ଏକ ମୌଳିକ ସୃଷ୍ଟି ।

**ଶିକ୍ଷା -**

ଏମ.ଏ.(ଇଂରାଜୀ), ଏମ.ଏ.(ଓଡିଆ), ଏମ.ଲିଟ୍(ତୁଳନାତ୍ମକ ସାହିତ୍ୟ)

**ପୁରସ୍କାର -**

୧) ଆଗାମୀ ଶତାବ୍ଦୀ ସାରସ୍ୱତ ସମ୍ମାନ - ୧୯୯୮

୨) ବିଷ୍ଣୁବ ମିଳନ ମୀନାବଜାର ପୁରସ୍କାର (ପ୍ରଜାତନ୍ତ୍ର ପ୍ରଚାର ସମିତି) - ୨୦୦୦ ମସିହା

**ପ୍ରକାଶିତ ପୁସ୍ତକ :**

୧) ବହିମେଳାରୁ ବୟଫ୍ରେଣ୍ଡ୍ ପର୍ଯ୍ୟନ୍ତ - ଗଳ୍ପ ସଂକଳନ

୨) ଅଧାଲେଖା ଦସ୍ତାବିଜ୍ - ଗଳ୍ପ ସଂକଳନ

୩) ଟୁପୁରୁ ଟୁପୁରୁ ବରଷେ ପାଣି - ଶିଶୁକବିତା ସଂକଳନ

୪) କାଗଜ ଡଙ୍ଗା - ଶିଶୁକବିତା ସଂକଳନ

୫) ହୀରା ମୋତି ମାଣିକ - ଶିଶୁକବିତା ସଂକଳନ

୬) ଓଡିଆ ପଦ୍ୟ ମହାକାବ୍ୟର କ୍ରମବିକାଶ - ସମାଲୋଚନା ଗ୍ରନ୍ଥ

୭) ମନର ମୁକୁଳ - କବିତା ସଂକଳନ

**ପ୍ରକାଶ ଅପେକ୍ଷାରେ -**

୧) ତୀର୍ଥ - କବିତା ସଂକଳନ

୨) A Tryst with Life - A collection of memoirs

Digitized by srujanika@gmail.com